# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୧୧/୨୦୧୮ (୧୬ ପୃଷ୍ଠା ) Sambalpur, Tuesday, December 11/ 2018 ★★

୧୪ଶ ଭାଗ ୩୫୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**'ମର୍ଦ୍ଦାନି-୨'ରେ ଅଭିନୟ କରିବେ ରାଣୀ ମୁଖାର୍ଜୀ**

ବଲିଉଡ୍ ଅଭିନେତ୍ରୀ ରାଣୀ ମୁଖାର୍ଜୀ ଖୁବ୍ ଶୀଘ୍ର 'ମର୍ଦ୍ଦାନି'ର ଦ୍ୱିତୀୟ ସଂସ୍କରଣ 'ମର୍ଦ୍ଦାନି-୨'ରେ ଅଭିନୟ କରିବାକୁ ଯାଉଛନ୍ତି।

୧୨

୦୨

**ପାକିସ୍ତାନକୁ ସହାୟତା ଦିଆ ନ ଯାଉ**

ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବାଯାଏ ପାକିସ୍ତାନକୁ ଆମେରିକା ସହାୟତା ଦେବା ଅନୁଚିତ ବୋଲି ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ନିକ୍କି ହାଲି କହିଛନ୍ତି।








**ହକି ବିଶ୍ୱକପ୍**

ODISHA HOCKEY MEN'S WORLD CUP BHUBANESWAR 2018

**ଫଳାଫଳ**

**ସୋମବାର**

ପ୍ରଥମ ମ୍ୟାଚ

ଇଂଲଣ୍ଡ-୨
ନ୍ୟୁଜିଲାଣ୍ଡ-୦

ଦ୍ୱିତୀୟ ମ୍ୟାଚ

ଫ୍ରାନ୍ସ-୧
ଚାଇନା-୦

## ୫ ରାଜ୍ୟ ବିଧାନସଭା ଫଳ ଆଜି

ନୂଆଦିଲ୍ଲୀ,୧୦।୧୨(ପି.ଟି.)

ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼, ତେଲେଙ୍ଗାନା ଏବଂ ମିଜୋରାମ ବିଧାନସଭା ନିର୍ବାଚନ ଭୋଟ ଗଣତି ମଙ୍ଗଳବାର ଅନୁଷ୍ଠିତ ହୋଇ ଫଳାଫଳ ପ୍ରକାଶ ପାଇବାକୁ ଯାଉଛି। ସକାଳ ୮ଟାରେ ଭୋଟଗଣତି ଆରମ୍ଭ ହେବାକୁ ଥିବାବେଳେ ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏହାକୁ ସେମିଫାଇନାଲ କୁହାଯାଉଥିବାରୁ ଫଳାଫଳ ଉପରେ ସାରା ଦେଶର ନଜର ରହିଛି।

ନଭେମ୍ବର ୧୨ରୁ ଡିସେମ୍ବର ୭ ମଧ୍ୟରେ ୫ ରାଜ୍ୟରେ ଭୋଟଗ୍ରହଣ କରାଯାଇଥିଲା। ୯୦ ଆସନ ବିଶିଷ୍ଟ ଛତିଶଗଡ଼ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆସ୍ଥା ତୁଟୁଛି**

**ଆଜିର ମନ୍ତବ୍ୟ**

" ଭାଜପା ସରକାର ଦେଶକୁ ଭୁଲ୍ ବାଟରେ ନେଉଛି।

– ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ନଭେମ୍ବରରେ ଘରୋଇ ବଜାରରେ ଅଶୋଧିତ ଇସ୍ପାତ ଉତ୍ପାଦନ ପରିମାଣ ୩.୮% ବୃଦ୍ଧି ଘଟି ୮.୯୨ ନିୟୁତ ଟନ୍ ରହିଛି। ଏହା ଗତ ବର୍ଷ ସମାନ ସମୟରେ ୮.୬୦ ନିୟୁତ ଟନ୍ ରହିଥିଲା।

– ଜଏଣ୍ଟ ପ୍ଲାଣ୍ଟ କମିଟି

# ଆର୍‌ବିଆଇ ଗଭର୍ନର ଉର୍ଜିତ ପଟେଲଙ୍କ ଇସ୍ତଫା

ମୁମ୍ବାଇ,୧୦।୧୨

ସ୍ୱାୟତ୍ତତାକୁ ନେଇ କେନ୍ଦ୍ର ସରକାରଙ୍କ ସହ ମତଭେଦ ଚାଲିଥିବା ବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଉର୍ଜିତ ପଟେଲ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ ଇସ୍ତଫା ଦେଲେ ବୋଲି ଉର୍ଜିତ ନିଜ ଇସ୍ତଫାପତ୍ରରେ ଦର୍ଶାଇଛନ୍ତି। ସେ ଲେଖିଛନ୍ତି ଯେ, ବହୁ ବର୍ଷ ଧରି ରିଜର୍ଭ ବ୍ୟାଙ୍କର ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିବାର ସୁଯୋଗ ପାଇଥିବାରୁ ସେ ନିଜକୁ ସମ୍ମାନିତ ମନେ କରୁଛନ୍ତି। ଆର୍‌ବିଆଇ ଷ୍ଟାଫ୍, ଅଫିସର ଓ ମ୍ୟାନେଜମେଣ୍ଟର ସମର୍ଥନ ତଥା ଅକ୍ଳାନ୍ତ ପରିଶ୍ରମ ଯୋଗୁ କେନ୍ଦ୍ରୀୟ ବ୍ୟାଙ୍କ ଗତ କିଛି ବର୍ଷ ଭିତରେ ଅନେକ ସଫଳତା ହାସଲ କରିଛି। ସେ ଏହି ଅବସରରେ ସାଥୀ ଓ ଆର୍‌ବିଆଇ ଡାଇରେକ୍ଟରମାନଙ୍କ ପ୍ରତି ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି। ଉଲ୍ଲେଖଥାଉ କି, ରିଜର୍ଭ



ବ୍ୟାଙ୍କର ସ୍ୱାୟତ୍ତତାକୁ ନେଇ ଗତ କିଛି ମାସ ହେବ କେନ୍ଦ୍ରୀୟ ବ୍ୟାଙ୍କ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ କ୍ଷମତା ଲଢ଼େଇ ଚାଲିଛି। ରିଜର୍ଭ ବ୍ୟାଙ୍କ ବୋର୍ଡ ଜରିଆରେ ସରକାର ନିଜର ଅଧିକାର ସାବ୍ୟସ୍ତ ପାଇଁ ଚାପ ପକାଇବା ପରେ ଉର୍ଜିତ କେତେକ ନିଷ୍ପତ୍ତି ମଧ୍ୟ ଘୋଷଣା କରିଛନ୍ତି। ସୂଚନାଥାଉ କି, ଆସନ୍ତାବର୍ଷ ସେପ୍ଟେମ୍ବରରେ ଉର୍ଜିତଙ୍କ କାର୍ଯ୍ୟକାଳ ଶେଷ ହୋଇଥାନ୍ତା।

# ଅଗ୍ନି-୫ କ୍ଷେପଣାସ୍ତ୍ରର ପରୀକ୍ଷଣ

ବାଲେଶ୍ୱର ଅଫିସ, ୧୦।୧୨

ସାଢେ ୫ହଜାରରୁ ୫ ହଜାର ୮ଶହ କି.ମି. ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଭାରତର ଅନ୍ତଃମହାଦେଶୀୟ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ଅଗ୍ନି -୫ର ପରୀକ୍ଷଣ ସୋମବାର ହୋଇଯାଇଛି। ଭଦ୍ରକ ଜିଲା ଧାମରାସ୍ଥିତ ଏପିଜେ ଅବଦୁଲ କଲାମ ଦ୍ୱୀପର ୪ ନମ୍ବର ଲଞ୍ଚପ୍ୟାଡରୁ ଅପରାହ୍ନ ୧ଟା ୨୮ ମିନିଟ୍‌ରେ ଏହାକୁ ନିକ୍ଷେପ କରାଯାଇଥିଲା। ଏହା ସେକେଣ୍ଡ ପିଛା ୪.୨ କି.ମି. ନିର୍ଦ୍ଧାରିତ ୨୦ ମିନିଟ୍‌ରେ ୫ ହଜାର କି.ମି.କୁ ଅତିକ୍ରମ କରିଥିଲା।



ଯୁଦ୍ଧ ପରିସ୍ଥିତି ବେଳେ ମଧ୍ୟପ୍ରାଚ୍ୟର ଯେକୌଣସି ଦେଶକୁ ଏହା ଲକ୍ଷ୍ୟଭେଦ କରିପାରିବ। ଏହି ଅଗ୍ନି କ୍ଷେପଣାସ୍ତ୍ର ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ। ☞ପୃଷ୍ଠା-୪

# ମାଲ୍ୟାଙ୍କୁ ଝଟକା

- ପ୍ରତ୍ୟର୍ପଣ ନେଇ ବ୍ରିଟେନ୍ କୋର୍ଟର ଅନୁମତି
- ଭାରତର ବଡ଼ ବିଜୟ: ଜେଟ୍‌ଲୀ

ଲଣ୍ଡନ, ୧୦।୧୨ (ପି.ଟି.)

ବହୁଚର୍ଚ୍ଚିତ ମଦ ବ୍ୟବସାୟୀ ବିଜୟ ମାଲ୍ୟା ଭାରତ ଫେରିବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ବ୍ରିଟେନ୍‌ର ଏକ କୋର୍ଟ ସୋମବାର ତାଙ୍କ ପ୍ରତ୍ୟର୍ପଣ ନେଇ ଅନୁମତି ଦେଇଛନ୍ତି। ୯,୦୦୦ କୋଟି ଟଙ୍କା ଠକେଇ ଓ ମନିଲଣ୍ଡରିଂ କରିଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ରହିଛି। ଏଥିରୁ ବର୍ତ୍ତିବା ଲାଗି ସେ ବିଦେଶ ପଳାୟନ କରିଥିଲେ। ବ୍ରିଟେନ୍ କୋର୍ଟଙ୍କ ନିର୍ଦ୍ଦେଶ ପରେ ମାଲ୍ୟାଙ୍କୁ ବଡ଼ ଝଟକା ଲାଗିଛି।

ଭାରତର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଅଣାଯାଇଥିବା ଅଭିଯୋଗ ଉପରେ ବିଚାର କରିବା ସକାଶେ ମାଲ୍ୟାଙ୍କୁ ଭାରତ ପ୍ରତ୍ୟର୍ପଣ କରାଯାଇପାରିବ ବୋଲି ୱେଷ୍ଟମିନିଷ୍ଟର ମାଜିଷ୍ଟ୍ରେଟ୍ କୋର୍ଟର ମୁଖ୍ୟ ମାଜିଷ୍ଟ୍ରେଟ୍ ଜଜ୍ ଇମା ଅର୍ବୁଥ୍‌ନଟ୍ କହିଛନ୍ତି। ଏଥିସହିତ ସେ ଏହି ପ୍ରତ୍ୟର୍ପଣ ସଂକ୍ରାନ୍ତ ରାୟକୁ ବ୍ରିଟେନ୍‌ର ସ୍ୱରାଷ୍ଟ୍ର ସଚିବଙ୍କ ନିକଟକୁ ପଠାଇ ଦେଇଛନ୍ତି। ଫଳରେ ବର୍ଷତମାମ ଏହି ହାଇ-ପ୍ରୋଫାଇଲ ପ୍ରତ୍ୟର୍ପଣ ମାମଲାକୁ ନେଇ ଚାଲିଥିବା ଆଇନଗତ ଲଢ଼େଇ ଏକ ନିର୍ଣ୍ଣାୟକ ସ୍ତରରେ ପହଞ୍ଚିଛି।

ସୋମବାର ସକାଳେ ମାଲ୍ୟାଙ୍କ ବିରୋଧରେ ଅଣାଯାଇଥିବା ଟଙ୍କା ଚୋରି ଅଭିଯୋଗକୁ ସେ ଖଣ୍ଡନ କରିବା ସହ ଭାରତୀୟ ବ୍ୟାଙ୍କଗୁଡ଼ିକଠାରୁ ଆଣିଥିବା ମୂଳ ଋଣ ଶୁଝିବେ ବୋଲି କହିଥିଲେ। ୱେଷ୍ଟମିନିଷ୍ଟର ମାଜିଷ୍ଟ୍ରେଟଙ୍କ କୋର୍ଟ ବାହାରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେବାବେଳେ ସେ କହିଥିଲେ ଯେ, ତାଙ୍କ ସମ୍ପତ୍ତିର ମୂଲ୍ୟ ଅଣାଯାଇଥିବା ଋଣଠାରୁ ଯଥେଷ୍ଟ ଅଧିକ। ସେ ତାହାକୁ ସହଜରେ



ଶୁଝିପାରିବେ। ଏହି ବିଷୟ ସେ ବାରମ୍ବାର କହିଆସୁଛନ୍ତି। ହେଲେ ତାଙ୍କ ବିରୋଧରେ ଅର୍ଥ ଚୋରି ଅଭିଯୋଗ ଅଣାଯାଉଥିବାରୁ ତାହାକୁ ସେ ଅସ୍ୱୀକାର କରିଛନ୍ତି। ସେ ପୁଣି କହିଛନ୍ତି ଯେ, ବ୍ରିଟେନ୍ କୋର୍ଟଙ୍କ ରାୟକୁ ତାଙ୍କ ଲିଗାଲ୍ ଟିମ୍ ତର୍ଜମା କରିବା ପରେ ପରବର୍ତ୍ତୀ ପଦକ୍ଷେପ ନେବେ। କର୍ନାଟକ ହାଇକୋର୍ଟରେ ଋଣ ଶୁଝିବା ନେଇ ସେ ଏକ ପ୍ରସ୍ତାବ ଦେଇଥିଲେ। ତାହାର ସମାଧାନ ସୂତ୍ର ବାହାରିଲେ କିଙ୍ଗ୍‌ଫିସରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ପ୍ରଥମେ ଦରମା ଦିଆଯିବ ବୋଲି ସେଥିରେ ଉଲ୍ଲେଖ ରହିଥିଲା। ହେଲେ ଅଦ୍ୟାବଧି ହାଇକୋର୍ଟ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେଇ ନ ଥିବା ସେ କହିଛନ୍ତି। ଅବଶ୍ୟ କର୍ନାଟକ ହାଇକୋର୍ଟରେ ଦିଆଯାଇଥିବା ପ୍ରସ୍ତାବ ସହ ପ୍ରତ୍ୟର୍ପଣ ମାମଲାର ସମ୍ପର୍କ ନାହିଁ ବୋଲି ମାଲ୍ୟା ସଫେଇ ଦେଇଛନ୍ତି।

୨୦୧୭ ଡିସେମ୍ବର ୪ ତାରିଖରେ ବ୍ରିଟେନ୍ ମାଜିଷ୍ଟ୍ରେଟ୍ କୋର୍ଟରେ ମାଲ୍ୟାଙ୍କ ପ୍ରତ୍ୟର୍ପଣ ମାମଲାର ବିଚାର ଆରମ୍ଭ ହେବା ପରେ ବହୁବାର ଶୁଣାଣି ହୋଇସାରିଛି। ତେବେ ସୋମବାର ୱେଷ୍ଟମିନିଷ୍ଟର ମାଜିଷ୍ଟ୍ରେଟ୍ କୋର୍ଟଙ୍କ ନିର୍ଦ୍ଦେଶ ଭାରତ ପ୍ରତି ଏକ ସକାରାତ୍ମକ ସନ୍ଦେଶ ଦେଇଛି ବୋଲି କୁହାଯାଉଛି। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ପଳାତକ ମଦ ବ୍ୟବସାୟୀ ମାଲ୍ୟାଙ୍କ ପ୍ରତ୍ୟର୍ପଣ ନେଇ ବ୍ରିଟେନ୍ କୋର୍ଟଙ୍କ ରାୟକୁ ସ୍ୱାଗତ କରିଛନ୍ତି। ଏକ ଟୁଇଟ୍ କରି ସେ କହିଛନ୍ତି ଯେ, ସୋମବାର ଭାରତ ପାଇଁ ଏକ ବଡ଼ ଦିନ। ଭାରତକୁ ଠକିବାକୁ ଚାହୁଁଥିବା କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ। ସିବିଆଇ ମଧ୍ୟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ନେଇ ଆଶାବାଦୀ ବୋଲି କହିଛି। ଏହାର ଜଣେ ମୁଖପାତ୍ର କହିଛନ୍ତି, ମାଲ୍ୟାଙ୍କୁ ଭାରତ ଫେରାଇ ଆଣିବା ପାଇଁ ତଦନ୍ତକାରୀ ସଂସ୍ଥା ପକ୍ଷରୁ କଠୋର ପରିଶ୍ରମ କରାଯାଇଛି। ସିବିଆଇ ପାଖରେ ସମସ୍ତ ତଥ୍ୟ ଓ ଆଇନଗତ ପ୍ରମାଣ ଥିବାରୁ ତାଙ୍କୁ ଫେରାଇ ଆଣିବା ନିମନ୍ତେ ସଂସ୍ଥା ବିଶ୍ୱାସ ରଖିଛି।

ସୂଚନାଯୋଗ୍ୟ ଯେ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ନେତୃତ୍ୱରେ ଗଢ଼ାଯାଇଥିବା ଭାରତୀୟ ବ୍ୟାଙ୍କର ଏକ କନ୍‌ସୋର୍ଟିୟମ୍ ବିଜୟ ମଲ୍ୟାଙ୍କ କମ୍ପାନୀକୁ ଋଣ ଦେଇଥିଲା। ୨୦୧୩ରେ କିଙ୍ଗ୍‌ଫିସର ଏୟାରଲାଇନ୍ସ ତରଫରୁ ୬,୪୯୩ କୋଟି ଟଙ୍କାର ଋଣ ଫେରସ୍ତ କରିବା ପାଇଁ ୟୁନାଇଟେଡ୍ ବ୍ରିୱେରିଜ୍ ହୋଲ୍‌ଡିଙ୍ଗସ୍ ଲିମିଟେଡ୍‌କୁ ଉକ୍ତ କନ୍‌ସୋର୍ଟିୟମ୍ ପକ୍ଷରୁ ଅନୁରୋଧ କରାଯାଇଥିଲା। ହେଲେ ଉକ୍ତ ରାଶି ଫେରାଇବାରେ ମାଲ୍ୟା ସମର୍ଥ ହୋଇ ନ ଥିଲେ। ଏ ନେଇ ଅଧିକ ତନାଘନା ହେବା ପରେ ସେ ୨୦୧୬ ମାର୍ଚ୍ଚ ୩ରେ ଭାରତ ଛାଡ଼ି ଲଣ୍ଡନ ଚାଲିଯାଇଥିଲେ। ୨୦୧୭ ଫେବୃୟାରୀରେ ଭରତ ସରକାର ବ୍ରିଟେନ୍‌କୁ ତାଙ୍କ ପ୍ରତ୍ୟର୍ପଣ ଲାଗି ଅନୁରୋଧ କରିଥିଲେ। ଗତବର୍ଷ ଏପ୍ରିଲ ୧୮ରେ ସ୍କଟ୍‌ଲାଣ୍ଡ ୟାର୍ଡ ପ୍ରତ୍ୟର୍ପଣ ୱାରେଣ୍ଟ ଜରିଆରେ ମାଲ୍ୟାଙ୍କୁ ଗିରଫ କରିଥିଲା।

■ ଆଜିଠୁ ପାର୍ଲାମେଣ୍ଟ ଶୀତ ଅଧିବେଶନ

# ଏନ୍‌ଡିଏକୁ ଘେରିବେ ବିରୋଧୀ

ନୂଆଦିଲ୍ଲୀ,୧୦।୧୨(ପି.ଟି.)

ପାର୍ଲାମେଣ୍ଟର ଶୀତ ଅଧିବେଶନ ମଙ୍ଗଳବାର ଆରମ୍ଭ ହେଉଛି। ୨୦୧୯ ଲୋକ ସଭା ନିର୍ବାଚନ ପୂର୍ବରୁ ଏହା ଶେଷ ପୂର୍ଣ୍ଣାଙ୍ଗ ଅଧିବେଶନ ହୋଇଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିତର୍କରେ ସ୍ଥାନ ପାଇବ। ଏହା ବ୍ୟତୀତ ମଙ୍ଗଳବାର ୫ଟି ରାଜ୍ୟ ବିଧାନସଭା ନିର୍ବାଚନ ଫଳ ଆସିବାକୁ ଥିବାରୁ ଏହା ମଧ୍ୟ ଅଧିବେଶନକୁ ପ୍ରଭାବିତ କରିବ।

ଶୀତ ଅଧିବେଶନରେ ଉଭୟ ଗୃହର କାର୍ଯ୍ୟ ଯେପରି ସୁରୁଖୁରୁରେ ଚାଲିବ ସେଥିପାଇଁ ସୋମବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ଦଳର ନେତାଙ୍କ ସହଯୋଗ ଲୋଡିଥିଲେ। ସରକାର ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ଲାଗି ପ୍ରସ୍ତୁତ ବୋଲି ସେ କହିଥିଲେ। ତେବେ ବିରୋଧୀ ଦଳଗୁଡିକ ବିଭିନ୍ନ ପ୍ରସଙ୍ଗରେ ଏନ୍‌ଡିଏକୁ



- ସର୍ବଦଳୀୟ ବୈଠକରେ ସହଯୋଗ ଲୋଡ଼ିଲେ ପ୍ରଧାନମନ୍ତ୍ରୀ
- ବିରୋଧୀ ଶିବିରରେ ମହାମେଣ୍ଟ ମୂଳଦୁଆ
- ଯୋଗଦେଲେନି ଏସ୍‌ପି, ବିଏସ୍‌ପି, ବିଜେଡି
- ରାଫାଲ ଦୁର୍ନୀତି, ଆର୍‌ବିଆଇର ସ୍ୱାୟତ୍ତତା ମୁଖ୍ୟ ପ୍ରସଙ୍ଗ: କଂଗ୍ରେସ

ଘେରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ରାଫାଲ ଦୁର୍ନୀତିର ଜେପିସି ତଦନ୍ତ ଏବଂ ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତାକୁ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରିବ ବୋଲି କହିଛି। ଏହା ବ୍ୟତୀତ ସିବିଆଇ ଏବଂ ଇଭିଏମ୍‌ର ଅପବ୍ୟବହାର, କୃଷକ ସମସ୍ୟା ଆଦି ଉପରେ କଂଗ୍ରେସ ଆଲୋଚନା ଦାବି କରିବ। ଜାନୁୟାରୀ ୮ରେ ଶେଷ ହେବାକୁ ଥିବା ଏହି ଅଧିବେଶନରେ ମୋଟ ୨୦ଟି କାର୍ଯ୍ୟଦିବସ ରହିଛି।

ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଡକାଯାଇଥିବା ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ କହିଥିଲେ, ରାଜନୈତିକ ଦଳଗୁଡିକ ଉଠାଇଥିବା ସମସ୍ତ ପ୍ରସଙ୍ଗକୁ ସରକାର ସବୁବେଳେ ଗ୍ରହଣ କରିଆସିଛନ୍ତି। ଏହି ଅଧିବେଶନ ଲାଗି ସରକାରଙ୍କ କାର୍ଯ୍ୟସୂଚୀରେ ୪୫ଟି ବିଲ୍ ସମେତ ୪୬ ପ୍ରସଙ୍ଗ ରହିଛି। ପ୍ରଭାବଶାଳୀ ଶାସନ ବ୍ୟବସ୍ଥା ଲାଗି ଗଣତନ୍ତ୍ରରେ ଉଭୟ ସରକାର ଏବଂ ବିରୋଧୀଙ୍କ ମତାମତର ଗୁରୁତ୍ୱ ରହିଛି। ☞ପୃଷ୍ଠା-୪

## କେନ୍ଦ୍ରମନ୍ତ୍ରୀ କୁଶୱାହାଙ୍କ ଇସ୍ତଫା



ନୂଆଦିଲ୍ଲୀ,୧୦।୧୨(ପି.ଟି.)

ପାର୍ଲାମେଣ୍ଟ ଶୀତ ଅଧିବେଶନର ଦିନକ ପୂର୍ବରୁ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆର୍‌ଏଲ୍‌ଏସ୍‌ପି) ଅଧ୍ୟକ୍ଷ ଉପେନ୍ଦ୍ର କୁଶୱାହା କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ୟାବିନେଟକୁ ରବର ଷ୍ଟାମ୍ପରେ ପରିଣତ କରିବା ସହ ପଛୁଆ ବର୍ଗଙ୍କୁ ପ୍ରତାରିତ କରିଥିବା ଅଭିଯୋଗ ଆଣି ସେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବା ସହ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ମଧ୍ୟ ଛାଡିଛନ୍ତି। ସେ ଲାଲୁ ପ୍ରସାଦ ଯାଦବଙ୍କ ଆର୍‌ଜେଡି ଏବଂ କଂଗ୍ରେସ ସମେତ ବିରୋଧୀ ମେଣ୍ଟରେ ସାମିଲ ହେବେ ବୋଲି ସୂଚନା ଦେଇଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନରେ ଆର୍‌ଏଲ୍‌ଏସ୍‌ପିକୁ ୨ରୁ ଅଧିକ ଆସନ ଦିଆଯାଇପାରିବ ନାହିଁ ବୋଲି ଭାଜପା ସ୍ପଷ୍ଟ କରିବା ପରେ ଏହାର ଅଧ୍ୟକ୍ଷ କୁଶୱାହା ଅସନ୍ତୁଷ୍ଟ ଥିଲେ। ଗତ ନିର୍ବାଚନରେ ଉକ୍ତ ଦଳ ୩ଟି ଆସନରେ ଲଢ଼ିଥିଲା। କେନ୍ଦ୍ର କ୍ୟାବିନେଟରୁ କୁଶୱାହାଙ୍କ ଇସ୍ତଫା ଏବଂ ଏନ୍‌ଡିଏ ଛାଡିବା ନିଷ୍ପତ୍ତିକୁ କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଛି।

## ଦଶନ୍ଧି ପରେ ଅଷ୍ଟ୍ରେଲିଆ ମାଟିରେ ଭାରତର ବିଜୟ

ଆଡିଲେଡ୍,୧୦।୧୨(ପି.ଟି.)

ଦୀର୍ଘ ୧୦ ବର୍ଷ ପରେ ଅଷ୍ଟ୍ରେଲିଆ ମାଟିରେ ଭାରତୀୟ କ୍ରିକେଟ ଦଳ ପ୍ରଥମ ଟେଷ୍ଟ ମ୍ୟାଚ୍ ଜିତିବାରେ ସଫଳ ହୋଇଛି। ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ୩୧ ରନ୍‌ରେ ଘରୋଇ ଦଳକୁ ହରାଇଛି। ଏଥିସହିତ ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ଉଭୟ ବୋଲିଂ ଓ ବ୍ୟାଟିଂରେ ପ୍ରଭାବ ବିସ୍ତାର କରି ଖେଳିବା ସହ ଭାରତ ବାଜି ମାରିଛି। ଏହି ମ୍ୟାଚ୍‌ରେ ଭାରତୀୟ କ୍ରିକେଟରମାନେ ଏକାଧିକ ରେକର୍ଡ ସୃଷ୍ଟି କରିଛନ୍ତି। ଦୀର୍ଘ ୭୦ ବର୍ଷ ପରେ ଭାରତ ଅଷ୍ଟ୍ରେଲିଆରେ କୌଣସି ଏକ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ରେ ବିଜୟ ହାସଲ କରିଛି। ଏହି ପ୍ରଦର୍ଶନ ବଜାୟ ରଖିପାରିଲେ ଭାରତ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ସିରିଜ ଜିତି ଇତିହାସ ସୃଷ୍ଟି କରିବ। ପର୍ଥରେ ଆସନ୍ତା ୧୪ ତାରିଖରୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ।

(ଅଧିକ ବିବରଣୀ ଖେଳ ପୃଷ୍ଠାରେ)

**CBSE Exam Mate**

ପୃଷ୍ଠା -୧୧


NATIONAL EGG CO-ORDINATION COMMITTEE 10.12.2018 Venco's CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 78 | 129 | 139 |
| BDK | 77 | 128 | 138 |
| BLS | 77 | 128 | 138 |
| ANG | 79 | 131 | 141 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers

# ଦୋଷୀ ମିଲର, ପ୍ୟାକ୍ସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ରାଜ୍ୟରେ ଧାନକିଣା ଚାଲିଛି। ତେବେ କେତେକ ଜିଲାରେ ଚାଷୀଙ୍କଠାରୁ ମିଲର ଓ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) କର୍ମଚାରୀ ଧାନ ଠକି ନେଉଥିବା ଅଭିଯୋଗ ହୋଇଛି। ଖରାପ ଧାନ ଦର୍ଶାଇ ପ୍ରତି କୁଇଣ୍ଟାଲରେ ୧୦ରୁ ୧୫ କିଲୋ ପର୍ଯ୍ୟନ୍ତ କାଟି ଦେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ କଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଏଭଳି ଅଭିଯୋଗ ମିଳିବା ପରେ ଯୋଗାଣ ବିଭାଗ ତତ୍ପର ହୋଇଉଠିଛି। ଧାନ କିଣାରେ ଅନିୟମିତତା ଜଣାପଡ଼ିଲେ ମିଲର ଓ ପ୍ୟାକ୍ସ କର୍ମଚାରୀଙ୍କ

## ଧାନ କିଣାରେ ହେରଫେର୍

ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୋମବାର ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ, ଆବଶ୍ୟକ ପଡ଼ିଲେ ମିଲର ଓ ପ୍ୟାକ୍ସ କର୍ମଚାରୀଙ୍କୁ ଗିରଫ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏପରି କି ସେମାନେ ସଂଗ୍ରହ କରିଥିବା ସମସ୍ତ ଧାନ ଜବତ କରିବାକୁ କୁହାଯାଇଛି। ନିୟମ ଅନୁଯାୟୀ ପ୍ୟାକ୍ସରେ ୨୪ ଘଣ୍ଟାରୁ ଅଧିକ ସମୟ



ପର୍ଯ୍ୟନ୍ତ ଧାନ ରହିପାରିବ ନାହିଁ। ଏ ପର୍ଯ୍ୟନ୍ତ ରାଜ୍ୟର ୨୩ ଜିଲାରେ ଧାନ ସଂଗ୍ରହ ଆରମ୍ଭ ହେଲାଣି। ସୋମବାର ସୁଦ୍ଧା ୧୭ ଜିଲାରୁ ୩ ଲକ୍ଷ ୯୦ ହଜାର ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଛି। ଆସନ୍ତା ୧୫ ତାରିଖରେ ଗଞ୍ଜାମରେ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। କଳାହାଣ୍ଡି ଏବଂ ନୂଆପଡ଼ା ଜିଲାରେ ଧାନ କିଣାକୁ ନେଇ ଦେଖାଦେଇଥିବା ସମସ୍ୟାର ସମାଧାନ ହୋଇଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ରବିବାର ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି ଧାନ କିଣାକୁ ନେଇ ଉପରୋକ୍ତ ଅଭିଯୋଗ ଆଣିଥିଲେ। ସରକାରଙ୍କୁ ଆମେ ଦୁଇ ଦିନ ସମୟ ଦେଇଛୁ। ଯଦି ଏହାର କୌଣସି ସମାଧାନ ନ ହୁଏ ତେବେ କଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଥିଲେ।







## ‘ପାକିସ୍ତାନକୁ ଗୋଟିଏ ବି ଡଲାର ଦିଆ ନ ଯାଉ’

ୱାଶିଂଟନ, ୧୦।୧୨(ପିଟି)

ପାକିସ୍ତାନ ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଛି। ଏହି ଦେଶ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପର୍ଯ୍ୟନ୍ତ ଆମେରିକା ଗୋଟିଏ ବି ଡଲାର ସହାୟତା ଦେବା ଉଚିତ ନୁହେଁ। ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ଥିବା ନିକ୍କି ହାଲି ଏହା କହିଛନ୍ତି। ଆମେରିକାର ପ୍ରଶାସନର କ୍ୟାବିନେଟରେ ନିଯୁକ୍ତି ପାଇବାରେ ହାଲି ହେଉଛନ୍ତି ପ୍ରଥମ ଭାରତୀୟ–ଆମେରିକୀୟ। ଯେଉଁମାନେ ଆମେରିକାର କ୍ଷତି ଚାହୁଁଛନ୍ତି ସେମାନଙ୍କୁ ସହାୟତା ଦେବା ଆବଶ୍ୟକ ନାହିଁ ବୋଲି ସେ କହିଛନ୍ତି। ପ୍ରକୃତ ସ୍ଥିତି ସମ୍ପର୍କରେ ଚିନ୍ତା ନ କରି ଆମେ ଅନ୍ଧ ଭାବେ ସହାୟତା ଦେଇଚାଲିଛୁ ବୋଲି ହାଲି ଏକ ପତ୍ରିକାକୁ କହିଛନ୍ତି। ପାକିସ୍ତାନକୁ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ସହାୟତା ଦିଆଯାଇଛି। ଏହା ସତ୍ତ୍ୱେ ସେମାନେ ଆତଙ୍କବାଦୀ ସୃଷ୍ଟି କରିଚାଲିଛନ୍ତି ଯେଉଁମାନେ ଆମ ସୈନ୍ୟଙ୍କୁ ହତ୍ୟା କରୁଛନ୍ତି। ଏହା ଆଦୌ ଠିକ୍ ନୁହେଁ। ସୂଚନାଯୋଗ୍ୟ ଜାତିସଂଘ ରାଷ୍ଟ୍ରଦୂତ ଭାବେ ହାଲିଙ୍କ କାର୍ଯ୍ୟକାଳ ଚଳିତ ବର୍ଷ ଶେଷ ହବାକୁ ଯାଉଛି। ତାଙ୍କ ଉତ୍ତରାଧିକାରୀ ଭାବେ ପରରାଷ୍ଟ୍ର ବିଭାଗ ମୁଖ୍ୟ ମୁଖପାତ୍ର ହିଥର ନାଉର୍ଟ ଜାତିସଂଘ ରାଷ୍ଟ୍ରଦୂତ ମନୋନୀତ ହୋଇଛନ୍ତି।

### କୋଣାର୍କ ସୂର୍ଯ୍ୟମନ୍ଦିର ମରାମତି ମାମଲା

## ଏଏସ୍ଆଇ ଡିଜିଙ୍କୁ ରିପୋର୍ଟ ତଲବ

କଟକ ଅଫିସ, ୧୦।୧୨

କୋଣାର୍କ ସୂର୍ଯ୍ୟମନ୍ଦିର ମରାମତି ଓ ରକ୍ଷଣାବେକ୍ଷଣକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ସୋମବାର ହୋଇଥିଲା। ଏଥିରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ(ଏଏସ୍ଆଇ) ଓ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି। ସତ୍ୟପାଠରେ ମନ୍ଦିରର ଯେଉଁ ସବୁ ଫାଟ ହୋଇଛି ଓ ଦୁର୍ବଳ ସ୍ଥାନ ରହିଛି ସେଗୁଡ଼ିକ ମରାମତି କରାଯାଉଥିବା ଦର୍ଶାଯାଇଛି। ତେବେ ସରକାର ଓ ଏଏସ୍ଆଇ ରିପୋର୍ଟ ଉପରେ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସତ୍ୟପାଠ ଆକାରରେ ରିପୋର୍ଟ ଦାଖଲ କରିବା ପାଇଁ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଏସ୍ଆଇ ମହାନିର୍ଦ୍ଦେଶକ(ଡିଜି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାନୁୟାରୀ ୧୮ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି। ସୂଚନାଥାଉକି, ସୂର୍ଯ୍ୟମନ୍ଦିର ଅସୁରକ୍ଷିତ ଥିବା ନେଇ ଆଡଭୋକେଟ ଦିଲୀପ ମହାପାତ୍ର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ମାମଲାର ପ୍ରାଥମିକ ଶୁଣାଣି କରି ହାଇକୋର୍ଟ କେନ୍ଦ୍ର, ରାଜ୍ୟ ସରକାର ସମେତ ଏଏସ୍ଆଇକୁ ଜବାବ ତଲବ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ଡ. ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ପୂର୍ବତନ ବିଧାୟକଙ୍କ ପରଲୋକ

ବଇଣ୍ଡା/ଅନୁଗୋଳ ଅଫିସ,୧୦।୧୨(ଡି.ଏନ.ଏ.)


ରାଜ କିଶୋର ପ୍ରଧାନ

ଅନୁଗୋଳ ଜିଲା ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ରାଜ କିଶୋର ପ୍ରଧାନ(୮୨)ଙ୍କ ପରଲୋକ ଘଟିଛି। ସେ ଅନୁଗୋଳସ୍ଥିତ ତାଙ୍କ ବଡ଼ ପୁଅ ଦିଲୀପ କୁମାର ପ୍ରଧାନଙ୍କ ବାସଭବନରେ ରହୁଥିଲେ। ରବିବାର ଅପରାହ୍ନରେ ଟ୍ରେନ୍ ଯୋଗେ ପୁରୀ ଅଭିମୁଖେ ଯାଉଥିବାବେଳେ ବଅଁରପାଳ ବ୍ଲକ ବଳରାମପ୍ରସାଦ କଇଁଫୁଲିଆ ସାହି ନିକଟରେ ଖସିପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ନାଲ୍କୋ ପୋଲିସ ମୃତଦେହ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ପୁରୀ ଯିବା ସମ୍ପର୍କରେ ସେ ଘରେ ଜଣାଇ ନ ଥିବାରୁ ପରିବାର ଲୋକେ ଖୋଜାଖୋଜି କରି ଘଟଣା ସମ୍ପର୍କରେ ଅବଗତ ହେବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ମୃତଦେହ ଥିବା ଜାଣିବାକୁ ପାଇଥିଲେ। ସ୍ୱର୍ଗତ ପ୍ରଧାନ ଉତ୍କଳ କଂଗ୍ରେସରୁ ୨୩।୩।୧୯୭୧ରୁ ୩।୩।୧୯୭୩ ପର୍ଯ୍ୟନ୍ତ ବିଧାୟକ ଥିଲେ। ୨୦୦୧ରେ ସେ ବିଜେଡିରେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅନୁଗୋଳ ବିଧାୟକ ରଜନିକାନ୍ତ ସିଂ ଓ ଜିଲା ପରିଷଦ ସଭାପତି ବାସନ୍ତୀ କିସାନ ଅନୁଗୋଳରେ ତାଙ୍କ ଶେଷ ଦର୍ଶନ କରିଥିଲେ। ଆଠମଲ୍ଲିକ ପାଇକସାହି ବାସଭବନରେ ମୃତଦେହ ପହଞ୍ଚିବା ପରେ ବିଧାୟକ ସଞ୍ଜୀବ ସାହୁଙ୍କ ସମେତ ବହୁ ନେତା, ଗ୍ରାମବାସୀ, ପ୍ରଶାସନିକ ଅଧିକାରୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ପରିକ୍ରମା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ମହାନଦୀ ଜଳ କମ୍ପାନୀକୁ ନ ଦେବା ଲାଗି ଜନସ୍ୱାର୍ଥ ମାମଲା

## ହାଇକୋର୍ଟରେ ହାଜର ହେଲେ ଜଳ ସମ୍ପଦ ବିଭାଗ ସଚିବ

କଟକ ଅଫିସ, ୧୦।୧୨

**ଗୋଟିଏ ଦିନରେ ୨ ଥର ଶୁଣାଣି**

ମହାନଦୀ ଜଳକୁ ଜନସାଧାରଣଙ୍କ ବଦଳରେ କମ୍ପାନୀ ସ୍ୱାର୍ଥରେ ବିନିଯୋଗ କରାଯାଉଛି। ରାଜ୍ୟ ଜଳ ସମ୍ପଦ ବିଭାଗ ବିଭିନ୍ନ କମ୍ପାନୀଙ୍କୁ ମହାନଦୀ ଜଳ ଦେଉଥିବା ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଏନେଇ ଅଦାଲତର ପୂର୍ବ ଆଦେଶକ୍ରମେ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇ ନ ଥିଲା। ସୋମବାର ପୂର୍ବାହ୍ନରେ ଉକ୍ତ ମାମଲାର ଶୁଣାଣି ସମୟରେ ସତ୍ୟପାଠକୁ ନେଇ ସରକାର ହରଡଘଣାରେ ପଡ଼ିଥିଲେ। ଆବେଦନକାରୀ ଗୌରାଙ୍ଗ ଚରଣ ହୋତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ ଯୁକ୍ତି ଦର୍ଶାଇଥିଲେ ଯେ, ମାମଲାକୁ ୭ ବର୍ଷରୁ ଅଧିକ ସମୟ ବିତିଥିଲେ ମଧ୍ୟ ଜଳ ସମ୍ପଦ ବିଭାଗ ଏ ସମ୍ପର୍କିତ ସତ୍ୟପାଠ ଦାଖଲ କରୁନାହିଁ। ଏପରି କି ଗତ ନଭେମ୍ବର ୨୬ରେ ସତ୍ୟପାଠ ଦାଖଲ ପାଇଁ ଅଦାଲତଙ୍କ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ଜଳସମ୍ପଦ ବିଭାଗ ଜାଣିଶୁଣି ନୀରବ ରହୁଛି ବୋଲି କହିଥିଲେ। ଏହାକୁ ନେଇ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଏବଂ ବିଚାରପତି କେ. ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରି କି ଅପରାହ୍ନରେ ମାମଲାର ପୁନଃ ଶୁଣାଣି ପାଇଁ ଖଣ୍ଡପୀଠ ଧାର୍ଯ୍ୟ କରିବା ସହ ରାଜ୍ୟ ଜଳ ସମ୍ପଦ ବିଭାଗ ସଚିବଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଜଳ ସମ୍ପଦ ସଚିବ ପ୍ରଦୀପ ଜେନା ହାଜର ହୋଇ ସତ୍ୟପାଠ ଆକାରରେ ରିପୋର୍ଟ ଦାଖଲ କରିଥିଲେ। ଏହି ସତ୍ୟପାଠ ଉପରେ ଜାନୁୟାରୀ ୨୧ ତାରିଖରେ ପୂର୍ଣ୍ଣାଙ୍ଗ ଶୁଣାଣି କରାଯିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ସୂର୍ଯ୍ୟପ୍ରକାଶ ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପଟ୍ଟନାୟକଙ୍କୁ ଆଇନଜୀବୀ ବିପ୍ଳବ ମହାନ୍ତି, ତରୁଣ କୁମାର ପଟ୍ଟନାୟକ, ସୋମା ପଟ୍ଟନାୟକ ପ୍ରମୁଖ ସହାୟତା କରିଥିଲେ।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ

### ପୋଲ ତଳକୁ ଖସିଲା ଟ୍ରକ୍



ପୋଲ ତଳକୁ ଖସିପଡ଼ିଥିବା ଟ୍ରକ୍।

ହେମଗିର,୧୦।୧୨(ଡି.ଏନ୍.ଏ.):ବସୁନ୍ଧରା କୋଇଲା ଖଣିରୁ କୋଇଲା ବୋଝେଇ କରି ଏକ ଟ୍ରକ୍ (ନଂ. ଓଆର୍୧୬-ଇ୧୭୨୯) କନିକା ସାଇଡିଂକୁ ଯାଉଥିବାବେଳେ ବ୍ରାହ୍ମଣୀ ନାଳରେ ଥିବା ପୋଲରୁ ତଳକୁ ଖସିପଡ଼ିଛି। ଫଳରେ ଏହାର ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ପ୍ରଥମେ ତାକୁ ହେମଗିର ହସ୍ପିଟାଲ ଓ ପରେ ସୁନ୍ଦରଗଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

### ଟ୍ରକ୍ ଚକତଳେ ଚାପିହୋଇ ବାଇକ ଆରୋହୀ ମୃତ

ଲହୁଣୀପଡ଼ା,୧୦।୧୨(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ନଂ. ଜାତୀୟ ରାଜପଥର ଗୌଡ଼ଣୀପୋଷ ପୋଲ ନିକଟରେ ସୋମବାର ସନ୍ଧ୍ୟା ପ୍ରାୟ ୬ଟାରେ ଟ୍ରକ୍ ଚକ ତଳେ ଚାପି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ଜୁନିଆଦି ଗ୍ରାମର ସୁନୀଲ ମୁଣ୍ଡା (୨୭)। ସୁନୀଲଙ୍କ ବାଇକ୍‌ରେ ବସିଥିବା ଦୁର୍ମୁ ମୁଣ୍ଡା ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ମୃତାହତଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ସୁନୀଲ ଓ ଦୁର୍ମୁ ଓଡି୧୬-୧୭୯୭ନଂ ବାଇକ୍ ଯୋଗେ ସାଲେଇପାଲି ସାପ୍ତାହିକ ହାଟରୁ ଘରକୁ ଫେରୁଥିବା ବେଳେ ଲହଣୀପଡା ପଟୁ ରାଉରକେଲା ଅଭିମୁଖେ ଯାଉଥିବା ଓଡି୨୧-ଜି୪୨୮୧ନଂ ଚଉଦ ଚକିଆ ଟ୍ରକ ସେମାନଙ୍କୁ ସାମ୍ନାରୁ ଧକ୍କା ହୋଇଥିଲା। ଫଳରେ ବାଇକ ଟ୍ରକର ଆଗ ଚକ ତଳେ ପଶିଯାଇଥିଲା। ଘଟଣାସ୍ଥଳରେ ସୁନୀଲଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଟ୍ରକ୍, ବାଇକ୍ ଓ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଡାକ୍ତରଖାନା ପଠାଇଛି।

**ଲୋକାୟୁକ୍ତ ନିଯୁକ୍ତି ପ୍ରସଙ୍ଗ**

# ଗଠନ ହେଲା ୭ ଜଣିଆ ସର୍ଚ୍ଚ କମିଟି

## ■ ମାସକ ମଧ୍ୟରେ ଲୋକାୟୁକ୍ତ ନାମ ସିଲେକ୍ଟ କମିଟିକୁ ସୁପାରିସ କରିବ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ଲୋକାୟୁକ୍ତ ନିଯୁକ୍ତି ପାଇଁ ବାଟ ଫିଟିଲା। ଲୋକାୟୁକ୍ତ ଗଠନ ପାଇଁ ୭ ଜଣିଆ ସର୍ଚ୍ଚ କମିଟି ଗଠନ କରାଯାଇଛି। ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅମିତାଭ ରାୟଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠିତ ହୋଇଛି। କମିଟିରେ ପୂର୍ବତନ ଆଇଏଏସ୍ ଆର୍.ଏନ୍. ବହିଦାର, ପୂର୍ବତନ ଆଇଏଏସ୍ ସଞ୍ଜୀବ ହୋତା, ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଗୋପାଳ ନନ୍ଦ, ବିଧୁଭୂଷଣ ସାମଲ, ପ୍ରଫେସର ସ୍ନିଗ୍ଧା ପଟ୍ଟନାୟକ, ଭେଙ୍କଟରାଓ ରାମଭଟ ପ୍ରମୁଖ ସଦସ୍ୟ ଅଛନ୍ତି। ଏହି କମିଟି ୩୦ ଦିନ ମଧ୍ୟରେ ଲୋକାୟୁକ୍ତଙ୍କ ନାମ ବାଛି ଚୟନ(ସିଲେକ୍ଟ) କମିଟିକୁ ପଠାଇବ। ସୋମବାର ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସିଲେକ୍ଟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ହାଇକୋର୍ଟ ମୁଖ୍ୟ ବିଚାରପତି ଅନଙ୍ଗ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ବାଚସ୍ପତି ପ୍ରଦୀପ ଅମାତ ଉପସ୍ଥିତ ଥିଲେ। ବୈଠକ ଶେଷରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ସିଲେକ୍ଟ କମିଟି ସର୍ଚ୍ଚ କମିଟି ସଦସ୍ୟମାନଙ୍କ ନାମ ଘୋଷଣା କରିଛି। ଲୋକାୟୁକ୍ତ ନିଯୁକ୍ତି ପାଇଁ ନାମ ସୁପାରିସ କରିବାକୁ ମାସେ ସମୟ ଦିଆଯାଇଛି। ମାସକ ମଧ୍ୟରେ ସିଲେକ୍ଟ କମିଟି ବୈଠକ ଅନୁଷ୍ଠିତ ହେବ। ସେହି ବୈଠକରେ ଲୋକାୟୁକ୍ତଙ୍କ ନାମ ଚୂଡ଼ାନ୍ତ ହେବ।

ସୁପ୍ରିମକୋର୍ଟ ଅକ୍ଟୋବର ୨୪ ତାରିଖରେ ଲୋକାୟୁକ୍ତ ନିଯୁକ୍ତି ପାଇଁ ଆଉ ସମୟ ଦେଇହେବ ନାହିଁ ବୋଲି ଏ ସମ୍ପର୍କିତ ଏକ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜଣାଇ ଦେଇଥିଲେ। ୩ ମାସ ସମୟ ଦେବାକୁ ରାଜ୍ୟ ସରକାର କରିଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରିଦେଇଥିଲେ। ଦୁର୍ନୀତି ନିରୋଧୀ ଅମୁଡସମ୍ୟାନ ସଂଗଠନ କେବେ ଗଠନ ହେବ ଓ କେବେ ସୁଦ୍ଧା ଲୋକାୟୁକ୍ତ ନିଯୁକ୍ତି ହେବେ ସେ ନେଇ ନିର୍ଦ୍ଦିଷ୍ଟ ତାରିଖ ଜଣାଇବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଜୁଲାଇ ୧୦ ତାରିଖରେ ରାଜ୍ୟ ସରକାର ଲୋକାୟୁକ୍ତ ନିଯୁକ୍ତି ନେଇ ଷ୍ଟାଟସ ରିପୋର୍ଟ ଦାଖଲ କରିଥିଲେ।

ଲୋକାୟୁକ୍ତ ଆଇନ କାର୍ଯ୍ୟକାରୀ କରିବା ନେଇ ସରକାର ଗେଜେଟ ବିଜ୍ଞପ୍ତି ପ୍ରକାଶ କରିଥିବା ସତ୍ୟପାଠରେ ଉଲ୍ଲେଖ କରିଥିଲେ। ଦୁଇମାସ ଅର୍ଥାତ ଅକ୍ଟୋବର ୧୦ ତାରିଖ ମଧ୍ୟରେ ଲୋକାୟୁକ୍ତ ନିଯୁକ୍ତି ନେଇ ସମସ୍ତ ପ୍ରକ୍ରିୟା ସାରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସରକାର ୨୦୧୮ ଏପ୍ରିଲ ୯ ତାରିଖରେ ସୁପ୍ରିମକୋର୍ଟରେ କରିଥିବା ସତ୍ୟପାଠ ଦାଖଲକୁ ନେଇ ବିରୋଧୀ ଦଳ ବିଧାନସଭାରେ ସରକାରଙ୍କୁ ହଲାପଟା କରିଥିଲେ। ରାଜ୍ୟ ସରକାର ସୁପ୍ରିମକୋର୍ଟରେ ମିଥ୍ୟା ସତ୍ୟପାଠ ଦାଖଲ କରିଛନ୍ତି ବୋଲି ବିରୋଧୀ ଅଭିଯୋଗ ଆଣିଥିଲେ। କେନ୍ଦ୍ରରେ ଲୋକପାଳ ବିଲ୍ ଆଇନରେ ପରିଣତ ହେବା ପରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ୨୦୧୪ ଫେବୃଆରୀ ୧୪ ତାରିଖରେ ଏହି ବିଲ୍‌କୁ ବିଧାନସଭାରେ ପାରିତ କରିଥିଲା। ଏହି ଆଇନ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ ମଧ୍ୟ ରାଜ୍ୟ ସରକାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରି ନ ଥିଲେ। ସେବେଠାରୁ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ହୋଇ ନ ଥିଲେ। ବିରୋଧୀ କଂଗ୍ରେସ ଓ ଭାଜପା ରାଜ୍ୟରେ ଲୋକପାଳ କିମ୍ବା ଲୋକାୟୁକ୍ତ ନିଯୁକ୍ତି ନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଥିଲେ। ଏହାକୁ ନେଇ ବିଧାନସଭାରେ ହଙ୍ଗାମା କରିଥିଲେ। ରାଜ୍ୟ ସରକାର ଇତିମଧ୍ୟରେ ଲୋକାୟୁକ୍ତ ନିଯୁକ୍ତି ନେଇ ଗେଜେଟ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ସର୍ଚ୍ଚ କମିଟି ଗଠନ ନେଇ ମଧ୍ୟ ବିଜ୍ଞପ୍ତି ପ୍ରକାଶିତ ହୋଇଛି।

ବିଜ୍ଞପ୍ତି ଅନୁଯାୟୀ ଲୋକାୟୁକ୍ତ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯିବ। ଏହି କମିଟିରେ ବିରୋଧୀ ଦଳ ନେତା ଓ ବିଧାନସଭା ବାଚସ୍ପତି ସଦସ୍ୟ ରହିବେ। ଏହି ତିନିଜଣ ମିଶି ଚତୁର୍ଥ ସଦସ୍ୟଙ୍କୁ ମନୋନୀତ କରିବେ। ସେହି ମନୋନୀତ ସଦସ୍ୟଙ୍କୁ ରାଜ୍ୟପାଳ ନିଯୁକ୍ତି କରିବେ। ସମସ୍ତ ସଦସ୍ୟଙ୍କୁ ନେଇ ଏକ ଚୟନ କମିଟି ଗଠନ କରାଯିବ। ସେହି କମିଟି ଲୋକାୟୁକ୍ତ ଓ ଅନ୍ୟ ସଦସ୍ୟମାନଙ୍କୁ ଚୟନ କରିବା ପାଇଁ ଏକ ୭ ଜଣିଆ ସର୍ଚ୍ଚ କମିଟି ବାଛିବେ। ଏହି ସର୍ଚ୍ଚ କମିଟି ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ଚୟନ କରି ସେମାନଙ୍କ ନାମ ଚୟନ କମିଟିକୁ ସୁପାରିସ କରିବେ। ଲୋକାୟୁକ୍ତଙ୍କ ନିଯୁକ୍ତି ନେଇ ଚୟନ କମିଟିର ପ୍ରଥମ ବୈଠକ ଅକ୍ଟୋବର ୬ ତାରିଖରେ ଅନୁଷ୍ଠିତ ହୋଇଥିଲା।




### ଖସୁଛି ପାରଦ: ୧୩ ଡିଗ୍ରୀ ତଳେ ୮ ସହର

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)

ରାଜ୍ୟରେ ଶୀତର ପ୍ରକୋପ ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ଗତ ୩/୪ ଦିନ ମଧ୍ୟରେ ରାଜ୍ୟରେ ପାରଦ ୨ରୁ ୪ ଡିଗ୍ରୀ ଯାଏ ହ୍ରାସ ପାଇଛି। ସୋମବାର ୮ ସହରରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ତଳକୁ ଖସିଯାଇଥିବା ବେଳେ ୩ଟି ସ୍ଥାନରେ ପାରଦ ୧୦ଡିଗ୍ରୀ ସେଲସିୟସ ତଳକୁ ଖସିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ଦାରିଙ୍ଗିବାଡିରେ ୯.୫, କେନ୍ଦୁଝରରେ ୯.୮, ବାଲେଶ୍ୱରରେ ୧୧.୪, କଟକରେ ୧୨.୮, ଅନୁଗୋଳରେ ୧୦.୬ ଡିଗ୍ରୀ ସେଲିସିୟସ।




## ■ ନକଲି ଶିକ୍ଷକ, ଭୂତ ସ୍କୁଲକୁ ନେଇ ଜନସ୍ୱାର୍ଥ ମାମଲା

# ବାର୍ଷିକ ଲୁଟ ହେଉଛି ୨ହଜାର କୋଟି

**ହାଇକୋର୍ଟଙ୍କ ଉଦ୍‌ବେଗ**

କଟକ ଅଫିସ, ୧୦।୧୨

ରାଜ୍ୟରେ ବହୁ ନକଲି ଶିକ୍ଷକ କାର୍ଯ୍ୟ କରୁଥିବାବେଳେ ଭୂତ ସ୍କୁଲ ନାମରେ ସରକାରୀ ରାଜକୋଷ ଲୁଟ୍ ହେଉଛି। ବାର୍ଷିକ ୨ହଜାର କୋଟି ଟଙ୍କା ଏ ବାବଦରେ ଲୁଟ ହେଉଥିବା ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭୁବନେଶ୍ୱର ପଟିଆ ଅଞ୍ଚଳର ସଞ୍ଜୟ କୁମାର ମହାରଣାଙ୍କ ଇ-ମେଲ୍ ପିଟିଶନକୁ ହାଇକୋର୍ଟ ଜନସ୍ୱାର୍ଥ ମାମଲା ଭାବେ ଗ୍ରହଣ କରିଛନ୍ତି। ଏନେଇ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କୁ ଜବାବ ଦାଖଲ ନିମନ୍ତେ ସୋମବାର ନୋଟିସ ଜାରି କରିଛନ୍ତି। ଆସନ୍ତା ଜାନୁୟାରୀ ୨୧ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ ବୋଲି ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

ଆବେଦନକାରୀ ମହାରଣା ନିଜର ଏକ ପୃଷ୍ଠା ସମ୍ବଳିତ ପିଟିଶନରେ ଦର୍ଶାଇଛନ୍ତି ଯେ, ରାଜ୍ୟର ସ୍କୁଲ ଛାତ୍ରୀଛାତ୍ରଙ୍କୁ ଆଧାର ଲିଙ୍କ୍ କରାଯିବା ପରେ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ନକଲି ଛାତ୍ରୀଛାତ୍ର ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ଦୈନିକ ମଧ୍ୟାହ୍ନଭୋଜନ ଦିଆଯାଉଥିବା ଆଳରେ ବହୁ ଟଙ୍କା ବାଟମାରଣା ହେଉଛି। ଏପରିକି ପ୍ରାଥମିକ ସ୍କୁଲ ନ ଥାଇ ମଧ୍ୟାହ୍ନଭୋଜନ ଦିଆଯାଉଛି। ଏଥିସହ ପ୍ରାଥମିକ ସ୍କୁଲଗୁଡ଼ିକରେ ଶିକ୍ଷକମାନଙ୍କ ନକଲି ସିଟି ଓ ବି.ଏଡ୍ ଯୋଗ୍ୟତାକୁ ନେଇ ଅନୁରୂପ ପ୍ରଶ୍ନ ଉଠାଇଛନ୍ତି ଆବେଦନକାରୀ। ମାଧ୍ୟମିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଣତାଲିମ (ଅନ୍‌ଟ୍ରେଣ୍ଡ) ଏବଂ ଅଣଯୋଗ୍ୟତା (ଅଣ୍ଡର କ୍ୱାଲିଫାଏଡ୍) ସମ୍ପନ୍ନ ନିଯୁକ୍ତିର ବୈଧତାକୁ ମଧ୍ୟ ଆବେଦନକାରୀ ଚ୍ୟାଲେଞ୍ଜ କରିଛନ୍ତି। ବିଶେଷକରି ୧୯୯୯ ଜୁନ ୬ରୁ ୨୯୨୯ ପୂର୍ଣ୍ଣ ଅନୁଦାନ ଉଚ୍ଚ ବିଦ୍ୟାଳୟକୁ ସରକାରୀ ଘୋଷଣା କରାଯିବା ପରେ ବହୁସଂଖ୍ୟକ ନକଲି ଶିକ୍ଷକଙ୍କ ନିଯୁକ୍ତିକୁ ବିଭାଗୀୟ ଅନୁମୋଦନ ମିଳିଛି। ଜମ୍ମୁ ଓ କଶ୍ମୀର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ ଆଦି ରାଜ୍ୟରୁ ବି.ଏଡ୍ ସାର୍ଟିଫିକେଟ ଆଣିଥିବା ପିଟିଶନରେ ଉଲ୍ଲେଖ ରହିଛି। ସେହିପରି ୨୭୦୦ ଅତିରିକ୍ତ ସେକ୍ସନ ଟିଚର୍‌ଙ୍କ ଅନୁମୋଦନ ଆଦୌ ଠିକ୍ ହୋଇନାହିଁ ବୋଲି ପିଟିଶନରେ ଦର୍ଶାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ୫୬୮ ପୁରାତନ ସରକାରୀ ହାଇସ୍କୁଲ, ୨୯୩୬ ନୂତନ ସରକାରୀ ହାଇସ୍କୁଲ, ୬୫୧ ପୂର୍ଣ୍ଣ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲ, ୨୬୦୮ ବ୍ଲକଗ୍ରାଣ୍ଟ ହାଇସ୍କୁଲ ଏବଂ ୫୪ହଜାରରୁ ଊର୍ଦ୍ଧ୍ୱ ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ସ୍କୁଲର କର୍ମଚାରୀମାନେ ସରକାରୀ ତହବିଲରୁ ଦରମା ନେଉଥିବା ଆବେଦନକାରୀ କୋର୍ଟଙ୍କ ଦୃଷ୍ଟିକୁ ଆଣିଛନ୍ତି। ଏହି ମାମଲାର ଶୁଣାଣି ସମୟରେ ଆଡଭୋକେଟ ଜେନେରାଲ ସୂର୍ଯ୍ୟପ୍ରକାଶ ମିଶ୍ର ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଆଇନଜୀବୀ ବିଧାନ ଚନ୍ଦ୍ର ପରିଡ଼ା ଉପସ୍ଥିତ ଥିଲେ।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:** ମନୋଜ ମହାନ୍ତି (ସମ୍ବଲପୁର-୭୦୦୮୫୦୬୮୧୦)
**ସମ୍ବଲପୁର/ବୌଦ୍ଧ/ଦେବଗଡ଼:** ଶ୍ରଦ୍ଧାଂଶୁ ମହାପାତ୍ର (୭୦୦୮୯୨୧୭୯୧), **ବରଗଡ଼/ବଲାଙ୍ଗୀର/ସୋନପୁର:** ନରୋତ୍ତମ ଜେନା (୯୩୪୮୨୦୯୫୩୪), **କଳାହାଣ୍ଡି/ନୂଆପଡ଼ା:** ଶୁଭ୍ରାନ୍ତ ସ୍ୱାଇଁ (୮୪୮୦୨୨୯୬୦୫), **ସୁନ୍ଦରଗଡ଼/ରାଉରକେଲା/ଝାରସୁଗୁଡ଼ା:** ଶ୍ରୀକାନ୍ତ ମହାନ୍ତି (୯୦୪୦୭୧୬୫୮୬)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

## ■ଓଡ଼ିଶା ମାନବାଧିକାର କମିଶନ ପଦବୀ ଫାଙ୍କା

# ୧୮ ସୁଦ୍ଧା ନିଯୁକ୍ତି ଦିଅ: ହାଇକୋର୍ଟ

କଟକ ଅଫିସ, ୧୦।୧୨

ଗତ ମେ ମାସରୁ ଓଡ଼ିଶା ମାନବାଧିକାର କମିଶନ ଅଧ୍ୟକ୍ଷ ପଦବୀ ଫାଙ୍କା ପଡ଼ିଛି। ଏହାକୁ ନେଇ ହାଇକୋର୍ଟରେ ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି ସୋମବାର ହୋଇଛି। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଉଦ୍‌ବେଗ ପ୍ରକାଶ କରିବା ସହିତ ଆସନ୍ତା ୧୮ ତାରିଖ ସୁଦ୍ଧା ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଖିଲାପ ହେଲେ ହାଇକୋର୍ଟ ନିଜ ଆଡୁ ଅଧ୍ୟକ୍ଷ ନିଯୁକ୍ତି ଦେବେ ବୋଲି ଆଦେଶରେ ସ୍ପଷ୍ଟ କରିଛନ୍ତି। ସୂଚନାଥାଉ କି, ପୂର୍ବରୁ ମଧ୍ୟ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତିକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। କାରଣ ସରକାର ଦୀର୍ଘଦିନ ହେବ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦ୍ୱାରା ମାନବାଧିକାର କମିଶନକୁ ପରିଚାଳନା କରୁଛନ୍ତି। ଏ ସମ୍ପର୍କରେ ଗତ ମାର୍ଚ୍ଚରେ ସରକାରଙ୍କଠାରୁ ଜବାବ ତଲବ କରାଯାଇଥିଲା। ସେତେବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଦିଆଯିବ ବୋଲି ସତ୍ୟପାଠ ଆକାରରେ କୋର୍ଟଙ୍କୁ ଅବଗତ କରାଯାଇଥିଲା।

## ■ ଗ୍ୟାସ୍ ଯୋଗାଣରେ ଦୁର୍ନୀତି

# ଶ୍ୱେତପତ୍ର ଜାରି କରନ୍ତୁ କେନ୍ଦ୍ରମନ୍ତ୍ରୀ:ବିଜେଡି

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)

ରାଜ୍ୟର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗୃହିଣୀମାନଙ୍କୁ ମାଗଣାରେ ଗ୍ୟାସ୍ ସିଲିଣ୍ଡର ଯୋଗାଇବା ନାଁରେ ମହାଦୁର୍ନୀତି ହୋଇଛି। ଏବେ ଏହା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଏହି ଯୋଜନାର ଉଦ୍ଦେଶ୍ୟ ଯଥାର୍ଥ ଭାବରେ କେନ୍ଦ୍ର ସରକାର ବିନିଯୋଗ କରିପାରି ନାହାନ୍ତି। କେନ୍ଦ୍ର ସରକାର ଦାବି କରୁଛନ୍ତି, ଉଜ୍ୱଳା ଯୋଜନା ମାଧ୍ୟମରେ ଦେଶର ୫ କୋଟି ମହିଳାଙ୍କୁ ରନ୍ଧନ ଗ୍ୟାସ୍ ଦିଆଯାଇଛି। ଯେଉଁ ମହିଳାମାନଙ୍କ ପାଇଁ ଏହି ଯୋଜନା ଉଦ୍ଦିଷ୍ଟ ପ୍ରକୃତରେ ସେମାନେ ତା'ର ସୁଫଳ ପାଇଛନ୍ତି କି ବୋଲି ବିଜୁ ମହିଳା ଜନତା ଦଳ ପ୍ରଶ୍ନ କରିଛି। ବିଜେଡି ମୁଖ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମିନତି ବେହେରା କହିଛନ୍ତି ଯେ, ରାଜ୍ୟରେ ହିତାଧିକାରୀଙ୍କ ବାସ୍ତବ ଚିତ୍ର କ'ଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ସମ୍ବନ୍ଧୀୟ ଏକ ଶ୍ୱେତପତ୍ର ଉପସ୍ଥାପନ କରନ୍ତୁ ବୋଲି ମିନତି ଦାବି କରିଛନ୍ତି।





"ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରିୟା
ପରିବାରବର୍ଗ



ଦେବାଶିଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସମର୍ଥକଙ୍କ ମୁହଁରେ କୁହାଇ ଫାଇଦା ନେବାକୁ ଉଦ୍ୟମ

- କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲେ ପୁନରାବୃତ୍ତି ହୋଇ ନ ଥାଆନ୍ତା: ସନ୍ଧ୍ୟା
- ଶ୍ରୀକାନ୍ତଙ୍କୁ ସମାଲୋଚନା ବାହାନାରେ ଚାଷୀ ପ୍ରସଙ୍ଗ

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ସମସ୍ତ ପଦପଦବୀରୁ ରବିବାର ଇସ୍ତଫା ଦେଇଛନ୍ତି। ତାଙ୍କୁ ପିସିସି ଇସ୍ତାହାର କମିଟି ଅଧ୍ୟକ୍ଷ ପଦରୁ ହଟାଇ ଦିଆଯିବାପରେ ସେ ଏହି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଏ ସମ୍ପର୍କରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଚିଠି ଲେଖି ସେ ଅବଗତ କରାଇଥିବା ଶୁଣିବାକୁ ମିଳିଛି। ଅନ୍ୟପଟେ ପିସିସି କୋର୍ କମିଟିରୁ ଇସ୍ତଫା ଦେବାପରେ ଶ୍ରୀକାନ୍ତ କଂଗ୍ରେସର ପ୍ରାଥମିକ ସଦସ୍ୟ ଭାବେ ଦଳରେ ରହିଛନ୍ତି। ଏଭଳି ସମୟରେ ଶୃଙ୍ଖଳା କମିଟି ଅଧ୍ୟକ୍ଷ ହେମାନନ୍ଦ ବିଶ୍ୱାଳ ଶ୍ରୀକାନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)କୁ ଚିଠି ପଠାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ତେଣୁ ଶ୍ରୀକାନ୍ତଙ୍କ ବିରୋଧରେ ଖୁବ୍‌ଶୀଘ୍ର କିଛି ବଡଧରଣର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଜଣେ ସାଧାରଣ ସଦସ୍ୟଙ୍କୁ ଦଳରୁ ବିଦା କରାଯିବା ହିଁ ସବୁଠାରୁ ବଡ କାର୍ଯ୍ୟାନୁଷ୍ଠାନ ବୋଲି ଶ୍ରୀକାନ୍ତଙ୍କ ନିକଟତମ ଲୋକେ ମତ ରଖୁଛନ୍ତି। ନିରଞ୍ଜନଙ୍କ କେତେଜଣ ସମର୍ଥକ ସବୁଆଡେ ବୁଲି ବୁଲି ସମାନ କଥା କହୁଥିବା ମଧ୍ୟ ଶୁଣିବାକୁ ମିଳିଛି। ଅନ୍ୟପଟେ ଶ୍ରୀକାନ୍ତଙ୍କ ବିରୋଧରେ ସିଧାସଳଖ କିଛି ମନ୍ତବ୍ୟ ନ ଦେଇ ନିରଞ୍ଜନ ନିଜ ସମର୍ଥକମାନଙ୍କ ମୁହଁରେ କୁହାଇ ଫାଇଦା ଗୋଟାଇବାକୁ ଚେଷ୍ଟା ଚଳାଇଛନ୍ତି। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ସୋମବାର ଦଳର ମୁଖ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଡକାଇ ଚାଷୀ ପ୍ରସଙ୍ଗ ଉଠାଇଥିଲେ। ମାତ୍ର ଚାଷୀ ସମସ୍ୟାକୁ ଆଳକରି ତାରାଙ୍କୁ ଶ୍ରୀକାନ୍ତଙ୍କ ବିରୋଧରେ ମନ୍ତବ୍ୟ ରଖିବାକୁ ନିର୍ଦ୍ଦେଶ ରହିଥିଲା ବୋଲି ପ୍ରଥମେ ଦଳୀୟ ସୂତ୍ରରୁ ଜଣାପଡିଥିଲା। ଖବରଦାତା ସମ୍ମିଳନୀରେ ଯୋଗଦେବାର କିଛି ସମୟ ପରେ କିଛି ଦୃଶ୍ୟ ଏହାକୁ ସତ୍ୟ ପ୍ରମାଣିତ କରିଥିବା ଦେଖିବାକୁ ମିଳିଛି। କିଛି ସମୟ ଧରି ତାରା ଚାଷୀ ସମସ୍ୟା ଉଠାଇବାପରେ ଠାରରେ ଶ୍ରୀକାନ୍ତଙ୍କ ପ୍ରସଙ୍ଗରେ ପ୍ରଶ୍ନ ପଚାରିବାକୁ କେତେଜଣ ଖବରଦାତାଙ୍କୁ ଇସାରା କରିଥିଲେ(ଏହାକୁ ପ୍ରମାଣ କରିବା ପାଇଁ ଧରିତ୍ରୀ ପାଖରେ ଭିଡିଓ ଅଛି)। ଏହାପରେ ଜଣେ ଖବରଦାତା ଉକ୍ତ ଘଟଣା ସମ୍ପର୍କରେ ପ୍ରଶ୍ନ କରିବାପରେ, ସେ ନିରଞ୍ଜନଙ୍କୁ ସୁହାଇବା ଭଳି ଉତ୍ତର ରଖିବା ଆରମ୍ଭ କରିଥିଲେ। ଦଳରେ ଯିଏ ବିଶୃଙ୍ଖଳା କରିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ମାତ୍ର ତାରାଙ୍କ ଏଭଳି ମନ୍ତବ୍ୟ ପରେ ପୂର୍ବତନ ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷା ସନ୍ଧ୍ୟା ମହାପାତ୍ର ପାଲଟା ତାରା ଓ ନିରଞ୍ଜନଙ୍କୁ ସମାଲୋଚନା କରିଛନ୍ତି। ସନ୍ଧ୍ୟା କହିଛନ୍ତି ଯେ, ନିରଞ୍ଜନ ବରିଷ୍ଠଙ୍କୁ ସାଙ୍ଗରେ ନେଇ ଚାଲିଛନ୍ତି ନା ଏକାକୀ ତାହା ଜଳଜଳ ହୋଇ ଦିଶୁଛି। ସବୁ ବରିଷ୍ଠ ନେତାମାନଙ୍କୁ ସେ ସାଙ୍ଗରେ ନେଇ ଯିବାର ଆବଶ୍ୟକତା ଅଛି। ପ୍ରସାଦ ହରିଚନ୍ଦନ ପିସିସି ସଭାପତି ଥିବାବେଳେ ବହୁଥର ତାରା ଗଣମାଧ୍ୟମରେ ମନ୍ତବ୍ୟ ଦେଇ ବିଶୃଙ୍ଖଳା କରିଛନ୍ତି। ତାରା ବାହିନୀପତିଙ୍କ ମୁହଁରେ ଶ୍ରୀକାନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କଥା ହାସ୍ୟାସ୍ପଦ। ପ୍ରସାଦ ସଭାପତି ଥିବାବେଳେ ଗଣମାଧ୍ୟମ ଆଗରେ ସିଧାସଳଖ ଦଳ ବିରୋଧରେ ମନ୍ତବ୍ୟ ରଖୁଥିବା ୪ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଆଇସିସିକୁ ଚିଠି କରିଥିଲି। ସେ ଚିଠି ଏବେ ସେମିତି ପଡି ରହିଛି। ସେତେବେଳେ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲେ ଏଭଳି ଘଟଣାର ପୁନରାବୃତ୍ତି ହୋଇ ନ ଥାଆନ୍ତା ବୋଲି ସନ୍ଧ୍ୟା କହିଛନ୍ତି।

# ଚାଷୀ ସମସ୍ୟାକୁ ନେଇ ଆନ୍ଦୋଳନ କରିବାକୁ କଂଗ୍ରେସର ଧମକ

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ) ରାଜ୍ୟର ଚାଷୀମାନଙ୍କୁ ଧାନର ଉପଯୁକ୍ତ ମୂଲ୍ୟ ଏବଂ ସମ୍ମାନ ଓ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଚାଷୀମାନଙ୍କ ଯେଉଁ ସମସ୍ୟା ରହିଛି ତାକୁ ତୁରନ୍ତ ସମାଧାନ କରା ନ ଗଲେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସୋମବାର ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। କଂଗ୍ରେସ ମୁଖ୍ୟାଳୟଠାରେ ଦଳର ବରିଷ୍ଠ ମୁଖପାତ୍ର ତାରାପ୍ରସାଦ ବାହିନୀପତି କହିଛନ୍ତି, ରାଜ୍ୟରେ ଦୀର୍ଘଦିନ ଧରି ଶାସନ କରୁଥିବା ବିଜେଡି ଚାଷୀଙ୍କ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ନିର୍ଦ୍ଧାରଣ କରିବାରେ ବିଫଳ ହୋଇଛି। ଏହା ବର୍ତ୍ତମାନ ମଣ୍ଡିରେ ପ୍ରଦାନ କରାଯାଉଥିବା ମୂଲ୍ୟ ହିଁ ନିରୂପଣ କରୁଛି। ଅଦ୍ୟାବଧି ସବୁ ଜାଗାରେ ମଣ୍ଡି ଖୋଲାଯାଇ ନ ଥିବାରୁ ଚାଷୀ ବାଧହୋଇ ଅସାଧୁ ବ୍ୟବସାୟୀଙ୍କୁ ଅପେକ୍ଷାକୃତ କମ୍ ଦାମ୍‌ରେ ଧାନ ଦେଉଛନ୍ତି। ଧାନର ଅଭାବୀ ବିକ୍ରିକୁ ନେଇ ଚାଷୀକୁଳ ହନ୍ତସନ୍ତ ହେଉଥିବାବେଳେ ସରକାର ମିଲରଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବାରେ ଲାଗିଛନ୍ତି। ଧାନର ସ୍ଥିରୀକୃତ ସହାୟକ ମୂଲ୍ୟ ୧୭୫୦ଟଙ୍କାଠାରୁ ୩ଶହ ଟଙ୍କା କମ୍ ମୂଲ୍ୟରେ ବିକ୍ରି ଚାଲିଛି। କେନ୍ଦ୍ର ସରକାର ସ୍ୱାମୀନାଥନ୍ କମିଟି ରିପୋର୍ଟକୁ ଅଣଦେଖାକରି ଧାନର ଏମ୍‌ଏସ୍‌ପି ଦେଢଗୁଣା ବୃଦ୍ଧି କରିବାରେ ବିଫଳ ହୋଇଛନ୍ତି। ବର୍ତ୍ତମାନ ଧାର୍ଯ୍ୟ ହୋଇଥିବା ମୂଲ୍ୟ ଚାଷୀଙ୍କୁ ପ୍ରଦାନ କରାଯାଉନାହିଁ। ଏହାକୁ ନେଇ ଚାଷୀ ଆତ୍ମହତ୍ୟା କରିବା ପାଇଁ ବାଧ୍ୟ ହେଉଛନ୍ତି। ଶହଶହ କୋଟି ଟଙ୍କା ଖର୍ଚ୍ଚ କରି ହକିରେ ମାତିଥିବା ସରକାର ଚାଷୀଙ୍କ ସମସ୍ୟା ନେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ତିତ୍‌ଲି ବାତ୍ୟା ସମୟରେ ହୋଇଥିବା ଫସଲ ହାନୀର ଭରଣା ହେଉ ଅବା ଚାଷୀକୁଳକୁ ସର୍ବସ୍ୱାନ୍ତ କରୁଥିବା ମାଟିଆଗୁଣ୍ଡି ପୋକର ନିଦାନ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ ସରକାର ପାଇଲେ ନାହିଁ। ପ୍ରାଇସ୍, ପ୍ରେଷ୍ଟିଜ୍ ଏବଂ ପେନ୍‌ସନ ଦାବି ନେଇ କୃଷକମାନଙ୍କ ନ୍ୟାଯ୍ୟ ଦାବି ପ୍ରତି ସମ୍ବେଦନହୀନ ସରକାର ଟର୍ମ ଅଫ୍ ରେଫରେନ୍‌ସ ଆଳରେ ଚୁପ୍ ବସିଛନ୍ତି। ବିଧାନସଭାରେ ଚାଷୀଙ୍କ ସମସ୍ୟା ବିଷୟରେ ଆଲୋଚନାକୁ ଡରି ପଳାୟନପନ୍ଥୀ ସରକାର ଧାର୍ଯ୍ୟ ସମୟର ୧୮ଟି କାର୍ଯ୍ୟ ଦିବସ ପୂର୍ବରୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଗୃହକୁ ବନ୍ଦ କରିବା ସରକାରଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇ ଦେଇଛି। ଚାଷୀଙ୍କ ସମସ୍ୟା ନେଇ ତୁରନ୍ତ ପଦକ୍ଷେପ ନିଆ ନ ଗଲେ କଂଗ୍ରେସ ଖୁବ୍‌ଶୀଘ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ତାରା ଚେତାବନୀ ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଏନ୍‌ଡିଏକୁ...

ତେଣୁ ଯେକୌଣସି ଗୃହ ଭିତରେ କିମ୍ବା ବାହାରେ କୌଣସି ପ୍ରସଙ୍ଗ ସରକାରଙ୍କ ଦୃଷ୍ଟିକୁ ଆଣିବାକୁ ଚାହିଁଲେ ତାକୁ ସ୍ୱାଗତ କରାଯିବ। ଜନସାଧାରଣଙ୍କ ସହ ସଂପୃକ୍ତ ପ୍ରସଙ୍ଗଗୁଡିକର ମିଳିତ ସମାଧାନ ଲାଗି ଗଠନମୂଳକ ବାତାବରଣ ସୃଷ୍ଟି କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦି ବିରୋଧୀ ଦଳଗୁଡିକୁ ଅନୁରୋଧ କରିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ନରେନ୍ଦ୍ର ତୋମାର ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ୫୮ ହଜାର କୋଟି ଟଙ୍କାର ରାଫାଲ ଡିଲ୍‌ରେ ଦୁର୍ନୀତି ଅଭିଯୋଗ ହୋଇଥିବାରୁ ଏହାର ତଦନ୍ତ ଲାଗି ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ ନିମନ୍ତେ କଂଗ୍ରେସ ପୁଣି ଥରେ ଚାପ ପକାଇବ ବୋଲି ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦ କହିଛନ୍ତି। ରାଜନୈତିକ ଫାଇଦା ଲାଗି ତଦନ୍ତକାରୀ ସଂସ୍ଥାର ଅପବ୍ୟବହାର କରାଯାଇଥିବା ପ୍ରସଙ୍ଗ ମଧ୍ୟ କଂଗ୍ରେସ ଉଠାଇବ। ସରକାର ଏବଂ ରିଜର୍ଭ ବ୍ୟାଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଏନ୍‌ଡିଏ ଶାସନରେ ଦେଶର ଶୀର୍ଷ ଅନୁଷ୍ଠାନଗୁଡିକର ସ୍ୱାଧୀନତା ଉପରେ ସରକାର ହସ୍ତକ୍ଷେପ କରୁଥିବା ବିରୋଧୀ ଅଭିଯୋଗ କରିଥିଲେ।

ବିଭିନ୍ନ ରାଜ୍ୟରେ ଭୋଟର ତାଲିକାରୁ ବହୁ ଭୋଟରଙ୍କ ନାଁ ଉଭାନ ହୋଇଯାଇଥିବା ପ୍ରସଙ୍ଗ ଉଠାଇ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଇଭିଏମ୍ ପରିବର୍ତ୍ତେ ପେପର ବାଲଟ ବ୍ୟବହାର ଲାଗି ଦାବି କରାଯାଇଥିଲା। ଦିଲ୍ଲୀର ଲକ୍ଷାଧିକ ବଣିଆ ଏବଂ ପୂର୍ବାଞ୍ଚଳୀ ଲୋକଙ୍କ ନାଁ ଭୋଟର ତାଲିକାରେ ନ ଥିବା ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ କହିଥିଲେ। ଇଭିଏମ୍‌ରେ ଜାଲିଆତି ହେଉଥିବା ଅଭିଯୋଗ ଆଣି ଭୋଟଦାନ ପ୍ରକ୍ରିୟାର ସାଧୁତା ଉପରେ ସେ ପ୍ରଶ୍ନ ଉଠାଇଥିଲେ।

୨୦୧୯ ଲୋକ ସଭା ନିର୍ବାଚନରେ ଭାଜପାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ସୋମବାର କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇଥିଲେ। ୫ ରାଜ୍ୟ ବିଧାନସଭା ନିର୍ବାଚନ ଫଳ ଆସିବାର ଅବ୍ୟବହିତ ପୂର୍ବରୁ ଅନୁଷ୍ଠିତ ଏହି ବୈଠକରେ ଏନ୍‌ଡିଏ ବିପକ୍ଷରେ ବିରୋଧୀ ମହାମେଣ୍ଟର ଏକପ୍ରକାରମୂଳଦୁଆ ପଡିଛି। ତେବେ ଏହି ବୈଠକରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି), ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବିଜୁ ଜନତା ଦଳ (ବିଜେଡି) ଯୋଗ ଦେଇ ନ ଥିବା ଜଣାପଡିଛି।

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ଟିଡିପି ଅଧ୍ୟକ୍ଷ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ଅଧ୍ୟକ୍ଷା ମମତା ବାନାର୍ଜୀ, ଡିଏମ୍‌କେ ଅଧ୍ୟକ୍ଷ ଏମ.କେ. ଷ୍ଟାଲିନ୍, ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ନେତା ଏଚ୍.ଡି. ଦେବଗୌଡା, ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ନ୍ୟାସନାଲ କନଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା ଏବଂ ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ, ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ସିପିଆଇ ନେତା ସୁଧାକର ରେଡ୍ଡୀ ଏବଂ ଡି. ରାଜା, ଲୋକତାନ୍ତ୍ରିକ ଜନତା ଦଳ ନେତା ଶରଦ ଯାଦବ ଓ ଝାଡଖଣ୍ଡ ବିକାଶ ମୋର୍ଚ୍ଚାର ବାବୁଲାଲ ମାରାଣ୍ଡି ଉପସ୍ଥିତ ଥିଲେ। ଭାଜପାକୁ ପରାଜିତ କରିବା ଲାଗି ଅଣଭାଜପା ଦଳଗୁଡିକୁ ଏକାଠି କରିବାର ପରବର୍ତ୍ତୀ କାର୍ଯ୍ୟଖସଡା କ'ଣ ରହିବ ବିରୋଧୀଙ୍କ ବୈଠକରେ ତାହା ଉପରେ ଆଲୋଚନା ହୋଇଥିଲା। ପାର୍ଲାମେଣ୍ଟରେ ରାଫାଲ ଡିଲ୍, କୃଷକ ସମସ୍ୟା, ସାମ୍ପ୍ରଦାୟିକ ଭେଦଭାବ ଆଦି ପ୍ରସଙ୍ଗରେ ସରକାରଙ୍କୁ ଘେରିବା ଲାଗି ମଧ୍ୟ ବିରୋଧୀ ଦଳଗୁଡିକ ନିଷ୍ପତ୍ତି ନେଇଥିଲେ। ତେବେ ବିରୋଧୀଙ୍କ ଏହି ମେଳିକୁ ଭାଜପା ଫଟୋ ସେସନ୍ ଲାଗି ସୁଯୋଗ ବୋଲି କହିଛି। ଏନଡିଏ ସରକାରଙ୍କୁ ହଟାଇବା କଥା ଭାବୁଥିବା ଏହି ଦଳଗୁଡିକ ପ୍ରଥମେ ସେମାନଙ୍କର ପ୍ରଧାନମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରନ୍ତୁ ବୋଲି ଭାଜପା ସାଧାରଣ ସମ୍ପାଦକ କୈଳାସ ବିଜୟଭର୍ଗୀୟ ତାଚ୍ଛଲ୍ୟ କରିଛନ୍ତି।

## ୫ ରାଜ୍ୟ...

ବିଧାନସଭାର ମାଓବାଦୀ ପ୍ରଭାବିତ ୧୮ ଆସନରେ ନଭେମ୍ବର ୧୨ରେ ଓ ଅବଶିଷ୍ଟ ୭୨ ଆସନରେ ସେହି ମାସ ୨୦ ତାରିଖରେ ମତଦାନ ହୋଇଥିଲା। ୨୩୦ ସଦସ୍ୟ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ଓ ମିଜୋରାମର ୪୦ ଆସନ ପାଇଁ ନଭେମ୍ବର ୨୮ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେହିପରି ତେଲେଙ୍ଗାନାର ୧୧୯ ଏବଂ ରାଜସ୍ଥାନର ୨୦୦ ଆସନରୁ ୧୯୯ରେ ଡିସେମ୍ବର ୭ରେ ଭୋଟଗ୍ରହଣ କରାଯାଇଥିଲା। ରାଜସ୍ଥାନର ରାମଗଡ଼ ଆସନର ବିଏସ୍‌ପି ପ୍ରାର୍ଥୀଙ୍କ ପରଲୋକ ହେବାରୁ ସେଠାରେ ନିର୍ବାଚନକୁ ସ୍ଥଗିତ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜାତଳା ଉପନିର୍ବାଚନର ବିଜୟୀ ପ୍ରାର୍ଥୀ

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ) ବିଜାତଳା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ରଘୁନାଥ ମାଝୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୪୨୧୨ ଭୋଟ ବ୍ୟବଧାନରେ ହରାଇ ବିଜୟୀ ହୋଇଥିଲେ। ରଘୁନାଥ ବିଜୟୀ ହେବାପରେ ପ୍ରଥମ ଥର ନବୀନ ନିବାସ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ସେ ୨୦୦ରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀଙ୍କ ସହ ସୋମବାର ସକାଳେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଶୀର୍ବାଦ ଗ୍ରହଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଜୟୀ ପ୍ରାର୍ଥୀଙ୍କୁ ଅଭିନନ୍ଦନ ଜଣାଇବା ସହ ଗଣତନ୍ତ୍ରର ଉଚ୍ଚତର ମୂଲ୍ୟବୋଧକୁ ସମ୍ମାନ ଦେଇ ନିଜ ଅଞ୍ଚଳର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି। ଏହାସହ ଲୋକଙ୍କ ସେବା କରିବାକୁ କହିଛନ୍ତି। ସୂଚନାଯୋଗ୍ୟ ସ୍ୱାଧୀନତା ପରଠାରୁ ବିଜାତଳା ଜିଲା ପରିଷଦ ଜୋନ୍ ନଂ.-୩୨ଆସନରୁ କେବେ ବି ତତ୍କାଳୀନ ଜନତା ଦଳ କିମ୍ବା ବର୍ତ୍ତମାନର ବିଜେଡି ପ୍ରାର୍ଥୀ ଜିତିପାରି ନ ଥିଲେ। ଏହି ଆସନଟି ଗତ ୨ଟି ନିର୍ବାଚନରେ ଭାଜପା ଓ ତା'ପୂର୍ବରୁ ଜେଏମ୍‌ଏମ୍ ଦଖଲରେ ରହିଥିଲା। ଗତ ଜିଲା ପରିଷଦ ନିର୍ବାଚନରେ ଭାଜପା ୭ ହଜାର ଭୋଟ ପାଇଥିବା ବେଳେ ଜେଏମ୍‌ଏମ୍ ୫ହଜାର ଓ ବିଜେଡି ୩ ହଜାର ଭୋଟ ପାଇଥିଲା।

# ଜୁଆ ଖେଳିବାକୁ ଟଙ୍କା ନ ଦେବାରୁ ସ୍ତ୍ରୀ ତଣ୍ଟି କାଟି ହତ୍ୟା କଲେ ସ୍ୱାମୀ

ପୁରୀ ଅଫିସ,୧୦।୧୨ ପୁରୀ ଚିତ୍ରକର ସାହିରେ ସୋମବାର ମଧ୍ୟାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଜୁଆ ଖେଳିବାକୁ ଟଙ୍କା ନେବାରୁ ଏକ ଧାରୁଆ ଅସ୍ତ୍ରରେ ସ୍ତ୍ରୀର ତଣ୍ଟି କାଟି ହତ୍ୟା କରିଛନ୍ତି ସ୍ୱାମୀ। ମୃତା ହେଲେ ଲକ୍ଷ୍ମୀପ୍ରିୟା ପ୍ରଧାନ(୩୫)। ଅପରାହ୍ନ ସାଢେ ୩ଟାରେ ଟାଉନଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଲକ୍ଷ୍ମୀପ୍ରିୟାଙ୍କ ବାପା କୃଷ୍ଣଚନ୍ଦ୍ର ରାଉତ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଅନ୍ୟପଟେ ଅଭିଯୁକ୍ତ ଗଦାଧର ପ୍ରଧାନଙ୍କୁ ପୋଲିସ ଚାରିନଳାସ୍ଥିତ ଜେନାସାହିରୁ ଧରି ଥାନାରେ ଅଟକ ରଖିଛି। ମିଳିଥିବା ସୂଚନା ପ୍ରକାରେ କୃଷ୍ଣଚନ୍ଦ୍ରଙ୍କ ଦ୍ୱିତୀୟ ଝିଅ ଲକ୍ଷ୍ମୀପ୍ରିୟା ସଦର ଥାନା ଅନ୍ତର୍ଗତ ଚାରିନଳାସ୍ଥିତ ଜେନାସାହିର ଗଦାଧରଙ୍କୁ ବିବାହ କରିଥିଲେ। ତାଙ୍କର ଏକ ୧୪ ବର୍ଷୀୟା ଝିଅ ଅଛି। ଗଦାଧର ଗତ କିଛି ଦିନ ହେଲା ଜୁଆ ଖେଳି ଲକ୍ଷାଧିକ ଟଙ୍କା ଧାର କରିଥିଲେ। ନିକଟରେ ଦୁଇଟି ବାଇକ୍ ମଧ୍ୟ ବିକ୍ରି କରି ଦେଇଥିଲେ। ଜୁଆ ଖେଳିବା ଲାଗି ଟଙ୍କା ଦେବାକୁ ଗଦାଧର ସବୁବେଳେ ଲକ୍ଷ୍ମୀପ୍ରିୟାଙ୍କୁ ମାରପିଟ୍ କରୁଥିଲେ। ଫଳରେ ଲକ୍ଷ୍ମୀପ୍ରିୟା ଝିଅକୁ ଧରି ଚିତ୍ରକର ସାହିରେ ଭଡାରେ ରହୁଥିବା ବାପାଙ୍କ ଘରକୁ ଚାଲି ଆସିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଲକ୍ଷ୍ମୀପ୍ରିୟା ଏଠାରେ ସ୍ୱୟଂସହାୟିକା ଗୋଷ୍ଠୀରେ ସାମିଲ ହୋଇଥିଲେ। ଋଣ କରି ସିଲେଇ ମେଶିନ ପକାଇ କାମ କରୁଥିଲେ। ଗଦାଧର ଅନେକ ସମୟରେ ମଦ୍ୟପାନ କରି ଶ୍ୱଶୁର ଘରକୁ ଆସି ଲକ୍ଷ୍ମୀପ୍ରିୟାଙ୍କୁ ଟଙ୍କା ମାଗୁଥିଲେ। ଟଙ୍କା ନଦେଲେ ମାରଧର ମଧ୍ୟ କରୁଥିଲେ।

ସୋମବାର ଲକ୍ଷ୍ମୀପ୍ରିୟା ଘରେ ଏକାକୀ ଥିଲେ। ମଧ୍ୟାହ୍ନରେ ଗଦାଧର ମଦ୍ୟପାନ କରି ସେଠାରେ ପହଞ୍ଚି ଜୁଆ ଖେଳିବା ଲାଗି ଟଙ୍କା ମାଗିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଲକ୍ଷ୍ମୀପ୍ରିୟା ଟଙ୍କା ଦେବାକୁ ମନା କରିବାରୁ ଗଦାଧର ଉତ୍‌କ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ତଣ୍ଟି କାଟି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

ପ୍ରଥମ ପୃଷ୍ଠାରୁ...

## ଅଗ୍ନି-୫...

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଉନ୍ନୟନ ପ୍ରତିଷ୍ଠାନ (ଡିଆରଡିଓ) ପକ୍ଷରୁ ଉତ୍‌କ୍ଷେପଣ ହୋଇଥିବା ଏହି କ୍ଷେପଣାସ୍ତ୍ର ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ବହୁଗୁଣରେ ସୁଦୃଢ ଓ ଶକ୍ତିଶାଳୀ କରିପାରିବ ବୋଲି ବୈଜ୍ଞାନିକ ଏବଂ ବିଶେଷଜ୍ଞମାନେ ଆଶାବ୍ୟକ୍ତ କରିଛନ୍ତି। ସୋମବାର ଏହାର ପରୀକ୍ଷଣ ସମୟରେ ପ୍ରତିରକ୍ଷା ବିଶେଷଜ୍ଞଙ୍କ ସମେତ ବହୁ ବୈଜ୍ଞାନିକ ଉପସ୍ଥିତ ଥିଲେ। ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡୋଙ୍କ ଦ୍ୱାରା କ୍ଷେପଣାସ୍ତ୍ର ପରୀକ୍ଷଣ କାର୍ଯ୍ୟକୁ ଅନୁଧ୍ୟାନ କରାଯାଇଥିଲା। ପୂର୍ବରୁ ଅବଦୁଲ କଲାମ ଦ୍ୱୀପରେ ଏହାର ୩ ଥର ସଫଳ ପରୀକ୍ଷଣ ହୋଇସାରିଛି। ଏହାର ଓଜନ ପ୍ରାୟ ୫୦ଟନ, ଲମ୍ବ ୧୭ ମିଟର ଓ ଗୋଲେଇ ୨ ମିଟର। ଏହାର ୩ ଥାକିଆ ଇଞ୍ଜିନ୍ ରହିଛି। କଠିନ ଇନ୍ଧନ ଦ୍ୱାରା ଇଞ୍ଜିନ ପରିଚାଳିତ ହୋଇଥାଏ। ନାଭିଗେଶନ ସିଷ୍ଟମ ଓ ଗ୍ଲୋବାଲ ପୋଜିଶନିଂ ସିଷ୍ଟମ ଦ୍ୱାରା ଏହାର ଗତିବିଧି ଉପରେ ନିରୀକ୍ଷଣ କରାଯାଇଥିଲା।


## Classified



## SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65227

30' road gharabari boundary residential plot at Benupur near Hanspal (100' road side) 7, 80,000/-. 9437033320. D-64373

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-,160/-. 9937746907, 9337259012. D-64382

ଭୁବନେଶ୍ୱର Sudhananda College ପାଖରେ ଏବଂ ବାଲିଅନ୍ତାରେ ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରି ହେବ। 9776811399, 8093465134. D-65093

ଭୁବନେଶ୍ୱର ସୁନ୍ଦରପଦା Xavier University backsideରେ investment ପ୍ଲଟ ମିଳୁଛି। 8338932027. D-64386

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାରି ପାରେ ପ୍ଲଟ ପଟ୍ଟା ବିକ୍ରିହେବ। 9178660666. D-65228

ସୁନ୍ଦରପଦା Hitech ପାଖରେ 100' and 50' Revenue Roadଠାରୁ 2ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619. D-64396

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9437192512, 9437040045. D-9910

Immediate sale 1815 sqft 30" road gharabari boundary residential plot at mouza bhaula near dhauli temple contact: 9861995518. D-63210

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

Bhubaneswar ପଟିଆ KIIT ପାଖରେ 40/30" Road, boundary ସମସ୍ତ ସୁବିଧା ସହିତ ଗୃହୋପଯୋଗୀ plot sqft. 1100/- ବିକ୍ରିହେବ: 8018611122. D-64662

## AFFIDAVIT

I Lokanath Suar, aged about 19 years. S/o Rabi Narayan Supakar, Resident of Mishra Lane, Markandeswar Sahi, P.S.-Baseli Sahi, Po/ Dist-Puri have changed my name to Lokanath Supakar by virtue of an affidavit before Notary Public, Puri on 26th June 2018. I shall be known as Lokanath Supakar for all purposes. D-64025

ପାଠକଙ୍କ ପାଇଁ ସୂଚନା: ଧରିତ୍ରୀରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଇଂ.ଦେବକାନ୍ତ ପତି
ଆବିର୍ଭାବ - ୦୭.୦୭.୧୯୮୩
ତିରୋଧାନ - ୨୨.୧୧.୨୦୧୭
Bhimatangi, HB Colony
Bhubaneswar

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ। ତୁମ୍ଭଙ୍କୁ ପ୍ରଭୁ ଜଗନ୍ନାଥ ଶରଣ ଦେଇ ବ୍ରହ୍ମଲୋକରେ ସ୍ଥାନ ଦିଅନ୍ତୁ। ଶୋକସନ୍ତପ୍ତ ପରିବାର ବର୍ଗ ବାପା, ବୋଉ, ନନା, ଭାଉଜ, ଓମ୍, ମିତା, ଜୟା, କକେଇ, ଖୁଡ଼ୀ, ବଡନନା, ଭାଉଜ, ଶିତୁ, ପସାନନା, ବଡବୋଉ ଓ ପରିବାର ବର୍ଗ।
ଧ-୫୯୯୨୨

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସୁଶୀଳା ପଟ୍ଟନାୟକ
ସ୍ୱାମୀ- ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ
(ଦତ୍ତତୋଟା ପୁରୀ)
ଆବିର୍ଭାବ: ୨୧।୭।୧୯୩୨
ତିରୋଧାନ: ୨୭।୧୧।୨୦୦୩
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ।
ଧ-୬୩୭୪୦


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କେତେକ ଅସମ୍ପୂର୍ଣ୍ଣ କାମକୁ ନେଇ ମାନସିକ ସୁସ୍ଥତାର ଅଭାବ ପରିଲକ୍ଷିତ ହେବ। ଅର୍ଥର ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ତ୍ୱରାନ୍ୱିତ କରିବ। ଆଲୋଚନା ପରିସରରେ ସାମାନ୍ୟ ଭୁଲରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ କିଣାବିକା କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇବେ।

**ବୃଷ** ଉଚ୍ଚକର୍ତ୍ତୃପକ୍ଷଙ୍କ ବାଚନିକ ପ୍ରତିଶ୍ରୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବାରେ ସାହାଯ୍ୟ କରିବ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ଭୁଲ୍ ସକାଶେ ନିଜକୁ ଦାୟୀ ହେବାକୁ ପଡିପାରେ। ପଡୋଶୀଙ୍କ ଜରିଆରେ ଆଶା କରିଥିବା ଦିଗରୁ କୌଣସି ମୂଲ୍ୟବାନ ଜିନିଷ ପ୍ରାପ୍ତି ହେବ। ବନ୍ଧୁଗହଣରେ ଅପ୍ରିୟ ସତ୍ୟ କହି ସମାଲୋଚିତ ହୋଇପାରନ୍ତି।

**ମିଥୁନ** ରବି ଦୁଃସ୍ଥାନଗତ ହେତୁ ପାଖପଡୋଶୀଙ୍କ ଅସହଯୋଗ କେତେକାଂଶରେ କାମପାଇଁ ପ୍ରତିବନ୍ଧକ ସୃଷ୍ଟି କରିବ। କଠିନ ଶ୍ରମ ଓ ଅତ୍ୟଧିକ ଭ୍ରମଣଜନିତ ପୁରାତନ ରୋଗର ପୀଡା କ୍ରମଶଃ ବୃଦ୍ଧି ପାଇପାରେ। କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ବନ୍ଧୁଙ୍କ ପାଖରେ ଅଟକି ରହିଥିବା ବକେୟା ଟଙ୍କାକୁ କେନ୍ଦ୍ରକରି ବଚସା ସୃଷ୍ଟିର ସୂଚନା ରହିଛି।

**କର୍କଟ** ସପ୍ତମ କେନ୍ଦ୍ରରେ ଚନ୍ଦ୍ରଙ୍କ କେତୁ ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ବନ୍ଧୁ ସମ୍ପର୍କ ଓ ପରିବହନାଦି କ୍ଷେତ୍ରରେ ବିବାଦୀୟ ସ୍ଥିତି ସୃଷ୍ଟି କରିବ। କୌଣସି କାମ କରିସାରିବା ପରେ ଭଲମନ୍ଦର ବିଚାର କରି ଅସ୍ଥିରତା ଅନୁଭବ କରିପାରନ୍ତି। କୌଣସି ସମସ୍ୟାର ସମାଧାନ ପାଇଁ ଅନ୍ୟର ସହଯୋଗ ଲୋଡ଼ିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିବେ।

**ସିଂହ** ବୁଧଙ୍କ ସ୍ଥିତି ଆପଣଙ୍କୁ ବନ୍ଧୁଙ୍କ ସହ ଆଲୋଚନା, ପାରିବାରିକ ସ୍ଥିତି ଓ ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ। ଯେକୌଣସି ବିଷୟରେ ସହଯୋଗ ଆଶାକଲେ ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି। ଗତକାଲିର ଯୋଜନା ଠିକ୍ ଭାବେ ବଦଳାଇବା ପାଇଁ କଷ୍ଟକର ହେବ।

**କନ୍ୟା** କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତି ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ଯୋଜନା କରିପାରନ୍ତି। ବୁଦ୍ଧିଜୀବୀ ଗହଣରେ ଆଲୋଚନା କିମ୍ବା ସଭାସମିତିରେ ପାଣ୍ଡିତ୍ୟର ପରିପ୍ରକାଶ ଯୋଗୁ ସୁସମ୍ପର୍କ ସ୍ଥାପିତ ହୋଇପାରେ। ଅର୍ଥନୈତିକ ସ୍ଥିତି, ପାରିବାରିକ ପରିସ୍ଥିତି ଓ ବିବାଦୀୟ ଘଟଣା ସକାଶେ ଚିନ୍ତା କରିବାକୁ ପଡିପାରେ।

**ତୁଳା** ପାରିବାରିକ ଅସୁବିଧା ଦୂର କରିବା ପାଇଁ ବନ୍ଧୁଙ୍କ ସହାଯ୍ୟ,ସହଯୋଗ ପାଇବାକୁ ଯୋଗାଯୋଗ କଲେ ସକାରାତ୍ମକ ଫଳ ପାଇବେ। ବ୍ୟବସାୟ ସାଙ୍ଗକୁ ପ୍ରକାଶନ, ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିବ। ନିକଟ ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା କାର୍ଯ୍ୟକୁ ଭଣ୍ଡୁର କରିଦେଇ ପାରେ।

**ବିଛା** କେତେ ପ୍ରକାରର ଚେଷ୍ଟା ଓ ଉପାୟ ଚିନ୍ତାକଲେ ମଧ୍ୟ କାମଗୁଡିକ ସୁବିଧାରେ ନ ହେବା କାରଣରୁ ମାନସିକ ବ୍ୟଥା ଅନୁଭବ କରିବେ। ମାଲି ମକଦ୍ଦମା, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। କର୍ମକ୍ଷେତ୍ରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବା ସହ ବାଧ୍ୟତାମୂଳକ ସରକାରୀ କାମରେ ଯାତ୍ରା ବ୍ୟଥିତ କରାଇପାରେ।

**ଧନୁ** ଯୋଜନାକୁ ବାସ୍ତବରୂପ ଦେବାରେ ସମର୍ଥ ହେବାଜନିତ ମାନସିକ ପ୍ରଫୁଲ୍ଲତା ଅନୁଭବ କରିବେ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ କିନ୍ତୁ ଏଥିପାଇଁ ବହୁତ ଝିନ୍‌ଝଟ୍ ହେବାକୁ ପଡିବ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** ବିକ୍ଷିପ୍ତମନ ଓ କର୍ମଜଞ୍ଜାଳ ବୃଦ୍ଧିଜନିତ ମାନସିକ ସ୍ଥିତି ଭଲ ରହି ନ ପାରେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ନାହିଁ। ପରୋକ୍ଷ ଶତ୍ରୁତା କାରଣରୁ ଅଫିସିଆଲି କାମରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କଲେ ଅବଶ୍ୟ ଉପକୃତ ହୋଇପାରିବେ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ବ୍ୟବସାୟ କିମ୍ବା ପରିବହନ କ୍ଷେତ୍ରରେ ସମସ୍ୟା ସମାଧନ କରି ଏକପ୍ରକାର ଆତ୍ମସନ୍ତୋଷ ଲାଭକରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ଦୁଶ୍ଚିନ୍ତା ବୃଦ୍ଧି କରିବ।

**ମୀନ** ପ୍ରତ୍ୟେକ କ୍ଷେତ୍ରରେ ପିଠି ଥାପୁଡ଼େଇ କାମ ହାସଲ କରୁଥିଲେ ମଧ୍ୟ ଆଜି ତାହା କାମକୁ ଆସିବ ନାହିଁ। ଦୀର୍ଘ ଦିନରୁ ଦେହରେ ବସା କରିରହିଥିବା ପୁରାତନ ରୋଗର ପୀଡା ଅନୁଭବ ହୋଇପାରେ। ଅନ୍ୟ କଥାକୁ ସତ ମନେକରି ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

ଆଜି ମାର୍ଗଶିର ଶୁକ୍ଳ ଚତୁର୍ଥୀ ମଙ୍ଗଳବାର, ଡିସେମ୍ବର ୧୧ ତାରିଖ, ୟୁନିସେଫ୍ ଦିବସ, ଅନ୍ତର୍ଜାତୀୟ ପର୍ବତ ଦିବସ, ରାଶି, ନକ୍ଷତ୍ର-ଦିବା ଘ୧।୫୪ମି.ଗତେ, ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର,ମକର ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୦୯।୦୦ମି. ଗତେ ଘ୧୦।୨୦ମି. ମଧ୍ୟେ, ଘ୧୧।୪୧ମି. ଗତେ ଘ୧।୦୨ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୨୦ମି. ଗତେ ଘ୧୧।୪୧ମି. ମଧ୍ୟେ, ଘ୨।୨୨ମି. ଗତେ ଘ୩।୪୩ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ୨।୨୨ମି. ଗତେ ଘ୩।୪୪ମି. ମଧ୍ୟେ ରାହୁ କାଳ।



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ




**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।




## ସେଲ୍ଫି କର୍ନର



@ ନିକୁ



@ ଆୟୁଷ



@ ପାସିଫିକ୍



@ ଆଶିଷ



@ ଦୀପକ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

■ଅଶ୍ୱିନୀ ପୂଜାହାରୀଙ୍କ ସପକ୍ଷରେ ଜନସାଧାରଣ

# ୧୨ ଘଣ୍ଟା ବୁର୍ଲା ବନ୍ଦ, ସମ୍ବଲପୁରରେ ରାସ୍ତାରୋକୋ

ସମ୍ବଲପୁର,୧୦।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ର ଛୁଟିରେ ଯାଇଥିବା ନିର୍ଦ୍ଦେଶକ ଅଶ୍ୱିନୀ ପୂଜାହାରୀ ଓ କନିଷ୍ଠ ଡାକ୍ତରଙ୍କ ମଧ୍ୟରେ ରହିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡିଛି। ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶରେ ସେ ଛୁଟିରେ ଯାଇଛନ୍ତି। ତାଙ୍କ ସ୍ଥାନରେ ପ୍ରଫେସର ପ୍ରକାଶ ମହାପାତ୍ର ଅସ୍ଥାୟୀ ଭାବେ ନିର୍ଦ୍ଦେଶକ ଦାୟିତ୍ୱ ସମ୍ଭାଳିଛନ୍ତି। କନିଷ୍ଠ ଡାକ୍ତରମାନେ ମଧ୍ୟ କାମରେ ଯୋଗ ଦେଇଛନ୍ତି। ହେଲେ ପୂଜାହାରୀଙ୍କ ସପକ୍ଷରେ ବୁର୍ଲା ସଚେତନ ନାଗରିକ ମଞ୍ଚର ଆନ୍ଦୋଳନ ଶେଷ ହୋଇନାହିଁ। ମଞ୍ଚ କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ଲୋକେ ପୂଜାହାରୀଙ୍କୁ ସମର୍ଥନ କରି ସୋମବାର ୧୨ଘଣ୍ଟା ବୁର୍ଲା ବନ୍ଦ ଡାକରା ଦେଇଥିଲେ। ତାଙ୍କ ଛୁଟି ନିର୍ଦ୍ଦେଶକୁ ବାତିଲ କରାଯାଉ। କାର୍ଯ୍ୟକାଳ ଯାଏ ନିଯୁକ୍ତି ଦିଆଯାଉ। ଏହି ଦାବିରେ ସଚେତନ ନାଗରିକ ମଞ୍ଚ ବୁର୍ଲା ବନ୍ଦ କରି ତାଙ୍କ ଉପରେ ହୋଇଥିବା ଏକପାଖିଆ ପଦକ୍ଷେପକୁ ପ୍ରତିବାଦ କରିଛି । ସକାଳ ୬ଟାରୁ ଆନ୍ଦୋଳନକାରୀ ପିକେଟିଂ କରି ସରକାରୀ ଅଫିସ, ସ୍କୁଲ, କଲେଜ, ଏମ୍‌ସିଏଲ୍, ବିଶ୍ୱବିଦ୍ୟାଳୟ ଓ ଘରୋଇ ଶିକ୍ଷା ଅନୁଷ୍ଠାନଗୁଡିକ ବନ୍ଦ କରିଥିଲେ। ବନ୍ଦ ପ୍ରଭାବରେ ଦୋକାନ ବଜାର ବନ୍ଦ ରହିଥିଲା। ଦିନ ତମାମ ରାସ୍ତାଘାଟ ଶୁନ୍‌ଶାନ୍ ରହିଥିଲା। ଏମ୍‌ସିଏଲ୍ ଅଫିସ ସମ୍ମୁଖରେ ଆନ୍ଦୋଳନକାରୀ ରାସ୍ତାରୋକୋ କରିଥିଲେ । କେବଳ ଆମ୍ବୁଲାନ୍ସ ଓ ରୋଗୀ ଥିବା ଗାଡିଗୁଡିକ ଯିବା ଆସିବା କରୁଥିଲା। ରୋଗୀଙ୍କ ସମ୍ପର୍କୀୟ ଆସୁଥିବା ଗାଡିଗୁଡିକ ଅଟକାଇ ସେମାନଙ୍କୁ ଅଟୋ ସାହାଯ୍ୟରେ ମେଡିକାଲ ନେବା ଆଣିବା ବ୍ୟବସ୍ଥା କରାଯାଇଥିଲା। ଲକ୍ଷ୍ମୀନାରାୟଣ ମହାନ୍ତି, ନାରାୟଣ ପତି, ପଙ୍କଜ ବେହେରା, ସୁନା ମେହେର, ଭୁବନ ବିଶ୍ୱାଳ, ଶିବ ଦେଲଇ, ନାରାୟଣ ସୁନା, ସଞ୍ଜୀବ ଶର୍ମା, ସୁଶୀଲ ବନଛୋର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

**ରୋଗୀଙ୍କୁ ନର୍ସିଂହୋମ୍‌କୁ ନେବାକୁ କହିଲେ ଡାକ୍ତର :** ବୁର୍ଲା ଭିମ୍‌ସାରରୁ ବରଗଡର ଏକ ଘରୋଇ ନର୍ସିଂହୋମକୁ ଯିବାଲାଗି କହିଛନ୍ତି ଜଣେ ଡାକ୍ତର । ସୁନ୍ଦରଗଡ ଜିଲା ପଞ୍ଚକିରାରୁ ଆସିଥିବା ଜଣେ ରୋଗୀଙ୍କ ସମ୍ପର୍କୀୟଙ୍କୁ ଡାକ୍ତର ଏହା କହିଛନ୍ତି। ସୋସିଆଲ ମିଡିଆରେ ଏହା ଭାଇରାଲ ହେଉଛି । ରୋଗୀଙ୍କ ସମ୍ପର୍କୀୟ ମହିଳା ଜଣକ କହୁଛନ୍ତି ଯେ ରୋଗୀଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ବୁର୍ଲା ମେଡିକାଲରେ ଚିକିତ୍ସା କରିବାକୁ ଆସିଥିଲେ। ହେଲେ ଡାକ୍ତରମାନେ ଚିକିତ୍ସା କରିବାକୁ ମନା କରିଦେଲେ। ରେଗୀକୁ ବଞ୍ଚେଇ ହେବ ନାହିଁ। ବରଗଡର ଏକ ନର୍ସିଂହୋମ୍‌କୁ ନେଇଯାଅ ବୋଲି ଡାକ୍ତର କହିଥିଲେ।

**ଷଡ଼ଯନ୍ତ୍ର ହୋଇଛି, ଆନ୍ଦୋଳନ ତୀବ୍ରତର କରିବାକୁ ଚେତାବନୀ :** ଭାଜପା ଯୁବମୋର୍ଚ୍ଚା ମଧ୍ୟ ପୂଜାହାରୀଙ୍କ ସପକ୍ଷରେ ସୋମବାର ସମ୍ବଲପୁର ବିର୍ସାମୁଣ୍ଡା ଛକରେ ରାସ୍ତା ଅବରୋଧ କରିଥିଲା। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପିକେଟିଂ କରି ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ସମ୍ବଲପୁର-ବରଗଡ, ସମ୍ବଲପୁର-ଦେବଗଡ ଜାତୀୟ ରାଜପଥ ଓ ସମ୍ବଲପୁର-ରାଉରକେଲା ୧୦ନଂ. ରାଜ୍ୟ ରାଜପଥ (ବିଜୁ ଏକ୍ସପ୍ରେସ)ର ଉଭୟ ପାର୍ଶ୍ୱରେ ଗାଡିମୋଟର ଅଟକି ରହିଥିଲା। ଆନ୍ଦୋଳନକାରୀ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଉଭୟ ବୁର୍ଲା ବନ୍ଦ ଓ ସମ୍ବଲପୁରରେ ରାସ୍ତା ଅବରୋଧ ଯୋଗୁ ସାଧାରଣ ଲୋକେ ହଇରାଣ ହରକତ ହୋଇଥିଲେ। ପୂଜାହାରୀଙ୍କୁ ଷଡଯନ୍ତ୍ର କରି ଛୁଟି ଦିଆଯାଇଛି। ଏହା ପଶ୍ଚିମ ଓଡ଼ିଶା ଓ ସମ୍ବଲପୁର ଲାଗି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ। ରାଜ୍ୟ ସରକାର ୧୦ଦିନ ମଧ୍ୟରେ ବିନା କୌଣସି ସର୍ତ୍ତରେ ତାଙ୍କ ଛୁଟି ବାତିଲ କରି ପୁଣି ନିଯୁକ୍ତି ଦିଅନ୍ତୁ। ନଚେତ ଆନ୍ଦୋଳନ ଉଗ୍ର ରୂପ ନେବ। ସେଥିପାଇଁ ରାଜ୍ୟସରକାର ଦାୟୀ ରହିବେ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ଯୁବମୋର୍ଚ୍ଚାର କାହ୍ନୁରାମ ଶର୍ମା, ଅଶ୍ୱିନୀ ମାଝି, ସୌମିତ୍ର ଜ୍ୟୋତି, ରୂପେଶ କୁଅଁର, ସରୋଜ ଘଡେଇ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ପୂର୍ବତନ ନଗରପାଳ ଗିରିଶ ପଟେଲ, ପୂର୍ବତନ ଭାଜପା ଜିଲା ସଭାପତି ନାଉରୀ ନାୟକ, ସାଧାରଣ ସମ୍ପାଦକ ଅନିଲ ବେହେରା, ସନ୍ତୋଷ ଡାଲୁଆ, ମହିଳା ମୋର୍ଚ୍ଚାର ସୁଜାତା ଗୁରୁ, ଅନ୍ନପୂର୍ଣ୍ଣା ବାରିକ, ଅଞ୍ଜଳି ଛୁରା, ରୁନୁ ପ୍ରଧାନ, ଧନକଉଡା ବ୍ଲକ ଅଧ୍ୟକ୍ଷା ସୀତା ଛୁରିଆ, ଉପାଧ୍ୟକ୍ଷା ସୁଷମା ସାହୁ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପ୍ରଧାନ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ ।





ସୋମବାର ସମ୍ବଲପୁର ବିର୍ସା ମୁଣ୍ଡା ଛକରେ ଆନ୍ଦୋଳନକାରୀ ଯାନବାହନ ଅଟକାଇ ପିକେଟିଂ କରୁଛନ୍ତି (ବାମ)। ବୁର୍ଲା ବନ୍ଦରେ ପିକେଟିଂ କରୁଥିବା ସଦସ୍ୟ ।

# ବେଦବ୍ୟାସ ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟ୍

ରାଉରକେଲା ଅଫିସ/ ବେଦବ୍ୟାସ(ଡି.ଏନ.ଏ.)୧୦।୧୨

■ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ

■ଚୋରି ଅର୍ଥ ବେଶି ନୁହେଁ କହିଲେ ଟ୍ରଷ୍ଟ ବୋର୍ଡ ସମ୍ପାଦକ

ପ୍ରସିଦ୍ଧ ଶୈବ ପୀଠ ବେଦବ୍ୟାସ ମନ୍ଦିର ହୁଣ୍ଡି ଭାଙ୍ଗି ଗତ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଦାନ ଅର୍ଥ ଲୁଟି ନେଇଛନ୍ତି । ରବିବାର ଟ୍ରଷ୍ଟ ବୋର୍ଡ କର୍ମକର୍ତ୍ତା ବ୍ରାହ୍ମଣୀତରଙ୍ଗ ଥାନାରେ ଏ ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତନାଘନା ଚଳାଇଛି । ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପୋଲିସ କାହାକୁ ଗିରଫ କରିପାରିନାହିଁ କି ଚୋରି ଟଙ୍କା ଉଦ୍ଧାର କରି ପାରିନାହିଁ।

ମିଳିଥିବା ସୂଚନା ଅନୁଯାୟୀ, ବାବା ବାଲୁଙ୍କେଶ୍ୱର ଓ ଚନ୍ଦ୍ରଶେଖର ମନ୍ଦିର ସମେତ ବ୍ୟାସ ଗୁମ୍ଫା, ସଂକୀର୍ତ୍ତନ ସ୍ଥଳରେ ରହିଥିବା ଦାନପାତ୍ର ଭଙ୍ଗାଯାଇଛି। ଏଥିରୁ ଦାନ ଅର୍ଥ ଲୁଟିନେବା ପରେ ଭଙ୍ଗା ବାକ୍ସ ଛାଡି ଚାଲି ଯାଇଛନ୍ତି ଦୁର୍ବୃତ୍ତ। କେତେ ପରିମାଣର ଦାନ ଅର୍ଥ ଚୋରି ହୋଇଯାଇଛି ସେ ନେଇ ଟ୍ରଷ୍ଟ ବୋର୍ଡ ସମ୍ପାଦକ ଅନୁପମ ରାୟ ଠିକ ଭାବେ କିଛି କହି ପାରୁ ନାହାଁନ୍ତି। ଅପରପକ୍ଷେ ରାୟ କହିଛନ୍ତି, ଗତ ୨ ଦିନ ପୂର୍ବରୁ ଦାନ ବାକ୍ସ ଖୋଲାଯାଇ ଜମା ଅର୍ଥ ବାହାର କରାଯାଇଥିଲା। ଏଣୁ ଅଧିକ ଅର୍ଥ ଲୁଟ ହୋଇ ନ ଥିବ ବୋଲି ମୋର ଅନୁମାନ। ତେବେ ସୁରକ୍ଷା ଅଭାବରୁ ବେଦବ୍ୟାସ ମନ୍ଦିରକୁ ଦୁର୍ବୃତ୍ତମାନେ ସହଜରେ ପ୍ରବେଶ କରିଥିବା ଅନୁମାନ କରାଯାଉଛି। ଜଣେ ମାତ୍ର ସୁରକ୍ଷା କର୍ମୀ ମନ୍ଦିର ବେଢା ଜଗି ରହୁଥିବା ବେଳେ ଏହା ସୁରକ୍ଷା ଦୃଷ୍ଟିରୁ ପର୍ଯ୍ୟାପ୍ତ ନୁହେଁ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ଗତ ୨ ବର୍ଷ ହେବ ମନ୍ଦିର ପରିସରରେ ଲଗାଯାଇଥିବା ଲାଇଟ ମଧ୍ୟରୁ ଅଧିକାଂଶ ଅଚଳ ପଡିଛି। ଏହାକୁ ମରାମତି କରାଯାଉନି। ରାତିରେ ମନ୍ଦିର ପରିସର ଅନ୍ଧାର ରହୁଥିବା ଅଭିଯୋଗ ହୋଇଛି। ଏନେଇ ଟ୍ରଷ୍ଟ ସମ୍ପାଦକ ରାୟ କହିଛନ୍ତି, ଏଭଳି ଅଭିଯୋଗ ସତ୍ୟ ନୁହେଁ। ସୁରକ୍ଷା ବ୍ୟବସ୍ଥା ନେଇ ଆମେ ଜିଲା ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛୁ। ଖୁବ ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ।




# କର୍ଲାମୁଣ୍ଡା ଏସ୍‌ବିଆଇ ଶାଖାରୁ ୭୩ ହଜାର ଟଙ୍କା ଲୁଟ୍

କର୍ଲାମୁଣ୍ଡା,୧୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରୁ ବଡ ଧରଣର ଡକାୟତି ହୋଇଛି। ରବିବାର ବ୍ୟାଙ୍କ ଛୁଟି ଥିବା ବେଳେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୭୩ ହଜାର ଟଙ୍କା ଲୁଟ କରିଥିବା ଜଣାପଡ଼ିଛି। ସୋମବାର ସକାଳ ୯ଟା ୪୫ ମିନିଟରେ ବ୍ୟାଙ୍କ କର୍ମଚାରୀମାନେ ବ୍ୟାଙ୍କ ଭିତରକୁ ପଶିବା ପରେ ଡକାୟତି ହୋଇଥିବା ଜାଣିବାକୁ ପାଇଥିଲେ। ଶାଖା ପରିଚାଳକ ପାରସନାଥ ପାଣିଗ୍ରାହୀଙ୍କ ସୂଚନା ମୁତାବକ ଡକାୟତିମାନେ ଷ୍ଟ୍ରଙ୍ଗ ରୁମ୍ ଟେବୁଲ ଡ୍ରୟରରୁ କେବଳ ୭୩ ହଜାର ଟଙ୍କା ସହିତ ସିସି କ୍ୟାମେରାର ହାର୍ଡଡିସ୍କକୁ ନେଇ ଥିବା ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ କେସିଙ୍ଗା ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ମ.ରାମପୁର ଥାନା ଅଧିକାରିଣୀ ରେଣୁକା ସୁନା, କର୍ଲାମୁଣ୍ଡା ଫାଣ୍ଡି ସବ୍‌ଇନିସପେକ୍ଟର ଅଧିଶଚନ୍ଦ୍ର ବିଶ୍ୱାସ ପହଞ୍ଚି ସନ୍ଧାନୀ କୁକୁର ସହିତ ଘଟଣାର ତଦନ୍ତ ଚଳାଇଛନ୍ତି । ଖବର ଲେଖା ସମୟ ପର୍ଯ୍ୟନ୍ତ ପୋଲିସ କୌଣସି ସୁରାକ ପାଇ ନ ଥିବା ଜଣାପଡିଛି। ଏ ନେଇ ମ.ରାମପୁର ଥାନାରେ ଏକ ମାମଲା (ନଂ. ୨୦୩/୧୮) ରୁଜୁ ହୋଇଛି ।


**NOTICE**

**I Sri Sanjeev Kumar Mahapatra, S/o Sri Chittaranjan Mahapatra**, resident of Sason, Sambalpur declare that I have created mortgage on the basis of laminated original title deeds, over the properties situated at Mouza- Ajitpur Sason, Sambalpur, over Khata No-113/15, Plot no-5 & 6, total Area: Ac.1.16 dec, with State Bank of India, SME Branch, Sambalpur (Code No-09724) for the loan facilities availed from the said branch. In case any party has any claim towards the said relevant properties, the same is to be lodged with me and also with the said stated branch of State Bank of India, within 15 days from publication of this notice.


■ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ବୌଦ୍ଧ ଓକିଲ ସଂଘର ୫ଦିନିଆ କାର୍ଯ୍ୟବନ୍ଦ

ବୌଦ୍ଧ,୧୦।୧୨(ସ୍ୱ.ପ୍ର.)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ ନିର୍ବାଚନ ପୂର୍ବରୁ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ବୌଦ୍ଧ ଜିଲା ଓକିଲ ସଂଘ ଓ ସିଭିଲ ଆଣ୍ଡ କ୍ରିମିନାଲ ବାର୍ ଏହି ଦାବିକୁ ସମର୍ଥନ ଜଣାଇ ସୋମବାରଠାରୁ ୫ଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛି। ସୋମବାର ସକାଳେ ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ ସଭାପତି ନବକୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ବସି ଏହି ନିଷ୍ପତ୍ତି ନିଆଯିବା ସହ କାର୍ଯ୍ୟବନ୍ଦ ଆରମ୍ଭ କରାଯାଇଛି। ପଶ୍ଚିମ ଓଡ଼ିଶାର ଅନେକ ଜିଲାର ଓକିଲ ସଂଘ ସେହି ଜିଲାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି କରୁଥିବାରୁ ଏହି ପ୍ରସଙ୍ଗରୁ ଦୂରେଇବା ରାଜ୍ୟ ସରକାରଙ୍କ ପାଇଁ ସୁବିଧାଜନକ ପରିସ୍ଥିତି ସୃଷ୍ଟି କରିଛି। ତେବେ ବୌଦ୍ଧ ଓକିଲ ସଂଘ ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବା ନେଇ ଓକିଲଙ୍କ ଦାବିକୁ ସମର୍ଥନ ଘୋଷଣା କରିଛି। ତେଣୁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ପ୍ରସଙ୍ଗରେ ନିକଟରେ ବରଗଡ଼ ଓ ବୀରମହାରାଜପୁରଠାରେ ହେବାକୁ ଥିବା ବୈଠକରେ ବୌଦ୍ଧ ଜିଲା ଓକିଲ ସଂଘ ସଦସ୍ୟ ସାମିଲ ହେବାକୁ ନିଷ୍ପତ୍ତି ନେଇଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟ ସ୍ଥାପନର ସ୍ଥାନ ନିରୂପଣ ନେଇ କନ୍ଦଳ ଲାଗି ରହିଥିବାରୁ ଆଜିପର୍ଯ୍ୟନ୍ତ ଏହି ନିଷ୍ପତ୍ତି ସରକାରୀ ସ୍ତରରେ ଝୁଲି ରହିଛି। ତେଣୁ ହାଇକୋର୍ଟ ବେଞ୍ଚ ପ୍ରସଙ୍ଗରେ ବୌଦ୍ଧ ଓକିଲ ସଂଘର ନିଷ୍ପତ୍ତି ପଶ୍ଚିମ ଓଡ଼ିଶାର ଅନ୍ୟ ଜିଲା ଓକିଲ ସଂଘଗୁଡ଼ିକ ପାଇଁ ପ୍ରେରଣା ସୃଷ୍ଟି କରିପାରିଲେ ଏହି ନ୍ୟାଯ୍ୟ ଦାବି ହାସଲ କରିବା ସମ୍ଭବ ହୋଇପାରିବ ବୋଲି ମତ ପ୍ରକାଶ ପାଉଛି। ବୈଠକରେ ଓକିଲ ସଂଘ ସମ୍ପାଦକ ଅଶୋକ କୁମାର ମିଶ୍ରଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

# ଟ୍ରାକ୍ଟର ଚାପାରେ ମହିଳାଙ୍କ ମୃତ୍ୟୁ

ନୂଆଗାଁ,୧୦।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ମଧୁପୁର ଗ୍ରାମ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୫ଟାରେ ଏକ ଟ୍ରାକ୍ଟର ଚାପାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ବିଶ୍ରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ନୂଆଗାଁ ବ୍ଲକ ବଡ଼ଯୋଜନା ଗ୍ରାମ ଚିକଟୋଲି ଅଞ୍ଚଳର ପୁଷ୍ପା କାଣ୍ଡୁଲାନା (୩୦) ସୋମବାର ତାଙ୍କ ବସ୍ତିର ଜଣେ ସମ୍ପର୍କୀୟଙ୍କ ସହ କୌଣସି କାମରେ ବାଇକ୍‌ରେ ଝିରିପାଣି ଯାଇଥିଲେ। କାମସାରି ଫେରୁଥିବା ସମୟରେ ମଧୁପୁର ନିକଟରେ ତାଙ୍କ ବାଇକ୍‌କୁ ଅନ୍ୟ ଏକ ବାଇକ୍ ପଛପଟୁ ଧକ୍କା ଦେଇଥିଲା। ଫଳରେ ପୁଷ୍ପା ବାଇକ୍‌ରୁ ଛିଟିକି ପଡ଼ିଥିଲେ। ଏହି ସମୟରେ ପଛ ପଟୁ ଦ୍ରୁତଗତିରେ ଆସୁଥିବା ଟ୍ରାକ୍ଟର ପୁଷ୍ପାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଟ୍ରାକ୍ଟର ସହ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ପୁଷ୍ପାଙ୍କ ସ୍ୱାମୀ ଅନୀଲ ଦାଦନ ଖଟିବାକୁ ଗୁଜରାଟ ଯାଇଥିବାବେଳେ ତାଙ୍କର ଛୋଟ ଛୋଟ ତିନି ସନ୍ତାନ ରହିଛନ୍ତି।

# ଚାକିରି ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଠକେଇ

ବଡ଼ଗାଁ,୧୦।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମ ସେଣ୍ଟ୍ରାଲ ମଡେଲ ସ୍କୁଲରେ ନିଯୁକ୍ତି ଓ ଟ୍ରେନିଂ କରାଇଦେବାକୁ ପ୍ରଲୋଭନ ଦେଖାଇ ଜଣେ ବ୍ୟକ୍ତି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିନେଇ ଫେରାର ହୋଇଯାଇଥିବା ବେଳେ ଜଣେ ଯୁବତୀଙ୍କୁ ଚାକିରୀ ଦେବାକୁ କହି ୨୨ ହଜାର ଟଙ୍କା ଠକି ନିଆଯାଇଥିବା ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଗତ ଜୁନ ମାସରେ ଏକମା ନିକଟ ଭାଲୁମୁଣ୍ଡା ଗ୍ରାମର ଆରତୀ ଲାକ୍ରାଙ୍କ ନିକଟକୁ କେହି ଜଣେ ବ୍ୟକ୍ତି ଫୋନ କରିଥିଲେ। ମୁଁ ଅମିତ କହୁଛି। ତୁ ଜବ୍ କରିବୁ କି ବୋଲି ପ୍ରଶ୍ନ କରିଥିଲେ। ଆରତୀ ତାଙ୍କ ସାଙ୍ଗ ଅମିତ କହୁଛି ବୋଲି ଭାବି ହଁ କହିଥିଲେ। ଏଲ୍‌ଆଣ୍ଡଟି କାଂଶବାହାଲରେ ଚାକିରି ହୋଇଯିବ। ଏଥିପାଇଁ ଟଙ୍କା ଲାଗିବ। କାଂଶବାହାଲ ଆସି ଜଣେ ବ୍ୟକ୍ତିଙ୍କୁ ଟଙ୍କା ଦେବାକୁ ଫୋନ୍ କରିଥିବା ବ୍ୟକ୍ତି ଜଣକ କହିଥିଲେ। ସେହି ଅନୁସାରେ ଆରତୀ କାଂଶବାହାଲ ଯାଇ ୩ଟି ପର୍ଯ୍ୟାୟରେ ୨୨ ହଜାର ଟଙ୍କା ଦେଇଥିଲେ। ତେବେ ଗତ ସପ୍ତାହ ସାଙ୍ଗ ଅମିତଙ୍କ ସହ ସାକ୍ଷାତ ହେଲା ବେଳେ ସେ ଠକାମୀରେ ପଡ଼ିଥିବା ଜାଣି ପାରିଥିଲେ। ଆରତୀଙ୍କ ପାଖକୁ ଯେଉଁ ନମ୍ବରରୁ ଫୋନ ଆସିଥିଲା ତାହା ବଡ଼ଗାଁ ଥାନା ଅଞ୍ଚଳର ଜଣେ ଯୁବକଙ୍କର ବୋଲି ଜଣାପଡ଼ିଥିବା ସେ କହିଛନ୍ତି।




**ପୂର୍ବ ତଟ ରେଳପଥ**

**କଣ୍ଟାବାଞ୍ଜି ଏବଂ ମୁରିବାହାଲ ଷ୍ଟେସନ ମଧ୍ୟରେ ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗ୍‌କୁ ବନ୍ଦ କରିବା ସମ୍ପର୍କିତ ସାର୍ବଜନିକ ଅଧିସୂଚନା**

ନିମ୍ନଲିଖିତ ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗ୍ ଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ର ନିର୍ମାଣ କରାଯିବା ହେତୁ ସଡ଼କ ବ୍ୟବହାରକାରୀମାନଙ୍କ ନିମନ୍ତେ ନିମ୍ନଲିଖିତ 'SPECIAL' ଶ୍ରେଣୀ ପ୍ରହରୀ ବିହୀନ ଲେଭେଲ୍ କ୍ରସିଙ୍ଗ୍‌କୁ ସଡ଼କ ଯାତାୟାତ ନିମନ୍ତେ ସ୍ଥାୟୀ ରୂପେ ବନ୍ଦ କରିଦିଆଯିବ ।

ତେଣୁ ତା **16.12.2018** ରିଖ ଠାରୁ ନିମ୍ନ ବର୍ଣ୍ଣିତ ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗ୍‌କୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ବନ୍ଦ କରିଦିଆଯିବ ।

| କ୍ର. ନଂ. | ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ୍ କ୍ରସିଙ୍ଗ ସଂଖ୍ୟା | ଲେଭେଲ୍ କ୍ରସିଙ୍ଗର ରେଳ କିଲୋମିଟର |
|---|---|---|---|---|
| 01 | ରାୟପୁର-ଟିଟିଲାଗଡ଼ | କଣ୍ଟାବାଞ୍ଜି-ମୁରିବାହାଲ | RV-123 | 170/3-4 |

ପତ୍ର ସଂ. 1293/G&M, ତା 21.06.2014 ରିଖ ଦ୍ୱାରା କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ବଲାଙ୍ଗୀର ତାଙ୍କର ଅନୁମତି ପ୍ରଦାନ କରିସାରିଛନ୍ତି ।

PR-400/J/18-19 ମଣ୍ଡଳ ଯନ୍ତ୍ରୀ (ପଶ୍ଚିମ) / ସମ୍ବଲପୁର



CLASSIFIED DISPLAY




TATOO REMOVAL

LASER & COSMETIC SURGERY CLINIC
ASHWINI HOSPITAL
SEC.-1, CDA, CUTTACK,

FOR ALL YOUR QUERIES : 9238008828

TRISAKHA GREEN
(FARM HOUSE PLOTS)
On Bhubaneswar-Puri Road Near Mangalpur NH 316

- Well Developed Homestead Plot.
- For Future Investment Purpose.
- Entire Project is Electrifield.
- Bank Finance is also available.
- Reasonable Price.
- First Possession then Registration.

Rs. 190/- Per Sq. ft

Mob: 7326837199, 9861747353

# ଆସ୍ଥା ତୁଟୁଛି

ସାଧାରଣ ନିର୍ବାଚନ ପ୍ରାୟ ୫ ମାସ ଥିବାବେଳେ ଏବେଠାରୁ ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଲାଣି। କେନ୍ଦ୍ରର ନରେନ୍ଦ୍ର ମୋଦିଙ୍କ ସରକାରକୁ ଟକ୍କରଦେବା ଲାଗି ବିରୋଧୀ ଦଳଗୁଡ଼ିକ ଡିସେମ୍ବର ୧୦ରେ ନୂଆଦିଲ୍ଲୀଠାରେ ଏକତ୍ରିତ ହୋଇଛନ୍ତି। ବିଜୁ ଜନତା ଦଳ (ବିଜେଡି), ସମାଜବାଦୀ ପାର୍ଟି(ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି)କୁ ଛାଡ଼ିଦେଲେ ଟିଡିପି ମୁଖ୍ୟ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ନେତୃତ୍ୱରେ ଅନ୍ୟାନ୍ୟ ବିରୋଧୀ ଦଳଗୁଡ଼ିକ ଶୀତକାଳୀନ ଅଧିବେଶନର ଅବ୍ୟବହିତ ପୂର୍ବରୁ ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି। ଏଭଳି ସମୟରେ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆର୍‌ଏଲ୍‌ଏସ୍‌ପି) ସଭାପତି ଉପେନ୍ଦ୍ର କୁଶ୍‌ୱାହା ମୋଦି ସରକାରଙ୍କ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବା ଭାଜପା ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ମୋଦି ସରକାର ତାଙ୍କୁ ଧୋକାଦେବା ସହ ଜନସାଧାରଣଙ୍କ ଆକାଂକ୍ଷା ପୂରଣ କରିବାରେ ଅସମର୍ଥ ହେବାରୁ ଇସ୍ତଫା ଦେବାକୁ ବାଧ ହେଲେ ବୋଲି କୁଶ୍‌ୱାହା ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ବିଶେଷଜ୍ଞଙ୍କ ମତରେ କୁଶ୍‌ୱାହାଙ୍କ ଆର୍‌ଏଲ୍‌ଏସ୍‌ପି ଓ ଭାଜପା ମଧ୍ୟରେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆସନ ବୁଝାମଣାରେ ସମସ୍ୟା ଦେଖାଦେବାରୁ ସେ ଇସ୍ତଫା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବିହାରରେ ୪୦ ଲୋକ ସଭା ଆସନରୁ ଭାଜପା କେବଳ ୨ଟି ଆସନ ଆର୍‌ଏଲ୍‌ଏସ୍‌ପିକୁ ନିର୍ବାଚନ ପାଇଁ ଛାଡ଼ିଦେବ ବୋଲି କହିବା ପରେ କୁଶ୍‌ୱାହା ଅମଙ୍ଗ ହୋଇ ଏଭଳି ପଦକ୍ଷେପ ନେଇଛନ୍ତି । ୨୦୧୭ ଜୁଲାଇରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ ଏନ୍‌ଡିଏରେ ମିଶିବା ପରେ ଭାଜପା କୁଶ୍‌ୱାହାଙ୍କୁ ଅଣଦେଖା କରୁଥିବା ଆଲୋଚନା ହେଉଛି।

ଡିସେମ୍ବର ୧୧ରେ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ତେଲେଙ୍ଗାନା ଓ ମିଜୋରାମ ବିଧାନସଭା ନିର୍ବାଚନ ଭୋଟଗଣତି ହେବ। ସାଧାରଣ ନିର୍ବାଚନ ପୂର୍ବରୁ ଏହି ୫ ରାଜ୍ୟର ଫଳାଫଳ କେଉଁଆଡ଼କୁ ଯିବ ତାହା ଏକ ନୂଆ ସମୀକରଣ ସୃଷ୍ଟି କରିବ। ତେବେ ବର୍ତ୍ତମାନ ମୋଦି ସରକାରଙ୍କ କାର୍ଯ୍ୟଶୈଳୀକୁ ଦେଖିଲେ ତାହା ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ କରିବାରେ ବିଫଳ ହୋଇଛି। କ୍ରମାଗତ କୃଷକଙ୍କ ସମସ୍ୟାକୁ ଗୁରୁତ୍ୱ ଦିଆ ନ ଯିବା, ବେକାରି ସମସ୍ୟା ବୃଦ୍ଧି, ଶିଶୁ ଓ ମହିଳା ଅସୁରକ୍ଷିତ ମନେକରିବା, ବିମୁଦ୍ରୀକରଣ ଯୋଗୁ ସାଧାରଣ ଲୋକ ହଇରାଣ ହରକତ ହେବାଠାରୁ ଆରମ୍ଭ କରି ଦେଶର ଅଭିବୃଦ୍ଧି ହ୍ରାସ ପାଇବା ଆଦି ବିଭିନ୍ନ ଦିଗକୁ ଦେଖିଲେ ଦେଶବାସୀ ଭାଜପା ସରକାର ଉପରୁ ବିଶ୍ୱାସ ତୁଟାଇଲେଣି। ଏଭଳି ସ୍ଥଳେ କୁଶ୍‌ୱାହା ସିଧାସଳଖ ସରକାରଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିବା, ଟିଡିପି ନେତା ଚନ୍ଦ୍ରାବାବୁ ନାଇଡୁ ଏବଂ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ବାରମ୍ବାର ଭାଜପାକୁ ଟାର୍ଗେଟ କରିବା ଦର୍ଶାଉଛି ଯେ ସାଧାରଣ ନିର୍ବାଚନ ପୂର୍ବରୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଦୁର୍ବଳ ହେବାରେ ଲାଗିଲାଣି।

ଏଭଳିପ୍ରଚ୍ଛଦପଟରେଡିସେମ୍ବର୧୦ରେଭାରତୀୟରିଜର୍ଭବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଉର୍ଜିତ ପଟେଲ ପଦବୀରୁ ଇସ୍ତଫା ଦେବା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଓ ସରକାରଙ୍କ ଆର୍ଥିକ ନୀତି ଉପରେ ପ୍ରଶ୍ନ ସୃଷ୍ଟି କରିଛି। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଗଭର୍ନର ପଦବୀରୁ ଇସ୍ତଫା ଦେଇଥିଲେ ହେଁ ଆର୍‌ବିଆଇ ଛାଡ଼ିବା ପଛରେ ଅନ୍ୟ ଉଦ୍ଦେଶ୍ୟ ଥାଇପାରେ। ଗତ କିଛି ମାସ ହେବ ସରକାରଙ୍କ ସହ ଆର୍‌ବିଆଇର ମତଭେଦ ପଦାରେ ପଡ଼ିଯିବା ପରେ ଉର୍ଜିତଙ୍କ ଉପରେ ଚାପ ବଢ଼ିଯାଇଥିଲା। ଆର୍‌ବିଆଇ ଏକ ସ୍ୱାଧୀନ ସଂସ୍ଥା ହୋଇଥିଲେ ମଧ୍ୟ ସରକାର ତା'ର ଗଚ୍ଛିତ ପାଣ୍ଠି ଉପରେ ଆଖି ପକାଇବା ପରେ ଉର୍ଜିତଙ୍କ ଅସୁବିଧା ହୋଇଥାଇପାରେ। ବ୍ୟକ୍ତିଗତ କାରଣ ଯୋଗୁ ଆର୍‌ବିଆଇ ଗଭର୍ନର ପଦବୀ ଛାଡ଼ିବା ଯେତିକି ବିଶ୍ୱସନୀୟ ହେଉନାହିଁ, ତା'ଠାରୁ ଅଧିକ ସମ୍ଭବ ଲାଗୁଛି ଉର୍ଜିତଙ୍କ ଆତ୍ମସମର୍ପଣ କରିବାକୁ ଅନିଚ୍ଛା। ବିଶେଷଜ୍ଞଙ୍କ ମତରେ ସରକାର କେନ୍ଦ୍ରୀୟ ବ୍ୟାଙ୍କ ବ୍ୟାପାରରେ ମୁଣ୍ଡ ଖେଳାଇବା ଯୋଗୁ ଆର୍‌ବିଆଇ କ୍ରମଶଃ ସ୍ୱାୟତ୍ତତା ହରାଇ ଦୁର୍ବଳ ହେବାରେ ଲାଗିଛି। ଅର୍ଥ ଜଗତରେ ଏହାର ଛବି ମଳିନ ହୋଇଛି। ମୋଦି ସରକାରଙ୍କ ପଦକ୍ଷେପ ଯୋଗୁ ସମସ୍ତ ସାମ୍ବିଧାନିକ ସଂସ୍ଥା ଆଜି ବିପଦରେ ପଡ଼ିଛି। ଅର୍ଥନୀତି ସମ୍ବନ୍ଧରେ ସାଧାରଣ ଭାରତୀୟଙ୍କ ସେଭଳି ଜ୍ଞାନ ନ ଥିଲେ ମଧ୍ୟ ମୋଦି ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ କିଭଳି ଦେଶକୁ ଦୀର୍ଘମିଆଦୀ କ୍ଷତି ପହଞ୍ଚାଉଛି ଉର୍ଜିତଙ୍କ ଇସ୍ତଫା ତାହା ଦର୍ଶାଇଥାଇପାରେ।

## ଚିରନ୍ତନୀ

ହେ ପାଷାଣ ! ମାଗୁନାହିଁ ଶମିବାକୁ ମୋ ମରମଭାର,
କ୍ଷମିବାକୁ ଅପରାଧ ତୁଟିବାକୁ ବ୍ୟର୍ଥତା ଆଶାର
ଲୋଡୁନାହିଁ ଲଭିବାକୁ ତବ ଅନୁଗ୍ରହେ
ଧନ ମାନ ଯଶ ଖ୍ୟାତି ଅଭୟ ହୃଦୟେ,
ମୃତ୍ୟୁ ପରେ ମୁକ୍ତି ନାହିଁ ମାଗେଁ
ବଇକୁଣ୍ଠ ନାହିଁ ଭଲ ଲାଗେ,
ଏ ମର୍ତ୍ତ୍ୟ ଭୁବନ
ମୋ ସ୍ନେହ-ସଦନ,
ଏ ଧରଣୀ
ସୁଖମଣି।

(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | C | | 5 | | | | | | | | A | | | E |
| | | 3 | | | | | | | 6 | | | | | |
| | | | | 1 | | | E | | | 2 | | | 8 | |
| | A | 1 | | B | 2 | | 0 | 7 | | | 8 | 6 | | |
| | | D | E | 0 | 8 | | 2 | | | | | C | A | 9 |
| | | 4 | | 3 | 1 | 6 | | | 5 | | | E | | |
| | D | | C | 5 | | 0 | | | | 1 | 9 | | | |
| | | E | | | 6 | 4 | | | | | | | D | B |
| | | | | 9 | | 5 | | | | 6 | | | C | |
| | | | 0 | D | | | 9 | | | | 7 | A | | |
| | 0 | | | E | D | | | | | | | | | |
| 4 | | B | | 6 | | | | | | 0 | 2 | | | 3 |
| 9 | 5 | | 8 | | | | | A | | | 3 | B | 2 | |
| | | 6 | | C | | | | 4 | | | D | 5 | 1 | |
| | 3 | A | | | 5 | | | | C | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 5 | 7 | 9 | 3 | 4 | 8 | D | B | 6 | E | 1 | C | A | 0 |
| 6 | A | 1 | C | 7 | 8 | 2 | 9 | 5 | 0 | 3 | D | B | 4 | E |
| B | D | E | 2 | 1 | 5 | C | 0 | A | 4 | 8 | 9 | 3 | 6 | 7 |
| C | 9 | 0 | D | E | 6 | 7 | 3 | 4 | A | 2 | B | 5 | 8 | 1 |
| 3 | 4 | 8 | A | B | 0 | E | 6 | 1 | 7 | 5 | C | D | 9 | 2 |
| E | 6 | 3 | 7 | C | D | 9 | 5 | 8 | B | 4 | 2 | 1 | 0 | A |
| 1 | 7 | 4 | B | 8 | E | 6 | 2 | 0 | D | A | 5 | 9 | C | 3 |
| 9 | 8 | 2 | 3 | 6 | 1 | A | B | D | E | C | 0 | 7 | 5 | 4 |
| 5 | C | D | 4 | 0 | A | 1 | 7 | E | 3 | 9 | 6 | 8 | 2 | B |
| A | 0 | B | 5 | 2 | 9 | 4 | C | 3 | 1 | 7 | 8 | 6 | E | D |
| D | 3 | 6 | E | 9 | 2 | 5 | 1 | 7 | C | 0 | A | 4 | B | 8 |
| 4 | E | 9 | 1 | 5 | B | 0 | A | 6 | 8 | D | 7 | 2 | 3 | C |
| 7 | 2 | A | 0 | D | C | 3 | 8 | 9 | 5 | B | 4 | E | 1 | 6 |
| 8 | B | C | 6 | A | 3 | D | 4 | 2 | 9 | 1 | E | 0 | 7 | 5 |
| 0 | 1 | 5 | 8 | 4 | 7 | B | E | C | 2 | 6 | 3 | A | D | 9 |

ଗତକାଲିର ଉତ୍ତର

# ଆଜିର ଯୁବବର୍ଗ କ୍ରୋଧିତ କାହିଁକି



ସହଦେବ ସାହୁ

ଭାରତ ଏକ ପ୍ରାଚୀନ ସଭ୍ୟତା କିନ୍ତୁ ଏକ ଯୁବରାଷ୍ଟ୍ର। ଚାଇନା ବି ଏକ ପ୍ରାଚୀନ ସଭ୍ୟତା, କିନ୍ତୁ ସେଠାକାର କମ୍ୟୁନିଷ୍ଟ ସରକାର ପରିବାର ନିୟନ୍ତ୍ରଣ କଡ଼ାକଡ଼ି ଲାଗୁ କରିଥିବାରୁ ତାହାର ଜନସଂଖ୍ୟାରେ ବୃଦ୍ଧଙ୍କ ସଂଖ୍ୟା କାଳକ୍ରମେ ବଢ଼ିଚାଲିଲା। ଚାଇନାରେ କାମିକା ଲୋକ (୨୦ରୁ ୫୦ ବର୍ଷ)ଙ୍କ ସଂଖ୍ୟା କମିବାରେ ଲାଗିଛି। ୨୦୧୨ରେ ଦେଶରେ କାମକରିପାରିବା ଲୋକଙ୍କ ସଂଖ୍ୟା ୩୦ ଲକ୍ଷ କମିଯିବା ଦେଖି ଚାଇନା ସରକାର ଚିନ୍ତିତ ହୋଇପଡ଼ିଲେ। ଏ ଦୃଷ୍ଟିରୁ ଭାରତ ଉତ୍ତମ ସ୍ଥିତିରେ ଅଛି ବୋଲି ବିଲାତର ପ୍ରସିଦ୍ଧ ପତ୍ରିକା 'ଦି ଇକୋନମିଷ୍ଟ' ଏକ ଅଗ୍ରଲେଖାରେ ସେହି ସମୟରେ କହିଥିଲା। ଭାରତରେ ପ୍ରତିବର୍ଷ କୋଟିଏ ତିରିଶ ଲକ୍ଷ କାମ କରିପାରିବା ଲୋକ ବାହାରୁଛନ୍ତି। ଆଗେ ଗୋଟିଏ ରୋଜଗାରୀ ଲୋକ ଉପରେ ବହୁତ ଲୋକ ନିର୍ଭର କରୁଥିଲେ, ପରିବାର ଚଳାଇବା କଷ୍ଟକର ହେବା ସଙ୍ଗେ ସଙ୍ଗେ ଦେଶର ଇକୋନମି ବଢୁ ନ ଥିଲା। ଯୁବତୀଯୁବକଙ୍କ ସଂଖ୍ୟା ବଢ଼ିଲେ ପରିବାରରେ କାମ କରିପାରିବା ଲୋକଙ୍କ ସଂଖ୍ୟା ବଢ଼ିବ, ବହୁତ ରୋଜଗାରୀ ଲୋକଙ୍କ ଉପରେ ଗୋଟିଏ ଲୋକ ନିର୍ଭର କରିବ। ଅର୍ଥାତ୍ ଆୟରୁ ବେଶି ସଞ୍ଚୟ ହେବ। ଏହାକୁ କହନ୍ତି ଡିମୋଗ୍ରାଫିକ୍ ଡିଭିଡେଣ୍ଡ, ଜନବୃଦ୍ଧିର ଲାଭାଂଶ। ଏହା ହିଁ ପୂର୍ବ ଏସିଆର ଅଭିବୃଦ୍ଧିର କାରଣ। କିନ୍ତୁ ଦୁଃଖର କଥା ଯୁବଗୋଷ୍ଠୀ ଉପରେ ଆସ୍ଥା ରଖିବାର ସ୍ୱପ୍ନ ଦେଖୁଥିବା ନେତାମାନଙ୍କୁ ଯୁବଗୋଷ୍ଠୀ ସନ୍ଦେହ କରୁଛନ୍ତି। ଇକୋନମି ବୃଦ୍ଧି ପାଇଲେ ସେମାନଙ୍କୁ କାମ ମିଳିବ, କିନ୍ତୁ ତାହା ହେଉନାହିଁ ବୋଲି ଯୁବଗୋଷ୍ଠୀ କ୍ଷୁବ୍ଧ। ଭାରତୀୟ ସମାଜରେ ଯାବତୀୟ ବିଶୃଙ୍ଖଳାର କାରଣ କ୍ରୋଧାନ୍ୱିତ ଯୁବସମାଜ।

ଆମ ଦେଶରେ ୨୦୦୫ରୁ ୨୦୦୭ ଭିତରେ ବର୍ଷକୁ ଶତକଡା ୯ ଭାଗ ଅଭିବୃଦ୍ଧି ଘଟିଲା, ଏପରିକି ୨୦୧୦ରେ ଭାରତର ଅଭିବୃଦ୍ଧି ହାର ଚାଇନାର ହାରଠାରୁ ବେଶି ହୋଇଥିଲା, କିନ୍ତୁ କର୍ମସଂସ୍ଥାନ ସେହି ପରିମାଣରେ ବଢ଼ିଲା ନାହିଁ। ୨୦୧୦ ପରେ ଅଭିବୃଦ୍ଧି ହାର ଅଧାକୁ ଖସିଲା, ସଞ୍ଚୟ ହାର ବି କମିଲା। ପାରିବାରିକ ସଞ୍ଚୟର ଯେତେ ଅଂଶ ଆର୍ଥିକ ଅଭିବୃଦ୍ଧିରେ ଲାଗୁଥିଲା ତାହା ଏବେ ମୁଦ୍ରାସ୍ଫୀତି ଡରରେ ସୁନା, ଘର, ଜମି ଆଦି ନିକମା ସାମଗ୍ରୀ କିଣିବାରେ ଲଗାଗଲା। ଏଭଳି ସଞ୍ଚୟ ପୁଞ୍ଜିନିବେଶ ନୁହେଁ, ତହିଁରେ ଆୟ ନାହିଁ, ଧନ ସ୍ଥାଣୁ ହୋଇ ରହିଯାଏ, ଦେଶର ଗ୍ରସ୍ ଡୋମେଷ୍ଟିକ୍ ପ୍ରଡକ୍ଟ (ଜିଡିପି) ସେହି ପରିମାଣରେ କମିଯାଏ। ଏସବୁର କାରଣ ଜଳଜଳ ଦିଶୁଛି।

୧୯୯୧ରେ ଆଜିର ଭାରତୀୟମାନଙ୍କ ଭିତରୁ ଶତକଡା ୪୦ ଭାଗ ଜନ୍ମ ହୋଇ ନ ଥିଲେ। ସେମାନେ ଏବେ ଆବଶ୍ୟକ ରୋଜଗାର ପନ୍ଥା ପାଉନାହାନ୍ତି, ତେଣୁ ସେମାନଙ୍କୁ ଦୁଶ୍ଚିନ୍ତା ଘାରିଛି – ଏ କଥା ଆମ ଦେଶର ବୁଢ଼ା ନେତାମାନଙ୍କ ଆଖିକୁ ଦିଶୁନାହିଁ। କେନ୍ଦ୍ର ମନ୍ତ୍ରିମଣ୍ଡଳରେ ହାରାହାରି ବୟସ ୬୦। ସ୍ୱାଧୀନ ଭାରତରେ ଜନ୍ମ ହୋଇଥିବା ଗୋଟିଏ ବି ଲୋକ ୨୦୧୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ହୋଇ ନ ଥିଲେ। ମୋଦି ହେଲେ। କିନ୍ତୁ ତାଙ୍କ ପୃଷ୍ଠଭାଗରେ ପରମ୍ପରାବାଦୀ ଗୋଷ୍ଠୀମାନେ ଭୁସା ମାରୁଛନ୍ତି। ଯୁବତୀମାନେ ଅତ୍ୟାଚାରର ସମ୍ମୁଖୀନ ହେବା, ନିଜ ଆକାଙ୍‌କ୍ଷାର କାମ ନ ପାଇ ରାସ୍ତାଘାଟରେ ମହିଳାଙ୍କ ହାର ଛିଡାଇନେବାଠାରୁ ଏଟିଏମ୍ ଖୋଳିତାଡି ଟଙ୍କା ଲୁଟ୍ କରିବା ବେଳେ ପୋଲିସ୍ ଯେଭଳି ମୁହଁ ବୁଲାଇଦେଉଛି ସେଥିରୁ ଜଣାପଡ଼େ ପୁରୁଣା ଭାରତ ନୂଆ ଭାରତକୁ ସୁରକ୍ଷା ଦେଉନାହିଁ। ସମାଜର ଅର୍ଦ୍ଧାଙ୍ଗ ମହିଳାମାନେ ଇକୋନମିର ଅଭିବୃଦ୍ଧିରେ ସମ୍ପୂର୍ଣ୍ଣ ଭାଗ ନେଇପାରୁନାହାନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ ନାଗରିକର ମୌଳିକ ଅଧିକାର, ତାହାର ବାବସାୟୀକରଣ ହେଲା। ଖାଦ୍ୟସୁରକ୍ଷା ବା କ୍ଷୁଧାରୁ ମୁକ୍ତି ପାଇବା ବ୍ୟବସ୍ଥାରେ ଭ୍ରଷ୍ଟାଚାର ପଶି ଖାଦ୍ୟ ଉତ୍ପାଦକ ଚାଷୀକୁ ହେୟ ମନେକରି ତା'ର ଅଭାବଜନିତ ଆତ୍ମହତ୍ୟାପ୍ରବଣତାକୁ ବଢ଼ାଇ ଦିଆଗଲା। ଘରୋଇ ମାଲିକାନାରେ ଚାଲିଥିବା ବ୍ୟବସାୟ ତଥା ଶିଳ୍ପ ମାଲିକଙ୍କୁ ମୁଣ୍ଡରେ ବସାଗଲା, ଫଳ ହେଲା– ଉତ୍ପାଦନ କମ୍, ଦର ବେଶି, ଅଧିକାରର ଫଳ ବା ପ୍ରାପ୍ୟ ମିଳିବାରେ ଅନଟନ। ସରକାରୀ ଉତ୍ପୀଡନର ଔଷଧ ହେଉଛି ଲାଞ୍ଚ।

କ'ଣ ସଂସ୍କାର ଦରକାର ସମସ୍ତେ ଜାଣନ୍ତି– ଯଥାଶୀଘ୍ର ନିଷ୍ପତ୍ତି ନିଅ, ଭ୍ରଷ୍ଟାଚାର କମାଅ, ଆର୍ଥିକ ଶୃଙ୍ଖଳା ଆଣ, ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବାକୁ କେନ୍ଦ୍ରୀୟ ବ୍ୟାଙ୍କକୁ ସମର୍ଥ କର, ଅନାଦେୟ ଋଣ (ଏନ୍‌ପିଏ) କମାଇବାକୁ ବ୍ୟାଙ୍କଗୁଡ଼ିକର ସଂସ୍କାର କର, ବିଜୁଳି ଉତ୍ପାଦନ କ୍ଷେତ୍ରରେ ମାନ୍ଦାବସ୍ଥା ଦୂର କର, କର୍ମ ଯୋଗାଣ ପାଇଁ ସାମଗ୍ରୀ ତିଆରି କାରଖାନାମାନ ପ୍ରତିଷ୍ଠା କର ଅର୍ଥାତ୍ ମାନୁଫାକ୍ଚରିଂ ସେକ୍ଟର ବଢ଼ାଅ ଆଦି। ସ୍ୱାଧୀନତୋତ୍ତର ପିଢ଼ିର ପ୍ରଧାନମନ୍ତ୍ରୀଟିଏ ତାହା କରିବାକୁ ଲାଗିଛନ୍ତି, କିନ୍ତୁ ଶାସକଦଳର ପୁରୁଣାକାଳିଆ ଲୋକ ଏବଂ ପ୍ରଶାସନରେ ଥିବା କର୍ମଚାରୀମାନେ ଏ ପ୍ରକ୍ରିୟାଗୁଡ଼ିକୁ ଅବାଟରେ ନେଇଯାଉଛନ୍ତି। ଚାଇନାରେ ମାନୁଫାକ୍ଚରିଂ ସେକ୍ଟର ବେଶ୍ ଚଳଚଞ୍ଚଳ, ତା'ର ସାମଗ୍ରୀମାନ ଆମ ଦେଶରେ ଶସ୍ତାରେ ମିଳୁଛି। ପ୍ରକାଣ୍ଡକାୟ ଭୂଖଣ୍ଡରେ ପରିବହନ ଖର୍ଚ୍ଚ ଜିନିଷପତ୍ରର ଦାମ୍ ବଢ଼ାଏ। କୋଲକାତାରେ ତିଆରି ଜିନିଷ ଟନ୍ ପିଛା ସଡ଼କ ପଥରେ ବା ରେଳରେ ମୁମ୍ବାଇରେ ପହଞ୍ଚିବାକୁ ଯେତିକି ଖର୍ଚ୍ଚ ପଡ଼େ, ଚାଇନାରୁ ଜଳପଥରେ ଜାହାଜେ ଜିନିଷ ମୁମ୍ବାଇରେ ପହଞ୍ଚିବାକୁ ଟନ୍ ପିଛା ପ୍ରାୟ ସେତିକି ବା ତାହାଠାରୁ କମ୍ ଖର୍ଚ୍ଚ ପଡ଼େ। ତେଣୁ ଚାଇନା ଜିନିଷ ମୁମ୍ବାଇବାସୀଙ୍କ ପାଇଁ କଲିକତି ଜିନିଷଠାରୁ ଶସ୍ତା । ଏଥିପାଇଁ ଦରକାର ଜଳପଥର ପ୍ରସାର। ସୁଖର କଥା ଏବେ ଗଙ୍ଗାକୁ ସୁନାବ୍ୟା କରାଯାଉଛି।

ଶ୍ରମଭିତ୍ତିକ ମାନୁଫାକ୍ଚରିଂ ସେକ୍ଟର ଦରକାର, ନ ହେଲେ କୋଟି କୋଟି ଯୁବକ କାମ ପାଇବେ ନାହିଁ। ଆମ ରାଜ୍ୟରେ ଅନ୍ୟ ରାଜ୍ୟ ଭଳି ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧରେ ଯେଉଁସବୁ ଶିଳ୍ପ ବସାଇବାକୁ କୁବେରମାନେ ଆସୁଛନ୍ତି ତାହା ସବୁ ଜଟିଳ ମେଶିନ୍ ଦ୍ୱାରା ଚାଲିବ। ଲୋକ ବେଶି ଦରକାର ନାହିଁ, କର୍ମନିଯୁକ୍ତି ବଢ଼ିବ କିପରି? ୪୦ ହଜାର କୋଟି ଟଙ୍କାର ପ୍ରକଳ୍ପରେ ହଜାରେ ସ୍ଥାନୀୟ ଲୋକ ବି ଚାକିରି ପାଇବେ ନାହିଁ। ବଡ଼ ବଡ଼ ପଦବୀ ପାଇଁ ଆଗେ ଉପଯୁକ୍ତ ଶିକ୍ଷା ବନ୍ଦୋବସ୍ତ ନ କରି କାରଖାନା ବସାଇଲେ ଓଡ଼ିଶା ବାହାରର ଲୋକେ (କମ୍ପାନୀ ମାଲିକର ଚିହ୍ନା ଲୋକେ) ହିଁ କାମ ପାଇବେ। ଆମ ଦେଶରେ ଏବେ ଯାହା ଜିଡିପି ଅଭିବୃଦ୍ଧି ଦେଖାଯାଉଛି ତାହା ବିଭିନ୍ନ କନ୍‌ଷ୍ଟ୍ରକ୍‌ଶନ୍ କାମର ବହୁଳତା ଯୋଗୁ, ମାନୁଫାକ୍ଚରିଂ ସେକ୍ଟର ଯୋଗୁ ନୁହେଁ। ରାସ୍ତା ଓ ଗୃହ ନିର୍ମାଣ କାମରେ ଭୀମକାୟ ଯନ୍ତ୍ର ଲାଗୁଛି। ଆମର ଅଗଣିତ ଯୁବତୀଯୁବକ ଇଟା, ପଥର କି ସିମେଣ୍ଟ ବୋହିବା କାମରେ ନିଯୁକ୍ତ, ଅର୍ଥାତ୍ ଆମର ଯୁବତୀଯୁବକମାନେ ମୁଣ୍ଡବୋଝରେ ତଳମୁହାଁ ହୋଇ ଚାଲିବେ, ଉପରକୁ ଚାହିଁବା ଅଭ୍ୟାସ, ଉଚ୍ଚାଭିଳାଷ ଉଭେଇଯିବ। ଲେବର୍ ଆଇନ ଶିଳ୍ପପତିମାନଙ୍କ ଗୋଡ଼ହାତ ବାନ୍ଧି ରଖିଛି। ତେଣୁ ସେମାନେ ସିଧାସଳଖ ନିଯୁକ୍ତି ନ ଦେଇ ତୃତୀୟ ପକ୍ଷ (ଠିକାଦାରମାନଙ୍କ)ଠାରୁ ଠିକା କର୍ମଚାରୀ ନେଉଛନ୍ତି, ଏଭଳି ଶ୍ରମିକକୁ କୁଶଳୀ କରିବା ବା ତାଲିମ ଦେବା କମ୍ପାନୀର ସ୍ୱାର୍ଥରେ ନୁହେଁ। ତାଲିମ ସମୟଟା କ୍ଷତି ବଢ଼ାଏ, ତେଣୁ କର୍ମକୁଶଳୀ ଯୁବତୀଯୁବକ ଯୋଗ୍ୟତା ଲୁଚାଇ ନିମ୍ନତର ମଜୁରିର କାମରେ ଯୋଗଦେଉଛନ୍ତି। ଆମ ଶିକ୍ଷା ବ୍ୟବସ୍ଥା ବି ପିଲାଙ୍କୁ ଚାକିରିକ୍ଷମ କରୁନାହିଁ। ସ୍କୁଲ ସ୍ତରରୁ ପିଲାଏ ଜୀବିକାନିର୍ବାହର ସାମର୍ଥ୍ୟ ହରାଉଛନ୍ତି। ଆନୁଆଲ୍ ଷ୍ଟାଟସ୍ ଅଫ୍ ଏଜୁକେଶନ୍ ରିପୋର୍ଟରୁ ଜଣାଯାଏ ଗାଁଗହଳର ପିଲାଙ୍କ ଭିତରୁ ଅଧେ କହିପାରୁନାହାନ୍ତି ୪୩ରୁ ୨୪ ଗଲେ କେତେ ରହିବ? ବିନା ପରୀକ୍ଷାରେ ଅଷ୍ଟମ ଶ୍ରେଣୀକୁ ଉଠିଥିବା ପିଲା ତୃତୀୟ ଶ୍ରେଣୀର ବହି ପଢ଼ିପାରୁନାହିଁ। ନେତାମାନେ ଯୁବଗୋଷ୍ଠୀକୁ ଅଣଦେଖା କରୁଥିବାରୁ ଯୁବଗୋଷ୍ଠୀ ସରକାର ଉପରେ କ୍ରୋଧାନ୍ୱିତ।

ଗାଁରେ ଓ ସହରତଳି ଅଞ୍ଚଳରେ ଅବିରତ ବିଜୁଳି, ମାଗଣା ବ୍ରଡ୍‌ବ୍ୟାଣ୍ଡ ସେବା, ଉତ୍ତମ ବିଦ୍ୟାଳୟ, ଗାଁ ଓ ସହରୀ ବସ୍ତିର ପିଲାଙ୍କୁ ମାଗଣା କଲେଜ ଶିକ୍ଷା, ସେମାନଙ୍କୁ ସେବା ଯୋଗାଇବାରେ ଅମଲାତାନ୍ତ୍ରିକ ବିଳମ୍ବର ହ୍ରାସ ବା ଗାଁ ସ୍କୁଲର କମ୍ପ୍ୟୁଟର ପ୍ରକୋଷ୍ଠରୁ ବା ପଞ୍ଚାୟତ ଘରୁ ସିଧାସଳଖ ଇ-ପ୍ରଶାସନ ମିଳିଲେ ଆମ ପିଲାମାନେ ରୋଜଗାରକ୍ଷମ ଶିକ୍ଷା ପାଇପାରିବେ, କର୍ମକ୍ଷମ ବୟସ ହେଲା ବେଳକୁ ସେମାନେ ବିଭିନ୍ନ କର୍ମରେ ଯୋଗ ଦେଇ ଦେଶର ଜିଡିପି ବୃଦ୍ଧିରେ ଅଂଶୀଦାର ହୋଇପାରିବେ। ଜୀବନରେ ସଫଳ ନାଗରିକଟିଏ ଶୃଙ୍ଖଳାର ସ୍ତମ୍ଭ। ଯୁବଶକ୍ତିକୁ ସଫଳ ଜୀବନଶୈଳୀ ଦେଇପାରିଲେ ଗଣତନ୍ତ୍ର ଦୃଢ଼ ହେବ, ସମାଜରେ ଶାନ୍ତିଶୃଙ୍ଖଳାଜନିତ ସମୃଦ୍ଧି ଭାରତର ହୃତଗୌରବ ଫେରାଇଆଣିବ।

ଇ-ମେଲ୍: sahadevas@yahoo.com

# ଦେଶ, ରାଜନୀତି ଓ ଆଜିର ଶିକ୍ଷା



ଡ. ଶରତ ଚନ୍ଦ୍ର ରଥ

ଦେଶର ଅଛି ଅର୍ଥ ସମସ୍ୟା। ଅତୀତରେ ସମସ୍ୟା ଥିଲା ଆଜି ମଧ୍ୟ ଅଛି। ପ୍ରଥମେ ସମସ୍ୟାଗୁଡ଼ିକର ତାଲିକା କରିବା ଦରକାର। ତା'ପରେ ସମାଧାନର ସୂତ୍ର ବିଷୟରେ ଚିନ୍ତା, ଆଲୋଚନା ଓ ପଦକ୍ଷେପ ଗ୍ରହଣର ବ୍ୟବସ୍ଥା। ଯେହେତୁ ଆଜିକାଲି ସମସ୍ତ କ୍ଷମତା ରାଜନେତାମାନଙ୍କ ହାତରେ ଠୁଳ, ସେମାନଙ୍କର ଏସବୁ ସର୍ବାଦୌ କରଣୀୟ। ସେମାନଙ୍କୁ ବୁଦ୍ଧିଜୀବୀମାନେ ସହଯୋଗ କରିପାରନ୍ତି।

ରାଜନେତାମାନଙ୍କର ଦାୟିତ୍ୱ ହେଉଛି ଦେଶର ବିକାଶ। କେଉଁ କେଉଁ ସମସ୍ୟା ଦେଶର ସାମଗ୍ରିକ ବିକାଶରେ ବାଧା ସୃଷ୍ଟି କରୁଛି, ସେହି ବିଷୟରେ ଗଭୀର ଅନୁଧ୍ୟାନ। ଦଳର ପ୍ରଚାର, ଗାଦିରକ୍ଷାର ବିକଳଭାବ, ଆତ୍ମବିଜ୍ଞାପନ, ସ୍ୱାର୍ଥସିଦ୍ଧିର ଚିନ୍ତାରେ ନେତା ବ୍ୟସ୍ତ ରହିଲେ ଦେଶ ଆଗେଇ ପାରେନାହିଁ। ଦେଶର ସମସ୍ୟା ସମାଧାନପୂର୍ବକ ବିକାଶ ପାଇଁ ଚିନ୍ତା କରିବା ହିଁ ନେତାପଣର ସାର୍ଥକତା। ମୁଦ୍ରାସ୍ଫୀତି, ଛାତ୍ର ରାଜନୀତି, ବସ୍ତିରେ ଜନ ବିସ୍ଫୋରଣ, ଦେଶବାସୀଙ୍କ ମନରେ ଦେଶାତ୍ମବୋଧର ଅଭାବ, ବିଭିନ୍ନ ପ୍ରଦେଶରେ ନଦୀଜଳ ବଣ୍ଟନ, ସୀମାପାର ବିବାଦ, ଅଶିକ୍ଷାର ପ୍ରାବଲ୍ୟ ସମେତ ବହୁ ସମସ୍ୟାରେ ସମାଜ ଓ ଦେଶ ଆକ୍ରାନ୍ତ। ସମସ୍ୟାର ସମାଧାନ ପାଇଁ ସୀମିତ ସମୟସୀମା ଭିତରେ ଯଥାଯଥ ପଦକ୍ଷେପ ଏକାନ୍ତ ଜରୁରୀ। ଦୃଢ଼ ମନୋବଳ ମାଧ୍ୟମରେ କ୍ଷମତାର ଉଚିତ ପ୍ରୟୋଗ ହିଁ ବିକାଶର ଚାବିକାଠି। କେବଳ ଭୋଟ୍‌କୁ ଦୃଷ୍ଟିରେ ରଖି ଗଛରେ ପାଣି ସିଞ୍ଚିଦେଲେ ବିଶେଷ କିଛି ଲାଭନାହିଁ, ଗଛମୂଳରେ ପାଣି ଦେଲେ ଗଛ ବଢ଼େ ଓ ଫୁଲଫଳରେ ଭରିଯାଏ।

ଯେତିକି ସୁବିଧା ଦେଶ ତରଫରୁ ସେମାନଙ୍କୁ ମିଳୁଛି, ସେମାନେ ତାହା ଭାବିବା ଆବଶ୍ୟକ। ତଦନୁସାରେ ଦେଶ ପ୍ରତି କର୍ତ୍ତବ୍ୟ କରିବା ବିବେକର କାର୍ଯ୍ୟ। ଦେଶର କଲ୍ୟାଣ ପାଇଁ ଯେତେ ସୁଯୋଗ ସେମାନଙ୍କୁ ମିଳିଛି, ତାହାର ସଦ୍‌ବ୍ୟବହାର ହିଁ ଯଥାର୍ଥ ନେତାପଣ। ସମସ୍ତଙ୍କୁ ସେ ସୁଯୋଗ ମିଳିନାହିଁ, ଯାହା ନେତାଙ୍କୁ ପ୍ରାପ୍ତ ହୋଇଛି। ସେମାନେ ଦେଶ ବିକାଶର ଚାବିକାଠି– ଏ କଥା ବୁଝି ନିଜକୁ ଭାଗ୍ୟବାନ୍ ମନେକରିବା ଉଚିତ। ପୋଲିସ ବିଭାଗର କଥା ଦେଖାଯାଉ। ପୋଲିସ କର୍ମଚାରୀମାନଙ୍କର ସାଧୁତା, କାର୍ଯ୍ୟଦକ୍ଷତା, ଲୋକପ୍ରିୟତା ପାଇଁ ଅନେକ ସୁବିଧା ସୁଯୋଗ ରହିଛି। ମାତ୍ର ଏ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରୁଛି କେତୋଟି କଥା, ଯାହା ସମସ୍ତେ ଜାଣନ୍ତି। ସେମାନଙ୍କ ସଚ୍ଚୋଟପଣିଆ ହିଁ ସେମାନଙ୍କର ଲୋକପ୍ରିୟତା ଓ କାର୍ଯ୍ୟଦକ୍ଷତାର ମାପଦଣ୍ଡ। ମାତ୍ର ତାହା ରଖିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୁଏନାହିଁ। ଦୁର୍ନୀତି ନିବାରଣ ପୁଣି ଦୁର୍ନୀତି ଦୋଷରେ ଯୁକ୍ତ ହୋଇଯାଏ। ରାଜନେତାମାନଙ୍କର ପ୍ରଭାବ ସେମାନଙ୍କ କାର୍ଯ୍ୟଦକ୍ଷତାକୁ ସଙ୍କୁଚିତ କରିଦିଏ। କହି ହୁଏନାହିଁ କି ସହି ହୁଏନାହିଁ। ବାଟ ତିଆରି କରିବାକୁ ପଡ଼େ ଦୋଷୀକୁ ଖସାଇବା ପାଇଁ।

ଏ ସବୁ କଥା ଔଷଧ ସ୍ୱରୂପ ରହିଛି, ମାତ୍ର ପ୍ରତିଷେଧକ କଥା କେହି ଭାବୁନାହିଁ। ଦେଶରେ ଜନସଂଖ୍ୟା ବଢ଼ିଚାଲିଛି। ଏଇ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଶୃଙ୍ଖଳିତ, ମାର୍ଜିତ କରିବାର ପ୍ରୟାସ ନାହିଁ। ନୈତିକତାର ମଞ୍ଜି କିଶୋର ଓ ଯୁବକ ମନରେ ବୁଣିବାର ବ୍ୟବସ୍ଥା ନାହିଁ। ସ୍ୱାଧୀନତା ମିଳିଛି ବୋଲି ଯିଏ ଯାହା ଇଚ୍ଛା ତାହା କରିବାର ସ୍ୱାଧୀନତା ଅଛି, ଏ ଭାବନା ମନ ଭିତରେ ବସା ବାନ୍ଧୁଛି। ଯୁବକଟିଏ ରାସ୍ତାକଡ଼ ଦୋକାନରୁ ଚା' ପିଇ ୟୁଜ୍ ଆଣ୍ଡ ଥ୍ରୋ କପ୍‌ଟିକୁ ରାସ୍ତାକୁ ଫିଙ୍ଗିଦେବା ସ୍ୱାଧୀନତାର ଅନ୍ୟନାମ କି? କହିବ ବା କିଏ? ଯଦି କିଏ କହିବ ତେବେ ଉତ୍ତର ମିଳିବ– 'ମୁଁ କାହା ଦୁଆର ମୁହଁରେ ପକାଇନାହିଁ, ରାସ୍ତାରେ ପକାଇଛି, କହିଲେ ମ୍ୟୁନିସିପାଲିଟି କହିବ ଇତ୍ୟାଦି। ଶିକ୍ଷିତ ବୋଲାଉଥିବା ଯୁବକ ତ ଏହିପରି, ଆଉ ଲୋକଙ୍କ କଥା କ'ଣ କହିବା?

ଶିକ୍ଷା ବ୍ୟବହାର ଶିଖାନ୍ତା, ରୁଚି ଶିଖାନ୍ତା, ସ୍ଥାନକାଳପାତ୍ରର ବିଚାର ଶିଖାଇ ଦେଶପ୍ରେମ ଶିଖାନ୍ତା, ଉଦାରତା ଶିଖାନ୍ତା, ବିଶ୍ୱ ନାଗରିକତ୍ୱର ଦୀକ୍ଷା ଦିଅନ୍ତା। ଏଇସବୁ ହେଉଛି ନୈତିକତାର କଥା, ଧର୍ମ ସହିତ ଏସବୁର ସମ୍ପର୍କ ନାହିଁ, ପ୍ରତ୍ୟେକ ମଣିଷ ସହିତ ଏହାର ସମ୍ପର୍କ ରହିଛି, ଏହା ମାନବିକତାର କଥା। ପ୍ରକୃତରେ ଆଜିକାଲିର ଶିକ୍ଷା ଭିତରେ ଏସବୁ କଥା ନାହିଁ। ଶିକ୍ଷା କହିଲେ ତଥ୍ୟ ଓ ଖବର ସଂଗ୍ରହକୁ ବୁଝାଉଛି। ଏହା ଶିକ୍ଷାର ବାହାର ଦିଗ, ଆଉ ଏକ ଭିତର ଦିଗ ରହିଛି ଶିକ୍ଷାର, ଯାହାର ଅନ୍ତର୍ଭୁକ୍ତ ନୈତିକ ଶିକ୍ଷା ଅଥବା ମାନବିକତାର ଶିକ୍ଷା। ବାହାର ଦିଗ ରହୁ ଏହା ସହିତ ଭିତର ଦିଗ ବି ରହୁ। ତେବେ ଯାଇ ଶିକ୍ଷା ଗଠନମୂଳକ ହେବ। ଆଶାନୁରୂପ ଭାବେ କ୍ରିୟାଶୀଳ ହୋଇପାରିବ। ଖାଲି ଦୁଇ ଚାରି ଛଅ, ତିନି ତିନି ଛଅ, ଚାରି ଦୁଇ ଛଅ ହେଲେ ତାହା ଶିକ୍ଷା ସଂସ୍କାର ନୁହେଁ, ଶିକ୍ଷା ସଂସ୍କାରର ଅର୍ଥ ହେଉଛି ବ୍ୟକ୍ତି ଚରିତ୍ର ଗଠନର ଶିକ୍ଷା, ଦେଶ ଗଠନର ଶିକ୍ଷା, ବିଶ୍ୱ ପରିବାରର ଶିକ୍ଷାର ସମ୍ପୃକ୍ତି। କିଏ କାହାକୁ ବୁଝାଇବ, କିଏ ବା ବୁଝିବ?

ଶିକ୍ଷା ବ୍ୟବସ୍ଥା ଏକପ୍ରକାର ବିପର୍ଯ୍ୟସ୍ତ। ଶିକ୍ଷାନୁଷ୍ଠାନରେ ଭୋଟ ରାଜନୀତି କ'ଣ ନିହାତି ଦରକାର? ଶିକ୍ଷକମାନଙ୍କ ଅବସ୍ଥା ମଧ୍ୟ ବିଭିନ୍ନ ଦୃଷ୍ଟିରୁ ଅସମ୍ଭାଳ। ଦୀର୍ଘଦିନର ଶିକ୍ଷକତା ପରେ ଛତା ଥିଲେ ଜୋତା ନାହିଁ କି ଜୋତା ଥିଲେ ଛତା ନାହିଁ। ଶିକ୍ଷକମାନଙ୍କ ଭିତରେ କେତେକ କ୍ଷେତ୍ରରେ ନିଯୁକ୍ତି ବଡ଼ ବିଚିତ୍ର ଧରଣର। ଶିକ୍ଷକତା ଏକ ପ୍ରବୃତ୍ତି। ବୃତ୍ତି ସହିତ ପ୍ରବୃତ୍ତି ମିଶିଲେ ଶିକ୍ଷକତା ସାର୍ଥକ ହୁଏ। ଆଜିକାଲି ପ୍ରବୃତ୍ତି ନ ଥାଇ ବୃତ୍ତିଧାରୀ ଶିକ୍ଷକଙ୍କ ସଂଖ୍ୟା ଅଧିକ। ବିଶେଷତଃ ଗାଁଗହଳିରେ ଡିଗ୍ରୀଗତ ଯୋଗ୍ୟତା ଥିଲେ ପାଖଆଖ ସ୍କୁଲ କଲେଜରେ 'ଯା ରହିଯା'। ଖାଲି ବୃତ୍ତି ପାଇଁ ରହିଯା, ପ୍ରବୃତ୍ତି ଥାଉ କି ନ ଥାଉ। ବ୍ୟବସ୍ଥା ଏହିପରି, ଅବସ୍ଥା ମଧ୍ୟ ଏହିପରି। ବ୍ୟବସ୍ଥାରୁ ଅବସ୍ଥା ଅଥବା ଅବସ୍ଥାରୁ ବ୍ୟବସ୍ଥା, ବୁଝି ହେଉନାହିଁ। ସତରେ- ଶ୍ରୋତା ବକତା କେହି ନାହିଁ, ରୋଦନ କରୁ କାହିଁ ପାଇଁ?

ଭୁବନେଶ୍ୱର, ମୋ-୯୪୩୭୭୫୬୨୪୦

## ଏଇ ଭାରତରେ

ସବୁ ମାତାପିତା ପରିଣତ ବୟସରେ ପୁତ୍ର ସନ୍ତାନର ମୁହଁ ଦେଖି ଖୁସି ହୁଅନ୍ତି। କିନ୍ତୁ ଯେଉଁ ମାତାପିତା ଏହି ସୁଖରୁ ବଞ୍ଚିତ ସେମାନେ ଦୁଃଖ ଅନୁଭବ କରନ୍ତି। ଏହି ପରିସ୍ଥିତିର ସାମ୍ନା କରିଛନ୍ତି ୬୨ବର୍ଷର ଜଣେ ମହିଳା। ଗୁଜରାଟର ସୁରତ ନଗରୀରେ ବାସ କରୁଥିବା ମଧୁବେନ ଗେହଲଟ୍ ନାମ୍ନୀ ଏହି ମହିଳା ୬୨ବର୍ଷ ବୟସରେ ଟେଷ୍ଟଟ୍ୟୁବ୍ ପଦ୍ଧତିରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ତାଙ୍କ ସ୍ୱାମୀ ୬୬ ବର୍ଷ ବୟସ୍କ ଶ୍ୟାମଭାଇ ଗେହଲଟ୍ ମଧ୍ୟ ଏହି ପଦ୍ଧତିକୁ ସମର୍ଥନ କରିଛନ୍ତି। ଉକ୍ତ ଦମ୍ପତିଙ୍କର ଝିଅପୁଅ ଥିଲେ। କିନ୍ତୁ ୨୦୧୬ରେ ତାଙ୍କ ବୋହୂ ଓ ପୁଅ ସମେତ ପରିବାରର ୯ଜଣ ସଦସ୍ୟ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ଏଥିପାଇଁ ଗେହଲଟ୍ ଦମ୍ପତି ମାନସିକ ଚାପରେ ରହୁଥିଲେ। ତେବେ ତାଙ୍କର ୨୪ବର୍ଷ ବୟସ୍କା ଝିଅ ମନୀଷା ମାତପିତାଙ୍କ ଅବସ୍ଥା ଦେଖି ସେମାନଙ୍କୁ ଟେଷ୍ଟଟ୍ୟୁବ୍ ପଦ୍ଧତି ବ୍ୟବହାର କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାପରେ ବୃଦ୍ଧା ମଧୁବେନ ଏପରି ଏକ ପଦ୍ଧତି ଦ୍ୱାରା ଶିଶୁପୁତ୍ର ଜନ୍ମ କରିଛନ୍ତି। ପରିଣତ ବୟସରେ ଏକ ପୁତ୍ର ସନ୍ତାନ ଲାଭ କରି ଏହି ଦମ୍ପତି ବେଶ୍ ଖୁସି। ପୁତ୍ରସନ୍ତାନକୁ ଲାଳନ ପାଳନ କରିବା ସହିତ ତା'ର ଦରୋଟି ଓଠରେ ଖିଲିଖିଲି ହସ ଦେଖି ପତ୍ନୀପତି ଅତୀତ ଦିନର ଦୁଃଖ ଭୁଲିବାକୁ ପ୍ରୟାସ କରୁଛନ୍ତି। ଏବେ ଏହି ଘଟଣା ସୋସିଆଲ୍ ମିଡିଆରେ ଭାଇରାଲ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଡିସେମ୍ବର ୧୯୯୩

- ଫିଲିପାଇନ୍ସରେ ପ୍ରବଳ ସାମୁଦ୍ରିକ ଝଡ଼ରେ ୧୭୭ ଜଣଙ୍କ ପ୍ରାଣହାନି।
- ଶତକଡା ୩୮ ଭାଗ ଆଦିବାସୀ ଅଧ୍ୟୁଷିତ ମୋଟ ୨୫୭୦ଟି ଗ୍ରାମକୁ ନେଇ ଆସାମ ବୋଡୋ ସ୍ୱୟଂଶାସିତ ପରିଷଦ ଗଠନ କରାଗଲା।
- ସମଗ୍ର ଦେଶରେ ୪ ଦିନ ଧରି ଚାଲିଥିବା ଅନିର୍ଦ୍ଦିଷ୍ଟକାଳୀନ ଡାକ ଧର୍ମଘଟ ପ୍ରତ୍ୟାହୃତ।
- ପତିତ ଜମିର ଉନ୍ନୟନ ପାଇଁ ରାଜ୍ୟ ଓ ଜିଲା ସ୍ତରରେ ସ୍ୱତନ୍ତ୍ର ବୋର୍ଡ ଗଠନ କରାଯିବା ନେଇ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଘୋଷଣା।

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିରରେ ସଂସ୍କାର

ମହାଶୟ,

ଶ୍ରୀମନ୍ଦିରରେ ପରିଚାଳନାଗତ ସଂସ୍କାର କଥା ଉଠୁଛି। ବର୍ତ୍ତମାନ ଯୁଗରେ ଠାକୁରଙ୍କୁ ସଖୀ କଣ୍ଢେଇ କରି ପରମ୍ପରା ନାମରେ ଭକ୍ତମାନଙ୍କୁ ଭଣ୍ଡି ଖାଇବା ଆଉ ସମ୍ଭବ ନୁହେଁ। ଏ ମଧ୍ୟରେ ଶ୍ରୀଜଗନ୍ନାଥ କ୍ଷେତ୍ରରେ ବ୍ରହ୍ମ ବିଭ୍ରାଟରୁ ଆରମ୍ଭ କରି ଧାଡ଼ି ଦର୍ଶନ ପର୍ଯ୍ୟନ୍ତ ଅନେକ ବିଭ୍ରାଟ ଦେଖାଦେଇଛି। ମୋ ମତରେ ସେବକମାନଙ୍କ ବଂଶାନୁକ୍ରମିକ ପରମ୍ପରା ନ ରହୁ। ବୈଦିକ ବିଧିବିଧାନରେ ଜ୍ଞାନ ଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ସେବାର ଦାୟିତ୍ୱ ଦିଆଯାଉ, ସେଥିପାଇଁ ମାସିକ ବେତନ ବ୍ୟବସ୍ଥା ରହୁ। ମନ୍ଦିରର ସବୁପ୍ରକାର ଆୟ ସରକାରଙ୍କ ତହବିଲରେ ରଖାଯାଉ। ବୈଷ୍ଣୋଦେବୀ ମନ୍ଦିର ଓ ତିରୁପତି ମନ୍ଦିରରେ ଯେପରି ଦେବଦେବୀ ଦର୍ଶନ କରାଯାଉଛି, ସେପରି ଦର୍ଶନ ଶ୍ରୀକ୍ଷେତ୍ରରେ ସମ୍ଭବ ହୋଇପାରିବ।

ଡ. ବାବାଜୀ ଚରଣ ସେଠୀ, ଶ୍ରୀରାମ ନଗର, ଭୁବନେଶ୍ୱର

### ଅନାବଶ୍ୟକ ବିଧାନ ପରିଷଦ

ଆମ ସରକାରଙ୍କର ଏକା ଜିଦ୍ ବିଧାନ ପରିଷଦ ଗଠନ କରିବେ। ପ୍ରାଥମିକ ସ୍ତରରେ ଏହି ପରିଷଦ ପାଇଁ ୩୫ କୋଟି ଟଙ୍କା ବାର୍ଷିକ ଖର୍ଚ୍ଚ ହେବ। ଅଧିକାଂଶ ସମୟରେ ବିଧାନସଭା ଅଧିବେଶନକୁ ସଙ୍କୁଚିତ କିମ୍ବା ମୁଲତବୀ କରାଯାଉଛି। ଏଭଳି ପରିପ୍ରେକ୍ଷୀରେ ୨ଟି ଗୃହର ଓ ବର୍ଷକୁ ୩୫ କୋଟି ଟଙ୍କା ଖର୍ଚ୍ଚ କରିବାର କି ଆବଶ୍ୟକତା ରହିଛି? ବିଭିନ୍ନ ଦପ୍ତରରେ କର୍ମଚାରୀ ଅଭାବ, ସ୍କୁଲକଲେଜମାନଙ୍କରେ ଶିକ୍ଷକ, ଅଭାବ। ଆଦିବାସୀ ଅଞ୍ଚଳରେ ରାସ୍ତାଘାଟ ଏବଂ ପୋଲ ନାହିଁ। ଚାଷୀମାନଙ୍କୁ ଠିକ୍ ସମୟରେ ବିହନ, କୀଟନାଶକ ଦିଆଯାଇ ପାରୁନାହିଁ, ଶସ୍ୟକୁ ସାଇତି ରଖିବା ପାଇଁ ଶୀତଳଭଣ୍ଡାର ନାହିଁ। ସେ ବିଷୟରେ ସରକାର ଚିନ୍ତା କରୁନାହାନ୍ତି। ଅଥଚ ବିଧାନ ପରିଷଦ ଗଠନ କରିବାକୁ ବହୁତ ବ୍ୟସ୍ତ। ଏହା ଠିକ୍ ନୁହେଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମୋପେଡ-ଟ୍ରାକ୍ଟର ଧକ୍କା

କୁଚିଣ୍ଡା,୧୦।୧୨ (ଡି.ଏନ.ଏ.): କୁଚିଣ୍ଡା ଥାନା ସାହାଜବାହାଲ ମଦଭାଟି ପାଖ ରାସ୍ତାରେ ଏକ ମୋପେଡକୁ ଗୋଟିଏ ଟ୍ରାକ୍ଟର ଧକ୍କା ଦେଇଛି। ଏଥିରେ ସୁଶାନ୍ତ ବାଙ୍କା ଓରଫ୍ ମୁନୁ ଗୁରୁତର ଆହତ ହୋଇଛନ୍ତି। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ୧୦୮ ଆମ୍ବୁଲାନ୍ସ ତାଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନା ନେଇଛି। ସୁଶାନ୍ତଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହେବା ସହିତ କାନ୍ଧ ହାଡ ଭାଙ୍ଗିଯାଇଛି । ତାଙ୍କର ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲା ଡାକ୍ତରଖାନା ପଠାଯାଇଛି ।

### ଯୌତୁକ ନିର୍ଯାତନା ଅଭିଯୋଗ

ଧମା, ୧୦।୧୨ (ଡି.ଏନ.ଏ.) ଧମା ଥାନା ଅନ୍ତର୍ଗତ ବରଗାଁରେ ଯୌତୁକ ଦାବି ଓ ନିର୍ଯାତନା ଅଭିଯୋଗରେ ଧମା ପୋଲିସ ସୋମବାର ଜଣକୁ ଗିରଫ କରିଛି। ସେ ହେଲେ ଭେଡେନ ଥାନା ଅନ୍ତର୍ଗତ ଅଇଁଲାପାଲି ଗ୍ରାମର ମନୋରଞ୍ଜନ କୁମ୍ଭାର। ତାଙ୍କ ନାମରେ ଯୌତୁକ ମାମଲା ରୁଜୁ ହୋଇଛି। ତାଙ୍କ ଘରୁ ଯୌତୁକ ସାମଗ୍ରୀ ଜବତ କରି କନ୍ୟା ପକ୍ଷଙ୍କୁ ପୋଲିସ ଜିମା ଦେଇଛି। ବରଗାଁର ଦାମୋଦର ଧୃଷରଙ୍କ କନ୍ୟା ରଞ୍ଜନାଙ୍କ ଗତ ୨ବର୍ଷ ତଳେ ଅଭିଯୁକ୍ତଙ୍କ ସହ ସାମାଜିକ ରୀତିନୀତିରେ ବାହାଘର ସଂପନ୍ନ ହୋଇଥିଲା । ମାତ୍ର କିଛି ଦିନ ପରେ ସ୍ୱାମୀ ଓ ଅନ୍ୟମାନେ ବିଭିନ୍ନ ସାମଗ୍ରୀ ଦାବି କରି ନିର୍ଯାତନା ଦେଇଥିଲେ। ଶେଷରେ ରଞ୍ଜନା ଧମା ଥାନାରେ ଅଭିଯୋଗ କରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

### ବାଇକ୍ ଧକ୍କାରେ ପାଉଁରୁଟି ବ୍ୟବସାୟୀଙ୍କ ମୃତ୍ୟୁ

ରେଢ଼ାଖୋଲ,୧୦।୧୨(ଡି.ଏନ.ଏ.): ରେଢ଼ାଖୋଲ-ନାକଟିଦେଉଳ ରାସ୍ତାର ତେରବେଡା କଇଁତା ଦେବୀ ମନ୍ଦିର ନିକଟରେ ସୋମବାର ସନ୍ଧ୍ୟା ସାଢ଼େ ୫ଟା ବେଳେ ଏକ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ହେଲେ ରେଢ଼ାଖୋଲ ଥାନା କଦଳୀଗଡ ପଞ୍ଚାୟତ ମହତପୁର ଗ୍ରାମର ବୀରେନ ନାଏକ (୪୦)। ବୀରେନ ଏକ ନମ୍ବର ବିହିନ ମୋପେଡରେ ରେଢ଼ାଖୋଲ ଦିଗକୁ ଆସୁଥିବା ବେଳେ ନାକ୍ଟିଦେଉଳ ଦିଗକୁ ଯାଉଥିବା ଏକ ମୋଟର ସାଇକେଲ କଇଁତା ଦେବୀ ମନ୍ଦିର ନିକଟରେ ମୋପେଡକୁ ଧକ୍କା ଦେଇଥିଲା। ଫଳରେ ବୀରେନ ମୋପେଡରୁ ରାସ୍ତାରେ ଛିଟିକି ପଡିଥିଲେ। ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ୧୦୮ ଆମ୍ବୁଲାନ୍ସ ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ଏ ନେଇ ପୋଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମୃତ ବୀରେନ ନାକଟିଦେଉଳ ଥାନା ଜଗନ୍ନାଥ ପ୍ରସାଦ ଗ୍ରାମର ମୂଳ ବାସିନ୍ଦା ହୋଇଥିବା ବେଳେ ଗତ ୮ବର୍ଷ ହେବ ମହତପୁର ଗ୍ରାମରେ ରହି ପାଉଁରୁଟି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ସ୍ତ୍ରୀ, ୩ ବର୍ଷର ପୁଅ ଓ ୮ବର୍ଷର ଝିଅ ଥିବା ଜଣାପଡିଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ବିଶ୍ୱ ମାନବାଧିକାର ଦିବସ

ରେଢ଼ାଖୋଲ,୧୦।୧୨(ଡି.ଏନ.ଏ.)

ରେଢ଼ାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ସୋମବାର ସ୍ଥାନୀୟ ଭୀମ ଭୋଇ କଲେଜରେ ୭୦ତମ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଛି। ତାଲୁକ ଆଇନସେବା ପ୍ରାଧିକରଣ ସମିତିର ଅଧ୍ୟକ୍ଷ ତଥା ସବ୍‌ଜଜ୍ ବାସୁଦେବ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏସ୍‌ଡିଜେଏମ ଅପୂର୍ବା ଚୌଧୁରୀ, ଉପଜିଲାପାଳ ବିଶିକେସନ ଦେହୁରି, ଆଇନଜୀବୀ ଶିବ ପ୍ରସାଦ ପ୍ରଧାନ, କଲେଜ ଅଧ୍ୟକ୍ଷ ଡ. ହରପ୍ରସାଦ ମିଶ୍ର, ଅଧ୍ୟାପିକା ପଦ୍ମଜା ସିହ୍ନା, ଅଧ୍ୟାପକ ଡ. ଜୟନ୍ତ ପଣ୍ଡା ଯୋଗ ଦେଇ ମନବାଧିକାର ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ସଭା ପରିଚାଳନା କରିଥିଲେ। ଏହି ଅବସରରେ କଲେଜର ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ମାନବାଧିକାର ଉପରେ ଅନୁଷ୍ଠିତ ଓଡିଆ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ନାକଟିଦେଉଳ,(ଡି.ଏନ.ଏ.)**– ନାକଟିଦେଉଳ ସ୍ନାତକ କଲେଜ ପକ୍ଷରୁ ସୋମବାର ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ବିନୋଦ ବିହାରୀ ପ୍ରଧାନ, ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା ଧନ୍ୟବାଦ ଅର୍ପଣ କରିଥିଲେ।

**ଜମନକିରା,(ଡି.ଏନ୍.ଏ)**–ଜମନକିରା ବ୍ଲକ୍ ବାଦିବାହାଲ ସାମାଜିକ ସେବା ସଂସ୍ଥା ପକ୍ଷରୁ ମାନବାଧିକାର ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। ବ୍ଲକ୍ ଅଫିସରେ ଏବିଡ଼ିଓ ପ୍ରଦୀପ କୁମାର ଛୁରିଆଙ୍କୁ ଭେଟି ସିଷ୍ଟର ରଞ୍ଜନା, ସିଷ୍ଟର ଗ୍ରେସ, ରୀନା ପଟେଲ, ଭାସ୍କର ବେସନ, ବିଷ୍ଣୁପ୍ରସାଦ ଦେହୁରୀ ଓ ପ୍ରଶାନ୍ତ ବେହେରା ଏକ ଦାବିପତ୍ର ଦେଇଥିଲେ।

**ସମ୍ବଲପୁର,(ବ୍ୟୁରୋ)**–ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୋମବାର ମାନବ ଅଧିକାର ଦିବସ ସରକାରୀ ମହିଳା କଲେଜରେ ପାଳିତ ହୋଇଯାଇଛି । ଏଥିରେ ୧୦ଟି ହାଇସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ହୋଇଥିଲା। ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ସନ୍ତୋଷ କୁମାର ଜେନା, ପରିବାର ଅଦାଲତ ବିଚାରପତି ନିରଞ୍ଜନ ପଣ୍ଡା, ଅଧ୍ୟାପକ ଯୋଗେଶ ଚନ୍ଦ୍ର ଭୋଇ ବିଚାରକ ଭାବେ ଯୋଗ ଦେଇଥିଲେ । ତର୍କରେ ସ୍ୱାଗତିକା ଷଡଙ୍ଗୀ ପ୍ରଥମ, ଚିରଙ୍ଗ ସିଂ ଛତ୍ରିଆ ଦ୍ୱିତୀୟ, ପ୍ରୀତିରାଣୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜିଲା ବିଚାରପତି ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ମଳୟରଞ୍ଜନ ଦାଶ, ମାନବ ଅଧିକାର ଓ ସାମ୍ବିଧାନିକ ମୌଳିକ ଅଧିକାର ବିଷୟରେ ସୁପ୍ରିମକୋର୍ଟଙ୍କ ବିଭିନ୍ନ ରାୟ ଉପରେ ଆଲୋଚନା କରିଥିଲେ । ଦ୍ୱିତୀୟ ଅତିରିକ୍ତ ବିଚାରପତି ମାନସ କୁମାର ପଣ୍ଡା, ଅଧ୍ୟାପିକା ଭାରତୀ ମିଶ୍ର, ପ୍ରଥମ ଅତିରିକ୍ତ ବିଚାରପତି ଆନନ୍ଦ ନାରାୟଣ ମହାରଣା, ବରିଷ୍ଠ ଦିୱାନି ବିଚାରପତି ସଂଗୀତା ପାଣି, କନିଷ୍ଠ ଦେୱାନୀ ବିଚାରପତି ଦିଗବିଜୟ ଦାଶ, ରୁଦ୍ରପ୍ରକାଶ ନାୟକ, ଶର୍ମିଷ୍ଠା ଜେନା, ମହିଳା କଲେଜ ଅଧ୍ୟକ୍ଷା ସ୍ମୃତିସୁଧା ତ୍ରିପାଠୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଇନସେବା ପ୍ରାଧିକରଣ ସଚିବ ଲିଲି ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସିଭିଲ କୋର୍ଟ ରେଜିଷ୍ଟ୍ରାର ବି ଗୌତମ ଧନ୍ୟବାଦ ଅର୍ପଣ କରିଥିଲେ ।



ସୋମବାର ରେଢ଼ାଖୋଲ ଭୀମ ଭୋଇ କଲେଜରେ ୭୦ତମ ବିଶ୍ୱ ମାନବାଧିକାର ଦିବସ ପାଳନ ଅବସରରେ ସବ୍‌ଜଜ୍ ବାସୁଦେବ ଆଚାର୍ଯ୍ୟ ବକ୍ତବ୍ୟ ଦେଉଛନ୍ତି।



ଜମନକିରାରେ ମାନବାଧିକାର ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରା।



ସୋମବାର ଆଦିତ୍ୟ ଆଲୁମିନିୟମ କମ୍ପାନୀ ବିରୋଧରେ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବାକୁ ଆସିଛନ୍ତି।

## ଆଦିତ୍ୟ ଆଲୁମିନିୟମ୍ କମ୍ପାନୀ ବିରୋଧରେ ଅଭିଯୋଗ

ରେଙ୍ଗାଲି, ୧୦।୧୨ (ଡି.ଏନ.ଏ.)

ରେଙ୍ଗାଲି ବ୍ଲକ ବମାଲୋଇ ପଞ୍ଚାୟତ ଅନ୍ତର୍ଗତ ଫୁଲଚାଙ୍ଗୁଡି ଗ୍ରାମବାସୀ ଆଦିତ୍ୟ ଆଲୁମିନିୟମ କମ୍ପାନୀର ଅତ୍ୟାଚାର ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସମ୍ବଲପୁର ଜିଲାପାଳଙ୍କ ଜରିଆରେ ଲିଖିତ ଅଭିଯୋଗ କରିଛନ୍ତି । ସୋମବାର ଶତାଧିକ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଫୁଲଚାଙ୍ଗୁଡି ଗ୍ରାମର ତିନୋଟି ସୀମାକୁ ଆଦିତ୍ୟ ଆଲୁମିନିୟମ କମ୍ପାନୀ ଘେରି ରହିଛି। ଗ୍ରାମବାସୀଙ୍କ ଘରଦ୍ୱାର, ଚାଷଜମି, ସବୁ କିଛି କମ୍ପାନୀ ଅଧିଗ୍ରହଣ କରି ଗ୍ରାମବାସୀଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କରିଛି । ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ ଆଦି ସୁବିଧା କରିବା ପାଇଁ କମ୍ପାନୀ ଅଧିଗ୍ରହଣ ସମୟରେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପାଣିର ଗାର ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫୁଲଚାଙ୍ଗୁଡି ଗ୍ରାମରୁ ବୋମାଲୋଇ ପଞ୍ଚାୟତକୁ ଯିବା ପାଇଁ ଥିବା ରାସ୍ତାକୁ କମ୍ପାନୀ ବର୍ତ୍ତମାନ ନିଜ ଅଧୀନରେ ନେଇ ଯାଇଛି। କମ୍ପାନୀର ଦୂଷିତ ରାସାୟନିକ ଦ୍ରବ୍ୟ ମିଶ୍ରିତ ଜଳ ଗ୍ରାମର ବାନ୍ଦୋ ଜୋରରେ ଛାଡୁ ଥିବାରୁ ତାହା ଗ୍ରାମର ପୋଖରୀ, ନାଳାକୁ ପ୍ରବେଶ କରିବା ଫଳରେ ମାଛ ମରିଯାଉଥିବା ବେଳେ ଗ୍ରାମବାସୀ ଉକ୍ତ ଜଳକୁ ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବାନ୍ଦୋଜୋରର ଜଳ ସିଧାସଳଖ ହୀରାକୁଦ ଜଳଭଣ୍ଡାରରେ ମିଶୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ବାରମ୍ବାର ଜିଲା ପ୍ରଶାସନ ପାଖରେ ଲିଖିତ ଅଭିଯୋଗ କଲେ ମଧ୍ୟ ପ୍ରଶାସନ ଗ୍ରାମବାସୀଙ୍କ କଥାକୁ କର୍ଣ୍ଣପାତ କରୁନାହିଁ । ଜମିହରା ଲୋକଙ୍କୁ କମ୍ପାନୀ ମୌଳିକ ସୁବିଧା ଯୋଗାଇ ନ ଦେଲେ ଗ୍ରାମବାସୀ ଆଦିତ୍ୟ ଆଲୁମିନିୟମ କମ୍ପାନର ମୁଖ୍ୟ ଫାଟକ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ୧୪୦ଖଣ୍ଡ ଶାଳ ଚୌକାଠ ବୋଝେଇ ମିନି ଟ୍ରକ ଜବତ

ରେଢ଼ାଖୋଲ,୧୦।୧୨(ଡି.ଏନ.ଏ.)

ସୋମବାର ଭୋରରୁ ଏକ ମିନି ଟ୍ରକରେ ୧୪୦ଖଣ୍ଡ ଶାଳ ଚୌକାଠ ବୋଝେଇ ହୋଇ ଚୋରା ଚାଲାଣ ହେଉଥିବା ବେଳେ ରେଢ଼ାଖୋଲ ରେଞ୍ଜ ବନ ବିଭାଗ କର୍ମଚାରୀମାନେ ଚଢାଉ କରି ଜବତ କରିଛନ୍ତି। ହେଲେ ଚୋରାଚାଲାଣକାରୀମାନେ ଫେରାର ହୋଇଯାଇଛନ୍ତି। ରେଞ୍ଜ ଅଧିକାରୀ ପ୍ରଦୀପ ସେଠି କହିଛନ୍ତି ଯେ, ହାତୀଧରା ସଂରକ୍ଷିତ ଜଙ୍ଗଲର ଦଲ୍‌କି ଗ୍ରାମ ନିକଟରେ ଚୋରା ଚାଲାଣ ପାଇଁ ଏକ ମିନି ଟ୍ରକ୍ (ନଂ. ଓଆର୦୫ ୯୯୨୧) ଯୋଗେ ଶାଳ ଚୌକାଠ ବୋଝେଇ ହେଉଥିବା ନେଇ ଖବର ପାଇ ଚଢାଉ କରିଥିଲେ। ବନ କର୍ମଚାରୀମାନଙ୍କୁ ଦେଖି ଚୋରାଚାଲାଣକାରୀମାନେ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। ଫରେଷ୍ଟର ପ୍ରିୟଦର୍ଶୀ ପ୍ରଧାନ, ରବି ସାହୁ, ଫରେଷ୍ଟଗାର୍ଡ କିଶୋର ପ୍ରଧାନ, କଳ୍ପନା ସାହୁ ପ୍ରମୁଖ ଚଢାଉ କରିଥିଲେ।



ବନବିଭାଗ କର୍ମଚାରୀଙ୍କ ଦ୍ୱାରା ଜବତ କାଠ ସହ ଭ୍ୟାନ୍।

## ରେଙ୍ଗାଲି ସମବାୟ ସମିତି ସମ୍ପାଦକ ପଦବୀ ପୂରଣ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ରେଙ୍ଗାଲି, ୧୦।୧୨ (ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ରେଙ୍ଗାଲି, ସାଲଡ, ନିଶାନଭଙ୍ଗା, ଲାରିପାଲି ଗ୍ରାମର ଚାଷୀମାନେ ରେଙ୍ଗାଲି ସେବା ସମବାୟ ସମିତିରେ ଖାଲି ପଡିଥିବା ସମ୍ପାଦକ ପଦବୀ ପାଇଁ ସମ୍ବଲପୁର ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି । ଗତ ୫ମାସ ହେଲାଣି ସେବା ସମବାୟ ସମିତିରେ ସମ୍ପାଦକ ପଦବୀ ଖାଲି ପଡିଛି । ନୂତନ ସମ୍ପାଦକ ଚୟନ ସରିଥିଲେ ମଧ୍ୟ ନିଯୁକ୍ତି ଦିଆଯାଉନାହିଁ । ଏବେ ସମ୍ପାଦକ ଦାୟିତ୍ୱରେ ଥିବା ବ୍ୟକ୍ତି ସପ୍ତାହକୁ ଦୁଇ ଦିନ ଆସୁଛନ୍ତି । ରେଙ୍ଗାଲି ସମବାୟ ସମିତିରେ ମାତ୍ର ୩୦ ପ୍ରତିଶତ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଅନ୍ୟ ଚାଷୀମାନେ ବଞ୍ଚିତ ହେଉଛନ୍ତି । ସମ୍ପାଦକ ନ ଥିବାରୁ ଚାଷୀମାନେ ଗତ ଫସଲର ବୀମାରାଶି ପାଇ ପାରିନାହାନ୍ତି । ଚଳିତ ବର୍ଷ ପାଇଁ ମଧ୍ୟ ଚାଷୀମାନେ ଫସଲବୀମା, କୃଷି ଋଣ ଓ ସରକାରଙ୍କଠାରୁ ମିଳୁଥିବା ସୁବିଧାରୁ ବଞ୍ଚିତ ହେଉଛନ୍ତି । ସୋମବାର ରେଙ୍ଗାଲି ବିଧାୟକ ରମେଶ ପଟୁଆଙ୍କ ସହ ନାରାୟଣ ଶର୍ମା, ରେଙ୍ଗାଲି ପୂର୍ବତନ ସରପଞ୍ଚ ଲକ୍ଷ୍ମୀନାରାୟଣ ସାହୁ, ପରକ୍ଷିତ ସାହୁ, ଅଶ୍ୱିନୀ ସାହୁ, ମନୋଜ ସାହୁ, ନବୀନ ବରର୍ତ୍ତି, ଗୋବର୍ଦ୍ଧନ ବାଗ ଓ ବହୁ ଚାଷୀ ଜିଲାପାଳଙ୍କୁ ସାକ୍ଷାତ କରି ଶୀଘ୍ର ସମ୍ପାଦକ ପଦବୀ ପୂରଣ କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି ।

## ପ୍ରାଣୀଧନ ଚିକିତ୍ସକଙ୍କୁ ଆକ୍ରମଣ ଘଟଣା ୨ ନାବାଳକ ଧରା ପଡିଲେ, ଜଣେ ଗିରଫ

ରେଢ଼ାଖୋଲ୧୦।୧୨(ଡି.ଏନ.ଏ.)

ରେଢ଼ାଖୋଲ ଉପଖଣ୍ଡ ପ୍ରାଣୀଧନ ଚିକିତ୍ସାକେନ୍ଦ୍ରରେ କାର୍ଯ୍ୟରତ ସହକାରୀ ଚିକିତ୍ସକ ଡା. ଆକାଶ ମିଶ୍ରଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୨ ଜଣ ନାବାଳକଙ୍କୁ ଧରିଛି। ସେହିଭଳି ଏହି ଘଟଣାରେ ରେଢ଼ାଖୋଲ ସହର ଆମ୍ବେଦକର ନଗରର ବିଶ୍ୱଜିତ ବେହେରା (୧୯)ଙ୍କୁ ଗିରଫ କରିଛି ବୋଲି ଥାନା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି। ଚିକିତ୍ସାକେନ୍ଦ୍ରର କର୍ମଚାରୀ ସମ୍ବାରୁ ବେହେରାଙ୍କ ଅଭିଯୋଗ କ୍ରମେ ଦଫା ୪୫୨, ୨୯୪, ୩୪୧, ୩୫୩, ୩୩୨, ୩୩୩, ୩୦୭/୩୪ରେ ଏକ ମାମଲା (ନଂ.୨୧୫/୧୮) ରୁଜୁ ହୋଇଛି। ରବିବାର ସନ୍ଧ୍ୟାରେ ଡାକ୍ତର ମିଶ୍ରଙ୍କୁ ଏମାନେ ଲୁହା ପାଇପ ଓ ପଥରରେ ଆକ୍ରମଣ କରିଥିଲେ। ଡାକ୍ତରଖାନା ପରିସରରେ ସଂପୃକ୍ତ ଯୁବକମାନେ ବିଭିନ୍ନ ସମୟରେ ନିଶାଦ୍ରବ୍ୟ ସେବନ କରିବା ସହିତ ବିଭିନ୍ନ ଅସାମାଜିକ କାର୍ଯ୍ୟ କରୁଥିଲେ। ଏଥିଯୋଗୁ ଡାକ୍ତର ମିଶ୍ର ବିରୋଧ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଏମାନେ ତାଙ୍କୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ତେବେ ଡାକ୍ତରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସେ ରେଢ଼ାଖୋଲ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଅବସ୍ଥା ଗୁରୁତର ଅଛି। ସେ ସମ୍ବଲପୁର ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡା. ନବୀନ କୁମାର ମିଶ୍ରଙ୍କ ପୁଅ ବୋଲି ଜଣାପଡିଛି।

## ୭ ଗାଁରେ ଭାଜପାର ଜନ ପରାମର୍ଶ ପଦଯାତ୍ରା

ବାମରା, ୧୦।୧୨ (ସ୍ୱ.ପ୍ର.)

ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତ ଅନ୍ତର୍ଗତ ୭ଟି ଗାଁରେ ବାମରା ବ୍ଲକ ଭାଜପା ପକ୍ଷରୁ ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସୋମବାର କେଶାଇବାହାଲ ପଞ୍ଚାୟତ ସମିତି ସଭ୍ୟ ପଦ୍ମଚରଣ ଗୁରୁଙ୍କ ନେତୃତ୍ୱରେ ଭାଜପା କର୍ମୀ ପଞ୍ଚାୟତର ଫଟାଟାଙ୍ଗର, ସାଲୋହି, କେଶାଇବାହାଲ, ସୋଲବଗା, ଡଙ୍ଗାଯୋର, ବ୍ରାହ୍ମଣିମୁଣ୍ଡା ଓ ଭିକାପାଲି ଗ୍ରାମ ବୁଲିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାରେ ଦୁର୍ନୀତିକୁ ବିରୋଧ କରିବା ସହିତ କେନ୍ଦ୍ର ସରକାରଙ୍କ ଯୋଜନାଗୁଡିକୁ ରାଜ୍ୟ ସରକାର କାର୍ଯ୍ୟକାରୀରେ ଅବହେଳା କରିବା ଏମାନେ ଅଭିଯୋଗ କରିଛନ୍ତି। ସୁନୀଲ ଦାସ, ସମ ଲାକ୍ରା, ଗୌରାଙ୍ଗ ନାଏକ, ପିଣ୍ଟୁ ଧୁରୁଆ, ବବଲୁ ନାଏକ, ସୁରେନ୍ଦ୍ର ପଙ୍କା, ପିଣ୍ଟୁ ଶର୍ମା ପ୍ରମୁଖ ଶୋଭାଯାତ୍ରାରେ ବାହାରି ଲୋକଙ୍କ ସହ ସମ୍ପର୍କ ସ୍ଥାପନ ସହ ଦଳ ସପକ୍ଷରେ ପରାମର୍ଶ ଲୋଡିଥିଲେ ।

**ରେଢ଼ାଖୋଲ,(ଡି.ଏନ.ଏ.):** ଭାଜପା ରେଢ଼ାଖୋଲ ନଗର କମିଟି ପକ୍ଷରୁ ଏନଏସିର ବିଭିନ୍ନ ୱାର୍ଡରେ ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରତାପ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ କର୍ମକର୍ତ୍ତା କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସଂପର୍କରେ ଅବଗତ କରିବା ସହିତ ଲୋକଙ୍କ ପରାମର୍ଶ ଲୋଡିଥିଲେ। ରାଜ୍ୟରେ କ୍ଷମତାସୀନ ସରକାରଙ୍କ ବିଭିନ୍ନ ଦୁର୍ନୀତି, ପିସି କାରବାର ସଂପର୍କରେ ଜନସାଧାରଣଙ୍କୁ କହିଥିଲେ। ଏନଏସିର ୧, ୨, ୩, ଓ ୪ ନଂ ୱାର୍ଡରେ ଭାଜପା କର୍ମକର୍ତ୍ତା ଘରକୁ ଘର ବୁଲି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ପ୍ରଚାର ପତ୍ର ବଣ୍ଟନ କରିଥିଲେ। ଗୋବିନ୍ଦ ଅଗ୍ରୱାଲ, ଶିବରାମ ସାହୁ, ରାମାନୁଜ ମହାପାତ୍ର, ବିଚିତ୍ରାନନ୍ଦ ସାହୁ ପ୍ରମୁଖ କର୍ମକର୍ତ୍ତା ପଦଯାତ୍ରାରେ ସାମିଲ ଥିଲେ।




ରେଢ଼ାଖୋଲରେ ଭାଜପା ପକ୍ଷରୁ ଅନୁଷ୍ଠିତ ଜନ ପରାମର୍ଶ ପଦଯାତ୍ରା।

## ଶିଶୁ ମହୋତ୍ସବ ଉଦ୍‌ଯାପିତ

ଜମନକିରା,୧୦।୧୨ (ଡି.ଏନ୍.ଏ.)

ଜମନକିରା ବ୍ଲକ୍ ବଡ଼ମାଲ ପଞ୍ଚାୟତ ଟାଙ୍ଗରାଣୀ ବିପିଏୟୁଭି ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ଓଷ୍ଟା ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଓଷ୍ଟା ସମ୍ପାଦକ ସୁଶାନ୍ତ କୁମାର ପଟେଲ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ବଡ଼ମାଲ ପଞ୍ଚାୟତ ସମିତି ସଭ୍ୟ ହୃଦାନନ୍ଦ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଦେବଦତ୍ତ ପଣ୍ଡା ଯୋଗ ଦେଇଥିଲେ। ହରେକୃଷ୍ଣ ନାୟକ, ବୀରେନ୍ଦ୍ର ଦାଶ, ପ୍ରମୋଦ ସାହୁ, ମୀନାକ୍ଷୀ ପଟେଲ, ନମିତା ନାୟକ, ପ୍ରଦୀପ ନାୟକ, ରୂପେଶ ପଟେଲ, ଅଶ୍ୱିନୀ ପଧାନ, ଆର୍ଗୁ ଓରାମ, ପ୍ରଦୀପ ସେଉଲ, ଚମରୁ ଓରାମ, ପ୍ରଭାତୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବ୍ଲକ୍ ଓଷ୍ଟା ସଭାପତି ମାନସ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ବିପିଏୟୁଭି ହାଇସ୍କୁଲରେ ବ୍ଲକସ୍ତରୀୟ ଓଷ୍ଟା ଶିଶୁ ମହୋତ୍ସବରେ ସାମିଲ ହୋଇଥିବା ଛାତ୍ରଛାତ୍ରୀ।

## ସଂଗଠନ ଦୃଢ଼ କରିବାକୁ ପରାମର୍ଶ ଦେଲେ ରୋହିତ

ନାକଟିଦେଉଳ,୧୦।୧୨(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି କତରାପାଲି ନିକଟସ୍ଥ କୁଞ୍ଜବନ ମଠରେ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ସମସ୍ତ ୱାର୍ଡ଼ ସଂଯୋଜକଙ୍କ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ବରିଷ୍ଠ ବିଜେଡି ନେତା ଅନାଦି ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଯୋଗ ଦେଇଥିଲେ। ତୃଣମୂଳ ସ୍ତରରୁ ଦଳୀୟ ସଂଗଠନକୁ ସୁଦୃଢ଼ କରି, ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡ଼ିକର ସଫଳତା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ସେ ସଂଯୋଜକମାନଙ୍କୁ ପରାମର୍ଶ ଦେଇଥିଲେ। ବିଜେଡି ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ଅମଳରେ ନାକଟିଦେଉଳ ବ୍ଲକରେ ବହୁ ଉନ୍ନତି ହୋଇଛି । ଏହି ଧାରା ଆଗକୁ ମଧ୍ୟ ଜାରି ରହିବ । ଏଥି ପାଇଁ ଦଳୀୟ କର୍ମୀମାନେ ସାଧାରଣ ଭୋଟରଙ୍କ ପ୍ରିୟ ଭାଜନ ହେବାକୁ ପଡ଼ିବ । ସେମାନଙ୍କୁ ସରକାରଙ୍କ କାର୍ଯ୍ୟକ୍ରମ ଏବଂ ଦଳପ୍ରତି ଅନୁପ୍ରାଣିତ କରିବାକୁ ପଡ଼ିବ ବୋଲି ସେ ଆହ୍ୱାନ ଦେଇଥିଲେ। ଗୋଲେଖଚନ୍ଦ୍ର ସାହୁ ଯୋଗଦେଇ ବ୍ଲକର ପ୍ରତି ୱାର୍ଡ଼ରେ ଗଠନ କରାଯାଇଥିବା ୨୧ଜଣିଆ ୱାର୍ଡ଼ କମିଟିର ସଂଯୋଜକମାନଙ୍କୁ ପ୍ରତି ଘରେ ଯେପରି ଦଳର ସଫଳତାର ବାର୍ତ୍ତା ପହଞ୍ଚି ପାରିବ ସେ ନେଇ ଆହ୍ୱାନ ଦେଇଥିଲେ। ସଂଯୋଜକମାନେ ଦଳ ଏବଂ ସରକାରଙ୍କ ଆଭିମୁଖ୍ୟକୁ ନେଇ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ । ଆଗାମୀ ନିର୍ବାଚନରେ ଯେପରି ଆହୁରି ଆଗକୁ ନିଆଯିବ ସେ ନେଇ ଏବେଠାରୁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି କହିଥିଲେ । ସାହେବୀର ପୂର୍ବତନ ସରପଞ୍ଚ ରାମପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ ଧନ୍ୟବାଦ ଦେଇଥିଲେ। ବ୍ଲକ ବିଜେଡି ସଭାପତି ମୁଳିଆ ରାଉଳ ମଧ୍ୟ ଉପସ୍ଥିତ ଥିଲେ। ରାଜକିଶୋର ପ୍ରଧାନ, ଧୀରେନ ସାହୁ, ମଣ୍ଟୁ ସାହୁ, ମହେନ୍ଦ୍ର କୁଅଁର, ପିଣ୍ଟୁ ଧଳ, ବୀରେନ ପ୍ରଧାନ, ଗୌତମ ବିଶ୍ୱାଳ, ମେଘନାଦ ବେହେରା, ପାଣ୍ଡବ ପ୍ରଧାନ, ଜାମୁଯୋରୀ ସରପଞ୍ଚ ଅଜିତ ପ୍ରଧାନ, ସମିତିସଭ୍ୟ ସାଗର କୁମାର ସାହୁ, ଜିତେନ୍ଦ୍ର କୁମାର ସାହୁ, ବାସୁଦେବ ସ୍ୱାଇଁ, ସୁନିଲ ମାଝିଙ୍କ ସମେତ ବ୍ଲକର ସମୁଦାୟ ୧୭୫ଟି ୱାର୍ଡ଼ରୁ ଦୁଇ ଜଣ ଲେଖାଁଏ ଦଳୀୟ ସଂଯୋଜକ ଯୋଗ ଦେଇଥିଲେ।



କୁଞ୍ଜବନ ମଠରେ ଏକାଠି ହୋଇଥିବା ବିଜେଡି କର୍ମୀମାନେ।



ମନୁଷ୍ୟର ପ୍ରକୃତରେ ଅଭାବ କମ୍, କାରଣ ସେ ଯେଉଁଗୁଡ଼ିକ ସୃଷ୍ଟିକରି ଚାଲିଥାଏ, ସେଗୁଡ଼ିକ ହିଁ ତାକୁ ଅସୁବିଧାରେ ପକାଇଥାନ୍ତି।
- ଜୋହାନ କାସ୍‌ପର ଲାଭାଟର

## ସଂକ୍ଷେପରେ

### ୧୪ରୁ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ବୌଦ୍ଧ,୧୦।୧୨(ସ୍ୱ.ପ୍ର.)
ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଡିସେମ୍ବର ୧୪ ଓ ୧୫ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମଥର ଜିଲା ସଦର ମହକୁମା ପରିବର୍ତ୍ତେ ସରସରା ହାଇସ୍କୁଲ ଖେଳପଡ଼ିଆରେ ଏହି କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେବ। ୧୪, ୧୬, ୧୮ ଓ ୨୦ ବର୍ଷ ବୟସ ବର୍ଗର ବାଳିକା ବାଳକଙ୍କୁ ନେଇ ପ୍ରତିଯୋଗିତା କରାଯିବ। ଆଗ୍ରହୀ କ୍ରୀଡ଼ା ଓ ଶିକ୍ଷା ଅନୁଷ୍ଠାନର କ୍ରୀଡ଼ାବିତ୍‌ମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଇଚ୍ଛୁକ ଖେଳାଳିମାନେ ସେମାନଙ୍କ ବୟସ ପ୍ରମାଣପତ୍ର ଓ ଆଧାରକାର୍ଡ ନକଲ ପ୍ରବେଶିକା ଫର୍ମରେ ସଂଲଗ୍ନ କରି ଖେଳପଡ଼ିଆରେ ଦାଖଲ କରିବାକୁ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ରାଉତ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

# ମାନବାଧିକାର ଦିବସ ପାଳନ

ଦେବଗଡ,୧୦।୧୨(ସ୍ୱ.ପ୍ର.)



ମାନବାଧିକାର ଦିବସ ପାଳନ ଅବସରରେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କ ସହ ଅତିଥିବୃନ୍ଦ।

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ମାନବାଧିକାର ଦିବସ ସୋମବାର ପାଳନ କରାଯାଇଛି। ଜିଲା ଜଜ୍ ତଥା ଜିଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ରାଜେନ୍ଦ୍ର ତୋଷଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧିକରଣର ସମ୍ପାଦକ ପ୍ରିୟରଞ୍ଜନ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଦେବଗଡ ସହରର ମୋଟ୍ ୫ଟି ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଏକ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବକ୍ତୃତା ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ସାନି ତ୍ରିପାଠୀ ପ୍ରଥମ, ଅରବିନ୍ଦ ସ୍କୁଲର ଛାତ୍ରୀ ଆଦ୍ୟାସା ପ୍ରିୟଦର୍ଶିନୀ ମୁଦୁଲି ଦ୍ୱିତୀୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର କରନ୍ କ୍ରିଷ୍ଣା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ପ୍ରବନ୍ଧ ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ସୁଦୀପ୍ତା ପ୍ରଧାନ ପ୍ରଥମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅଲିଭା ଶତପଥୀ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଅର୍ଚ୍ଚନା ଦ୍ୱିବେଦୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରବନ୍ଧ ବିଚାରକ ଭାବେ ଅଧ୍ୟାପକ ଚିତ୍ତ ରଞ୍ଜନ ଦାସ, ବରିଷ୍ଠ ନାଗରିକ ଫୋରମର ସଭାପତି ପ୍ରଫୁଲ୍ଲ ମହାପାତ୍ର ଉପସ୍ଥିତ ଥିଲେ। ସେହିପରି ବକ୍ତୃତା ପ୍ରତିଯୋଗିତାରେ ଜିଲା ବାର୍ ଆସୋସିଏଶନ୍‌ର ସଭାପତି ଦିଲ୍ଲୀପ ଗୁରୁ ଏବଂ ସମ୍ପାଦକ ବିକାଶ ପ୍ରଧାନ ଉପସ୍ଥିତ ଥିଲେ। କୃତି ପ୍ରତିଯୋଗିମାନଙ୍କୁ ଜିଲା ଜଜ୍ ସିଲ୍ କପ୍, ସାର୍ଟିଫିକେଟ ପ୍ରଦାନ କରିଥିଲେ ଏବଂ ଭାଗ ନେଇଥିବା ସମସ୍ତ ପ୍ରତିଯୋଗିମାନଙ୍କୁ ମଧ୍ୟ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲୁଚି ଲୁଚି ପର ଅଇଁଠା ଖାଏ;**
**ଘର ଆଦରକୁ ଅସୁଖୁ ପାଏ ।**

ଆମ ସମାଜରେ ଏଭଳି କେତେଜଣ ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନ ସମ୍ମାନକୁ ଖାତିର ନ କରି ପର ଆଗରେ ହାତ ପତେଇଥାନ୍ତି। ଅଥଚ ଆଉ କେହି ଭଲ ଭାବେ ଅଭ୍ୟର୍ଥନା କଲେ ମଧ୍ୟ ସେ ତାହାକୁ ଗ୍ରହଣ ନ କରି ନାମ ସମାଲୋଚନା କରିଥାନ୍ତି। ପ୍ରକୃତି ଛଡ଼ା ବ୍ୟକ୍ତିଙ୍କଠାରେ ଏପରି ରଙ୍ଗଢଙ୍ଗ ବା ହାବଭାବ ପରିଲକ୍ଷିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଲୁଣ ଲଗାଇ ଭାତ ଖାଏ,**
**ସାତ ତିଅଣ କହୁଥାଏ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେଜଣ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅନ୍ୟ ଆଗରେ ତୁଚ୍ଛା ବାହାଦୁରି ମାରିଥାନ୍ତି। ଛ'କୁ ନଅ କରି କହିବା ସେମାନଙ୍କ ପ୍ରକୃତି ହୋଇଥାଏ। ତେବେ ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ଏପରି ଫମ୍ପା ଆଭିଜାତ୍ୟ କୌଣସି ପରିସ୍ଥିତିରେ ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଭାଜପାର ଜନ ପରାମର୍ଶ ପଦଯାତ୍ରା

ଦେବଗଡ,୧୦।୧୨(ସ୍ୱ.ପ୍ର.)




ଭାଜପା ଜନ ପରାମର୍ଶ ପଦଯାତ୍ରାରେ ସାମିଲ ହୋଇଥିବା ଭାଜପା କର୍ମୀ।

ଦେବଗଡ ଜିଲା ଭାଜପା ପକ୍ଷରୁ ଦେବଗଡ ପୌରାଞ୍ଚଳରେ ଜନପରାମର୍ଶ ପଦାଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ଅରୁଣ ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ଗୋପାଳଜୀ ମନ୍ଦିର ନିକଟସ୍ଥ ଭାଜପା କାର୍ଯ୍ୟାଳୟରୁ ବାହାରିଥିଲା। ଏହି ପଦଯାତ୍ରାରେ ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଦେବଗଡ ବିଧାୟକ ନିତେଶ ଗଙ୍ଗଦେବ, ପୂର୍ବତନ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀ, ସଚିକାନ୍ତ ଦାଶ, ରଞ୍ଜିତ ପଟେଲ, ଆଲୋକ ମିଶ୍ର, ରମଣୀ ରଞ୍ଜନ ଦାସ, ସୁରୁ ପାତ୍ର, ଦୟା ଶଙ୍କର ଦ୍ୱିବେଦୀ, ଅଭିନାଶ ପ୍ରଧାନ, ସତ୍ୟନାରାୟଣ ପାଣି, ଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମୀ ପ୍ରମୁଖ ସାମିଲ ହୋଇଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସଫଳତା ଓ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ପୌରାଞ୍ଚଳର ପ୍ରତ୍ୟେକ ସାହିରେ ବୁଲି ବୁଲି ପ୍ରଚାର କରିବା ସହ ଅବଗତ କରାଇଥିଲେ।

## ନିଶାସେବନ କାଳ ହେଲା: ସହକାରୀ ଶିକ୍ଷକ ନିଲମ୍ବିତ

ଭେଡ଼େନ,୧୦।୧୨(ଡି.ଏନ.ଏ)

ବରଗଡ଼ର ଜିଲା ଭେଡ଼େନ ବ୍ଲକ ଅଧୀନ ମର୍ହାପାଲି ପ୍ରାଥମିକ ସ୍କୁଲରେ କାର୍ଯ୍ୟରତ ସହକାରୀ ଶିକ୍ଷକ ଲଲାଟେନ୍ଦୁ ମୋହନଲାଲ ଛୁରିଆଙ୍କୁ ସୋମବାର କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ଜିଲା ଶିକ୍ଷା ଅଧିକାରୀଙ୍କ ପତ୍ରସଂଖ୍ୟା-୧୩୨୯୯ ତା,୧୦।୧୨।୨୦୧୮କ୍ରମେ ତାଙ୍କୁ ନିଲମ୍ବନ କରାଯାଇଛି । କାର୍ଯ୍ୟରେ ଅବହେଳା ଏବଂ ବିଶୃଙ୍ଖଳିତ ଆଚରଣ ଯୋଗୁ ତାଙ୍କ ବିରୋଧରେ ସେଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିଛି। ନିଲମ୍ବନ ସମୟରେ ଛାଲୁକୁଲୁଣ୍ଡା ପ୍ରାଥମିକ ସ୍କୁଲରେ ନିୟମିତ ଉପସ୍ଥାନ ଦେବା ପାଇଁ ତାଙ୍କୁ ନିର୍ଦ୍ଦେଶ ରହିଛି ।

# ଶୌଚାଳୟ ବ୍ୟବହାର ଆମକୁ ସୁସ୍ଥ ରଖେ

ଦେବଗଡ,୧୦।୧୨(ସ୍ୱ.ପ୍ର.)

**ଜିଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ**



ବିଶ୍ୱ ଶୌଚାଳୟ ଦିବସ ଅବସରରେ ମଞ୍ଚାସୀନ ଅତିଥି।

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭାଗୃହଠାରେ ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ ସୋମବାର ଜିଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯାଇଛି । ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ନିୟମିତ ଶୌଚାଳୟ ବ୍ୟବହାର ହିଁ ଆମକୁ ସୁସ୍ଥ ଜୀବନ ଯାପନ କରିବାକୁ ସୁଯୋଗ ଆଣି ଦିଏ ବୋଲି କହିଥିଲେ । ଜିଲାପାଳ ସୁଧାଂଶୁ ମୋହନ ସାମଲ ମିଶନର ଅଧ୍ୟକ୍ଷ ରୂପେ ପୌରହିତ୍ୟ କରି ଶୌଚାଳୟର ବ୍ୟବହାର ଓ ପରିଚାଳନା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ମିଶନର ସଦସ୍ୟ ସଚିବ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା, ମିଶନର ଅବାହକ ତଥା ନିର୍ବାହୀ ଯନ୍ତ୍ରୀ ନିହାର ରଞ୍ଜନ ଦାଶ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଆର୍ଶୂ ଟୁଡୁ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ସେହିପରି ବାରକୋଟ ବ୍ଲକର ବିଭିନ୍ନ କମିଟିକୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଜିଲା ସଂଯୋଜିକା ଅନୀଲା ପ୍ରିୟଦର୍ଶିନୀ କୁଅଁର ଦାୟିତ୍ୱ ତୁଲାଇଥିବାବେଳେ ଜିଲା ପରାମର୍ଶଦାତା ପ୍ରଶାନ୍ତ ସାମଲ, ବ୍ଲକ ସଂଯୋଜକ ସୁଶୀଳ ପ୍ରଧାନ, ସୁଶାନ୍ତ ପ୍ରଧାନ, ସନ୍ଦୀପ ପ୍ରଧାନ, ଗୋଷ୍ଠୀ ସଂଯୋଜକ ବୁଲୁ ଘଡେଇ, ସଚ୍ଚିକାନ୍ତ ପ୍ରଧାନ, ହିମାଂଶୁ ପ୍ରଧାନ, ସଚ୍ଚିଦାନନ୍ଦ ଦାଶ, ଦେବବ୍ରତ ବରାଇ ପ୍ରମୁଖ ସହଯୋଗ କରିଥିଲେ ।

# ବେରୋଜଗାରୀ ସମସ୍ୟାର ପ୍ରତିବାଦ: ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

ଦେବଗଡ,୧୦।୧୨(ସ୍ୱ.ପ୍ର.)



ବେରୋଜଗାରୀ ସମସ୍ୟା ନେଇ ଭାଜପା କର୍ମୀମାନଙ୍କର ପ୍ରତିବାଦ।

ଦେବଗଡ ଜିଲା ଭାଜପା ଯୁବ ମୋର୍ଚ୍ଚା ତରଫରୁ ଜିଲାରେ ଦେଖାଦେଇଥିବା ଉକ୍ଟ ବେରୋଜଗାରୀ ସମସ୍ୟା ପ୍ରତିକାର ପ୍ରତିବାଦରେ ସୋମବାର ସ୍ଥାନୀୟ ପିଡବ୍ଲୁଡି କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରଯାଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରରୁ ଏକ ରାଲି ବାହାରି ସହର ପରିକ୍ରମା କରି ବିଭିନ୍ନ ସରକାରୀ ବିରୋଧି ନାରାବାଜି ଦେଇଥିଲେ। ସେହିପରି ବେକାରୀ ତଥା ବେରୋଜଗାରୀ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଦାବି ଜଣାଇଥିଲେ । ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତିବ୍ରତର କରାଯିବ ବୋଲି କର୍ମୀମାନେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଯୁବ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଆଲୋକ ମିଶ୍ର, ମୋତିଲାଲ ଶର୍ମା, ଦୟାଶଙ୍କର ଦ୍ୱିବେଦୀ, ବିଧାନସଭା ଯୁବ ସଂଯୋଜକ ତପନ ସାମଲ, ଅଭିନାଶ ପ୍ରଧାନ, ଲିଙ୍କୁ ରାଉଳ, ରାଜେନ୍ଦ୍ର ବେହେରାଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ଅର୍ଶ (ମଳକଣ୍ଟକ) - Piles ଓ ଭଗନ୍ଦର - Fistula ର ସଫଳ ଚିକିତ୍ସା
ବାରମ୍ବାର ଅପରେସନ୍‌ରେ ଅସଫଳ ହେଉଥିବା ରୋଗୀମାନଙ୍କର ମଧ୍ୟ ସଫଳତାର ସହିତ ଚିକିତ୍ସା କରାଯାଉଛି
ସବୁଠୁ ନିରାପଦ, ସବୁଠୁ କମ୍ କଷ୍ଟ, ସବୁଠୁ କମ୍ ଖର୍ଚ୍ଚ
ପରାମର୍ଶ ସମୟ: ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା
Call Us: 94371 38000, 94371 36000, 0674-2354577, 0674-2354320
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com
ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD, GAMS (PATNA)
DR. PREM KUMAR, BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

LOAN
ଓଡ଼ିଶାର ସମସ୍ତ ଜିଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603, 7064382081

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286, 7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number 9499218982
Goudunipokhari, Pharsibandha, Bhadrak, Odisha - 756132

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110, 7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

M. GROUP FINANCE CO.
DIWALI OFFER (Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261, 9718741868
Block Chack, Balasore-756027

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

SMS JOB
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145, 9006905977

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551, 9068296909

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469, 8395030162

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370, 7840058835
H.No.-258, VPO Duhai, Ghaziabad, (U.P.) 201203

T.C.F. FINANCE
(Govt. Registered)
ଋଣ ମାତ୍ର ୬ ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261, 7991052595
405 D, Gandhi Marg, Mumbai-02

TARIFF — MORE SPACE • SAME PRICE (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସୌନ୍ଦର୍ଯ୍ୟ

# ସୁନ୍ଦର ଦେଖାଯିବାକୁ ଚାହୁଁଥିଲେ

**ଯଦି ଆପଣ ପର୍ଯ୍ୟାପ୍ତ ପରିମାଣରେ ଶୋଇବେ ତେବେ ଫ୍ରେଶ ଲାଗିବେ । ଏମିତି କିଛି ଟିପ୍ସ ରହିଛି ଯାହା ଆପଣଙ୍କୁ ସୁନ୍ଦର ଦେଖାଯିବାରେ ସାହାଯ୍ୟ କରିବ...**



- ଶୋଇବା ସମୟରେ ଯଦି ବାମକଡ,ଡାହାଣ କଡ ହୋଇ ଶୋଇବେ ତେବେ ଏହାର ପ୍ରଭାବ ଆପଣଙ୍କ ମୁହଁରେ ପଡିବ । ଯାହା ଦ୍ୱାରା ଆପଣଙ୍କ ମୁହଁରେ ରିଙ୍କଲ୍ସ ପଡିଯିବ ।
- ଶୋଉଥିବା ତକିଆ ବ୍ୟବହାର କରୁଥିଲେ, ଚେଷ୍ଟା କରନ୍ତୁ ତକିଆ କଭର ମୁଲାୟମ୍ କପଡାର ହେବା ଆବଶ୍ୟକ ।
- ରାତିରେ ପର୍ଯ୍ୟାପ୍ତ ପରିମାଣର ଶୁଅନ୍ତୁ ଏବଂ ନାଇଟ୍ କ୍ରିମ୍ ଲଗାଇ ହାଲ୍କା ମସାଜ୍ କରନ୍ତୁ । ଏହାଦ୍ୱାରା ଆପଣଙ୍କ ସ୍କିନ୍ ମଶ୍ଚରାଇଜ୍ ରହିଥାଏ । ଯାହା ଫଳରେ ମୁହଁରେ ଫାଇନ୍ ଲାଇନ୍ସ ଦେଖାଯାଇ ନ ଥାଏ ।
- ଯଦି ଆପଣ ଏୟାର କଣ୍ଡିଶନର ସଂସ୍ପର୍ଶରେ ଆସୁଛନ୍ତି ତେବେ ଚେଷ୍ଟା କରନ୍ତୁ ମୁହଁ ଯେପରି ଏସି ସମ୍ମୁଖରୁ ଦୂରେଇ ରହିବ । ଏହାଦ୍ୱାରା ଆପଣଙ୍କ ମୁହଁର ଚମକ ନଷ୍ଟ ହେବ ନାହିଁ ।



ଝିଅକୁ ଶିଖାନ୍ତୁ

# ସମ୍ପର୍କ ଯୋଡ଼ି ରଖିବାର କଳା

**ଝିଅଟିଏ ବୋହୂ ହୋଇ ଶାଶୁଘରକୁ ଗଲେ ତାହାର ଦାୟିତ୍ୱ ବଢ଼ିଯାଏ। ଶାଶୁଘର ସଦସ୍ୟଙ୍କ ସହ ମନ ମିଳାଇ ତାକୁ ଚାଲିବାକୁ ପଡ଼େ। ତେବେ ସେଠାରେ ସେ କିପରି ସୁସମ୍ପର୍କ ରଖିପାରିବ, ସେନେଇ ତାକୁ ବିବାହ ପୂର୍ବରୁ କିଛି ଶିଖିବାକୁ ପଡିଥାଏ। ସେ ସମ୍ପର୍କରେ...**





ବୁଦ୍ଧିକୁ ଭଲ ବାଟରେ ଉପଯୋଗ କରିବା ଦରକାର। ତେଣୁ ଝିଅଟି ନିଜ ଜୀବନକୁ କିପରି ନିଜେ ଗଢୁଛି ତାହା ଭଲ ଭାବରେ ଲକ୍ଷ୍ୟ କରନ୍ତୁ। ଯଦି ସେଥିରେ କିଛି ଦୋଷତ୍ରୁଟି ପରିଲକ୍ଷିତ ହେଉଛି ତେବେ ତାହାକୁ ତୁରନ୍ତ ସମାଧାନ କରନ୍ତୁ। ନିଜ ସମସ୍ୟାକୁ ଯଦି ସେ ଭଲ ଭାବରେ ସମାଧାନ କରିପାରୁଛି, ତେବେ ନିଜ ନୂଆ ଜୀବନକୁ ଆଗେଇ ନେବାରେ ସେ ଅସୁବିଧାର ସମ୍ମୁଖୀନ ହୋଇ ନ ଥାଏ। ପ୍ରତିଟି କଥାରେ ଯଦି ମା' ଝିଅକୁ ଉପଦେଶ ଦେବା ଆରମ୍ଭ କରନ୍ତି ତେବେ ଝିଅ ନିଜ ବୁଦ୍ଧି ଖଟାଇବାକୁ ସମୟ ପାଇ ନ ଥାଏ। ତାକୁ ଯେମିତି ଏକ ପଞ୍ଜୁରି ଭିତରେ ଆବଦ୍ଧ ହୋଇ ରହିବା ପରି ଲାଗିଥାଏ। ତେଣୁ ତାକୁ ଗାଇଡ୍ କରନ୍ତୁ-ଏଥିରେ ଦ୍ୱିମତ ନାହିଁ। ହେଲେ ସବୁ କଥାରେ ମୁଣ୍ଡ ଖେଳାଇଲେ ତାହା ତାଙ୍କର ବ୍ୟକ୍ତିଗତ ଜୀବନକୁ ଅନେକାଂଶରେ ପ୍ରଭାବିତ କରିଥାଏ।

### ଶାଶୁଘର ନୁହେଁ ନିଜ ଘର

ଯେତେବେଳେ ଝିଅଟିଏ ବାହାହୋଇ ଶାଶୁଘରକୁ ଆସେ ସେତେବେଳେ ସେ ଘରକୁ ନିଜର ବୋଲି ଭାବିବା ଦରକାର। ନୂଆ ଘର, ନୂଆ ଲୋକ, ଆଉ ତା' ଭିତରେ ତାକୁ ଆଗେଇବାକୁ ପଡ଼େ। ତେଣୁ ସେହି ଲୋକଙ୍କ ସହ ଭଲ ଭାବରେ ମିଶି କିପରି ଶାଶୁଘରକୁ ଆହୁରି ସୁନ୍ଦର କରି ଗଢ଼ି ତୋଳିବ, ସେନେଇ ତାକୁ ଭଲ ଉପଦେଶ ଦିଅନ୍ତୁ। ଯଦି ସେ କିଛି ଭଲ କଥା କହୁଛି ତେବେ ତାକୁ ଆହୁରି ଉତ୍ସାହିତ କରନ୍ତୁ। ଶାଶୁଘରକୁ ନେଇ ତାକୁ ଏଭଳି ଉପଦେଶ ଦିଅନ୍ତୁ ନାହିଁ, ଯାହାଦ୍ୱାରା ସମ୍ପର୍କ ପ୍ରଭାବିତ ହେବ ଏବଂ ସେ ସେଠାରେ ଅଣନିଃଶ୍ୱାସୀ ଅନୁଭବ କରିବ।

### ଅଯଥା ହସ୍ତକ୍ଷେପ ନ ହେଉ

କେତେକ ମା' ନିଜ ଝିଅ ଶାଶୁଘରେ କିପରି ଚଳୁଛି ତାହାର ଟିକିନିଖି ଖବର ରଖିଥାଆନ୍ତି। ହେଲେ ଛୋଟ ଛୋଟ କଥାକୁ ଆଳକରି ସେମାନେ ସେଠାରେ ଅଯଥା ସମସ୍ୟା ସୃଷ୍ଟି କରନ୍ତି, ଯାହାଦ୍ୱାରା ଝିଅ ସେଠାରେ ଉପହସିତ ହୋଇଥାଏ। ତେଣୁ ଏଭଳି ଅଯଥା ହସ୍ତକ୍ଷେପ ନ କରିବା ଭଲ। ଝିଅଟି ଶାଶୁଘରେ ଭଲରେ ରହୁ ଏ କଥା ପ୍ରତ୍ୟେକ ମା' ଚାହାନ୍ତି। ହେଲେ ତା'ର ଅର୍ଥ ନୁହେଁ ଯେ ପ୍ରତିଟି କଥାରେ ମୁଣ୍ଡ ଖେଳାଇ ସେଠାରେ ନିଜର ଆଧିପତ୍ୟ ଜାହିର କରିବା ଆଦୌ ସମୀଚୀନ ନୁହେଁ।

### ସାବଧାନତା

ଝିଅର ସୁରକ୍ଷା ଏବଂ ତା'ର ଭବିଷ୍ୟତ ପାଇଁ ଜନ୍ମଦାତ୍ରୀ ମା' ସବୁପ୍ରକାର ଚେଷ୍ଟା କରିଥାଏ। ଯେତେବେଳେ ଝିଅର ବାହାଘର ହୋଇଯାଉଛି ତାକୁ ଆଉ ଏକ ଘରର ଦାୟିତ୍ୱ ତୁଲାଇବାକୁ ପଡିଥାଏ। ତେଣୁ ଏହି ସମୟରେ ମାପିଚୁପି ଚାଲିବାକୁ ପଡେ। ଟିକେ ଟିକେ ଅସାବଧାନତା ଏପରି ସମସ୍ୟା ସୃଷ୍ଟି କରେ, ଯାହା ପରବର୍ତ୍ତୀ ସମୟରେ ତାକୁ ଅଡୁଆରେ ପକାଇବାର ସମ୍ଭାବନା ରହିଛି। ତେଣୁ ଏହି ଦିଗ ପ୍ରତି ଦୃଷ୍ଟି ଦେବା ନିହାତି ଜରୁରୀ। ବିବାହ ପୂର୍ବରୁ ଯଦି ମା' ତାକୁ ଏ ନେଇ କିଛି ଟିପ୍ସ ଦେଇଥାଆନ୍ତି କିମ୍ବା ସେ ନିଜର ଉପସ୍ଥିତ ବୁଦ୍ଧିକୁ ଠିକ୍ ଭାବରେ ଉପଯୋଗ କରେ, ତେବେ ତାହାର ବ୍ୟକ୍ତିତ୍ୱ ଆହୁରି ପ୍ରଶଂସିତ ହୋଇଥାଏ।

### ଝିଅକୁ ଦିଅନ୍ତୁ ନିଜକୁ ଗଢ଼ି ତୋଳିବାର ସ୍ୱାଧୀନତା

ଝିଅଟି ଯେତେବେଳେ ବାପଘରୁ ଶାଶୁ ଘରକୁ ଯାଉଛି, ତାକୁ ପ୍ରତ୍ୟେକ କ୍ଷେତ୍ରରେ ନଜର ରଖିଲେ ସେ ନିଜ ବୁଦ୍ଧି ଖଟାଇବାକୁ ସମୟ ପାଇ ନ ଥାଏ। ହେଲେ ସେହି

### ଏମାନେ କ'ଣ କରନ୍ତି



**ମନ୍ଦାକିନୀ ଦାସ**
**(ଗୃହିଣୀ, ଚୌଦ୍ୱାର, କଟକ)**

ଜଣେ ବୋହୂ ଭାବେ ଶାଶୁଘରେ ଦେଖାଯାଉଥିବା ସମସ୍ୟାର କାରଣ ପ୍ରଥମେ ଖୋଜି ବାହାର କରେ। ତା'ପରେ ସମାଧାନର ବାଟ ଖୋଜେ। ଛୋଟ ଛୋଟ ସମସ୍ୟା ହେଲେ ବାପଘରକୁ କେବେ ବି ଏହାର ସମାଧାନର ଉପାୟ ପଚାରି ନ ଥାଏ। କାରଣ ସେମାନଙ୍କୁ କାହିଁକି ଅଯଥା ଟେନ୍ଶନ ଦେବି, ଯେଉଁଟା ମୁଁ ନିଜେ କରିପାରିବି। ଜଣେ ଆଦର୍ଶ ବୋହୂ ହେବାକୁ ହେଲେ ଶାଶୁ, ଶ୍ୱଶୁରଙ୍କ ମନଜାଣି କାମ କରିବା, ଯା' ଦେଢ଼ଶୁରଙ୍କ ପ୍ରତି ସମ୍ମାନ ରହିବା,ଝିଆରୀ, ପୁତୁରାଙ୍କୁ ନିଜ ସନ୍ତାନ ଭାବିବା ଆବଶ୍ୟକ।



**ଅଳକାନନ୍ଦା ପଟ୍ଟନାୟକ**
**(କର୍ମଜୀବୀ,ଜଗନ୍ନାଥ ବିହାର,ବରମୁଣ୍ଡା,ଭୁବନେଶ୍ୱର)**

ବାପଘର ଲୋକ କୌଣସି କଥାରେ ଇଣ୍ଟର ଫିୟର କଲେ କଥାଟା ଖରାପ ହେବ। କିଛି ବି ସମସ୍ୟା ଆସୁଛି ତେବେ ତାକୁ ସହଜରେ ହ୍ୟାଣ୍ଡେଲ କରନ୍ତୁ। ପ୍ରଥମେ ଶାଶୁଘରେ ଆଡଜଷ୍ଟ କରିବାକୁ ଟିକେ ସମୟ ଲାଗିବ । ନିଜେ ଯଦି ସାକ୍ରିଫାଇସ୍ ଏବଂ କମ୍ପରମାଇଜ୍ କରିବେ ସବୁ ଜିନିଷ ସମାଧାନ ଆପେ ଆପେ ହୋଇଯିବ। ଜଣେ ଆଦର୍ଶ ବୋହୂ ଭାବରେ ମୋ ଦ୍ୱାରା ଯାହା ସମ୍ଭବ ମୁଁ ସେଥିରେ କେବେ ବି ହେଳା କରେ ନାହିଁ। ଶାଶୁଘରକୁ ଅପମାନ କଲାଭଳି କାମ କିଛି କରେନି।

### କିଛି ଟିପ୍ସ

- ଘରେ ଯଦି କୌଣସି ସମସ୍ୟା ହୋଇଛି ତେବେ ତା'ର ସମାଧାନ ପାଇଁ ସବୁବେଳେ ମା'ଙ୍କ ନିକଟକୁ ଫୋନ୍ ନ କରି ନିଜେ ସମାଧାନର ବାଟ ଖୋଜନ୍ତୁ। ସ୍ୱାମୀ ଏବଂ ଶାଶୁଙ୍କ ସାମ୍ନାରେ ନିଜର ଆତ୍ମବଡ଼ିମା ନ ଦେଖାଇ ତାଙ୍କ ସହ ବିନମ୍ରତାର ସହ କଥା ହୁଅନ୍ତୁ ଏବଂ ଯଦି କିଛି ଭୁଲ୍ କରିଛନ୍ତି ତେବେ ଆବଶ୍ୟକ ପଡିଲେ ତାଙ୍କଠାରୁ କ୍ଷମା ମାଗିନିଅନ୍ତୁ।
- ନିଜ ବ୍ୟକ୍ତିଗତ କଥା ସବୁବେଳେ ମା'ଙ୍କୁ କହିବା ଠିକ୍ ବୋଲି ଧାରଣାକୁ ମନରୁ ଦୂରେଇବାକୁ ଚେଷ୍ଟା କରନ୍ତୁ।
- ନୂଆ ରୋଷେଇ ବିଷୟରେ ମା'ଙ୍କ ସହ କଥା ହେଲେ କିଛି କ୍ଷତି ନାହିଁ। କେବେ କେବେ ଶାଶୁଙ୍କ ରୋଷେଇର କଳା ଶିଖନ୍ତୁ ଏବଂ ତାଙ୍କୁ ମଧ୍ୟ ପ୍ରଂଶସା କରିବାକୁ ଭୁଲନ୍ତୁ ନାହିଁ।
- କେବେ ବି ଶାଶୁଘର ଲୋକଙ୍କ ସାମ୍ନାରେ ମା'ଙ୍କର ପ୍ରଶଂସା ବାରମ୍ବାର କରନ୍ତୁ ନାହିଁ।
- ବାପଘରକୁ ଆସିଲେ ପୂରା ସମୟ ମା' ସହିତ କଥାବାର୍ତ୍ତାରେ କଟାଇ ଦିଅନ୍ତୁ। କିନ୍ତୁ ଶାଶୁଘରେ ଥାଇ ସବୁ ସମୟ ମା' ସହ ଫୋନ୍‌ରେ କଥା ହେବା କିମ୍ବା ଭିଡିଓ ଚାଟିଂରେ ଘରର ସବୁ କଥା କହିବା ଜରୁରୀ ନୁହେଁ। ଏହାଦ୍ୱାରା ଶାଶୁଘର ଲୋକ ହୁଏତ ଏହି କଥାକୁ ଭିନ୍ନ ଅର୍ଥରେ ନେବା ଅସମ୍ଭବ ନୁହେଁ।

ଶୀତଦିନେ ଫ୍ୟାଶନ

**ଶୀତଦିନ ଆସିଗଲାଣି । ଶୀତଦିନେ ସମସ୍ତେ ସ୍ମାର୍ଟ ଏବଂ ଆକର୍ଷକ ଦେଖାଯିବାକୁ ଚାହାନ୍ତି । ଏଥିପାଇଁ ନିମ୍ନଲିଖିତ ଟିପ୍ସ ଆପଣେଇ ପାରନ୍ତି..**

- ଏହି ଦିନେ ଆପଣ ସ୍ୱେଟର ପିନ୍ଧି ବି ନିଜକୁ ଷ୍ଟାଇଲିଶ୍ ଲୁକ୍ ଦେଇ ପାରିବେ। ବେଲ୍‌ଟେଡ୍ ସ୍ୱେଟର ପିନ୍ଧିବା ଦ୍ୱାରା ଆପଣ ଆହୁରି ଷ୍ଟାଇଲିଶ୍ ଦେଖାଯିବେ। ଆପଣ ଏହାକୁ ଜିନ୍ସ, ସ୍କର୍ଟ ଟ୍ରାଉଜର ସହିତ ମଧ୍ୟ ପିନ୍ଧିପାରିବେ।
- ଏବେ ବଜାରରେ ସୋଲଡର ପ୍ୟାଡ୍ ଜ୍ୟାକେଟ୍‌ର ଚାହିଦା ବଢ଼ିଛି। ଏହି ଜ୍ୟାକେଟ୍‌କୁ ଡ୍ରେସ ଓ ଜିନ୍ସ ସହ ମଧ୍ୟ ପିନ୍ଧିପାରିବେ।
- ଡେନିମ୍ ସହ ଡେନିମ୍ ପିନ୍ଧିବା ଯେମିତି ଫ୍ୟାଶନ୍, ସେମିତି ଲେଦର ସହ ଲେଦର ପିନ୍ଧିବା ମଧ୍ୟ ଏକ ଫ୍ୟାଶନ୍ ହୋଇଯାଇଛି। ଲେଦର ଜ୍ୟାକେଟ୍‌କୁ ଜିନ୍ସ କିମ୍ବା ଲେଦର ସ୍କର୍ଟକୁ ସିର୍ଟିନ୍ ଟପ୍‌ରେ ପିନ୍ଧିପାରିବେ।
- ୱିଣ୍ଟର ସିଜନ୍‌ରେ ମୁଣ୍ଡଠୁ ଆରମ୍ଭ କରି ପାଦ ପର୍ଯ୍ୟନ୍ତ ଲେଦର ଆଉଟ୍ ଫିଟ୍ ପିନ୍ଧିବା ଫ୍ୟାଶନ୍ ଚାଲିଛି।
- ଆପଣ କଳା ରଙ୍ଗ ସହ ବରଗଣ୍ଡି,ବ୍ରାଉନ୍ କଲର ଲେଦର ଆଉଟ୍ ଫିଟ୍ ବି ପିନ୍ଧିପାରିବେ।
- ଏହି ଦିନେ ଆନିମଲ ପ୍ରିଣ୍ଟେଡ୍ ପ୍ୟାଟର୍ନର ଆଉଟ୍ ଫିଟ୍ ପ୍ରଚଳନ ବେଶି ଚାଲିଛି। ବ୍ରାଉନ୍ ସ୍ୱଟ ପ୍ୟାଟର୍ନ ଥିବା ଡ୍ରେସ ସବୁଠୁ ଭଲ ଅପଶନ୍। ଲିଓପାର୍ଡ ପ୍ରିଣ୍ଟ ଥିବା ମିଡ଼ି ସ୍କର୍ଟ ପିନ୍ଧି ଆପଣ ସ୍ମାର୍ଟ ଲୁକ୍ ପାଇପାରିବେ।
- ଏହି ସିଜନ୍‌ରେ ବ୍ରାଉନ୍ ଶେଡ୍ ଟ୍ରେଣ୍ଡ ଚାଲିଛି। ଟ୍ରେଞ୍ଚ କୋର୍ଟଠୁ ଆରମ୍ଭ କରି ଜମ୍ପ ସୁଟ୍ ପର୍ଯ୍ୟନ୍ତ, ଜିପ୍ କୋର୍ଟରେ ସବୁ ଷ୍ଟାଇଲ୍‌ରେ ବ୍ରାଉନ୍ ଶେଡ୍ ଦେଖିବାକୁ ମିଳିବ।





# ଗୃହିଣୀଙ୍କ ପାଇଁ

- ରୋଷେଇପାଇଁ ଲାଗୁଥିବା ସବୁ ଉପକରଣକୁ ଯଥାସ୍ଥାନରେ ରଖନ୍ତୁ ଫଳରେ ରୋଷେଇ ସମୟରେ ଅସୁବିଧା ହେବନାହିଁ।
- ରୋଷେଇ ପାଇଁ ଭଲ ଧାର ଥିବା ଛୁରି ରଖନ୍ତୁ।
- ଯେଉଁ ଖାଦ୍ୟ ରୋଷେଇ ହେବା ପାଇଁ ଅଧିକ ସମୟ ଲାଗୁଛି ତାକୁ ପ୍ରଥମେ ସାରି ଦିଅନ୍ତୁ।
- ଯଦି ଆପଣ କିଛି ସିଝାଇବା ପାଇଁ ଚାହୁଁଛନ୍ତି ତାକୁ ପ୍ରେସରକୁକରରେ ବସାଇ ଦିଅନ୍ତୁ। ଏହା ଜଲ୍‌ଦି ହୋଇଯିବ।
- ରୋଷେଇ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ପନିପରିବା କାଟି ରଖନ୍ତୁ ।
- ରୋଷେଇ ସରିବା ପରେ ପ୍ଲାଟଫର୍ମକୁ ଭଲଭାବେ ସଫା କରି ଦିଅନ୍ତୁ।

ଖାଦ୍ୟରୁଚି

# ଟମାଟୋ ଚିକେନ୍



**ଆବଶ୍ୟକ ସାମଗ୍ରୀ:** ଚିକେନ୍: ୬୬୦ଗ୍ରାମ୍, ଲୁଣ ଏକ ଚାମଚ, ଗୋଲମରିଚ ଏକ ଚାମଚ,ତେଲ ଦୁଇ ଚାମଚ, ଅଦା ରସୁଣ ପେଷ୍ଟ ଏକ ଚାମଚ, ଡାଲଚିନି ଏକ ଇଞ୍ଚ,ତେଜପତ୍ର ଦୁଇଟି, ପିଆଜ ପ୍ୟୁରି୧୩୫ଗ୍ରାମ୍, ହଳଦୀ ଏକ ଚାମଚ, ଟମାଟୋ ପ୍ୟୁରି ୪୨୦ଗ୍ରାମ୍,ଲବଙ୍ଗ ଚାରୋଟି, ଜାଇଫଳ ଚାରୋଟି, ଇଲାଇଚି ପାଉଡର ଅଧାଚାମଚ,ଜିରାପାଉଡର ଦୁଇ ଚାମଚ, ଲୁଣ ସ୍ୱାଦ ଅନୁସାରେ, ଧନିଆ ପତ୍ର ଗାର୍ନିଶ ପାଇଁ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ଚିକେନ୍ ନିଅନ୍ତୁ, ଏକ ଚାମଚ ଲୁଣ, ଏକ ଚାମଚ ଗୋଲମରିଚ ଗୁଣ୍ଡ ପକାଇ ମାରିନେଟ୍ କରି ଛାଡି ଦିଅନ୍ତୁ। ଏବେ ପ୍ୟାନ୍ ଗରମ କରନ୍ତୁ। ପ୍ୟାନ୍ ଗରମ ହେଲା ପରେ ସେଥିରେ ଦୁଇଚାମଚ ତେଲ ପକାଇ ଏକ ଚାମଚ ଅଦାରସୁଣ ପେଷ୍ଟ ଦେଇ ଦୁଇ ତିନିମିନିଟ୍ ପର୍ଯ୍ୟନ୍ତ କଷନ୍ତୁ। ମସଲା କଷି ହୋଇଗଲା ପରେ ସେଥିରେ ଡାଲଚିନି, ଦୁଇଟି ତେଜପତ୍ର ପକାଇ ଘାଣ୍ଟନ୍ତୁ। ଏବେ ପିଆଜ ପ୍ୟୁରି ପକାନ୍ତୁ ଯେ ପର୍ଯ୍ୟନ୍ତ ଲାଲ ନ ହୋଇଛି । ପିଆଜ ପ୍ୟୁରି କଷି ହୋଇଗଲା ପରେ ଏଥିରେ ହଳଦୀ ପକାଇ କଷନ୍ତୁ। ଏହାପରେ ମ୍ୟାରିନେଟ୍ ହୋଇଥିବା ଚିକେନ୍‌କୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ପୁଣି ଆଗରୁ ହୋଇଥିବା ଟମାଟୋ ପ୍ୟୁରି ପକାଇ କଷନ୍ତୁ। ଏବେ ଏଥିରେ ଲବଙ୍ଗ,ଜାଇଫଳ, ଇଲାଇଚି ପାଉଡର,ଜିରା ପାଉଡର, ଅଧା ଚାମଚ ଲୁଣ ପକାଇ ମିକ୍ସ କରନ୍ତୁ। ଏହାକୁ ୩୦-୩୫ମିନିଟ୍ ପର୍ଯ୍ୟନ୍ତ ଗ୍ୟାସ୍‌ରେ ବସାଇ ରଖନ୍ତୁ। ଏବେ ଆପଣଙ୍କ ଟମାଟୋ ଚିକେନ୍ ପ୍ରସ୍ତୁତ ହୋଇଗଲା।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରା



## ସଂକ୍ଷେପରେ

### ଭାରତୀୟ ରେଳପଥ ମାଗାଜିନ୍‌ର ସ୍ୱତନ୍ତ୍ର ସଂସ୍କରଣ ଉନ୍ମୋଚିତ

ସମ୍ବଲପୁର, ୧୦।୧୨ (ବ୍ୟୁରୋ)- ଭାରତୀୟ ରେଳବାଇ ମାଗାଜିନ୍‌ର ସ୍ୱତନ୍ତ୍ର ସଂସ୍କରଣ ସୋମବାର ରେଳ ପ୍ରବନ୍ଧକ ଅଫିସ ସଭାଗୃହରେ ଉନ୍ମୋଚିତ ହୋଇଯାଇଛି । ମଣ୍ଡଳ ରେଳପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା, ଅତିରିକ୍ତ ମଣ୍ଡଳ ରେଳପ୍ରବନ୍ଧକ ଏଲବିଏସଏସ ପାତ୍ରୁଡୁ ଯୋଗ ଦେଇଥିଲେ ।

### ସୁରଜମଲ କଲେଜ ଶିକ୍ଷା ବିଭାଗର ସ୍ୱାଗତ ଉତ୍ସବ

ରେଙ୍ଗାଲି, ୧୦।୧୨ (ଡି.ଏନ.ଏ)- ରେଙ୍ଗାଲି ସୁରଜମଲ ମହାବିଦ୍ୟାଳୟର ଶିକ୍ଷା ବିଭାଗର ଛାତ୍ରୀଛାତ୍ର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଛନ୍ତି। ସୋମବାର କଲେଜ ଅଧକ୍ଷ ସୁଜିତ କୁମାର ସେନଙ୍କ ଅଧକ୍ଷତାରେ ଏକ ସ୍ୱାଗତ ଉତ୍ସବ ଆୟୋଜନ କରାଯାଇଥିଲା। ଅଧାପକ କର୍ପୁର ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଅଧାପକ ଡ. ମନୋଜ କୁମାର ପଣ୍ଡା, ଅରୁଣ କୁମାର ବେହେରା, ଅଧାପିକା ତୃପ୍ତିମୟୀ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

### ଜଗନ୍ନାଥ ମନ୍ଦିରର ମୁଣ୍ଡି ମରାହେଲା

ପଡିଆବାହାଲ, ୧୦।୧୨ (ଡି.ଏନ.ଏ.)- ଯୁଯୁମୁରା ବ୍ଲକ ଜୟନ୍ତପୁରରେ ସୋମବାର ନବ ନିର୍ମିତ ଜଗନ୍ନାଥ ମନ୍ଦିରର ମୁଣ୍ଡି ମରା ଯାଇଛି । ପଣ୍ଡିତ ନରୋତ୍ତମଙ୍କ ପୌରୋହିତ୍ୟରେ ଅଶ୍ୱିନୀ ରାୟ ଓ ବାସନ୍ତୀ ଦେବୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବଳରାମ ସାହୁ, ପ୍ରତାପ ସାହୁ, ପ୍ରସାନ୍ତ ସାହୁ, ଅମୂଲ୍ୟ ସାହୁ, ସିଦ୍ଧେଶ୍ୱର ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଗ୍ରାମବାସୀ ସହଯୋଗ କରିଥିଲେ।

### ଘେନୁପାଲିରେ ଶାନ୍ତି ଫେରୁଛି

ସମ୍ବଲପୁର,୧୦।୧୨(ବ୍ୟୁରୋ)- ଘେନୁପାଲିରେ ରୋହିତ ଭୋଇଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିଲା । ୪ ଦିନ ପରେ ଶାନ୍ତି ଫେରୁଛି। ଜନଜୀବନ ସ୍ୱାଭାବିକ ହେଲାଣି। ଏବେ ମଧ ପୋଲିସ ଭୟ ରହୁଛି । ତେଣୁ ଗାଁରୁ ପଳାଇଥିବା ଯୁବକମାନେ ଫେରିପାରୁ ନାହାନ୍ତି ।

# ସି.କେ. ନାଇଡୁ ଟ୍ରଫି: ରେଲୱେ ୪୦୨/୩

ସମ୍ବଲପୁର, ୧୦।୧୨ (ବ୍ୟୁରୋ)

ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚର ତୃତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଭ୍ରମଣକାରୀ ରେଲୱେ ଦଳ ୩ ଉଇକେଟରେ ୪୦୨ ରନ ସଂଗ୍ରହ କରି ଦୃଢ଼ ସ୍ଥିତିରେ ରହିଛି । ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଦିନେଶ ମୌର ୧୧୬ ବଲରେ ୧୨୨ ଓ ଉଇକେଟ ରକ୍ଷକ ସହିମ୍ ହସନ୍ ୧୬୨ ବଲରେ ୧୩୫ ରନ ସଂଗ୍ରହ କରିଛନ୍ତି । ଏହା ଦ୍ୱାରା ପ୍ରଥମ ଇନିଂସରେ ୧୧୩ ରନ ସଂଗ୍ରହ କରି ଅଲଆଉଟ୍ ହୋଇଥିବା ଭ୍ରମଣକାରୀ ରେଲୱେ ଦଳ ଦ୍ୱିତୀୟ ଇନିଂସରେ ବିଶାଳ ସ୍କୋର କରିପାରିବାରେ ସକ୍ଷମ ହୋଇପାରିଛି । ଦଳର ଅନ୍ୟତମ ବ୍ୟାଟ୍ସମ୍ୟାନ କରନ୍ ଶର୍ମା ୪୬ ବଲରେ ୬୧, ରିଷଭ ମିଶ୍ର ୬୩ ବଲରେ ୨୪, ଏ. ରାମ ୪୫ ବଲରେ ୫୦ ରନ୍ ସଂଗ୍ରହ କରିଛନ୍ତି । ଓଡିଶା ବୋଲର୍ ସମ୍ବଲପୁରର ପ୍ରଶାନ୍ତ ପାଣ୍ଡେ ୧୧ ଓଭରରେ ୩୫ ରନ୍ ଦେଇ ୨ଟି ଓ କାର୍ତ୍ତିକ ବିଶ୍ୱାଳ ୧୩ ଓଭରରେ ୮୪ ରନ ଦେଇ ଗୋଟିଏ ଉଇକେଟ ନେବାରେ ସକ୍ଷମ ହୋଇଥିଲେ। ମ୍ୟାଚର ପ୍ରଥମ ପାଳିରେ ଘାତକ ବୋଲିଂ କରି ଓଡିଶାର ଅୟସକାନ୍ତ ସାହୁ ରେଲୱେ ଦଳର ୭ଟି ଉଇକେଟ ଅକ୍ତିଆର କରିଥିଲେ । କିନ୍ତୁ ଦ୍ୱିତୀୟ ପାଳିରେ ସେ ୧୫ ଓଭର ବୋଲିଂ କରି ୭୫ ରନ ବିନିମୟ କରିଥିଲେ । କିନ୍ତୁ କୌଣସି ଉଇକେଟ ନେବାରେ ସଫଳ ହୋଇପାରି ନ ଥିଲେ ।

ପୂର୍ବରୁ ଟସ୍ ଜିଣି ରେଲୱେ ଦଳ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦଳ ମାତ୍ର ୧୧୩ ରନ କରି ସମସ୍ତ ଉଇକେଟ ହରାଇଥିଲା । ଏହାପରେ ଓଡିଶା ଦଳ ବ୍ୟାଟିଂ କରିଥିଲା। ଦଳ ୧୪୩.୫ ଓଭରରେ ସମସ୍ତ ଉଇକେଟ ହରାଇ ୩୮୪ ରନ ସଂଗ୍ରହ କରି ଅଗ୍ରଣୀ ହାସଲ କରିଥିଲା । ଓପନର୍ ସନ୍ଦିପ ପଟ୍ଟନାୟକ ୧୨୩ ଓ ଅମ୍ରିତ ଖଟୁଆ ୧୦୯ ରନ ସଂଗ୍ରହ କରିଥିଲେ । ଅଧିନାୟକ ଦେବାଶିଷ ସାମନ୍ତରାୟ ୪୨, କାର୍ତ୍ତିକ ବିଶ୍ୱାଳ ୩୪, ସୌରଭ କାନଜିଆ ୨୧, ବିଜୟ ଭୂୟାଁ ୧୬ ଓ ଅୟସକାନ୍ତ ସାହୁ ୧୯ ରନର ସହଯୋଗିତା କରିଥିଲେ । କିନ୍ତୁ ଅନ୍ୟ ବ୍ୟାଟ୍ସମ୍ୟାନମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ । ରେଲୱେ ବୋଲର୍ ଦୃଶନ୍ତ ସୋନି ଓ ଏ. ରାମ ୩ଟି ଲେଖାଏଁ ଉଇକେଟ ନେଇଥିଲେ । ସେହିପରି ଅୟଙ୍କ ସିଂ ୨ଟି ଓ ହିମାଂଶୁ ସାଙ୍ଗୱାନ ଗୋଟିଏ ଉଇକେଟ ନେବାରେ ସଫଳ ହୋଇଥିଲେ । ମଙ୍ଗଳବାର ମ୍ୟାଚର ଅନ୍ତିମ ଦିବସ ହେବ।

**ସହିମ୍,ଦିନେଶଙ୍କ ଅପରାଜିତ ଶତକ**



ସୋମବାର ଭିଏସ୍ଏସ୍ ଷ୍ଟାଡିୟମରେ ରେଲୱେ ଦଳର ସହିମ୍ ହସନ୍ ଓ ଦିନେଶ ମୌର ଅପରାଜିତ ଶତକ ହାସଲ କରି ପାଭିଲିୟନ୍ ଫେରୁଛନ୍ତି ।

## ବାସୁପାଲିରେ କୁର ଅଭିଷେକ

ରେଙ୍ଗାଲି,୧୦।୧୨ (ଡି.ଏନ.ଏ.)

ରେଙ୍ଗାଲି ବ୍ଲକ ଲପଙ୍ଗା ପାଠ ଅନ୍ତର୍ଗତ ବାସୁପାଲି ଗ୍ରାମରେ କୁଲତା ସମାଜ ପକ୍ଷରୁ କୁର ଅଭିଷେକ ମହୋତ୍ସବ ମହା ସମାରୋହରେ ସମ୍ପନ୍ନ ହୋଇଛି । ମହିଳାମାନେ କଳସ ଯାତ୍ରାରେ ପହଞ୍ଚି ଥିଲେ। ରଣେଶ୍ୱର ରାମଚଣ୍ଡି ଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଅଭିଷେକ ମହୋତ୍ସବରେ ଲପଙ୍ଗା ପୀଠ ମାଲିକ ପ୍ରଦୀପ ସାହୁଙ୍କ ସମେତ ୧୧୬ଟି ଗ୍ରାମର ମନୋନୀତ ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ଜଗନ୍ନାଥ ପ୍ରଧାନ ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାଜର ବରିଷ୍ଠ ସଭ୍ୟ ଅଶୋକ ସାହୁ କୁରର ଦାୟିତ୍ୱ ଏବଂ ସଂଗଠନ ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶେଖର ବିଶି, ଲବ ପ୍ରଧାନ, କୃଷ୍ଣ ପ୍ରଧାନ, ଲଳିତ ସାହୁ, ଶାଖାରାମ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶେଷରେ ରମେଶ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଧମା କଲେଜରେ କ୍ୟାରିୟର କାଉନସେଲିଂ କର୍ମଶାଳା

ଧମା, ୧୦।୧୨ (ଡି.ଏନ.ଏ.)

ସ୍ଥାନୀୟ ମାଁ ଝାଡେଶ୍ୱରୀ କଲେଜରେ କ୍ୟାରିୟର କାଉନସେଲିଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ରୋଟାରୀ କ୍ଲବ ଗ୍ରେଟର୍ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ କଲେଜର ଯୁକ୍ତ ୨ ଅଧକ୍ଷ ଅଶୋକ ପୁରୋହିତ ଅଧକ୍ଷତା କରିଥିବା ବେଳେ କଲେଜ ତରଫରୁ ଅଧାପକ ରବିନ୍ଦ୍ର ନାରାୟଣ ଠାକୁର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ରୋଟାରୀ କ୍ଲବ ତରଫରୁ ସଭାପତି ପ୍ରଶାନ୍ତ ରଥ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଠିକ୍ ବୃତ୍ତି ଚୟନର ଲକ୍ଷ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଡା. ଅବିଧେଶ ତିୱାରୀ, ଡା. ମନୋଜ କୁମାର ସାହୁ, ଭଗତ ସିଂ, ବିଲାଲ ମଲ୍ଲିକ, ଆନନ୍ଦ ମିଶ୍ର, ଘନଶ୍ୟାମ ମେହେର ଓ ପରଭେଜ ଅଲ୍ଲି ଖାନ୍ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବୃତ୍ତିଗତ ବିକଳ୍ପ ବିଷୟରେ ଆଲୋଚନା କରି ଦିଗଦର୍ଶନ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରମୋଦ ଦେହୁରୀ, ସଞ୍ଜୟ ସାହୁ, ସୁଶୀଲ ବାଗ, ରବିଶଙ୍କର ହୋତା, ସୁଶ୍ରିତ ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିବା ବେଳେ ଶେଷରେ ଯୁକ୍ତ୩ ଅଧକ୍ଷ ଅନୀଲ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱାତ୍ମ ଚେତନା ପରିଷଦର ରୌପ୍ୟଜୟନ୍ତୀ ଉତ୍ସବ ଉଦ୍‌ଯାପିତ

ସମ୍ବଲପୁର, ୧୦।୧୨ (ବ୍ୟୁରୋ)

ସପ୍ତାହ ବ୍ୟାପୀ ଚାଲିଥିବା ଶ୍ରୀମଦ୍ ଭାଗବତ ସ୍ୱାଧ୍ୟାୟ ସତ୍ର ସହ ବିଶ୍ୱାତ୍ମ ଚେତନା ପରିଷଦ ସମ୍ବଲପୁର ଶାଖାର ରୌପ୍ୟ ଜୟନ୍ତୀ ଉତ୍ସବ ପର୍ଶୁରାମ ଭବନଠାରେ ଉଦ୍‌ଯାପିତ ହୋଇଯାଇଛି । ରୌପ୍ୟ ଜୟନ୍ତୀ ଅଧକ୍ଷା ତଥା ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟବକ୍ତା ଓ ପ୍ରଫେସର ଶଙ୍କର ପ୍ରସାଦ ପତି ସମ୍ମାନିତ ଅତିଥ ଭାବେ ଯୋଗ ଦେଇଥିଲେ । ସ୍ୱର୍ଗତ ଡା. ଜନାର୍ଦ୍ଦନ ପୂଜାରୀଙ୍କ ଦ୍ୱାରା ବଡଁଶରାଠାରେ ପ୍ରତିଷ୍ଠିତ କଲ୍ୟାଣ ଆଶ୍ରମରେ ପ୍ରସ୍ତାବିତ ଏକ ବିଶ୍ୱସ୍ତରୀୟ ଆଧାତ୍ମିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ । ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ମାର୍ଗ ଦର୍ଶନରେ ଏହା ପ୍ରତିଷ୍ଠା ହେବ । ଏଥିପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ଚାଲିଥିବା ବିଷୟରେ ବକ୍ତାମାନେ ସୂଚନା ଦେଇଥିଲେ। ପରିଷଦ ଶାଖା ସଭାପତି ପରମେଶ୍ୱର ଦାଶ ସ୍ୱାଗତଭାଷଣ ଦେଇଥିବା ବେଳେ ସଂଯୋଜକ ହେମନ୍ତ କୁମାର ମହାପାତ୍ର ବର୍ଷ ବ୍ୟାପୀ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ଡା. ସୁଚେତାରାଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସପ୍ତାହ ବ୍ୟାପି ଚାଲିଥିବା ସ୍ୱାଧ୍ୟାୟ ସତ୍ରରେ ଶ୍ରୀମଦ୍ ଭାଗବତ ଏକାଦଶ ସ୍କନ୍ଧର ଅବଧୂତଙ୍କ ଚବିଶ ଗୁରୁ ଉପାଖ୍ୟାନ ଉପରେ ସ୍ୱାମୀ ଶ୍ରୀସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ପ୍ରବଚନ ଦେଇଥିଲେ । ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି ଅବସରରେ ଛତିଶଗଡ଼ ରାୟଗଡ଼ର ଶିକ୍ଷୟିତ୍ରୀ ସୁଶ୍ରୀ ଗୀତା ଉପାଧ୍ୟାୟ ଓ ସ୍ୱାମୀଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଦୁର୍ଗାପାଲି ଶ୍ରୀଶ୍ରୀ ଗୁଡ଼େଶ୍ୱର ମନ୍ଦିର ନିକଟରେ ଗତ ଜାନୁୟାରୀ ମାସଠାରୁ ଶ୍ରୀଶ୍ରୀ ମୃତ୍ୟୁଞ୍ଜୟ ମହାଯଜ୍ଞ ଏବଂ ବିଶ୍ୱାତ୍ମଚେତନା ମହାସମ୍ମିଳନ ଆରମ୍ଭ ହୋଇଥିଲା । ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତା ଆବୃତ୍ତି ଓ ତର୍କ ପ୍ରତିଯୋଗିତା, ସ୍ୱାସ୍ଥ୍ୟ ଶିବିର ଓ ଆଲୋଚନାଚକ୍ର କାର୍ଯ୍ୟକ୍ରମ ହୋଇଥିଲା ।



ସମ୍ବଲପୁର ପର୍ଶୁରାମ ଭବନରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

## କୋଶଳ ମହାବନ୍ଧକୁ କୋଶଳ ପରିଷଦର ବିରୋଧ

ସମ୍ବଲପୁର,୧୦।୧୨(ବ୍ୟୁରୋ)

ଚଳିତ ମାସ ୧୭ ତାରିଖ ହେବାକୁ ଥିବା କୋଶଳ ମହାବନ୍ଧକୁ ପଶ୍ଚିମାଞ୍ଚଳ କୋଶଳ ପରିଷଦ ଦୃଢ଼ ବିରୋଧ କରିବ । ଏ ନେଇ ପରିଷଦ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଏଥିରେ ଉପସଭାପତି ଜୟଲାଲ ସେଠ, ସମ୍ପାଦକ ସୁନୀଲ ନନ୍ଦ, ସହସମ୍ପାଦକ ଓମକାର ମିଶ୍ର, କୋଷାଧକ୍ଷ କରୁଣାକର ପ୍ରଧାନ, ସଦସ୍ୟ ଶୁକଦେବ ନାୟକ, ଶିବଶଙ୍କର ମିଶ୍ର, ସନ୍ତୋଷ ବେହେରା, ମହେଶ୍ୱର ବଗର୍ତ୍ତି, ପ୍ରମୋଦ ମିସ୍ତ୍ରୀ, ଏସ.କେ. ୱାଜିଦ୍, ଗୋଲକବିହାରୀ ମିଶ୍ର, ଅଶୋକ ଚାନ୍ଦ, ଆତ୍ମାରାମ ସୁପକାର, ଆଇନଜୀବୀ ରତନ ଶର୍ମା, ଛେଦିଲାଲ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ।

## ଧମା ହାଇସ୍କୁଲରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ

ଧମା, ୧୦।୧୨ (ଡି.ଏନ.ଏ.)

ସ୍ଥାନୀୟ ମଥୁରା ପ୍ରସାଦ ହାଇସ୍କୁଲରେ ମାନେଶ୍ୱର ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଇନ୍ଦ୍ରାନୁଜ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ତର୍କ, ସାଧାରଣଜ୍ଞାନ, କଣ୍ଠ ସଂଗୀତ, କୁଇଜ୍, ଚିତ୍ରାଙ୍କନ, କବିତା ରଚନା, କବିତା ଆବୃତ୍ତି, ଏକକ ଅଭିନୟ, ଗଳ୍ପଲିଖନ, ଏକକ ନୃତ୍ୟ ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା। ଝସକେତନ ଷଡଙ୍ଗୀ, ଅନନ୍ତ ମିର୍ଦ୍ଧା, ବୈଷ୍ଣବୀ ଭୋଇ, ସ୍ୱାଧୀନ ପଧାନ, ଉପାସନା ବାରିକ, ଶ୍ରାବଣୀ ପଶାୟତ, ଅନୁପ୍ରିୟା ନେବି, କୁସୁମିତା ଭୋଇ, ଖୁସବୁ ପୁରୋହିତ, ଟିଙ୍କି ମେହେର ପ୍ରମୁଖ ପ୍ରଥମ ସ୍ଥାନ ଅଧିକାରୀ କରିଥିଲେ । ଉଦଯାପନୀ ଓ ପୁରସ୍କାର ବିତରଣ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ଦାସ, ଗଗନ ସ୍ୱାଇଁ, ମାଁ ଝାଡେଶ୍ୱରୀ କଲେଜ ଅଧକ୍ଷ ଅଶୋକ ପୁରୋହିତ, ଅବସରପ୍ରାପ୍ତ ଶିକ୍ଷକ ତଥା ଗାଳ୍ପିକ କ୍ଷୀତିଶ ପୁରୋହିତ ଓ କୃଷ୍ଣ ଚନ୍ଦ୍ର ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ। ଭକ୍ତଚରଣ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଜୟଶଙ୍କର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ସନ୍ତୋଷ କୁମାର ଭୋଇ, ସଦାଶିବ ପାଣ୍ଡେ, ପ୍ରସନ୍ନ ଜେନା, ଚିତ୍ତରଞ୍ଜନ ପୂଝାରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଧମା ହାଇସ୍କୁଲର ବରିଷ୍ଠ ଶିକ୍ଷକ କାହ୍ନୁଚରଣ ଦାସ ଧନ୍ୟବାଦ ଦେଇଥିଲେ।

### ପଦାରେ ପଡିଲା ବିଜେଡି ଗୋଷ୍ଠୀ କନ୍ଦଳ

# କମ୍ବଳ ବଣ୍ଟାକୁ ନେଇ ମୁହାଁମୁହିଁ

- ଫେରିଗଲେ ରେଢ଼ାଖୋଲ ବିଧାୟକ
- ନିନ୍ଦା କଲା ସଂଖ୍ୟାଲଘୁ ବିକାଶ ମଞ୍ଚ
- ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କଲା

ସମ୍ବଲପୁର,୧୦।୧୨(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ପାଣିପାଗରେ ସେତିକି ଉଷ୍ମତା ଦେଖିବାକୁ ମିଳୁଛି । ବିଶେଷ କରି ସମ୍ବଲପୁର ବିଧାନସଭା ମଣ୍ଡଳିରେ ଦଳର ନେତାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆଉ ଛକାପଞ୍ଝା ଚାଲିଛି। ବିଜେଡି ଦଳର ଗୋଷ୍ଠୀ ବିବାଦ ଦାଣ୍ଡରେ ପଡି ହାଟରେ ହାଟରେ ଗଡୁଛି । କମ୍ବଳ ବଣ୍ଟନକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। ଧନୁପାଲି ଥାନା ଅନ୍ତର୍ଗତ ରାଜାନଗର ଦାଦୁଲ ଉଲମ ତାବୁଲ ମଦ୍ରାସାରେ କମ୍ବଳ ବଣ୍ଟନକୁ ନେଇ ଏଭଳି ପରିସ୍ଥିତି ଉପୁଜିଛି। ସଂଖ୍ୟାଲଘୁ ବିକାଶ ମଞ୍ଚ ପକ୍ଷରୁ ମଦ୍ରାସାରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ଆୟୋଜନ କରାଯାଇଥିଲା । ଏଥିରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଅତିଥି ଭାବେ ଯୋଗ ଦେଇଥିଲେ । କମ୍ବଳ ବଣ୍ଟନ ପୂର୍ବରୁ ସ୍ଥାନୀୟ ଅଧିବାସୀ ଓ କେତେକ ମଦ୍ରାସା ସଦସ୍ୟ ଏହାକୁ ବିରୋଧ କରିଥିଲେ । ସେମାନେ ଅଭିଯୋଗ କରିଥିଲେ ଯେ, ପିଲାମାନଙ୍କ ପାଖରେ ପୂର୍ବରୁ କମ୍ବଳ ରହିଛି, ତେଣୁ ବଣ୍ଟନକୁ ବନ୍ଦ କରାଯାଉ । ହେଲେ ଉପସ୍ଥିତ ଥିବା ସଂଖ୍ୟାଲଘୁ ବିକାଶ ମଞ୍ଚ ବାଣ୍ଟିବାକୁ ଅନୁରୋଧ କରିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉଭୟ ଗୋଷ୍ଠୀ ମୁହାଁମୁହିଁ ହେବାକୁ ପଡିଥିଲା। ଧନୁପାଲି ଥାନା ପୋଲିସ ପହଞ୍ଚିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା । ହେଲେ ବିଧାୟକ ପୂଜାରୀ କମ୍ବଳ ବଣ୍ଟନ ନ କରି ଫେରି ଯାଇଥିଲେ । ଏ ସମ୍ପର୍କରେ ବିଧାୟକ ପୂଜାରୀ କହିଛନ୍ତି ଯେ ଗୋଟିଏ ଅନୁଷ୍ଠାନ ବସ୍ତ୍ରଦାନ କରିବାର କାର୍ଯ୍ୟକ୍ରମ ଥିଲା । ସେ ଅତିଥି ଭାବେ ଯାଇଥିଲେ। ହେଲେ ସାମାଜିକ କାର୍ଯ୍ୟରେ ରାଜନୀତି କରିବା ଠିକ ନୁହେଁ । ଲୋକମାନେ ବିରୋଧ କରିବାରୁ ବଣ୍ଟନ କାର୍ଯ୍ୟ ବନ୍ଦ କରି ଦିଆଗଲା । ସେହିପରି ସଂଖ୍ୟା ଲଘୁ ବିକାଶ ମଞ୍ଚ ପକ୍ଷରୁ ଏହି ଘଟଣା ନିନ୍ଦନୀୟ ବୋଲି କୁହାଯାଇଛି। ପୂର୍ବରୁ ଅନେକ ଥର ବିଭିନ୍ନ ସମୟରେ ସାମଗ୍ରୀ ବଣ୍ଟନ କରାଯାଇଛି । ହେଲେ ଏବେ କାହିଁକ ଏଭଳି ସମସ୍ୟା ହେଲା। ଏଥିରେ ସ୍ଥାନୀୟ ଜଣେ ଜନ ପ୍ରତିନିଧି ସଂପୃକ୍ତ ବୋଲି ଅଭିଯୋଗ ହୋଇଛି। ମଦ୍ରାସା କମିଟି ସଦସ୍ୟ ଜାଫର ଅଲ୍ଲିଖାନ କହିଛନ୍ତି ଯେ, ମଦ୍ରାସାରେ ରାଜନୀତି ହେବା ଉଚିତ ନୁହେଁ । ପିଲାଙ୍କ ଆବଶ୍ୟକ ଅନୁସାରେ ପୂବରୁ ସୂଚନା ଦେଇ ସାମଗ୍ରୀ ବଣ୍ଟନ କରିବା କଥା। ହେଲେ ତାହାର ବ୍ୟତିକ୍ରମ ଦେଖା ଦେଇଥିଲା । ତେଣୁ ମଦ୍ରାସାରେ ରହୁଥିବା ପିଲାମାନେ ଓ କମିଟି ପକ୍ଷରୁ କମ୍ବଳ ନେବାକୁ ମନା କରି ଦିଆ ଦିଆଯାଇଥିଲା । ହେଲେ ଏହି ଘଟଣା ସମ୍ବଲପୁର ଜିଲାରେ ରାଜନୈତିକ କାରଣ ପାଲଟିଛି । ବିଜେଡିର ଦୁଇ ଗୋଷ୍ଠୀ ସଂଖ୍ୟାଲଘୁ ସଂପ୍ରଦାୟରେ ନିଜ ଅକ୍ତିଆର କରିବା ପାଇଁ ଚେଷ୍ଟା କରୁଛନ୍ତି । ବିଗତ କିଛି ଦିନରେ ଏହାର ଉଦାହରଣ ରିହିଛି । ତେଣୁ ଏହାକୁ ନେଇ ଆଗାମୀ ଦିନରେ ବିଜେଡି ଅଡୁଆରେ ପଡିପାରି ବୋଲି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଏ ସମ୍ପର୍କରେ ଜିଲା ବିଜେଡି ସଭାପତି ପ୍ରମୋଦ କୁମାର ରଥ କହିଛନ୍ତି ଯେ ଏହା ସାମଜିକ କାର୍ଯ୍ୟକ୍ରମ ଥିଲା । ରାଜନୈତିକ ନୁହେଁ । ତେଣୁ ଗୋଷ୍ଠୀ ବିବାଦ ନୁହେଁ ବୋଲି କହିଥିଲେ।

## ଫଟୋରେ ଖବର



ସମ୍ବଲପୁର ସହରର କ୍ଷେତରାଜପୁର ନିକଟ ଦୁର୍ଗା ମଙ୍ଗଳମ୍ ନିକଟରେ ଅତିଥିମାନେ ସୁପର୍ ବଜାରକୁ ଶୁଭାରମ୍ଭ କରୁଛନ୍ତି ।



ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ଚାଲିଥିବା ରିଲେ ଆମରଣ ଅନଶନର ସୋମବାର ୨୨ ଦିନରେ ସ୍ୱାଭିମାନ ସମ୍ବଲପୁରର ସଭ୍ୟମାନେ ସାମିଲ ହୋଇଛନ୍ତି ।

## ଶିଶୁମନ୍ଦିର, ବାଳିକା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ସମ୍ବଲପୁର,୧୦।୧୨ (ବ୍ୟୁରୋ)

ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ସୋମବାର ଟାଙ୍ଗରପାଲିଠାରେ ଅନୁଷ୍ଠିତ ହୋଇଯାଇଛି । ପୁରୁଖା ଫୁଟବଲ ଖେଳାଳୀ ସଦାଶିବ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ପାଢ଼ୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସହ ପ୍ରଧାନ ଆଚାର୍ଯ୍ୟ ଜ୍ଞାନେନ୍ଦ୍ରୀୟ ଦାଶ ସୂଚନା ପ୍ରଦାନ କରିଥିଲେ । ଶିଶୁ, ବାଳ ଓ କିଶୋର ବିଭାଗର ୮୭୫ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଜିଲା କ୍ରୀଡାସଂଘ ଉପସଭାପତି ଦିଲୀପ କୁମାର ବିଶି ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଦିନବନ୍ଧୁ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁରେଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟପକ୍ଷେ କ୍ଷେତରାଜପୁର ବାଳିକା ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉଦଯାପିତ ହୋଇଯାଇଛି। ସମଲେଶ୍ୱରୀ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ସ୍କୁଲକୁ ଆସିଥିଲା । ଛାତ୍ରୀଛାତ୍ର ନାଚଗୀତ ପରିବେଷଣ କରିଥିଲେ। ଦୌଡ, ଲମ୍ବଡିଆଁ, ଉଚ୍ଚ ଡିଆଁ, ଫ୍ଲାଗ ରେସ, ଅଖା ଦୌଡ, ସଟ ଫୁଟ ଆଦି ପ୍ରତିଯୋଗିତା ହୋଇଥିଲା। ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିପିନ କୁମାର ସିଂ ଓ ସଞ୍ଜୁ ଶର୍ମା ସଭା ପରିଚାଳନା କରିଥିଲେ । ଖେଳ ଶିକ୍ଷୟିତ୍ରୀ ସୁଜାତା ସାହୁ ଓ ମନୋଜ କାଉ ଖେଳ ପରିଚାଳାନା କରିଥିଲେ।

Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 1

## CLASS-XII (PHYSICS)

**Time Allowed : 3 hours** **Maximum Marks: 70**

**GENERAL INSTRUCTIONS**

*i.* ***All questions are compulsory. There are 27 questions in all.***

*ii.* ***This question paper has five sections : Section A, Section B, Section C and Section D.***

*iii.* ***Section A contains five questions of one mark each, Section B contains seven questions of two marks each, Section C contains twelve questions of three marks each, Section D contains three questions of five marks each.***

*iv.* ***There is no overall choice. However, an internal choice has been provided in one question of two marks, one question of three marks and all the three questions of five marks weightage. You have to attempt only one of the choices in such questions.***

### SECTION-A

**1.** What is the direction of the force acting on a charged particle q, moving with a velocity $\vec{v}$ in a uniform magnetic field $\vec{B}$ ?

**2.** The instantaneous current from an ac source is I = 5sin 314t ampere. What is the rms value of the current ?

**3.** What is the value of refractive index of a medium of polarizing angle $60^0$ ?

**4.** Name the part of electromagnetic spectrum which is suitable for

i. radar systems used in aircraft navigation.

ii. treatment of cancer tumours.

**5.** Two nuclei have mass numbers in the ratio 2 : 5. What is the ratio of their nuclear densities ?

### SECTION-B

**6.** Two point charges, $q_1 = 10 \times 10^{-8}$C and $q_2 = -2 \times 10^{-8}$C are separated by a distance of 60 cm in air.

i. Find at what distance from the 1st charge, $q_1$, would the electric potential be zero.

ii. Also calculate the electrostatic potential energy of the system.

**OR**

Two point charges 4Q, Q are separated by 1 m in air.

i. At what point on the line joining the charges is the electric field intensity zero ?

ii. Also calculate the electrostatic potential energy of the system of charges, taking the value of charge Q = 2 x $10^{-7}$C.

**7.** The oscillating magnetic field in a plane electromagnetic wave is given by $B_y = (8 \times 10^{-6}) \sin[2 \times 10^{11} t + 320\pi x]$T

i. Calculate the wavelength of the electromagnetic wave.

ii. Write down the expression for the oscillating electric field.

**8.** List any four applications of intersect.

**9.** What conclusion can you draw from the following observations on a resistor made of alloy manganin ?

| Current A | Voltage V | Current A | Voltage V |
|---|---|---|---|
| 0.2 | 3.94 | 3.0 | 59.2 |
| 0.4 | 7.87 | 4.0 | 78.8 |
| 0.6 | 11.8 | 5.0 | 98.6 |
| 0.8 | 15.7 | 6.0 | 118.5 |
| 1.0 | 19.7 | 7.0 | 138.2 |
| 2.0 | 39.4 | 8.0 | 158.0 |

**10.** Calculate the enenrgy in fusion reaction:

$^2_1H + ^2_1H \rightarrow ^3_2He + n$, where B.E. of $^2_1H = 2.23$. MeV and of $^3_1He = 7.73$ MeV

**11.** Answer the following questions:

(a) A virtual image, we always say, cannot be caught on a screen. Yet when we 'see' a virtual image, we are obviously bringing it on to the 'screen' (i.e., the retina) of out eye. Is there a contraction?

(b) The refractive index of diamond is much greater than that of ordinary glass. Is this fact of some use to a diamond cutter ?

**12.** Why is the diffraction of sound wave more evident in daily experience than that of light wave ?

### SECTION-C

**13.** State Kirchhoff's rules. Apply Kirchhoff's rules to the loops ACBPA and ACBQA to write the expression for the current $I_1$, $I_2$ and $I_3$ in the network.




**14.** If a light beam shows no intensity variation when transmitted through a polaroid which is rotated, does it mean that the light is unpolarized ? Explain briefly.

**15.** i. Define activity of a radioactive material and write its SI unit.

ii. Plot a graph showing variation of activity of a given radioactive sample with time.

iii. The sequence of stepwise decay of a radioactive nucleus is $D \xrightarrow{\alpha} D_1 \xrightarrow{\beta^-} D_2$

If the atomic number and mass number of $D_2$ are 71 and 176 respectively, what are their corresponding values for D ?

**16.** A 10μF capacitor is charged by a 30 V dc supply and then connected across an uncharged 50μF capacitor. Calculate (i) the final potential difference across the combination, and (ii) the initial and final energies. How will you account for the difference in energy ?

**17.** (a) Draw a ray diagram showing the formation of image by a reflecting telescope.

(b) Write two advantages of a reflecting telescope over a refracting telescope.

**18.** An electron and a proton are accelerated through the same potential. Which one of the two has (i) greater value of de Broglie wavelength associated with it and (ii) less momentum ? Justify your answer.

**19.** Write two basic modes of communication. Explain the process of amplitude modulation. Draw a schematic sketch showing how amplitude modulated signal is obtained by superposing a modulating signal over a sinusoidal carrier wave.

**20.** An illuminated object and a screen are placed 90 cm apart. Determine the focal length and nature of the lens required to produce a clear image on the screen, twice the size of the object.

**OR**

The image obtained with a convex lens is erect and its length is four times the length of the object. If the focal length of the lens is 20 cm, calculate the object and image distance.

**21.** i. Draw a neat labelled ray diagram of an astronomical telescope in normal adjustment. Explain briefly its working.

ii. An astronomical telescope uses two lenses of powers 10D and 1D. What is its magnifying power in normal adjustment ?

**22.** The deuteron is bound by nuclear forces just as H-atom is made up of p and e bound by electrostatic forces. If we consider the force between neutron and proton in deuteron as given in the form of a Coulomb potential but with an effective charge e' :

$F = \frac{1}{4\pi\varepsilon_0}\frac{e'^2}{r}$. Estmate the value of $(e'/e)$ given that the binding energy of a deuteron is 2.2 MeV.

**23.** White light reflected at perpendicular incidence from a soap film has, in the visible spectrum, an interference maximum at 6000 $A^0$ and a minimum at 4500 $A^0$ with no minimum in between. If $\mu = 4/3$ for the film, what is the thickness of the film ?

**OR**

A convex lens of focal length 20 cm is placed coaxially with a convex mirror of radius of curvature 20 cm. The two are kept at 15 cm from each other. A point object lies 60 cm in front of the convex lens. Draw a ray diagram to show the formation of the image by the combination. Determine the nature and position of the image formed.

**24.** A glass rod rubbed with silk is broght close to two uncharged metallic spheres in contact with each other, inducing charges on them as shown in the following figure. Describe what happens, when




a. the spheres are slightly separated.

b. the glass rod is subsequently removed, and

c. the spheres are separated far apart.

### SECTION-D

**25.** Give the principle, construction, theory and working of an ac generator.

**OR**

Draw a labelled circuit arrangement showing the winding of primary and secondary coils in a transformer. Explain the underlying principle and working of a transformer. Write any two major sources of energy loss in this device.

**26.** A long straight wire of uniform cross section of radius a is carrying a steady current I. Use Ampere's circuital law to obtain a relation showing the variation of the magnetic field (B) inside and outside the wire with distance r, (r < a) and (r > a) at the field point from the centre of its cross section. Plot of graph showing the nature of this variation.

**OR**

State Biot-Savart's law. Using this law derive an expression for the magnetic field at a point situated at a distance of x metre from the centre of a circular coil of N turns and radius r carrying a current of IA.

**27.** Explain briefly, with the help of circuit diagram, how V-I characteristic of a p-n junction diode are obtained in (i) forward bias, and (ii) reverse bias. Draw the shape of the curve obtained.

**OR**

Discuss common emitter amplifier, using n-p-n transistor. Find its current gain, voltage gain and power gain.

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com



ଅଯୋଧାସ୍ଥିତ ବିବାଦୀୟ ରାମ ଜନ୍ମଭୂମିରେ ମନ୍ଦିର ନିର୍ମାଣ ପାଇଁ କେନ୍ଦ୍ର ସରକାର ବିଲ୍ ଆଣନ୍ତୁ । ଅନ୍ୟଥା ପାର୍ଲାମେଣ୍ଟର ଶୀତ ଅଧିବେଶନକୁ ଅଚଳ କରିଦିଆଯିବ ।

- ଚନ୍ଦ୍ରକାନ୍ତ ଖାଇରେ, ଶିବସେନା ଏମ୍‌ପି



## ସଂକ୍ଷେପରେ

### କଶ୍ମୀର ବିଧାନସଭା ଭଙ୍ଗ ବିରୋଧରେ ଜନସ୍ୱାର୍ଥ ମାମଲା ଖାରଜ

**ନୂଆଦିଲ୍ଲୀ,୧୦।୧୨**-ରାଜ୍ୟପାଳ ସତ୍ୟପାଲ ମଲ୍ଲିକଙ୍କ ଦ୍ୱାରା ଜମ୍ମୁ କଶ୍ମୀର ବିଧାନସଭା ଭଙ୍ଗକୁ ଚ୍ୟାଲେଞ୍ଜ କରି ଦାଏର ଏକ ଜନସ୍ୱାର୍ଥ ମାମଲାକୁ ଉଚ୍ଚତମ ନ୍ୟାୟାଳୟ ସୋମବାର ଖାରଜ କରିଛନ୍ତି। ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି ରଞ୍ଜନ ଗୋଗୋଇ ଏବଂ ବିଚାରପତି ଏସ୍ କେ କୌଲଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ରାଜ୍ୟପାଳଙ୍କ ନିଷ୍ପତ୍ତିରେ ହସ୍ତକ୍ଷେପ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଜମ୍ମୁ କଶ୍ମୀର ବିଧାନସଭା ଭଙ୍ଗ ହେବା ପୂର୍ବରୁ ବିଧାୟକ ଥିବା ଭାଜପା ନେତା ଗଗନ ଭଗତ ଏହି ଜନସ୍ୱାର୍ଥ ମାମଲା ଦାଏର କରିଥିଲେ।

### ଅନାହାରରେ ବୃଦ୍ଧାଙ୍କ ମୃତ୍ୟୁ

**ଶାହଜାହାନପୁର,୧୦।୧୨(ପି.ଟି.)**- ଉତ୍ତରପ୍ରଦେଶର ଶାହଜାହାନପୁରରେ ଜଣେ ବୃଦ୍ଧାଙ୍କର ଅନାହାରରେ ମୃତ୍ୟୁ ଘଟିଛି। ରେଲୱେ କଲୋନିର ଏକ ବନ୍ଦ କୋଠରୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ଉତ୍ତରପ୍ରଦେଶର ପୂର୍ବତନ ବିଧାନ ପରିଷଦ ସଦସ୍ୟ ରାମେଶ୍ୱର ଚୌଧୁରୀଙ୍କ ସ୍ତ୍ରୀ। ତାଙ୍କ ପୁଅ ସଲିଲ ଚୌଧୁରୀ ଜଣେ ରେଳ କର୍ମଚାରୀ। ସେ ବୃଦ୍ଧା ମା'ଙ୍କୁ କୋଠରୀରେ ବନ୍ଦ କରି ରଖିଥିଲେ। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ପିଏମ୍‌ଓ ଜନସମ୍ପର୍କ ଅଧିକାରୀଙ୍କ ପରଲୋକ

**ନୂଆଦିଲ୍ଲୀ,୧୦।୧୨(ପି.ଟି.)**- ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜନସମ୍ପର୍କ ଅଧିକାରୀ ଜଗଦୀଶ ଠକ୍କରଙ୍କ ସୋମବାର ପରଲୋକ ଘଟିଛି। ୭୨ ବର୍ଷୀୟ ଠକ୍କର କିଛି ମାସ ଧରି ଅସୁସ୍ଥ ଥିଲେ।



ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେପ୍ଟେମ୍ବର ୨୩ ତାରିଖରେ ତାଙ୍କୁ ଅଲ୍ ଇଣ୍ଡିଆ ମେଡିକାଲ୍ ସାଇନ୍ସ (ଆଇଆଇଏମ୍‌ଏସ୍)ର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଏହି ମୃତ୍ୟୁ ଖବର ପାଇବା ପରେ ପ୍ରଧାନମନ୍ତ୍ରୀ ଆଇଆଇଏମ୍‌ଏସ୍ ଗସ୍ତରେ ଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟିଥିଲେ।

# ଫିଟିବ ୮୫୦୦ ପ୍ରାର୍ଥୀଙ୍କ ଭାଗ୍ୟ

**ନୂଆଦିଲ୍ଲୀ,୧୦।୧୨(ପି.ଟି.)**



- ଭୋଟଗଣତି ଲାଗି ୫ ରାଜ୍ୟରେ ପ୍ରସ୍ତୁତି ଶେଷ
- ୧.୭୬ ଲକ୍ଷରୁ ଉର୍ଦ୍ଧ୍ୱ ଇଭିଏମ୍

୧.୭୪ ଲକ୍ଷରୁ ଉର୍ଦ୍ଧ୍ୱ ଇଭିଏମ୍‌ରେ ବନ୍ଦ ଥିବା ୮୫୦୦ରୁ ଅଧିକ ପ୍ରାର୍ଥୀଙ୍କ ଭାଗ୍ୟ ମଙ୍ଗଳବାର ଖୋଲିବାକୁ ଯାଉଛି। ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ, ମିଜୋରାମ ଏବଂ ତେଲେଙ୍ଗାନା ବିଧାନସଭା ନିର୍ବାଚନର ଭୋଟ ଗଣତି ମଙ୍ଗଳବାର ସକାଳ ୮ଟାରୁ ଆରମ୍ଭ ହେବ। ଏହି ଇଭିଏମ୍‌ଗୁଡିକୁ ୬୭୦ଟି ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ୫ ରାଜ୍ୟରେ ମୋଟ ୧,୭୪,୭୨୪ଟି ଇଭିଏମ୍ ବ୍ୟବହୃତ ହୋଇଥିଲାବେଳେ ମଧ୍ୟପ୍ରଦେଶରେ ସର୍ବାଧିକ ୬୫,୩୬୭ଟି ମେଶିନ ଲାଗିଥିଲା। ୫ ରାଜ୍ୟର ମୋଟ ୬୭୯ଟି ଆସନ ଲାଗି ନଭେମ୍ବର ୧୨ରୁ ଡିସେମ୍ବର ୭ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ଭୋଟଗ୍ରହଣ ହୋଇଥିଲା।

୨୦୧୯ ପୂର୍ବରୁ ଉପରୋକ୍ତ ୫ ରାଜ୍ୟର ନିର୍ବାଚନକୁ ସେମି ଫାଇନାଲ କୁହାଯାଉଥିବାରୁ ମଙ୍ଗଳବାର ଫଳାଫଳ ଉପରେ ସାରା ଦେଶର ଉତ୍କଣ୍ଠା ରହିଛି। ଏହା କେନ୍ଦ୍ରର ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ସରକାରଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଦେବ ବୋଲି କୁହାଯାଉଛି। ବିଭିନ୍ନ ଟିଭି ଚାନେଲ ପକ୍ଷରୁ ପ୍ରକାଶିତ ଏକଜିଟ୍ ପୋଲ୍‌ରେ କଂଗ୍ରେସ ରାଜସ୍ଥାନରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି କୁହାଯାଇଥିଲା ବେଳେ ମଧ୍ୟପ୍ରଦେଶ ଏବଂ ଛତିଶଗଡରେ ଭାଜପା ସହ କଡା ଟକ୍କର ହେବ ବୋଲି ପୂର୍ବାନୁମାନ କରିଥିଲେ। ତେଲେଙ୍ଗାନାରେ ପୁଣି ଥରେ କେସିଆରଙ୍କ ନେତୃତ୍ୱରେ ଟିଆରଏସ୍ କ୍ଷମତାକୁ ଆସିପାରେ ବୋଲି କୁହାଯାଇଥିଲା। ନିର୍ବାଚନ ଫଳାଫଳ ଆସିବା ପୂର୍ବରୁ ସୋମବାର ଷ୍ଟକ୍ ବଜାର ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡିଛି। ଅନ୍ୟ ପକ୍ଷରେ ଏନଡିଏରୁ ରାଷ୍ଟ୍ରୀୟ ଲୋକସମତା ପାର୍ଟି ଅଧକ୍ଷ ଉପେନ୍ଦ୍ର କୁଶୱାହା ଓହରିଯାଇ ବିରୋଧରେ ମେଣ୍ଟରେ ଯୋଗଦେବେ ବୋଲି ସୂଚନା ଦେଇଛନ୍ତି। ତେଲେଙ୍ଗାନାରେ ଆବଶ୍ୟକ ପଡିଲେ ଟିଆରଏସ୍‌କୁ ସମର୍ଥନ ଦେବାକୁ ଭାଜପା ପ୍ରସ୍ତୁତ ଥିବା କହିଥିଲା ବେଳେ ସୋମବାର ଏଆଇଏମ୍‌ଆଇଏମ୍ ଅଧକ୍ଷ ଆସାଦୁଦ୍ଦିନ ଓୱାଇସି କାମଚଳା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କୁ ଭେଟି ସମର୍ଥନ ଜଣାଇଛନ୍ତି। ମଧ୍ୟପ୍ରଦେଶରେ କଂଗ୍ରେସ ୧୪୦ଟି ଆସନରେ ଜିତି ସରକାର ଗଢ଼ିବ ବୋଲି ବରିଷ୍ଠ ନେତା କମଳନାଥ କହିଛନ୍ତି। ଏହି ନିର୍ବାଚନ ଭାଜପା ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। କାରଣ ୫ଟି ରାଜ୍ୟ ମଧ୍ୟରୁ ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଛତିଶଗଡରେ ଏହି ଦଳ କ୍ଷମତାରେ ରହିଛି। ମିଜୋରାମରେ କଂଗ୍ରେସ ସରକାର ଥିବାବେଳେ ତେଲେଙ୍ଗାନାରେ ଟିଆରଏସ୍ ସରକାର ରହିଛି। ଭାଜପା ମଧ୍ୟପ୍ରଦେଶ ଏବଂ ଛତିଶଗଡରେ କ୍ରମାଗତ ଚତୁର୍ଥ ଥର ପାଇଁ କ୍ଷମତାରେ ରହିବାକୁ ଚାହୁଁଥିଲାବେଳେ ରାଜସ୍ଥାନରେ ମଧ୍ୟ ପୁଣି କ୍ଷମତାରେ ରହିବା ଉଦ୍ୟମ ଜାରି ରଖିଛି। ଏହି ତିନି ରାଜ୍ୟର ୬୫ ଲୋକ ସଭା ଆସନରୁ ଗତ ନିର୍ବାଚନରେ ଭାଜପାକୁ ୬୨ ଆସନ ମିଳିଥିଲା।

## ଅଗୁଷ୍ଟା ଭିଭିଆଇପି ହେଲିକପ୍ଟର ମାମଲା

# ୫ ଦିନ ବଢ଼ିଲା ମିଶେଲଙ୍କ ରିମାଣ୍ଡ

**ନୂଆଦିଲ୍ଲୀ,୧୦।୧୨(ପି.ଟି.)**

ଅଗୁଷ୍ଟା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର ଦୁର୍ନୀତି ମାମଲାରେ ଅଭିଯୁକ୍ତ ଖ୍ରୀଷ୍ଟିଆନ୍ ମିଶେଲଙ୍କୁ ପୁନଃ ଜେରା ପାଇଁ ଦିଲ୍ଲୀ ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଫଳରେ ତାଙ୍କର ରିମାଣ୍ଡ ଅବଧି ଆଉ ୫ ଦିନ ବଢ଼ିଛି। ବ୍ରିଟେନ ନାଗରିକ ମିଶେଲଙ୍କ ମଧ୍ୟସ୍ଥତାରେ ଅଗୁଷ୍ଟା ହେଲିକପ୍ଟର କିଣାବିକା ହୋଇଥିଲା।



୫୫୬.୨୬୨ ନିୟୁତ ୟୁରୋରେ ହୋଇଥିବା ଏହି ଡିଲ୍‌ରେ ମିଶେଲ ୩୦ ନିୟୁତ ୟୁରୋ (ପ୍ରାୟ ୨୨୫ କୋଟି ଟଙ୍କା) ଲାଞ୍ଚ ନେଇଥିବା ଅଭିଯୋଗ ହୋଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଏ ସମ୍ପର୍କିତ ଚାର୍ଜଶିଟ୍ ଦାଖଲ ପରେ ଡିସେମ୍ବର ୪ ରାତିରେ ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ)ର ଦୁବାଇରୁ ତାଙ୍କୁ ପ୍ରତ୍ୟର୍ପଣ କରାଯାଇ ଭାରତ ଅଣାଯାଇଥିଲା। କୋର୍ଟରେ ହାଜର ପରେ ସିବିଆଇ ତାଙ୍କୁ ୫ଦିନିଆ ରିମାଣ୍ଡରେ ନେଇ ପଚରାଉଚୁରା ଚଳାଇଥିଲା। ସୋମବାର ରିମାଣ୍ଡ ଅବଧି ଶେଷ ହୋଇଥିଲାବେଳେ ଆଉ ୫ ଦିନ ରିମାଣ୍ଡ ପାଇଁ ଅନୁମତି ମିଳିଛି। ମିଶେଲ ଜେରା ବେଳେ ତଦନ୍ତକାରୀ ଅଧିକାରୀଙ୍କୁ ସହଯୋଗ କରୁନଥିବା ସିବିଆଇ ଅଦାଲତର ଦୃଷ୍ଟି ଆକର୍ଷଣ କରିଥିଲେ।

# ତାଜମହଲ ଟିକେଟ ଦାମ୍ ୨୦୦ ବଢ଼ିଲା

**ଆଗ୍ରା,୧୦।୧୨(ପି.ଟି.)**



ବିଶ୍ୱ ଐତିହ୍ୟ ତାଜମହଲ ଦେଖିବା ଏଣିକି ମହଙ୍ଗା ହେବ। ସରକାର ସୋମବାରଠାରୁ ଟିକେଟ ମୂଲ୍ୟ ୨୦୦ ଟଙ୍କା ବଢ଼ାଇ ଦେଇଛନ୍ତି। ଫଳରେ ଘରୋଇ ଦର୍ଶକଙ୍କ ଲାଗି ଟିକେଟ ମୂଲ୍ୟ ୨୫୦ ଟଙ୍କା ହୋଇଥିବା ବେଳେ ବିଦେଶୀ ଦର୍ଶକଙ୍କୁ ୧୩୦୦ ଟଙ୍କା ଦେବାକୁ ପଡିବ ବୋଲି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ମୁଖ୍ୟ ପ୍ରତ୍ନତାତ୍ତ୍ୱିକ ବସନ୍ତ ସ୍ୱର୍ଣ୍ଣକାର କହିଛନ୍ତି। ସେହିପରି ସାର୍କ ଦେଶର ଦର୍ଶକଙ୍କୁ ୫୪୦ ଟଙ୍କା ପରିବର୍ତ୍ତେ ୭୪୦ ଟଙ୍କା ଦେବାକୁ ହେବ। ତାଜମହଲର ମୁଖ୍ୟ କବରସ୍ଥଳରେ ଯାତ୍ରୀଙ୍କ ଭିଡ କମାଇବା ଲାଗି ଟିକେଟ ମୂଲ୍ୟ ବୃଦ୍ଧି କରାଯାଇଛି। ୫୦ ଟଙ୍କା ଟିକେଟରେ ମୁଖ୍ୟ ସମାଧିସ୍ଥଳରେ ପ୍ରବେଶ ଅନୁମତି ମିଳିବ ନାହିଁ। ତେବେ ସେମାନେ ତାଜମହଲ ଚାରିପଟେ ବୁଲିପାରିବେ।



ଭାଜପା ବିରୋଧରେ ମହାମେଣ୍ଟ ଲାଗି ଦିଲ୍ଲୀରେ ବିରୋଧୀ ଏକଜୁଟ୍।

## ମୃତ୍ୟୁ ପୂର୍ବରୁ ଖାସୋଗିଙ୍କ ଶେଷ ବାକ୍ୟ

# 'ମୁଁ ନିଃଶ୍ୱାସ ନେଇପାରୁନାହିଁ'

**ୱାଶିଂଟନ,୧୦।୧୨**



ୱାଶିଂଟନ ପୋଷ୍ଟର ସାଉଦୀଆରବ ପ୍ରତିନିଧିସାମ୍ବାଦିକ ଜାମାଲ୍ ଖାସୋଗିଙ୍କ ହତ୍ୟା ରହସ୍ୟରୁ ପରଦା ହଟିଛି। ଏହି ହତ୍ୟାକାଣ୍ଡ ଯୋଜନାବଦ୍ଧ ଥିଲା ବୋଲି ପ୍ରମାଣ ମିଳିଛି। ଘଟଣା ଘଟିବା ସମୟର ଅଡିଓ-ଟେପ୍ ରେକର୍ଡିଂ ଯାଞ୍ଚରୁ ଏହା ସ୍ପଷ୍ଟ ହୋଇଛି। ଖାସୋଗି ହତ୍ୟାକାରୀମାନଙ୍କ ସହ ସଂଘର୍ଷ କରୁଥିବା ସେଥିରୁ ଜଣାଯାଇଛି। ମୃତ୍ୟୁ ପୂର୍ବରୁ ଖାସୋଗି ଶେଷଥର ପାଇଁ 'ମୁଁ ନିଃଶ୍ୱାସ ନେଇପାରୁନାହିଁ' କହିଥିଲେ। ଏହି ଜଘନ୍ୟ ଅପରାଧ ସମୟରେ ଏକାଧିକ ଫୋନ କଲ ହୋଇଥିଲା। ଏ ସମସ୍ତ କଲ ରିଆଦ୍‌ର ଉଚ୍ଚସ୍ତରୀୟ ଅଧିକାରୀମାନଙ୍କୁ କରାଯାଇଥିବା ଜଣାପଡ଼ିଛି। ଏହି ଅଡିଓ-ଟେପ୍ ପ୍ରତିଲିପିକୁ ଆଧାର କରି ହତ୍ୟାକାରୀଙ୍କ ନିକଟରେ ପହଞ୍ଚିବା ପାଇଁ ଖୋଳତାଡ଼ ଆରମ୍ଭ ହୋଇଛି। ଅକ୍ଟୋବର ୨ରେ ଖାସୋଗିଙ୍କୁ ଇସ୍ତାନବୁଲଠାରେ ହତ୍ୟା କରାଯାଇଥିଲା। ଏଥିପାଇଁ ସାଉଦି ଆରବରୁ ୧୫ ଜଣିଆ ଏକ ଦଳ ଇସ୍ତାନବୁଲ ଆସିଥିଲେ ବୋଲି ତୁର୍କୀର ଗୁଇନ୍ଦା ବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ସାଉଦି ଆରବ ସରକାରଙ୍କୁ ଅବଗତ କରାଯାଇଛି। ତେବେ ସାଉଦି ଆରବ ବହିର୍ବ୍ୟାପାର ମନ୍ତ୍ରୀ ସନ୍ଦିଗ୍ଧ ଅପରାଧୀମାନଙ୍କ ପ୍ରତ୍ୟର୍ପଣ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

# ବିଚ୍ଛିନ୍ନତାବାଦୀଙ୍କ ବନ୍ଦ ପାଳନ

**ଶ୍ରୀନଗର,୧୦।୧୨(ପି.ଟି.)**

କଶ୍ମୀର ଉପତ୍ୟକାରେ ସୋମବାର ବିଚ୍ଛିନ୍ନତାବାଦୀମାନଙ୍କ ବନ୍ଦ ପାଳନ ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଉପତ୍ୟକାରେ ମାନବାଧିକାରର ଉଲ୍ଲଂଘନ ହେଉଥିବା ଅଭିଯୋଗରେ ଏହି ବନ୍ଦ ଡାକରା ଦିଆଯାଇଥିଲା। ଶ୍ରୀନଗରରେ ସମସ୍ତ ଦୋକାନ ବଜାର, ପେଟ୍ରୋଲ ପମ୍ପ ଏବଂ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସେହିପରି ସମସ୍ତ ଜିଲା ସଦରମହକୁମା ଗୁଡିକରେ ବନ୍ଦ ପାଳନ କରାଯାଇଥିଲା। ଜେଆର୍‌ଏଲ୍ ନେତୃତ୍ୱରେ ବିଚ୍ଛିନ୍ନତାବାଦୀମାନେ ଏହି ବନ୍ଦ ଡାକରା ଦେବା ସହ ଆଜିର ଦିନକୁ କଳା ଦିବସ ଭାବେ ପାଳନ କରିବାକୁ ଲୋକମାନଙ୍କୁ ପ୍ରବର୍ତ୍ତାଇଥିଲେ। ଜେଆର୍‌ଏଲ୍‌ରେ ସୟେଦ ଅଲି ଶାହ ଗିଲାନି, ମିରୱାଇଜ ଉମାର ଫାରୁକ, ମହମ୍ମଦ ୟାସିନ ମଲିକ ପ୍ରମୁଖ ସାମିଲ ଅଛନ୍ତି।

## ଫୁରସତ

### ଇତିହାସର ଆଇନାରେ

### ଡିସେମ୍ବର ୧୧ର ପ୍ରମୁଖ ଘଟଣା

#### ଆମେରିକା ବିରୋଧରେ ଯୁଦ୍ଧ

୧୯୪୧ ଡିସେମ୍ବର ୧୧ରେ ଆମେରିକା ବିରୋଧରେ ଜର୍ମାନୀ ଓ ଇଟାଲୀ ଯୁଦ୍ଧ ଘୋଷଣା କରିଥିଲେ। ଜାପାନ ବିରୋଧରେ ଆମେରିକାର ଯୁଦ୍ଧ ଘୋଷଣା ପରେ ଇଟାଲି ଓ ଜର୍ମାନୀ ଏହି ନିଷ୍ପତ୍ତି ନେଇଥିଲେ। ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଘଟଣା। ଦ୍ୱିତୀୟ ବିଶ୍ୱଯୁଦ୍ଧ ୧୯୩୯ରୁ ଆରମ୍ଭ ହୋଇ ୧୯୪୫ରେ ଶେଷ ହୋଇଥିଲା।

#### ଡବ୍ଲ୍ୟୁଟିଓରେ ଚାଇନା ସାମିଲ

୨୦୦୧ ଡିସେମ୍ବର ୧୧ରେ ଦି ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ବିଶ୍ୱ ବାଣିଜ୍ୟ ସଂଗଠନରେ ସାମିଲ ହୋଇଥିଲା। ୧୯୪୯ରୁ ଚାଇନାକୁ ସରକାରୀ ଭାବରେ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ଘୋଷଣା କରାଯାଇଛି। ଏହା ପୂର୍ବ ଏସିଆର ଏକ ବୃହତ୍ ଦେଶ। ଏହାର ଲୋକସଂଖ୍ୟା ୧୪୦କୋଟିରୁ ଉର୍ଦ୍ଧ୍ୱ ଏବଂ କ୍ଷେତ୍ରଫଳ ୯୬ଲକ୍ଷ ବର୍ଗ କିଲୋମିଟର।

# ମୁକ୍ୱେଜ୍, ମୁରାଦ୍‌ଙ୍କୁ ନୋବେଲ ଶାନ୍ତି

**ଓସ୍‌ଲୋ:**



କଙ୍ଗୋ ଡାକ୍ତର ଡେନିସ ମୁକ୍ୱେଜ ଏବଂ ୟାଜିଦିର ବିଶିଷ୍ଟ ସାମାଜିକ କର୍ମୀ ନାଦିଆ ମୁରାଦ୍‌ଙ୍କୁ ସୋମବାର ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଛି। ମୁକ୍ୱେଜ୍ ଯୌନ ହିଂସା ପ୍ରପୀଡିତ ମହିଳାଙ୍କ ଚିକିତ୍ସା କରି 'ଡକ୍ଟର ମିରାକଲ୍' ଆଖ୍ୟା ଅର୍ଜନ କରିଥିବା ବେଳେ ମୁରାଦ କୁଖ୍ୟାତ ଆତଙ୍କବାଦୀ ଗୋଷ୍ଠୀ ଆଇଏସ୍‌ର ଯୌନଦାସତ୍ୱରୁ ମୁକ୍ତିପାଇ ନିଜକୁ ସମାଜସେବାରେ ନିୟୋଜିତ କରିଥିଲେ। ସେ ଅତି ସନ୍ତର୍ପଣରେ ଆଇଏସ୍ କବଳରୁ ଖସିଆସି ନିଜ ଜନ୍ମଭୂମି ୟାଜିଦି ବାସୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିଆସୁଛନ୍ତି।

ନରୱେ ନୋବେଲ କମିଟି ଅକ୍ଟୋବରରେ ଶାନ୍ତି ପୁରସ୍କାର ପାଇଁ ଏହି ଦୁଇ ସାମାଜିକ କର୍ମୀଙ୍କୁ ଚୟନ କରିଥିଲା। ଯୌନହିଂସା ହେଉଛି ଯୁଦ୍ଧାସ୍ତ୍ର ଏବଂ ସଶସ୍ତ୍ର ବିପ୍ଳବ ଭଳି। ଏହାର ପରିସମାପ୍ତି ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ ଏହା ଅଭିପ୍ରେତ ବୋଲି ନୋବେଲ କମିଟି ପ୍ରକାଶ କରିଥିଲା। ଦୁଇ ନୋବେଲ ବିଜୟୀ ସେମାନଙ୍କ ପୁରସ୍କାର ବିଶ୍ୱର ଯୌନ ପୀଡିତଙ୍କ କଲ୍ୟାଣ ନିମନ୍ତେ ଉତ୍ସର୍ଗ କରିବା ସହିତ ଯୌନ ହିଂସା ଦୂର ପାଇଁ ସଚେତନତା ସୃଷ୍ଟି କରିବାରେ ଏହା ସହାୟକ ହେବ ବୋଲି ଆଶା ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବର୍ତ୍ତମାନ ଅନ୍ତର୍ଜାତୀୟ ସମୁଦାୟର ଦାୟିତ୍ୱ ରହିଛି ବୋଲି ମୁକ୍ୱେଜ୍ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଉକ୍ତ ପୁରସ୍କାର ଯୌନ ଉତ୍ପୀଡନ ବିରୋଧରେ ବିଜୟ ନୁହେଁ ବରଂ ଏହିଠାରୁ ହିଁ ନୂଆ ସଂଗ୍ରାମ ଆରମ୍ଭ ହେଲା ବୋଲି ସେ ପ୍ରକାଶ କରିଛନ୍ତି। ଯୁଦ୍ଧ ବିଧ୍ୱସ୍ତ କଙ୍ଗୋରେ ଦୀର୍ଘ ୨୦ବର୍ଷ ଧରି ମୁକ୍ୱେଜ ଯୌନ ହିଂସାର ଶିକାର ମହିଳାଙ୍କୁ ଚିକିତ୍ସା କରିବା ସହିତ ସେମାନଙ୍କୁ ଲାଗିଥିବା ମାନସିକ ଧକ୍କା ଦୂର କରିବାରେ ସହାୟକ ହୋଇଛନ୍ତି।

ସେହିପରି ନାଦିଆ ମୁରାଦ ୟାଜିଦି ବାସିନ୍ଦାଙ୍କ କଲ୍ୟାଣ ପାଇଁ ସଚେତନତା ସୃଷ୍ଟି କରିଆସୁଛନ୍ତି। ୨୦୧୪ରେ ଦୁର୍ଦ୍ଧର୍ଷ ଆଇଏସ୍ ଆତଙ୍କବାଦୀ ଗୋଷ୍ଠୀ ଇରାକ୍ ଓ ସିରିଆରେ ଆତଙ୍କରାଜ ଚଳାଇଥିବା ବେଳେ ତାଙ୍କ କୁର୍ଦ୍ଦିସ ଭାଷାଭାଷୀ ସମ୍ପ୍ରଦାୟ ଉପରେ ଆକ୍ରମଣ କରିଥିଲେ। ବହୁ ଝିଅବୋହୂଙ୍କୁ ନେଇ ଯୌନଦାସୀ କରି ରଖିଥିଲେ। ଏଥିରୁ ବାଦ୍ ପଡି ନ ଥିଲେ ମୁରାଦ୍। ତାଙ୍କୁ ବଳପୂର୍ବକ ବିବାହ, ଗଣବଳାତ୍କାର କରାଯିବା ସହିତ ମାଡ ମରାଯାଇଥିଲା। ଜିହାଦୀଙ୍କ୍ କବଳରେ ଥିବା ହଜାର ହଜାର ମହିଳାଙ୍କ ନିମନ୍ତେ ନୋବେଲ ଶାନ୍ତି ପୁରସ୍କାର ଏକ 'ଶୁଭ ସଂକେତ' ବୋଲି ମୁରାଦ୍ ପ୍ରକାଶ କରିଛନ୍ତି।

# ବୃହତ୍ ଡାଇନୋସର କଙ୍କାଳ ଠାବ



**ମସ୍କୋ:**

ରୁଷୀୟ ବୈଜ୍ଞାନିକମାନେ ନୂତନକରି ଏକ ତୃଣଭୋଜୀ ପ୍ରଜାତିର ବୃହତ୍ ଡାଇନୋସର୍ କଙ୍କାଳ ଠାବ କରିଛନ୍ତି। ଏହାର ବେକ ଓ ଲାଞ୍ଜ ଲମ୍ବା। ୧୩୦ ନିୟୁତ ବର୍ଷ ତଳେ ଏଭଳି ପ୍ରକାଣ୍ଡ ଜୀବ ପୃଥିବୀରେ ତିଷ୍ଠି ରହିଥିଲେ ବୋଲି ବୈଜ୍ଞାନିକମାନେ ବିଶ୍ୱାସ କରୁଛନ୍ତି। ରୁଷିଆର ସେଣ୍ଟ ପିଟର୍ସବର୍ଗ ୟୁନିଭର୍ସିଟିର ଇତିହାସ ବିଶେଷଜ୍ଞମାନେ ଏହି ନୂଆ ଡାଇନୋସରକୁ ଭଲ୍‌ଗାଟାଇଟନ୍ ନାମକରଣ କରିଛନ୍ତି। ରୁଷିଆର ଉଲିଆନୋସ୍କ ନିକଟବର୍ତ୍ତୀ ଭଲ୍‌ଗା ନଦୀକୂଳରେ ୭ଟି ଡାଇନୋସର କଙ୍କାଳ ଠାବ କରାଯାଇଛି। ଭଲଗାଟାଇଟନ୍ ସରୋପଡ୍‌ସ ଗୋଷ୍ଠୀର ଅନ୍ତର୍ଭୁକ୍ତ। ଏଭଳି ପ୍ରଜାତି ଡାଇନୋସର ତୃଣଭୋଜୀ। ସେମାନଙ୍କ ବେକ ଓ ଲାଞ୍ଜ ଲମ୍ବା। ୨୦୦ରୁ ୬୫ ନିୟୁତ ବର୍ଷ ମଧ୍ୟରେ ଏଭଳି ପ୍ରଜାତି ପୃଥିବୀ ପୃଷ୍ଠରେ ବଞ୍ଚି ରହିଥିଲେ। ଏଭଳି ଡାଇନୋସରର ଓଜନ ପାଖାପାଖି ୧୭ଟନ୍ ବୋଲି ବୈଜ୍ଞାନିକମାନେ ବିଶ୍ୱାସ କରୁଛନ୍ତି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୮ | ୧୧.୪ |
| ଚାନ୍ଦବାଲି | ୨୬.୮ | ୧୩.୮ |
| କଟକ | ୨୭.୬ | ୧୨.୮ |
| ପାରାଦ୍ୱୀପ | ୨୮.୦ | ୧୫.୨ |
| ଭୁବନେଶ୍ୱର | ୨୯.୪ | ୧୩.୭ |
| ଗୋପାଳପୁର | ୨୮.୮ | ୧୮.୩ |
| ପୁରୀ | ୨୭.୮ | ୧୬.୮ |
| ଅନୁଗୋଳ | ୨୮.୧ | ୧୦.୬ |
| ବାରିପଦା | ୨୫.୬ | ୧୧.୪ |
| ଝାରସୁଗୁଡ଼ା | ୨୮.୫ | ୧୩.୪ |
| କେନ୍ଦୁଝର | ୨୫.୬ | ୯.୮ |
| ସମ୍ବଲପୁର | ୨୯.୫ | ୧୫.୦ |
| ସୁନ୍ଦରଗଡ଼ | ୨୭.୦ | ୧୦.୦ |
| ହୀରାକୁଦ | ୨୯.୦ | ୧୫.୧ |
| ତାଳଚେର | ୩୦.୫ | ୧୩.୫ |
| ଭବାନୀପାଟଣା | ୨୯.୮ | ୧୬.୦ |
| ବଲାଙ୍ଗୀର | ୨୯.୦ | ୧୫.୦ |
| କୋରାପୁଟ | ୨୭.୨ | ୧୪.୦ |
| ଫୁଲବାଣୀ | ୨୭.୮ | ୭.୫ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୨୯.୪ | ୨୦.୦ |
| ସୋନପୁର | ୩୦.୪ | ୧୭.୬ |
| ଦାରିଙ୍ଗିବାଡ଼ି | ୨୫.୦ | ୯.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# 'ମର୍ଦ୍ଦାନି-୨'ରେ ଅଭିନୟ କରିବେ ରାଣୀ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ରାଣୀ ମୁଖାର୍ଜୀ 'ମର୍ଦ୍ଦାନି'ର ଦ୍ୱିତୀୟ ସଂସ୍କରଣ 'ମର୍ଦ୍ଦାନି-୨'ରେ ଖୁବ୍ ଶୀଘ୍ର ଅଭିନୟ କରିବାକୁ ଯାଉଛନ୍ତି। ଶେଷଥର ଲାଗି ସେ 'ହିଚ୍‌କି'ରେ ଅଭିନୟ କରିଥିବାର ଦେଖିବାକୁ ମିଳିଥିଲା। ତାଙ୍କ କହିବାନୁଯାୟୀ, ଉକ୍ତ ଫିଲ୍ମର ପ୍ରଥମ ଭାଗ ତାଙ୍କ ହୃଦୟକୁ ଛୁଇଁପାରିଥିଲା। ମର୍ଦ୍ଦାନି-୨ରେ ଅଭିନୟ କରିବାକୁ ସେ ଆଉ ବେଶି ବିଳମ୍ବ କରିବେ ନାହିଁ।

ମର୍ଦ୍ଦାନି ସବୁବେଳେ ମୋ ହୃଦୟ ସହ ଜଡିରହିଛି। ଏହା ରିଲିଜ ହେବା ପରେପରେ ଅନେକ ଦର୍ଶକ ପ୍ରଶ୍ନ କରିଥିଲେ, ମର୍ଦ୍ଦାନି-୨ କେବେ ରିଲିଜ୍ ହେଉଛି। ତେବେ ଏ ସମ୍ପର୍କିତ ଘୋଷଣା ସମସ୍ତଙ୍କୁ ବିସ୍ମିତ କରିବ। ଗୋପୀ ଏଥିପାଇଁ ସୁନ୍ଦର ସ୍କ୍ରିପ୍ଟ ଲେଖିଥିବା ବେଳେ ସମସ୍ତେ ଏହାକୁ ପସନ୍ଦ କରିଛନ୍ତି। ତେବେ ଏହାର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ରାଣୀ ଏକ ବିବୃତିରେ କହିଛନ୍ତି।

ମର୍ଦ୍ଦାନି ୨୦୧୪ରେ ରିଲିଜ୍ ହୋଇଥିଲା। ଏଥିରେ ରାଣୀ ମୁଖାର୍ଜୀ ଜଣେ ବରିଷ୍ଠ ଇନ୍‌ସପେକ୍ଟର (ଶିବାନୀ ଶିବାଜୀ ରଏ) ଭୂମିକାରେ ଅଭିନୟ କରିଥିଲେ। ୟଶରାଜ ଫିଲ୍ମ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଥିବା ମର୍ଦ୍ଦାନି-୨ର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ ଏବଂ ଏହା ଆସନ୍ତାବର୍ଷ ଦ୍ୱିତୀୟାର୍ଦ୍ଧରେ ରିଲିଜ୍ ହେବାର ଅଛି।





| Dollar | Sensex | Nifty | Gold | Silver |
|---|---|---|---|---|
| 71.32 (50) | 34,959.72 (713.53) | 10,488.45 (205.25) | 32,495.00 (`145) | 38,150.00 (`350) |

"୨୦୧୮-୧୯ ଶେଷ ସୁଦ୍ଧା ଦେଶର ପାସେଞ୍ଜର ଭେହିକିଲ ସେଗମେଣ୍ଟରେ ପ୍ରଥମ ତିନି କମ୍ପାନୀ ମଧ୍ୟରେ ସ୍ଥାନିତ ହେବାକୁ ଲକ୍ଷ୍ୟ ରଖିଛି।
– ଗ୍ୱେଣ୍ଟର ବୁସେକ୍, ସିଇଓ, ଟାଟା ମୋଟର୍ସ



"ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ନକଲ ନ କରି ସବୁ ବେଳେ ତାଙ୍କଠାରୁ ବହୁତ ଶିଖିବାର ଆବଶ୍ୟକତା ରହିଛି। ନକଲ କଲେ ତୁମେ ନିଜେ ଏବଂ ତୁମ ନକଲର ଅସ୍ତିତ୍ୱ ରହିବ ନାହିଁ।
– ଜ୍ୟାକ୍ ମା, ପ୍ରତିଷ୍ଠାତା, ଆଲିବାବା ଗ୍ରୁପ



## ସଂକ୍ଷେପରେ

### ପ୍ରତ୍ୟକ୍ଷ ଟିକସ ଆଦାୟ ୧୫.୭% ବୃଦ୍ଧି



**ନୂଆଦିଲ୍ଲୀ,୧୦-୧୨:** ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ମଧ୍ୟରେ ମୋଟ୍ ପ୍ରତ୍ୟକ୍ଷ ଟିକସ ଆଦାୟ ୧୫.୭ପ୍ରତିଶତ ବୃଦ୍ଧି ପାଇ ୬.୭୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏ ସମ୍ପର୍କରେ ତଥ୍ୟ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଚଳିତ ଆର୍ଥିକ ବର୍ଷର ଏହି ଅବଧିରେ ୧.୨୩ ଲକ୍ଷ କୋଟି ଟଙ୍କା ରିଫଣ୍ଡ କରାଯାଇଛି। ଗତବର୍ଷ ଅପେକ୍ଷା ଏହା ୨୦.୮% ଅଧିକ। ଉଲ୍ଲେଖଥାଉ କି, ଚଳିତ ବର୍ଷର ବଜେଟରେ ପ୍ରତ୍ୟକ୍ଷ ଟିକସ ଆଦାୟ ୧୧.୫୦ ଲକ୍ଷ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅଦ୍ୟାବଧି ବଜେଟ ଅନୁମାନର ୪୮ ପ୍ରତିଶତ ଟିକସ ସଂଗ୍ରହ କରାଯାଇଛି ବୋଲି ଏଥିରେ କୁହାଯାଇଛି। ସମୀକ୍ଷା ଅବଧିରେ କର୍ପୋରେଟ ଆୟକର ଓ ଘରୋଇ ଟିକସ ସଂଗ୍ରହ କ୍ରମଶଃ ୧୭.୭% ଓ ୧୮.୩% ବଢ଼ିଛି। ସେହିପରି ରିଫଣ୍ଡ କ୍ଷେତ୍ରରେ କର୍ପୋରେଟରେ ୧୮.୪% ଓ ଘରୋଇ କ୍ଷେତ୍ରରେ ୧୬ ପ୍ରତିଶତ ବୃଦ୍ଧି ଦେଖାଯାଇଛି।

### ଏନ୍‌ପିଏସ୍‌ରେ ୬୦% ଟଙ୍କା ଉଠାଇ ଟିକସମୁକ୍ତ

**ନୂଆଦିଲ୍ଲୀ,୧୦-୧୨:** କେନ୍ଦ୍ର ସରକାର ନ୍ୟାଶନାଲ ପେନସନ ସ୍କିମ୍‌ରେ କର୍ମଚାରୀ ୬୦ ପ୍ରତିଶତ ପର୍ଯ୍ୟନ୍ତ ଟଙ୍କା କାଢ଼ିଲେ ଏହା ସମ୍ପୂର୍ଣ୍ଣ ଟିକସମୁକ୍ତ ହେବ ବୋଲି ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏଠାରେ ପ୍ରକାଶ କରିଛନ୍ତି। ଏଥିସହିତ ଏହି ସ୍କିମ୍‌ରେ ସରକାରଙ୍କ ଯୋଗଦାନକୁ ୪% ବଢ଼ାଯାଇଥିବା ସେ କହିଛନ୍ତି। ଏହାଦ୍ୱାରା ୨୦୧୯-୨୦ରେ ସରକାରଙ୍କ ଉପରେ ୨,୮୪୦ କୋଟି ଟଙ୍କାର ଅତିରିକ୍ତ ବୋଝ ପଡିବ ବୋଲି ସେ ପ୍ରକାଶ କରିଛନ୍ତି। ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ଏନ୍‌ପିଏସରେ ପୂର୍ବରୁ କର୍ମଚାରୀଙ୍କୁ ୪୦ ପ୍ରତିଶତ ପର୍ଯ୍ୟନ୍ତ ଟଙ୍କା ଉଠାଇବାକୁ ସୁଯୋଗ ମିଳୁଥିଲା। ଏହା ଟିକସ ମୁକ୍ତ ଥିଲା। ଅବଶିଷ୍ଟ ୨୦% ଉପରେ ଟିକସ ଦେବାକୁ ପଡୁଥିଲା। ଏବେ ସମ୍ପୂର୍ଣ୍ଣ ୬୦%ଟଙ୍କା ଉଠାଣକୁ ଟିକସମୁକ୍ତ କରାଯାଇଛି।

# ବିବାଦ ନେଲା ଉର୍ଜିତଙ୍କ ପଦ

**ନୂଆଦିଲ୍ଲୀ,୧୦-୧୨: ଗତ ୨ ମାସ ଧରି ଚାଲିଥିବା ବିବାଦ ଭିତରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଗଭର୍ନର ଉର୍ଜିତ ପଟେଲ ସୋମବାର ତତ୍କାଳ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଇସ୍ତଫା ଦେଇଛନ୍ତି ବୋଲି କହୁଥିଲେ ହେଁ କେନ୍ଦ୍ର ସରକାରଙ୍କ ସହ ଆର୍‌ବିଆଇର ଉପୁଜିଥିବା ବିବାଦର ଚାପ ସେ ଆଉ ସହିପାରି ନ ଥିଲେ। ଏହି କାରଣରୁ ସରକାରଙ୍କ ସହ କେନ୍ଦ୍ରୀୟ ବ୍ୟାଙ୍କର ତାଳମେଳ ନଷ୍ଟ ହୋଇଯାଇଥିଲା। ଆଉ ବେଶି ଦିନ ବିବାଦ ଭିତରେ ରହିବା ଠିକ୍ ହେବ ନାହିଁ ବୋଲି ମନେକରି ସେ ନିଜ ପଦରୁ ଇସ୍ତଫା ଦେଲେ। ବିବାଦଗୁଡିକ କ'ଣ ଥିଲା, ତାହା ନିମ୍ନରେ ବର୍ଣ୍ଣନା କରାଯାଉଛି...**



### ଆର୍‌ବିଆଇର ବଳକା ଅର୍ଥ ଚାହୁଁଥିଲା କେନ୍ଦ୍ର

ଆର୍‌ବିଆଇ ନିକଟରେ ପଡି ରହିଥିବା ବଳକା ଅର୍ଥ ଉପରେ କେନ୍ଦ୍ର ସରକାରଙ୍କ ନଜର ଥିଲା। କେନ୍ଦ୍ରୀୟ ବ୍ୟାଙ୍କ ଏହି ଟଙ୍କାକୁ ଦେଇ ଦିଅନ୍ତୁ ବୋଲି କେନ୍ଦ୍ର ସରକାର ଚାହୁଁଥିଲେ। ଏହାକୁ ଆର୍‌ବିଆଇ ବିରୋଧ କରିବାରୁ ଏହା ବିବାଦର କେନ୍ଦ୍ରବିନ୍ଦୁ ଥିଲା। ତେବେ ଆର୍‌ବିଆଇର ସ୍ୱାୟତ୍ତତାକୁ ନେଇ କୌଣସି ବିବାଦ ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟୀକରଣ ଦେଇଥିଲେ। ସେହିପରି କେତେ ଟଙ୍କା ଆର୍‌ବିଆଇ କେନ୍ଦ୍ର ସରକାରଙ୍କୁ ଦେବ ସେ ନେଇ ସ୍ଥିର କରିବାକୁ ଆର୍‌ବିଆଇ ବୋର୍ଡ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ସ୍ଥିର କରିଥିଲେ। ଉଭୟ କେନ୍ଦ୍ରୀୟ ବ୍ୟାଙ୍କ ଓ ସରକାର ମିଳିତ ଭାବେ କମିଟି ସଦସ୍ୟ ବାଛିବେ ବୋଲି ସ୍ଥିର ହୋଇଥିଲା। ତେବେ ଉର୍ଜିତ ଏହା ଚାହୁଁ ନ ଥିଲେ। ତାଙ୍କର ଇସ୍ତଫା ଏହା ପ୍ରମାଣିତ କରୁଛି।

### ଋଣ ବାଣ୍ଟିବାକୁ ନେଇ ମୁହାଁମୁହିଁ

ଡେପୁଟି ଗଭର୍ନର ବିରଲ ଆଚାର୍ଯ୍ୟ ଖୋଲାଖୋଲି କେନ୍ଦ୍ର ସରକାରଙ୍କ ବିରୋଧରେ ବିଷୋଦ୍‌ଗାର କରିବା ପରେ ଆର୍‌ବିଆଇ ଓ ସରକାରଙ୍କ ମଧ୍ୟରେ ବିବାଦ ଥିବା ପଦାକୁ ଆସିଥିଲା। ସରକାର ରିଜର୍ଭ ବ୍ୟାଙ୍କର କାମରେ ହସ୍ତକ୍ଷେପ କରୁଛନ୍ତି ବୋଲି ବିରଲ ଅଭିଯୋଗ କରିବା ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କେନ୍ଦ୍ରୀୟ ବ୍ୟାଙ୍କ ବିରୋଧରେ ପାଲ୍‌ଟା ଦୋଷାରୋପ କରିଥିଲେ। ୨୦୦୮ରୁ ୨୦୧୪ ମଧ୍ୟରେ ଦେଶରେ ଋଣ ବଣ୍ଟନକୁ ଆର୍‌ବିଆଇ ଅଣଦେଖା କରିବାରୁ ବଡ଼ ଧରଣର ଏନ୍‌ପିଏସ ସମସ୍ୟା ସୃଷ୍ଟି ହୋଇଛି ବୋଲି ସେ ଅଭିଯୋଗ କରିଥିଲେ।

### ଏନବିଏଫ୍‌ସିଙ୍କ ଲାଗି ନିୟମ କୋହଳ ଦାବି

ବ୍ୟାଙ୍କିଙ୍ଗ ସେକ୍ଟରରେ ସଂସ୍କାର ଆଣିବା ଲକ୍ଷ୍ୟରେ ଉର୍ଜିତଙ୍କ ନେତୃତ୍ୱରେ ଆର୍‌ବିଆଇ ବହୁ କଡ଼ା ପଦକ୍ଷେପ ଗ୍ରହଣ କଲେ। ଏନବିଏଫ୍‌ସି (ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା)ଙ୍କ ଅନାଦାୟ ଋଣ ସମସ୍ୟାକୁ ଦୂର କରିବା ଲାଗି ଆର୍‌ବିଆଇ ପକ୍ଷରୁ ବହୁ କଟକଣା ଜାରି କରାଗଲା। ଫଳରେ ସେମାନଙ୍କ ପାଇଁ ନଗଦ ସଙ୍କଟ ସୃଷ୍ଟି ହେଲା। ଏହାକୁ ଦୂର କରିବା ଲାଗି ସରକାର କଟକଣା କୋହଳ କରିବାକୁ ଆର୍‌ବିଆଇ ଉପରେ ଚାପ ପକାଇଲେ। ସେହିପରି ବ୍ୟାଙ୍କିଙ୍ଗ ସେକ୍ଟରରେ ଏନ୍‌ପିଏ ସମସ୍ୟା ସୁଧାରିବା ଲାଗି ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ପ୍ରମ୍ପଟ କରେକ୍ଟିଭ ଆକ୍ସନ (ପିସିଏ) ଅଧୀନକୁ ଅଣାଗଲା। ଫଳରେ ସେମାନେ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗକୁ ଆଉ ଋଣ ଦେଇପାରିଲେ ନାହିଁ। ଫଳସ୍ୱରୂପ ଏହି ଉଦ୍ୟୋଗ ଦିନକୁ ଦିନ ଆର୍ଥିକ ସଙ୍କଟର ସାମ୍ନା କଲେ। ଏହି କଟକଣାକୁ ମଧ୍ୟ କୋହଳ କରିବା ଲାଗି ସରକାର ଚାପ ପକାଉଥିଲେ, ଯାହା ଆର୍‌ବିଆଇ ଚାହୁଁ ନ ଥିଲା।

### ସେକ୍ସନ ୭କୁ ନେଇ ସସ୍‌ପେନ୍ସ

ଆର୍‌ବିଆଇ କଥା ଶୁଣୁ ନ ଥିବାରୁ କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କ ଆଇନର ଧାରା ୭କୁ ବ୍ୟବହାର କରିଛନ୍ତି ବୋଲି ଚର୍ଚ୍ଚା ହେଲା। ଏହି ଧାରା ବଳରେ ସରକାର ଜନହିତରେ ନିଜର ଦାବି ପୂରଣ ପାଇଁ କେନ୍ଦ୍ରୀୟ ବ୍ୟାଙ୍କକୁ କହିପାରିବେ। ତେବେ ଏ ନେଇ ସରକାରଙ୍କ ତରଫରୁ ସ୍ପଷ୍ଟ କରାଯାଇ କୁହାଯାଇଥିଲା ଯେ, ଉକ୍ତ ଧାରାକୁ ଲାଗୁ କରାଯାଇନି।

### ୨୦୦, ୨୦୦୦ ଟଙ୍କିଆ ନୋଟ୍‌ରେ ସ୍ୱାକ୍ଷର କରିବାରେ ପ୍ରଥମ ଗଭର୍ନର

ବିମୁଦ୍ରୀକରଣର ଠିକ୍ ୨ ମାସ ପୂର୍ବରୁ ୨୦୧୬ ସେପ୍ଟେମ୍ବର ୪ରେ ଉର୍ଜିତ ପଟେଲ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଗଭର୍ନର ଭାବେ ଯୋଗ ଦେଇଥିଲେ। ସେ ରଘୁରାମ ରାଜନଙ୍କ ସ୍ଥାନ ନେଇଥିଲେ। ଏଥିପୂର୍ବରୁ ସେ ଆର୍‌ବିଆଇର ଡେପୁଟି ଗଭର୍ନର ଥିଲେ। ବିମୁଦ୍ରୀକରଣ ବେଳେ କେନ୍ଦ୍ରୀୟ ବ୍ୟାଙ୍କ ଜାରି କରିଥିବା ୨୦୦ ଓ ୨୦୦୦ ଟଙ୍କିଆ ନୋଟ୍‌ରେ ପ୍ରଥମ ଗଭର୍ନର ଭାବେ ତାଙ୍କର ସ୍ୱାକ୍ଷର ରହିଛି। ଯାହାକି ଏକ ଇତିହାସ ହୋଇ ରହିଯିବ।

### ଭାରତୀୟଙ୍କ ପାଇଁ ଚିନ୍ତାର ବିଷୟ: ରାଜନ



ଆର୍‌ବିଆଇ ଗଭର୍ନର ପଦରୁ ଉର୍ଜିତ ପଟେଲଙ୍କ ଇସ୍ତଫା ଖବର ପାଇବା ମାତ୍ରେ ତାଙ୍କର ପୂର୍ବସୂରୀ ପୂର୍ବତନ ଗଭର୍ନର ରଘୁରାମ ରାଜନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଦେଶବାସୀଙ୍କ ଲାଗି ଏହା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ଅଭିବୃଦ୍ଧି ଓ ବିକାଶ ପାଇଁ କେନ୍ଦ୍ରୀୟ ବ୍ୟାଙ୍କକୁ ଶକ୍ତିଶାଳୀ କରାଯିବା ଆବଶ୍ୟକ। ବିବାଦର କାରଣ କ'ଣ ତାହା ଆମକୁ ଜାଣିବାକୁ ହେବ। ଆର୍‌ବିଆଇ ବୋର୍ଡର ଶକ୍ତିରେ ବିରାଟ ପରିବର୍ତ୍ତନ ଆସିଛି ବୋଲି ରାଜନ କହିଛନ୍ତି। ସୂଚନାଥାଉ କି, ସରକାରଙ୍କ ସହ ମତଭେଦ କାରଣରୁ ରାଜନଙ୍କୁ ଦ୍ୱିତୀୟ ଥର ପାଇଁ କାର୍ଯ୍ୟ କରିବାକୁ ଅନୁମତି ମିଳି ନ ଥିଲା।

## ପ୍ରଧାନମନ୍ତ୍ରୀ, ଜେଟ୍‌ଲୀଙ୍କ ପ୍ରଶଂସା



ଆର୍‌ବିଆଇ ଗଭର୍ନର ପଦରୁ ଉର୍ଜିତ ପଟେଲ ସୋମବାର ଇସ୍ତଫା ଦେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ତାଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଟୁଇଟ୍‌ରେ ଲେଖିଛନ୍ତି ଯେ, ଡକ୍ଟର ଉର୍ଜିତ ପଟେଲ ଜଣେ ଉଚ୍ଚକୋଟୀର ଅର୍ଥନୀତିଜ୍ଞ। ମାକ୍ରୋ ଇକୋନୋମିରେ ତାଙ୍କର ଅଗାଧ ଜ୍ଞାନ ରହିଛି। ସେ ବ୍ୟାଙ୍କିଙ୍ଗ ସିଷ୍ଟମକୁ ଅରାଜକତାରୁ ବାହାର କରି ବ୍ୟବସ୍ଥିତ ଓ ଶୃଙ୍ଖଳିତ କରିଛନ୍ତି। ତାଙ୍କ ନେତୃତ୍ୱରେ ଆର୍‌ବିଆଇରେ ଆର୍ଥିକ ସ୍ଥିରତା ଆସିଛି। ସେ ଜଣେ ପେସାଦାର ଓ ନିର୍ବିବାଦ ରୂପରେ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ପରିଚିତ। ଗଭର୍ନର ଓ ଡେପୁଟି ଗଭର୍ନର ରୂପେ ସେ ଆର୍‌ବିଆଇରେ ୬ ବର୍ଷ କାର୍ଯ୍ୟ କରିଛନ୍ତି। ସେ ମହାନ ଲିଗାସି ଛାଡି ଯାଇଛନ୍ତି। ସେ ମନେରହିବେ। ଅନ୍ୟପକ୍ଷରେ ଜେଟ୍‌ଲୀ ତାଙ୍କ ଟୁଇଟ୍‌ରେ ଲେଖିଛନ୍ତି ଯେ, ଗଭର୍ନର ଓ ଡେପୁଟି ଗଭର୍ନର ରୂପରେ ଉର୍ଜିତ ପଟେଲଙ୍କ କାର୍ଯ୍ୟକୁ ଦେଶବାସୀ ସ୍ମରଣ ରଖିବେ ଓ ପ୍ରଶଂସା କରିବେ। ତାଙ୍କ ସହିତ କାମ କରିବା ଖୁସିର ବ୍ୟାପାର ଥିଲା। ଆମେ ସବୁ ତାଙ୍କର ବିଜ୍ଞତାରୁ ଲାଭ ଉଠାଇଛୁ। ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ଓ ଶୁଭେଚ୍ଛା ଜଣାଉଛି।

## କେନ୍ଦ୍ରକୁ ରାହୁଲଙ୍କ ଟାର୍ଗେଟ୍



ଉର୍ଜିତ ପଟେଲଙ୍କ ଇସ୍ତଫା ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଭାଜପା ନେତୃତ୍ୱାଧୀନ ଏନଡିଏ ସରକାରଙ୍କୁ ସମାଲୋଚନା କରିଛନ୍ତି। ଆର୍‌ବିଆଇର ସ୍ୱାୟତ୍ତତା ଉପରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଯୋଗୁ ବାଧ୍ୟ ହୋଇ ଉର୍ଜିତ ଇସ୍ତଫା ଦେଲେ। ମୋଦି ସରକାର ମୁଦ୍ରା ନୀତି ଓ ବ୍ୟାଙ୍କିଙ୍ଗ ପ୍ରଣାଳୀ ଉପରେ କ୍ରମାଗତ ଚାପ ପକାଉଛନ୍ତି। ଏବେ ଦେଶକୁ ଏଭଳି ଏକ ସରକାରଙ୍କ ଆବଶ୍ୟକତା ରହିଛି, ଯିଏ କି ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିପାରିବ। ସିବିଆଇ, ଆର୍‌ବିଆଇ, ନିର୍ବାଚନ କମିଶନ ଓ ସମ୍ବିଧାନକୁ ଭାଜପା ହାତରୁ ରକ୍ଷା କରିବା ଲାଗି ବିରୋଧୀଙ୍କ ସର୍ବଦଳୀୟ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କେନ୍ଦ୍ରୀୟ ସଂସ୍ଥାକୁ ସୁରକ୍ଷା ଦେବାକୁ ଯାଇ ଉର୍ଜିତ ଇସ୍ତଫା ଦେଲେ ବୋଲି ରାହୁଲ ଅଭିଯୋଗ କରିଛନ୍ତି।

### ମାଲ୍ୟାଙ୍କୁ ଆଣିବା ପାଇଁ ଅଣ୍ଟା ଭିଡ଼ିଲା ସିବିଆଇ

# ଆର୍ଥର ରୋଡ୍ ଜେଲ ପ୍ରସ୍ତୁତ



**ମୁମ୍ବାଇ,୧୦-୧୨**

ମଦ ବ୍ୟବସାୟୀ ବିଜୟ ମାଲ୍ୟା ପ୍ରତ୍ୟର୍ପଣ ମାମଲାର ରାୟ ପ୍ରକାଶ ପାଇଛି। ସେ ପ୍ରତ୍ୟର୍ପିତ ହେଲେ ତାଙ୍କୁ ମୁମ୍ବାଇର ଆର୍ଥର ରୋଡ୍ ଜେଲ୍‌ରେ ରଖାଯିବ। ଏଥିପାଇଁ ସିବିଆଇ ପକ୍ଷରୁ ପୂର୍ବ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଏହାରି ନିର୍ଦ୍ଦେଶରେ ଉକ୍ତ ଜେଲ୍‌ର ବାରାକ ନମ୍ବର ୧୨ର ପୁନଃନିର୍ମାଣ କରାଯାଇଛି। ଜଣେ ଧନୀ ବ୍ୟକ୍ତି ନିଜ ଘରେ ଯେପରି ଆରାମଦାୟକ ଜୀବନ ଅତିବାହିତ କରେ ଠିକ୍ ସେହିପରି ଆର୍ଥର ରୋଡ୍ ଜେଲ୍‌ର ବାରାକ ନମ୍ବର ୧୨କୁ ନିର୍ମାଣ କରାଯାଇଛି।

ଲଣ୍ଡନର ୱେଷ୍ଟ ମିନିଷ୍ଟର ଅଦାଲତରେ ପ୍ରତ୍ୟର୍ପଣ ମାମଲାର ସମ୍ମୁଖୀନ ହେବାବେଳେ ମାଲ୍ୟା ଭାରତ ନ ଫେରିବା ନେଇ ବିତଣ୍ଡା ଯୁକ୍ତି ବାଢ଼ିଥିଲେ। ଭାରତୀୟ ଜେଲ୍‌ଗୁଡିକ ବାସ ଯୋଗ୍ୟ ନୁହେଁ। ସେ ପ୍ରତ୍ୟର୍ପିତ ହେଲେ ସେଠାରେ ରହିପାରିବେ ନାହିଁ ବୋଲି ତାଙ୍କ ଓକିଲ ଅଦାଲତରେ କହିଥିଲେ। ଏହା ଶୁଣିବା ପରେ ବିଚାରପତି ଆର୍ଥର ରୋଡ ଜେଲ୍ ସମ୍ପର୍କରେ ଜାଣିବା ଲାଗି ଏକ ଭିଡିଓ ଉପସ୍ଥାପନ କରିବାକୁ ଭାରତକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ସିବିଆଇ ପୁନଃନିର୍ମିତ ଜେଲ୍‌ର ପ୍ରକୋଷ୍ଠର ଭିଡିଓ ଉଠାଇ ଅଦାଲତରେ ଉପସ୍ଥାପନ କରିଥିଲା। ଏହି ପ୍ରକୋଷ୍ଠ ନିର୍ମାଣ ଦାୟିତ୍ୱରେ ଥିଲା ପ୍ରମେଶ କନଷ୍ଟ୍ରକ୍‌ଶନ। ଠିକାଦାର ଶିବକୁମାର ପାଟିଲ କହିଥିଲେ ଯେ, ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଅଜମଲ କସବଙ୍କୁ ରଖାଯାଇଥିବା ସେଲ୍‌ରେ ମାଲ୍ୟାଙ୍କୁ ରଖାଯିବ। ଏହା ଅତ୍ୟନ୍ତ ସୁରକ୍ଷିତ ସେଲ୍ କୁହାଯାଉଛି। ବାରାକ ନମ୍ବର ୧୨କୁ ଯିବା ଆସିବା ଲାଗି ଉଦ୍ଦିଷ୍ଟ ରାସ୍ତାକୁ ପକ୍କା କରାଯାଇଛି। ଲଣ୍ଡନ କୋର୍ଟରେ ମାଲ୍ୟା ଅଭିଯୋଗ କରିଥିଲେ ଯେ, ଭାରତର ଜେଲ୍‌ରେ ପର୍ଯ୍ୟାପ୍ତ ସୂର୍ଯ୍ୟାଲୋକ ପଡେନାହିଁ। ଏହି କାରଣରୁ ସେଲ୍‌ରେ ଦିନର ଆଲୋକ ଯେପରି ଅଧିକ ମାତ୍ରାରେ ପଡିବ ସେ ଦିଗରେ ବ୍ୟବସ୍ଥା କରାଯାଇଛି। ଏହାଛଡା ସୂର୍ଯ୍ୟଙ୍କ ରଶ୍ମୀକୁ ବିଚ୍ଛୁରିତ କରିବା ଲାଗି ବାହାର କାନ୍ଥକୁ କଳା ରଙ୍ଗ କରାଯାଇଛି। କାନ୍ଥରେ ଟାଇଲ ଓ ମେଜିଆରେ ମାର୍ବଲ ଲଗାଯାଇଛି ବୋଲି ପାଟିଲ କହିଛନ୍ତି। ଅନ୍ୟପକ୍ଷରେ ଆର୍ଥର ରୋଡ ଜେଲ୍‌ର ପିଡବ୍ଲ୍ୟୁଡି ସେକ୍ସନ ଇଞ୍ଜିନିୟର ଇନଚାର୍ଜ ଶୈଳେଶ ପାଲ୍ ପ୍ରମୁଖ ସମ୍ପର୍କରେ ବିଶଦ ବିବରଣୀ ଦେବାକୁ ମନା କରି ଦେଇଛନ୍ତି।

### ପ୍ରମୋଟରଙ୍କ ଅଂଶଧନ ହ୍ରାସ

# ଆର୍‌ବିଆଇ ବିରୋଧରେ ହାଇକୋର୍ଟ ଗଲା କୋଟାକ୍ ମହିନ୍ଦ୍ରା

**ନୂଆଦିଲ୍ଲୀ,୧୦-୧୨**

ପ୍ରମୋଟରଙ୍କ ଅଂଶଧନ ହ୍ରାସ କରିବା ନେଇ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ ବିରୋଧରେ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ବମ୍ବେ ହାଇକୋର୍ଟରେ ମାମଲା ଦାଏର କରିଛି। ବ୍ୟାଙ୍କ ପକ୍ଷରୁ ସୋମବାର ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି ଯେ, ବ୍ୟାଙ୍କର ପ୍ରମୋଟର ତଥା ପ୍ରତିଷ୍ଠାତା ଉଦୟ କୋଟାକ୍ ଅଗଷ୍ଟରେ ତାଙ୍କର ପ୍ରିଫରେନ୍ସିଆଲ ଶେୟାର ଅଂଶକୁ ୩୦ ପ୍ରତିଶତରୁ ୧୯.୭ ପ୍ରତିଶତକୁ ହ୍ରାସ କରିଛନ୍ତି। ଏହାର କିଛି ଦିନ ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏକ ନିର୍ଦ୍ଦେଶନାମା ଜାରି କରି ଉଦୟଙ୍କ ଅଂଶଧନ ହ୍ରାସ ନିୟାମକଙ୍କ ଦ୍ୱାରା ପ୍ରଣୀତ ନିୟମ ପାଳନ କରୁ ନାହିଁ ବୋଲି କହି ଏହାକୁ ଆହୁରି କମାଇବାକୁ କହିଥିଲେ। ଏଥିପୂର୍ବରୁ ଏଭଳି ଏକ ମାମଲାରେ ଆର୍‌ବିଆଇ ବନ୍ଧନ ବ୍ୟାଙ୍କର ପ୍ରମୋଟର ତଥା ସିଇଓ ଚନ୍ଦ୍ର ଶେଖର ଘୋଷଙ୍କ ଦରମା ବନ୍ଦ କରିଦେଇଥିଲେ ଓ ବ୍ୟାଙ୍କକୁ ନୂଆ ଖାତା ଖୋଲିବାକୁ ଅନୁମତି ଦେଇ ନ ଥିଲେ। ବିଶେଷଜ୍ଞଙ୍କ କହିବାନୁଯାୟୀ ସଂଶୋଧିତ ବ୍ୟାଙ୍କିଙ୍ଗ ନିୟନ୍ତ୍ରଣ ଆଇନ ଅନୁଯାୟୀ ଭୋଟିଂ ଅଧିକାର ପାଇବାକୁ ହେଲେ ୨୬% ଅଂଶଧନ ପାଖରେ ରହିଥିବା ଆବଶ୍ୟକ। ଏହାକୁ ଦେଖିଲେ ପ୍ରମୋଟରଙ୍କ ଅଂଶଧନ ୨୬% ରହିବା କଥା। କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ କ୍ଷେତ୍ରକୁ ଦେଖିଲେ ଆଇନଗତ ଦୃଷ୍ଟିରୁ ଉଦୟ କୋଟାକଙ୍କ ସପକ୍ଷରେ ରାୟ ଯିବ। ତେବେ ଆର୍‌ବିଆଇର ଯୁକ୍ତି ହେଉଛି ଯେ, ପ୍ରିଫରେନ୍ସ ଶେୟାର ଜାରି କରାଯିବା ଦ୍ୱାରା ପ୍ରମୋଟରଙ୍କ ଅଂଶଧନ ହ୍ରାସ ପାଉନି ଯାହା ନିୟମ ରହିଛି।

**Office of the Executive Engineer,**
**Harabhangi Irrigation Division, Adava, Dist: Gajapati**
eeharabhangi@gmail.com, Phone: 06816-259628

**e – Procurement Notice No. 08/ 2018-19**

**No. 932-A:-** Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in e-procurement portal http://tenderodisha.gov.in

1. Type of the work : FDR works & Flood protection works.
2. No. of works : 12 Nos.
3. Class of contractor : 'D', & 'C' class
4. Bid identification No. : EE-HID- No. 27/2018-19 to 38/ 2018-19
5. Estimated cost : Varies from Rs. 5.12 Lakhs to 17.70 Lakhs
6. Period of completion : 2 (Two) and 3 (Three) calendar months
7. Date & time of availability of bid documents in the portal : From 15.12.2018, 11.00 AM to 24.12.2018, 5.00 PM
8. Last date / time for receipt of bids in the portal : From 15.12.2018, 11.00 AM to 24.12.2018, 5.00 PM
9. Date of opening of Bid : 26.12.2018 at 11.00 AM in the e-procurement cell, O/o Executive Engineer, Harabhangi Irrigation Division, Adava, Gajapati
10. Name of the officer inviting Bid : Executive Engineer, Harabhangi Irrigation Division, Adava, Gajapati

1) Any addendum / corrigendum / cancellation of tender can also be seen in the said Website.
2) Further details can be seen from Government Website – http://tenderodisha.gov.in.

*Executive Engineer*
*Harabhangi Irrigation Division*
*Adava (Gajapati)*

32021/11/0015/1819

**ଡାକ ବିଭାଗ (ସିଭିଲ୍ ୱିଙ୍ଗ୍)**
**ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡ଼ିଭିଜନ, ତୃତୀୟ ମହଲା ପୋଷ୍ଟାଲ ଷ୍ଟୋର ଡିପୋ ବିଲ୍ଡିଙ୍ଗ, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଦୁଇ ଗୋଟି ଲଫାଫା ପ୍ରଣାଳୀରେ ଜଉମୁଦା ପରସେଣ୍ଟେଜ୍ ରେଟ୍ ଟେଣ୍ଡରଗୁଡ଼ିକ ଆମନ୍ତ୍ରଣ କରାଯାଉଛି :

1. NIT No. **44/CDB/2018-19.** କାର୍ଯ୍ୟର ନାମ : ସୁନ୍ଦରଗଡ଼ ମୁଖ୍ୟଡାକଘର ଗୃହର ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ । ଆନୁମାନିକ ମୂଲ୍ୟ : **ଟ.୨୦,୨୨,୪୩୭.୦୨,** ଅମାନତ ଜମା ରାଶି : **ଟ.୪୦,୪୪୯/-**, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : **ଟ.୨,୩୮୬.୫୦** (ଜି.ଏସ୍.ଟି. ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : **୯୦ (ନବେ)** ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : **ତା.୧୮.୧୨.୨୦୧୮**ରିଖ ଅପରାହ୍ନ **୧୫.୦୦**ଘଟିକା ପର୍ଯ୍ୟନ୍ତ ।
2. NIT No. **45/CDB/2018-19.** କାର୍ଯ୍ୟର ନାମ : ମାଲକାନାଗିରି, ଓଡ଼ିଶା ସ୍ଥିତ ଡାକଘର ଗୃହ ଏବଂ ଏସ୍.ପି.ଏମ୍. କ୍ୱାଟର୍ସର ନିର୍ମାଣ କାର୍ଯ୍ୟ । ଆନୁମାନିକ ମୂଲ୍ୟ : **ଟ.୧,୩୩,୭୮,୭୪୯.୬୯**, ଅମାନତ ଜମା ରାଶି : **ଟ.୨,୬୭,୫୭୫/-**, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : **ଟ.୧୫,୭୮୭/-** (ଜି.ଏସ୍.ଟି. ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : **୩୬୫** (ତିନିଶହ ପଞ୍ଚଷଠି) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : **ତା.୨୬.୧୨.୨୦୧୮**ରିଖ ଅପରାହ୍ନ **୧୫.୦୦**ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **https://dopcivil.euniwizard.com** ରୁ ପ୍ରାପ୍ତ କରାଯାଇ ପାରିବ ।

ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନିର୍ମାଣ),
ପୋଷ୍ଟାଲ ସିଭିଲ୍ ଡିଭିଜନ, ଭୁବନେଶ୍ୱର

**BHUBANESWAR MUNICIPAL CORPORATION**

**No.41828** **Dt.10/12/2018**

**TENDER CALL NOTICE**

Sealed Tenders, in conformity to tender schedule, are invited from intending authorised registered firms, Suppliers & Manufactures having eligibility criteria as noted below, for supply of Cartridge for Computer Printer & Xerox Machine for Bhubaneswar Municipal Corporation, so as to reach the undersigned through registered post/speed post only up to 3.30 PM on 27.12.2018. The tender documents to be obtained from the Cashier on deposit of the non-refundable cost of the tender paper, in shape of cash by 24.12.2018 subject to the fulfillment of eligibility criteria. The tenders will be opened at 5.00 PM on 27.12.2018 in presence of the bidders/their authorised representatives in Mini Conference Hall of BMC. BMC will in no way, be responsible for any delay in receipt of the tender documents. The tender envelope should superscribed as **"Tender for supply of Cartridges".**

| Name of the Work | Cost of Tender Documents | EMD |
|---|---|---|
| Supply of Cartridge for Computer Printer & Xerox Machine | Rs. 2000/- | Rs. 20,000/- |

The tender must be accompanied with the required EMD In shape of Bank Draft / Pay Order / Bankers Cheque from any Nationalized Bank drawn in favour of Commissioner BMC, failing which the tender shall be rejected out-rightly. The tender should also be accompanied with xerox copy of valid and up-to date ITCC or PAN Card and GST clearance certificate issued by the Taxing Officer, without which the tender are liable for outright rejection. Mere procurement of Tender Document does not guarantee for fulfillment of the eligibility criteria.

The authority reserves the right to accept or reject any tender Without assigning any reason thereof.

By order,
Deputy Commissioner
Bhubaneswar Municipal Corporation

Progress Through Partnership for a Better Bhubaneswar

**TENDER CALL NOTICE**

**Tender Notification No. 2583** **Dt. 05.12.2018**

**No.116-L:-** Deputy Director of Horticulture, Mayurbhanj, Baripada invites Technical & Financial bids from the registered firms and producers for supply of Lemon Grass Slips of variety Krishna (Cymbopogon flexosus) for utilization in MGNREGS plantations during 2018-19. An earnest money deposit of Rs.5,000/- (Rupees five thousand) only per product & the tender must be accompanied with EMD in shape of Bank Draft in any Nationalized Bank payable at Baripada in favour of Deputy Director of Horticulture, Mayurbhanj, Baripada. The tender paper can be obtained from O/o DDH, Mayurbhanj on payment of Rs.500/- (Rupees five hundred) only (non-refundable) in working days from the date of publication of this notice till 20.12.2018. The same can be downloaded from the District website at www.mayurbhanj.nic.in and in such case the DD of Rs.500/- on refund is to be attached with tender paper towards cost of tender paper.

Tender paper completed in all respect along with all required documents should reach at office of the DDH, Mayurbhanj, Baripada on or before 20.12.2018.

| | |
|---|---|
| Date of closing of sale of tender paper- | 20.12.2018 at 5.00 P.M. |
| Date of closing of submission of technical bid and finaicial bid- | 20.12.2018 at 5.00 P.M. |
| Date of opening of Technical and financial bid- | 21.12.2018 at 11.00 A.M. |

**Sd./-**
**Deputy Director of Horticulture**
**Mayurbhanj, Baripada**

01059/11/0001/1819



ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ ।


ଚାଇନାକୁ ହରାଇବା ପରେ ଉଲ୍ଲସିତ ଫ୍ରାନ୍ସ ଖେଳାଳି ।

# ଇଂଲଣ୍ଡ, ଫ୍ରାନ୍ସ କ୍ୱାର୍ଟର ଫାଇନାଲରେ

ଭୁବନେଶ୍ୱର, ୧୦।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ସୋମବାର ୨ଟି କ୍ରସ୍ ଓଭର ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ଇଂଲଣ୍ଡ ୨-୦ ଗୋଲରେ ନ୍ୟୁଜିଲାଣ୍ଡକୁ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ଫ୍ରାନ୍ସ ୧-୦ରେ ଚାଇନାକୁ ପରାସ୍ତ କରିଛି। ଫଳରେ ଇଂଲଣ୍ଡ ଓ ଫ୍ରାନ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାବେଳେ ନ୍ୟୁଜିଲାଣ୍ଡ ଓ ଚାଇନାର ଅଭିଯାନ ଏହିଠାରୁ ଶେଷ ହୋଇଛି। ଡିସେମ୍ବର ୧୨ରେ ହେବାକୁଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ଇଂଲଣ୍ଡ ପୁଲ୍'ଏ'ର ଶୀର୍ଷ ଦଳ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନାକୁ ଭେଟିବ। ସେହିଦିନ ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସ ପୁଲ୍'ବି'ର ଶ୍ରେଷ୍ଠ ଦଳ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆକୁ ଭେଟିବ।

## ନ୍ୟୁଜିଲାଣ୍ଡ, ଚାଇନାର ଅଭିଯାନ ଶେଷ

ପ୍ରଥମ କ୍ରସ୍ଓଭର ମ୍ୟାଚରେ ନ୍ୟୁଜିଲାଣ୍ଡ ଏବଂ ଦ୍ୱିତୀୟ କ୍ରସ୍ଓଭରରେ ପଦାର୍ପଣକାରୀ ଚାଇନା ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଚାଇନା ୪ଟି ମ୍ୟାଚ ଖେଳିଥିଲେ ହେଁ ବିଜୟ ସ୍ୱାଦ ବିନା ସ୍ୱଦେଶ ଫେରିଛି। ତେବେ ପ୍ରଥମ ପଦାର୍ପଣରେ ଦଳ କ୍ରସ୍ଓଭର ଖେଳିଥିବାରୁ ଖେଳାଳିମାନେ ଅନେକ ଅନୁଭୂତି ଲାଭ କରିଛନ୍ତି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ପୁଲ୍ ପର୍ଯ୍ୟାୟରେ ଗୋଟିଏ ମ୍ୟାଚରେ ବିଜୟୀ ହୋଇଥିଲେ ହେଁ କ୍ରସ୍ଓଭରରେ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ବିଦା ହୋଇଛି। ୱିଲ୍ କାଲନାନ ଓ ଲ୍ୟୁକ ଟେଲରଙ୍କ ଗୋଲ ଇଂଲଣ୍ଡକୁ କ୍ୱାର୍ଟର ଫାଇନାଲ ନେବା ପାଇଁ ପର୍ଯ୍ୟାପ୍ତ ହୋଇଥିଲା।

ଦୁଇ ସମକକ୍ଷ ଦଳ ଇଂଲଣ୍ଡ-ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ଆରମ୍ଭରୁ ମାନ୍ଦା ରହିଥିଲା। ନ୍ୟୁଜିଲାଣ୍ଡ ରକ୍ଷଣାତ୍ମକ ଏବଂ ଇଂଲଣ୍ଡ ଆକ୍ରମଣାତ୍ମକ ରଣନୀତିରେ ଖେଳ ଆରମ୍ଭ କରିଥିଲେ। ୫ମ ମିନିଟରେ ଇଂଲଣ୍ଡକୁ ମିଳିଥିବା ପେନାଲ୍ଟି କର୍ନର ବେକାର ଯାଇଥିଲା। ମାର୍କ ଗ୍ଲେଘୋର୍ନ ଟାର୍ଗେଟ୍ ଶୁଟ୍ କରିପାରି ନ ଥିଲେ। ଦୁଇ ଦଳ ଫିଲ୍ଡ ଗୋଲ ପାଇଁ କେତେକ ସୁଯୋଗ ସୃଷ୍ଟି କରିଥିଲେ ହେଁ ତାହା ସମ୍ଭବ ହୋଇ ନ ଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅଗ୍ରଣୀ ନେବା ଲକ୍ଷ୍ୟରେ ଉଭୟ ଦଳ ରହିଥିବାବେଳେ ଇଂଲଣ୍ଡ ଆକ୍ରମଣକୁ ଅଧିକ ଜୋରଦାର କରିଥିଲା। ନ୍ୟୁଜିଲାଣ୍ଡର ରକ୍ଷଣଭାଗ ଭେଦ ପାଇଁ ଦଳ ବାରମ୍ବାର ଉଦ୍ୟମ କରିଥିଲା। ଶେଷରେ ୨୫ତମ ମିନିଟରେ ସୁଫଳ ମିଳିଥିଲା। ନ୍ୟୁଜିଲାଣ୍ଡର ଡି' ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ଅଧିନାୟକ ଫିଲ୍ ରୋପରଙ୍କ ପାସ୍‌କୁ ସିଧା ଗୋଲରେ ପରିଣତ କରିଥିଲେ ୨୫ ନମ୍ବର ଖେଳାଳି ୱିଲ୍ କାଲନାନ। ୨୮ତମ ମିନିଟରେ ଗୋଲ ପରିଶୋଧ ପାଇଁ ନ୍ୟୁଜିଲାଣ୍ଡ ନିକଟରେ ସୁଯୋଗ ଥିଲେ ହେଁ ପେନାଲ୍ଟି କର୍ନର କନ୍‌ଭର୍ସନ ସମୟରେ ଦୁର୍ବଳ ଶଟ୍ ଯୋଗୁ ତାହା ବେକାର ଯାଇଥିଲା। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଇଂଲଣ୍ଡ ୧-୦ ଗୋଲରେ ଅଗ୍ରଣୀ ରହିଥିଲା

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଅର୍ଥାତ୍ ୩ୟ କ୍ୱାର୍ଟରରେ ଜୋରଦାର ଲଢ଼େଇ ହୋଇଥିଲା। ରଣନୀତିରେ ପରିବର୍ତ୍ତନ କରି ବ୍ଲାକ୍ କ୍ୟାପ ନ୍ୟୁଜିଲାଣ୍ଡ ଗୋଲ ପରିଶୋଧ ପାଇଁ ପୂରା ଦମ୍ ଲଗାଇ ଦେଇଥିଲା। ତେବେ ଇଂଲଣ୍ଡ କୌଣସି ପରିସ୍ଥିତିରେ ହାଲ୍‌କା ମନୋଭାବ ପୋଷଣ କରି ନ ଥିଲା। ଆକ୍ରମଣ ଜାରି ରଖି ଦଳ ଏକାଧିକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ୩୬ତମ ମିନିଟରେ କ୍ରମାଗତ ୨ଟି ପେନାଲ୍ଟି କର୍ନର ମିଳିଥିବାବେଳେ ନ୍ୟୁଜିଲାଣ୍ଡ ଗୋଲକିପର ରିଚାର୍ଡ ଜୋୟସେ ତାହାକୁ ସେଭ୍ କରି ଦେଇଥିଲେ। ୪୪ତମ ମିନିଟରେ ଦଳ ପାଇଁ ଆଉ ଏକ ପେନାଲ୍ଟି କର୍ନର ସୁଯୋଗ ଆସିଥିଲା। ଇଆନ ସ୍ଲୋଆନ୍‌ଙ୍କ ପୁଶ୍‌କୁ ୨ ଖେଳାଳି ପାସ୍ ଆଣ୍ଡ ଶୁଟ୍ ରଣନୀତିରେ ଖେଳିଥିଲେ ହେଁ ତାହା ଫଳପ୍ରଦ ହୋଇ ନ ଥିଲା। ତେବେ ବଲ୍ ସେଭ୍ ହୋଇ ଫେରି ଆସୁଥିବାବେଳେ ଡି ଏରିଆର ଡାହାଣପଟ କଣରୁ ଜୋରଦାର ଶଟ୍ ଜରିଆରେ ତାହାକୁ ଗୋଲରେ ପରିଣତ କରିଥିଲେ ୩ ନମ୍ବର ଖେଳାଳି ଲ୍ୟୁକ ଟେଲର। ଏଥିସହ ଇଂଲଣ୍ଡର ଅଗ୍ରଣୀ ବ୍ୟବଧାନ ୨-୦ରେ ପହଞ୍ଚି ଯାଇଥିଲା। ଅନ୍ତିମ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ନ୍ୟୁଜିଲାଣ୍ଡ ପ୍ରୟାସକୁ ଜୋରଦାର କରିଥିଲେ ହେଁ ଇଂଲଣ୍ଡ ରକ୍ଷଣଭାଗ ତାହା ହେବାକୁ ଦେଇ ନ ଥିଲେ। ଶେଷ ସୁଯୋଗ ଭାବେ ୬୦ତମ ମିନିଟରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲା, ମାତ୍ର ତାହାକୁ ମଧ୍ୟ ନ୍ୟୁଜିଲାଣ୍ଡ ଖେଳାଳି ଗୋଲରେ ପରିଣତ କରିପାରି ନ ଥିଲେ। ଫଳରେ ଇଂଲଣ୍ଡ ୨-୦ରେ ମ୍ୟାଚ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

ପରିସଂଖ୍ୟାନକୁ ଦେଖିଲେ ନ୍ୟୁଜିଲାଣ୍ଡର ୪୮.୬୭ ପ୍ରତିଶତ ତୁଳନାରେ ବଲ୍ ୫୧.୩୩ ପ୍ରତିଶତ ଇଂଲଣ୍ଡ ନିୟନ୍ତ୍ରଣରେ ରହିଥିଲା। ଇଂଲଣ୍ଡ ୮ ଥର ଶୁଟ୍ କରିଥିବାବେଳେ ନ୍ୟୁଜିଲାଣ୍ଡ ୫ରେ ସୀମିତ ରହିଥିଲା। ପାସ୍ ଆକ୍ୟୁରେସିରେ ମଧ୍ୟ ଇଂଲଣ୍ଡ ଆଗରେ ରହିଥିଲା। ଇଂଲଣ୍ଡର ୭୭% ତୁଳନାରେ ନ୍ୟୁଜିଲାଣ୍ଡର ୬୨% ରହିଥିଲା। ଇଂଲଣ୍ଡ ୧୬ ଥର ସର୍କଲ ଏଣ୍ଟ୍ରି କରିଥିବାବେଳେ ନ୍ୟୁଜିଲାଣ୍ଡ ୫ ଥର ପ୍ରତିପକ୍ଷ ସର୍କଲ ଏଣ୍ଟ୍ରି କରିବାକୁ ସକ୍ଷମ ହୋଇଥିଲା। ନ୍ୟୁଜିଲାଣ୍ଡର ରୋଜ୍ ନିକ୍ ୩୬ତମ ମିନିଟରେ ଗ୍ରୀନ୍ କାର୍ଡ ପାଇଥିଲେ।

**ପ୍ରଥମ ଦୁଇ କ୍ୱାର୍ଟର ଫାଇନାଲ କାର୍ଯ୍ୟସୂଚୀ**

**ଡିସେମ୍ବର ୧୨: ଆର୍ଜେଣ୍ଟିନା ବନାମ ଇଂଲଣ୍ଡ**
ସମୟ ଅପରାହ୍ନ ୪ଟା ୪୫

**ଡିସେମ୍ବର ୧୨: ଅଷ୍ଟ୍ରେଲିଆ ବନାମ ଫ୍ରାନ୍ସ**
ସମୟ ରାତି ୭ଟା

## ୧୮ ବର୍ଷ ପରେ ଫ୍ରାନ୍ସ

ଚଳିତ ବିଶ୍ୱକପର ସବୁଠାରୁ ନିମ୍ନ ର୍‍ୟାଙ୍କପ୍ରାପ୍ତ ଦଳ (୨୦ତମ) ଫ୍ରାନ୍ସ ଦୀର୍ଘ ୧୮ ବର୍ଷ ବ୍ୟବଧାନରେ ବିଶ୍ୱକପ ଖେଳି ଆଗକୁ ବଢ଼ିଛି। ଶେଷଥର ଏହି ଦଳ ୧୯୯୦ରେ ବିଶ୍ୱକପ ଖେଳିଥିଲା ଏବଂ ୭ମ ସ୍ଥାନ ପାଇଥିଲା। ପ୍ରଥମ ମ୍ୟାଚ ପରି ଏହି କ୍ରସ୍ଓଭର ଗେମ୍‌ଟି ମଧ୍ୟ ସେପରି ସଂଘର୍ଷପୂର୍ଣ୍ଣ ହୋଇ ନ ଥିଲା। ଲଢ଼େଇ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ରୋମାଞ୍ଚହୀନ ରହିଥିଲା। ପ୍ରଥମ କ୍ୱାର୍ଟରରେ ଫ୍ରାନ୍ସ ୪ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲା। ଚାଇନାର ୩୨ ନମ୍ବର ଖେଳାଳି ଜିନ୍ ଗୋଡ ଆହତ ହୋଇ ଷ୍ଟ୍ରେଚରରେ ପଡ଼ିଆ ଛାଡ଼ିଥିଲେ। ତେବେ ସେ ପରେ ପୁଣି ଖେଳିବାକୁ ଆସିଥିବା ଦେଖା ଯାଇଥିଲା। ଦ୍ୱିତୀୟ କ୍ୱାର୍ଟର ଖେଳ ମଧ୍ୟ ମାନ୍ଦା ରହିଥିଲା। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ସ୍ଥିତି ୦-୦ ରହିଥିଲା। ତୃତୀୟ କ୍ୱାର୍ଟରରେ ଉଭୟ ଦଳ ଆକ୍ରମଣକୁ ଜୋରଦାର କରିଥିଲେ। ୩୬ତମ ମିନିଟରେ ଫ୍ରାନ୍ସର ଟିମୋଥି କ୍ଲିମେଣ୍ଟ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ଅନ୍ୟପକ୍ଷରେ ଦେଖିବାକୁ ଗଲେ ମ୍ୟାଚରେ ଚାଇନାକୁ ଭାଗ୍ୟ ସାଥ୍ ଦେଇ ନ ଥିଲା। ୫୮ତମ ମିନିଟରେ ଗୋଲ ପରିଶୋଧ ପାଇଁ ଦଳ ନିକଟରେ ସୁଯୋଗ ରହିଥିଲା। ମାତ୍ର ତାହା ବେକାର ଯାଇଥିଲା। ଏହାର ୧ ମିନିଟ ପରେ ଅର୍ଥାତ ୫୯ତମ ମିନିଟରେ ମଧ୍ୟ ଦଳକୁ ଆଉ ଏକ ପେନାଲ୍ଟି କର୍ନର ଅଫର ଦିଆଯାଇଥିଲା। ମାତ୍ର ସୁଯୋଗର ସଦ୍‌ବ୍ୟବହାର ହୋଇପାରି ନ ଥିଲା। ଫଳରେ ବିଜୟୀ ହୋଇ ଫ୍ରାନ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

ସୋମବାରର ପ୍ରଥମ ମ୍ୟାଚରେ ଓଡ଼ିଶାର ଅନ୍ତର୍ଜାତୀୟ ଭାରୋତ୍ତୋଳକ କେ. ରବିକୁମାର ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଶେଷରେ ଜଷ୍ଟିସ ଚିତ୍ତରଞ୍ଜନ ଦାସ ଅତିଥିଭାବେ ଯୋଗଦେଇ ଇଂଲଣ୍ଡର ଲିଆମ ସାନ୍‌ଫୋର୍ଡଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ବଲବନ୍ତ ସିଂ ମ୍ୟାଚ ପୂର୍ବରୁ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଶେଷରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଅତିଥିଭାବେ ଯୋଗଦେଇ ଫ୍ରାନ୍ସର ଭିକ୍ଟର ଲକ୍‌ଉଡ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

## ଲକ୍ଷ୍ୟପଥରେ ଇଂଲଣ୍ଡ

ଭୁବନେଶ୍ୱର, ୧୦।୧୨(କ୍ରୀଡ଼ା ପ୍ରତିନିଧି)

ଗତ ୨ଟି ହକି ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ଇଂଲଣ୍ଡ ଏଥର ମଧ୍ୟ ଲକ୍ଷ୍ୟପଥରେ ଅଗ୍ରସର ହୋଇଛି। ଲିଗ୍ ପର୍ଯ୍ୟାୟ ଏବଂ କ୍ରସ୍ଓଭର ଦେଇ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲରେ ଆର୍ଜେଣ୍ଟିନାକୁ ହରାଇବା କଷ୍ଟସାଧ୍ୟ ମନେ ହେଉଥିଲେ ହେଁ ଇଂଲଣ୍ଡ ପାଇଁ ଅସମ୍ଭବ ନୁହେଁ। ଅତୀତ ରେକର୍ଡ ଦେଖିଲେ ୧୯୮୬ ବିଶ୍ୱକପ୍ ରୌପ୍ୟ ବିଜେତା ଇଂଲଣ୍ଡ ଗତ ୨ଟି ସଂସ୍କରଣରେ ବଡ଼ ଟିମ୍‌ଗୁଡ଼ିକୁ ଟକ୍କର ଦେଇ ସେମିଫାଇନାଲ ଖେଳିଛି। ୨୦୧୦ ଓ ୨୦୧୪ରେ ଦଳ ୪ର୍ଥ ସ୍ଥାନ ଅଧିକାର କରିଛି। ପୂର୍ବ ରେକର୍ଡ ଦେଖିଲେ ଏହି ଦଳ ୧୯୭୩ ଓ ୧୯୭୫ ବିଶ୍ୱକପ୍‌ରେ ୬ଷ୍ଠ ସ୍ଥାନ ପାଇଥିବାବେଳେ ୧୯୭୮ରେ ୭ମ ଓ ୧୯୮୨ରେ ୯ମ ସ୍ଥାନରେ ରହିଛି। ୧୯୮୬ରେ ଦଳ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ପାଇଛି। ୧୯୯୦ରେ ୫ମ, ୧୯୯୪ ଓ ୧୯୯୮ରେ ୬ଷ୍ଠ, ୨୦୦୨ରେ ୭ମ ଏବଂ ୨୦୦୬ରେ ୫ମ ସ୍ଥାନ ଅଧିକାର କରିଛି।

**ଫ୍ୟାନ କର୍ନର**



ଷ୍ଟାଡିୟମକୁ ପ୍ରବେଶ ପୂର୍ବରୁ ସେଲଫି ନେଉଛନ୍ତି କିଛି ହକିପ୍ରେମୀ ।



ଅଷ୍ଟ୍ରେଲିଆରୁ ଆସିଥିବା କିଛି ପ୍ରଶଂସିକା।



ଫ୍ୟାନ ଭିଲେଜରେ କିଛି ପ୍ରଶଂସକ ହକି ଖେଳର ମଜା ନେଉଛନ୍ତି।

# କ୍ୱାର୍ଟରରେ ଶ୍ରୀଜେସ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ

ରିକ୍ ଚାର୍ଲ୍‌ୱର୍ଥ

ଯେତେବେଳେ ବିଶ୍ୱକପ୍ ଆରମ୍ଭ ହେଲା, ସେତେବେଳେ ମୁଁ ଭାବୁଥିଲି ୬ଟି ଦଳ ଚାମ୍ପିୟନ ହେବାର ଦକ୍ଷତା ରଖୁଛନ୍ତି। ସେହି ଦଳଗୁଡିକ ହେଲା ଜର୍ମାନୀ, ନେଦରଲାଣ୍ଡ୍ସ, ବେଲ୍‌ଜିୟମ, ଅଷ୍ଟ୍ରେଲିଆ, ଭାରତ ଓ ଆର୍ଜେଣ୍ଟିନା। ଏମାନଙ୍କ ମଧ୍ୟରୁ ୪ଟି ଦଳ ଭାରତ, ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ ଓ ଜର୍ମାନୀ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ନେଦରଲାଣ୍ଡ୍ସ ଓ ବେଲ୍‌ଜିୟମ କ୍ରସ୍ଓଭର ମ୍ୟାଚ୍‌ରେ ଯଥାକ୍ରମେ କାନାଡ଼ା ଓ ପାକିସ୍ତାନକୁ ଭେଟିବେ। ତେଣୁ ଯେଉଁ ଦଳଗୁଡିକ ଟାଇଟଲ ଜିତିବେ ବୋଲି ଆଶା କରୁଥିଲୁ, ସେଗୁଡିକ କ୍ୱାର୍ଟର ଫାଇନାଲରେ ପରସ୍ପରକୁ ଭେଟିବେ। ତେଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ତେବେ ଚଳିତ ବିଶ୍ୱକପ୍‌ରେ ଗୋଟିଏ ଦଳ ସମସ୍ତଙ୍କୁ ଚକିତ କରିଛି। ସେହି ଦଳ ହେଉଛି ଫ୍ରାନ୍ସ। ବିଶ୍ୱକପ୍‌ର ସବୁଠାରୁ ନିମ୍ନ ର୍‍ୟାଙ୍କର ଦଳ ହୋଇଥିଲେ ମଧ୍ୟ ଫ୍ରାନ୍ସ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। ଫ୍ରାନ୍ସର ଅଧିକାଂଶ ଖେଳାଳି ୨୦୧୩ରେ ଦିଲ୍ଲୀରେ ଖେଳାଯାଇଥିବା ଜୁନିୟର ବିଶ୍ୱକପ୍ ଖେଳିଛନ୍ତି। ଭାରତରେ ଅନୁଷ୍ଠିତ ଜୁନିୟର ଟୁର୍ନାମେଣ୍ଟରେ ଫ୍ରାନ୍ସ ବେଶ୍ ଭଲ ପ୍ରଦର୍ଶନ କରିଥିଲା। ସେହିପରି ଚଳିତ ବିଶ୍ୱକପ୍‌ରେ ମଧ୍ୟ ଫ୍ରାନ୍ସ ଭଲ ଖେଳୁଛି।

ମଙ୍ଗଳବାର ଖେଳାଯିବାକୁ ଥିବା କ୍ରସ୍ଓଭର ମ୍ୟାଚ୍‌ରେ ପାକିସ୍ତାନ ଓ ବେଲ୍‌ଜିୟମ ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍ ନିଶ୍ଚିତ ଭାବେ ରୋମାଞ୍ଚକ ହେବ। ପାକିସ୍ତାନ ଏକ ପ୍ରତିଭାସମ୍ପନ୍ନ ଦଳ ହୋଇଥିଲେ ମଧ୍ୟ ପ୍ରଦର୍ଶନରେ ସ୍ଥିରତା ଆଣିବାରେ ବିଫଳ ହୋଇଛି। ପାକିସ୍ତାନ ଏକାଧିକ ତ୍ରୁଟି କରିବା ଦେଖାଯାଇଛି। ପାକିସ୍ତାନ ବିପକ୍ଷରେ ବେଲ୍‌ଜିୟମ ବିଜୟ ହେବ ଓ କ୍ୱାର୍ଟର ଫାଇନାଲରେ ଜର୍ମାନୀକୁ ଭେଟିବ ବୋଲି ମୁଁ ଆଶା କରୁଛି। ବେଲ୍‌ଜିୟମ ଭଲ ଖେଳୁଥିଲେ ମଧ୍ୟ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଛି। ଏବେ ଏହି ମ୍ୟାଚ୍‌ର ଗୁରୁତ୍ୱ ବେଶ୍ ବଢ଼ିଯାଇଛି।

ମଙ୍ଗଳବାର ଖେଳାଯିବାକୁ ଥିବା ଦ୍ୱିତୀୟ କ୍ରସ୍ଓଭର ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ପ୍ରତିପକ୍ଷ କାନାଡ଼ାକୁ ହରାଇବ ବୋଲି ଆଶା କରାଯାଉଛି। ନେଦରଲାଣ୍ଡ୍ସ ବିଜୟୀ ହେଲେ କ୍ୱାର୍ଟର ଫାଇନାଲରେ ଭାରତକୁ ଭେଟିବ। ଆୟୋଜକ ଭାରତ ବିଶ୍ୱକପ୍‌ର ସବୁଠାରୁ ଯୁବ ଦଳ ଭାବେ ବିବେଚିତ ହୋଇଛି। ପୂର୍ଣ୍ଣପ୍ରାଣରେ ଭାରତ ଭଲ ଖେଳିବାକୁ ପ୍ରୟାସ ଜାରି ରଖିଛି ଓ ସଫଳ ମଧ୍ୟ ହୋଇଛି ଏବଂ କେତେକ ତ୍ରୁଟି ମଧ୍ୟ କରିଛି। ଭାରତୀୟ ଷ୍ଟ୍ରାଇକର ସିମରନ୍‌ଜିତ ସିଂ, ଲଳିତ ଉପାଧ୍ୟାୟ, ଦିଲପ୍ରୀତ୍ ସିଂ ଓ ମନଦୀପ ସିଂ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି ଓ ଏମାନଙ୍କ ଖେଳରେ ମୁଁ ବେଶ୍ ପ୍ରଭାବିତ। ପ୍ରତିପକ୍ଷ ଦଳର ଡିଫେନ୍ସକୁ ଭେଦକରି ଏହି ଷ୍ଟ୍ରାଇକର୍‌ମାନେ ଗୋଲ ଦେବାରେ ସଫଳ ହୋଇଛନ୍ତି। ସେହିପରି ମିଡ୍‌ଫିଲ୍ଡରେ ମନପ୍ରୀତ୍ ସିଂ ଓ ଚିଙ୍ଗଲେନସାନା ସିଂ ମଧ୍ୟ ବେଶ୍ ଭଲ ପ୍ରଦର୍ଶନ କରିଛନ୍ତି। ଅନ୍ୟପଟେ କୋଥାଜିତ୍ ସିଂ, ହରମନପ୍ରୀତ୍ ସିଂ ଓ ବୀରେନ୍ଦ୍ର ଲାକ୍ରା ବ୍ୟାକ୍ ତଥା ଡିଫେନ୍ସରେ ସଫଳ ଭାବେ ନିଜର ଦାୟିତ୍ୱ ତୁଲାଇଛନ୍ତି। ଯଦି ଭାରତ କ୍ୱାର୍ଟରରେ ନେଦରଲାଣ୍ଡ୍ସକୁ ଭେଟିବ ତେବେ ନିଶ୍ଚିତ ଭାବେ ଏହି ମ୍ୟାଚ୍‌କୁ ଅଧିକ ଗୁରୁତ୍ୱ ଦେବେ। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେସ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ ଏବଂ ତାଙ୍କୁ ଆହୁରି ଅଧିକ ଭଲ ପ୍ରଦର୍ଶନ କରିବାକୁ ପଡିବ। ଗୋଲକିପର ଭଲ ନ ଖେଳିଲେ କୌଣସି ଦଳ ବିଶ୍ୱକପ୍ ଜିତିବା ଏକପ୍ରକାର ଅସମ୍ଭବ।

ଅଷ୍ଟ୍ରେଲିଆ ମଧ୍ୟ ଦଳଗତ ଭାବେ ଉନ୍ନତ ପ୍ରଦର୍ଶନ କରୁଛି। ଗତ ବିଶ୍ୱକପ୍‌ର ୭ ଖେଳାଳି ଏଥର ଦଳରେ ସାମିଲ ହୋଇଛନ୍ତି। ଚଳିତ ବର୍ଷ ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ଦମ୍‌ଦାର ପ୍ରଦର୍ଶନ କରି ପ୍ରାୟ ସବୁ ଟୁର୍ନାମେଣ୍ଟ ଜିତିବାରେ ସଫଳ ହୋଇଛି। ଚାମ୍ପିୟନ୍ସ ଟ୍ରଫି ସମେତ ଅଷ୍ଟ୍ରେଲିଆ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ଜିତିଛି। ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଏଥର ମଧ୍ୟ କେତୋଟି ତ୍ରୁଟି କରିଥିବା ଲକ୍ଷ୍ୟ କରାଯାଇଛି। ଅଷ୍ଟ୍ରେଲିଆ ତା'ର ଫିନିଶିଂରେ ସୁଧାର ଆଣିବା ଦରକାର ବୋଲି ମୁଁ ଭାବୁଛି। ଗୋଲ କିପିଂ ଓ ଡିଫେନ୍ସରେ ଅଷ୍ଟ୍ରେଲିଆ ବେଶ୍ ଭଲ ପ୍ରଦର୍ଶନ କରିଛି। ତେବେ ଷ୍ଟ୍ରାଇକର୍‌ମାନଙ୍କୁ ଆହୁରି ଭଲ ପ୍ରଦର୍ଶନ କରିବାକୁ ହେବ, ନ ହେଲେ ଏହି ଚାମ୍ପିୟନ ଦଳକୁ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ଗୁଡିକରେ ବହୁମୂଲ୍ୟ ଦେବାକୁ ହେବ।

(ଗେମ୍ ପ୍ଲାନ୍)

THE ULTIMATE INVERTER BATTERY
EXIDE INVATUBULAR



“ଆମ ଖେଳାଳିମାନେ କ୍ଲାନ୍ତ। ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ ପାଇଁ ଆମ ଖେଳାଳିଙ୍କ ଲାଗି ତୁରନ୍ତ ନେଟ୍ସ ଅପେକ୍ଷା ବିଶ୍ରାମ ଜରୁରୀ।
–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ କୋଚ୍



“ଆଡିଲେଡ୍ ଟେଷ୍ଟରେ ପରାଜୟକୁ ଗ୍ରହଣ କରିବା ଯଦିଓ କଷ୍ଟକର, ତେବେ ୫ମ ଦିବସରେ ଲଢୁଆ ପ୍ରଦର୍ଶନ ଆମ ପାଇଁ ପ୍ରେରଣା ସଦୃଶ।
–ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

# ପ୍ରଥମଥର ଅଷ୍ଟ୍ରେଲିଆରେ ଭାରତର ବିଜୟ ଅଭିଯାନ

ଆଡିଲେଡ୍, ୧୦।୧୨(ପି.ଟି.)

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ୍ ଦଳ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆକୁ ରୋମାଞ୍ଚକ ଭାବେ ୩୧ ରନ୍‌ରେ ପରାସ୍ତ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୩୨୩ ରନ୍‌ର ଟାର୍ଗେଟ୍‌କୁ ପିଛା କରି ସୋମବାର ଅନ୍ତିମ ତଥା ୫ମ ଦିନରେ ଅଷ୍ଟ୍ରେଲିଆ ୨ୟ ଇନିଂସ୍‌ରେ ୨୯୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି। ଏହି ବିଜୟ ସହ ଭାରତ ୭୦ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆ ଗସ୍ତରେ ଟେଷ୍ଟ ସିରିଜ ବିଜୟରୁ ଅଭିଯାନ ଆରମ୍ଭ କରିଛି। ୧୯୪୭-୪୮ରେ ଭାରତ ପ୍ରଥମଥର ଲାଗି ଅଷ୍ଟ୍ରେଲିଆ ଗସ୍ତ କରିଥିଲେ ମଧ୍ୟ ଏଭଳି ବିରଳ ସଫଳତା ପାଇ ନ ଥିଲା। ଏଥିସହ ଭାରତ ୪ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ଡିସେମ୍ବର ୧୪ରୁ ପର୍ଥରେ ଆରମ୍ଭ ହେବ।

୩୨୩ ରନ୍‌ର ଏକ ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍‌କୁ ପିଛା କରି ଘରୋଇ ଅଷ୍ଟ୍ରେଲିଆ ରବିବାର ୪ର୍ଥ ଦିବସ ଶେଷ ସୁଦ୍ଧା ୨ୟ ଇନିଂସ୍‌ରେ ୪ ଉଇକେଟ୍ ହରାଇ ୧୦୪ ରନ୍ କରିଥିଲା। ସୋମବାର ଅନ୍ତିମ ଦିବସରେ ବିଜୟ ପାଇଁ ଅଷ୍ଟ୍ରେଲିଆକୁ ଆଉ ୨୧୯ ରନ୍ ଆବଶ୍ୟକ ହେଉଥିଲା, ଯାହା ଦଳ ପାଇଁ ସହଜସାଧ୍ୟ ନ ଥିଲା। ତେବେ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସାମି ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ବୋଲିଂକୁ ସାମ୍ନା କରି ନ ପାରି ଅଷ୍ଟ୍ରେଲିଆ ଟାର୍ଗେଟ୍‌ଠାରୁ ୩୨ ରନ୍ ଦୂରରେ ରହିଯାଇଥିଲା। ଏହି ୩ ବୋଲର ୩ଟି ଲେଖାଏ ଉଇକେଟ୍ ଅକ୍ତିଆର କରି ଭାରତକୁ ଏହି ସ୍ମରଣୀୟ ବିଜୟ ଭେଟି ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଶନ୍ ମାର୍ଶ (୬୦ ରନ୍) ସବୁଠୁ ସଫଳତମ ବ୍ୟାଟ୍ସମ୍ୟାନ ରହିଥିଲେ। ସେହିଭଳି ନିମ୍ନକ୍ରମରେ ଅଧିନାୟକ ଟିମ୍ ପେନ୍ (୪୧), ପ୍ୟାଟ୍ କୁମିନ୍ସ (୨୮) ଓ ମିଚେଲ ଷ୍ଟାର୍କ (୨୮) ଲଢୁଆ ବ୍ୟାଟିଂ କରିଥିଲେ ମଧ୍ୟ ଦଳକୁ ବିଜୟୀ କରାଇପାରି ନ ଥିଲେ। ଏପରି କି ନାଥନ ଲିୟନ (୩୮*) ଓ ଜୋଶ୍ ହାଜେଲଉଡ୍ (୧୩) ଅନ୍ତିମ ଉଇକେଟ୍ ଯୋଡ଼ିରେ ୪୨ ରନ୍ ସଂଗ୍ରହ କରି ମ୍ୟାଚ୍‌ରେ ରୋମାଞ୍ଚ ଭରିଦେଇଥିଲେ। କିନ୍ତୁ ୧୨୦ତମ ଓଭରରେ ବୋଲିଂ କରିବାକୁ ଆସିଥିବା ଅଶ୍ୱିନ ୫ମ ବଲରେ ହାଜେଲଉଡ୍‌ଙ୍କୁ ୨ୟ ସ୍ଲିପ୍‌ରେ ଲୋକେଶ ରାହୁଲଙ୍କ ହାତରେ କ୍ୟାଚ୍ କରାଇ ଦଳ ପାଇଁ ପ୍ରତୀକ୍ଷିତ ବିଜୟ ଆଣିଦେଇଥିଲେ। ଅଷ୍ଟ୍ରେଲିଆ ମାଟିରେ ଭାରତର ଏହା ସର୍ବମୋଟ୍ ୬ଷ୍ଠ ଟେଷ୍ଟ ମ୍ୟାଚ୍ ବିଜୟ ଥିଲା। ଅଷ୍ଟ୍ରେଲିଆ ଦଳ ଅନ୍ତିମ ୩ ଉଇକେଟ୍‌ରେ ୧୦୪ ରନ୍ ସଂଗ୍ରହ କରିଥିଲା। ପ୍ରଥମ ଇନିଂସ୍‌ରେ ଶତକ (୧୨୩ ରନ୍) ଏବଂ ୨ୟ ଇନିଂସ୍‌ରେ ଅର୍ଦ୍ଧଶତକ (୭୧ ରନ୍) ହାସଲ କରିଥିବା ଚେତେଶ୍ୱର ପୂଜାରା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅଧିନାୟକ ଭାବେ କୋହଲିଙ୍କ ଏହା ୨୫ତମ ଟେଷ୍ଟ ବିଜୟ ଥିଲା। ଭାରତର ୪୩ତମ ମ୍ୟାଚର ନେତୃତ୍ୱ ନେଉଥିବାବେଳେ ଅଧିନାୟକ ଭାବେ କୋହଲିଙ୍କୁ ଏହି ସଫଳତା ମିଳିଛି। ଏଥିସହ ଏହି ସଫଳତା ପାଇବାରେ ଦ୍ରୁତତମ ଭାରତୀୟ ଅଧିନାୟକ ହୋଇଛନ୍ତି।



ବିଜୟ ହାସଲ ପରେ ବିରାଟ କୋହଲିଙ୍କ ସହ ସାଥୀ ଖେଳାଳି ଖୁସି ମନାଉଛନ୍ତି ।

### ଅଷ୍ଟ୍ରେଲିଆରେ ଭାରତର ଟେଷ୍ଟ ବିଜୟ

| ବିଜୟ ବ୍ୟବଧାନ | ସ୍ଥାନ | ସିଜନ |
|---|---|---|
| ୨୨୨ ରନ୍ | ମେଲବୋର୍ନ | ୧୯୭୭-୭୮ |
| ଇନିଂସ୍ ଓ ୨ ରନ୍ | ସିଡ୍‌ନୀ | ୧୯୭୭-୭୮ |
| ୫୯ ରନ୍ | ମେଲବୋର୍ନ | ୧୯୮୦-୮୧ |
| ୪ ଉଇକେଟ୍ | ଆଡିଲେଡ୍ | ୨୦୦୩-୦୪ |
| ୭୨ ରନ୍ | ପର୍ଥ | ୨୦୦୭-୦୮ |
| ୩୧ ରନ୍ | ଆଡିଲେଡ୍ | ୨୦୧୮-୧୯ |

### ୨୫ ଟେଷ୍ଟ ଜିତିବାରେ ଦ୍ରୁତତମ ଅଧିନାୟକ

| ଖେଳାଳି | ଦେଶ | ମ୍ୟାଚ୍ |
|---|---|---|
| ରିକି ପଣ୍ଟିଂ | ଅଷ୍ଟ୍ରେଲିଆ | ୩୩ ମ୍ୟାଚ୍ |
| ଷ୍ଟିଭ୍ ୱ | ଅଷ୍ଟ୍ରେଲିଆ | ୩୫ ମ୍ୟାଚ୍ |
| କୋହଲି | ଭାରତ | ୪୩ ମ୍ୟାଚ୍ |
| ଭିଭି ରିଚାର୍ଡ୍ସ | ୱେଷ୍ଟଇଣ୍ଡିଜ | ୪୪ ମ୍ୟାଚ୍ |

### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ୍- ୨୫୦/୧୦ (ପୂଜାରା ୧୨୩, ହାଜେଲଉଡ୍ ୩/୫୨)।
- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍- ୨୩୫/୧୦ (ଟ୍ରାଭିସ୍ ହେଡ୍ ୭୨, ବୁମ୍‌ରା ୩/୪୭)।
- ଭାରତ ୨ୟ ଇନିଂସ୍- ୩୦୭/୧୦ (ପୂଜାରା ୭୧, ନାଥନ ଲିୟନ ୬/୧୨୨)।
- ଅଷ୍ଟ୍ରେଲିଆ ୨ୟ ଇନିଂସ୍- ୨୯୧/୧୦ (ମାର୍ଶ ୬୦, ଟ୍ରାଭିସ୍ ହେଡ୍ ୧୪, ଆରୋନ ଫିଞ୍ଚ ୧୧, ମାର୍କସ ହାରିସ ୨୬, ସାମି ୩/୬୫, ଇଶାନ୍ତ ଶର୍ମା ୧/୪୮)।

## ପନ୍ତ ବିଶ୍ୱ ରେକର୍ଡ ସମକକ୍ଷ



ଗୋଟିଏ ଟେଷ୍ଟ ମ୍ୟାଚ୍‌ରେ ସର୍ବାଧିକ ସଂଖ୍ୟକ କ୍ୟାଚ୍ ଧରି ଯୁବ ଉଇକେଟକିପର ରିଷଭ ପନ୍ତ ବିଶ୍ୱରେକର୍ଡ ସମକକ୍ଷ ହୋଇଛନ୍ତି। ସ୍ଥାନୀୟ ଆଡିଲେଡ୍ ଓଭାଲଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ସେ ସର୍ବାଧିକ ୧୧ଟି କ୍ୟାଚ୍ ଧରିଛନ୍ତି। ସୋମବାର ମିଚେଲ ଷ୍ଟାର୍କଙ୍କ କ୍ୟାଚ୍ ଉଇକେଟ ପଛରେ ଧରି ସେ ଦୁଇ ପୂର୍ବତନ ଉଇକେଟକିପର ଏବି ଡିଭିଲର୍ସ ଓ ଜ୍ୟାକ ରସେଲଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଉଭୟ ଗୋଟିଏ ଟେଷ୍ଟ ମ୍ୟାଚ୍‌ରେ ୧୧ ଲେଖାଏ କ୍ୟାଚ୍ ନେଇଥିଲେ। ପନ୍ତ ପ୍ରଥମ ଇନିଂସରେ ୬ ଓ ଦ୍ୱିତୀୟ ଇନିଂସରେ ୫ ବ୍ୟାଟ୍ସମ୍ୟାନଙ୍କ କ୍ୟାଚ୍ ଧରିଥିଲେ।

ଏତଦ୍‌ବ୍ୟତୀତ ସେ ଭାରତୀୟ ଉଇକେଟକିପର ରିଦ୍ଧିମାନ ଶାହ (୧୦ କ୍ୟାଚ)ଙ୍କ ରେକର୍ଡ ଭାଙ୍ଗିଛନ୍ତି। ମ୍ୟାଚ୍ ଶେଷ ହେବା ପରେ ପନ୍ତ କହିଛନ୍ତି, ଅଷ୍ଟ୍ରେଲିଆ ବିଜୟ ଲକ୍ଷ୍ୟର ନିକଟତର ହେଉଥିବାରୁ ଆମେ ଚିନ୍ତିତ ଥିଲୁ। ମାତ୍ର ଆମେ ଭଲ ପ୍ରଦର୍ଶନ କରିଛୁ। ଦଳ ପାଇଁ ଯୋଗଦାନ କରିପାରିଥିବାରୁ ଓ ପ୍ରଥମ ଥର ଏହି ମାଇଲଷ୍ଟୋନର ଅଧିକାରୀ ହୋଇପାରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ।

### ସଂକ୍ଷେପରେ...

- ପ୍ରଥମ ଟେଷ୍ଟରେ ୫ ଉଇକେଟ୍ ସହ ମହମ୍ମଦ ସାମି ଚଳିତ ବର୍ଷ ଟେଷ୍ଟରେ ୩୮ଟି ଉଇକେଟ୍ ନେଇ ଅଶ୍ୱିନଙ୍କ ସମକକ୍ଷ ହୋଇଛନ୍ତି।
- ଚଳିତ ବର୍ଷ ବିଦେଶ ମାଟିରେ ଭାରତ ବିଜୟ ହାସଲ କରିଥିବା ୩ଟି ଟେଷ୍ଟରେ ପୂଜାରା ୫୦ କିମ୍ବା ତଦୁର୍ଦ୍ଧ୍ୱ ରନ କରିଛନ୍ତି।
- ଆଡିଲେଡ୍ ବିଜୟ ସହ ଭାରତ ୨ୟ ଥର ପାଇଁ ଗୋଟିଏ କ୍ୟାଲେଣ୍ଡରରେ ଏସିଆ ବାହାରେ ୩ଟି ମ୍ୟାଚ୍ ଜିତିବାର କୃତିତ୍ୱ ହାସଲ କରିଛି। ୧୯୬୮ରେ ଭାରତ ନ୍ୟୁଜିଲାଣ୍ଡ ମାଟିରେ ୩ଟି ମ୍ୟାଚ୍ ଜିତିଥିଲା।
- ଏସିଆର ପ୍ରଥମ ଅଧିନାୟକ ଭାବେ କୋହଲି ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମାଟିରେ ଟେଷ୍ଟ ମ୍ୟାଚ୍ ଜିତିବାର ରେକର୍ଡ କରିଛନ୍ତି।

## ସଂକ୍ଷେପରେ

### ୮ ରନ୍‌ରେ ଜିତିଲା ଓଡ଼ିଶା

**କଟକ ଅଫିସ,୧୦।୧୨:** ନିମପୁର ଗ୍ରାଉଣ୍ଡରେ ସୋମବାର ଖେଳାଯାଇଥିବା ସିନିୟର ମହିଳା ଏକଦିବସୀୟ କ୍ରିକେଟ ଲିଗ୍ ଏଲିଟ୍ ଗ୍ରୁପ-ସି'ର ଏକ ମ୍ୟାଚ୍‌ରେ ଓଡ଼ିଶା ୮ ରନ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଓଡ଼ିଶାର ଏହା ୩ୟ ବିଜୟ। ୫ଟି ମ୍ୟାଚ୍ ଖେଳି ଓଡ଼ିଶା ୩ ବିଜୟ, ୨ ପରାଜୟ ବଳରେ ୧୨ ପଏଣ୍ଟ ହାସଲ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ମାଧୁରୀ ମେହେଟ୍ଟାଙ୍କ ୪୭, ସରିତା ମେହେରଙ୍କ ୪୬ ଓ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ୨୪ ରନ୍ ସହାୟତାରେ ୬ ଉଇକେଟ ହରାଇ ୧୬୪ ରନ୍ କରିଥିଲା। ମଧ୍ୟପ୍ରଦେଶ ପକ୍ଷରୁ ନିଧି ବୁଲେ ସର୍ବାଧିକ ୨ଟି ଉଇକେଟ ଅକ୍ତିଆର କରିଛନ୍ତି। ଜବାବରେ ମଧ୍ୟପ୍ରଦେଶ ପ୍ରଥମ ଉଇକେଟ ଭାଗିଦାରୀରେ ୭୭ ରନ କରିଥିଲେ ମଧ୍ୟ ୧୫୬ ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ବବିତା ମନ୍ଦଲିକ ସର୍ବାଧିକ ୪୪ ରନ୍ କରିଛନ୍ତି। ଓଡ଼ିଶା ଅଧିନାୟିକା ମଧୁସ୍ମିତା ବେହେରା ୪ ଓ ସୁଶ୍ରୀ ୩ଟି ଉଇକେଟ ଅକ୍ତିଆର କରିଥିଲେ।

### ରାଜ୍ୟ ରଣଜୀ ଦଳ ଘୋଷିତ
### ଶୁଭମଙ୍କ ପ୍ରତ୍ୟାବର୍ତ୍ତନ, ଦେବାଶିଷ ନୂଆ ମୁହଁ

**କଟକ ଅଫିସ,୧୦।୧୨:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ଚଳିତ ରଣଜୀ ସିଜନ ଏଲିଟ ଗ୍ରୁପ୍-ସି'ରେ ଓଡ଼ିଶା-ରାଜସ୍ଥାନ ମ୍ୟାଚ୍ ଆସନ୍ତା ୧୪ତାରିଖରୁ ଭୁବନେଶ୍ୱରସ୍ଥିତ ବିକାଶ ଗ୍ରାଉଣ୍ଡରେ ଖେଳାଯିବ । ଏହି ମ୍ୟାଚ୍ ନିମନ୍ତେ ରାଜ୍ୟ ରଣଜୀ ଦଳରେ ୨ଜଣ ଖେଳାଳିଙ୍କୁ ପରିବର୍ତ୍ତନ କରାଯାଇଛି। ଉଇକେଟ କିପର ଭାବେ ଗତ ୫ଟି ମ୍ୟାଚ୍‌ରେ ଦଳରେ ରହିଥିବା ସୁଜିତ ଲେଙ୍କାଙ୍କୁ ବାଦ ଦିଆଯାଇଛି। ସିନିୟର ଦଳରେ ସୁଯୋଗ ପାଇ ମଧ ଏବେ ସୁଦ୍ଧା ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ କରି ପାରି ନ ଥିବା ପି.ରୋଶନ କୁମାର ରାଓ ଏହି ମ୍ୟାଚ୍‌ରେ ଉଇକେଟକିପର ଭାର ସମ୍ଭାଳିବେ। ଏହାଛଡ଼ା ଓପନର ରାଜେଶ ଧୂପରଙ୍କୁ ମଧ ବାଦ ଦିଆଯାଇଛି। ପରିବର୍ତ୍ତିତ ଖେଳାଳି ଭାବେ ଦଳରେ ସାମିଲ ହୋଇଥିବା ୨ଜଣ ଖେଳାଳି ହେଲେ ଶୁଭମ ନାୟକ ଓ ଦେବାଶିଷ ସାମନ୍ତରାୟ। ମାତ୍ର ୨୩ବର୍ଷରୁ କମ୍ ଦଳର ଅଧିନାୟକ ରହିଥିବା ବ୍ୟାଟ୍ସମ୍ୟାନ ଦେବାଶିଷ ପ୍ରଥମଥର ନିମନ୍ତେ ସିନିୟର ଦଳରେ ସୁଯୋଗ ପାଇଛନ୍ତି।

**ଓଡ଼ିଶା ରଣଜୀ ଦଳ:** ଅନୁରାଗ ଷଡ଼ଙ୍ଗୀ, ରଣଜିତ ସିଂ, ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ(ଅଧିନାୟକ), ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର, ପି.ରୋଶନ କୁମାର ରାଓ (ଉଇକେଟ କିପର), ଧୀରଜ ସିଂ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଭିଶେକ ରାଉତ, ଶୁଭମ ନାୟକ, ଦେବାଶିଷ ସାମନ୍ତରାୟ। ରଶ୍ମିରଞ୍ଜନ ପରିଡ଼ା-କୋଚ୍, ଶୁଭକାନ୍ତ ସାହୁ-ଫିଜିଓ, ମନୋଜ କୁମାର ବିଶ୍ୱାଳ-ଟ୍ରେନର, ବିଷ୍ଣୁଦେବ ମହାନ୍ତି-ମ୍ୟାନେଜର/ନୀରିକ୍ଷକ ।

### ସେମିରେ ଓଡ଼ିଶା

**କଟକ ଅଫିସ,୧୦।୧୨:** ଅରୁଣାଚଳ ପ୍ରଦେଶଠାରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚାମ୍ପିୟନଶିପ୍‌ର ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୧-୦ ଗୋଲରେ ଘରୋଇ ଅରୁଣାଚଳ ପ୍ରଦେଶକୁ ପରାସ୍ତ କରିଛି। ଏହି ମ୍ୟାଚ୍ ଓଡ଼ିଶା ନିମନ୍ତେ ବହୁ ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ବିଜୟ ସହ ଦଳ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ୮୩ତମ ମିନିଟରେ ମିଳିଥିବା ଏକ ଫ୍ରିକିକ୍‌ରୁ ଅଜୟ ଟପ୍ପୋ ଓଡ଼ିଶା ନିମନ୍ତେ ଉକ୍ତ ଗୋଲ ସ୍କୋର କରିଥିଲେ। ୪ଟି ମ୍ୟାଚ୍‌ରୁ ୧୦ପଏଣ୍ଟ ହାସଲ କରି ଓଡ଼ିଶା ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ମଧ ରହିଛି ।

### ରାଜନୀତିରେ ଯୋଗଦେବେ ନାହିଁ ଗମ୍ଭୀର

**ନୂଆଦିଲ୍ଲୀ,୧୦।୧୨:** ନିକଟରେ କ୍ରିକେଟରୁ ଅବସର ନେଇଥିବା ଗୌତମ ଗମ୍ଭୀର ରାଜନୀତିରେ ଯୋଗଦେବା ନେଇ ଚାଲିଥିବା ଚର୍ଚ୍ଚାକୁ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ସେ ରାଜନୀତିରେ ଯୋଗଦେବେ ନାହିଁ। କୋଚିଂରେ କ୍ୟାରିୟର କରିବା ନେଇ ସେ ସ୍ପଷ୍ଟ କରିଛନ୍ତି।

# ବେଲ୍‌ଜିୟମ, ନେଦରଲାଣ୍ଡ୍ସ ପଲା ଭାରି

## ହକି ବିଶ୍ୱକପ୍

ଭୁବନେଶ୍ୱର, ୧୦।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପ୍‌ର ମଙ୍ଗଳବାର ୨ଟି କ୍ରସ୍ ଓଭର ମ୍ୟାଚ୍ ଖେଳାଯିବ। ଅପରାହ୍ନ ୪ଟା ୪୫ରେ ବେଲ୍‌ଜିୟମ-ପାକିସ୍ତାନ ଏବଂ ରାତି ୭ଟାରେ ନେଦରଲାଣ୍ଡ୍ସ ଓ କାନାଡ଼ା ମଧ୍ୟରେ ଏହା ଅନୁଷ୍ଠିତ ହେବ। ଉଭୟ ର୍ୟାଙ୍କିଙ୍ଗ୍ ଓ ସାମ୍ପ୍ରତିକ ପ୍ରଦର୍ଶନ ଦୃଷ୍ଟିରୁ ଏହି ୨ଟି ମ୍ୟାଚ୍‌ରେ ଯଥାକ୍ରମେ ବେଲ୍‌ଜିୟମ ଓ ନେଦରଲାଣ୍ଡ୍ସ ଫେଭରାଇଟ ରହିଛନ୍ତି।

ପୁଲ୍ 'ସି'ରେ ସ୍ଥାନ ପାଇଥିବା ବେଲ୍‌ଜିୟମ ୩ଟି ମ୍ୟାଚ୍ ଖେଳି ୨ଟିରେ ବିଜୟୀ ହେବା ସହ ଭାରତ ବିପକ୍ଷ ମ୍ୟାଚ୍ ଡ୍ର ରଖିଥିଲା। ଏହି ଦଳ ନିଜ ପ୍ରଥମ ମ୍ୟାଚ୍‌ରେ କାନାଡ଼ାକୁ ୨-୧ ଗୋଲରେ ହରାଇଥିବାବେଳେ ଭାରତ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ୨-୨ରେ ଡ୍ର ରଖିଥିଲା। ତୃତୀୟ ତଥା ଅନ୍ତିମ ପୁଲ୍ ମ୍ୟାଚ୍‌ରେ ଦଳ ୫-୧ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ୩ ମ୍ୟାଚ୍‌ରୁ ଦଳ ଭାରତ ସମକକ୍ଷ ୭ ପଏଣ୍ଟ ପାଇଥିଲା। ମାତ୍ର ଗୋଲ ବ୍ୟବଧାନରେ ଭାରତ ଆଗରେ ରହି ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାବେଳେ ବେଲ୍‌ଜିୟମ ପୁଲ୍'ସି'ର ଦ୍ୱିତୀୟ ସ୍ଥାନୀୟ ଦଳ ଭାବେ କ୍ରସ୍ ଓଭରରେ ପୁଲ୍'ଡି'ର ତୃତୀୟ ଦଳ ପାକିସ୍ତାନକୁ ଭେଟିବାକୁ ଯାଉଛି। ଅପରପକ୍ଷେ ପାକିସ୍ତାନ ୩ଟି ମ୍ୟାଚ୍ ଖେଳିସାରିଥିବାବେଳେ ଏପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖିନାହିଁ। ଦଳ ଗୋଟିଏ ମ୍ୟାଚ୍ ଡ୍ର ରଖିଛି ଏବଂ ୨ଟି ମ୍ୟାଚ୍‌ରେ ପରାଜିତ ହୋଇ ମାତ୍ର ୧ ପଏଣ୍ଟ ସହିତ କ୍ରସ୍ ଓଭରରେ ପ୍ରବେଶ କରିଛି। ସେହିପରି ଏହି ଗ୍ରୁପ୍‌ରେ ଥିବା ମାଲେସିଆ ମଧ୍ୟ ୧ ପଏଣ୍ଟ ପାଇଥିଲା। ମାତ୍ର ଗୋଲ ବ୍ୟବଧାନରେ ମାଲେସିଆକୁ ପଛରେ ପକାଇ ପାକିସ୍ତାନ କ୍ରସ୍ ଓଭରକୁ ଆସିଛି। ବେଲ୍‌ଜିୟମ ବିଶ୍ୱର ୩ ନମ୍ବର ର୍ୟାଙ୍କ୍ ଦଳ ହୋଇଥିବାବେଳେ ପାକିସ୍ତାନର ର୍ୟାଙ୍କିଙ୍ଗ୍ ୧୩ ରହିଛି। କିନ୍ତୁ କଳିଙ୍ଗ ଷ୍ଟାଡିୟମରେ ପାକିସ୍ତାନ ଦଳକୁ ଭରପୂର ସମର୍ଥନ ମିଳୁଛି, ମାତ୍ର ନିକଟ ଅତୀତର ପ୍ରଦର୍ଶନ ରେକର୍ଡ ଦେଖିଲେ ବେଲ୍‌ଜିୟମ ପଲା ଭାରି ରହିବ।

ମଙ୍ଗଳବାର ମ୍ୟାଚ୍‌ର ଅନ୍ୟ ଦୁଇ ପ୍ରତିଦ୍ୱନ୍ଦ୍ୱୀ ହେଲେ ନେଦରଲାଣ୍ଡ୍ସ ଓ କାନାଡ଼ା। ନେଦରଲାଣ୍ଡ୍ସ ବିଶ୍ୱର ୪ ନମ୍ବର ର୍ୟାଙ୍କ୍ ଦଳ ହୋଇଥିବାବେଳେ କାନାଡ଼ାର ର୍ୟାଙ୍କିଙ୍ଗ୍ ୧୧। ପୁଲ୍ ପର୍ଯ୍ୟାୟରେ କାନାଡ଼ା ଅପେକ୍ଷା ନେଦରଲାଣ୍ଡ୍ସ ଯଥେଷ୍ଟ ଅଧିକ ଭଲ ପ୍ରଦର୍ଶନ କରିଛି। ତେଣୁ ଏହି ଦଳ ସ୍ୱାଭାବିକଭାବେ ଫେଭରାଇଟ ବିବେଚିତ ହେଉଛି। ନେଦରଲାଣ୍ଡ୍ସ ପୁଲ୍'ଡି'ରେ ୩ଟି ମ୍ୟାଚ୍ ଖେଳି ୨ଟି ଜିତିବା ସହ ଗୋଟିଏ ମ୍ୟାଚ୍ ଜର୍ମାନୀଠାରୁ ହାରି ୬ ପଏଣ୍ଟ ପାଇଛି। ପୁଲ୍'ଡି'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ପୁଲ୍ 'ସି'ର ତୃତୀୟ ଦଳ କାନାଡ଼ାକୁ ଭେଟିବାକୁ ଯାଉଛି। ଅନ୍ୟପକ୍ଷରେ କାନାଡ଼ା ୩ ମ୍ୟାଚ୍‌ରୁ ଗୋଟିଏ ଡ୍ର ଓ ୨ଟି ପରାଜୟ ସହ ମାତ୍ର ୧ ପଏଣ୍ଟ ପାଇ କ୍ରସ୍ ଓଭରରେ ପ୍ରବେଶ କରିଛି। ପୁଲ୍ ପର୍ଯ୍ୟାୟରେ ନେଦରଲାଣ୍ଡ୍ସ ୭-୦ ଗୋଲରେ ମାଲେସିଆକୁ ହରାଇ ଅଭିଯାନ ଆରମ୍ଭ କରିଥିବାବେଳେ ଜର୍ମାନୀଠାରୁ ୧-୪ ଗୋଲରେ ପରାଜିତ ହୋଇଥିଲା। ଶେଷ ମ୍ୟାଚ୍‌ରେ ପାକିସ୍ତାନକୁ ୫-୧ ଗୋଲରେ ହରାଇ ଦଳ ଆଗକୁ ବଢ଼ିଛି। ଏହି ପୁଲ୍‌ରୁ ଜର୍ମାନୀ ୩ଟି ମ୍ୟାଚ୍‌ରୁ ୩ ବିଜୟ ସହ ୯ ପଏଣ୍ଟ ପାଇ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଲିଗ୍ ପର୍ଯ୍ୟାୟରେ ନେଦରଲାଣ୍ଡ୍ସ ସବୁଠାରୁ ଆକ୍ରମଣାତ୍ମକ ଦଳ ଭାବେ ସାବ୍ୟସ୍ତ ହୋଇଛି। ଏହି ଦଳ ୯୮ଥର ପ୍ରତିପକ୍ଷ ସର୍କଲ ଏରିଆରେ ପ୍ରବେଶ କରିଛି। ମାଲେସିଆ ବିପକ୍ଷରେ ଆକ୍ରମଣାତ୍ମକ ଆଭିମୁଖ୍ୟରେ ଦଳ ସର୍ବାଧିକ ୨୫ଥର ଡି' ଏରିଆରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ କାନାଡ଼ା ୧-୨ରେ ବେଲ୍‌ଜିୟମଠାରୁ ହାରିଥିବାବେଳେ ଦକ୍ଷିଣ ଆଫ୍ରିକା ସହିତ ୧-୧ରେ ମ୍ୟାଚ୍ ଡ୍ର ରଖିଥିଲା। ଶେଷ ମ୍ୟାଚ୍‌ରେ ଭାରତଠାରୁ ୫-୧ ଗୋଲରେ ହାରି ପୁଲ୍‌ର ତୃତୀୟ ସ୍ଥାନ ଅଧିକାର କରିଥିଲା। ଏହି ପୁଲ୍‌ରେ ଦକ୍ଷିଣ ଆଫ୍ରିକା ମଧ୍ୟ ୧ ପଏଣ୍ଟ ପାଇଥିଲା। ମାତ୍ର ଗୋଲ ବ୍ୟବଧାନରେ କାନାଡ଼ା କ୍ରସ୍ ଓଭରକୁ ଥ୍ରୁ କରିଥିଲା।

### ଆଜିର ମ୍ୟାଚ୍



ବେଲ୍‌ଜିୟମ ବନାମ ପାକିସ୍ତାନ
ସମୟ: ଅପରାହ୍ନ ୪ଟା ୪୫

ନେଦରଲାଣ୍ଡ୍ସ ବନାମ କାନାଡ଼ା
ସମୟ: ରାତି ୭ଟା

ସ୍ଥାନ: କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ

ଧରିତ୍ରୀ DHARITRI
Hockey Quiz - 2018
Quiz No.14
QUESTIONS
୧. ଆର୍ଜେଣ୍ଟିନାରେ ହକି ବିଶ୍ୱକପ୍‌ର କେଉଁ ସଂସ୍କରଣ ଖେଳାଯାଇଥିଲା ?
୨. ଅଷ୍ଟ୍ରେଲିଆ ଦଳ ଦ୍ୱିତୀୟ ଥର କେବେ ହକି ବିଶ୍ୱକପ୍ ଜିତିଥିଲା ?
୩. ୧୯୯୦ ହକି ବିଶ୍ୱକପ୍ କେଉଁଠାରେ ଆୟୋଜିତ ହୋଇଥିଲା ?
୪. ସିଡ୍‌ନୀଠାରେ ଖେଳାଯାଇଥିବା ୧୯୯୪ ହକି ବିଶ୍ୱକପ୍‌ରେ କେଉଁ ଦଳ ବ୍ରୋଞ୍ଜ ପଦକ ଜିତିଥିଲା ?
୫. ୨୦୦୬ ବିଶ୍ୱକପ୍ କେଉଁଠାରେ ଖେଳାଯାଇଥିଲା ?
E-mail your answers to : dharitriquiz@gmail.com
Gift Partner oraimo smart accessories
20 Mega Prizes
30 Special Prizes
50 Consolation Prizes
Send your Name, Address, Contact Number, while sending entries
Selection will be from correct entries through lucky draw
Read Dharitri for announcement of result
Prize distribution date, time and venue will be intimated to the Winners individually
Terms & Conditions Apply



oraimo smart accessories
Keep Exploring
Smart accessories for a smart lifestyle.
in.oraimo.com
Oraimo accessories

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୧୧/୨୦୧୮ Sambalpur, Tuesday, December 11/ 2018

## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ: ବ୍ରାହ୍ମଣୀଗୁଡା ଚାମ୍ପିୟନ

ଜୁନାଗଡ,୧୦।୧୨(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତ ବୋରଗୁଡାଠାରେ ଚାଲିଥିବା ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ବ୍ରାହ୍ମଣୀଗୁଡା ଓ ଦେଦର ମଧ୍ୟରେ ହୋଇଥିଲା। ଏଥିରେ ବ୍ରାହ୍ମଣୀଗୁଡା ଦଳ ଦେଦରକୁ ୧–୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ବୋରଗୁଡା ବୁଢାରଜା ଯୁବ ସଂଘ ପକ୍ଷରୁ ଚାଲିଥିବା ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ କଂଗ୍ରେସର ସ୍ଥାନୀୟ ଜୋନ ସଭାପତି ଆଲୋକ ରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥି ଭାବେ କଂଗ୍ରେସ ଉପସଭାପତି ଗୋପବନ୍ଧୁ ନାଏକ, ଅବସର ସେନା ବାହିନୀ ଦୁଷ୍ମନ୍ତ ବାଗ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେହିପରି ସଂଘ ସଦସ୍ୟ ଶଶିଧର ଧରୁଆ, ନରେନ୍ଦ୍ର ମାଝି, ପଦ୍ମ ମାଝି, ଅଶ୍ୱିନ ଜାନି, ହରେକୃଷ୍ଣ ପଣ୍ଡା, ମନୋଜ ମଶ୍ର, ନରେନ୍ଦ୍ର ପଟେଲ ପ୍ରମୁଖ ସହଯୋଗ କରିଥିଲେ। ୨ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲେ।

# ଚିକିତ୍ସା ଅଭାବୁ ଖଟେ ପଡ଼ିରହିଛନ୍ ରଶ୍ମିତା

ଲାଠୋର, ୧୦।୧୨ (ଡି.ଏନ.ଏ) ସରକାର ଗରିବ୍ ଦୁଖିକର ଲାଗି ବହୁତ୍‌ଟେ ଯୋଜ୍‌ନା କାଯ୍‌କାରୀ କରୁଛନ୍। ହେଲେ ପରଶାସନିକ୍ ଅଧିକାରୀଙ୍କର ଉଦାସିନ୍‌ତା ଲାଗି ବହୁତ୍ ଜାଗାରେ ହିତାଧିକାରୀମାନେ ଯୋଜ୍‌ନାର ସୁଫଲ ପାଏବାରୁ ବଁଚିତ ହେଇ ଦହଗଁଜ୍ ହେଉଛନ୍। ପରଶାସନ ପାସେ ଏନ୍‌ତା ଘଟନାମାନକର ଖୋଜ୍‌ଖବର ନାଇଁ ରହେବାରଟା ବି ନିହାତି ଦୁଖର କଥା। ଏନ୍‌ତା ଗୁଟେ ଉଦାହରନ ଦେଖିବାକେ ମିଳିଛେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଲାଠୋର ଗାଁର ବନ୍ଦପଡ଼ାରେ। ପଡାର ଦଲଗଞ୍ଜନ ଶବରକଁର ୩ଟା ଝି, ସାନ୍ ଝି ହେଉଛନ୍ ରଶ୍ମିତା ଶବର(୩୦)। ବାପା ନୂଆପଡ଼ା ଜିଲା ଡେଡେଙ୍ଗାପଡ଼ା ଗାଁର ଯଦୁମଣୀ ଶବରକଁର ସାନପୁଓ ବୁଧଦେବ ସଂଗେ ରଶ୍ମିତାର ବିହା କରେଇ ଘରଜୁଁଏ କରି ରଖିଥିଲେ। ବୁଧଦେବ ଝନେ କାଠ୍ ମିସ୍ତ୍ରୀ ହେଇଥିଲା ବେଲେ ସେଥିରୁ ଯାହା ରୁଜ୍‌ଗାର କରୁଥିଲେ ତାକର ପରିବାରଟ ହଁସଖୁସିଥି ଚଲୁଥିଲା। ହେଲେ ଗଲା ବଛର ରଶ୍ମିତାର ମେରୁହାଡ଼୍‌ଥି ଦରଦ୍ ହେଲା। ପାସର ଡାକ୍‌ତରଖାନାକେ ଯାଇ ଚିକିତ୍ସା କରାଲେ, ହେଲେ କିଛି ଲାଭ ନାଇଁହେଲା। ଶେଷେ ଧାର ଉଧାର କରି ଟିଟିଲାଗଡ଼, ବଲାଙ୍ଗୀର, ରାୟପୁର, କଟକକେ ଯାଇ ଚିକିତ୍ସା କରାଲେ। ହେଲେ ସେଥିରେ ବି କିଛି ଲାଭ ନାଇଁହେଲା। ଏହେଦେ ସେ ପୂରାପୂରି ଖଟେ ପଡ଼ି ରହିଛନ୍। ହାତ୍‌ଗୋଡ଼, ଅଁଟା ହଲେଇ ନାଇଁପାରବାର। ସବୁବେଲେ ଖଟେ ପଡି ରହିଛନ୍, ଏନ୍‌ତାଥି ବୁଧଦେବ ମାଏକିନାର ଖିଆପିଆଠାନୁ ମୂଲ୍ କରି ଝାଡ଼ାଝପଟ ସବୁ ନିଜେ କରୁଛନ୍। ବୁଧଦେବ ନିଜେ ଯାହା ରଖିଥିଲେ, ଶଶୁରନୁ ଯାହା ପାଏଲେ ଆର ଉନିଆନୁ ଧାର ଉଧାର କରି ରଶ୍ମିତାର ଚିକିତ୍ସା କରାଲେ। ହେଲେ କିଛି ଲାଭ ନାଇଁ ହେଲାରୁ ସେ ହିଆ ହାରିଦେଇଛନ୍। ଗୁଟେଆଡେ ରଶ୍ମିତାର ଦିହି ବେଶୀ ବିଗ୍‌ଡୁଥିଲା ବେଲେ ବୁଧଦେବ ଧାର ଉଧାର ବୋଝିରେ ଚାପି ହେଇଯାଉଛନ୍। ସେ ଯାହା କମଉଛନ୍ ଘର ଚଲାବାରେ ନିହଁଟ ହେଉଛେ, ଏନ୍‌ତାଥି ମାଏକିନାକେ ଉଷୋ ଟିକେ ଘିନିକରି ଦେବାର ତାକର ପକ୍ଷେ ସମ୍ଭବ ନାଇଁହେବାର। ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ତରଣୀ ସୁନାଙ୍କୁ ପଚରାଲାରୁ ସେମାନେ ସବୁ କାଗଜପତର ନେଇ ମୋର ଅଫିସକେ ଆଏଲେ ସେ ସବୁ ଦେଖି ତାହାକୁ ସରକାରୀ ସାହାଯ୍ ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି କହିଛନ୍। ଇ ନିହାତି ଗରିବ୍ ପରିବାରକେ ପରଶାସନ ଦୁରୁଷ୍‌ଟି ଦେଇ ଯେତେ ଜଲଦି ହେବା ସରକାରୀ ସାହାଯ୍ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।


ଖଟେ ପଡ଼ିରହିଥିବାର ଅବସ୍‌ତାରେ ରଶ୍ମିତା।

# ଛିନ୍‌ତାଇ ଘଟଣାରେ ୨ ଗିରଫ

■ମୋବାଇଲ, ଟଙ୍କା ଉଦ୍ଧାର ■ ବ୍ୟବହୃତ ବାଇକ୍ ଜବତ

ସୋନପୁର,୧୦।୧୨(ନି.ପ୍ର.) ସୋନପୁର ଟାଉନ ପୋଲିସ ଏକ୍ ଛିନ୍‌ତାଇ ଘଟଣାରେ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ଅଭିଯୁକ୍ତ ତଥା ସ୍ଥାନୀୟ ଗୋକର୍ଣ୍ଣେଶ୍ୱରପଡାର ଦ୍ୱାରିକାନାଥ ମହାପାତ୍ର(୨୭) ଓ ପଟାଭାଡି ଠାକୁରାଣୀପଡାର ଭାଗବତ ମଲ୍ଲିକ(୧୯)ଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଦ୍ୱୟ ଡୁଙ୍ଗୁରିପାଲି ଗ୍ରାମର ସରୋଜ ଭୋଇ(୧୮)ଙ୍କୁ ମାଡ ମାରି ତାଙ୍କଠାରୁ ୧୫୦୦ ଟଙ୍କା, ମୋବାଇଲ ସେଟ୍ ଓ କାଗଜପତ୍ର ଲୁଟି ନେଇଥିଲେ। ଗତ ଶନିବାର ରାତିରେ ସରୋଜ ସାଇକେଲ ଯୋଗେ ଘରକୁ ଯାଉଥିବା ସମୟରେ ପଟାଭାଡି ଶିବମନ୍ଦିର ସମ୍ମୁଖରେ ଅଭିଯୁକ୍ତଦ୍ୱୟ ଏକ ଆଭେଞ୍ଜର ବାଇକ୍ ନଂ ଓଡି୩୧ବି-୫୯୧୩ରେ ଆସି ଛିନ୍‌ତାଇ କରିଥିଲେ। ରବିବାର ସରୋଜ ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ପି ଦେବୀପ୍ରସାଦ ଦାଶ ଏକ ଟିମ୍ ଗଠନ କରିଥିଲେ। ଏହି ଟିମ୍‌ରେ ଏସଆଇ କ୍ଷିରୋଦ ଚନ୍ଦ୍ର ବାଗ୍, ଏଏସଆଇ ଏକାଦୋଶିଆ ପଧାନ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ। ସୋନପୁର ଏସଡିପିଓ ମିହିର କୁମାର ପଣ୍ଡା ଓ ଆଇଆଇସି ଚନ୍ଦ୍ରମୋହନ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟିମ୍ ଚଢାଉ କରିଥିଲା। ଏ ସମ୍ପର୍କରେ ଏକ ମାମଲା(ନଂ୧୭୬/୧୮)ରୁଜୁ ହୋଇଛି।


ଗିରଫ ୨ ଅଭିଯୁକ୍ତ ।

# ଘରୋଇ କଳିରୁ ସ୍ତ୍ରୀଙ୍କୁ ହତ୍ୟା

ବେତନଟୀ,୧୦।୧୨.(ଡିଏନ.ଏ): ସାମାନ୍ୟ ଘରୋଇ କଳିରୁ ବେତନଟୀ ଥାନାର କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନରେ ଥିବା ଜାମଶୋଳ ଗ୍ରାମରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତା ମହିଳାଜଣକ ହେଲେ ବାଙ୍ଗାଳୀ ଦେହୁରୀ। ହତ୍ୟାକାଣ୍ଡରେ ସମ୍ପୃକ୍ତ ତାଙ୍କ ସ୍ୱାମୀ ଡାକ୍ତର ଦେହୁରୀ ଫେରାର ଅଛନ୍ତି। ମୃତା ମହିଳାଙ୍କ ପୁତ୍ର ମିଥୁନ ଦେହୁରିଙ୍କ ଅଭିଯୋଗ କ୍ରମେ ସୋମବାର ବେତନଟୀ ଥାନାରେ ଏନେଇ ଏକ ହତ୍ୟା ମାମଲା (ନଂ ୧୭୦/୧୮) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ କୌଣସି ଏକ କଥାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ଝଗଡା ସୃଷ୍ଟି ହୋଇ ଥିଲା । ଫଳରେ ଡାକ୍ତର ଉତ୍‌କ୍ଷିପ୍ତ ହୋଇ ବାଙ୍ଗାଳୀଙ୍କୁ ମାଡ ମାରିଥିଲେ । ଘଟଣାସ୍ଥଳରେ ବାଙ୍ଗାଳୀଙ୍କ ମୃତ୍ୟୁ ହୋଇଥିଲା । ଖବର ପାଇ ବେତନଟୀ ଆଇଆଇସି ଗୋବିନ୍ଦ ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଯାଇଛି।

## ଉଷାଦେବୀ ମେମୋରିଆଲ କ୍ରିକେଟ

# ସୋନପୁର ଫାଇନାଲରେ

ଉଲୁଣ୍ଡା, ୧୦।୧୨ (ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କେସିସି କୁକିଆ ପକ୍ଷରୁ ଆୟୋଜିତ ହେଉଥିବା ଦ୍ୱିତୀୟ ଉଷାଦେବୀ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ଏସଡିସିଏ ସୋନପୁର ଦଳ ଜେସିସି ସିଣ୍ଟୋଳ ଦଳକୁ ୪୦ରନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ପତ୍ରାଗାର୍ଡେନରେ ଖେଳା ଯାଇଥିବା ଏହି ମ୍ୟାଚରେ ସିଣ୍ଟୋଳ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ସୋନପୁର ୨୦ଓଭରରେ ୧୧୭ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ଆକାଶ ପାତ୍ର ୨୬ ଓ ପୁରୁ ପାତ୍ର ୨୨ ରନ କରିଥିଲେ । ଭକ୍ତ ଦେହୁରୀ ୪ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ । ୧୧୮ ରନର ବିଜୟ ଲକ୍ଷ୍ୟ ନେଇ ସିଣ୍ଟୋଳ ଦଳ ଖେଳି ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ତେବେ ସୁଶାନ୍ତ ବେହେରା ୨୭ ବଲରେ ୨୧ରନ କରି ସାମାନ୍ୟ ଲଢ଼େଇ କରିଥିଲେ ବି ସିଣ୍ଟୋଳ ୧୭.୨ ଓଭରରେ ୭୭ ରନ କରି ଅଲଆଉଟ୍ ହୋଇଥିଲା । ସୋନପୁର ପକ୍ଷରୁ ପୁରୁଷୋତ୍ତମ ପାତ୍ର ୪ଟି ଉଇକେଟ ନେଇଥିଲେ । ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବକୁ ଅତିଥି ଭାବରେ ବିସିଏ ସଂଯୋଜକ ଭରୁକ୍ରମ ପାଣ୍ଡିଆ ଯୋଗଦେଇ ସୋନପୁର ଦଳର ପୁରୁଷୋତ୍ତମ ପାତ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚର ପୁରସ୍କାର ଦେଇଥିଲେ। ଖେଳକୁ ଶ୍ୟାମସୁନ୍ଦର ପଣ୍ଡା ଓ ସତ୍ୟନାରାୟଣ ପଧାନ ପରିଚାଳନା କରିଥିଲେ। ସଞ୍ଜୟ ପଟ୍ଟନାୟକ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଆଦର୍ଶ ନାୟକ ସ୍କୋରିଂ କରିଥିଲେ। ମଙ୍ଗଳବାର ଦ୍ୱିତୀୟ ସେମିରେ ବଲାଙ୍ଗୀର ଦଳ ବଡମାଳକୁ ଭେଟିବ।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଗାୟତ୍ରୀ ମହାଯଜ୍ଞ ପ୍ରସ୍ତୁତି ବୈଠକ

**ପଦ୍ମପୁର,୧୦।୧୨(ଡି.ଏନ୍.ଏ.)-** ପଦ୍ମପୁର ବ୍ଲକ ଅଧୀନ ବୁଡାମାଲ ଗାୟତ୍ରୀ ଚେତନା କେନ୍ଦ୍ର ଦିବ୍ୟକୁଞ୍ଜଠାରେ ବ୍ଲକର ସମସ୍ତ ଗାୟତ୍ରୀ ପରିବାରଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ୨୫ରୁ ୨୭ ତାରିଖ ୩ଦିନ ଧରି ବ୍ଲକସ୍ତରୀୟ ଦ୍ୱାଦଶ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ପଦ୍ମପୁର ଦୁର୍ଗାମନ୍ଦିର ପଡ଼ିଆରେ ଅନୁଷ୍ଠିତ ହେବା ନେଇ ପ୍ରସ୍ତାବ ଗ୍ରହଣ କରାଯିବା ସହ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏପରି କି ଯଜ୍ଞକୁ ସଫଳତାର ସହ ସମ୍ପନ୍ନ କରିବା ପାଇଁ ଆଲୋଚନା ହୋଇଥିଲା। ଯଜ୍ଞରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କୁ ଯୋଗଦେବାକୁ ପଦ୍ମପୁର ବ୍ଲକ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

### ପଦ୍ମପୁର ପୋଲିସର ମଦ ଧରପଗଡ଼

**ପଦ୍ମପୁର,୧୦।୧୨(ଡି.ଏନ.ଏ.)-** ପଦ୍ମପୁର ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ନିର୍ଦ୍ଦେଶରେ ଆଇଆଇସି କେ. ପ୍ରିୟଙ୍କା ରାଉତରାୟଙ୍କ ତତ୍ତ୍ୱାବଧାନରେ ପଦ୍ମପୁର ପୋଲିସର ଏକ ଟିମ୍ ବିଭିନ୍ନ ଗ୍ରାମରେ ଚଢ଼ାଉ କରିଥିଲା। ଚଢାଉ ବେଳେ ଅଧିକାରୀମାନେ ବିପୁଳ ପରିମାଣର ମଦ ଜବତ କରିବା ସହ ବେଆଇନ ମଦ କାରବାରରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ବରିକେଲ ଗ୍ରାମର ନକୁଳ ନାଗ ଏବଂ ପଦ୍ମପୁରର କେଶବ ମେହେର। ସେହିପରି ସିଂହନପୁର ଗ୍ରାମରୁ ବିପଳ ପରିମାଣର ଦେଶୀ ରନ୍ଧାମଦ ଜବତ କରାଯାଇଛି। ଜାମିନ ନା ମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଚଢ଼ାଉରେ ପଦ୍ମପୁର ଥାନା ଏସ୍‌ଆଇ ଏସ୍.ଆର୍ ପାତ୍ର, ଏସଆଇ ଟି.ଡି ନାଏକ, ଏଏସ୍‌ଆଇ ପବିତ୍ର ବେହେରା, ହୋମଗାର୍ଡ ଦୀପକ ବେହେରାଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି: ୫୮ ଅଭିଯୋଗ ପଞ୍ଜୀକୃତ

**ଅମ୍ବାଭୋନା,୧୦।୧୨(ଡି.ଏନ.ଏ)-** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ସଭା ଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୮ଟି ବିଭିନ୍ନ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଦିବ୍ୟାଙ୍ଗ ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ମୋ ଗୁହାଳ ଯୋଜନା, ବିଜୁ ପକ୍କା ଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହୋଇଥିବା ଅନିୟମିତତା ସଂକ୍ରାନ୍ତରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସେହିପରି ଅଞ୍ଚଳରେ ବେଆଇନ ଭାବେ ଚିପ୍ସ, ମେଟାଲ, ବାଲି ଚୋରା ଚାଲାଣ ସହ ଇଟା ନିର୍ମାଣ ଏବଂ କୁମ୍ଭୋସ୍ଥିତ ପଥର ଖାଦାନରୁ ପଥର ଚାଲାଣ ହେଉଥିବା ନେଇ ଜନସାଧାରଣ ଅଭିଯୋଗ କରିଥିଲେ। ଏପରିକି ଭୁକ୍ତାଠାରେ ନେଇ ଏକ ଫାଣ୍ଡି ପ୍ରତିଷ୍ଠା ନେଇ ଦାବି କରାଯାଇଥିଲା। ଏହି ଅବସରରେ ସଚେତନ ନାଗରିକମାନେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସଂକ୍ରାନ୍ତରେ କୌଣସି ସୂଚନା କିମ୍ବା ପ୍ରଚାର ପ୍ରସାର କରାଯାଉ ନ ଥିବା ଅଭିଯୋଗ କରିଥିଲେ। ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ଶିବିରରେ କୁହାଯାଇଥିଲା। ଏଥିରେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ତହସିଲଦାର ସଦାକର କୁମ୍ଭାର, ବ୍ଲକ ଅଧକ୍ଷା ନୀଳକୁମାରୀ ନାୟକ, ଅମ୍ବାଭୋନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଲଫ୍ରାନ୍ସ ବିଲୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ସରପଞ୍ଚ, ଜନପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

### ସଚେତନତା ମାଧମରେ କ୍ୟାନସରକୁ ରୋକାଯାଇ ପାରିବ

**ବରଗଡ଼ ଅଫିସ୍,୧୦।୧୨:** ବରଗଡ଼ ମହିଳା କଲେଜରେ ସୋମବାର କ୍ୟାନସର ଉପରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏହି ସେମିନାରରେ କ୍ୟାନସର ବିଶେଷଜ୍ଞ ଡା. ଦିଲୀପ କର ଯୋଗଦେଇ ଥିଲେ। ସଚେତନତା ମାଧମରେ କ୍ୟାନସରକୁ ରୋକାଯାଇ ପାରିବ ବୋଲି ସେ ମତପ୍ରକାଶ କରିଥିଲେ। କଲେଜ ଅଧକ୍ଷ ଉତ୍ତମ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସେମିନାରରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା, ଜୟପ୍ରକାଶ ଶତପଥୀ, ସର୍ବେଶ୍ୱର ତ୍ରିପାଠୀ, ଡ. ରୀନା ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ସର୍ବେଶ୍ୱର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ଗର୍ଜିଲେ ଭୂମିହୀନ

**ବରଗଡ଼ ଅଫିସ୍,୧୦।୧୨**




ବରଗଡ଼ ଜିଲାପାଳ ଅଫିସ ଆଗରେ ଭୂମିହୀନଙ୍କ ବିକ୍ଷୋଭ ।



ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା ।

- ବିଶାଳ ରାଲିରେ ଭୂମିହୀନଙ୍କ ସହର ପରିକ୍ରମା
- ବିକ୍ଷୋଭସ୍ଥଳୀରେ ଗାଇଲେ ସଂଗ୍ରାମୀ ଗୀତ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ
- ମାର୍ଚ୍ଚ ସୁଦ୍ଧା ଜମିପଟ୍ଟା ନେଇ ମିଳିଲା ପ୍ରତିଶ୍ରୁତି

ଭୂମି ନାହିଁ ତ ଭୋଟ୍ ନାହିଁ, ସ୍ଥାୟୀ ଜମିପଟ୍ଟା ଆମର ଦାବି, ଏଭଳି ନାରାବାଜି କରି ସୋମବାର ସ୍ଥାନୀୟ ଜୟ କୋଶଲ ଭୂମିହୀନ ସଂଗ୍ରାମ ସମିତି ପକ୍ଷରୁ ସୋମବାର ବରଗଡ଼ ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏପରି କି ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଥିଲା। ଜିଲାପାଳ ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝି ସ୍ମାରକପତ୍ର ଗ୍ରହଣ କରିଥିଲେ। ଭୂମିହୀନ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ୫ହଜାରରୁ ଊର୍ଦ୍ଧ୍ୱ ଭୂମିହୀନ ଚିହ୍ନଟ ହୋଇ ସାରିଛନ୍ତି ଏବଂ ଯେଉଁ ଭୂମିହୀନଙ୍କ ବାର୍ଷିକ ଆୟ ୬୦ହଜାରୁ କମ୍ ରହିଛି, ସେମାନଙ୍କୁ ଆସନ୍ତା ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ଜମିପଟ୍ଟା ପ୍ରଦାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ମାଝି କହିଥିଲେ। ସେହିପରି ଯେଉଁଠାରେ ସରକାରୀ ଜମି ନାହିଁ, ସେଠାରେ ସରକାର ଜମି କିଣି ଭୂମିହୀନଙ୍କୁ ଯୋଗାଇଦେବା ପାଇଁ ମଧ୍ୟ ନିଷ୍ପତ୍ତି ନେଇଥିବା ସେ ପ୍ରକାଶ କରିଥିଲେ। ଏହାପରେ ଭୂମିହୀନମାନେ ଆନ୍ଦୋଳନରୁ ଓହରିଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ବରଗଡ଼ ସହର ସମେତ ଆଖପାଖ ଗ୍ରାମର ଶତାଧିକ ଭୂମିହୀନ ମହିଳା, ପୁରୁଷ ପିଲାଛୁଆଙ୍କୁ ଧରି ସ୍ଥାନୀୟ ଗଣେଶରାମ ଭବନରେ ସମବେତ ହୋଇଥିଲେ। ସ୍ଥାୟୀ ଜମିପଟ୍ଟା ଦାବି ନେଇ ହାତରେ ବିଭିନ୍ନ ପ୍ଲାକାର୍ଡ଼ ଧରି ସେଠାରୁ ଏକ ବିଶାଳ ରାଲିରେ ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ, ଜୟ କୋସଲ ଭୂମିହୀନ ସଂଗ୍ରାମ ସମିତି ଆବାହକ ଭବାନୀ ପ୍ରସାଦ ସାହୁ, ଜୟ କିଷାନ ଆନ୍ଦୋଳନର ଆବାହକ ରମେଶ ମହାପାତ୍ର, ସାମାଜିକ କର୍ମୀ ଅମିତାଭ ପାତ୍ର, ଶୁଦ୍ରମୁକ୍ତି ଅଭିଯାନର ଆବାହକ ପବିତ୍ର ଦେହେରୀ, ବୀର ବିର୍ସାମୁଣ୍ଡା ସଂଘର୍ଷ ବାହିନୀ ସଭାନେତ୍ରୀ ମେରିୟମ ବାର୍ଲା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଉଦବୋଧନସ୍ଥଳୀରେ ସଂଗ୍ରାମୀ ଗୀତ ଗାନ କରାଯାଇଥିଲା । ପରେ ଅତିରିକ୍ତ ଜିଲାପାଳ ମାଝି ପହଞ୍ଚି ସ୍ମାରକପତ୍ର ଗ୍ରହଣ କରିବା ସହିତ ଭୂମିହୀନଙ୍କୁ ଜମିପଟ୍ଟା ଦେବା ପାଇଁ ସରକାର ନେଉଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ଏଥିରେ ଡକ୍ଟର ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ସମେତ ବିଭିନ୍ନ ଦଳିତ ଓ ଭିନ୍ନକ୍ଷମ ସଂଗଠନ ମଧ୍ୟ ସାମିଲ ହୋଇଥିଲେ।

## ଦୁର୍ନୀତି ବିରୋଧରେ ଭାଜପା ଯୁବ ମୋର୍ଚ୍ଚାର ଧାରଣା

**ପଦ୍ମପୁର,୧୦।୧୨(ଡି.ଏନ.ଏ.)** ଦୁର୍ନୀତି ବିରୋଧରେ ପଦ୍ମପୁର ଭାଜପା ଯୁବ ମୋର୍ଚ୍ଚା ଶାଖା ପକ୍ଷରୁ ପଦ୍ମପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଫିସ ସମ୍ମୁଖରେ ସୋମବାର ଧାରଣା ଦିଆଯାଇଥିଲା। ବରଗଡ଼ ଜିଲା ଯୁବମୋର୍ଚ୍ଚା ସଭାପତି ପ୍ରିତେଶ କୁମାର ବହିଦାରଙ୍କ ନେତୃତ୍ୱରେ କର୍ମକର୍ତ୍ତା ଦଳୀୟ କାର୍ଯ୍ୟାଳୟରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ କ୍ଷୁଦ୍ର ଜଳସେଚନ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଭାଜପା କର୍ମକର୍ତ୍ତାମାନେ ରାଜ୍ୟ ସରକାର ଏବଂ ପିସି କାରବାରରେ ସମ୍ପୃକ୍ତ ଥିବା ବିଭାଗୀୟ ଅଧିକାରୀଙ୍କୁ କଟୁ ସମାଲୋଚନା କରିଥିଲେ। ଏଥିରେ ପଦ୍ମପୁର ନଗର ସଭାପତି ପ୍ରମୋଦ ମେହେର, ସୁନୀଲ କୁମାର ଅଗ୍ରୱାଲ, ଅଶୋକ ମିଶ୍ର, ଟିନୁ ପୁରୋହିତ, ବାବୁଲୁ ଭୋଇ, କୁନାଲ, ଅମିତ ପ୍ରମୁଖ ସାମିଲ ଥିଲେ ।

## ଜୀବନବିନ୍ଦୁ, ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ :୧୦୬ ୟୁନିଟ ରକ୍ତ ସଂଗୃହୀତ

**ଭଟଲି,୧୦।୧୨(ଡି.ଏନ୍.ଏ.)** ବରଗଡ଼ ଜିଲା ଭଟଲି ବ୍ଲକ କେଶାଇପାଲି କଲ୍ୟାଣ ମଣ୍ଡପ ପରିସରରେ ବିଜୁ ଯୁବବାହିନୀ ଆନୁକୂଲ୍ୟରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଜିଲା ସଂଯୋଜକ ଅଶ୍ୱିନୀ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୦୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବୁର୍ଲା ସୁରେନ୍ଦ୍ର ସାଏ ମେଡିକାଲ କଲେଜ ବ୍ଲଡ୍ ବ୍ୟାଙ୍କର ଡା. ସତ୍ୟବ୍ରତ ପାଟଯୋଶୀ, ମଞ୍ଜୁ ପଧାନ, ଦେବାଶିଷ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।



ରକ୍ତଦାନ ଶିବିରରେ ମନ୍ତ୍ରୀଙ୍କ ସହ ଅନ୍ୟମାନେ।

ସେହିପରି ଗ୍ରାମରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମନ୍ତ୍ରୀ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଭଟଲି ବିଡିଓ ଧୀରେନ୍ଦ୍ର କୁମାର ସେଠୀ, ବରଗଡ଼ ଆର୍‌ସିଏମଏସ୍ ସଭାପତି ହେମନ୍ତ ପଣ୍ଡା, ଭଟଲି ବ୍ଲକ ଉପାଧକ୍ଷ ମଦନ ସାହୁ, ସ୍ଥାନୀୟ ସରପଞ୍ଚ ଅଲିଭା ସାହୁ, ଲୋକନାଥ ସାହୁ, କଳ୍ପନା ବଡ଼ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ତଥା ନାଟ୍ୟକାର ଚୂଡ଼ାମଣି ରଥ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଗ୍ରାମର ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମନ୍ତ୍ରୀ ସିଂ ଆମ ଗାଁ ଆମ ବିକାଶ ଯୋଜନାରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।

## ବାଲେଶ୍ୱରଡିହିରେ କ୍ଲଷ୍ଟରସ୍ତରୀୟ ବିଜ୍ଞାନମେଳା

**ସୋହେଲା,୧୦।୧୨(ଡି.ଏନ୍.ଏ.)** ବରଗଡ଼ ଜିଲା ସୋହେଲା ବ୍ଲକ ବାଲେଶ୍ୱରଡିହି ପ୍ରାଥମିକ ବିଦ୍ୟାଳୟରେ ସୋମବାର କ୍ଲଷ୍ଟରସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଶିକ୍ଷକ ରାମଚନ୍ଦ୍ର ମହାମଲ୍ଲିକ, ବିରାଟ ପଧାନ ଏବଂ ସମୀର ବେହେରା ଦାୟିତ୍ୱ ସମ୍ପାଦନ କରିଥିଲେ। ସିନିୟର ବିଭାଗରେ ପଣ୍ଡକିପାଲି ସ୍କୁଲର କୌଶଳ ଭୋଇ ପ୍ରଥମ, କୁଦୋପାଲି ୟୁଜିୟୁପି ସ୍କୁଲର ରାହୁଲ ସା ଦ୍ୱିତୀୟ ଏବଂ ନେଗିମୁଣ୍ଡା ପିୟୁପିଏସ୍ ସ୍କୁଲର ତୃପ୍ତିମୟୀ ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଜୁନିୟର ବିଭାଗରେ ବାଲେଶ୍ୱରଡିହି ପ୍ରାଥମିକ ବିଦ୍ୟାଳୟର ଅନୀତା ତାଣ୍ଡି ପ୍ରଥମ, ଗୁପ୍ତେଶ୍ୱର ଗଡତିଆ ଦ୍ୱିତୀୟ ଏବଂ ପଣ୍ଡକିପାଲି ପ୍ରାଥମିକ ବିଦ୍ୟାଳୟର ଖୁସୀ ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ରାଜକୁମାର ଭୋଇଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଯୋଗଦାନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବାଉଁସେନମୁରା କ୍ଲଷ୍ଟର ସିଆର୍‌ସିସି ସଦାନନ୍ଦ ଭୋଇ ସଭା କାର୍ଯ୍ୟ ସଞ୍ଚାଳନ କରିଥିଲେ। ପଣ୍ଡକିପାଲି ସିଆର୍‌ସିସି ନିରଞ୍ଜନ ବରିହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ବାଲେଶ୍ୱରଡିହି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଂସାର ସାହୁଙ୍କ ସୁପରିଚାଳନାରେ ଅନୁଷ୍ଠିତ ବିଜ୍ଞାନ ମେଳାରେ କନାପାଲି କ୍ଲଷ୍ଟର ସିଆର୍‌ସିସି ଅରୁଣ କୁମାର ସାହୁ, ସୋହେଲା କ୍ଲଷ୍ଟର ସିଆର୍‌ସିସି ଆଶିଷ ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ।

### କ୍ୟାନସର ହସ୍ପିଟାଲ ଦାବି
## ଆଜି ଟୋଲଗେଟ୍‌ରେ ଚକାଜାମ୍

**ବରଗଡ଼ ଅଫିସ୍,୧୦।୧୨** ବରଗଡ଼ ଜିଲାରେ କ୍ୟାନସର ହସ୍ପିଟାଲ ଦାବି ନେଇ ଆନ୍ଦୋଳନ ଜୋର ଧରିଛି। ଏହି କ୍ରମରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବରଗଡ଼ ସହର ଉପକଣ୍ଠ ଟୋଲଗେଟ୍‌ଠାରେ ୫ଘଣ୍ଟିଆ ଚକାଜାମ୍ ଆନ୍ଦୋଳନ କରାଯିବ ବୋଲି ଡାକରା ଦିଆଯାଇଛି । ୟୁନାଇଟେଡ୍ ଫୋରମ ଫର୍ କ୍ୟାନସର ହସ୍ପିଟାଲ ପକ୍ଷରୁ ଦିଆଯାଇଥିବା ଏହି ଡାକରାକୁ ବିଭିନ୍ନ ସାମାଜିକ, ରାଜନୈତିକ ଅନୁଷ୍ଠାନ ସମର୍ଥନ କରୁଛନ୍ତି। ଏହି ଆନ୍ଦୋଳନ ପ୍ରତି ସମର୍ଥନ ରହିଥିବା ନେଇ ପୂର୍ବତନ କଂଗ୍ରେସ ବିଧାୟକ ସାଧୁ ନେପାକ, ଭାଜପା ଜିଲା ସଭାପତି ଡା.ଅରୂପାନନ୍ଦ ସାହୁ, ସାମାଜିକ ସଂଗଠନ ଚେତନାର ସଭାପତି ଉମାବଲ୍ଲଭ ମିଶ୍ର, କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ପୁରୋହିତ, ବରଗଡ଼ ସାମ୍ବାଦିକ ସଂଘ ସଭାପତି ଶଙ୍କର ବଲ୍ଲଭ ମିଶ୍ର, ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ ବରଗଡ଼(ଜାବ୍)ର ସଭାପତି ରବି ନାରାୟଣ ପଣ୍ଡା ପ୍ରମୁଖ ପୃଥକ ବିବୃତିରେ ଜଣାଇଛନ୍ତି।

## ଖ୍ରୀଷ୍ଟିୟାନ କାଉନସିଲର କେରଲ ଉତ୍ସବ




କେରଲ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ ।

**ବରଗଡ଼ ଅଫିସ୍,୧୦।୧୨** ବରଗଡ଼ ଜିଲା ଖ୍ରୀଷ୍ଟିୟାନ କାଉନସିଲ ଦ୍ୱାରା ଖ୍ରୀଷ୍ଟମାସ କେରଲ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲା ସମ୍ପାଦକ ଜନ ନିଉଟନ ସିଂଙ୍କ ଅଧକ୍ଷତାରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟସଭା ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ । ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଉତ୍କଳ ପ୍ରଦେଶ ମାରୱାଡ଼ି ଯୁବାମଞ୍ଚର ପୂର୍ବତନ ରାଜ୍ୟ ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ, ଡ. ବିଜୟ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ବାଙ୍ଗାଲୋରରୁ ଆସିଥିବା ରେଭ୍ ଡକ୍ଟର ଜେନିସ୍ ଥମାସ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। କୁମୋଦିନୀ ବାଗଙ୍କ ପ୍ରାର୍ଥନା ପରେ ଅତିଥିମାନେ ନିଜ ବକ୍ତବ୍ୟ ରଖି ଆୟୋଜକଙ୍କୁ ଉତ୍ସାହିତ କରିଥିଲେ । ଜିଲା ସଭାପତି ଚନ୍ଦ୍ରଶେଖର ବାଗ ସମସ୍ତଙ୍କୁ ଆସନ୍ତା ବଡ଼ଦିନର ଶୁଭେଚ୍ଛା ଓ ନୂତନବର୍ଷର ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଉପସଭାପତି ପାଷ୍ଟର ବେଞ୍ଜାମିନ ନନ୍ଦ, କାର୍ଯ୍ୟକାରୀ ସଭାପତି ଜୟଲାଲ ମାଝି, ସହସମ୍ପାଦକ ଚନ୍ଦ୍ରମଣି ତାଣ୍ଡି, ପାଷ୍ଟର ପୁରନ୍ଦର ନାଏକ, ପାଷ୍ଟର ଇସାହକ ନନ୍ଦ, ସୁନିଳ ତାଣ୍ଡି, ଉପେନ୍ଦ୍ର ନନ୍ଦ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ବେଞ୍ଜାମିନ ରାଉତ, ପ୍ରଦୀପ ଚନ୍ଦ୍ର ଦାଶ, ପ୍ରତାପ ଚନ୍ଦ୍ର ଦାଶ, ଶିମୋନ ସିଂହ, ୱାଶିଂଟନ ସିଂ, ଉଦୟନ ସାହୁ, ସାମୁଏଲ ରାଉତ୍ ପ୍ରମୁଖ ସହଯୋଗ କରିଥିଲେ । ଜନ ନିଉଟନ ସିଂ ଧନ୍ୟବାଦ ଅର୍ପଣକରିଥିଲେ ।

### ବେଆଇନ ଗୋରୁ ଚାଲାଣ
## କଣ୍ଟେନରରୁ ୨୭ବଳଦ ଉଦ୍ଧାର, ୪ଗିରଫ

**ସୋହେଲା,୧୦।୧୨(ଡି.ଏନ୍.ଏ.)** ବରଗଡ଼ ଜିଲା ସୋହେଲା ଥାନା ପୋଲିସ ବେଆଇନ ଗୋରୁଚାଲାଣ କରୁଥିବା ଅଭିଯୋଗରେ ୪ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଏପରି କି ପୋଲିସ ଗୋରୁ ଚାଲାଣ ହେଉଥିବା ଏକ କଣ୍ଟେନର ଜବତ କରିବା ସହିତ ୨୭ଟିବଳଦକୁ ଉଦ୍ଧାର କରି ପ୍ରାଣୀଧନ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା କରିବା ପରେ ସ୍ଥାନୀୟ ଗୋଶାଳାରେ ଜିମା ଦେଇଛି। ସୋହେଲା ଥାନା ଆଇଆଇସି ନିର୍ମଳ କୁମାର ମହାପାତ୍ରଙ୍କ କହିବା ମୁତାବକ, ରବିବାର ରାତି ପ୍ରାୟ ୧୦ଟା ବେଳେ ପଦ୍ମପୁର ଛକରେ ଏକ କଣ୍ଟେନର(ନଂ.ଡବ୍ଲୁବିଏମ୍‌ଡି-୫୭୪୨)ରେ ବେଆଇନ ଭାବେ ଗୋରୁ ଚାଲାଣ କରାଯାଉଥିବା ସ୍ଥାନୀୟ ଯୁବକମାନେ ଜାଣିବାକୁ ପାଇଥିଲେ। ଏନେଇ କଣ୍ଟେନରକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ସୋହେଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ପଚରାଉଚୁରା କରିଥିଲା। ହେଲେ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଗାଡିକୁ ଥାନାକୁ ଜଣାଯାଇଥିଲା। ଥାନାରେ ପୋଲିସ ଅଧିକାରୀମାନେ ଯାଞ୍ଚ ବେଳେ କଣ୍ଟେନରରୁ ଅସୁରକ୍ଷିତ ଭାବେ ୨୭ଟି ବଳଦ ଉଦ୍ଧାର କରିଥିଲେ। ବେଆଇନ ଭାବେ ଗୋରୁ ଚାଲାଣ ଅଭିଯୋଗରେ ପଶ୍ଚିମବଙ୍ଗର ଝାଡଗ୍ରାମ ଜିଲା ବଲିଆବେଡା ଥାନା ଅସ୍କୋଲା ଗ୍ରାମର ଦୁଖୀରାମ ବାଗ(୨୭), ସେହି ଗ୍ରାମର ପରିମଳ ସାଛରା (୩୬), ବୀରଭୂମ ଜିଲା ନଲହାଟି ଥାନା ଲାହାପୁର ଗ୍ରାମର ସୈଫୁଲ ସେକ୍ (୩୫) ଏବଂ ସୋହେଲା ଥାନା ବାଇପାଲି ଗ୍ରାମର କାମଦେବ ନାୟକଙ୍କୁ ଗିରଫ କରିଥିଲା। ଏନେଇ ସୋହେଲା ଥାନା ପୋଲିସ ଦଫା ୩୭୯, ୪୧୧, ୩୪ ଏବଂ ପ୍ରାଣୀ ନିର୍ଯାତନା ନିରାକରଣ ଆଇନର ୧୯୬୦ ଧାରା ୧୧ ଏବଂ ଓଡ଼ିଶା ଗୋହତ୍ୟା ନିରାକରଣ ଆଇନର ଧାରା ୭ ଅନୁସାରେ ଏକ ମାମଲା(ନଂ.୨୧୪/୧୮) ରୁଜୁ କରି ଅଭିଯୁକ୍ତମାନଙ୍କୁ ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ଏହି ବଳଦମାନଙ୍କୁ ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମ ତଥା ଗୋରୁ ବଜାରରୁ ସଂଗ୍ରହ କରି ପଶ୍ଚିମବଙ୍ଗ ଚାଲାଣ କରୁଥିବା ପୋଲିସ ପ୍ରକାଶ କରିଛନ୍ତି। ଦୀର୍ଘ ଦିନ ହେଲା ଅଞ୍ଚଳରୁ ଗୋ ଚାଲାଣ ହେଉଥିବା ବେଳେ ଜିଲା ତଥା ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟବସାୟୀ ଏଥିରେ ସମ୍ପୃକ୍ତ ରହୁଥିବା ଚର୍ଚ୍ଚା ହେଉଛି। ପୋଲିସ ସେମାନଙ୍କୁ ଧରିବା ନେଇ ଅଧିକ ତଦନ୍ତ ଚଳାଇଛି।



ଗୋ ଚାଲାଣରେ ବ୍ୟବହୃତ ଜବତ କଣ୍ଟେନର।

## ବରଗଡ଼ରେ ମାନବ ଅଧିକାର ଦିବସ

**ବରଗଡ଼ ଅଫିସ୍,୧୦।୧୨** ବରଗଡ଼ର ବିକାଶ ଡିଗ୍ରୀ କଲେଜରେ ମାନବ ଅଧିକାର ଦିବସ ପାଳିତ ହୋଇଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ସୁରେଶ ଚନ୍ଦ୍ର ପଟେଲ ଯୋଗଦେଇ ମାନବ ଅଧିକାରର ପ୍ରାସଙ୍ଗିକତା ଏବଂ ଏହାର ଉପଯୋଗୀତା ଉପରେ ବକ୍ତବ୍ୟ ରଖିଥିଲେ । ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ଡାଇରେକ୍ଟର(ଏଡ୍‌ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ମାନବ ଅଧିକାରର ସାମ୍ପ୍ରତିକ ଗତି ଏବଂ ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା ମାନବ ଅଧିକାର ପରିବର୍ତ୍ତନଶୀଳତା ଉପରେ ଆଲୋକପାତ କରିଥିଲେ । ସେହିପରି ଛାତ୍ରୀଛାତ୍ର ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟର ଅଧକ୍ଷ ଡ. କ୍ଷୀରୋଦ କୁମାର ପ୍ରଧାନ, ବିକାଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧକ୍ଷ ଇଂ ଅଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୁରଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲା ଆଇନସେବା ପ୍ରାଧିକରଣ, ବରଗଡ଼ ଆନୁକୂଲ୍ୟରେ ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜରେ ମଧ୍ୟ ମାନବ ଅଧିକାର ଦିବସ ପାଳିତ ହୋଇଥିଲା । ଏଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ବରଗଡ଼ କୋର୍ଟର ପରିବାର ବିଚାରପତି ଅଶ୍ୱିନୀ କୁମାର ନାୟକ, ବରଗଡ଼ ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁବ୍ରତ ଆଚାର୍ଯ୍ୟ, ଜୁଡ଼ିସିଆଲ ପ୍ରୋବେଶନ ଅଫିସର ଏନ୍.କେ ସାହୁ, ଡିଏସ୍‌ପି ଏନ୍.ପି ନାୟକ, ଟ୍ରଷ୍ଟଫଣ୍ଡ ଜୁନିୟର କଲେଜର ଅଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ଟ୍ରଷ୍ଟଫଣ୍ଡ ଡିଗ୍ରୀ କଲେଜର ଅଧକ୍ଷ ସରୋଜ କୁମାର ଦେବତା ପ୍ରମୁଖ ଯୋଗଦେଇ ମାନବ ଅଧିକାର ଦିବସ ଉପରେ ବୁଝାଇଥିଲେ। ଶିବିର ପରିଚାଳନାରେ ଟ୍ରଷ୍ଟଫଣ୍ଡ ଡିଗ୍ରୀ କଲେଜର ଛାତ୍ରୀଛାତ୍ର, କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।



ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ୧୪ରୁ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ବୌଦ୍ଧ,୧୦।୧୨(ସ୍ୱ.ପ୍ର.)

ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଡିସେମ୍ବର ୧୪ ଓ ୧୫ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମଥର ଜିଲା ସଦର ମହକୁମା ପରିବର୍ତ୍ତେ ସରସରା ହାଇସ୍କୁଲ ଖେଳପଡ଼ିଆରେ ଏହି କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେବ। ୧୪, ୧୬, ୧୮ ଓ ୨୦ ବର୍ଷ ବୟସ ବର୍ଗର ବାଳିକା ବାଳକଙ୍କୁ ନେଇ ପ୍ରତିଯୋଗିତା କରାଯିବ। ଆଗ୍ରହୀ କ୍ରୀଡ଼ା ଓ ଶିକ୍ଷା ଅନୁଷ୍ଠାନର କ୍ରୀଡ଼ାବିତ୍‌ମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଇଚ୍ଛୁକ ଖେଳାଳିମାନେ ସେମାନଙ୍କ ବୟସ ପ୍ରମାଣପତ୍ର ଓ ଆଧାରକାର୍ଡ ନକଲ ପ୍ରବେଶିକା ଫର୍ମରେ ସଂଲଗ୍ନ କରି ଖେଳପଡ଼ିଆରେ ଦାଖଲ କରିବାକୁ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ରାଉତ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ପ୍ରତ୍ୟେକ ଖେଳାଳି କେବଳ ଦୁଇଟି ଖେଳରେ ଅଂଶଗ୍ରହଣ କରିପାରିବେ। କୃତୀ ଖେଳାଳି ରାଜ୍ୟସ୍ତରୀୟ କ୍ରୀଡ଼ାରେ ଜିଲାକୁ ପ୍ରତିନିଧିତ୍ୱ କରିବେ ବୋଲି ସାଧାରଣ ସମ୍ପାଦକ ରାଉତ ସୂଚନା ଦେଇଛନ୍ତି।

### ନିଶାସେବନ କାଳ ହେଲା: ସହକାରୀ ଶିକ୍ଷକ ନିଲମ୍ବିତ

ଭେଡ଼େନ,୧୦।୧୨(ଡି.ଏନ.ଏ)-

ବରଗଡ଼ର ଜିଲା ଭେଡ଼େନ ବ୍ଲକ ଅଧୀନ ମର୍ଦ୍ଦାପାଲି ପ୍ରାଥମିକ ସ୍କୁଲରେ କାର୍ଯ୍ୟରତ ସହକାରୀ ଶିକ୍ଷକ ଲଲାଟେନ୍ଦୁ ମୋହନଲାଲ ଛୁରିଆଙ୍କୁ ସୋମବାର କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ଜିଲା ଶିକ୍ଷା ଅଧିକାରୀଙ୍କ ପତ୍ରସଂଖ୍ୟା-୧୩୨୯୯ ତା,୧୦।୧୨।୨୦୧୮ କ୍ରମେ ତାଙ୍କୁ ନିଲମ୍ବନ କରାଯାଇଛି । କାର୍ଯ୍ୟରେ ଅବହେଳା ଏବଂ ବିଶୃଙ୍ଖଳିତ ଆଚରଣ ଯୋଗୁ ତାଙ୍କ ବିରୋଧରେ ସେଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିଛି। ନିଲମ୍ବନ ସମୟରେ ଛାଲୁକୁଲୁଣ୍ଡା ପ୍ରାଥମିକ ସ୍କୁଲରେ ନିୟମିତ ଉପସ୍ଥାନ ଦେବା ପାଇଁ ତାଙ୍କୁ ନିର୍ଦ୍ଦେଶ ରହିଛି । ପ୍ରକାଶ ଥାଉକି, ଗତ କିଛିଦିନ ହେଲା ସ୍କୁଲରେ ଡ୍ୟୁଟି ସମୟରେ ନିଶାଗ୍ରସ୍ତ ଅବସ୍ଥାରେ ଥିବା ବେଳେ ଶିକ୍ଷକ ଛୁରିଆଙ୍କ ଏକ ଭିଡ଼ିଓ କ୍ଲିପିଂ ଭାଇରାଲ ହୋଇଥିଲା ଏବଂ ଏହା ତାଙ୍କ ପାଇଁ କାଳ ସାଜିଥିଲା।

---

ବୌଦ୍ଧ ଧନୁଯାତ୍ରା ଓ କଂସବଧ ନାଟ୍ୟ ମହୋତ୍ସବ ଉଦ୍‌ଘାଟିତ

# ଜନ୍ମ ନେଲେ ଭଗବାନ ଶ୍ରୀକୃଷ୍ଣ

ବୌଦ୍ଧ,୧୦।୧୨(ସ୍ୱ.ପ୍ର.)

ବୌଦ୍ଧର ପ୍ରସିଦ୍ଧ ଧନୁଯାତ୍ରା ଓ କଂସ ବଧ ନାଟ୍ୟ ମହୋତ୍ସବ ସୋମବାର ଭୈରବୀ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ସାଂସ୍କୃତିକ ଅନୁଷ୍ଠାନ ମଦନ ମୋହନ ନାଟ୍ୟ କଳା ପରିଷଦ ପକ୍ଷରୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଏହି ଧନୁଯାତ୍ରା ଅନୁଷ୍ଠିତ ହେବ। ବୌଦ୍ଧର ଜଣାଶୁଣା ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚିତ ଓ ଦେବାଙ୍ଗନ ମେହେରଙ୍କ ନିର୍ଦ୍ଦେଶନାରେ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ନାଟକ ଶୈଳୀରେ ପ୍ରତ୍ୟେକ ସନ୍ଧ୍ୟା ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ପରିବେଷଣ କରାଯିବ। ୮ ଦିନ ବୌଦ୍ଧ ସହର ଧରି ମଥୁରା ନଗରୀ ପାଲଟିବ। ଏଥିପାଇଁ ସହରରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଏହି ଯାତ୍ରା ସମୟରେ ସହରବାସୀଙ୍କୁ ନାଟକର ଭାବଧାରାରେ ବାନ୍ଧି ରଖିବା ପାଇଁ ବିଭିନ୍ନ ଛକରେ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇଛି। ଯାତ୍ରା ପଡ଼ିଆରେ ନାଟକର କଥାବସ୍ତୁରେ ଦର୍ଶକଙ୍କୁ ବାନ୍ଧି ରଖିବା ପାଇଁ ଆୟୋଜକ କମିଟି ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଯାତ୍ରାର ପ୍ରଥମ ଦିବସରେ ନାଟକ ଧର୍ମ ସଂସ୍ଥାପନାର୍ଥାୟ ମଞ୍ଚସ୍ଥ ହୋଇଛି। ନାଟକର କଥାବସ୍ତୁ ଅନୁଯାୟୀ ଭଗବାନ ଶ୍ରୀରାମ ଦେହତ୍ୟାଗ କରି ବୈକୁଣ୍ଠ ଯିବା ପରେ ପୁଣି ଦ୍ୱାପର ଯୁଗରେ ମର୍ତ୍ତ୍ୟରେ ଧର୍ମ ସଂସ୍ଥାପନ ପାଇଁ ଶ୍ରୀକୃଷ୍ଣଙ୍କ ରୂପରେ ଜନ୍ମ ନେଇଛନ୍ତି। କଂସ ଜନ୍ମ ଓ ଦିଗ୍‌ବିଜୟ ଯାତ୍ରା, ବସୁଦେବ ଓ ଦେବକୀଙ୍କ ବିବାହ ପରେ କାରାଗାରରେ ବନ୍ଦୀ କରାଇବା ପର୍ଯ୍ୟନ୍ତ ନାଟକର ବିଷୟବସ୍ତୁ ରହିଛି। ଚଳିତବର୍ଷ ମଧ୍ୟ ଯାତ୍ରା ପଡ଼ିଆରେ ମିନାବଜାର ଓ ବାଣିଜ୍ୟ ମେଳା ଅନୁଷ୍ଠିତ ହେଉଛି। ବାଣିଜ୍ୟ ମେଳା ଷ୍ଟଲରେ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଘରକରଣା ସାମଗ୍ରୀ ସହ ବିଭିନ୍ନ ଅଞ୍ଚଳର ହସ୍ତକଳା ସ୍ଥାନ ପାଇଛି। ଆଜିର ନାଟକରେ ପ୍ରମୁଖ ଭୂମିକାରେ ରୁଦ୍ରମାଧବ ଭୋଇ, ଲୋକନାଥ ମେହେର, ଆନନ୍ଦ ସିଂ, ମାନସ ସେଠୀ, ପୀତବାସ ମେହେର ଓ ବାବୁଲାଲ ପ୍ରଧାନ ଅଂଶଗ୍ରହଣ କରିଥିଲେ।

# ଦୁର୍ନୀତି ବିରୋଧରେ ଯୁବମୋର୍ଚ୍ଚାର ବିକ୍ଷୋଭ

ବୌଦ୍ଧ,୧୦।୧୨(ସ୍ୱ.ପ୍ର.)




ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବୌଦ୍ଧ ଜିଲାରେ କର୍ମସଂସ୍ଥାନ ଅଭାବରୁ ବେକାରୀ ସମସ୍ୟା ବୃଦ୍ଧି ପାଇ ଚାଲିଛି। ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ପିସି କାରବାର ଓ ଦୁର୍ନୀତି ଚରମ ସୀମାରେ ପହଞ୍ଚିଲାଣି। ଏହାକୁ ବିରୋଧ କରି ସୋମବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ଓ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯୁବମୋର୍ଚ୍ଚା ସଭାପତି ସୁଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ କର୍ମୀମାନେ ଏହି ଦୁଇ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ସରକାରଙ୍କ ଠିକାଦାର ପ୍ରୀତି ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଚାଲିଥିବା ଅଭିଯୋଗ କରିଥିଲେ। ଅଧିକାରୀମାନେ ସରକାରୀ ଦଳର ହାତବାରିସୀ ହୋଇ କାର୍ଯ୍ୟ କରିବା ସହ ଦୁର୍ନୀତିରେ ସାମିଲ ହୋଇଥିବା ଅଭିଯୋଗ କରିଥିଲେ। ଉନ୍ନୟନ କାର୍ଯ୍ୟର ହିସାବ ଦିଅ ନଚେତ ଆଗାମୀ ଦିନରେ କାର୍ଯ୍ୟାଳୟରେ ତାଲା ପକାଇ ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଏହି ବିକ୍ଷୋଭ ସମାବେଶରେ ଜିଲା ଭାଜପା ସଭାପତି ସୌମିତ୍ରୀ ନାୟକ, ସାଧାରଣ ସମ୍ପାଦକ ବିପ୍ରଚରରଣ ମହାନ୍ତି, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ମନୋରଞ୍ଜନ ଦାଶ, କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ସୂର୍ଯ୍ୟ ନାରାୟଣ ମହାପାତ୍ର, ମହିଳା ମୋର୍ଚ୍ଚା ସଭାନେତ୍ରୀ ନମିତାରାଣୀ ଦାଶ, ବରିଷ୍ଠ ନେତା ସୁଶାନ୍ତ ପ୍ରଧାନ, ପ୍ରଦ୍ୟୁମ୍ନ ଧଳ, ସରୋଜ କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତ ଯୁବକର୍ମୀ ସାମିଲ ହୋଇଥିଲେ।

---

ଇନ୍ଦିରା ଆବାସ ଯୋଜନାରେ ଅନିୟମିତତା

# ଗ୍ରାମବାସୀ ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ୍,୧୦।୧୨

ବରଗଡ଼ ଜିଲା ବିଜେପୁର ବ୍ଲକ ଅଧୀନ ଏମ୍.ଶ୍ରୀଗିଡ଼ା ପଞ୍ଚାୟତରେ ଇନ୍ଦିରା ଆବାସ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ବ୍ଲକ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ସୋମବାର ଗ୍ରାମବାସୀ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ସ୍ମାରକପତ୍ର ପ୍ରଦାନରେ ଉଲ୍ଲେଖିତ ରହିଛି, ଗତମାସ ୩୦ତାରିଖ ଏମ୍.ଶ୍ରୀଗିଡ଼ା ପଞ୍ଚାୟତ ଅଫିସରେ ଏକ ସଭା ହୋଇଥିଲା । ଉକ୍ତ ସଭାରେ ଗ୍ରାମବାସୀ ଇନ୍ଦିରା ଆବାସ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ନେଇ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ଏହାସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସେଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରି ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଦାବି କରିଛନ୍ତି । ଗ୍ରାମର ପୂର୍ଣ୍ଣଚନ୍ଦ୍ର ମେହେର, ଜାନକୀ ମେହେର, କନକ ସାହୁ, ଗୁଲାପୀ ମେହେର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସ ଆସିଥିଲେ।

# କୁଆପଥର ମାଡ଼ରେ ରବି ଫସଲ ନଷ୍ଟ ଘଟଣା: ମିଳୁନି ଚାଷୀଙ୍କୁ ସହାୟତା

ବାଉଁଶୁଣୀ,୧୦।୧୨(ଡି.ଏନ୍.ଏ.)

ବୌଦ୍ଧ ବ୍ଲକ ଅଧୀନ ଜମଟାଙ୍ଗୀ ଗ୍ରାମରେ କୁଆ ପଥର ମାଡ଼ରେ ଶତାଧିକ ଏକର ରବି ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ଏନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ରାଜସ୍ୱ ଅଧିକାରୀ ଗାଁରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଚାଷୀଙ୍କୁ ଫସଲ କ୍ଷତିପୂରଣ ମିଳିପାରି ନାହିଁ। ଚାଷଙ୍କୁ ତୁରନ୍ତ କ୍ଷତିପୂରଣ ଦିଆ ନ ଗଲେ ଆଗାମୀ ଦିନରେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଗ୍ରାମର ଚାଷୀ ପଦ୍ମଲୋଚନ ମହଲା, ନବୀନ ଦିଶିରୀ, ଜୟକରଣ ଆଚାରୀ, ନବୀନ ମହଲାଙ୍କ ସମେତ ଚାଷୀମାନେ ଚେତାବନି ଦେଇଛନ୍ତି।

# ଗଞ୍ଜେଇ ଚୋରା ଚାଲାଣ ଘଟଣା, ସହଯୋଗୀ ଗିରଫ

ଘଣ୍ଟାପଡ଼ା,୧୦।୧୨(ଡି.ଏନ.ଏ.)

ଗଞ୍ଜେଇ ଚୋରା ଚାଲାଣ ଘଟଣାରେ କଣ୍ଟାମାଳ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅଧୀନ ପୋଖରାସାଲେ ଗ୍ରାମର ସୀତାରାମ ସାହୁ (୩୪)। କଣ୍ଟାମାଳ ଥାନା ଅଧୀନ ଘଣ୍ଟାପଡ଼ା ଫାଣ୍ଡି ଅଧିକାରୀ ବିଜୟ ବାରିକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଶନିବାର ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅଧୀନ ପୋଖରାସାଲେ ଗ୍ରାମରେ ଚଢାଉ କରିଥିଲା। ଚଢାଉ ବେଳେ ଅଧିକାରୀମାନେ ସୀତାରାମଙ୍କୁ ଧରିବାରେ ସଫଳ ହୋଇଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୧୮୩/୧୮) ରୁଜୁ କରି ସୀତାରମଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଗତ ସେପ୍ଟେମ୍ବର ୨୨ତାରିଖରେ ଘଣ୍ଟାପଡ଼ା ଫାଣ୍ଡି ପୋଲିସ ଗଞ୍ଜେଇ ଚୋରା ଚାଲାଣ କରୁଥିବା ୨ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ସୀତାରାମ ମଧ୍ୟ ସମ୍ପୃକ୍ତ ରହିଥିଲେ।

---


ଅର୍ଶ (ମଳକଣ୍ଟକ) - Piles ଓ ଭଗନ୍ଦର - Fistula ର ସଫଳ ଚିକିତ୍ସା
ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା
Call Us
94371 38000
94371 36000
0674-2354577
0674-2354320
ବାରମ୍ବାର ଅପରେସନ୍‌ରେ ଅସଫଳ ହେଉଥିବା ରୋଗୀମାନଙ୍କର ମଧ୍ୟ ସଫଳତାର ସହିତ ଚିକିତ୍ସା କରାଯାଉଛି
ସବୁଠୁ ନିରାପଦ, ସବୁଠୁ କମ୍ କଷ୍ଟ, ସବୁଠୁ କମ୍ ଖର୍ଚ୍ଚ
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com
ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ


ନାବାଳିକା ଅପହରଣ, ହତ୍ୟା ମାମଲା

# କାର୍ଯ୍ୟାନୁଷ୍ଠାନ ଦାବିକଲା ମହିଳା କଂଗ୍ରେସ

ବରଗଡ଼ ଅଫିସ୍,୧୦।୧୨

ବରଗଡ଼ର ଜିଲା ଭେଡ଼େନ ଥାନା ଅଞ୍ଚଳରେ ଗତ କିଛି ଦିନ ତଳେ ସଂଘଟିତ ନାବାଳିକା ଅପହରଣ, ହତ୍ୟା ମାମଲାରେ କାର୍ଯ୍ୟାନୁଷ୍ଠାନ ନେବାକୁ ମହିଳା କଂଗ୍ରେସ ଦାବି କରିଛି । ଏହି ପରିପ୍ରେକ୍ଷୀରେ ସୋମବାର ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ତଥା ଅଖିଳ ଭାରତୀୟ କଂଗ୍ରେସ କମିଟି ସଭ୍ୟା ସୁନୀତା ବାଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବରଗଡ଼ ଜିଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝି ସ୍ମାରକପତ୍ର ଗ୍ରହଣ କରିଥିଲେ । ସ୍ମାରକପତ୍ରରେ ଉଲ୍ଲେଖିତ ରହିଛି, ନାବାଳିକା ଅପହରଣ, ହତ୍ୟା ଘଟଣାରେ ଅଞ୍ଚଳରେ ନାରୀ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ମାମଲାରେ ପୋଲିସ ୨ଅଭିଯୁକ୍ତଙ୍କୁ ଗିରଫ କରିଛି । ମାତ୍ର ଉକ୍ତ ଘଟଣାକୁ ନେଇ କାର୍ଯ୍ୟରେ ଅବହେଳା କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଠୋସ୍ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଅଭିଯୋଗ ହୋଇଛି । ଫଳରେ ଗିରଫ ଅଭିଯୁକ୍ତ ଏବଂ କାର୍ଯ୍ୟର ଅବହେଳା କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏହା ସହିତ ବିନ୍ଧ୍ୟବାସନୀ ପୀଠକୁ ଆସୁଥିବା ପର୍ଯ୍ୟଟକଙ୍କୁ ସୁରକ୍ଷା ପ୍ରଦାନ କରିବା ସହିତ ଥୁଆପାଲିରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା କରିବାକୁ ଦାବି ହୋଇଛି । ସ୍ମାରକପତ୍ର ପ୍ରଦାନ ବେଳେ ଅନ୍ୟମାନଙ୍କ ମଧ୍ୟରେ ମହିଳା କଂଗ୍ରେସର ନିଲିମା ଅଗ୍ରୱାଲ, ଗୁରୁବାରୀ ଭୁଏ, ଶ୍ୱେତା ଶାହା, ସୁରେଖା ଗଡ଼ତିଆ ପ୍ରମୁଖ ଉପସ୍ଥିତ ଥିଲେ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ୍ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

SMS JOB
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145
9006905977

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ବାଘପାଲି ବକୁଳ ଯାତ୍ରା ମହୋତ୍ସବ ନେଇ ପ୍ରସ୍ତୁତି

**ଅମରପାଲି/ଉଲୁଣ୍ଡା, ୧୦।୧୨ (ଡି.ଏନ.ଏ.)**- ଉଲୁଣ୍ଡା ବ୍ଲକ କୋଟସମଲାଇ ପଞ୍ଚାୟତର ବାଘପାଲିସ୍ଥିତ ସିଦ୍ଧଯୋଗୀ ଚନ୍ଦ୍ରମଣୀ ଦାସ ସମାଧି ପୀଠରେ ବକୁଳ ଯାତ୍ରା ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ପ୍ରସାଦ ପାଢ଼ୀ ଅଧକ୍ଷତା କରିଥିଲେ। ଶ୍ରଦ୍ଧାଳୁମାନଙ୍କ ପାଇଁ ବାବା ଚନ୍ଦ୍ରମଣୀ ଦାସଙ୍କ ସମାଧି ଦର୍ଶନ ଏବଂ ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କିପରି ସୁଚାରୁରୂପେ କରାଯାଇ ପାରିବ ତାହା ଉପରେ ବିଶଦ ଆଲୋଚନା କରାଯାଇଥିଲା। ଚଳିତବର୍ଷ ବାବା ଚନ୍ଦ୍ରମଣୀ ଦାସଙ୍କ ତିରୋଧାନ ଦିବସ ନୂତନ ବର୍ଷର ପ୍ରଥମ ଦିନ ହେଉଥିବାରୁ ସେହି ଦିନକୁ ଧୂମଧାମରେ ପାଳନ କରାଯିବାର ସ୍ଥିରୀକୃତ ହୋଇଛି। କମିଟି ସମ୍ପାଦକ ରଞ୍ଜିତ ଦେହେରୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜାନକୀରାମ ଦେହେରୀ, ନୃସିଂହ ପଧାନ, ଲୁପି ପଧାନ, ରମ୍ଭାବଲ୍ଲଭ ପଧାନ, ସମାରୁ ବଗର୍ତ୍ତି, ଭିଖାରୀ ମାଝୀ, ସତ ବଗର୍ତ୍ତି, ନେହେରୁ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ବଜେଟ ଭିତରେ ରୋଷେଇ ପାଇଁ ଏଲ୍‌ପିଜି ପଞ୍ଚାୟତ

**ବୀରମହାରାଜପୁର, ୧୦।୧୨(ଡି.ଏନ୍.ଏ.)**- ଭାରତ ସରକାରଙ୍କ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ନିଷ୍ପତ୍ତି ଅନୁଯାଇ ଏଲପିଜି ବ୍ୟବହାରକାରୀଙ୍କୁ ସେମାନଙ୍କ ବଜେଟ ଭିତରେ ଇନ୍ଧନଗ୍ୟାସ୍ ଯୋଗାଇ ଦେବାପାଇଁ ବିଶେଷ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଛି। ଉକ୍ତ କ୍ରାର୍ଯ୍ୟକ୍ରମ ଆଧାରରେ ସଚେତନତା ସୃଷ୍ଟି ପାଇଁ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର କଳାପଥର ପଞ୍ଚାୟତ ଅନ୍ତଗତ ଜଗନ୍ନାଥପାଲି ଗ୍ରାମରେ ଏଲପିଜି ପଞ୍ଚାୟତ ଅନୁଷ୍ଠିତ ହୋଇଥିଲା। ବୀରମହାରାଜପୁରସ୍ଥିତ ଇଣ୍ଡେନ ଗ୍ରାମୀଣ ବିତରକର ମୁଖ୍ୟ ଦିଲ୍ଲିପ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପଞ୍ଚାୟତରେ ସୋନପୁର ଏଡିଏନଓ ବିଶ୍ୱରଞ୍ଜନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଲପିଜିର ନୂତନ ବ୍ୟବସ୍ଥା ସମ୍ପର୍କରେ ବୁଝାଇଥିଲେ। ଏବେ ମହିଳା ହିତାଧିକାରୀମାନଙ୍କୁ ୧୪.୨କେଜି ବିଶିଷ୍ଟ ସିଲିଣ୍ଡର ବଦଳରେ ୫କେଜି ବିଶିଷ୍ଟ ସିଲିଣ୍ଡର ଉପଲବ୍ଧ ହେଉଥିବା ନେଇ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଆଶାକର୍ମୀ ବୁଇ ମେହେର ଏବଂ ଅଙ୍ଗନବାଡି କର୍ମୀ ଅମ୍ବିକା ସାହୁ ଓ ଜୋସ୍ନା ମେହେର ଉପସ୍ଥିତ ଥିଲେ। କୁଶ କୁମାର ଚାନ୍ଦ ସଭା ପରିଚାଳନା କରିଥିବା ବେଳେ ବୈଷୟିକ ସହାୟକ ବିକ୍ରମ ସାହୁ ଓ ବିଦ୍ୟାଧର ମେହେର ଏଲପିଜି ବ୍ୟବହାରର ସୁରକ୍ଷିତ ଉପାୟ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

### ପୁରାତନ ଛାତ୍ରୀଛାତ୍ର ବାଣ୍ଟିଲେ ସ୍କୁଲ ଜୀବନର ଅନୁଭୂତି

**ବୀରମହାରାଜପୁର, ୧୦।୧୨ (ଡି.ଏନ୍.ଏ.)** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ହାଇସ୍କୁଲରେ ପଢିଥିବା ୧୯୮୩ ବ୍ୟାଚ୍‌ର ଛାତ୍ରୀଛାତ୍ରମାନଙ୍କର ଏକ ବନ୍ଧୁମିଳନ ରବିବାର କମଲପୁର ପାର୍ଶ୍ୱବର୍ତ୍ତୀ ମହାନଦୀ ପଠାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୩ବର୍ଷ ପରେ ନିଜର ପିଲାଛୁଆଙ୍କୁ ସାଥିରେ ନେଇ ପୁରୁଣା ବନ୍ଧୁବାନ୍ଧବିଙ୍କ ସହ ମିଳିତ ହୋଇଥିବାରୁ ଏକ ଭାବବିଭୋଳ ପରିବେଶ ସୃଷ୍ଟି ହୋଇଥିଲା। ସଭିଁଏ ୩୩ ବର୍ଷ ପୂର୍ବ ସ୍କୁଲ ଜୀବନର ଅଭୁଲା ସ୍ମୃତି ବଖାଣିବା ସହ ବର୍ତ୍ତମାନ ନିଜ କର୍ମକ୍ଷେତ୍ରର ଅନୁଭୂତି ବାଣ୍ଟିଥିଲେ। ପୁରାତନ ଛାତ୍ରୀଛାତ୍ରମାନଙ୍କ ମଧରୁ ବନ୍ଦିନୀ ତ୍ରିପାଠୀ, ଦୁର୍ଗେଶ ନନ୍ଦିନୀ ପୂଜାହାରୀ, କସ୍ତୁରୀ ବିଶ୍ୱାଳ, ରେଳବାଇ ଅଧିକାରୀ ସନ୍ତୋଷ କୁମାର ମିଶ୍ର, ଆଇନଜୀବୀ ସନ୍ତୋଷ ଚାନ୍ଦ ଓ ମନୋଜ ସାହୁ, ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ପ୍ରେସ୍ ଫୋଟୋଗ୍ରାଫର ଶ୍ରବଣ କୁମାର ପଧାନ ଏଭଳି ଅଭିନବ ଆୟୋଜନର ପ୍ରୟାସ କରିଥିଲେ। ଆଗାମୀ ବର୍ଷ ମାନଙ୍କରେ ମଧ ଏହି ବନ୍ଧୁମିଳନ ଜାରି ରହିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

### ପାଇପ ଫାଟି ରାସ୍ତାରେ ଭାସୁଛି ପାଣି

**ସିଂଘିଯୁବା,୧୦।୧୨(ଡି.ଏନ୍.ଏ.)** ବିନିକା ଏନଏସି ଅନ୍ତର୍ଗତ ଡଭଲା ୧ନଂ ଏବଂ ୨ନଂ ୱାର୍ଡରେ ପାଣି ପାଇଁ ଲୋକେ ହଟହଟା ହେଉଛନ୍ତି। ଏପରିସ୍ଥଳେ ରାସ୍ତାରେ ଭାସୁଛି ପାନୀୟ ଜଳ। ସହରରୁ ପାଇପ୍ ଯୋଗେ ଏହି ଦୁଇୱାର୍ଡକୁ ଜଳ ଯୋଗାଣ ହୁଏ। ହେଲେ ଗତ ୫ଦିନ ହେଲା ଡଭଲା ଛକ(ରାଜ୍ୟ ରଜପଥ)ଠାରେ ପାଇପ ଫାଟି ଯାଇଥିବାରୁ ପାଣି ମୁଖ୍ୟରାସ୍ତାରେ ଭାସୁଛି। ଉଭୟ ୱାର୍ଡବାସୀ ବିଭାଗକୁ ଜଣାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇନାହିଁ ବୋଲି ୱାର୍ଡର ଉତ୍ତମ ବେହେରା, ଶିବ କର, ଜପ ବେହେରା, ବିନୋଦ ବେହେରା, ବିକ୍ରମ ମଣ୍ଡଳ, ସୁରେଶ ମହାକୁର ପ୍ରମୁଖ ଅଭିଯୋଗ କରିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏ. କୁମାର. ମୂର୍ତ୍ତିଙ୍କୁ ପଚାରିବାରୁ ଯଥାଶୀଘ୍ର ମରାମତି ହେବ ବୋଲି କହିଛନ୍ତି।

■ ଲୁତୁରପଙ୍କରେ କଲିକେଶଙ୍କ ପଥପ୍ରାନ୍ତ ସଭା

# ପ୍ରଧାନମନ୍ତ୍ରୀ ଫସଲ ବୀମାକୁ ନେଇ ଅସନ୍ତୋଷ

**ଅମରପାଲି, ୧୦।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଏମ୍‌ପି କଲିକେଶ ନାରାୟଣ ସିଂଦେଓ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲୁତୁରପଙ୍କ ଗ୍ରାମ ପଞ୍ଚାୟତର ସଦରଠାରେ ପଥପ୍ରାନ୍ତ ସଭା କରିଛନ୍ତି । ସେ ଗ୍ରାମବାସୀଙ୍କ ସହିତ ସାମ୍ପ୍ରତିକ ଖରିଫ ଚାଷ, ଗତବର୍ଷ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ପରିଚାଳନା, ଗ୍ରାମବାସୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ଚାଷ ଜମିକୁ ଜଳ ସେଚନ ପାଇଁ ମେଗାଲିଫ୍ଟର କିଭଳି ବ୍ୟବସ୍ଥା ହୋଇପାରିବ ସେ ନେଇ ବିଭାଗୀୟ ଏସଡିଓଙ୍କୁ ଉକ୍ତ ଅଞ୍ଚଳକୁ ଆସି ସର୍ଭେ କରିବା ପାଇଁ କହିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରୂପାୟନ ସୁଫଳ ପାଇ ନ ଥିବା ୧୫ହଜାର ଚାଷୀଙ୍କ ତରଫରୁ ଓଡିଶା ହାଇକୋର୍ଟରେ କେସ ଫାଇଲ କରିବାକୁ ଏମପି ପଦକ୍ଷେପ ନେଉଥିବାର ସୂଚନା



ଲୁତୁରପଙ୍କ ପଥପ୍ରାନ୍ତ ସଭାରେ ଏମପି କଲିକେଶ ନାରାୟଣ ସିଂଦେଓ।

ଦେଇଥିଲେ। ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସୁଜାତା ସାହୁ, ବିଜୁ ଯୁବ ବାହିନୀ ସଭାପତି ରାଧାମାଧବ ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, ମୃତ୍ୟୁଞ୍ଜୟ ପଧାନ, ଦେବରାଜ ମିଶ୍ର, ପୂର୍ବତନ ତରଭା ବ୍ଲକ ଅଧକ୍ଷ ଶତୃଘ୍ନ ପୃଷ୍ଟି, ଛାତ୍ରନେତା ଭଗବାନ କର୍ଣ୍ଣ, ମିନକେତନ ମହାକୁର, ରାମେଶ୍ୱର ମହାକୁର ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ଶିକ୍ଷାବିତ ଶୋଭାଚନ୍ଦ୍ର ପଧାନ, ମହେଶ୍ୱର ମହାକୁର, ଯଜ୍ଞ ମହାକୁର, ସୁନୀଲ ପ୍ରଧାନ, ଶଶାଙ୍କ ପ୍ରଧାନ, ସତ୍ୟ

**ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ଚେତାବନୀ**

ମହାକୁର, ସୁଶିଲ ପଧାନ, ଟୁଟୁ ମହାକୁର, ପୃଥ୍ୱୀରାଜ ମହାକୁର, ବିକାଶ ମହାକୁର ପ୍ରମୁଖ ଏମପିଙ୍କୁ ଗ୍ରାମର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ସ୍ଥାନୀୟ ଜଗନ୍ନାଥ ସ୍ପୋର୍ଟ କ୍ଲବର ସଭ୍ୟଙ୍କ ଅନୁରୋଧ କ୍ରମେ ଖେଳ ପଡିଆସ୍ଥିତ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ସମ୍ପୂର୍ଣ୍ଣ ପାଇଁ ଅନୁଦାନ ସୁପାରିଶ କରିଥିବା ଓ ଗ୍ରାମ୍ୟ ଆଲୋକକରଣ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଗ୍ରାମରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

# ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

**ଉଲୁଣ୍ଡା, ୧୦।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନୁପସ୍ଥିତ ଥିବାରୁ ଏଡିଏମ ଶରତ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଶୁଣାଣିରେ ଏସପି ଦେବୀପ୍ରସାଦ ଦାସ, ବିଡିଓ ରୁନୁ ଲାକ୍ରା, ବ୍ଲକ ଅଧ୍ୟକ୍ଷା ମିତାଲି ମହାକୁର ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୭୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିମଧ୍ୟରୁ ୫ଟି ସାମୂହିକ ଅଭିଯୋଗ ହୋଇଥିବା ବେଳେ ୭ଟିର ଆଶୁ ସମାଧାନ କରାଯାଇଥିଲା। ଏହି ଶୁଣାଣିରେ ରାଶନ କାର୍ଡ, ଆବାସ ଯୋଜନା ଓ ଭତ୍ତା ଆଦି ବିଷୟ ନେଇ ଅଭିଯୋଗ ହୋଇଥିଲା। ଏହି ଅବସରରେ ଚାଷୀମାନେ ୭ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ଗତ ରବିଚାଷରେ କରାମାଡ ଓ ଅଧିକ ବର୍ଷାରେ ହୋଇଥିବା କ୍ଷୟକ୍ଷତିର କ୍ଷତିପୂରଣ, ସରକାରଙ୍କ ସାଟେଲାଇଟ କ୍ରପକଟିଂ ହୋଇଥିବା ତୃଟିକୁ ସଂଶୋଧନ, ଧାନକିଣା ବେଳେ ପ୍ୟାକ୍ସରେ ବେପାରୀ ଓ ଏଜେଣ୍ଟଙ୍କୁ ବନ୍ଦ କରାଯାଇ ସିଧାସଳଖ ମିଲର ଧାନ କିଣିବା, ହରିହର ଜୋର ପ୍ରୋଜେକ୍ଟ କେନାଲ ପାଣି ପରିଚାଳନାରେ କେନାଲ ଏସଡିଓ ପାଣି ଅପବ୍ୟବହାର କରିଥିବାର ସମାଧାନ କରାଯିବା, ଚାଷୀମାନଙ୍କ ସମସ୍ୟା ପାଇଁ ଚେକଡ୍ୟାମ କାର୍ଯ୍ୟକାରୀ କରାଯିବା, ୨୦୧୫-୧୬ ଓ ୨୦୧୬-୧୭ର ଇନସୁରାନ୍ସ କ୍ଲେମ ଚାଷୀଙ୍କୁ ଦିଆଯିବା, ଚାଷୀର ପ୍ୟାକ୍ସ ପରଚେଜ କମିଟି ଉଲୁଣ୍ଡା ସୋସାଇଟି ଚାଷୀଙ୍କୁ ନ ଜଣାଇ କରାଯାଇଥିବା ନେଇ ଉଲ୍ଲେଖ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ଧୀରଜ ଚୋପଦାର, ତହସିଲଦାର ଶରତ ଚନ୍ଦ୍ର ସେଠୀ, ଡିପିସି ବେଣୁଧର ବେହେରାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।



ଅଭିଯୋଗ ଶୁଣାଣି ଶିବିରରେ ଅଧିକାରୀମାନେ ଲୋକଙ୍କ ସମସ୍ୟାର ଶୁଣାଣି କରୁଛନ୍ତି।

# ବ୍ଲକ୍‌ଗ୍ରାଣ୍ଟ ହାଇସ୍କୁଲ ପିଇଟିମାନଙ୍କ ବୈଠକ

**ଅମରପାଲି, ୧୦।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ସମସ୍ତ ବ୍ଲକଗ୍ରାଣ୍ଟ ହାଇସ୍କୁଲର ଖେଳ ଶିକ୍ଷକ (ପିଇଟି)ମାନଙ୍କର ଏକ ବୈଠକ ଅମରପାଲି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖେଳ ଶିକ୍ଷକ ସଚ୍ଚିଦାନନ୍ଦ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କନ୍ହେଇ ଚରଣ ପ୍ରଧାନ ସ୍ୱାଗତ



ଅମରପାଲି ହାଇସ୍କୁଲରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ପିଇଟିମାନେ ।

ଭାଷଣ ଓ ବିବରଣୀ ପଠନ କରିଥିଲେ । ବୈଠକରେ ପରମେଶ୍ୱର ପଣ୍ଡା, ଇନ୍ଦ୍ରମଣି ପ୍ରଧାନ, ରଞ୍ଜିତ ପଧାନ, ଉପେନ୍ଦ୍ର ସାହ, ସୁବ୍ରତ କର୍ମୀ ପ୍ରମୁଖ ଆଲୋଚନାରେ ମତ ରଖିଥିଲେ । ବୈଠକରେ ପିଇଟି ମାନଙ୍କର ଗ୍ରେଡ ପେ, ଚାକିରୀ ସର୍ତ୍ତାବଳୀ ଆଦି ବିଷୟରେ ଆଲୋଚନା ହୋଇଥିଲା। ଶେଷରେ ଅନନ୍ତରାମ ମେଣ୍ଡିଲି ଧନ୍ୟବାଦ ଅର୍ପଣ କରିଥିଲେ ।

# ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ସୋନପୁର,୧୦।୧୨(ନି.ପ୍ର.)**

ବିଜୁ ଯୁବ ବାହିନୀ ପକ୍ଷରୁ ସୋନପୁର ବ୍ଲକର ହରଡଖୋଲରେଠାରେ ମୁଁହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ହରଡଖୋଲ ପଞ୍ଚାୟତର ବୁଦ୍ଧିଜୀବୀ ଓ ଜନସାଧାରଣ ଏଥିରେ ଯୋଗ ଦେଇଥିଲେ । ବିଜୁ ଯୁବ ବାହିନୀର ସୁବର୍ଣ୍ଣପୁର ଜିଲା ସଂଯୋଜକ ହାକିମ ଖାନ ଅତିଥିଭାବେ ଯୋଗଦେଇ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ଚିହ୍ନଟ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଥିଲେ । ପ୍ରାକ୍ତନ ସମିତି ସଭ୍ୟ ରାଜକୁମାର ସୁନା ଅନ୍ୟତମ ଅତିଥିଭାବେ ଯୋଗଦାନ କରି ଛାତ୍ରୀଛାତ୍ର ଓ ଯୁବକମାନେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କ ଭଳି ସାହସୀ ଓ ପରିଶ୍ରମୀ ହେବାକୁ ପରାମର୍ଶ ଦେଇଥିଲେ। ସରପଞ୍ଚ ତୃପ୍ତି କୁଅଁର ଓ କୁଲିପାଲିର ୱାର୍ଡସଭ୍ୟ ମହନା କର୍ମୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ କୃତି ପ୍ରତିଭାଙ୍କୁ ସମ୍ମାନିତ କରା ଯାଇଥିଲା ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

■ ଅବସରପ୍ରାପ୍ତ ଅଧିକାରୀଙ୍କୁ ରାଜଧାନୀରେ ସେବା ଘଟଣା

# ସ୍କର୍ପିଓରେ ଫେରିଲେ ୪ କର୍ମଚାରୀ

**ସୋନପୁର,୧୦।୧୨(ନି.ପ୍ର.)**

ବନ ବିଭାଗର ଅବସରପ୍ରାପ୍ତ ଅଧିକାରୀଙ୍କୁ ରାଜଧାନୀ ଭୁବନେଶ୍ୱରରେ ମିଳୁଥିଲା ରାଜକୀୟ ସେବା। ସେବା ଯୋଗାଉ ଥିଲା ସୁବର୍ଣ୍ଣପୁର ବନ ବିଭାଗ। ଏ ସମ୍ପର୍କିତ ତଥ୍ୟ ଭିତ୍ତିକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ବନ ବିଭାଗ ଅଧିକାରୀଙ୍କ କାର୍ଯ୍ୟକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସୁବର୍ଣ୍ଣପୁର ଡିଏଫଓ ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ବଲାଙ୍ଗୀର ଡିଏଫଓ ସମୀର କୁମାର ଶତପଥୀ ଏହା ଜାଣି ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କୁ କଡା ତାଗିଦ୍ କରିଛନ୍ତି । ଫଳରେ ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟବହାର କରୁଥିବା ବନବିଭାଗର ସ୍କର୍ପିଓ ଓ ୪ ଆଉଟସୋର୍ସିଂ କର୍ମଚାରୀଙ୍କୁ ପ୍ରାକ୍ତନ ଡିଏଫଓ ଛାଡିବାକୁ ବାଧ ହୋଇଛନ୍ତି। ତେବେ ଆଉ ଜଣେ କର୍ମଚାରୀ ସୋନପୁର ଫେରି ନାହାନ୍ତି ସେ, ଏବେବି ପ୍ରାକ୍ତନ ଡିଏଫଓଙ୍କ ସେବାରେ ନିୟୋଜିତ ଥିବା ସୂଚନା ମିଳିଛି। ପ୍ରକାଶ ଯେ, ଜଙ୍ଗଲରେ ହାତୀଙ୍କ ଗତିବିଧି ଉପରେ ନଜର ରଖିବା ଓ ବୃକ୍ଷରୋପଣ କାର୍ଯ୍ୟର ତଦାରଖ ପାଇଁ ଆଉଟ ସୋର୍ସିଂ ସଂସ୍ଥା ଦ୍ୱାରା ସ୍କ୍ୱାର୍ଡ ନିଯୁକ୍ତ ହୋଇଛନ୍ତି । ଏହି କର୍ମଚାରୀଙ୍କୁ ଅଧିକାରୀମାନେ ଭିନ୍ନ କାମରେ ଲଗାଉଛନ୍ତି। ତେବେ ସେଥିମଧ୍ୟରୁ ୫ ଜଣ କର୍ମଚାରୀ ଅବସରଗ୍ରହଣ କରିଥିବା ପ୍ରାକ୍ତନ ଡିଏଫଙ୍କ ଭୁବନେଶ୍ୱରସ୍ଥିତ ଘରେ କାର୍ଯ୍ୟ କରୁଥିଲେ । ତାଙ୍କୁ ଏକ ସ୍କର୍ପିଓ ମଧ୍ୟ ଦିଆଯାଇଥିଲା। ଅନ୍ୟପକ୍ଷେ ଜିଲାପାଳ ମିଶ୍ର ୭ ଦିନ ମଧ୍ୟରେ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ଡିଏଫଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଡିଏଫଓଙ୍କ ରିପୋର୍ଟରେ କେଉଁ ଅଧିକାରୀଙ୍କୁ ଦାୟୀ କରାଯାଉଛି ଓ ଦୋଷୀଙ୍କ ବିରୋଧରେ ପ୍ରଶାସନ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଆସନ୍ତା ଦିନରେ ଜଣାପଡିବ ।

# ବ୍ୟକ୍ତିର ମାନବିକ ଅଧିକାର ଅକ୍ଷୁଣ୍ଣ ରଖିବା ଉପରେ ଗୁରୁତ୍ୱ

**ସୋନପୁର,୧୦।୧୨(ନି.ପ୍ର.)**

ସ୍ପିନିଂ ମିଲ୍ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ମାନବିକ ଅଧିକାର ଦିବସ ସୋମବାର ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଏଲଏସଏ ସମ୍ପାଦକ ସୁନିତା ପଟ୍ଟନାୟକ ଅତିଥି ଭାବରେ ଯୋଗଦେଇ କୌଣସି ବ୍ୟକ୍ତିର ମାନବିକ ଅଧିକାର ଯେପରି କ୍ଷୁର୍ଣ୍ଣ ନହୁଏ ସେଥିପ୍ରତିସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଉପ ଆରକ୍ଷୀ ଅଧିକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ବୁଝାଇଥିଲେ। ସରକାରୀ ଓକିଲ ବ୍ୟୋମକେଶ ଦାଶ ମାନବିକ ଅଧିକାର ସମ୍ପର୍କିତ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା





ଅତିଥି ବୃନ୍ଦ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ଅଧିକାରୀ କେଶବ ମେହେର ଉପସ୍ଥିତ ରହି ଜନସାଧାରଣଙ୍କୁ ମୌଳିକ ସୁବିଧା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାନିନି ମିଶ୍ର ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନିତା ନାଏକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର କର୍ମଚାରୀ ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ବିବେକାନନ୍ଦ ପଣ୍ଡା, ସିଦ୍ଧାନ୍ତ କୁମାର ବାଘ, ନରେନ୍ଦ୍ର କୁମାର ସିଂ ଓ ଶ୍ୟାମ ସୁନ୍ଦର ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଛାତ୍ରୀଛାତ୍ରଙ୍କୁ ଦିଆଗଲା ମାନବାଧିକାର ଶିକ୍ଷା

**ବୀରମହାରାଜପୁର, ୧୦।୧୨ (ଡି.ଏନ୍.ଏ.)**–ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ତାଲୁକ ଆଇନସେବା ସମିତି ତରଫରୁ ସୋମବାର ସ୍ଥାନୀୟ ଶିଶୁ ବିଦ୍ୟା ମନ୍ଦିର ପରିସରରେ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ମାନବ ଅଧିକାର ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ କି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ବିବେଚିତ ୩ଛାତ୍ରୀଙ୍କୁ ପୁରସ୍କୃତ କାରାଯାଇଥିଲା। ସେମାନେ ହେଲେ ରୂପାଲିକା ମାରାଣ୍ଡି–ପ୍ରଥମ, ସିଦ୍ଧିମୟୀ ପତି–ଦ୍ୱିତୀୟ ଓ ରାଜଲକ୍ଷ୍ମୀ ମେହେର–ତୃତୀୟ। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ଆଇନସେବା ସମିତି ଅଧକ୍ଷ ବରିଷ୍ଠ ଦେୱାନୀ ଜଜ୍ ମାନସ ରଞ୍ଜନ ରଥ ସଭାପତିତ୍ୱ କରି ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାମ୍ପ୍ରତିକ ସମାଜରେ ଶିଶୁ ଅବସ୍ଥାରୁ ମାନବାଧିକାର କ୍ଷୁର୍ଣ୍ଣ ହେଉଥିବା ଖବର ସାମ୍ନାକୁ ଆସୁଥିବାରୁ ତାହା ଯେପରି ବିଘ୍ନିତ ନହୁଏ ସେନେଇ ଜନ ସଚେତନତା ଆବଶ୍ୟକ ରହିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିବା ବୀରମହାରାଜପୁର ଏସଡିଜେଏମ ଅବକାଶ ଚୌଧୁରୀ, ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ କେଦାରନାଥ ଚୌଧୁରୀ ଓ ଶିକ୍ଷକ ଅମ୍ବରୀଶ ପଣ୍ଡା ଏହି ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ବୀରମହାରାଜପୁର ଓକିଲ ସଂଘର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ଏବଂ ଶିଶୁ ବିଦ୍ୟା ମନ୍ଦିରର ପରିଚାଳନା ସମିତିର ସଭାପତି ଆଡ୍‌ଭୋକେଟ ବିଷ୍ଣୁ ଚରଣ ପଣ୍ଡା କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିଭାବେ ମଞ୍ଚାସୀନ ଥିଲେ। ଶେଷରେ ପ୍ରଧାନ ଆଚାର୍ଯ୍ୟ ବଳରାମ ପୂଜାହାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଇନସେବା ସମିତି ସଦସ୍ୟ ମାନଙ୍କ ସହ ବିଦ୍ୟାଳୟର ଗୁରୁମା,ଗୁରୁଜୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମାନବାଧିକାର ଦିବସ ସମାରୋହରେ ପୁରସ୍କୃତ ଛାତ୍ରୀମାନଙ୍କସହ ମଞ୍ଚାସୀନ ଅତିଥି।

# ଡିଗ୍ରୀ ମହାବିଦ୍ୟାଳୟରେ ମାନବିକ ଅଧିକାର ସେମିନାର

**ଡୁଙ୍ଗୁରିପାଲି, ୧୦।୧୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଡିଗ୍ରୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ସାମନ୍ତ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦିବସ ପାଳନ କାର୍ଯ୍ୟକ୍ରମରେ ବିଭାଗୀୟ





ବିଶ୍ୱ ମାନବିକ ଅଧିକାର ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।

ମୁଖ୍ୟ ଡ଼ ସରୋଜ କୁମାର ଦାସ ମାନବିକ ଅଧିକାର ଉପରେ ବକ୍ତବ୍ୟ ରଖିଥିଲେ । ଏହି ସେମିନାରରେ ୮ଜଣ ଛାତ୍ରୀଛାତ୍ର ସନ୍ଦର୍ଭ ପାଠ କରିଥିଲେ । ନୂତନ ଛାତ୍ରୀଛାତ୍ରଙ୍କୁ ବିଭାଗ ତରଫରୁ ସ୍ୱାଗତ କରାଯାଇଥିଲା । ପୁରାତନ ଛାତ୍ର ସ୍ମୃତି ରଞ୍ଜନ ଭୋରାସାଗର ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅଧ୍ୟାପକ କିଶୋର ମେହେର, ବିଜୟାନନ୍ଦ ଦାଶ, ବିରାଟ ପଧାନ ମାନବିକ ଅଧିକାର ଉପରେ ସ୍ୱମତ ରଖିଥିଲେ । ଶେଷରେ ଛାତ୍ରୀ ଆକାଶିନୀ ଗଡତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ ।



ତାଙ୍କ ନିକଟରେ ନିଜକୁ ସମର୍ପି ଦିଅ; ତାଙ୍କରି କରୁଣାରେ ତୁମ୍ଭ ଆତ୍ମା ପ୍ରସ୍ଫୁଟିତ ହେବ। ସେ ପରମେଶ୍ୱର ଏବଂ ତୁମ୍ଭର ସ୍ୱାମୀ, ତାଙ୍କ ପ୍ରତି ତୁମର ଶ୍ରଦ୍ଧା ଦ୍ୱାରା ହିଁ ତାଙ୍କର ଦର୍ଶନ ପାଇବ। ଏହି ଭାବକୁ ଧ୍ୟାନ କଲେ ପରମ ଶାନ୍ତି ପାଇବ।

- ରାମାନୁଜ

## ସଂକ୍ଷେପରେ

### ଜେଜେମା' ଜେଜେବାପା ସମ୍ମିଳନୀ

**ଲୋଇସିଂହା,୧୦।୧୨(ଡି.ଏନ.ଏ.)-** ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରଠାରେ ଜେଜେମା ଜେଜେବାପା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଇନ୍ଦ୍ରମଣୀ ତ୍ରିପାଠୀ, ବିମଳ ଚରଣ ହୋତା ଅତିଥି ଭାବେ ଯୋଗଦେଇ ନାତୁଣୀନାତିଙ୍କ ପ୍ରତି ଜେଜେମାଜେଜେବାପାଙ୍କ ଭୂମିକା ଏବଂ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଜେଷ୍ଠଙ୍କ ମାର୍ଗ ଦର୍ଶକ ସେମାନଙ୍କୁ ଆଗକୁ ବଢିବାକୁ ପ୍ରେରଣା ଯୋଗାଇଥାଏ ବୋଲି ମତ ଦେଇଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ର ଅଧକ୍ଷତା କରି ଅତିଥି ପରିଚୟ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।

### ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ଟିକ୍ରାପଡା,୧୦।୧୨(ଡି.ଏନ.ଏ.)-** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଯୁରାବନ୍ଧଠାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ କିଶୋରୀକିଶୋରମାନଙ୍କ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହିଳା ସ୍ୱାସ୍ଥ୍ୟକର୍ମୀ ସଂଯୁକ୍ତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜଗନ୍ନାଥ ମୁଦୁଲି ଏବଂ ସାଥି ସଞ୍ଚାର କଳା ପରିବେଷଣ କରି କିଶୋରୀକିଶୋରଙ୍କ ସ୍ୱାସ୍ଥ୍ୟ, ବାଲ୍ୟ ବିବାହ ନିରୋଧ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିଥିଲେ।

### ତୁଷୁରାରେ ଜବରଦଖଲ ଉଚ୍ଛେଦ

# ପରିବାର ପୋଷଣ ଚିନ୍ତାରେ ଦୋକାନୀ

**ଗୁଡ଼ଭେଲା,୧୦।୧୨ (ଡି.ଏନ.ଏ.)**

ତୁଷୁରା ସହରର ଉନ୍ନତି କରଣ ପାଇଁ ସୋମବାର ଏନଏସି ପକ୍ଷରୁ ସହରରେ ଜବରଦଖଲ ଉଚ୍ଛେଦ କରାଯାଇଛି । ସରକାରୀ ଜମିକୁ ଜବରଦଖଲ କରିବା ସହ ସେଠାରେ ଲୋକେ ଦୋକାନ ତିଆରି କରି ବହୁ ବର୍ଷ ହେବ ପରିବାର ପ୍ରତିପୋଷଣ କରି ଆସୁଥିଲେ । କିନ୍ତୁ ସହରର ଉନ୍ନତି ତଥା ଛକ ମଝିରେ ତିନି ଲାଇନରେ ୬୦ଟି ଷ୍ଟଲ ନିର୍ମାଣ ପାଇଁ ସ୍ଥିରୀକୃତ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୩୦ଟି ଷ୍ଟଲ ନିର୍ମାଣ ହେବ ବୋଲି ଏନଏସି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି ଛକ ନିକଟରେ ପ୍ରାୟ ୧୩୦ଟି ଅସ୍ଥାୟୀ ଦୋକାନ ଗଢ଼ି ଉଠିଥିଲା। ଗତ ୨୨ତାରିଖରେ ଏନଏସି ପ୍ରଶାସନ ପକ୍ଷରୁ ୮୬ଜଣ ଅସ୍ଥାୟୀଭାବେ ଦୋକାନ ଦେଇଥିବା ଲୋକଙ୍କୁ ନଭେମ୍ବର ୩୦ତାରିଖ ଭିତରେ ଉଠାଇବା ପାଇଁ ନୋଟିସ ଦିଆଯାଇଥିଲା। ଲୋକେ ପ୍ରଶାସନକୁ ସହଯୋଗ କରି ନିଜେ ନିଜେ ଦୋକାନ ଗୁଡ଼ିକ ଉଠାଉଥିବାବେଳେ ସୋମବାର ଛକରେ ଏନଏସି ପ୍ରଶାସନ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ କରାଯାଇଥିଲା।

ଉଠା ଦୋକାନରୁ ଦୋକାନୀମାନେ ନିଜ ପରିବାର ପ୍ରତି ପୋଷଣ କରୁଥିବାବେଳେ ଏବେ କିପରି ନିଜ ପରିବାର ପୋଷଣ କରିବୁ ବୋଲି ଦୁଃଖଭରା କଣ୍ଠରେ କହିଛନ୍ତି। ସେହିପରି ମୁଖ୍ୟରାସ୍ତା ଦୁଇ କଡରେ ନିର୍ମିତ ହୋଇଥିବା ପକ୍କା ଘର ଗୁଡିକ ଭଙ୍ଗା ଯାଉ ବୋଲି ଅଡ଼ି ବସିଥିବାରୁ କିଛି ସମୟ ଧରି ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ପରେ ପର୍ଯ୍ୟାୟକ୍ରମେ ବେଆଇନଭାବେ ଗଢ଼ି ଉଠିଥିବା ପକ୍କାଘର ମଧ୍ୟ ଉଚ୍ଛେଦ କରାଯିବ ବୋଲି ଏନଏସି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଥମିଥିଲା। ଅନ୍ୟପକ୍ଷେ ତୁଷୁରା ପଞ୍ଚାୟତର ସାପ୍ତାହିକ ବଜାର ମଝିରେ ୧୮ଟି ଷ୍ଟଲ ଥିବାବେଳେ ପୁରୁଣା ଧର୍ମଶାଳା ସମ୍ମୁଖରେ ୫ଟି ଷ୍ଟଲ ନିର୍ମାଣ କରାଯାଇଛି। ହେଲେ ଉକ୍ତ ଷ୍ଟଲ ଗୁଡ଼ିକ ଏନଏସି ଅଧିନରେ ରହିଛି। ଫଳରେ ଲୋକଙ୍କ ଅଭିଯୋଗ ହେଲା ଯେ, ସ୍ଥାନୀୟ ପ୍ରଶାସନକୁ ହାତ କରି ଜଣେ ଜଣେ ବ୍ୟକ୍ତି ତିନିରୁ ଊର୍ଦ୍ଧ୍ୱ ଷ୍ଟଲ ଅକ୍ତିଆର କରି ଭଡ଼ାରେ ଲଗାଉଛନ୍ତି। ଅନ୍ୟପକ୍ଷରେ ଉକ୍ତ ଷ୍ଟଲ ଗୁଡ଼ିକ ଛୋଟ ଥିବାରୁ ଲୋକେ ଉକ୍ତ ଷ୍ଟଲ ଥାଇ ମଧ୍ୟ ଅସ୍ଥାୟୀ ଭାବେ ଦୋକାନ ଦେଇ ଉଭୟ ସ୍ଥାନରେ ଅକ୍ତିଆର କରିଥିବାରୁ ଲୋକେ ପ୍ରଶାସନକୁ ଅଭିଯୋଗ କରିଥିଲେ । ଏ ନେଇ ଏନଏସି କାର୍ଯ୍ୟ ନିର୍ବାହି ଅଧିକାରୀ ବିପିନ ବିହାରୀ ଦୀପଙ୍କୁ ପଚାରିବାରୁ ସେ କହିଛନ୍ତି, ଦୋକାନ ବଜାର ଉଠିଥିବା ଲୋକଙ୍କୁ ଅନ୍ୟତ୍ର ଥଇଥାନ କରିବାର କୌଣସି ବ୍ୟବସ୍ଥା ନାହିଁ। ଲୋକମାନଙ୍କ ଅଭିଯୋଗ ଆମ ନଜରକୁ ଆସିଛି ସେ ଉପରେ ମଧ୍ୟ ପଦକ୍ଷେପ ନିଆଯିବ। ଷ୍ଟଲ ହେବା ପରେ ଏକ କମିଟି କରାଯାଇ ଉଚିତ ଲୋକଙ୍କୁ ଆବଣ୍ଟନ କରାଯିବ ବୋଲି ସେ କହିଥିଲେ । ଏହି ଉଚ୍ଛେଦ ସମୟରେ ତୁଷୁରା ଅତିରିକ୍ତ ତହସିଲଦାର ଚନ୍ଦ୍ରମଣୀ ନାଗ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିବାବେଳେ ଏନଏସି କାର୍ଯ୍ୟ ନିର୍ବାହି ଅଧିକାରୀ ବିପୀନ ବିହାରୀ ଦୀପ, ଜେଇ ସନ୍ତୋଷ ବେହେରା, ତୁଷୁରା ଥାନାଧିକାରୀ ପଞ୍ଚାନନ ନାୟକ ତଥା ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତ ରହିଥିଲେ ।



ପ୍ରଶାସନିକ ଅଧିକାରୀମାନଙ୍କ ଗହଣରେ ଜବର ଦଖଲ ଉଚ୍ଛେଦ କରାଯାଉଛି।

# ଗଛରେ ପିଟିହେଲା ବୋଲେରୋ, ୬ଗୁରୁତର

**ଲୋଇସିଂହା,୧୦।୧୨(ଡି.ଏନ.ଏ.)**

ଲୋଇସିଂହାସ୍ଥିତ ପୁଟାପାଲିଠାରେ ସୋମବାର ସକାଳୁ ଏକ ବୋଲେରୋ ଗାଡି ଗଛରେ ପଟିହେବାରୁ ୬ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ଆଗଲପୁର ବ୍ଲକ ଅଞ୍ଚଳର ସରୋଜ ସାହୁ(୪୨), ସରୋଜ ପାତ୍ର(୪୫), ଚିନ୍ତାମଣୀ ସାହୁ(୫୮), ଇନ୍ଦ୍ରଚରଣ କଠାର(୪୫), ରବୀନ୍ଦ୍ର ଚରଣ କଠାର(୪୫), ଏବଂ ସଦାନନ୍ଦ ସାହୁ(୬୦)। ସେମାନଙ୍କୁ ଉଦ୍ଧାର କରାଯାଇ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି । ଆଗଲପୁର ବ୍ଲକର ବିଭିନ୍ନ ପ୍ୟାକ୍ସର ନିର୍ବାଚିତ ପ୍ରତିନିଧିମାନେ ଗୁପ୍ତେଶ୍ୱର ଦର୍ଶନ କରିବା ସହ ବଣଭୋଜି କରିବାକୁ ଯାଇଥିଲେ । ସେଠାରୁ ୨ଟି ବୋଲେରୋରେ ଫେରୁଥିବା ସମୟରେ ଗାଡି ନଂ(ଓଡି୦୩ଏ ୭୮୮୦) ଲୋଇସିଂହା ନିକଟ ପୁଟାପାଲି ନାଳ ନିକଟରେ ଥିବା ଏକ ବରଗଛରେ ପିଟି ହୋଇଥିଲା । ଏଥିରେ ଥିବା ୧୨ଜଣ ଯାତ୍ରୀଙ୍କ ମଧ୍ୟରୁ ୬ଜଣ ଗୁରୁତର ହୋଇଥିଲେ । ସାଙ୍ଗରେ ଥିବା ଅନ୍ୟ ଗାଡିର ଯାତ୍ରୀମାନେ ତାଙ୍କୁ ଉଦ୍ଧାର କରି ୧୦୮ଆମ୍ବୁଲାନ୍ସରେ ବଲାଙ୍ଗୀର ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ। ଖବରପାଇ ଲୋଇସିଂହା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ୨୬ ଦିନରେ ଗ୍ରାମ ରୋଜଗାର ସେବକଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ଖପ୍ରାଖୋଲ,୧୦।୧୨ (ଡି.ଏନ.ଏ.)**

ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ୍)ଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଜିଆର୍‌ଏସ୍ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ସୋମବାର ୨୬ ଦିନରେ ପହଞ୍ଚିଛି। ହେଲେ ସରକାର କୌଣସି ପଦକ୍ଷେପ ନେଇ ନ ଥିବା ବେଳେ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଯୋଜନା ସମ୍ପର୍କିତ କାମ ଏକ ପ୍ରକାର ଠପ ହୋଇଯାଇଛି। ଆନ୍ଦୋଳନରେ ଖପ୍ରାଖୋଲ ବ୍ଲକ ଜିଆର୍‌ଏସ୍ ସଂଘ ସଭାପତି ମୃତ୍ୟୁଞ୍ଜୟ ନନ୍ଦ, ସମ୍ପାଦକ ପବିତ୍ର କାଲସାଏ, ସତ୍ୟନାରାୟଣ ମେହେର, ସରୋଜ ଭୋଇ, ପ୍ରଦୀପ ଶତପଥୀ, ଷଡାନନ ମାଝି, ବିପିନ ବେହେରା, ଜିରମନ ନନ୍ଦ, ସୁଧର୍ମା ବେହେରା ପ୍ରମୁଖଙ୍କ ସହ ଅନ୍ୟମାନେ ସାମିଲ ହୋଇଛନ୍ତି। ଏ ନେଇ ଖପ୍ରାଖୋଲ ବିଡିଓ ତରଣି ସୁନାଙ୍କୁ ପଚାରିବାରୁ ଜିଆର୍‌ଏସ୍‌ଙ୍କ ଆନ୍ଦୋଳନ ଯୋଗୁ କାମରେ ସାମନ୍ୟ ପ୍ରଭାବିତ ହୋଇଛି। ଅନ୍ୟପକ୍ଷେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଗାଁ ସାଥୀଙ୍କ ସହାୟତାରେ ଶ୍ରମିକମାନେ କାମ ପାଇଁ ଦାବି କଲେ କାମ ଯୋଗାଇ ଦିଆଯାଉଥିବା ପ୍ରକାଶ କରିଛନ୍ତି।

### ଟିଟିଲାଗଡ଼ ଜିଲା ଦାବି ପ୍ରସଙ୍ଗ

# ୪୦ଦିନରେ ଆନ୍ଦୋଳନ, ନୀରବ ସରକାର

**ଟିଟିଲାଗଡ଼,୧୦।୧୨(ଡି.ଏନ.ଏ.)**

ଟିଟିଲାଗଡ ଉପଖଣ୍ଡକୁ ଜିଲା ଦାବି ନେଇ ଦୀର୍ଘ ୨୬ବର୍ଷ ଧରି ଜାରି ରହିଥିବା ଆନ୍ଦୋଳନ ଦିନକୁ ଦିନ ବ୍ୟାପକ ହେବାରେ ଲାଗିଛି। ଜିଲା ଦାବି ନେଇ ଜିଲା କ୍ରିୟାନୁଷ୍ଠାନ କମିଟିର ଡାକରାରେ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪୦ଦିନ ଧରି ଗଣଧାରଣାରେ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ସଂଗଠନ ସାମିଲ ହୋଇଛନ୍ତି। ଏ ନେଇ ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ, କୋର୍ଟ କଚେରୀ ବନ୍ଦ ରହିଛି। ଦ୍ୱିତୀୟ ସୋମବାର ଅବସରରେ ବଲାଙ୍ଗୀର ଜିଲାପାଳ ତଥା ଏସପିଙ୍କ ମିଳିତରେ ଟିଟିଲାଗଡ ଉପଖଣ୍ଡସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ହୋଇପାରିନାହିଁ। ଗତ ମାସ ମଧ୍ୟ ସମାନ ଅବସ୍ଥା ଉପୁଜିଥିଲା। ଅପରପକ୍ଷରେ ଟିଟିଲାଗଡ ଜିଲା ଦାବିକୁ ଉପଖଣ୍ଡ ଅନ୍ତର୍ଗତ ଶାସକ ଦଳର ଦୁଇ ବିଧାୟକ ଆୟୁବ ଖାନ, ଟୁକୁନୀ ସାହୁ, ଦୁଇ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ସୁରେନ୍ଦ୍ର ସିଂ ଭୋଇ, ପୂର୍ବତନ ଏମ୍‌ପି ଶରତ ପଟ୍ଟନାୟକ, ବଲାଙ୍ଗୀର ଏବଂ ପାଟଣାଗଡ ଆଇନଜୀବୀ ସଂଘ, ଜିଲା ଆଦିବାସୀ କଲ୍ୟାଣ ମହାସଂଘ, କୋଶଲ ନେତା ସମର୍ଥନ ଜାହିର କରିଛନ୍ତି। ରାଜ୍ୟ ସରକାର ମଧ୍ୟ ଏ ନେଇ କୌଣସି ମୁହଁ ଖୋଲୁ ନାହାନ୍ତି। ଅପରପକ୍ଷରେ ଜିଲା ଦାବି ନେଇ ଜାରି ରହିଥିବା ଗଣଧାରଣାରେ ସୋମବାର ସିରିଡି ସାଇ ସଂସ୍ଥାନ କର୍ମକର୍ତ୍ତା ସାମିଲ ହୋଇଛନ୍ତି। ସଂସ୍ଥାନର ସଭାପତି ତଥା ରାଜ୍ୟ ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରମୋଦ ପ୍ରଧାନ, ପଦ୍ମନାଭ ବେହେରା, ରାଜୁ ମିଶ୍ର, ରାଜଦୀପ ପଟ୍ଟନାୟକ, ପ୍ରଦୀପ ଦେ, ରାଧାକାନ୍ତ ଦର୍ଜି, କାମନ୍ତା ସାହୁ, ସୁଧିର ମେହେର ପ୍ରମୁଖ ଧାରଣାରେ ସାମିଲ ହୋଇଛନ୍ତି।

# ଓୟୁଜେ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ

**ଟିଟିଲାଗଡ଼,୧୦।୧୨(ଡି.ଏନ.ଏ.)**

ଖବରଦାତା ସଂଘ ଓୟୁଜେର ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳା ଠାରେ ନିର୍ବାଚନ ଅଧିକାରୀ ବରିଷ୍ଠ ଖବରଦାତା ଶରତ ମିଶ୍ରଙ୍କଠାରେ ସୋମବାର ପ୍ରତିଦ୍ୱନ୍ଦୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଜିଲା ସଭାପତି ପ୍ରାର୍ଥୀ ଭାବେ ଦୀପକ ସମ୍ପାଦାର ତଥା ସାଧାରଣ ସମ୍ପାଦକ ପ୍ରାର୍ଥୀ ଭାବେ ପ୍ରଦୀପ୍ତ ମିଶ୍ର ସେମାନଙ୍କ ସମର୍ଥକଙ୍କ ଗହଣରେ ଯାଇ ନିଜ ନାମାଙ୍କନ ପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ମିଶ୍ର ସୂଚନା ଦେଇଛନ୍ତି। ମଙ୍ଗଳବାର ପ୍ରାର୍ଥୀପତ୍ର ଯାଞ୍ଚ ତଥା ପ୍ରତ୍ୟାହାରର ଧାର୍ଯ୍ୟ ରଖାଯାଇଛି। ସୋମବାର ପ୍ରାର୍ଥୀପତ୍ର ଦାଖଲ ସମୟରେ ଓୟୁଜେ ସଦସ୍ୟ ଗୋପାଳ ଅଗ୍ରୱାଲ, ପ୍ରକାଶ ମହାରଣା, ପ୍ରକାଶ ଗୋୟଲ, ସଞ୍ଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଲୋଇସିଂହାରେ ସ୍ୱାଭାବିକ ହେଉନି ଧାନକିଣା

**ଲୋଇସିଂହା,୧୦।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପ୍ରଶାସନ ଧାନ ମଣ୍ଡି ଖୋଲିବାକୁ ଘୋଷଣା କରିବାର ମାସ ଟିଏ ବିତି ଗଲାଣି । କିନ୍ତୁ ଲୋଇସିଂହା ବ୍ଲକରେ ମଣ୍ଡି ବ୍ୟବସ୍ଥା ସ୍ୱାଭାବିକ ହୋଇ ପାରିନାହିଁ। ଏହାର ଫାଇଦା ଉଠାଇଛନ୍ତି ଧାନ ବେପାରୀମାନେ। ଧାନ ଅମଳ କରି ସାରିଥିବା ଚାଷୀମାନେ ବେପାରୀଙ୍କ ନିକଟରେ ଅଣ୍ଡର ରେଟରେ ବିକ୍ରି କରି ଶୋଷଣର ଶିକାର ହେଉଛନ୍ତି । ଅପରପକ୍ଷେ ସୋମବାରଠାରୁ କେତେକ ପ୍ୟାକ୍ସରେ ଧାନ କିଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ପ୍ୟାକ୍ସରେ ଚାଷୀମାନେ ଧାନ ବିକ୍ରି ପାଇଁ ମହଜୁତ କରି ସାରିଲେଣି । ତେବେ କୁଇଣ୍ଟାଲ ପିଛା ୫କେଜି ଧାନ କଟନୀ କରିବାକୁ ବିଭାଗୀୟ ମସୁଧା ଚାଲିଛି । ଏହାକୁ ଚାଷୀମାନେ ପ୍ରବଳ ବିରୋଧ କରିବା ଆଭାସ ମିଳିଛି । ବ୍ଲକର ବିଡିସି ବ୍ୟାଙ୍କ ଅଧୀନରେ ଥିବା ୧୦ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଜରିଆରେ ଚାଷୀଙ୍କ ଧାନ କିଣା ଯିବ। ବିଡିସିସି ବ୍ୟାଙ୍କ ସୁପରଭାଇଜର ଅରକ୍ଷିତ ପଧାନଙ୍କ ସୂଚନା କ୍ରମେ ବ୍ଲକର ସମସ୍ତ ମଣ୍ଡିକୁ ପ୍ରଥମ ପର୍ଯ୍ୟାୟରେ ୪ହଜାର କୁଇଣ୍ଟାଲ ଧାନ କିଣା ଟାର୍ଗେଟ ଦିଆଯାଇଛି । ମିଆଦ ପୁରିଲା ପରେ ପରବର୍ତ୍ତୀ ଟାର୍ଗେଟ ଆସିଥାଏ। ତେବେ ବ୍ଲକର ୧୦ଟି ପ୍ୟାକ୍ସରୁ ବୁର୍ଡା, ଯୋଗୀସର୍ଡା ଏବଂ କନ୍ଦାକୁରୀ ମଣ୍ଡି ଧାନ କିଣା ଉଦ୍‌ଘାଟନ ହୋଇଥିବା ପ୍ରକାଶ କରିଥିଲେ। ବ୍ଲକର ଚାଷୀମାନେ ମରୁଡିମାଡରେ କ୍ଷତି ଗ୍ରସ୍ତ ହୋଇ ପଡିଛନ୍ତି। ଅମଳଧାନକୁ ମଣ୍ଡିରେ ବିକ୍ରି କରି ସରକାରୀ ଦରରେ ଟଙ୍କା ପାଇବାକୁ ଚାହିଁ ବସିଛନ୍ତି। କିନ୍ତୁ ବିଭିନ୍ନ ଆଳ ଦେଖାଇ ଜାଣିଶୁଣି ମଣ୍ଡିକୁ ବିଳମ୍ବିତ କରାଯାଉଛି। ଫଳରେ କ୍ଷୁଦ୍ର ଚାଷୀମାନେ ଅମଳ କରିଥିବା ଧାନକୁ ବେପାରୀ ହାତରେ ଅଣ୍ଡର ରେଟରେ ଟେକି ଦେବାକୁ ବାଧ ହେଉଛନ୍ତି। ପ୍ୟାକ୍ସରେ ପଞ୍ଜିକୃତ ଉପରୋକ୍ତ କ୍ଷୁଦ୍ର ଚାଷୀଙ୍କ କାର୍ଡରେ ବେପାରୀଙ୍କ କିଣିଥିବା ଧାନ ସବୁ ମିଲକୁ ପଠାଇବା ପାଇଁ ଏପରି ଚକ୍ରାନ୍ତ କରାଯାଉଥିବା ଚାଷୀ ନେତାମାନେ ଅଭିଯୋଗ କରିଛନ୍ତି । ବ୍ଲକ ଯୋଗାଣ ଅଧିକାରୀ ସୌମ୍ୟ ମହାନନ୍ଦ ଫୋନ ରିସିପ କରୁନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରି ନାହିଁ। ଏଥିପ୍ରତି ଜିଲାପାଳ ଦୃଷ୍ଟି ନିକ୍ଷେପ ନ କଲେ ଚାଷୀମାନେ କ୍ଷତିଗ୍ରସ୍ତ ହେବା ନିଶ୍ଚିତ ପ୍ରାୟ ବୋଲି ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦାବି ହେଉଛି।

# ମଣ୍ଡି ବନ୍ଦ ପାଇଁ ଦାବିକଲେ ଚାଷୀ

**ଟିକ୍ରାପଡା,୧୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡାସ୍ଥିତ ପ୍ରାଥମିକ କୃଷି ସମବାୟ ସମିତି ତରଫରୁ ଧାନ କ୍ରୟ ପାଇଁ ସୋମବାର ଧାନମଣ୍ଡି ଖୋଲାଯାଇଛି । ଏଥିପାଇଁ ଚାଷୀମାନଙ୍କୁ ଟୋକନ ଦିଅଯାଇଥିଲା । ତେବେ କିଛି ଚାଷୀ ଧାନ ବିକ୍ରି ପାଇଁ ପ୍ୟାକ୍ସ ପରିସରରେ ଧାନ ଜମା କରିଥିଲେ । ତେବେ ଟିକ୍ରାପଡା, ଝିଙ୍କିଡୁଙ୍ଗରୀ, ଯୁରାବନ୍ଧ ପଞ୍ଚାୟତ ଅଞ୍ଚଳର ଚାଷୀମାନେ ପ୍ୟାକ୍ସ କାର୍ଯ୍ୟାଳୟକୁ ଆସି କ୍ରପ କଟିଙ୍ଗ ସରିବା ଯାଏ ଧାନ କ୍ରୟ ବନ୍ଦ ରଖିବାକୁ ଦାବି କରଛନ୍ତି। ଅନ୍ୟପଟେ ଏ ନେଇ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ୟାକ୍ସ ସହ ସମ୍ପାଦକ ରୋହିତାଶ୍ୱ ତାଣ୍ଡିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଫଳରେ ଧାନ କିଣା ହୋଇ ପାରି ନ ଥିଲା । ବର୍ଷାଭାବ ଫଳରେ ବ୍ୟାପକ ଭାବେ ଧାନ ଫସଲ ନଷ୍ଟ ହୋଇ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି । କ୍ରପ କଟିଙ୍ଗ ସରି ନାହିଁ । ତେଣୁ ଧାନ କିଣା ବନ୍ଦ ରଖିବାକୁ ଦାବି କରୁଛୁ ବୋଲି ଚାଷୀମାନେ ପ୍ରକାଶ କରିଥିଲେ । କେବଳ ଚାଷୀମାନଙ୍କ ଠାରୁ ଧାନ କିଣାଯିବା ସହ ବେପାରୀ ଓ ଦଲାଲମାନଙ୍କୁ ଧାନ ବିକ୍ରୟ ପାଇଁ ପ୍ରଶ୍ରୟ ଦିଆ ନ ଯାଉ ବୋଲି ସେମାନେ ଦାବି କରିଥିଲେ। ବିଜେଡି ବ୍ଲକ ସଭାପତି ଦିଲୀପ ରାଜପଲିଆ, ଭାଜପା ଜିଲା ଓବିସି ସେଲ ଉପସଭାପତି ଅକ୍ଷୟ ରଣା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ହୃଷିକେଶ ରାଜପଲିଆ, ସମିତି ସଭ୍ୟ ସନ୍ତୋଷ ପାତ୍ର, ଝିଙ୍କିଡୁଙ୍ଗୁରୀ ସରପଞ୍ଚ ବଜରଙ୍ଗଲାଲ ଜୈନ, ଗଙ୍ଗାଧର ଠାକୁର ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।



ସଇଁତଲା ବ୍ଲକ ଟିକ୍ରାପଡାଠାରେ ମଣ୍ଡି ବନ୍ଦ ଦାବିରେ ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ଫଟୋରେ ଖବର





ବଲାଙ୍ଗୀର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଓକିଲ ସଂଘ ପକ୍ଷରୁ ସିଭିଲ କୋର୍ଟ ସମ୍ମୁଖରେ ଧାରଣା ଦିଆଯାଇଛି।



ବଲାଙ୍ଗୀର ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବଲାଙ୍ଗୀର ବିଡିଜିଏ ହେଲ୍‌ଥ କ୍ଲବ ସଦସ୍ୟମାନେ ଧାରଣାରେ । (ଫଟୋ: ସୁନୀଲ ମହାନ୍ତି)

# ଟିଟିଲାଗଡ଼ ଜିଲା ଦାବିରେ ରାଜଧାନୀକୁ ପଦଯାତ୍ରା

**ସଇଁତଲା,୧୦।୧୨(ଡି.ଏନ.ଏ.)**

ଟିଟିଲାଗଡ଼ ଜିଲା ଦାବିକୁ ସୋମବାର ୪୦ଦିନ ପୂରଣ ହୋଇଛି । ସୋମବାର ଟିଟିଲାଗଡ଼କୁ ଜିଲା ମାନ୍ୟତା ଦାବିରେ ରଞ୍ଜନ ଖୁଆସ ନାମକ ଜଣେ ବ୍ୟକ୍ତି ପଦଯାତ୍ରାରେ ରାଜଧାନୀ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି । ସକାଳୁ ଟିଟିଲାଗଡ଼ରୁ ବାହାରି ମଧ୍ୟାହ୍ନ ୩ଟା ୩୦ମିନିଟ ସମୟରେ ସଇଁତଲାଠାରେ ପହଞ୍ଚିଥିଲେ। ସଇଁତଲା ବ୍ୟାଙ୍କଛକ ନିକଟରେ ତାଙ୍କୁ କଂଗ୍ରେସ ଦଳର ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ବ୍ଲକ ସଭାପତି ଗୁଣସାଗର ମାଝୀ, ଦୀପକ ଅଗ୍ରୱାଲ, ରଜତ ପଟ୍ଟନାୟକ, ବଜରଙ୍ଗଲାଲ ଜୈନ, ପପୁ ମହାନ୍ତି, ପ୍ରେମାନନ୍ଦ ଭୋଇ, ମକୁନ୍ଦ ନାଗ, ପ୍ରେମ ବାଗ, କୃଷ୍ଣଚନ୍ଦ୍ର ସାହୁ, ସୁବ୍ରତ ବେହେରା, ରଣଜିତ ସିଂ ବାବୁ, ବରିଷ୍ଠ ଖବରଦାତା ଦୟାନିଧି ସାହୁ, ସଇଁତଲା କ୍ରିୟାନୁଷ୍ଠାନ କମିଟି, ଓକିଲ ସଂଘର ସଭାପତି ଦେବରାଜ ପଣ୍ଡା, ସୁବୋଧ ମିଶ୍ର, ଜପେଶ୍ୱର ଜାନୀ, ସାର୍ବଜନୀନ ଦୁର୍ଗାପୂଜା କମିଟି, ସଇଁତଲା ଖବରଦାତା ସଂଘ ତଥା ବହୁ ଅନୁଷ୍ଠାନ ତରଫରୁ ଖୁଆସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଆଗାମୀ ଦିନରେ ଟିଟିଲାଗଡ଼କୁ ଯଦି ଜିଲା ମାନ୍ୟତା ଦିଆ ନ ଯାଏ ତେବେ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ସିଂ ଭୋଇ କହିଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୧ ଡିସେମ୍ବର, ୨୦୧୮



ମନ ଭିତରେ ଯଦି ସନ୍ଦେହ ଉପୁଜିଲା, ତେବେ ଅଧିକ ଅଗ୍ରସର ନ ହୋଇ ଟିକିଏ ରହିଯାଅ।

- ଜୋରାଷ୍ଟ୍ରର



## ସଂକ୍ଷେପରେ

### ଗ୍ୟାସ୍ ବିତରଣ ମେଳା

ବୋଡେନ,୧୦।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନ ବ୍ଲକ ଫରସରା ପଞ୍ଚାୟତ ଆମ୍ବଗୁଡା ଓ ଫରସରା ଗ୍ରାମରେ ବୋଡେନ ମା' ଦ୍ୱାରଶନୀ ଭାରତ ଗ୍ୟାସ ତରଫରୁ ଗ୍ୟାସ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଫରସରା ସରପଞ୍ଚ ରାଜୁ ହେର୍ଣ୍ଣା, ନୋଡାଲ ଅଫିସର ସନିତା ନାଏକ ପ୍ରମୁଖଙ୍କ ସହ ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଉପସ୍ଥିତ ଥିଲେ । ଦୁଇଟି ଗାଁର ମୋଟ ୫୬ ଜଣ ହିତାଧିକାରୀଙ୍କୁ ଗ୍ୟାସ ପ୍ରଦାନ କରାଯାଇଥିଲା । ଭାରତ ଗ୍ୟାସ ପକ୍ଷରୁ ପ୍ରେମଶଙ୍କର ସଂ ମାଝି, ଲିଙ୍ଗେଶ୍ୱର ଧରୁଆ, କୃଷ୍ଣଚନ୍ଦ୍ର ମାଝି, ଅତିନ୍ଦ୍ର ମାଲି, ଲବ ବାଗ, ପ୍ରମୁଖ ସହଯୋଗ କରିଥିଲେ ।

### କୂଅରେ ପଡ଼ି ଯୁବକଙ୍କ ମୃତ୍ୟୁ

ବୋଡେନ,୧୦।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡ଼େନ ଥାନା ଅନ୍ତର୍ଗତ ଲର୍କା ପଞ୍ଚାୟତ କାମପୁର ଗାଁରେ ରବିବାର କୂଅରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାମପୁର ଗାଁର ବୈଷ୍ଣବ ବାଗ (୪୦)। ପ୍ରାପ୍ତସୂଚନା ଅନୁଯାୟୀ କାମପୁର ଗାଁର ବୈଷ୍ଣବ କୌଣସି କାରଣରୁ ଗାଁର କୂଅରେ ପଡିଥିଲେ। ଖବର ପାଇ ବୋଡେନ ଥାନା ଆଇଆଇସି ବିଷ୍ଣୁ ନାଏକ ଓ ତହସିଲଦାର ନରେନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଗ୍ରାମବାସୀଙ୍କ ଉପସ୍ଥିତିରେ ମୃତଦେହକୁ କୁଅରୁ ଉଦ୍ଧାର କରାଯାଇଥିଲା । ପୋଲିସ ତଦନ୍ତ ବେଳେ ମୃତକଙ୍କ ପେଣ୍ଟ ପକେଟରୁ ମଦ ପାଉଚ, ଭାଙ୍ଗ ପୁଡିଆ ସହିତ କିଛି ଟଙ୍କା ମିଳିଥିଲା । ପୂର୍ବ ଶତ୍ରୁତାକୁ ନେଇ ମୋ ସ୍ୱାମୀଙ୍କୁ କେହି ହତ୍ୟା କରି କୂଅରେ ଫିଙ୍ଗି ଦେଇଥିବା ସନ୍ଦେହ କରି ବୈଷ୍ଣବ ବାଗଙ୍କ ସ୍ତ୍ରୀ ଉମାକାନ୍ତି ବୋଡେନ ଥାନାରେ ଅଭିଯୋଗ କରିଛନ୍ତି। ବୋଡେନ ପୋଲିସ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ବୋଡେନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି ବିଷ୍ଣୁ ନାଏକ ପ୍ରକାଶ କରିଛନ୍ତି ।

### ବସ୍-ଟ୍ରକ୍ ଧକ୍କା, ଜଣେ ଗୁରୁତର

ଭବାନୀପାଟଣା,୧୦।୧୨(ଡି.ଏନ.ଏ.)

ରବିବାର ରାୟଗଡାରୁ ଭବାନୀପାଟଣା ଅଭିମୁଖେ ଆସୁଥିବା ଏକ ଘରୋଇ ବସରେ ଜଣେ ଯୁବକ ଚଢୁଥିବା ବେଳେ ବେଦାନ୍ତରୁ ଆସୁଥିବା ଏକ ଟ୍ରକ ବସକୁ ଧକ୍କା ଦେଇ ଯୁବକଙ୍କ ଉପରକୁ ମାଡି ଯାଇଥିଲା। ଏଥିରେ ରାୟଗଡା ଜିଲା ଲମ୍ବୋଦର ଭୂୟାଁ (୪୦) ଗୁରୁତର ଆହତ ହୋଇଛନ୍ତି । ସେ ଭବାନୀପାଟଣା ପୁରୁଣାପଡାସ୍ଥିତ ରମେଶ ଚନ୍ଦ୍ର ପ୍ରଧାନଙ୍କ ଘରେ ଜନ୍ମଦିନ ଉତ୍ସବରେ ଯୋଗ ଦେବାକୁ ବସରେ ତାଙ୍କ ପୁଅଙ୍କ ସହିତ ଆସୁଥିଲେ। କଦଳୀ ଘାଟି ନିକଟରେ ବସ ଅଟକିବାରୁ ଲମ୍ବୋଦର ପରିସ୍ରା ପାଇଁ ଓହ୍ଲାଇଥିଲେ। ପୁଣି ବସକୁ ଚଢୁଥିବା ବେଳେ ପଛପଟୁ ଲାଞ୍ଜିଗଡ ବେଦାନ୍ତରୁ ଆସୁଥିବା ଏକ ଟ୍ରକ (ନଂ.ଓଆର୧୫ଏନ-୯୩୨୨) ବସକୁ ଧକ୍କା ଦେଇଥିଲା। ଫଳରେ ଲମ୍ବୋଦର ବସରୁ ଛିଟିକି ପଡିଥିଲେ। ପରେ ଟ୍ରକଟି ଓଲଟି ପଡି ଲମ୍ବୋଦରଙ୍କ ଗୋଡ ଉପରେ ପଡିଥିଲା। ଫଳରେ ଲମ୍ବୋଦରଙ୍କ ବାମ ଗୋଡ ଭାଙ୍ଗି ଯାଇଥିଲା। ତାଙ୍କୁ ଭବାନୀପାଟଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ପରିବା ବିକ୍ରିକରି ପରିବାର ପ୍ରତିପୋଷଣ କରୁଥିବାରୁ ଟ୍ରକ ମାଲିକଙ୍କୁ ଚିକିତ୍ସା ପାଇଁ ସାହାଯ୍ୟ ମଗାଯାଇଥିଲା। ଏଥିରେ ସେ ରାଜି ନ ହେବାରୁ ସନ୍ଧ୍ୟାରେ ପରିବାର ଲୋକେ ଛତିକୁଡା ନିକଟରେ ରାସ୍ତାରୋକୋ କରିଥିଲେ।

# ଭୁଶୁଡ଼ି ପଡ଼ିଛି ଟ୍ରାଫିକ ବ୍ୟବସ୍ଥା

ଘନଶ୍ୟାମ ଭୋଇ,
ନୂଆପଡା ଅଫିସ,୧୦।୧୨



ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଲାଗୋରୁମାନେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି ।

ନୂଆପଡା ଜିଲା ଗଠନର ଆଜିକୁ କୋଡିଏ ବର୍ଷ ବିତିଗଲା । ଏହାର ନବନିର୍ମାଣ ନାଁରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ବରାଦ କରୁଛନ୍ତି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଏଠିକାର ତଥାକଥିତ ନେତୃବୃନ୍ଦଙ୍କ ପାରିବା ପଣିଆର ଅଭାବ ଯୋଗୁ ଅବସ୍ଥା ଯଥାପୂର୍ବଂ ତଥା ପରଂ ହୋଇ ରହିଛି । ଜିଲା ସଦର ମହକୁମା ଅସଜଡା ହୋଇ ପଡିରହିଛି। ଛିନ୍ନଛତ୍ର ଅଫିସ ଘର, ତାସାଙ୍ଗକୁ ବେସରକାରୀ ଗୃହଗୁଡିକ ଯେଛା ତିଆରି ହେଉଥିବା ବେଳେ ଏଠିକାର ଟ୍ରାଫିକ ସମସ୍ୟା ବେହାଲ ହୋଇପଡିଛି। ଏହି ସମସ୍ୟା ଧୀରେ ଧୀରେ ବଢି ଚାଲିଥିବା ବେଳେ ସହର ମୁଖ୍ୟରାସ୍ତାରେ ଦିନ ରାତି ଗାଈ ଗୋରୁଙ୍କ ଆଡ୍ଡା ସବୁ ସରକାରୀ ଅବ୍ୟବସ୍ଥାକୁ ଇଙ୍ଗିତ କରୁଛି।

ଲୋକଙ୍କୁ ଦ୍ୱାର ମୁହଁରେ ସରକାରୀ ବ୍ୟବସ୍ଥା ଯୋଗାଇ ଦେବାକୁ ସରକାର ୧୯୯୩ରେ ଜିଲା ସଂଖ୍ୟା୧୩ରୁ ୩୦ଜିଲାକୁ ବୃଦ୍ଧି କଲେ। ଅବିଭକ୍ତ କଳାହାଣ୍ଡି ଜିଲା ବିଭାଜନ ହୋଇ ନୂଆପଡା ହେଲା । ସେତେବେଳେ ନୂଆପଡା ସହର ଏକ ଗ୍ରାମପଞ୍ଚାୟତ ରୂପରେ ଥିଲା । ଧୀରେ ଧୀରେ ଜନସଂଖ୍ୟା ବୃଦ୍ଧି ହେବା ସାଙ୍ଗକୁ ଆଜିକୁ ପାନଚ ବର୍ଷ ତଳେ ଏହା ଏକ ଏନଏସିରେ ପରିଣତ ହେଲା। ହେଲେ ନୂଆପଡା ଭଳି ଏକ ଛୋଟ ସହରର ଉନ୍ନତିକରଣ ସକାଶେ କୋଡିଏ ବର୍ଷ ବିତିଯାଉଛି। ତାକୁ ସାଧାରଣ ଲୋକ ହଜମ କରିପାରୁନାହାନ୍ତି । ନୂଆପଡା ସହର କହିଲେ ଇରିଗେସନଠାରୁ ତେଲିପଡା ଛକ ପର୍ଯ୍ୟନ୍ତ ମାତ୍ର ୨ କି.ମି. ଦୂର ରାସ୍ତାକୁ ବୁଝାଇଥାଏ । ଏହା ପୁଣି ଜାତୀୟ ରାଜପଥ ୩୫୩ ଅଧୀନରେ ଥିବାବେଳେ ଆଜକୁ ୨ ବର୍ଷ ହେବ ପ୍ରଶସ୍ତିକରଣ ଚାଲିଛି ଯେ ଶେଷ ହେବାର ନାଁ ଧରୁନାହିଁ । ଏଥିଯୋଗୁଁ ଲୋକେ ବର୍ଷସାରା ଧୂଳିଖାଇ ବେହାଲ ହେଲେଣି । ଏପଟେ ଦୈନିକ ଶତାଧିକ ଗାଡିମୋଟର ଚାଲୁଥିବାରୁ ଅହେତୁକ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ପୁଣି ରାସ୍ତାସାରା ରାତି ଦିନ ସବୁବେଳେ ଶହ ଶହ ବୁଲା ଗାଈ ଗୋରୁଙ୍କ ଉପରେ କାହାରି ଅଙ୍କୁଶ ନାହିଁ। ଏକତା ଛକରେ କିଛି ହାତଗଣତି ଟ୍ରାଫିକ ପୋଲିସ ଛିଡା ହୋଇ ହାତ ହଲାଇବା ସାର ହେଉଛି। ହେଲେ ଗୋରୁଙ୍କୁ ଘଉଡାଇବାକୁ କୌଣସି ଶକ୍ତି କାମ କରୁନାହିଁ । ଯଦି ଜିଲା ହେଡକ୍ୱାର୍ଟରରେ ଏଭଳି ସମସ୍ୟା ତେବେ ଜିଲାରୁ ଅନ୍ୟ ସ୍ଥାନ ସବୁ କିପରି ଥିବ ତାହା ସହଜେ ଅନୁମେୟ। ଜିଲା ହେଡକ୍ୱାର୍ଟରରେ ସବୁ ବଡ ବଡିଆ ଅଧିକାରୀ ସବୁବେଳେ ଆବାଗମନ କରିଥାନ୍ତି। ଏହା ସତ୍ତ୍ୱେ ଯଦି ଏହା ଲଗାମ ଛଡା ହୁଏ ତେବେ ଲୋକେ ଆଉ କାହାକୁ ଗୁହାରୀ ବରିବେ ବୋଲି କୁହାକୁହି ହୁଅନ୍ତି। ଏହା ଉପରେ ଏନଏସି ସହ ଜିଲା କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହେଉଛି । ଏ ନେଇ ନୂଆପଡ଼ା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝିଙ୍କୁ ପଚାରିବାରୁ ଗୋରୁ ଦ୍ୱାରା ହେଉଥିବା ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ସ୍ୱତନ୍ତ୍ର କାଞ୍ଜି ଘରର ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି । ସହର ଟ୍ରାଫିକ୍ ସମସ୍ୟା ସୁଧାର ପାଇଁ ପଦକ୍ଷେପ ନିଆଯାଇଛି ବୋଲି ନୂଆପଡ଼ା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି ।

**ନୂଆପଡା ସହର**
- ଗୋରୁ ଜଗୁଛନ୍ତି ରାସ୍ତା
- ନିର୍ମାଣ କାମ ଯୋଗୁ ଗହଳି

# ଡିଗ୍ରୀ ମଡେଲ କଲେଜରେ ମାନବିକ ଅଧିକାର ଶୀର୍ଷକ ପାଠଚକ୍ର

ଖଡିଆଳ,୧୦।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡିଆଳସ୍ଥିତ ଡିଗ୍ରୀ ମଡେଲ କଲେଜ ପରିସରରେ ଆଇନସେବା ପ୍ରାଧିକରଣ ପକ୍ଷରୁ ମାନବିକ ଅଧିକାର ଶୀର୍ଷକ ଏକ ପାଠଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି । ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ସବ୍‌ଜଜ୍ ସଂଘମିତ୍ରା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜେଏମଏଫସି ମାଜିଷ୍ଟ୍ରେଟ୍ ଶ୍ରଦ୍ଧା ମାଣ୍ଡୋଠିଆ, ସଦସ୍ୟ ଡ. ରାମଚନ୍ଦ୍ର ମିଶ୍ର ମାନବିକ ଅଧିକାର ବିଭିନ୍ନ ଦିଗ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଆଇନଜୀବୀ ମନିଷା ସାହୁ ଜାତି ସଂଘର ପ୍ରସ୍ତାବିତ ଅଧିକାର ୩୦ଟି ପ୍ରସ୍ତାବ ଉପରେ ପେପର୍ ଉପସ୍ଥାପନ କରିଥିଲେ । ଖଡିଆଳ ଓକିଲ ସଂଘ ସମ୍ପାଦକ ରବିନ୍ଦ୍ର କୁମାର ତଥା ଇରଫାନ୍ ମହମ୍ମଦଙ୍କ ସମେତ କଲେଜର ଛାତ୍ରୀଛାତ୍ରମାନେ ଆଲୋଚନାରେ ଭାଗ ନେଇଥିଲେ । କଲେଜ ଅଧ୍ୟକ୍ଷ ଡ. ମଧୁସୂଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ମାନବିକ ଅଧିକାର ଶୀର୍ଷକ ଆୟୋଜିତ ପାଠଚକ୍ରରେ ମଞ୍ଚାସୀନ ଅତିଥି ।

# ଆର୍ତ୍ତତ୍ରାଣ ସାହିତ୍ୟ ସଂସଦ ଗଠିତ

ଖଡିଆଳ,୧୦।୧୨(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପରିସରରେ ପ୍ରଧାନଶିକ୍ଷକ ନକୁଳ ଶବରଙ୍କ ଅଧ୍ୟକ୍ଷତାରେ ଆର୍ତ୍ତତ୍ରାଣ ସାହିତ୍ୟ ସଂସଦ ଗଠନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଖଡିଆଳ ସ୍ୱୟଂ ଶାସିତ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଫଣିନ୍ଦ୍ରମ ସିଂଦେଓ, ଅଧ୍ୟାପକ ସାମୁଏଲ ଦାନୀ, ତାରିଣୀ ପାଣିଗ୍ରାହୀ, ଜିତେନ୍ଦ୍ର ନାଥ ପଟ୍ଟନାୟକ, ପଦ୍ମଲୋଚନ ବର୍ମା ପ୍ରମୁଖ ଯୋଗଦେଇ ରୂପରେଖ ଉପରେ ଆଲୋଚନା ହେବା ପରେ ସଂସଦ ଗଠିତ ହୋଇଥିଲା । ଏଥିରେ ସଭାପତି ସ୍କୁଲ ପ୍ରଧାନଶିକ୍ଷକ ନକୁଳ ଶବର, ଉପସଭାପତି ଭାବେ ଶିକ୍ଷକ ଅକ୍ଷୟ କୁମାର ରଥ, ଗୌରାଙ୍ଗ ସାହୁ ସମ୍ପାଦକ, ଗୌରିଶଙ୍କର ଦୁବେ ସହ ସମ୍ପାଦକ, ନଳିମାରାଣୀ ସାଗର ଯୁଗ୍ମ ସମ୍ପାଦକ ଓ ଅଶୋକ ବେହେରା, ବଳଭଦ୍ର ସୁନାନୀଙ୍କୁ ମନୋନୀତ କରାଯାଇଥିଲା । ସେହିପରି ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ତମନ୍ନା ବିଶି, ମହେଶ୍ୱର ମହାପାତ୍ର, ଝସକେତନ କୈବର୍ତ୍ତ, ତରୁଣ ପଟେଲ, ପ୍ରଶାନ୍ତ ମେହେର, ଲିଲି କୈବର୍ତ୍ତ ପ୍ରମୁଖଙ୍କୁ ସଂସଦର କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା ।




ସଂସଦର ବୈଠକରେ ମଞ୍ଚାସୀନ ଅତିଥି ।

# ଦୋହେଲପଡା କଲେଜରେ ଆତ୍ମସୁରକ୍ଷା ଶିବିର

ଖଡିଆଳ,୧୦।୧୨(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ବ୍ଲକ ଦୋହେଲପଡାସ୍ଥିତ ପଲ୍ଲିପ୍ରଗତିକଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦଘାଟିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ରୁଦ୍ରମାଧବ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ବିରଞ୍ଚି ନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦୋହେଲପଡା ସରପଞ୍ଚ ନିଦ୍ରା ହରିଜନ, ମାଷ୍ଟର ଟ୍ରେନର୍ ନିଳିମା ବାରିକ ଉପସ୍ଥିତ ରହି ଆତ୍ମ ସୁରକ୍ଷାର ବିଭିନ୍ନ ଦିଗ ଉପରେ ସାମ୍ୟକ ସୂଚନା ପ୍ରଦାନ କରିଥିଲେ । ଏଥିସହ ବର୍ତ୍ତମାନ ସ୍ଥିତିରେ ବିଶେଷ କରି ମହିଳାମାନଙ୍କ କ୍ଷେତ୍ରରେ ଅନ୍ୟାୟ ଅତ୍ୟାଚାର ବଢ଼ିବାରେ ଲାଗିଥିବା ବେଳେ ନିଜ ତଥା ଅନ୍ୟମାନଙ୍କ ସୁରକ୍ଷା ଦେବାକୁ ହେଲେ ଆତ୍ମସୁରକ୍ଷା ତାଲିମ ନେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ମାଷ୍ଟର ଟ୍ରେନର୍ ଭାବରେ ନିଳିମା ବାରିକ କଲେଜର ୬୫ ଛାତ୍ରୀ ଆତ୍ମସୁରକ୍ଷା କୌଶଳର ଉପରେ ତାଲିମ ପ୍ରଦାନ କରିଥିଲେ । ଏହା ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଅଧ୍ୟାପକ ଅସିତ ସୁପକାର, ଅମୂଲ୍ୟ ପାଣି, ଘନ ସୁନ୍ଦର ପୁଜିଂ, ରାଜେନ୍ଦ୍ର ବେହେରା, ଭାସ୍କର ବେହେରା, ମେନକା ବେହେରା, ମୋତିରାମ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ସ୍କୁଲ ଗେଟ୍ ଭାଙ୍ଗିବା ଘଟଣା

# ଉତ୍ତେଜନା, ରାସ୍ତା ଅବରୋଧ

ଖଡିଆଳ,୧୦।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡିଆଳ ପଟୁ କଣ୍ଟାବାଞ୍ଜିକୁ ଯାଉଥିବା (ନଂ. ଓଡି୦୩ ଏଫ-୦୧୨୩) କାର୍ ରବିବାର ରାତିରେ ଜୁନାନି ଗାଁ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । କାରଟି ଜୁନାନୀ ଗାଁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୁଖ୍ୟ ଗେଟରେ ପିଟି ହୋଇଥିଲା । କାରରେ ବସିଥିବା ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିବା ବେଳେ ସ୍କୁଲ ମୁଖ୍ୟ ଗେଟ ଭାଙ୍ଗି ଯାଇଥିଲା । ଏହାକୁ ଗାଁ ଲୋକଙ୍କ ମଧ୍ୟରେ ଉତ୍ତେଜନା ପରିସ୍ଥିତି ଦେଖାଦେଇ ଗାଁ ଲୋକେ ସ୍ଥାନୀୟ ସରପଞ୍ଚ ଅନୁପ ସିଂଦେଓଙ୍କ ନେତୃତ୍ୱରେ ସୋମବାର ସକାଳ ୯ଟାଠାରୁ ଜୁନାନୀ ଗାଁ ନିକଟରେ ଖଡିଆଳରୁ କଣ୍ଟାବାଞ୍ଜି ଯିବା ମୁଖ୍ୟ ରାସ୍ତା ଉପରେ ଜେସିବି ଗାଡି ରଖି ରାସ୍ତା ଅବରୋଧ କରିଥିଲେ । ଦୀର୍ଘ ୧ ଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା । ଖବର ପାଇଁ ଖଡିଆଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା । ଦୁର୍ଘଟଣା ଗ୍ରସ୍ତ ଗାଡି ମାଲିକଙ୍କୁ ଡକାଇ ଗେଟ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ସହ ଗାଡି ମାଲିକଙ୍କ ପକ୍ଷରୁ ୧୦ ହଜାର ଟଙ୍କା କ୍ଷତିପୂରଣ ଦିଆଯିବା ପରେ ରାସ୍ତା ଅବରୋଧ ହଟିଥିଲା ।



ଦୁର୍ଘଟଣାରେ ସ୍କୁଲ ଗେଟ୍ ଭାଙ୍ଗିବା ଘଟଣା ନେଇ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି ।

# ସୂର୍ଯ୍ୟନଗରକୁ ସଫେଇକଲେ ବସ୍ତି ବାସିନ୍ଦା

ନୂଆପଡା ଅଫିସ,୧୦।୧୨



ସୂର୍ଯ୍ୟ ନଗରରେ ସଫେଇ ଅଭିଯାନରେ ଲୋକେ ସଫେଇ କରୁଛନ୍ତି ।

- ଘର ଘର ବୁଲି ସଚେତନ କରୁଛନ୍ତି
- ସପ୍ତାହ ବ୍ୟାପୀ ଚାଲିବ ସଫେଇ

ସରକାର ସ୍ୱଚ୍ଛତା ଏବଂ ସଚେତନତା ନାଁରେ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଯେତେ ଦିନ ପର୍ଯ୍ୟନ୍ତ ଲୋକେ ଆଗକୁ ସ୍ୱତଃ ଆସି କାମ ନ କରିଛନ୍ତି ଏହା ସଫଳ ହୋଇଛି ବୋଲି କୁହାଯିବ ନାହିଁ । ତେବେ ସହରର ସୂର୍ଯ୍ୟନଗର ବାସିନ୍ଦା ଆଗକୁ ଆସି ପ୍ରତ୍ୟହ ସଫେଇ କରି ସମାଜକୁ ଏହି ବାର୍ତ୍ତା ଦେବାର ପ୍ରୟାସ କରିଛନ୍ତି । ବସ୍ତି ବାସିନ୍ଦା ଏକଜୁଟ ହୋଇ ପ୍ରତ୍ୟହ ୭ଟାରୁ ୯ଟା ଯାଏଁ ସଫେଇ କାମ କରୁଥିବା ବେଳେ ପ୍ରତି ଘରକୁ ଘର ବୁଲି ସ୍ୱଚ୍ଛତା ଉପରେ ସଚେତନତା ସୃଷ୍ଟି କରୁଛନ୍ତି ।

ପ୍ରକାଶ ଯେ, ଗତ ଶନିବାର ରାତିରେ ସୂର୍ଯ୍ୟନଗର ବସ୍ତି ବାସିନ୍ଦା ବସ୍ତିର ସ୍ୱଚ୍ଛତାକୁ ନେଇ ଏକ ବୈଠକ କରିଥିଲେ । ଏଥିରେ ପଡାର ସବୁ ଘରୁ ଜଣେ ଲେଖାଏଁ କରି ଲୋକ ବାହାରିବେ । ଏହା ଏକ ସପ୍ତାହ ଧରି ଚାଲିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହି ମୁତାବକ ରବିବାର ସକାଳ ୭ଟାରୁ ସଫେଇ କାମ ଆରମ୍ଭ ହୋଇଯାଇଥିଲା । ଜାତୀୟ ରାଜପଥ ୩୫୩ କଡରୁ ଆରମ୍ଭ ହୋଇଥିଲା ସଫେଇ । କେନାଲ ରାସ୍ତାର ଦୁଇକଡକୁ ମଇଳା ସଫା କରିଥିଲେ । ସଫା କରି ଜାଗା ଜାଗାରେ ରଖାଗଲା । ସେହି ଘର ନିକଟକୁ ଯାଇ ସମସ୍ତ ପରିବାର ଲୋକଙ୍କୁ ସଚେତନତା ବାର୍ତ୍ତା ନେଇ ବୁଝାଉଥିବା ଦେଖିବାକୁ ମିଳିଥିଲା । ଅନ୍ୟୂନ ଶହେ ପରିବାର ଥିବା ପଡାରେ ଏଣି କି ପ୍ରତି ମାସରେ ସଫେଇ କାମ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଦୀର୍ଘ ୨ ଘଣ୍ଟାର ସେବାରେ ପଡାର ଗୋବିନ୍ଦ ଗୋପାଳ ମହାପାତ୍ର, ରେଜେନ୍ଦ୍ର ସାହୁ, ଡା. ବାସୁଦେବ ସାହୁ, ପ୍ରଦୀପ କୁମାର ସେଠୀ, ଦେବକେତୁ ସାହୁ, ସଞ୍ଜୟ କୁମାର ପାଣିଗ୍ରାହୀ, କାହ୍ନୁଚରଣ ସାହୁ, ପ୍ରମୋଦ କୁମାର ସାହୁ, ଅଗିରାମ ସାହୁ, ନିର୍ମଳ କୁମାର ରାଉତ, ରେୱାରାମ ସାହୁ, ପୁରୁଷୋତମ ସାହୁ, ଲଖନ ସାହୁ, ଗୋପାଳ ସାହୁ ପ୍ରମୁଖ ସାମିଲଥିଲେ। ଏହି ଟିମରେ ମୋଟ ୩୩ଜଣ ବରିଷ୍ଠ ଲୋକ ସାମିଲ ଥିଲେ। ଏହି ବାର୍ତ୍ତାକୁ କ୍ରମେ ସହରର ଅନ୍ୟପଡାକୁ ଦେବାକୁ ସେମାନେ ଚାହୁଁଥିବା ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ଏଠାରେ ବସ୍ତି କରିଥିବା ଦେବାର ବସ୍ତିର ଲୋକମାନଙ୍କୁ ସ୍ୱଚ୍ଛତା ଉପରେ ସଚେତନତା କରିବା ଏହି ଟିମର ମୁଖ୍ୟ ଲକ୍ଷ୍ୟ ବୋଲି କହିଛନ୍ତି ।

## ଆନ୍ତଃରାଜ୍ୟ ଗଞ୍ଜେଇ ଚୋରାଚାଲାଣ ର୍ୟାକେଟ ଠାବ୍

# ୧୪୦.୬୪୦ କେଜି ଗଞ୍ଜେଇ ଜବତ, ୫ ଗିରଫ

- ବୋଲେରୋ, ପିକ୍‌ଅପ୍ ଭ୍ୟାନ, ୫ ମୋବାଇଲ, ୧୨୦୦ ଟଙ୍କା ଜବତ

ଖଡିଆଳ,୧୦।୧୨(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ପୋଲିସ ରବିବାର ବିଳମ୍ବିତ ରାତିରେ ଖଡିଆଳ ସହରଠାରୁ ୧୦ କି.ମି. ଦୂର ମୋହଁରା ଗାଁ ଛକ ନିକଟରେ ଚଢ଼ାଉ କରି ଚୋରାଚାଲାଣ ହେଉଥିବା ୧୪୦.୬୪୦ କେଜି ଗଞ୍ଜେଇ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି । ଗିରଫମାନେ ହେଲେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହର ୱାର୍ଡ ନଂ. ୧ ଧୋବାପଡାର ଶେଖ ସବିର୍ (୨୮) ଓରଫ୍ କାଳିଆ ଖାନ୍, ଖଡିଆଳ ଥାନା ଖଇରପଦର ଗାଁର ଈଶ୍ୱର ପ୍ରସାଦ ମାଝି (୨୬) ଓରଫ ମଣ୍ଟୁ, ଠେଲକୋଡୋଙ୍ଗରୀ ଗାଁର ଗୁପ୍ତେଶ୍ୱର (୨୪), ସୋନପୁର ଜିଲା ତରଭା ଥାନା ଫକିରମୁଣ୍ଡା ଗାଁର ସୁନିଲ ବରର୍ତ୍ତି ଓ ଛତିଶଗଡ ରାୟପୁର ନେହେରୁନଗରର ମୁଜିବ ଖାନ୍ (୨୮)। ନୂଆପଡା ଏସପି ସ୍ମିତ ପି ପରମାର୍ ସୋମବାର ଖଡିଆଳ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ କନ୍ଧମାଳ ଜିଲା ବାଲିଗୁଡା ଥାନା କମ୍ବାରିକିଆ ଗାଁରୁ ଛତିଶଗଡର ରାୟପୁରକୁ ଏକ ପିକଅପ୍ ଭ୍ୟାନ ଯୋଗେ ଗଞ୍ଜେଇ ଚୋରାଚାଲାଣ ହେଉଥିଲା । ବିଶ୍ୱସୂତ୍ରରୁ ଖବର ପାଇ ନୂଆପଡା ଏସପି ସ୍ମିତ ପି ପରମାର୍ଙ୍କ ନିର୍ଦ୍ଦେଶକ୍ରମେ ଖଡିଆଳ ଆଇଆଇସି ସଦାନନ୍ଦ ପୂଜାହାରୀ, ଏସଆଇ ଆଦିତ୍ୟ ମହାକୁଡ, ଏସଆଇ ଜିତୁମୋହନ ବେଶ୍ରାଙ୍କ ନେତୃତ୍ୱରେ ଏକ ଟିମ୍ ଯୋଜନା ବଦ୍ଧ ଭାବେ ଖଡିଆଳଠାରୁ ୧୦ କି.ମି. ଦୂର ମୋହଁରା ଗାଁ ନିକଟରେ ପିକଅପ୍ ଭ୍ୟାନ (ନଂ.ଓଡି ୦୩ ଡି- ୨୮୮) ଓ ବୋଲେରୋ ଗାଡି (ନଂ.ସିଜି ୦୪ ଏଲ-୧୦୬୩) ଉପରେ ଚଢ଼ାଉ କରିଥିଲେ । ସେଠାରୁ ୧୪୦.୬୪୦ କେଜି ଗଞ୍ଜେଇ ଜବତ କରିଥିବା ବେଳେ ବୋଲେରୋ ଓ ପିକଅପ୍ ଭ୍ୟାନ ସମେତ ୫ଟି ମୋବାଇଲ ଫୋନ ସହ ୧୨୦୦ ଟଙ୍କା ଜବତ କରିଛି । ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରିଛି । ଖଡିଆଳ ଥାନାରେ ଏ ନେଇ ୨୭୪/୧୮ ମାମଲା ରୁଜୁ କରି ଭାରତୀୟ ଦଣ୍ଡବିଧି ଆଇନର ଧାରା ୨୦ (ଖ) ଓ (ଗ) ଏନଡିପିଏସ୍ ଆକ୍ଟ ବଳରେ କୋର୍ଟ ଚାଲାଣ କରାଯାଇଥିବା ଏସପି ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଖଡିଆଳ ଆଇଆଇସି ସଦାନନ୍ଦ ପୂଜାହାରୀ, ଏସଆଇ ଆଦିତ୍ୟ ମହାକୁଡ, ଜିତୁ ମୋହନ ବେଶ୍ରା ପ୍ରମୁଖ ଉପସ୍ଥିତ ଥିଲେ ।




ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ



## ସଂକ୍ଷେପରେ

ବିଶ୍ୱମାନବିକ ଅଧିକାର ଦିବସ

### ୨୬ ଦଫା ଦାବିପତ୍ର ପ୍ରଦାନ

କଣ୍ଟାବାଞ୍ଜି,୧୦।୧୨(ଡି.ଏନ.ଏ.)

ବିଶ୍ୱ ୭୦ତମ ମାନବାଧିକାର ଦିବସ ପାଳନ ଅବସରରେ ଜିନ୍ଦାବାଦ ସଂଗଠନ ଓ ଶ୍ରମିକ ଅଧିକାର ମଞ୍ଚ କଣ୍ଟାବାଞ୍ଜି ତରଫରୁ କଣ୍ଟାବାଞ୍ଜି ସହର ପରିକ୍ରମା କରି ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୬ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ବଲାଙ୍ଗୀର ଜିଲାର ଆଦିବାସୀ, ଦଳିତ, ଚାଷୀ, ଶ୍ରମିକ, ଭୂମିହୀନ ଓ ଘରଡିହ ହୀନ ଗରୀବ ପରିବାରମାନଙ୍କର ମୌଳିକ ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଛି । ଶିକ୍ଷା ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ ଗମନାଗମନ, ବିଜୁଳି ସମାଜର ତଳସ୍ତରରେ ରହୁଥିବା ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ । ଦାବିଗୁଡିକ ମଧ୍ୟରେ ମୁଖ୍ୟ ରହିଛି ଜଙ୍ଗଲ ଅଧିକାର ସ୍ୱୀକୃତି, ଆଇନର କାର୍ଯ୍ୟକାରିତା, ଦାଦନ ଶ୍ରମିକ, ଶ୍ରମିକମାନଙ୍କର ନ୍ୟାର୍ଯ୍ୟ ଅଧିକାର ମିଳିବା, ସମସ୍ତଙ୍କୁ ସମାନ ଶିକ୍ଷା ଦେବା, ଗନ୍ଧମାର୍ଦ୍ଦନକୁ ଜାତୀୟ ସମ୍ପତ୍ତି ଘୋଷଣା କରିବା ଆଦି ଦାବି ରହିଛି । ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଲୋଚନ ବରିହାଙ୍କ ନେତୃତ୍ୱରେ ଶତାଧିକ ମହିଳା, ପୁରୁଷ, ତ୍ରିଲୋଚନ ପୁଞ୍ଜି, ଗୋଲା ନିଆଲ ସାମିଲ ଥିଲେ ।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ୧୫ତାରିଖ ପର୍ଯ୍ୟନ୍ତ ଚାଲିବ ଆନ୍ଦୋଳନ

ବଲାଙ୍ଗୀର ଅଫିସ,୧୦।୧୨



ଅଷ୍ଟମ ଦିନରେ ବଲାଙ୍ଗୀର ହାଇକୋର୍ଟ ବେଞ୍ଚ ଆନ୍ଦୋଳନରେ ସାମିଲ ସଂଗଠନର ପ୍ରତିନିଧି ।

ବଲାଙ୍ଗୀରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃପ୍ରତିଷ୍ଠା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ଏବଂ ଜିଲା ଓକିଲ ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ୧୫ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ପୂର୍ବରୁ ୭ଦିନ ଧରି ଜିଲାପାଳ କାର୍ଯ୍ୟାଳୟ ଓ ସିଭିଲକୋର୍ଟ ବନ୍ଦ କରି ଆନ୍ଦୋଳନ ଚାଲିବ ବୋଲି ଘୋଷଣା କରାଯାଇଥିଲା । ଫଳରେ ସୋମବାର ଏହି ଆନ୍ଦୋଳନର ଶେଷଦିନ ଥିଲା । ତେବେ ବିଭିନ୍ନ ସଂଗଠନର ବର୍ଦ୍ଧିତ ସମର୍ଥନକୁ ଦେଖି ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଜିଲା ଓକିଲ ସଂଘ ଏହି ଆନ୍ଦୋଳନକୁ ଆହୁରି ୫ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଥିବା କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ ନାୟକ ଓ ଜିଲା ଓକିଲ ସଂଘ ସଭାପତି ଅଶୋକ ମହାନ୍ତି ସୂଚନା ଦେଇଛନ୍ତି । ସୋମବାର ଆନ୍ଦୋଳନର ଅଷ୍ଟମ ଦିନରେ ୧୩ଟି ସଂଗଠନ ପ୍ରତିନିଧି ଯୋଗଦେଇ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଯିବାକୁ ଦାବି କରିଥିଲେ । ବଲାଙ୍ଗୀର ଜିମ୍ନାଷ୍ଟିକ୍ ଆସୋସିଏଶନ୍, ପିକେ ଆସୋସିଏଟ୍ସ୍, ବଲାଙ୍ଗୀର ମଧୁବୈଶ୍ୟ ସମାଜ, ବଲାଙ୍ଗୀର ଖ୍ରୀଷ୍ଟିଆନ୍ ସମାଜ, ଜିଲା କୃଷି ମହାସଂଘ, ଜିଲା ବାରିକ ସମାଜ, ପିପି ଏକାଡେମୀ ଦୁର୍ଗାପୂଜା କମିଟି, ଜିଲା ଅନୁସୂଚିତ ଜାତି ଓ ଜନଜାତି ସଂଘ, ଜଳସେଚନ କେନାଲ ମଜଦୂର ସଂଘ, ଦେଓଗାଁ ମେଣ୍ଢାଫାର୍ମ ଶ୍ରମିକ ସଂଘ, ଇଷ୍ଟକୋଷ୍ଟ ରେଲୱେ ହକର ସଂଘ, ଭାରତୀୟ ମଜଦୂର ସଂଘ ଓ ଆଶାକର୍ମୀ ସଂଘର ଶତାଧିକ ପ୍ରତିନିଧି ଯୋଗଦେଇଥିଲେ । ବିଭିନ୍ନ ସଂଗଠନର ପ୍ରତିନିଧିଙ୍କ ବିପୁଳ ଜନସମାବେଶ ଫଳରେ ଧାରଣାସ୍ଥଳ ଉଚ୍ଛୁଳି ଉଠିଥିଲା । ସେହିପରି ଧାରଣାସ୍ଥଳରେ ସଂଗ୍ରାମ ବହିଦାର, ଦୀପକ ବରାଳ, ମନୋରଞ୍ଜନ ସାହୁ, ଗିରିଜା ସାହୁ, ପ୍ରମୋଦ ବାରିକ, ଜନାଥନ୍ ଚୌହ୍ୱାନ, ଡା. ସୁଶାନ୍ତ କୁମ୍ଭାର, ଭଞ୍ଜ କିଶୋର ନାଗ, ଜିତୁ ଛତ୍ରିଆ, ବିକେ ନନ୍ଦ, ସୁରେନ୍ଦ୍ର ନାଗ, ବିଦ୍ୟୁତ୍ କୁମ୍ଭାର, ଜ୍ଞାନରଞ୍ଜନ ସୁନା, ରାଜୁ ବାଗ, ଡା. ସୁଧୀର ପରିଚ୍ଛା, କଙ୍ଗାଲୁ ବାରିକ, ରଞ୍ଜନ ତ୍ରିପାଠୀ, ବିଧୁଭୂଷଣ ତ୍ରିପାଠୀ, ବିପିନ କୁଶଲିଆ, ସ୍ୱପ୍ନାରାଣୀ ମିଶ୍ର ଓ ଅନ୍ୟମାନେ ବକ୍ତବ୍ୟ ରଖି ରାଜ୍ୟ ସରକାର ଶୀଘ୍ର ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ନେଇ ଘୋଷଣା କରନ୍ତୁ ବୋଲି କହିଥିଲେ । ଆନ୍ଦୋଳନକୁ ସ୍ୱତଃସ୍ଫୁର୍ତ୍ତ ଜନସମର୍ଥନ ମିଳିବା ଫଳରେ ଓ ରାଜ୍ୟ ସରକାର ଦାବି ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରିବା ଫଳରେ ଆନ୍ଦୋଳନକୁ ଆହୁରି ୫ଦିନ ବୃଦ୍ଧି କରାଯାଇଥିବା ସୂଚନା ଦିଆଯାଇଛି । ଆଗାମୀ ୧୫ତାରିଖ ପର୍ଯ୍ୟନ୍ତ ସିଭିଲ କୋର୍ଟରେ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବା ସହ ଜିଲାପାଳ କାର୍ଯ୍ୟାଳୟରେ ଜରୁରୀ କାମକୁ ବାଦ୍ ଦେଇ ଅନ୍ୟ ସମସ୍ତ କାମ ବନ୍ଦ ରହିବ ବୋଲି ସୂଚନା ଦିଆଯାଇଛି ।

# ଯୁବକଙ୍କୁ ମାଡମାରିବା ଅଭିଯୋଗ, ୩ କୋର୍ଟଚାଲାଣ

ଖପ୍ରାଖୋଲ,୧୦।୧୨(ଡି.ଏନ.ଏ.)

ଖପ୍ରାଖୋଲ ଥାନା ହରିଶଙ୍କର ଫାଣ୍ଡି ଅଧିନ ନାନ୍ଦୁପଲା ପଞ୍ଚାୟତ ତାମିପଦର ଗାଁରେ ଯୁବକଙ୍କୁ ବାନ୍ଧି ମାଡ ମାରିବା ଅଭିଯୋଗରେ ସୋମବାର ୩ ଜଣଙ୍କୁ ଖପ୍ରାଖୋଲ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ ଖପ୍ରାଖୋଲର ସୁନୀଲ ସୁନା ନାମକ ଜନୈକ ଯୁବକ ଶନିବାର ସନ୍ଧ୍ୟାରେ ହରିଶଙ୍କର ପଟୁ ବେନକେରାକୁ ଯାଉଥିବା ବେଳେ ତାମିପଦର ଗାଁରେ ଅଟକି ଶୌଚ କରୁଥିଲେ । ଏହି ସମୟରେ ତାମିପଦର ଗାଁର କିଛି ଯୁବକ ସୁନୀଲଙ୍କୁ ଧରି ଗାଁ ମଝିରେ ଗଛରେ ବାନ୍ଧି ଶହ ଶହ ଲୋକଙ୍କ ଉପସ୍ଥିତିରେ ମାଡ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ ଖପ୍ରାଖୋଲ ଥାନା ପୋଲିସ କେଶ ନଂ ୧୫୨/୧୮ରେ ଏକ ମାମଲା ରୁଜୁ କରଛି। ତାମିପଦର ଗାଁର ନିଳକାନ୍ତ ପାତ୍ର(୨୪), ବୈଲୋଚନ ମେହେର(୧୯), ସୁମିତ ବରିହା(୩୧)ଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିବା ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯିବ ବୋଲି କହିଛନ୍ତି। ସୁଚନାଯୋଗ୍ୟ, ଗଛରେ ବାନ୍ଧି ମାଡ ମାରୁଥିବାବେଳେ ପୋଲିସ ଖବରପାଇ ଯୁବକଙ୍କୁ ଉଦ୍ଧାର କରିଥିବାବେଳେ ମାଡମରା ଭିଡିଓ ଖପ୍ରାଖୋଲ ଅଞ୍ଚଳରେ ଭାଇରାଲ ହୋଇଥିବା ଚର୍ଚ୍ଚା ହେଉଛି। ପୀଡିତ ଯୁବକ ଚିକିତ୍ସିତ ହେଉଥିବା ଜଣାଯାଇଛି । ଯୁବକ ଜଣଙ୍କୁ କାହିଁକି ବାନ୍ଧି ମାପ ମରାଯାଇଛି ତାହା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ବ୍ଲକସ୍ତରୀୟ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ

# ଦମେଇପାଲିକୁ ଟାଇଟଲ

ଖପ୍ରାଖୋଲ,୧୦।୧୨(ଡି.ଏନ.ଏ.)

ସ୍ଥାନୀୟ ହାଇସ୍କୁଲ ଖେଳପଡିଆଠାରେ ବିଜୁ ଯୁବବାହିନୀ ତରଫରୁ ଆୟୋଜିତ ବ୍ଲକସ୍ତରୀୟ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ଖପ୍ରାଖୋଲ ଏବଂ ଦମେଇପାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖପ୍ରାଖୋଲ ଦଳ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୮ଉଇକେଟ ବିନିମୟରେ ୭୮ରନ୍ ସଂଗ୍ରହ କରିଥିଲା। ଜବାବରେ ଦମେଇପାଲି ଦଳ ମାତ୍ର ୯ ଓଭରରେ ୨ଉଇକେଟ ହରାଇ ୮୦ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲେ। ଖେଳ ଟିକୁ ଅମ୍ପାୟର ରୂପେ ଅନନ୍ତ ବାରିକ ଓ ବେଲାଲସେନ ମେହେର ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟକିଶୋର ଜୟପୁରିଆ, ସମ୍ମାନିତ ଅତିଥି ଭାବେ ଜିପିଇଓ ସୁଶାନ୍ତ ପାଣି, ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ଲକ୍ଷ୍ମିନାରାୟଣ ବିଶି, ସଭାପତି ବାଲଗୋପାଲ ଦାଶ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୁରନ ସାହୁ, ଅଶୋକ ବାଗ, ନବୀନ ଭୋଇ, ବୁଲୁ ସୁନା, ମିଥୁନ ଗୁପ୍ତା, ମୁନା ବାଗ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଟର୍ନାମେଣ୍ଟରେ ୨୧ଟି ଦଳ ଭାଗ ନେଇଥିବାବେଳେ ଚାମ୍ପିୟନ ଦଳ ଜିଲାସ୍ତରୀୟ ଟୁର୍ନାମେଣ୍ଟରେ ଭାଗ ନେବା ପାଇଁ ମନୋନିତ ହୋଇଛନ୍ତି।

# ପ୍ରତିବାଦରେ ରାଜପଥ ଅବରୋଧ

କଣ୍ଟାବାଞ୍ଜି,୧୦।୧୨(ଡି.ଏନ.ଏ)



ନାବାଳକ ମୃତ୍ୟୁ ଘଟଣାରେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ।

**ସୁନାରୀପଡ଼ା ନାବାଳକ ମୃତ୍ୟୁ ଘଟଣା**

କଣ୍ଟାବାଞ୍ଜି ଥାନା ଅଧୀନ କୁକୁଡାଡାଡ ସୁନାରୀପଡ଼ାର ମଧୁ କୁଅଁର(୧୬)ଙ୍କ ମୃତ୍ୟୁକୁ ହତ୍ୟା ଅଭିଯୋଗ କରି ପରିବାର ବର୍ଗ ସୋମବାର କଣ୍ଟାବଞ୍ଜି-ବଙ୍ଗୋମୁଣ୍ଡା ୪୨ନଂ ରାଜ୍ୟ ରାଜପଥକୁ ସକାଳ ୮ଟାଠାରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ଟାୟାର ଜାଳି ଅବରୋଧ କରିଥିଲେ । ପ୍ରକାଶ ଯେ, ମଧୁ କୁଅଁର ରବିବାର ସନ୍ଧ୍ୟା ୪ଟାରୁ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଯୋଗାଯୋଗ କରିଥିଲେ ବି କୌଣସି ଖବର ପାଇନଥିଲେ । ସୋମବାର ସକାଳୁ କଣ୍ଟାବାଞ୍ଜି କେଭି କଲେଜ ନିକଟ ରାଜପଥ କଡରେ ଏକ ମୃତଦେହ ପଡିଥିବା ଖବରପ୍ରଚାରିତ ହୋଇଥିଲା । ଖବରପାଇ ପରିବାର ଲୋକେ ପହଞ୍ଚି ଏହାକୁ ହତ୍ୟା ସନ୍ଦେହ କରି ରାସ୍ତା ଅବରୋଧ କରିଥିଲେ। ପରେ ଘଟଣାସ୍ଥଳକୁ ସ୍ଥାନୀୟ ପୋଲିସ ଏସଡିପିଓ ପ୍ରଫୁଲ୍ଲ ମିଶ୍ର, ଥାନା ଆଇଆଇସିଙ୍କ ସହ ଏକଜ୍ୟୁକ୍ୟୁଟିଭ ମାଜିଷ୍ଟ୍ରେଟ୍ ତଥା ତହସିଲଦାର ଯାଇ ବୁଝାସୁଝା କରିଥିଲେ। କିନ୍ତୁ ମୃତକଙ୍କ ପରିବାର ବର୍ଗ ଏବଂ ଗ୍ରାମବାସୀ ରାସ୍ତା ଅବରୋଧ କରିବା ସହ କ୍ଷତିପୂରଣ ବାବଦକୁ ୨୦ଲକ୍ଷ ଟଙ୍କା, ସରକାରୀ ଚାକିରୀ ଏବଂ ବିଜୁ ପକ୍କା ଘର ଦେବା ପାଇଁ ଜିଲାପାଳଙ୍କୁ କଣ୍ଟାବାଞ୍ଜି ତହସିଲଦାରଙ୍କ ଜରିଆରେ ଲିଖିତ ଭାବେ ଜଣାଇଛନ୍ତି । ଖବରଲେଖା ହେବା ବେଳକୁ ରାସ୍ତା ଅବରୋଧ ଜାରି ରହିଥିଲା । ପୋଲିସ ଏକ କେସ ରୁଜୁ କରି ଅନୁସନ୍ଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛି ।

## ଛାତ୍ରଙ୍କ ବିୟୋଗରେ ଶୋକସଭା

ଲାଠୋର,୧୦।୧୨ (ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ମାଲପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ଦ୍ୱିତୀୟ ବର୍ଷର ବାଣିଜ୍ୟ ଛାତ୍ର ପବନ ଧରୁଆଙ୍କ ବିୟୋଗରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଛବିଲ ବେହେରାଙ୍କ ଅଧକ୍ଷତାରେ ସୋମବାର ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଶନିବାର ସନ୍ଧ୍ୟା ସମୟରେ ମାଲପଡା ନିକଟ ଏକ ପୋଲରେ ବାଇକ ଦୁର୍ଘଟଣା ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା ।



ବ୍ଲକସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟର ବିଜୟୀ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

# ତ୍ରିପୁରା ବ୍ୟାଟିଂ ବିପର୍ଯ୍ୟୟ, ୬୫ରେ ଅଲ୍‌ଆଉଟ୍

ବଲାଙ୍ଗୀର ଅଫିସ, ୧୦।୧୨

**ବଲାଙ୍ଗୀର କୁଚ୍ ବିହାର ଟ୍ରଫି**

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ସୋମବାରଠାରୁ କୁଚ୍ ବିହାର ଟ୍ରଫି ଅଣ୍ଡର-୧୯ ମ୍ୟାଚ୍ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସମାରୋହରେ ବଲାଙ୍ଗୀର ଜିଲାପାଳ ତଥା ଜିଲା କ୍ରୀଡା ସଂସଦ ଅଧକ୍ଷ ଅରିନ୍ଦମ ଡାକୁଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ପୁରୋହିତ, କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ପ୍ରହ୍ଲାଦ ଶତପଥି, କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, ସମ୍ପାଦକ ହରିନାରାୟଣ ପୂଜାରୀ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଥମ ଦିନ ତ୍ରିପୁରା ଓ ଓଡିଶା ମଧ୍ୟରେ ମ୍ୟାଚ୍ ହୋଇଥିଲା। ଓଡିଶା ଟସ୍ ଜିତି ତ୍ରିପୁରାକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ତ୍ରିପୁରା ଦଳ ପ୍ରଥମେ ବ୍ୟାଟିଂ କରି ମାତ୍ର ୬୫ରନ୍ କରି ଅଲ୍‌ଆଉଟ ହୋଇଥିଲେ । ଓଡିଶା ଦଳ ତରଫରୁ ସଫଳ ବୋଲର ଭାବେ ଶେଖର ମାଝି ସର୍ବାଧିକ ୫ ଉଇକେଟ ଅକ୍ତିଆର କରିଥିଲେ । ବୋଲର ଉମେଶ ଯାଦବ ୩ଟି ଓ ରଘୁନାଥ ମଲ୍ଲ ୨ଟି ଉଇକେଟ ଅକ୍ତିଆର କରିଥିଲେ । ପରେ ଓଡିଶା ଦଳ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୨ଉଇକେଟ ବିନିମୟରେ ୧୨୫ ରନ୍ ସଂଗ୍ରହ କରି ୬୦ରନ୍‌ରେ ଆଗୁଆ ରହିଛି । ଓଡିଶା ଦଳ ତରଫରୁ ବିନିତ ମହାନ୍ତି ୫୩ରନ୍ କରିଥିଲେ । ବ୍ୟାଟସ୍‌ମ୍ୟାନ୍ ରଘୁନାଥ ମଲ୍ଲ ଅପରାଜିତ ୬୧ରନ୍ ଓ ଅନୀଲ ପରିଡା ଅପରାଜିତ ୬ରନ୍ କରି ଅଛନ୍ତି । ଆହୁରି ତିନି ଦିନ ଖେଳ ବାକି ରହିଥିବାରୁ ମ୍ୟାଚ ନିର୍ଣ୍ଣାୟକ ହେବ ବୋଲି ଆଶା କରାଯାଉଛି ।



କୁଚ୍ ବିହାର ଟ୍ରଫି ମ୍ୟାଚ୍‌ର ଉଦଘାଟନୀ ଅବସରରେ ଗାନ୍ଧୀ ଷ୍ଟାଡିୟମଠାରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି ।

# ବ୍ଲକସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ, କୁଡାସିଂହା ଚାମ୍ପିୟନ

ବଲାଙ୍ଗୀର ଅଫିସ, ୧୦।୧୨

ବଲାଙ୍ଗୀର ସଦର ବ୍ଲକ ବିଜୁ ଯୁବବାହିନୀ ତରଫରୁ ସ୍ଥାନୀୟ ମିଶନ୍ ପଡିଆଠାରେ ସୋମବାର ବ୍ଲକ୍‌ସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ଖେଳରେ କୁଡାସିଂହା ବିଜୁ ଯୁବବାହିନୀ ଦଳ ଖୁଜେନପାଲି ବିଜୁ ଯୁବବାହିନୀ ଦଳକୁ ପରାସ୍ତ କରି ଚାମ୍ପିୟନ୍ ହୋଇଛି । ଏହି ଟୁର୍ନାମେଣ୍ଟରେ ଭୁଡିଆରବାହାଲ, କାନିମୁଣ୍ଡା, ବରକାନୀ ଦଳ ଯୋଗଦେଇଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼େଇ ଯୋଗଦେଇ ବିଜୟୀ ଓ ଉପବିଜୟୀ ଟିମ୍‌କୁ ପୁରସ୍କୃତ କରିଥିଲେ । ବିଜୁ ଯୁବବାହିନୀର ଆର୍ତ୍ତତ୍ରାଣ ପାଢ଼ୀ, ସଦର ବ୍ଲକ୍ ଅଧକ୍ଷ ଗୋଲାପ ବାଗ, ଜିଲା ପରିଷଦ ସଦସ୍ୟ ସତ୍ୟ ନାରାୟଣ ଭୋଇ, ବିଡିଓ ପ୍ରଭାତ ସାହୁ, ବିଏସ୍‌ଏସ୍‌ଓ ମଦନଜିତ୍ ହୋତା, ଜିପିଇଓ ସାରଥି ସାହୁ, ଯୁବବାହିନୀ ସଂଯୋଜକ ସୁଚିତ୍ର ଦାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋପବନ୍ଧୁ ଠିକାଦାର ସଂଘ ସାମିଲ

କଣ୍ଟାବାଞ୍ଜି,୧୦।୧୨(ଡି.ଏନ.ଏ.)

**କଣ୍ଟାବାଞ୍ଜି ଜିଲା ଦାବି ପ୍ରସଙ୍ଗ**

କଣ୍ଟାବାଞ୍ଜିକୁ ସ୍ୱତନ୍ତ୍ର ରାଜସ୍ୱ ଜିଲା ଦାବିକୁ ସୋମବାର ୨୪ଦିନରେ ପହଞ୍ଚିଛି । ଜିଲା ସଂଘର୍ଷ ସମିତିର ଆହ୍ୱାନକ୍ରମେ ଗୋପବନ୍ଧୁ ଠିକାଦାର ସଂଘ ସାମିଲ ହୋଇଛି । ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ଯାଏ ତହସିଲ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ସୋମବାର ସଂଘର ସଭାପତି ଲକ୍ଷ୍ମଣ ତାଣ୍ଡିଙ୍କ ନେତୃତ୍ୱରେ ଶତାଧିକ ସଭ୍ୟ ନଗର ପରିକ୍ରମା କରି ଧାରଣାସ୍ଥଳରେ ପହଞ୍ଚିଥିଲେ। ଧାରଣାସ୍ଥଳରେ ସଂଘର୍ଷ ସମିତିର ସଭାପତି ଶେଷଦେବ ପୁଟେଲ, ରସିଆନନ୍ଦ ରାଏ, ନରେନ୍ଦ୍ର ସୁନା, କୁଞ୍ଜବନ ବେହେରା, ଗୁଣନିଧି ରାଉତ ରାଏ, କୈଳାଶ ଦୀପଙ୍କ ସହ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭ୍ୟମାନେ ସ୍ୱାଗତ କରିଛନ୍ତି । ସଭ୍ୟ ରାଏଙ୍କ ଦ୍ୱାରା ପରିଚାଳିତ ସଭାରେ ବିଶିକେଶନ, ତୁଳାରାମ ବେହେରା, ଅରବିନ୍ଦ ଜୈସୱାଲ ସହ ଓକିଲ ସଂଘର ଏସ ଜଗନ୍ନାଥ ରାଓ, ଓମପ୍ରକାଶ ଖଣ୍ଡେଲୱାଲ, ସହଦେବ ନାଗ, ପ୍ରେମରାଜ ଓ ଅନ୍ୟମାନେ ସାମିଲ ହୋଇ ଜିଲାଦାବିକୁ ସମର୍ଥନ ଜଣାଇଛନ୍ତି। ଜିଲା ସଂଘର୍ଷ ସମିତିର ଆହ୍ୱାନକ୍ରମେ ଅଞ୍ଚଳର ସମସ୍ତ ଅନୁଷ୍ଠାନ ଦିନ ସାମିଲ ହୋଇ ଜିଲାଦାବିକୁ ସମର୍ଥନ କରୁଥିବା ସମିତିର ସମ୍ପାଦକ ଦୁଃଖିଶ୍ୟାମ ଗୁରୁ, ବିଦେଶୀ ବେହେରା ସହଯୋଗ କାମନା କରି ଧନ୍ୟବାଦ ଜଣାଇଛନ୍ତି ।




ଆନ୍ଦୋଳନରେ ସାମିଲ ହୋଇଥିବା କର୍ମକର୍ତ୍ତା।

ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

# ପ୍ରଧାନ ଶିକ୍ଷକଙ୍କୁ ଲିଖିତ ଜଣାଇଲେ ଛାତ୍ରୀ, ଅଭିଭାବକ

ବଲାଙ୍ଗୀର ଅଫିସ,୧୦।୧୨

**ତଦନ୍ତ ପାଇଁ ୪ଜଣ ଶିକ୍ଷକଙ୍କୁ ଦାୟିତ୍ୱ, ଡିଇଓଙ୍କୁ ଚିଠି**

ବଲାଙ୍ଗୀର ଜିଲା ପୁଇଁନ୍ତଲା ଥାନା ଅନ୍ତର୍ଗତ ଏକ ହାଇସ୍କୁଲର ଜନୈକ ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଉକ୍ତ ସ୍କୁଲର ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଏ ନେଇ ଛାତ୍ରୀ ଓ ତାଙ୍କ ମା' ପ୍ରଧାନ ଶିକ୍ଷକ ଏବଂ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ମାଧ୍ୟମରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ପ୍ରଧାନଶିକ୍ଷକ ଘଟଣାର ତଦନ୍ତ ନେଇ ୪ଜଣ ଶିକ୍ଷକଙ୍କୁ ନେଇ ଏକ ତଦନ୍ତକାରୀ ଟିମ୍ ଗଠନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ତେବେ ଘଟଣାର ୬ଦିନ ପରେ ଲୋକଲୋଚନକୁ ଆସିଥିବାରୁ ଏହାକୁ ଚପାଇ ଦେବାକୁ ଉଦ୍ୟମ ହୋଇଥିବା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଇତି ମଧ୍ୟରେ ସମ୍ପୃକ୍ତ ଶିକ୍ଷକ ଜଣଙ୍କ ଶନିବାରଠାରୁ ଛୁଟି ଦରଖାସ୍ତ ଦେଇ ସ୍କୁଲକୁ ଆସୁ ନ ଥିବା ଜଣାପଡିଛି ।

ଅଭିଯୋଗ ଅନୁଯାୟୀ, ଗତ ବୁଧବାର ଦିବ୍ୟାଙ୍ଗ ଛାତ୍ରୀ ଜଣଙ୍କ ବିଦ୍ୟାଳୟ ଶ୍ରେଣୀ ଗୃହରେ ବସି ପାଠ ପଢୁଥିଲେ । ଜନୈକ ଶିକ୍ଷକ ଶ୍ରେଣୀଗୃହରେ ପାଠ ପଢ଼ାଉ ଥିବାବେଳେ ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ । ତେବେ ଛାତ୍ରୀ ଜଣଙ୍କ ଦିବ୍ୟାଙ୍ଗ ହୋଇଥିବାରୁ ଘଟଣା ସମ୍ପର୍କରେ କାହାକୁ କିଛି କହି ନ ପାରି କାନ୍ଦିଥିଲେ । ତାଙ୍କ କାନ୍ଦିବା ଦେଖି ସହପାଠିନୀମାନେ ତାଙ୍କୁ ପଚାରିବାରୁ ହାତରେ ଠାରି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ । ଏହାପରେ ଘରକୁ ଯାଇ ମା'ଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ଏ ନେଇ ଛାତ୍ରୀ ଓ ତାଙ୍କ ମା' ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ । ପରେ ପ୍ରଧାନ ଶିକ୍ଷକ ଘଟଣାର ତଦନ୍ତ ପାଇଁ ସ୍କୁଲର ୪ଜଣ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇ ୧୦ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ । ତେବେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ ଏହି ଘଟଣାରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ପ୍ରଧାନ ଶିକ୍ଷକ ଘଟଣା ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଜଣାଇଥିବା ଜଣାପଡିଛି । ସ୍ଥାନୀୟ ଅଞ୍ଚଳରେ ଘଟଣା ସମ୍ପର୍କରେ ଚର୍ଚ୍ଚା ହେବାରୁ ଗତ ଶନିବାରଠାରୁ ସମ୍ପୃକ୍ତ ଶିକ୍ଷକ ଜଣଙ୍କ ଦରଖାସ୍ତ ଦେଇ ଛୁଟିରେ ରହିଥିବା ଜଣାପଡିଛି । ଏ ନେଇ ପ୍ରଧାନ ଶିକ୍ଷକଙ୍କୁ ପଚରାଯିବାରୁ ଛାତ୍ରୀ ଓ ତାଙ୍କ ମା'ଙ୍କ ଠାରୁ ଲିଖିତ ଅଭିଯୋଗ ପାଇଛି। ଷ୍ଟାଫ୍‌ଙ୍କୁ ନେଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି ଓ ଏ ନେଇ ଉପରିସ୍ଥ ଅଧିକାରୀ ଡିଇଓଙ୍କୁ ଲିଖିତ ଜଣାଇଥିବା ସୂଚନା ଦେଇଛନ୍ତି।



ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ।
- ଫ୍ରାନ୍‌ସିସ୍ ବାକନ



## ସଂକ୍ଷେପରେ

### ବିଶ୍ୱ ମାନବ ଅଧିକାର ଦିବସ ପାଳିତ

କର୍ଲାମୁଣ୍ଡା,୧୦।୧୨(ଡି.ଏନ.ଏ.) କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗେଡା ପଞ୍ଚାୟତ ବିଜାପାଟି ବସ୍ତିଠାରେ ବିଶ୍ୱ ମାନବ ଅଧିକାର ଦିବସ ସୋମବାର ପାଳିତ ହୋଇଯାଇଛି। ଆଇଜିଏସଏସଏସ ସଂସ୍ଥା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ତହସିଲଦାର ଶୁଭ୍ରାଂଶୁ ଶେଖର ପାଢ଼ୀ, ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ଅରୁଣ କୁମାର ଗଉଡ, ପୂର୍ବତନ ସରପଞ୍ଚ ସୁରେଶ ଚୌଧୁରୀ, ଖୁସୀରାମ ଚୌଧୁରୀ ପ୍ରମୁଖ ଯୋଗଦେଇ ଆଜି ଦିବର ତାପର୍ଯ୍ୟ ସହିତ ବିଭିନ୍ନ ଅଧିକାରଗୁଡିକ ଉପରେ ଆଲୋଚନା କରିଥିଲେ।




### ମାରୱାଡି ମହିଳା ମଣ୍ଡଳ ପକ୍ଷରୁ କମ୍ବଳ ବଣ୍ଟନ

ପଲମ,୧୦।୧୨(ଡି.ଏନ.ଏ.) କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରାରୋଡ ପଞ୍ଚାୟତସ୍ଥିତ ରୁପ୍ରାରୋଡ ଅଗ୍ରେସନ ଭବନଠାରେ ୯ ତାରିଖରେ ମାରୱାଡି ମହିଳା ମଣ୍ଡଳ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି । ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଅଧକ୍ଷା ମନୋରମା ମହାନ୍ତି ଯୋଗଦେଇ କମ୍ବଳ ବଣ୍ଟନ କରିବା ସହ ଏପରି ଏକ ମହାନ କାର୍ଯ୍ୟ କରିବା ପାଇଁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରୁପ୍ରାରୋଡ ମହିଳା ମଣ୍ଡଳ ସଭାନେତ୍ରୀ ମୁ ଅଗ୍ରୱାଲ, ସମ୍ପାଦିକା ସନ୍ତୋଷ ଅଗ୍ରୱାଲ, କୋଷାଧ୍ୟକ୍ଷ ମମତା ଅଗ୍ରୱାଲଙ୍କ ସମେତ ମହିଳା ମଣ୍ଡଳ ସଦସ୍ୟାମାନେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାରୱାଡି ସମ୍ମିଳନ ଶାଖାର ସୁବାସ ଚନ୍ଦ୍ର ଅଗ୍ରୱାଲ, ପ୍ରଦିପ ଅଗ୍ରୱାଲ ପ୍ରମୁଖ ବ୍ୟକ୍ତି ଯୋଗଦେଇଥିଲେ ।




### ବ୍ଲକସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ

ମଦନପୁର,୧୦।୧୨(ଡି.ଏନ.ଏ.) କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରଠାରେ ସୋମବାର ବିଜୁ ଯୁବ ବାହିନୀ ପକ୍ଷରୁ ବ୍ଲକସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ମ.ରାମପୁର ବ୍ଲକ ଅଧ୍ୟକ୍ଷ ଜିବେଶ ପଣ୍ଡା, ବିଜେଡି ଜିଲା ପରିଷଦ ସଭ୍ୟ ସମ୍ମାନିତ ଅତିଥି ପୁଷ୍ପେନ୍ଦ୍ର ସିଂ ଦେଓ, ରାଜେଶ ଧଙ୍ଗଡାମାଝି, ବିରାଟ ମୁଣ୍ଡଛିନା ପ୍ରମୁଖ ଯୋଗଦାନ କରିଥିଲେ। ଏଥିରେ ମ.ରାମପୁର ବ୍ଲକର ମୋଟ ୨୦ଟି ଦଳ ଭାଗ ନେଇଛନ୍ତି । ପ୍ରଥମ ପୁଲ୍‌ରେ ୧୦ଟି ଦଳ ଓ ଦ୍ୱିତୀୟ ପୁଲ୍‌ରେ ୧୦ଟି ଦଳ ଖେଳିଥିଲେ। ଖେଳ ପରିଚାଳନା କରିଥିଲେ ବେଣୁଧର ରଣା, ମହେନ୍ଦ୍ର ବେସ୍‌ରା ଓ ଅରୁଣ ଭୋଇ। ଖେଳ ଏକ ଦିବସୀୟ ଦିବାରାତ୍ରି ହୋଇଥିବାରୁ ଦର୍ଶକମାନେ ମନଭୋରି ଉପଭୋଗ କରିଥିଲେ । ମଦନପୁର ବିଜୁ ଯୁବ ବାହିନୀ ସଭାପତି ଅମିତ କୁମାର ଥପା, କୋଷାଧ୍ୟକ୍ଷ ଭୁପେନ୍ଦ୍ର ବାଣୁଆଁ ଓ ସମସ୍ତ ସଭ୍ୟଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା ।

## ବିଭିନ୍ନ ସ୍ଥାନରେ ରେଣ୍ଡୋ ମାଝିଙ୍କ ୧୬୩ତମ ଶହୀଦ ଦିବସ ପାଳିତ

# ପାରମ୍ପରିକ ଅସ୍ତ୍ରଶସ୍ତ୍ର ଶୋଭାଯାତ୍ରାରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି








ଭବାନୀପାଟଣାରେ ଆଦିବାସୀଙ୍କ ଶୋଭାଯାତ୍ରା (ବାମ) । କଳମପୁରରେ ଆଦିବାସୀ ସଂଘର ସଦସ୍ୟମାନେ ଶୋଭାଯାତ୍ରାରେ ସଭାସ୍ଥଳକୁ ଯାଉଛନ୍ତି (ମଝି) । ଜୟପାଟଣାରେ ଆୟୋଜିତ ଶୋଭାଯାତ୍ରା ।

**କଳମପୁର,୧୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଳମପୁର ବ୍ଲକ ମିନିଷ୍ଟଡିୟମରେ ସୋମବାର ବ୍ଲକସ୍ତରୀୟ ସ୍ୱାଧୀନତା ସଂଗ୍ରାମୀ ଶହୀଦ ରେଣ୍ଡୋ ମାଝିଙ୍କ ୧୬୩ତମ ଶହୀଦ ଦିବସ ବ୍ଲକ ଆଦିବାସୀ ସଂଘ ପକ୍ଷରୁ ପାଳନ କରାଯାଇଛି । ବ୍ଲକର ୧୧ଟି ପଞ୍ଚାୟତରୁ ଆସିଥିବା ୫୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ଏବଂ ମହିଳା ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ନିକଟରେ ଏକତ୍ର ହୋଇଥିଲେ । ପରେ ଏକ ବିରାଟ ଶୋଭାଯାତ୍ରାରେ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସହିତ ପରବ ବାଜାର ତାଳେ ତାଳେ ନଗର ପରିକ୍ରମା କରିବା ସହ ବେଲପଡାଠାରେ ନବ ନିର୍ମିତ ସ୍ମୃତିସ୍ତମ୍ଭରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ ମିନିଷ୍ଟଡିୟମରେ ପହଞ୍ଚିଥିଲେ । ସେଠାରେ ବ୍ଲକ ସଭାପତି କରନ ଝାଙ୍କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାମେଶ୍ୱର ମାଝି ମୁଖ୍ୟଅତିଥି, ଶୁଶାନ୍ତ ମାଝି ମୁଖ୍ୟବକ୍ତା ଏବଂ ଦୁକ୍ଷୀରାମ ମାଝି, ମୀନା କୁମାରୀ ମାଝି, ସମ୍ପାଦକ ଚଣ୍ଡାଳ ଭୋଇ, ସହ ସମ୍ପାଦକ ସୁବାଶ ମାଝି, କୋଷାଧ୍ୟକ୍ଷ ବ୍ରଜ ଶବର, ସଂଯୋଜକ ଶ୍ରୀଧର ମାଝି, ପ୍ରଦୀପ ଭୋଇ, ସଦାନନ୍ଦ ଭୋଇ, ସୁବାଶ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶହୀଦ ମାଝିଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କର ବୀରଗାଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରଶାନ୍ତ ମାଝି ମଞ୍ଚ ପରିଚାଳନା କରିଥିଲେ । ସଭା ପରେ ବ୍ଲକ କାର୍ଯ୍ୟାଳୟକୁ ଯାଇ ୧୮ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମୁଖ୍ୟ କିରାଣି ଧବଳେଶ୍ୱର ବେହେରାଙ୍କୁ ପ୍ରଦାନ କରିଥିଲେ । ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ ଏବଂ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

### ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଜୟପାଟଣା,(ଡି.ଏନ.ଏ.) ଜୟପାଟଣା ବ୍ଲକ ଆଦିବାସୀ ସଂଘ ପକ୍ଷରୁ ଶହୀଦ ରେଣ୍ଡ ମାଝିଙ୍କ ଶହୀଦ ଦିବସରେ ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜୟପାଟଣା ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ଗୀତା ଭବନ ନିକଟ ଦେବୀଠୁ ମାଉଲୀ ପୀଠରେ ପୂଜା ଅର୍ଚ୍ଚନା ପରେ ଶହ ଶହ ଜୟପାଟଣା ତହସିଲ ଅଞ୍ଚଳ ଆଦିବାସୀମାନେ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଧରି ବାଦ୍ୟର ତାଳେ ତାଳେ ଏକ ବିଶାଳ ପଟୁଆରରେ ବାହାରି ନଗର ପରିକ୍ରମା କରିଥିଲେ। ପରେ ଜୟପାଟଣା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କୁମର ମଣି ମାଝିଙ୍କ ସଭାପତିତ୍ୱରେ ଏକ ସଭାରେ ଗଙ୍ଗା ପାତ୍ର, ରଜେନ୍ଦ୍ର ଭୋଇ, ନବୀନ ଧ.ମାଝି, ଅର୍ଜୁନ ମାଝି ପ୍ରମୁଖ ଶହୀଦଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଆଦିବାସୀଙ୍କ ମୌଳିକ ଅଧିକାର ଜଙ୍ଗଲ ଜମିଠାରୁ ଆରମ୍ଭ କରି ଆଦିବାସୀ ଅଧୁଷିତ ଅଞ୍ଚଳମାନଙ୍କ ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଦାବି ଜଣାଇଥିଲେ। ଜୟପାଟଣା ବ୍ଲକ୍ ଆଦିବାସୀ ସଂଘ ସମ୍ପାଦକ ପୁରୁଷୋତ୍ତମ ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଭବାନୀପାଟଣା,୧୦।୧୨(ଡି.ଏନ.ଏ.) ଭବାନୀପାଟଣାଠାରେ କଳାହାଣ୍ଡି ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘ ତରଫରୁ ସୋମବାର ଶହୀଦ୍ ରେଣ୍ଡୋ ମାଝିଙ୍କ ୧୬୩ତମ ଶହୀଦ୍ ଦିବସ ପାଳିତ ହୋଇଯାଇଛି । ଆଦିବାସୀଙ୍କ ପ୍ରତି ହେଉଥିବା ନିର୍ଯାତନା, ଅତ୍ୟାଚାର ଓ ଶୋଷଣ ବିରୋଧରେ ଦଳବଦ୍ଧ ହୋଇ ଆଦିବାସୀମାନେ ଲଢେଇ କରିବାର ସମୟ ଆସିଛି ବୋଲି ଏହି ଅବସରରେ ଅନୁଷ୍ଠିତ ବିଶାଳ ଆଦିବାସୀ ଶୋଭାଯାତ୍ରା, ସାଧାରଣ ସଭା ଓ ସମାବେଶରେ ଯୋଗଦେଇଥିବା ଆଦିବାସୀ ନେତାମାନେ କହିଛନ୍ତି । ଗତ ୨୦୧୪ରେ ଉର୍ଲାଦାନୀଠାରେ ଉଦ୍‌ଘାଟନ ହୋଇଥିବା ରେଣ୍ଡୋ ମାଝିଙ୍କ ପ୍ରତିମୂର୍ତ୍ତିକୁ ପରିବର୍ତ୍ତନ କରିବା ପାଇଁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ତାହା ଅଦ୍ୟାବଧି ପରିବର୍ତ୍ତନ କରାଯାଇ ନ ଥିବାକୁ ନେଇ ଆଦିବାସୀ ନେତାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ମଦନପୁର ରାମପୁର ବ୍ଲକ୍ ଉର୍ଲାଦାନୀଠାରେ ମଧ ରେଣ୍ଡୋ ମାଝିଙ୍କ ଶହୀଦ୍ ଦିବସ ପାଳିତ ହୋଇଯାଇଛି । ଆଦିବାସୀମାନେ ପାରମ୍ପରିକ ବଜା ବଜାଇ ଓ ଅସ୍ତ୍ରଶସ୍ତ୍ର ସହିତ ଏକ ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ ଜେଲଛକ ନିକଟରେ ଥିବା ରେଣ୍ଡୋମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ପରେ ସେଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ସଭାସ୍ଥଳକୁ ଯାଇଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ସଭାପତି କିଶୋର ଚନ୍ଦ୍ର ଭୋଇ, ଉପସଭାପତି ତ୍ରିନାଥ ମାଝି, ସାଗର ମାଝି, ଜଏନ ଶବର, ସମ୍ପାଦକ ରମେସଚନ୍ଦ୍ର ମାଝି, ସୁରେଶଚନ୍ଦ୍ର ମାଝି, ଶୁକ୍ରୁ ମାଝି ପ୍ରମୁଖ ଓ ଡିଷ୍ଟ୍ରିକ୍ ଆଦିବସୀ ସଂଘ ଶୁକ ମାଝିଙ୍କ ସମେତ ବହୁ ଆଦିବାସୀ ନେତା ଏବଂ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଆଦିବାସୀଙ୍କ ବିରୋଧୀ କାର୍ଯ୍ୟକୁ ତୀବ୍ର ଭର୍ତ୍ସନା କରିଥିଲେ।

## ବେଲଖଣ୍ଡି ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ



ଅତିଥିଙ୍କ ଦ୍ୱାରା ମୁଖପତ୍ର ଉନ୍ମୋଚନ କରାଯାଉଛି।

**ତୁଣ୍ଡଲା,୧୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ଘାସିରାମ ଦୋରା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ପଦ୍ମନାଭ ଦାସଙ୍କ ସଭାପତିତ୍ୱରେ ଆୟୋଜନ ହୋଇଥିବା ବେଳେ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ବିଶିଷ୍ଟ ଅତିଥି ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ କୁମାର ନାଏକ, ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଭାଗୀରଥି ଭୋଇ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟୋପୋ, କେସିଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭିମସେନ ଶବର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିଜୟ କୁମାର ସିଂ, ନର୍ଲା ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ନାଏକ, ସିର୍ଜାପାଲି ପଞ୍ଚାୟତ ସରପଞ୍ଚ ସଂସାର ଭୋଇ, ବେଲଖଣ୍ଡି ସରପଞ୍ଚ ଝସନେତ୍ରୀ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପଜ୍ଜଳନ କରି ସାରିବା ପରେ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମକରଧ୍ୱଜ ପୁଟେଲ ବିବରଣୀ ପାଠ କରିଥିବା ବେଳେ ପୁରାତନ ସଂସଦ ସମ୍ପାଦକ ମଧୁସୂଦନ ସାହୁ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସୁବର୍ଣ୍ଣ ଜୟନ୍ତୀ ମୁଖପତ୍ର 'ଧବଳ ଜ୍ୟୋତି' ଉନ୍ମୋଚନ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପ୍ରତିଭା ଅନୁଷ୍ଠାନର ନୃତ୍ୟ ସଙ୍ଗମ ଉଦ୍‌ଘାଟିତ

**ଭବାନୀପାଟଣା,୧୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପ୍ରତିଭା ପକ୍ଷରୁ ସ୍ଥାନୀୟ ମହାବୀର ରଙ୍ଗମଞ୍ଚରେ ଆୟୋଜିତ ନୃତ୍ୟ ସଙ୍ଗମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀରେ ସଦର ବିଧାୟକ ଅନାମ ନାଏକ, ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ ନାଏକ, ମ.ରାମପୁର ବ୍ଲକ ଅଧକ୍ଷ ଜିବେଶ ପଣ୍ଡା, ଭବାନୀପାଟଣା ବ୍ଲକ ଉପାଧକ୍ଷ ସଚ୍ଚିଦାନନ୍ଦ ମହାଖୁଡ ଓ ସାମାଜିକ କର୍ମୀ ସରୋଜ ଦାସ ଅତିଥି ଭାବରେ ଯୋଗଦେଇଥିଲେ। ପ୍ରତିଭା ସଂସ୍ଥା ଅଧକ୍ଷ ଧ୍ୟାନାନନ୍ଦ ପଣ୍ଡା କାର୍ଯ୍ୟକ୍ରମ ଆଭିମୁଖ୍ୟ ପ୍ରକାଶ କରିଥିଲେ। କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତିଭା ଅନୁଷ୍ଠାନ ସମ୍ପାଦକ ରୁଷ୍ଟୁ ପ୍ରସାଦ ନାଏକ ସମ୍ପାଦକିୟ ବିବରଣୀ ପାଠ କରିଥିବା ବେଳେ ଆକାଶବାଣୀ କଳାକାର ଭାନୁପ୍ରକାଶ ରଥ ମଞ୍ଚ ସଂଯୋଜନା କରିଥିଲେ । ପରେ ଉସ୍ତାଦ ବିସ୍‌ମିଲ୍ଲା ଖାଁ ପୁରସ୍କାରପ୍ରାପ୍ତ କଣ୍ଠଶିଳ୍ପୀ ସର୍ବେଶ୍ୱର ଭୋଇ, ଲୋକଶିଳ୍ପୀ ଯଯାତି କେଶରୀ ନାଏକ, ନୀଳାଞ୍ଚଳ ପାନ ଓ ସାଥି ନୃତ୍ୟ ଓ ସଙ୍ଗିତ ପରିବେଷଣ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷଷ୍ଠ ବାର୍ଷିକୋତ୍ସବ

**କର୍ଲାମୁଣ୍ଡା,୧୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟା ମନ୍ଦିର ସଭାପତି ସୁଦର୍ଶନ ସାହୁଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ କର୍ଲାମୁଣ୍ଡା ତହସିଲଦାର ଅବନିକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ ରୋଡ ମହାବିଦ୍ୟାଳୟ ଭୂଗୋଳ ଅଧ୍ୟାପକ ସରୋଜ କୁମାର ଜେନା, ସମ୍ମାନିତ ଅତିଥି ଭାବେ କର୍ଲାମୁଣ୍ଡା ସିଏଚସି ଡାକ୍ତର ସୌମ୍ୟରଞ୍ଜନ ପାତ୍ର, ଶିଶୁ ବିଦ୍ୟା ମନ୍ଦିର ସମ୍ପାଦକ ଗୁରୁବାରୁ ସାହୁ, ପ୍ରଧାନ ଆଚାର୍ଯ୍ୟ ବିଜୁ କୁମାର ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷା ହେଉଛି ଜୀବନ୍ତ ଅନୁଭବ ଓ ବିଦ୍ୟା ଜୀବନର ମୁକ୍ତ ପଥ' ଦେଖାଇଥାଏ ବୋଲି କହିଥିଲେ। ଶିଶୁ ମନ୍ଦିରର ଛାତ୍ରୀ ଅର୍ପିତା ମଲ୍ଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜୁ କୁମାର ସାହୁ ଧାରା ବିବରଣୀ ପାଠ କରିଥିଲେ । ସମ୍ପାଦକ ଗୁରୁବାରୁ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ସଭାରେ ତୁମ୍ବେଶ୍ୱର ଗୁରୁଜୀ ସଂଯୋଜନା କରିଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଛାତ୍ରୀ ପ୍ରିତିପ୍ରିୟମ୍ବଦା ସାହୁ ଓ ଛାତ୍ର ପ୍ରଭାତ ରଞ୍ଜନ ସାହୁ ପରିଚାଳନା କରିଥିଲେ। ଅନୁଷ୍ଠାନ କୋଷାଧକ୍ଷ ଡୋଳାମଣି ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

## ଜିଲାସ୍ତରୀୟ ସମସ୍ତ ଟ୍ରେଡ୍ ୟୁନିୟନ କନ୍‌ଭେନସନ




ଜିଲାସ୍ତରୀୟ ସମସ୍ତ ଟ୍ରେଡ୍ ୟୁନିୟନ କନଭେସନରେ ମଞ୍ଚାସୀନ ଅତିଥି ।

**ଭବାନୀପାଟଣା,୧୦।୧୨(ଡି.ଏନ.ଏ.)**

ସୋମବାର ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀଷ୍ଟାଡିୟମଠାରେ ଜିଲାସ୍ତରୀୟ ସମସ୍ତ ଟ୍ରେଡ୍ ୟୁନିୟନ କନଭେସନ ଅନୁଷ୍ଠିତ ହୋଇଯାଇଛି । ଏଥିସହ ଆସନ୍ତା ଜାନୁୟାରୀ ୮ ଓ ୯ ତାରିଖରେ ସର୍ବ ଭାରତୀୟ ସାଧାରଣ ଧର୍ମଘଟକୁ ସଫଳ କରିବା ପାଇଁ ଟ୍ରେଡ୍ ୟୁନିୟନମାନଙ୍କ ଏକ କନ୍‌ଭେନସନ ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି ଓ ଜନ ବିରୋଧି ନୀତି ବିରରୋଧରେ ଓ ସମସ୍ତଙ୍କୁ ସର୍ବନିମ୍ନ ୧୮ ହଜାର ଟଙ୍କା ଦରମା, ୬ ହାଜର ଟଙ୍କା ପେନସନ୍, ସରକାରୀ ଉଦ୍ୟୋଗ ଅଂଶଧନ ବିକ୍ରି ବନ୍ଦ କରିବା, ଶ୍ରମିକ ବିରୋଧି ଏବଂ ସୁପ୍ରିମକୋର୍ଟ ଦେଇଥିବା ରାୟ ଅନୁଯାୟୀ ସ୍କିମ ଶ୍ରମିକମାନଙ୍କୁ ଶ୍ରମିକଙ୍କୁ ମର୍ଯ୍ୟଦା ଦେବା ଓ କାର୍ଯ୍ୟକାରୀ କରାଇବା ଆଦି ଦାବି ନେଇ ଆସନ୍ତା ଜାନୁୟାରୀ ୮ ଓ ୯ ଦେଶବ୍ୟାପି ହେବାକୁଥିବା ସାଧାରଣ ଧର୍ମଘଟକୁ ସଫଳ କରାଇବା ପାଇଁ ଆଲୋଚନା ହୋଇଛି । ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମର ରେଣ୍ଡୋ ମାଝି ମଞ୍ଚରେ ଜିଲାସ୍ତରୀୟ ସମସ୍ତ ଟ୍ରେଡ୍ ୟୁନୀୟନମାନଙ୍କ ଏକ କନଭେନସନ କରିବା ପାଇଁ ଗତ ୧-୧୨-୨୦୧୮ରେ ଭବାନୀପାଟଣା ସିଆଇଟିସି କାର୍ଯ୍ୟାଳୟଠାରେ ଆନୁଷ୍ଠିତ ବୈଠକରେ ଏନଟିୟୁସି ପକ୍ଷରୁ ଭାରତ ବେମାଲ, ଏଆଇଏନଟିୟୁସି ପକ୍ଷରୁ ଦାମଦର ବେହେରା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସିଆଇଟିସି ପକ୍ଷରୁ ବିଶ୍ୱଜିତ୍ ଚାଟାର୍ଜୀ, ପଦ୍ମନାଭ ବିଶ୍ୱାଳ ପ୍ରମୁଖଙ୍କ ଉପସ୍ଥିତିରେ ନିଷ୍ପତ୍ତି ନିଆଯାଇଥିଲା । ଅନୁଷ୍ଠିତ କନ୍‌ଭେନ୍‌ସନରେ କମ୍‌ରେଡ ପୂର୍ଣ୍ଣଚନ୍ଦ୍ର ପାଢ଼ି, କମ୍‌ରେଡ ନବ ପଟ୍ଟନାୟକ, କମ୍‌ରେଡ ବିଶ୍ୱଜିତ ଚାଟାର୍ଜି, କମ୍‌ରେଡ ଦାମୋଦର ବେହେରା, କମ୍‌ରେଡ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଉଦ୍ଧବ ସାହୁ, ବିଦ୍ୟୁତ କର୍ମଚାରୀ ସଂଘର ସରତ ସାହୁ, ପଦ୍ମନାଭ ବିଶ୍ୱାଳ, ସୁଦେୟା ସାହୁ, ସତ୍ୟଜିତ ଚାଟାର୍ଜି ପ୍ରମୁଖ ଉଦବୋଧନ ଦେଇଥିଲେ।

## ଓଡ଼ିଶା ଅଣଗେଜେଟେଡ଼ ବନସେବା ସଂଘ କଳାହାଣ୍ଡି ଶାଖା ପକ୍ଷରୁ ୬ ଦଫା ଦାବି

# ବନ କର୍ମଚାରୀଙ୍କ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ

**ଭବାନୀପାଟଣା,୧୦।୧୨ (ଡି.ଏନ.ଏ.)**

ଓଡିଶା ଅଣଗେଜେଟେଡ ବନସେବା ସଂଘ କଳାହାଣ୍ଡି ଶାଖା କର୍ମଚାରୀମାନେ ସୋମବାରଠାରୁ କର୍ମଚାରୀଙ୍କ ପ୍ରତି ହେଉଥିବା ଅବହେଳା ଓ କାର୍ଯ୍ୟାନୁଷ୍ଠାନ ବିରୋଧରେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଜଣାଇଛନ୍ତି। ସେମାନଙ୍କ ଦାବିଗୁଡିକ ହେଲା ବନ୍ୟାଜନ୍ତୁଙ୍କ ଯେଉଁ ପ୍ରକାର ମୃତ୍ୟୁ (ସ୍ୱାଭାବିକ/ଅକାଳ) ହେଲେ ଫରେଷ୍ଟ ଗାର୍ଡ ଓ ଫରେଷ୍ଟରଙ୍କୁ ଦୋଷ ଦେଇ ଉଚ୍ଚ ଅଧିକାରୀମାନେ ଖସିଯିବା କୌଶଳକୁ ସଂଘ ତରଫରୁ ଦୃଢ ପ୍ରତିବାଦ କରିବା ସହିତ ଢେଙ୍କାନାଳ ଡିଭିଜନରେ ଫରେଷ୍ଟ ଗାର୍ଡ ଓ ଫରେଷ୍ଟରଙ୍କୁ ବିନା ଅପରାଧରେ କ୍ରାଇମବ୍ରାଞ୍ଚ ଗିରଫ କରିବା ଘଟଣାକୁ ନିନ୍ଦା କରାଯାଉଛି । ସେମାନେଙ୍କ ବିରୋଧରେ ହେଉଥିବା କାର୍ଯ୍ୟାନୁଷ୍ଠାନ ଓ କେସ୍‌କୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଉଛି। ବର୍ତ୍ତମାନ ପରିସ୍ଥିତରେ ମନୁଷ୍ୟ ଓ ବନ୍ୟଜନ୍ତୁ ମଧ୍ୟରେ ଯେଉଁ ସଂଘର୍ଷ ଚାଲିଛି ଆଗାମୀ ଦିନରେ ଏହା ଆହୁରି ଉଗ୍ରହେବ । ଏଣୁ ସରକାର ଓ ଉଚ୍ଚ ବନଧିକାରୀମାନେ ସେ ସମ୍ବନ୍ଧେ ଠୋସ୍ ପଦକ୍ଷେପ ନ ନେବାରୁ ଲୋକଙ୍କ ଆକ୍ରୋଶର ଶିକାର ହେଉଛନ୍ତି କ୍ଷେତ୍ର କର୍ମଚାରୀ । ମନୁଷ୍ୟ ବନ୍ୟଜନ୍ତୁ ସଂଘର୍ଷ ସନ୍ଦର୍ଭରେ ଜଣେ ବନରକ୍ଷା ବା ବନପାଳ କି କି ପଦକ୍ଷେପ ନେବା ଦରକାର, ସେଥିପାଇଁ ଏକ ଗାଇଡଲାଇନ ଜାରି କରିବାକୁ ପ୍ରଶାସନ ନିକଟରେ ଦାବି କରାଯାଉଛି । କି ପ୍ରକାର ଅପରାଧ ବା ଅଘଟଣ ପାଇଁ କିଏ ଉତ୍ତରଦାୟୀ ରହିବେ, ଏଥିରେ ତାହା ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରିବା ନିମନ୍ତେ ଦାବି କରାଯାଉଛି । ଏସ୍.ଏସ୍.ଏଫ୍.ଗୁଡିକରେ ଜି.ପି.ଏସ୍. ବ୍ୟବସ୍ଥା, ରିଭଲଭର୍, ଡ୍ରୋନ୍ କ୍ୟାମେରା, ଟ୍ରାଙ୍କୁଲାଇଜିଙ୍ଗ୍ ବ୍ୟବସ୍ଥା ସହ ଗୋଟିଏ ୪୦୭ ଟ୍ରକ୍ ଯୋଗାଇ ଦିଆଯାଉ । ଡିଭିଜନ୍‌ର ଭୌଗଳିକ ଅଞ୍ଚଳ, ଜଙ୍ଗଲର ପରିମାଣ ଓ ବନ୍ୟଜନ୍ତୁଙ୍କ ଗତିବିଧିକୁ ଅନୁଧ୍ୟାନ କରି, କେଉଁ ସ୍ଥାନରେ କେତୋଟି ସୁରକ୍ଷା ଦଳ ରହିବେ, ନିଯୁକ୍ତି ବ୍ୟକ୍ତିଙ୍କ ନାମ, ଠିକଣା ଓ କାର୍ଯ୍ୟସାରଣୀ ସହ ବନଖଣ୍ଡ ଅଧିକାରୀମାନେ ବିଜ୍ଞପ୍ତି ଜାରି କରନ୍ତୁ । ପ୍ରତ୍ୟେକ ସୁରକ୍ଷା ଦଳର ଦୁଇଜଣ ସ୍ୱତନ୍ତ୍ର ବନରକ୍ଷୀଙ୍କ ସମେତ ସ୍ଥାନୀୟ ୧୦ ଜଣ ଦକ୍ଷତାସମ୍ପନ୍ନ ଯୁବକଙ୍କୁ ୱାଚର ଭାବେ ନିଯୁକ୍ତି କରାଯାଉ ଏଭଳି ୬ଟି ଦବିକୁ ନେଇ ତା.୧୦।୧୨।୨୦୧୮ରିଖରୁ ତା.୧୫।୧୨।୨୦୧୮ ରିଖ ମଧ୍ୟରେ ସରକାର କରୁଥିବା ଅବହେଳା ଓ କାର୍ଯ୍ୟାନୁଷ୍ଠାନ ବିରୋଧରେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଉଛନ୍ତି । ଦାବି ପୂରଣ ନ ହେଲେ ଆସନ୍ତା ୧୭ ତାରିଖଠାରୁ ପୂରଣ ହେବା ପର୍ଯ୍ୟନ୍ତ ସଭ୍ୟାସଭ୍ୟମାନେ ସାମୁହିକ ଛୁଟିରେ ରହି ପ୍ରତ୍ୟେକ କାର୍ଯ୍ୟ ଦିବଦଗୁଡିକରେ ପୂବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ବିଭାଗୀୟ ମୁଖ୍ୟ ପିସିସିଏଫ କାର୍ଯ୍ୟାଳୟ ସମ୍ମୁକରେ ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦର୍ଶନ କରିବେ ବୋଲି ସଂଘ ରାଜ୍ୟ ଉପସଭାପତି ଭବାନୀ ଶଙ୍କର ପରିଛା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ସଭାପତି ପ୍ରଦୀପ କୁମାର ବିଶି, ଉପସଭାପତି ବଳରାମ ଭୋଇ, ଜୋନାଲ ସେକରେଟେରି ସର୍ବେଶ୍ୱର ଗହିର, ଯୁଗ୍ମ ସମ୍ପାଦକ ହଷୀକେଶ ପଟେଲ, ସହ ସମ୍ପାଦକ ସୁଶାନ୍ତ କୁମାର ଦାସ ଓ କୋଷାଧକ୍ଷ ବ୍ରଜସୁନ୍ଦ୍ର ବେହେରା ପ୍ରମୁଖ ନେତୃତ୍ୱ ନେଉଛନ୍ତି। ଏଥିପାଇଁ ଯାହା କ୍ଷୟକ୍ଷତି ହେବ ସରକାର ଓ ବନ ପ୍ରଶାସନ ଦାୟି ରହିବେ ବୋଲି କୁହାଯାଇଛି ।




ବନ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### କାନ୍ତକବି ଜୟନ୍ତୀ ପାଳିତ

ରାଉରକେଲା ଅଫିସ,୧୦।୧୨- କାନ୍ତକବିଙ୍କ ରଚିତ କବିତା କୃତିରେ ମାଧୁର୍ଯ୍ୟର ଅନୁପମ ମହକ ରହିଛି। ଏହା ଯେତିକି ମାର୍ମିକ ସେତିକି କାରୁଣ୍ୟଭରା। ତାଙ୍କ ଜାଳଜୟୀ ରଚନା ପାଠକଙ୍କୁ ଆଜି ବି ବାନ୍ଧି ରଖିଛି ବୋଲି ଧାମରା ସଂଘ ପକ୍ଷରୁ ସୋମବାର ଆୟୋଜିତ କବିଙ୍କ ୧୩୦ତମ ଜୟନ୍ତୀ ସଭାରେ ଯୋଗ ଦେଇଥିବା ଅତିଥିମାନେ ଏଭଳି ମତ ଦେଇଛନ୍ତି । ସଂଘ ପରିସରରେ ଉପେନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଜୟନ୍ତୀ ସମାରୋହରେ ବହୁ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ଥିଲେ। ବନ୍ଦେ ଉତ୍କଳ ଜନନୀକୁ ଆଜି ପର୍ଯ୍ୟନ୍ତ ସରକାରୀ ସ୍ୱୀକୃତି ନ ମିଳିବା ଦୁଃଖଦାୟକ ବୋଲି କହିଥିଲେ ଅତିଥିମାନେ । ଏହି ସଭାରେ ପ୍ରଶାନ୍ତ ବେହେରା, ଶ୍ରୀବତ୍ସ କୁଅଁର, ଅକ୍ଷୟ ଦାସ, ଭଗବାନ ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ରବିନ୍ଦ୍ର ନାୟକ, କମଳାକାନ୍ତ ପତି, ଭଗବାନ ନାୟକ, ସୁଶାନ୍ତ ନାୟକ, ସରୋଜ ପରିଡା, ଆଲୋକ ବେହେରା, ଜ୍ଞାନରଞ୍ଜନ କର, ଅମୂଲ୍ୟ ସେଠୀ, ବଳରାମ ମଲ୍ଲିକ, ପ୍ରଫୁଲ୍ଲ ଦାସ ଓ ଭାଗିରଥି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ମହାବନ୍ଦ ଡାକରା ପରିପ୍ରେକ୍ଷୀରେ ବାହାରିଥିବା ଶୋଭାଯାତ୍ରା ।

■ କୋଶଳ ପ୍ରଦେଶ ଦାବି ପ୍ରସଙ୍ଗ

# ମହାବନ୍ଦ ପାଇଁ ପ୍ରସ୍ତୁତି ଜୋରଦାର

■ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ
■ଜରୁରିକାଳୀନ ସେବା ବନ୍ଦ ପାଳନରୁ ବାଦ୍

ରାଉରକେଲା ଅଫିସ,୧୦।୧୨

ପଶ୍ଚିମ ଓଡିଶାକୁ ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବି ନେଇ ଆସନ୍ତା ୧୭ରେ ମହାବନ୍ଦ ଡାକରା ଦେଇଛି ମିଳିତ ସମନ୍ୱୟ ସମିତି। ଏହି ପରିପ୍ରେକ୍ଷୀରେ ରାଉରକେଲା କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ସେକ୍ଟର-୧୭ ଓ ବେଲଡିହିଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ଆବାହକ ହୃଦାନନ୍ଦ ବେହେରା ଅଧକ୍ଷତା କରିଥିଲେ। କେନ୍ଦ୍ରୀୟ କମିଟି ସଦସ୍ୟ ରାମଚନ୍ଦ୍ର ଅମାତ ବୈଠକରେ ଯୋଗଦେଇ ମହାବନ୍ଦର ରୂପରେଖ ଉପରେ ଆଲୋଚନା କରିଥିଲେ। ସେଦିନ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯିବ ବୋଲି ଅମାତ ସୂଚନା ଦେଇଥିଲେ। ଏଥିରେ ସମସ୍ତ ଯାନବାହନ, ସ୍କୁଲ କଲେଜ, ବ୍ୟବସାୟ ପ୍ରତିଷ୍ଠାନ, ବ୍ୟାଙ୍କ, ପୋଷ୍ଟ ଅଫିସ, ଦୋକାନ ବଜାର ବନ୍ଦ ରହିବ। ଆମ୍ବୁଲାନ୍ସ, ଔଷଧ ଦୋକାନ ପରି ଜରୁରିକାଳୀନ ସେବାକୁ ବନ୍ଦ ପାଳନରୁ ବାଦ ଦିଆଯାଇଛି ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଦଳମତ ନିର୍ବିଶେଷରେ ପଶ୍ଚିମ ଓଡିଶାର ସାମୂହିକ ବିକାଶ ପାଇଁ ସବୁ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ, ଛାତ୍ର ଓ ଯୁବ ସଂଘ, ବାର ଆସୋସିଏଶନ, ବ୍ୟବସାୟୀ, ଶ୍ରମିକ, କୃଷକ ସବୁ ବର୍ଗ ଏହାକୁ ସମର୍ଥନ କରିବା ସହ ବନ୍ଦ ପାଳନକୁ ସଫଳ କରିବାକୁ ଏଥିରେ ଆହ୍ୱାନ ଦିଆଯାଇଛି । ବୈଠକରେ କୋଶଳ କ୍ରାନ୍ତି ଦଳ(କେକେଡି)ଜିଲା ସଭାପତି ଉଗ୍ରସେନ ପାତ୍ର, ଶଙ୍କର ସାହୁ, ଜୟସିଂ ସିଂ, ଛାତ୍ର ନେତା ମନୋଜ ରାଉତିଆ, ହାଇଦର ଅଲ୍ଲୀ, ତ୍ରିନାଥ ସୁନା, ରାଜେନ୍ଦ୍ର ବାଗ, ସଞ୍ଜୟ ଟପୋ, କାର୍ତ୍ତିକ ମଲ୍ଲିକ ଓ ବାବୁ ହରିପାଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିନା ସ୍ୱୀକୃତିରେ ଚାଲିଛି ଇଂଲିଶ ମାଧ୍ୟମ ସ୍କୁଲ

■ ଏନ୍‌ଓସି ନାହିଁ, ନିୟମ ଉଲ୍ଲଂଘନ କରୁଛନ୍ତି ସ୍କୁଲ କର୍ତ୍ତୃପକ୍ଷ

ରାଉରକେଲା ଅଫିସ,୧୦।୧୨

ଷ୍ଟିଲ ସିଟିର ବହୁ ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ରାଜ୍ୟ ସରକାରଙ୍କ ବିନା ଅନୁମତିରେ ପରିଚାଳିତ ହେଉଛି। ଏମାନଙ୍କ ପାଖରେ ଏନଓସି(ନୋ ଅବ୍‌ଜେକଶନ ସାର୍ଟିଫିକେଟ) ନାହିଁ। ନିୟମାନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପାଖରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏନଓସି ନବୀକରଣ କରାଇ ନେବା କଥା। ଏହାକୁ ଘରୋଇ ଇଂଲିଶ ମାଧ୍ୟମ ବିଦ୍ୟାଳୟ କର୍ତ୍ତୃପକ୍ଷ ଖାତିର କରୁନାହାଁନ୍ତି। ଏନେଇ ଗତ ୬।୧୨।୨୦୧୮ରେ ନିର୍ଦ୍ଦେଶକ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏକ ନୋଟିସ ପ୍ରକାଶ କରାଯାଇଛି। ଯେଉଁଥିରେ ଅଭିଭାବକଙ୍କୁ ସତର୍କ କରାଇ ଦିଆଯାଇଛି ଯେ, ଅନୁମତି ପାଇ ନ ଥିବା ବିଦ୍ୟାଳୟରେ ପିଲାଙ୍କ ନାମ ଲେଖାଇବା ପୂର୍ବରୁ ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ୍ । ସଚେତନତା ଅଭାବରୁ ଉପରୋକ୍ତ ବିଦ୍ୟାଳୟରେ ନାମ ଲେଖାଉଥିବା ପିଲାମାନେ ଯେମିତି ଭବିଷ୍ୟତରେ ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେ ଦିଗରେ ସଜାଗ ହେବାକୁ ବିଭାଗ ସତର୍କ କରାଇଛି। ଏହି ଅବସରରେ କେଉଁ ଇଂଲିଶ ମାଧ୍ୟମ ବିଦ୍ୟାଳୟ ଏନଓସି ନାହିଁ ସେ ନେଇ ବିଭାଗ ଏକ ତାଲିକା ଜାରି କରିଛି। ଏଥିରୁ ଜଣା ଯାଇଛି, ଷ୍ଟିଲ ସିଟିର ଏକାଧିକ ଘରୋଇ ଇଂଲିଶ ମାଧ୍ୟମ ବିଦ୍ୟାଳୟ ରାଜ୍ୟ ସରକାରଙ୍କ ଗାଇଡ ଲାଇନ ଉଲ୍ଲଂଘନ କରି ପାଠ ପଢା ଜାରି ରଖିଛନ୍ତି। ଏପରି ଅବସ୍ଥାରେ ଯେଉଁମାନେ ସରକାରଙ୍କ ବିନା ଅନୁମତି ବା ଏନଓସି ନ ନେଇ ବିଦ୍ୟାଳୟ ଚଳାଉଛନ୍ତି ସେଭଳି ବିଦ୍ୟାଳୟରେ ପିଲାଙ୍କ ନାମ ନ ଲେଖାଇବାକୁ ପରାମର୍ଶ ଦିଆଯାଇଛି।




ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଉଦିତନଗରଠାରେ ଆୟୋଜିତ ଶୋଭାଯାତ୍ରାରେ ସାମିଲ ଦଳୀୟ କର୍ମକର୍ତ୍ତା ଓ କର୍ମୀ।

■ ପେସା ଆଇନ ଲାଗୁ ଦାବି

# ଆମ୍ ଆଦମୀ ପାର୍ଟି ପକ୍ଷରୁ ପଦଯାତ୍ରା

ରାଉରକେଲା ଅଫିସ,୧୦।୧୨

ସୁନ୍ଦରଗଡ଼ ଜିଲାର ସମସ୍ତ ଗ୍ରାମରେ ପେସା ଆଇନ ଲାଗୁ କରିବା ନେଇ ରବିବାର ଆମ୍ ଆଦମୀ ପାର୍ଟି ଦାବି କରିଛି। ଆଦିବାସୀଙ୍କୁ ଭାଗ ଭାଗ କରିବାକୁ ଯେଉଁ ଅପଚେଷ୍ଟା କରାଯାଉଛି ତାହା କେବେ ସଫଳ ହେବ ନାହିଁ ବୋଲି କହିଛନ୍ତି ଦଳୀୟ ନେତା। ବିଭିନ୍ନ ପ୍ରସଙ୍ଗ ନେଇ ରବିବାର ଜିଲା ଆବାହକ ସୁଶିଲ ଏକ୍କାଙ୍କ ନେତୃତ୍ୱରେ ଏକ ବିଶାଳ ପଦଯାତ୍ରା ଉଦିତନଗରଠାରୁ ବାହାରି ବିର୍ସା ମୁଣ୍ଡା ଷ୍ଟାଡିୟମ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ଆୟୋଜିତ ଜନସଭାକୁ ବୀରମିତ୍ରପୁର ଆବାହକ ବିନୟ କୁଲୁ ସଂଯୋଜନା କରିଥିଲେ। ପାର୍ଟି ନେତୃମଣ୍ଡଳୀଙ୍କ ମଧ୍ୟରୁ ସପନୀ ମୁଣ୍ଡା, ରଘୁନାଥାପାଲି ବିଧାନସଭା କ୍ଷେତ୍ର ଆବାହକ ନବୀନ ବାଲ୍ଗା, ତଳସରା ବିଧାନସଭା କ୍ଷେତ୍ର ଆବାହକ ସଞ୍ଜୀବ ଖାଲକୋ, ସୁନ୍ଦରଗଡ଼ ବିଧାନସଭା କ୍ଷେତ୍ର ଆବାହକ ଷ୍ଟାନିଲସ ଏକ୍କା, ରାଜଗାଙ୍ଗପୁର ବିଧାନସଭା କ୍ଷେତ୍ର ଆବାହକ ଅଶୋକ ଏକ୍କା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସୁନ୍ଦରଗଡ଼ ଜିଲାବାସୀଙ୍କୁ ଭାଗ ଭାଗ ହେବାକୁ ଦିଆଯିବ ନାହିଁ ବୋଲି ଏମାନେ କହିଥିଲେ। ଜିଲାର ଆଦିବାସୀ ଗ୍ରାମରେ ପେସା ଆଇନ ଲାଗୁ କରିବାକୁ ଦାବି କରାଯାଇଥିଲା। ଆଦିବାସୀ ଗ୍ରାମରେ ଦିଲ୍ଲୀ ସରକାରଙ୍କ ଭଳି ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା କରାଯାଉ ବୋଲି ଦାବି କରିଥିଲେ ମଞ୍ଚାସୀନ ନେତା।

ସର୍ବନିମ୍ନ ଦୈନିକ ମଜୁରି ୫୪୦ ଟଙ୍କା କରିବା ସହ ବିଜୁଳି ଦର ୟୁନିଟ ପିଛା ୨ଟଙ୍କା କରିବାକୁ ମତ ପ୍ରକାଶ ପାଇଥିଲା। ରାଜ୍ୟ ସମ୍ପାଦକ ବିନୟ ତିୱାରୀ କହିଥିଲେ, ସରକାର ଆଜି ପର୍ଯ୍ୟନ୍ତ ଜିଲାବାସୀଙ୍କୁ ସର୍ବନିମ୍ନ ସୁବିଧା ପ୍ରଦାନ କରିବାରେ ସକ୍ଷମ ହୋଇନାହାନ୍ତି। ଲୋକେ ମୌଳିକ ସୁବିଧା ପାଇପାରୁ ନାହାନ୍ତି। ଚାଷୀମୂଲିଆ ହନ୍ତସନ୍ତ ହେଉଛନ୍ତି। ସେମାନଙ୍କୁ ନିଜ ଉତ୍ପାଦନର ସର୍ବନିମ୍ନ ମୂଲ୍ୟ ମିଳୁନି। ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଚାଷୀ। ଏପରି ଅବସ୍ଥାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଛ ବିକାଶ ଚିତ୍ର ଦେଖାଉଛନ୍ତି ବୋଲି ତିୱାରୀ ଅଭିଯୋଗ କରିଥିଲେ।

ଏହି ଶୋଭାଯାତ୍ରା ଓ ଜନସଭାରେ ସଞ୍ଜୀବ ବାରୁଆ, ତୁନ୍ତୁଷ ଲାକ୍ରା, ଲମ୍ବୋଦର ମହାନ୍ତ, ଭରତ ବାଇ, ଅଞ୍ଜଳି କୁଲୁ, ବିର୍ଶା କିଣ୍ଡୋ, ରମାକାନ୍ତ ନାୟକ, ମନୀଷ ରାଉତ, ସରିତା ଏକ୍କା, ନରେନ୍ଦ୍ର କାଳେତ, ମାଧୁରୀ କୁଲୁ, ଶଙ୍କର ମିଞ୍ଜ, ପ୍ରବୀଣ କୁଜୁର, ରଞ୍ଜିତ ଏକ୍କା, ସୁରେଶ ଲୁଗୁନ ପ୍ରମୁଖ ଉପସ୍ଥିତ ଥିଲେ।

### ୩୦ରେ ବିଶାଳ ହିନ୍ଦୁ ସମ୍ମିଳନୀ

ରାଉରକେଲା ଅଫିସ,୧୦।୧୨

ଅଯୋଧ୍ୟାରେ ଶ୍ରୀରାମଙ୍କ ମନ୍ଦିର ନିର୍ମାଣ ପାଇଁ ଗତ ୧୫୨୮ରୁ ଆଜି ପର୍ଯ୍ୟନ୍ତ ୭୪ ଥର ସଂଗ୍ରାମ ହୋଇଛି। ୩ ଲକ୍ଷରୁ ଊର୍ଦ୍ଧ୍ୱ ରାମଭକ୍ତ ବଳିଦାନ ଦେଇଛନ୍ତି। ଏହା କେବେ ବ୍ୟର୍ଥ ଯିବ ନାହିଁ ବୋଲି ଫର୍ଟିଲାଇଜର ଟାଉନଶିପ୍ ମାନସ ମନ୍ଦିର ଠାରେ ରବିବାର ଆୟୋଜିତ ବୈଠକରେ ପଶ୍ଚିମ ଓଡିଶା ଧର୍ମ ପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ ଏଭଳି ମତ ପ୍ରକାଶ କରିଛନ୍ତି । ଏନେଇ ଆସନ୍ତା ୩୦ରେ ଉଦିତନଗର ପଡିଆରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଶାଳ ହିନ୍ଦୁ ସମ୍ମିଳନୀରେ ଭାଗ ନେବାକୁ ସେ ଉପସ୍ଥିତ ଅଞ୍ଚଳବାସୀଙ୍କୁ ଆହ୍ୱାନ କରିଥିଲେ। ଏଥିରେ ନବକିଶୋର ପ୍ରଧାନ ଅଧକ୍ଷତା କରିଥିବାବେଳେ କମଲ କିଶୋର ନାୟକ, ରାଜକିଶୋର ଭଞ୍ଜ, କମଲେଶ ସାହା, ସମାଇ ସୋରେନ, ରଞ୍ଜିତ ସିଂ, ମୁରଲୀ ଗୌଡ ଓ ମନୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଟିସିଆଇରେ ମହିଳା ଫେଲୋଶିପ୍ କାର୍ଯ୍ୟକ୍ରମ

ରାଉରକେଲା ଅଫିସ,୧୦।୧୨

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ଛକ ନିକଟସ୍ଥ ଫାର୍ଶାଟୋଲି ଚର୍ଚ୍ଚ ପକ୍ଷରୁ ସିଷ୍ଟର ପୁତଲିଙ୍କ ତତ୍ତ୍ୱାବଧାନରେ ମହିଳା ଫେଲୋଶିପ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳାଙ୍କୁ ନେଇ ଆୟୋଜିତ ଖ୍ରୀଷ୍ଟମାସ ପୂର୍ବ ଶୀତକାଳୀନ ମହିଳା ଫେଲୋଶିପ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପୂର୍ବତନ ନଗରପାଳ ରମେଶ ବଳ ଯୋଗଦେଇ ଏଭଳି ଉତ୍ସବର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଫ୍ୟାନ୍ସି ଡ୍ରେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ମହିଳା ଶ୍ରଦ୍ଧାଳୁଙ୍କ ପକ୍ଷରୁ ପ୍ରଭୁ ଯିଶୁଙ୍କ ଆଶୀର୍ବାଦ କାମନା ଉଦ୍ଦେଶ୍ୟରେ ଏକ ସାମୂହିକ ପ୍ରାର୍ଥନା ସଭା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ହରିହର ରାଉତରାୟ, ମାର୍ଗାରେଟ ତିର୍କୀ, ତାରା କ୍ରିଷ୍ଟା, ରେଣୁ ଖାଲକୋ, ବିମଳା କିଶାନ, ଅନୁ ତିର୍କୀ, ଅନୀତା ମିଞ୍ଜ, ଗୌରୀ ଓରାମ, କରୁଣା ଟପୋ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପାରମ୍ପରିକ ଆଦିବାସୀ ନୃତ୍ୟ ସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଫାର୍ଶାଟୋଲି ଚର୍ଚ୍ଚରେ ଆୟୋଜିତ ଫେଲୋଶିପ୍ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ମହିଳାମାନେ ।

# ଗୁଡ ନ୍ୟୁଜ୍ ଇଣ୍ଡିଆ ଆଶ୍ରୟ ଗୃହ ବିବାଦ: ପ୍ରଶାସନିକ ଯାଞ୍ଚ ଶେଷ

ରାଉରକେଲା ଅଫିସ,୧୦।୧୨

ପାନପୋଷ ଉପଜିଲାପାଳ ବିଶ୍ୱଜିତ୍ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଲାଠିକଟା ଅନ୍ତର୍ଗତ ଏରଗେଡାଠାରେ ଥିବା ଗୁଡ ନ୍ୟୁଜ ଇଣ୍ଡିଆ ପରିଚାଳିତ ଆଶ୍ରୟ ଗୃହରେ ଚାଲିଥିବା ପ୍ରଶାସନିକ ଟିମ୍‌ର ଯାଞ୍ଚ ଶେଷ ହୋଇଛି। ଏହି ଟିମ୍‌ରେ ଉପଖଣ୍ଡ ମଙ୍ଗଳ ଅଧିକାରୀ, ବ୍ଲକ ମଙ୍ଗଳ ଅଧିକାରୀ, ସାମାଜିକ ସୁରକ୍ଷା ଅଧିକାରୀ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ସାମିଲ ଥିଲେ । ଏହି ଟିମ୍ ଖୁବ ଶୀଘ୍ର ଉପଜିଲାପାଳଙ୍କୁ ତାଙ୍କ ରିପୋର୍ଟ ପ୍ରଦାନ କରିବେ। ସମ୍ପୃକ୍ତ ଆଶ୍ରୟ ସ୍ଥଳରେ ଶତାଧିକ ଅନ୍ତେବାସୀ କିପରି ବସବାସ କରୁଛନ୍ତି, ସଂସ୍ଥା ପଞ୍ଜୀକୃତ ହୋଇଛି ନା ନାହିଁ, ବାଳ ଅପରାଧ ଆଇନ(ଜେଜେ ଆକ୍ଟ) ଅନୁପାଳନ ହେଉଛି ନା ନାହିଁ, ପିଲାଙ୍କୁ କି ପ୍ରକାର ଶିକ୍ଷା କେଉଁଠି ପ୍ରଦାନ କରାଯାଉଛି,

**ଖୁବ୍‌ଶୀଘ୍ର ଦାଖଲ ହେବ ରିପୋର୍ଟ**

ଏମାନଙ୍କୁ ସ୍ୱାସ୍ଥ୍ୟ ସେବା ମିଳୁଛି ନା ନାହିଁ, ସର୍ବୋପରି ଧର୍ମାନ୍ତରୀକରଣ ନେଇ ମଧ୍ୟ ସମ୍ପୃକ୍ତ ଟିମ୍ ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ପଚରାଉଚରା କରିଛି।

ବିଶ୍ୱସ୍ତସୂତ୍ରରୁ ମିଳିଥିବା ଖବର ଅନୁସାରେ, ଯାଞ୍ଚ ଟିମ ନଜରକୁ ଅନେକ ଅନିୟମିତା ଆସିଛି। ଯାହା ରିପୋର୍ଟ ପ୍ରଦାନ ପୂର୍ବରୁ ପ୍ରକାଶ କରାଯାଇ ପାରିବ ନି ବୋଲି ଜଣେ ଅଧିକାରୀ କହିଛନ୍ତି। ଏହା ସତ୍ତ୍ୱେ ଏହି ଅନୁଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ବିଭିନ୍ନ ମହଲରେ ଉତ୍ସୁକତା ପ୍ରକାଶ ପାଇଛି। ଯାହା ଖୁବ୍ ଶୀଘ୍ର ସ୍ପଷ୍ଟ ହେବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଗୁଡ ନ୍ୟୁଜ ଇଣ୍ଡିଆ ପରିଚାଳିତ ଢେଙ୍କାନାଳ ଆଶ୍ରୟ ସ୍ଥଳ କେଳେଙ୍କାରୀ ପଦାକୁ ଆସିବା ପରେ ଗତ ୪ ତାରିଖରେ ଲାଠିକଟା ଏରଗେଡାଠାରେ ଥିବା ଆଶ୍ରୟ ସ୍ଥଳ ଯାଞ୍ଚ କରିଥିଲେ ଜିଲା ଶିଶୁ ସୁରକ୍ଷା ଓ ମଙ୍ଗଳ ଅଧିକାରୀ। ଏନେଇ ଉଭୟ ଅଧିକାରୀ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି କହିଥିଲେ, ଏଠାରେ ସେଭଳି କିଛି ଅନିୟମିତତା ନଜରକୁ ଆସି ନାହିଁ। ଏହି ମନ୍ତବ୍ୟକୁ ଚାଲେଞ୍ଜ କରିଥିଲେ ସାମାଜିକ କର୍ମୀ ଶାନ୍ତନୁ କୁସୁମ। ସେ କହିଥିଲେ ଯାଞ୍ଚ ସଂପୂର୍ଣ୍ଣ ଉପର ଠାଉରିଆ କରାଯାଇଛି। ଏହି ଆଶ୍ରୟ ସ୍ଥଳରେ ମଧ୍ୟ ଯାବତୀୟ ଅନିୟମିତା ନେଇ ଅଭିଯୋଗ ହେଉଛି। ପରେ ପାନପୋଷ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଯାଞ୍ଚ କମିଟି ଗଠନ କରାଯାଇଥିଲା। ଯେଉଁ ଟିମ ସୋମବାର ଏରଗେଡା ଆଶ୍ରୟ ସ୍ଥଳକୁ ଯାଇ ଯାଞ୍ଚ କରିଛି, ତାହାର ରିପୋର୍ଟକୁ ଅପେକ୍ଷା କରାଯାଇଛି।



ଅତିଥିଙ୍କ ଗହଣରେ ଦୀପିକା ମହିଳା ସଂଘତିର କର୍ମକର୍ତ୍ତା ।

# ଦୀପିକା ମହିଳା ସଂଘତିର ବାର୍ଷିକୋତ୍ସବ

ରାଉରକେଲା ଅଫିସ,୧୦।୧୨

ଷ୍ଟିଲ ସିଟିର ପ୍ରମୁଖ ଦୀପିକା ମହିଳା ସଂଘତିର ୬୧ତମ ବାର୍ଷିକଉତ୍ସବ ସିଭିକ ସେଣ୍ଟରଠାରେ ପାଳିତ ହୋଇଯାଇଛି। ଏଥିରେ ରାଉରକେଲା ଇସ୍ପାତ କାରଖାନା(ଆରଏସ୍‌ପି) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶ୍ୱିନୀ କୁମାର ଯୋଗ ଦେଇଥିଲେ। ଦୀପିକା ମହିଳା ସଂଘତି ଅଧକ୍ଷା ସବିତା କୁମାରୀ, ଆରଏସ୍‌ପି ପ୍ରକଳ୍ପ ବିଭାଗ ଇଡି ରାଜୀବ ଅଗ୍ରୱାଲ, କାର୍ମିକ ଓ ପ୍ରଶାସନ ବିଭାଗ ଇଡି ରାଜବୀର ସିଂ, କାର୍ଯ୍ୟ ବିଭାଗ ଇଡି ଗୌତମ ବାନାର୍ଜୀ, ସାମଗ୍ରୀ ଓ ପ୍ରବନ୍ଧନ ବିଭାଗ ଇଡି ଡି.କେ ମହାପାତ୍ର, ଦୀପିକା ମହିଳା ସଂଘତି ଉପାଧକ୍ଷା ରେଖା ଅଗ୍ରୱାଲ ଓ ଅନୁରାଧା ବାନାର୍ଜୀ, ଦୁର୍ଗାପୁର ଇସ୍ପାତ୍ କାରଖାନା କାର୍ମିକ ଓ ପ୍ରଶାସନିକ ବିଭାଗ ଇଡି ପି.କେ ପ୍ରଧାନ ଓ ମୀନାକ୍ଷୀ ପ୍ରଧାନଙ୍କ ସମେତ ଆରଏସପିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନ କର୍ମକର୍ତ୍ତା ଲୀନା ଦାସ ଓ ସଙ୍ଗୀତା ବର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

■ ବ୍ରହ୍ମାକୁମାରୀ ମୁଖ୍ୟ ଆଶ୍ରମର ବାର୍ଷିକୋତ୍ସବ

# ଅହଂକାର ଶୂନ୍ୟତା ମଣିଷକୁ ପୂର୍ଣ୍ଣତା ଆଣି ଦିଏ

ରାଉରକେଲା ଅଫିସ,୧୦।୧୨

ବାସନ୍ତୀ କଲୋନୀ ପାଣିଟାଙ୍କି ପାର୍ଶ୍ୱ ଗଣେଶ ପୂଜା ପଡ଼ିଆରେ ଗତ ରବିବାର ସନ୍ଧ୍ୟାରେ ବ୍ରହ୍ମାକୁମାରୀ ମୁଖ୍ୟ ସେବାକେନ୍ଦ୍ରର ୩୬ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରଡିଏ ଅଧକ୍ଷ ସାରଦା ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ରାଜସ୍ଥାନର ମାଉଣ୍ଟଆବୁରୁ ଆସିଥିବା ରାଜଯୋଗିନୀ ଡ. ସବିତା ଭଉଣୀ ମୁଖ୍ୟବକ୍ତା ଓ ଅର୍ଜୁନ ପୁରସ୍କାରପ୍ରାପ୍ତ କ୍ରୀଡାବିତ ମିନତି ମହାପାତ୍ର, ରାଉରକେଲା ସରକାରୀ ଡାକ୍ତରଖାନା ଉପମୁଖ୍ୟ ଅଧିକାରୀ ଡାକ୍ତର ଶଶାଙ୍କ କବି ଶତପଥୀ, ଅବସରପ୍ରାପ୍ତ ଅଧକ୍ଷ ଜେ.କେ. ରାଓ, ସୁନୀଲ କାୟଲ, କୋଲକାତାରୁ ଆସିଥିବା ବ୍ରହ୍ମାକୁମାରୀ କମଳା ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ। ଏଥିରେ ରାଉରକେଲା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ମୁଖ୍ୟ ପରିଚାଳିକା ବ୍ରହ୍ମାକୁମାରୀ ବିମଳା ଭଉଣୀ, ସଂଯୋଜିକା ଶ୍ୱେତା ଭଉଣୀ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ନାୟକ ତାଙ୍କ ବକ୍ତବ୍ୟରେ କହିଲେ, ବ୍ରହ୍ମାକୁମାରୀମାନେ ସାମାଜିକ ପରିବର୍ତ୍ତନ ପାଇଁ ନିରନ୍ତର କାର୍ଯ୍ୟ କରି ଆସୁଛନ୍ତି। ଏକ ସୁସ୍ଥ ଓ ସୁନ୍ଦର ବିଶ୍ୱ ନିର୍ମାଣରେ ଏମାନଙ୍କ ଗୁରୁ ଦାୟିତ୍ୱ ରହିଛି । ମୁଖ୍ୟବକ୍ତା ସବିତା ପାରସ୍ପରିକ ସୁଖଶାନ୍ତି ଓ ଜୀବନର ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଅହଂକାର ଶୂନ୍ୟତା ମଣିଷକୁ ପୂର୍ଣ୍ଣତା ଆଣିଦିଏ। ଏକ ଶୃଙ୍ଖଳିତ ସମାଜ ଗଠନରେ ସମସ୍ତଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ। ସାମାଜିକ ସୁଖଶାନ୍ତି ସମସ୍ତ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ବ୍ରହ୍ମାକୁମାରୀ ବା କୁମାରମାନେ ସାମାଜିକ ଉତ୍‌ଥାନ ପାଇଁ ଯେଉଁ ତ୍ୟାଗ ଓ ନିଷ୍ଠା ପ୍ରଦର୍ଶନ କରୁଛନ୍ତି ତାହା ଅନ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ ହେବ ବୋଲି ଅନ୍ୟ ମଞ୍ଚାସୀନ ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ। ଏହି ଉତ୍ସବରେ ଅନୁଷ୍ଠାନ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବ୍ରହ୍ମାକୁମାରୀ ମୁଖ୍ୟ ଆଶ୍ରମର ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥିମାନେ ।



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।
- ଚରଣ ସିଂ



## ସଂକ୍ଷେପରେ

### ଆତ୍ମରକ୍ଷା କୌଶଳ ତାଲିମ ଶିବିର

**ବଡ଼ଗାଁ,୧୦।୧୨(ଡି.ଏନ୍.ଏ.)**- ସୁନ୍ଦରଗଡ଼ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାରଠାରୁ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଆରମ୍ଭ ହୋଇଛି। ବଡ଼ଗାଁ ହାଇସ୍କୁଲର ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଗଣେଶ୍ୱର ପିଙ୍ଗ ମୁଖ୍ୟଅତିଥି, ପ୍ରଧାନ ଶିକ୍ଷକ ସତ୍ୟପ୍ରିୟ ପଟେଲ, ସରବତୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ପିଇଟି ରେଣୁକା ମହାରଣା, ଗଣମାଧ୍ୟମ ପ୍ରତିନିଧି ଅଶୋକ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ସମୟରେ ବାଳିକାମାନଙ୍କ ପାଇଁ ଆତ୍ମରକ୍ଷା ତାଲିମର ଆବଶ୍ୟକତା ଓ ଶରୀର ପ୍ରତି ଏହାର ଉତ୍ତମ ପ୍ରଭାବ ଉପରେ ମୁଖ୍ୟଅତିଥି ପିଙ୍ଗ ଆଲୋକପାତ କରିଥିଲେ। ଶିବିର ଆସନ୍ତା ୧୮ ତାରିଖରେ ଉଦ୍‌ଯାପିତ ହେବ। ୯ଦିନ ପର୍ଯ୍ୟନ୍ତ ଗୋଟିଏ ପିରିୟଡ ପିଇଟି ମହାରଣା ଓ ଅଶୋକ ଷଡ଼ଙ୍ଗୀ ଛାତ୍ରୀମାନଙ୍କୁ ତାଲିମ ଦେବେ।

### ଗଞ୍ଜେଇ ଚାଲାଣ, ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

**କୋଲାବିରା,୧୦।୧୨(ଡି.ଏନ.ଏ.)**- କୋଲାବିରା ବ୍ଲକ ଅନ୍ତର୍ଗତ ପୋଖରାସାହ୍ଲେ ଗ୍ରାମର ସୀତାରାମ ସାହୁ(୩୫)ଙ୍କୁ ଗଞ୍ଜେଇ କାରବାରରେ ଲିପ୍ତ ଥିବା ଅଭିଯୋଗରେ ପୋଲିସ ରବିବାର ରାତିରେ ଗିରଫ କରିଛି। ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅଞ୍ଚଳରୁ ପୋଲିସ ସୀତାରାମଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଅଭିଯୁକ୍ତ ସୀତାରାମଙ୍କ ନାମରେ ଗଞ୍ଜେଇ କାରବାରର ମୁଖ୍ୟ କାପରଦାର ବୋଲି ବୌଦ୍ଧ ପୋଲିସ କହିଛି । ଉକ୍ତ ଅଞ୍ଚଳରେ କାରବାର କରି ସୁରକ୍ଷିତ ଭାବେ ସେଠାରୁ ଖସି ଆସି ଘରେ ଲୁଚି ରହୁଥିଲେ। ଏପରି ଭାବେ ତାର କାୟା ବିସ୍ତାର କରିଥିବା ବେଳେ ପୋଲିସ ସୀତାରାମଙ୍କୁ ଖୋଜିବାରେ ନାକେଦମ ହୋଇପଡିଥିଲା। କୌଣସି ସୂତ୍ରରୁ ଖବର ପାଇ କୋଲାବିରା ପୋଲିସ ସହାୟତା ନେଇ ସୀତାରାମଙ୍କୁ ଘରେ ଥିବା ଅବସ୍ଥାରେ ଗିରଫ କରି କଣ୍ଟାମାଲ ଥାନାକୁ ନେଇଯାଇଛି। କଣ୍ଟାମାଲ ଥାନାରେ ସୀତାରମ ସାହୁଙ୍କ ବିରୋଧରେ ଅପରାଧିକ ମାମଲା(ନଂ.ସଂଖ୍ୟା ୧୮୩/୧୮)ରେ ମାମଲା ରୁଜୁ କରିଛି ।

# ତୀବ୍ର ହେଉଛି ମଦ ବିରୋଧୀ ଅଭିଯାନ

**ନୂଆଗାଁ,୧୦।୧୨(ଡି.ଏନ୍.ଏ.)**




ହାତିବାରୀ ମହିଳା ସଂଗଠନ ପକ୍ଷରୁ ଆୟୋଜିତ ମଦ ବିରୋଧୀ ସଚେତନତା କାର୍ଯ୍ୟକ୍ରମରେ ସାମିଲ ମହିଳା।

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅଞ୍ଚଳରେ ଖୋଲାଖୋଲି ଚୋରାମଦ କାରବାର ଚାଲିଛି। ଫଳରେ ପାରିବାରିକ ଅଶାନ୍ତି ସୃଷ୍ଟି ହେବା ସହ ଅପରାଧ ବଢୁଛି। ଏହାର ପ୍ରତିବାଦରେ ଏବେ ଗାଁ ଗାଁରେ କେତେକ ମହିଳା ସଂଗଠନ ମଦ ବିରୋଧୀ ଅଭିଯାନକୁ ତୀବ୍ର କରିଛନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ ପୋଲିସ ପ୍ରଶାସନ ଚୋରାମଦ ବିକ୍ରି ରୋକିବାରେ କୌଣସି ପଦକ୍ଷେପ ଗ୍ରହଣ କରୁ ନାହିଁ। ହାତିବାରୀ, ଟିସ୍କୋ, ପୁରୁଣାପାଣି, କୋକେରମା, ଆଙ୍କୁରପାଲି ଆଦି ଗାଁରେ ପାନ ଦୋକାନରୁ ଆରମ୍ଭ କରି ତେଜରାତି ଦୋକାନ ପର୍ଯ୍ୟନ୍ତ ସବୁଠି ଖୋଲାଖୋଲି ମଦ ବିକ୍ରି ଚାଲିଛି। ଏସବୁ ଅଞ୍ଚଳକୁ ଝାଡ଼ଖଣ୍ଡରୁ ନକଲି ବିଦେଶୀ ମଦ ଅଣାଯାଇ ବିକ୍ରି କରାଯାଉଛି। ନିକଟରେ ରାଉରକେଲା ଓ ସୁନ୍ଦରଗଡ଼ ଅବକାରୀ ବିଭାଗ ନୂଆଗାଁ ଅଞ୍ଚଳରୁ ଜବତ କରିଥିବା ମଦରୁ ଏହା ସ୍ପଷ୍ଟ ହୋଇଥିଲା।

- ■ସ୍ଥାଣୁ ପାଲଟିଛି ପ୍ରଶାସନ
- ■ନିଶାମୁକ୍ତ ଅଭିଯାନ କାର୍ଯ୍ୟକାରୀ ନେଇ ପ୍ରଶ୍ନବାଚୀ

ସେହିଭଳି ବିଶ୍ରା ଥାନା ଅନ୍ତର୍ଗତ କାଟେପୁର, ଲୋଆରାମ, ଉର୍ମେଇ, ବାରିଲେପ୍ଟା, ବାଗଡେଗା ଆଦି ଅଞ୍ଚଳର ଗାଁ ଗାଁରେ ମଧ୍ୟ ଦେଶୀ ଓ ବିଦେଶୀ ମଦ ବିକ୍ରି ଚାଲିଛି। ବିଶେଷକରି କାଟେପୁର, ଗାଇଞ୍ଜାର, ଲୋଆରମ୍ ଅଞ୍ଚଳରେ ନକଲି ବିଦେଶୀ ମଦ କାରବାର ଚାଲିଥିବା ଅଭିଯୋଗ ହେଉଛି। ଚିତାପେଡ଼ି ପଞ୍ଚାୟତ ମହିଳା ସଂଗଠନ ଏହି ବେଆଇନ ନକଲି ମଦ ବିକ୍ରି ବନ୍ଦ କରିବାକୁ ଦୃଢ଼ ଦାବି କରିଛି। ଏଭଳି ଖୋଲାଖୋଲି ମଦ ବିକ୍ରି ଯୋଗୁ ଉପାନ୍ତ ଗାଁଗୁଡ଼ିକରେ ଲୋକେ କାମଧନ୍ଦା ନ କରି ମଦ ପିଇବାରେ ସମୟ କାଟୁଛନ୍ତି। ଝାଡ଼ଖଣ୍ଡର କେତେକ ଆପରାଧିକ ସଂଗଠନ ସହ ସମ୍ପୃକ୍ତ ଯୁବକମାନେ ଏହାର ଫାଇଦା ନେଇ ଏହି ଅଞ୍ଚଳକୁ ଆସି ସ୍ଥାନୀୟ ଲୋକଙ୍କ ସହ ମିଶି ମଦ୍ୟପାନ କରିବା ସହ ଅଞ୍ଚଳରେ ବିଭିନ୍ନ ଅପରାଧ ଘଟାଉଛନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ପୂର୍ବ ଭଳି ମୋବାଇଲ ସ୍କ୍ୱାଡ୍ ଗଠନ କରି ଉପାନ୍ତ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରିବାକୁ ସାଧାରଣରେ ଦାବି ହେଉଛି। ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ନିଶାମୁକ୍ତ ଅଭିଯାନକୁ ସରକାର ନିଜେ ଗୁରୁତ୍ୱର ସହ ଦେବାକୁ ମଧ୍ୟ ଦାବି ହୋଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲୁଚି ଲୁଚି ପର ଅଇଁଠା ଖାଏ;**
**ଘର ଆଦରକୁ ଅସୁଖ ପାଏ ।**

ଆମ ସମାଜରେ ଏଭଳି କେତେଜଣ ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନ ସମ୍ମାନକୁ ଖାତିର ନ କରି ପର ଆଗରେ ହାତ ପତେଇଥାନ୍ତି। ଅଥଚ ଆଉ କେହି ଭଲ ଭାବେ ଅଭ୍ୟର୍ଥନା କଲେ ମଧ୍ୟ ସେ ତାହାକୁ ଗ୍ରହଣ ନ କରି ନାମ ସମାଲୋଚନା କରିଥାନ୍ତି। ପ୍ରକୃତି ଛଡ଼ା ବ୍ୟକ୍ତିଙ୍କଠାରେ ଏପରି ରଙ୍ଗଢଙ୍ଗ ବା ହାବଭାବ ପରିଲକ୍ଷିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଲୁଣ ଲଗାଇ ଭାତ ଖାଏ,**
**ସାତ ତିଅଣ କହୁଥାଏ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେଜଣ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅନ୍ୟ ଆଗରେ ତୁଚ୍ଛା ବାହାଦୁରି ମାରିଥାନ୍ତି। ଛ'କୁ ନଅ କରି କହିବା ସେମାନଙ୍କ ପ୍ରକୃତି ହୋଇଥାଏ। ତେବେ ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ଏପରି ଫମ୍ପା ଆଭିଜାତ୍ୟ କୌଣସି ପରିସ୍ଥିତିରେ ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରାଇକେଲା ଫୁଟବଲ ଟୁର୍ଣ୍ଣାମେଣ୍ଟ: ନୂଆଗାଁ ଚାମ୍ପିୟନ



ଅତିଥି ଜଣେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

**ଟେନସା,୧୦।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ଡେଙ୍ଗୁଳା ପଞ୍ଚାୟତ ରାଇକେଲା ମିନିଷ୍ଟାଡିୟମରେ ୩ଦିନ ଧରି ଚାଲିଥିବା ରାଇକେଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ପାରିପାର୍ଶ୍ୱିକ ଅଞ୍ଚଳର ୩୨ ଟିମ୍ ଭାଗ ନେଇଥିଲେ। କାଶିରା ଓ ନୂଆଗାଁ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ନୂଆଗାଁ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ପେନାଲ୍ଟି ଶୁଟଆଉଟରେ ନୂଆଗାଁ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବରସୁଆ ଲୌହ ଖଣିର ପ୍ରଶାସନ ବିଭାଗ ପ୍ରବନ୍ଧକ ଜ୍ୟୋତି ପ୍ରକାଶ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ ସିଏସ୍‌ଆର୍ ବିଭାଗର ରମାକାନ୍ତ ବେହେରା, ଡେଙ୍ଗୁଳାର ପୂର୍ବତନ ସରପଞ୍ଚ ମଣିକର ନାଏକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ୨୫ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୨୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ତୃତୀୟ ସ୍ଥାନରେ ରହିଥିବା ଦଳକୁ ୧୫ ହଜାର ଟଙ୍କା, ଚତୁର୍ଥ ସ୍ଥାନରେ ରହିଥିବା ଦଳକୁ ୧୦ ହଜାର ପୁରସ୍କୃତ କରାଯାଇଥିଲା। ଲୋକଙ୍କ ମନୋରଞ୍ଜନ ପାଇଁ ଦୁଇଟି ମହିଳା ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆୟୋଜକ ଦଳର ସୁଦର୍ଶନ ପାତ୍ର, ସଭାପତି ଜୟଦେବ ଦେହୁରୀ, ସମ୍ପାଦକ ସୁଶିଲ ଦେହୁରୀ, ପ୍ରଦୀପ ନାଏକଙ୍କ ସମେତ ରାଇକେଲା ଫୁଟବଲ ଆସୋସିଏଶନ୍‌ର କର୍ମକର୍ତ୍ତା ଖେଳ ପରିଚାଳନାରେ ସହଯୋଗ କରିଥିଲେ।




ଖଣି ସୁରକ୍ଷା ସପ୍ତାହ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଖଣି ସୁରକ୍ଷା ସପ୍ତାହ: ରୁଙ୍ଗଟା ମାଇନ୍ସ ସମ୍ବର୍ଦ୍ଧିତ

**ଟେନସା,୧୦।୧୨(ଡି.ଏନ୍.ଏ.)**

ଖଣି ସୁରକ୍ଷା ଆଞ୍ଚଳିକ ନିର୍ଦ୍ଦେଶାଳୟ ଚାଇଁବସା କ୍ଷେତ୍ର ଓ ଓଏମ୍‌ସି ଆନୁକୂଲ୍ୟରେ କେନ୍ଦୁଝର ଓଡ଼ିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ଆୟୋଜିତ ୫୬ତମ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଛି। ଏଥିରେ ଏସ୍‌ଆର୍ ରୁଙ୍ଗଟା ଗ୍ରୁପର ୨୪ଟି ଖଣି ପ୍ରଥମ ପୁରସ୍କାର, ୧୫ଟି ଖଣି ଦ୍ୱିତୀୟ ପୁରସ୍କାର ଓ ୧୬ଟି ଖଣି ତୃତୀୟ ପୁରସ୍କାର ଅର୍ଜନ କରିଥିଲେ। ଏହାବ୍ୟତୀତ କନଷ୍ଟ୍ରାକ୍ସରେ ୬ଟି, ବେଷ୍ଟ ସେଫ୍ଟିରେ ୫ଟି ପୁରସ୍କାର ମିଳିଥିଲା। ଏହି ଅବସରରେ ଖଣି କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ପାଇଁ ରୁଙ୍ଗଟା କମ୍ପାନୀର ନିର୍ଦ୍ଦେଶକ ଏମ୍‌ଡି ରସ୍ତୋଗିଙ୍କୁ ମାନପତ୍ର ଓ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ କମ୍ପାନୀର ସିନିୟର ଭାଇସ୍ ପ୍ରେସିଡେଣ୍ଟ ଏଚ୍. ମଜୁମଦାର୍, ଜୁନିୟର ଭାଇସ୍ ପ୍ରେସିଡେଣ୍ଟ ଏଚ୍‌ଆର୍ ରାମ ଅଗ୍ରୱାଲ, ଏ. ସେନ୍, ଏ.କେ. ମହାପାତ୍ର, ଖଣି ମହାପ୍ରବନ୍ଧକ ଡି.ଏନ୍. ପରିଡ଼ା ଏବଂ ସମସ୍ତ ମାଇନ୍ସ ମ୍ୟାନେଜର ଓ କର୍ମଚାରୀ ଉପସ୍ଥିତ ଥିଲେ। ରୁଙ୍ଗଟା ଗ୍ରୁପର ଏହି କୃତିତ୍ୱରେ କମ୍ପାନୀର ନିର୍ଦ୍ଦେଶକ ଏମ୍‌ଡି ରସ୍ତୋଗି ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

### ନାବାଳିକାଙ୍କୁ ଉଦ୍ଧାର କଲା ପୋଲିସ

**କୋଲାବିରା,୧୦।୧୨(ଡି.ଏନ.ଏ.)**

ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅନ୍ତର୍ଗତ ଶିରିଆପାଲି ଗ୍ରାମରୁ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ସୁନ୍ଦରଗଡ଼ରୁ ଉଦ୍ଧାର କରିଛି। ଶିରିଆପାଲି ଗ୍ରାମର ଏହି ନାବାଳିକା ନଭେମ୍ବର ୨୦ ତାରିଖରେ ଘରୁ କୁଆଡେ ଚାଲିଯାଇଥିଲେ। ଘର ଲୋକେ ଖୋଜା ଖୋଜି କରି ନ ପାଇବାରୁ କୋଲାବିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କେସ ନଂ.୧୨୪/୧୮ । ପ୍ରାଥମିକ ତଦନ୍ତରୁ ଏହା ଏକ ପ୍ରେମଜନିତ ଘଟଣା ବୋଲି ପୋଲିସ ଅନୁମାନ କରି ଖୋଳତାଡ ଆରମ୍ଭ କରିଥିଲା । ଏଏସଆଇ ପ୍ରକାଶ ଚନ୍ଦ୍ର ଦଲାଇଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ରବିବାର ରାତିରେ ଚଢଉ କରୁ ସୁନ୍ଦରଗଡ ଜିଲା ହାତୀବାରି ଅଞ୍ଚଳରେ ଭଡାଘରେ ରହୁଥିବା ସୁନିଲ ଲାକରା(୨୫) ନାମକ ଯୁବକ କବଳରୁ ଉକ୍ତ ଯୁବତୀକୁ ଉଦ୍ଧାର କରିଥିଲା ।

■ ଜୀବିକା ମିଶନ ପକ୍ଷରୁ ଏସ୍‌ଭିଇପି କାର୍ଯ୍ୟକ୍ରମ

# କ୍ଷୁଦ୍ର ବ୍ୟବସାୟ ପାଇଁ ୧୯୪ ମହିଳାଙ୍କୁ ମିଳିବ ଆର୍ଥିକ ପ୍ରୋତ୍ସାହନ

**କୁଆଁରମୁଣ୍ଡା,୧୦।୧୨(ଡି.ଏନ୍.ଏ.)**

ଓଡ଼ିଶା ଜୀବିକା ମିଶନ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ବ୍ଲକ ଅଞ୍ଚଳରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ବିଭିନ୍ନ କ୍ଷୁଦ୍ର ବ୍ୟବସାୟ ପାଇଁ ଏହି ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ଏହି ମର୍ମରେ ସୋମବାର କୁଆଁରମୁଣ୍ଡା ବ୍ଲକ ଜୀବିକା ମିଶନ ଆନୁକୂଲ୍ୟରେ ପ୍ରାରମ୍ଭିକ ଗ୍ରାମୀଣ ଉଦ୍ୟମିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୀବିକା ମିଶନ ଜିଲା ପ୍ରବନ୍ଧକ ସାମୁଏଲ ଟପ୍ପୋ, ଏଫ୍‌ଆଇସି ନେତ୍ରାନନ୍ଦ ପ୍ରଧାନ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ୨୦ ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମୋଟ ୧୯୪ ମହିଳାଙ୍କୁ କ୍ଷୁଦ୍ର ବ୍ୟବସାୟ କରିବା ପାଇଁ ଆର୍ଥିକ ପ୍ରୋତ୍ସାହନ ରାଶି ଯୋଗାଇ ଦେବା ପାଇଁ ସ୍ଥିର କରାଯାଇଛି। ସମ୍ପୃକ୍ତ ମହିଳମାନେ ବହି ଦୋକାନ, ବିୟୁଟି ପାର୍ଲରଠାରୁ ଆରମ୍ଭ କରି ତେଜରାତି ଦୋକାନ ଇତ୍ୟାଦି ପାଇଁ ଉକ୍ତ ପ୍ରୋତ୍ସାହନ ରାଶି ବିନିଯୋଗ କରି ସେମାନଙ୍କ ପରିବାରର ଆର୍ଥିକ ଅବସ୍ଥାକୁ ସ୍ୱଚ୍ଛଳ କରିପାରିବେ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। କୁଆଁରମୁଣ୍ଡା ବ୍ଲକ ଜୀବିକା ମିଶନ ପ୍ରବନ୍ଧକ ପ୍ରସନ୍ନ ମୋଦିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଯୋଜିକା ରଶ୍ମିତା ବେହେରା ଓ ଅନ୍ୟମାନେ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

# ଲଇକେରାରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ଲଇକେରା, ୧୦।୧୨ (ଡି.ଏନ.ଏ.)**



ହିତାଧିକାରୀଙ୍କ ଭତ୍ତା ବଣ୍ଟନ କରାଯାଉଛି।

ଝାରସୁଗୁଡ଼ା ଜିଲା ଲଇକେରା ପଞ୍ଚାୟତ ସମିତି ପରିସରରେ ନୂତନ ଭାବେ ମନୋନୀତ ଅସହାୟ ହିତାଧିକାରୀଙ୍କ ବାର୍ଦ୍ଧକ୍ୟଭତ୍ତା, ବିଧବା ଭତ୍ତା ଏବଂ ଭିନ୍ନକ୍ଷମ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରୋଜାଲିନ ପଟେଲ, ବ୍ଲକ ଉପାଧ୍ୟକ୍ଷ ମୋହନ କିଶାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଦେହୁରୀ, ବ୍ଲକ ସମାଜିକ କଲ୍ୟାଣ ଅଧିକାରୀ ରାଜେନ୍ଦ୍ର କିଶାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ବ୍ଲକ ଅଧୀନ ୧୧ଟି ଗ୍ରାମ ପଞ୍ଚାୟତରୁ ମନୋନୀତ ୧୮୧ ଜଣ ବୃଦ୍ଧ ବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ, ବିଧବା ଏବଂ ଭିନ୍ନକ୍ଷମ ଭତ୍ତା ୯ଶହ ଟଙ୍କା (୩ ମାସ)ଓ କାର୍ଡ ବଣ୍ଟନ କରାଯାଇଥିଲା । ଜାତୀୟ ପରିବାର ମଙ୍ଗଳ ଯୋଜନାରେ ବାସନ୍ତୀ ପଶାୟତ, ଭୁମିସୁତା ନାଏକ, ରତନି କିଶାନ ଏବଂ ସୁରଥି ବଞ୍ଜୁରଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରାଯାଇଥିଲା । ଉପରୋକ୍ତ କାର୍ଯ୍ୟକ୍ରମରେ ସମସ୍ତ ଜନ ପ୍ରତିନିଧି ଯୋଗଦେଇଥିଲେ । କନିଷ୍ଠ ଯନ୍ତ୍ରୀ ଗୌରୀଶଙ୍କର ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ହକି ବିଶ୍ୱକପ୍‌ର ପ୍ରଚାର ପ୍ରସାର ଉଦ୍ଦେଶ୍ୟ

# ଜିଲାସ୍ତରୀୟ ହକି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ସୁନ୍ଦରଗଡ଼,୧୦।୧୨(ଡି.ଏନ୍.ଏ.)**

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ବିଶ୍ୱକପ୍ ହକିର ଗ୍ରାମାଞ୍ଚଳରେ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ଓ ଜିଲା ବିଜୁ ଯୁବବାହିନୀ ଆନୁକୂଲ୍ୟରେ ସୋମବାର ସ୍ଥାନୀୟ ଭବାନୀପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଥିବା ଆଷ୍ଟ୍ରୋ ଟର୍ଫରେ ଜିଲାସ୍ତରୀୟ ହକି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକ ମୁଖ୍ୟଅତିଥି ଓ ଜିଲା କ୍ରୀଡ଼ା ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଜିଲା ବିଜୁ ଯୁବବାହିନୀ ସଂଯୋଜକ ଅଭିନବ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ବ୍ଲକରୁ ମନୋନୀତ ଦଳ ଭାଗ ନେଇଛନ୍ତି। ଆସନ୍ତା ୧୮ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# କାପୁଟିକ୍ରାରୁ ବର୍‌ହା ମାଂସ ଜବତ

**ସୁନ୍ଦରଗଡ଼,୧୦।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବନାଞ୍ଚଳ ଛଟେନପାଲି ବିଟ୍ ତଥା ଗମ୍ଭାରୀଡିହି ପଞ୍ଚାୟତ କାପୁଟିକ୍ରା ଗ୍ରାମରୁ ବନ ବିଭାଗ ବର୍‌ହା ମାଂସ ଜବତ କରିଛି। ବର୍‌ହା ଶିକାର କରାଯାଇଥିବା କୌଣସି ସୂତ୍ରରୁ ଖବର ପାଇ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଲେଫ୍ରିପଡ଼ା ଫରେଷ୍ଟର ଚିତ୍ତରଞ୍ଜନ ପୁରୋହିତ, ଛଟେନପାଲି ବିଟ୍ ଫରେଷ୍ଟ ଗାର୍ଡ ଶ୍ରୀଧର ବେହେରା ଓ ଅନ୍ୟ କର୍ମଚାରୀମାନେ କାପୁଟିକ୍ରା ଗ୍ରାମରେ ଚଢ଼ାଉ କରି ବାବୁଲୁ କିଷାନଙ୍କ ଘରୁ ୪ଟି ବାର୍‌ହା ଗୋଡ଼ ସହ ଚମଡ଼ା ଲାଗିଥିବା ମାଂସ ଜବତ କରିଥିଲେ। ଲେଫ୍ରିପଡ଼ା ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜ ଅଧିକାରୀ ଲାଲୁ ମଗରଙ୍କ ଉପସ୍ଥିତିରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ହରିହର ଧୁଆଁ ମାଂସର ପରୀକ୍ଷା ନିରୀକ୍ଷା କରିବା ପରେ ନିୟମାନୁସାରେ କାର୍ଯ୍ୟାଳୟ ପରିସରରେ ଏହାକୁ ପୋତି ଦିଆଯାଇଥିଲା। ଅଭିଯୁକ୍ତ ବାବୁଲୁ କିଷାନ ଫେରାର ଥିବାବେଳେ ତାଙ୍କୁ ଗିରଫ କରିବା ପାଇଁ ବନ ବିଭାଗ ତନାଘନା ଜାରି ରଖିଛି।

# ମାନବିକ ଅଧିକାର ଦିବସ ପାଳିତ

**କୋଲାବିରା,୧୦।୧୨(ଡି.ଏନ.ଏ.)**

ଝାରସୁଗୁଡ଼ା ସରବାହାଲସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଆଇନ ସେବା ପ୍ରାଧିକରଣର ଜାନକୀ ବିଶ୍ୱାଳ ଯୋଗ ଦେଇ ଉପସ୍ଥିତ ଛାତ୍ରିଛାତ୍ରମାନଙ୍କୁ ମାନବିକ ଅଧିକାରର ସୁରକ୍ଷା ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ । ସମ୍ମାନୀତ ଅତିଥି ଡିଏସ୍‌ପି ମାରିଆନୁସ ମିଞ୍ଜ ଯୋଗଦେଇ ଏଇ ଦିବସର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଏଇ ଅବସରରେ ଲୋକଙ୍କ ସେବାରେ ଆଇନର ଭୂମିକା ବିଷୟକୁ ନେଇ ଏକ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ ଝିଲି ରୋହିଦାସ, ଅଙ୍କିତା ତନ୍ତ୍ରୀ ଏବଂ ମୌସୁମୀ ପାଣ୍ଡେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ସଚ୍ଚିନ୍ଦ୍ର ପଟେଲ ପରିଚାଳନା କରିଥିବା ବେଳେ ଚନ୍ଦ୍ରକାନ୍ତୀ ଦାସ, ସୁନିତା ପଣ୍ଡା, ଅଲନା ପଟେଲ,ମଧୁସ୍ମିତା ମିଶ୍ର, ରେଶମା ହରୋ, ବେଦବ୍ୟାସ ପଟେଲ,ମୁକ୍ତି ପ୍ରକାଶ କେରକେଟା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସାରିକା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।




କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଛନ୍ତି।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ



### ଟ୍ରାକ୍ଟର ଧକ୍କାରେ ଛାତ୍ରୀ ଆହତ

**ବେଲପାହାଡ଼,୧୦।୧୨(ଡ଼ି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଧୀନ ଗୁମାଡ଼େରା ବଜାର ମୁଖ୍ୟରାସ୍ତାରେ ସୋମବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏକ ନମ୍ବର ବିହୀନ କେବୁଲ ବୋଝେଇ ଟ୍ରାକ୍ଟର ଧକ୍କାରେ ଜଣେ ଛାତ୍ରୀ ଆହତ ହୋଇଛନ୍ତି। ଆହତ ଛାତ୍ରୀଙ୍କ ନାମ ନିତୁ କୁମାରୀ (୧୬)। ସେ ସାଇକେଲ ଚଳାଇ ଔଷଧ କିଣିବାକୁ ଆସୁଥିବାବେଳେ ଦୁର୍ଘଟଣା ଘଟିଥିଲା। ନିତୁ ରାସ୍ତା ଉପରେ ଛିଟିକି ପଡି ଟ୍ରାକ୍ଟର ତଳେ ପଶି ଯାଇଥିଲେ । ତାଙ୍କ ସାଇକେଲ ଚୂରମାର ହୋଇଯାଇଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଛନ୍ତି। ରାସ୍ତା ପାର୍ଶ୍ୱରେ ଗୋଡ଼ି,ଇଟା ଜମା ରହିଥିବାରୁ ଏତାଦୃଶ ଦୁର୍ଘଟଣା ବାରମ୍ବାର ଘଟୁଛି ବୋଲି ଅଭିଯୋଗ ହୋଇଛି। ପୋଲିସ ଟ୍ରାକ୍ଟର ଓ ଡ୍ରାଇଭରକୁ ଥାନାରେ ଅଟକ ରଖିଛି।

ଘରୋଇ ସ୍କୁଲକୁ ଏନ୍‌ଓସି କଟକଣା

# ଝାରସୁଗୁଡ଼ାରେ ମିଳିଛି ୩୦% ଏନ୍‌ଓସି

**ଝାରସୁଗୁଡ଼ା ଅଫିସ,୧୦।୧୨**

ରାଜ୍ୟର କୋଣ ଅନୁକୋଣରେ ବିନା ଏନ୍‌ଓସି(ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ)ରେ ଶେଲଟର୍ ହୋମ୍ ଚାଲିଥିବା ଅଭିଯୋଗ ହୋଇଥିଲା। ଏବେ ଅନ୍ୟ ଏକ ତଥ୍ୟ ସାମ୍ନାକୁ ଆସିଛି। ବିନା ଏନ୍‌ଓସିରେ ଚାଲିଛି ଶହ ଶହ ଘରୋଇ ସ୍କୁଲ। ନିଜ ପିଲାମାନଙ୍କ ଭବିଷ୍ୟତ ଗଢିବା ଲକ୍ଷ୍ୟରେ ଅଭିଭାବକମାନେ ପାଣି ଭଳି ଟଙ୍କା ଖର୍ଚ୍ଚ କରୁଛନ୍ତି। ଘରୋଇ ସ୍କୁଲ କର୍ତ୍ତୃପକ୍ଷଙ୍କ ନୀତିନିୟମ ଅନୁଯାୟୀ ଟଙ୍କା ପଇଠ କରାଯାଉଛି । ହେଲେ ସେମାନଙ୍କ ସନ୍ତାନ ସନ୍ତତିଙ୍କ ଭବିଷ୍ୟତ ଯେ ଅନ୍ଧକାରାଚ୍ଛନ୍ନ ହୋଇପାରେ ଏଥିପ୍ରତି ସେମାନେ ଅଜ୍ଞ। ରବିବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏନ୍‌ଓସି ପାଇଥିବା ସ୍କୁଲଗୁଡିକର ତାଲିକା ପ୍ରକାଶ କରି ରାଜ୍ୟର ଘରୋଇ ସ୍କୁଲ ଭିତରେ ଏକ ଆଲୋଡନ ସୃଷ୍ଟି କରିଛନ୍ତି। ତେବେ ଏନ୍‌ଓସି ପାଇଥିବା ସ୍କୁଲ ସଂଖ୍ୟାଠାରୁ ପାଇ ନ ଥିବା ସ୍କୁଲ ସଂଖ୍ୟା ଯେ ଯଥେଷ୍ଟ ଅଧିକ ବୋଲି ଏହି ତାଲିକା ପ୍ରକାଶ ପରେ ସ୍ପଷ୍ଟ ହୋଇଛି। ମିଳିଥିବା ତଥ୍ୟ ମୁତାବକ ଝାରସୁଗୁଡା ଜିଲାରେ ପାଖାପାଖି ୧୦୦ ଘରୋଇ ସ୍କୁଲରେ ପ୍ରାଥମିକ ଶିକ୍ଷା ପ୍ରଦାନ କରାଯାଉଥିବା ବେଳେ ସେଥିରୁ ମାତ୍ର ୩୦ଟି ସ୍କୁଲକୁ ଏନ୍‌ଓସି ମିଳିଛି। ଅବଶିଷ୍ଟ ସ୍କୁଲ ବିନା ଏନ୍‌ଓସିରେ ଚାଲିଛି। ତେଣୁ ଅଭିଭାବକ ନିଜ ଛୁଆଙ୍କ ନାମ ଲେଖାଇବା ବେଳେ ସ୍କୁଲର ଏନ୍‌ଓସି ଯାଞ୍ଚ କରିବାକୁ ରାଜ୍ୟ ଗଣଶିକ୍ଷା ବିଭାଗ ପରାମର୍ଶ ଦେଇଛି।

ଶିକ୍ଷା ବିଭାଗ ନିୟମ ଅନୁସାରେ, ସ୍କୁଲ ପରିଚାଳନା ପାଇଁ ଆବଶ୍ୟକ ଭିତ୍ତିଭୂମି, ସୁରକ୍ଷା ବ୍ୟବସ୍ଥା, ଅଭିଜ୍ଞ ତଥା ଉପଯୁକ୍ତ ପ୍ରମାଣପତ୍ରଧାରୀ ଶିକ୍ଷକ ନିୟୋଜିତ, ସିଲାବସ୍, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବିବରଣୀ, ଫି' ଷ୍ଟ୍ରକଚର ଭଳି ସମସ୍ତ ମାନଦଣ୍ଡ ପୂରଣ କରୁଥିବା ଆବଶ୍ୟକ। ଏହି ମାନଦଣ୍ଡ ପୂରଣ ଆଧାରକୁ ଯାଞ୍ଚ କରି ଶିକ୍ଷା ବିଭାଗ ଘରୋଇ ସ୍କୁଲ ପରିଚାଳନା ପାଇଁ ଏନଓସି ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ହେଲେ କେତେକ କ୍ଷେତ୍ରରେ ସ୍କୁଲ ଘରୋଇ କର୍ତ୍ତୃପକ୍ଷ ପ୍ରଥମେ ନାମଲେଖା ଆରମ୍ଭ କରିବା ପରେ ଏନ୍‌ଓସି ପାଇଁ ଆବେଦନ କରୁଛନ୍ତି, ଯାହା ପ୍ରକୃତପକ୍ଷେ ବେଆଇନ ବୋଲି ଶିକ୍ଷାବିଭାଗ ଟିପ୍ପଣୀ ଦେଇଛି। ସେହିଭଳି ଭାବେ ଦେଖାଗଲେ ଝାରସୁଗୁଡ଼ା ଜିଲାର ୫ଟି ବ୍ଲକ୍ ଏବଂ ୩ଟି ପୌର ପରିଷଦରେ ୯୩ ଘରୋଇ ସ୍କୁଲ ପରିଚାଳିତ ହେଉଛି। ସେଥିରୁ ମାତ୍ର ୭୩ଟି ସ୍କୁଲ ଏନ୍‌ଓସି ପାଇଁ ଆବେଦନ କରିଥିଲେ। ଶିକ୍ଷା ବିଭାଗର ଯାଞ୍ଚ ପରେ କେବଳ ୩୦ଟି ସ୍କୁଲକୁ ଏନ୍‌ଓସି ପ୍ରଦାନ କରାଯାଇଛି। ଅବଶିଷ୍ଟ ସ୍କୁଲ ବିନା ଏନ୍‌ଓସିରେ ପରିଚାଳିତ ହେଉଛି ବୋଲି ଜିଲା ଶିକ୍ଷା ବିଭାଗ ତଥ୍ୟରୁ ପ୍ରକାଶ।

ବିନା ଏନ୍‌ଓସିରେ ପରିଚାଳିତ ସ୍କୁଲ୍ ଅଭିଭାବକଙ୍କ ପାଇଁ ବିପଦ ସାଜିପାରେ। ଗୁଣାତ୍ମକ ଶିକ୍ଷା ପାଇଁ ଘରୋଇ ସ୍କୁଲ ଚୟନ କରୁଥିବା ଅଭିଭାବକ ପରୋକ୍ଷରେ ଠକେଇର ଶିକାର ହେଉଛନ୍ତି। କାରଣ ସ୍କୁଲ କର୍ତ୍ତୃପକ୍ଷ ବିନା ଏନ୍‌ଓସିରେ ନାମ ଲେଖାଉଥିବାରୁ ସେଥିପ୍ରତି ସଜାଗ ରହିବାକୁ ଗଣଶିକ୍ଷା ବିଭାଗ ଅଭିଭାବକଙ୍କୁ ପରାମର୍ଶ ଦେଇଛି। ଏପରି ସ୍ଥଳେ ଅଭିଭାବକ ନିଜ ପିଲାର ନାମ ଲେଖାଇବା ବେଳେ ଏନ୍‌ଓସି ପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ଝାରସୁଗୁଡ଼ା ଜିଲାରେ ୩ଟି ଡିଏଭି ସ୍କୁଲ, ସେଣ୍ଟ ଜୋସେଫ, ସେଣ୍ଟ ମ୍ୟାରୀ, ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିର, ୨ଟି ଡାନିଏଲ ପବ୍ଲିକ୍ ସ୍କୁଲ, ସେଣ୍ଟଆର୍ଣ୍ଣୋଲ୍ଡ ସମେତ କେତେକ ସରସ୍ୱତୀ ଶିଶୁ ମନ୍ଦିର ଏବଂ ଅରୋବିନ୍ଦ ସ୍କୁଲକୁ ମିଶାଇ ମାତ୍ର ୩୦ଟି ସ୍କୁଲ ଏନ୍‌ଓସି ପାଇଛନ୍ତି। ଅବଶିଷ୍ଟ ସ୍କୁଲ ବିନା ଏନ୍‌ଓସିରେ ପରିଚାଳିତ ହେଉଛି। ଏ ବାବଦରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପଙ୍କୁ ପଚାରିବାରୁ ସେ କହିଲେ, ଏନ୍‌ଓସି କଟକଣା ନେଇ ରାଜ୍ୟ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ପଦକ୍ଷେପ ଗ୍ରହଣ କରାଯିବ।



ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ଓ ଯୋଗପ୍ରଶିକ୍ଷକମାନେ

## ପତଞ୍ଜଳୀ ଯୋଗ ସମିତିର କାର୍ଯ୍ୟକାରିଣୀ ବୈଠକ

**ଲଖନପୁର,୧୦।୧୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଜାମଗାଁସ୍ଥିତ କାଳୀମନ୍ଦିର ପ୍ରାଙ୍ଗଣରେ ଗତ ରବିବାର ପତଞ୍ଜଳୀ ଯୋଗ ସମିତି ତରଫରୁ ଭାରତ ସ୍ୱାଭିମାନ ଜିଲାପ୍ରଭାରୀ ସରଜୁ ଖମାରୀଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପତଞ୍ଜଳୀ ଯୋଗସମିତି ଜିଲାପ୍ରଭାରୀ ବବନ ସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲାରେ ସଙ୍ଗଠନକୁ କି ଭଳି ସୁଦୃଢ କରାଯିବ ଏସମ୍ପର୍କରେ ବିସ୍ତୃତଭାବେ ଆଲୋଚନା ହୋଇଥିଲା । ଏଥିରେ ଗାଁ ଗାଁରେ ନିୟମିତ ଯୋଗଶିବିର, ଉତ୍ତମ ସ୍ୱାସ୍ଥ୍ୟ ଆଦି ସମ୍ପର୍କରେ ଗୁରୁତ୍ୱରୋପ କରାଯାଇଥିଲା । ଏଥିସହିତ ସଙ୍ଗଠନକୁ ଆଗକୁ ନେବା ପାଇଁ ହେଲେ ଜିଲାରେ ଏକ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ କରିବାପାଇଁ ଜରୁରିବୋଲି ମତପ୍ରକାଶ ପାଇଥିଲା । ଏଥିରେ ଯୋଗପ୍ରଶିକ୍ଷକ କିଶୋର ଚନ୍ଦ୍ର ପ୍ରଧାନ,ପ୍ରଶା' ପ୍ରଧାନ,ଯୁବରାଜ ସାହୁ,ମାନସ ବେହେରା,ପିତବାସ ବଢେଇ,ଯୋଗେନ୍ଦ୍ର ବଢେଇ,ପଦ୍ମାବତୀ ବିଶ୍ୱାଳ,ରୀନା ବିଶ୍ୱାଳ,ଈଶ୍ୱରୀ ବିଶି,ଅର୍ଜ୍ଜୁନ ପ୍ରଧାନ,କୃଷ୍ଣଚନ୍ଦ୍ର ପ୍ରଧାନ,ସୋନୁ ପ୍ରଧାନ,ଅଲେଖ ପ୍ରଧାନ,ଜୟକୃଷ୍ଣ ପ୍ରଧାନ ଓ ଧନଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତରହି ନିଜନିଜର ସୁଚିନ୍ତିତ ମତାମତ ରଖିଥିଲେ ।



ଜିଲାପାଳଙ୍କ ନିକଟରେ ଲୋକେ ଅଭିଯୋଗ କରୁଛନ୍ତି ।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ଲଖନପୁର,୧୦।୧୨(ଡି.ଏନ୍.ଏ)–** ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ସଭାଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ହୋଇଯାଇଛି । ଏଥିରେ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ,ବିଡିଓ ଗୋବିନ୍ଦ ଦଣ୍ଡସେନା, ତହସିଲଦାର ଜ୍ୟୋତ୍ସ୍ନାରାଣି ସାହୁ, ସହକାରୀ ନିର୍ବାହୀ ଅଧିକାରୀ ହରିବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶୁଣାଣିରେ ସମୁଦାୟ ୮୬ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୭୮ ଓ ସାମୁହିକ ୮ଅଭିଯୋଗ ଥିଲା। ଏଥିରେ ଚିକିତ୍ସାପାଇଁ ଆର୍ଥିକ ସହାୟତା, ବିଜୁପକ୍କାଘର,ବିଦ୍ୟୁତ ସଂଯୋଗ,ଖାଉଟି ସାମଗ୍ରୀ(ପିଡିଏସ୍), ନଳକୂପ,ଏମ୍‌ସିଏଲ୍ ଓ ଓପିଜିସି ଜମି ସମସ୍ୟା,ଆଇସିଡିଏସ୍, ପେନ୍‌ସନ୍, ପିଏମ୍‌ଜିଓଆଇସ୍, ଘରମରାମତି, ଧାନମଣ୍ଡି ଖୋଲିବା ଆଦି ରହିଥିଲା। ଏସବୁ ସମସ୍ୟାକୁ ନେଇ ଜିଲାପାଳ ପଟ୍ଟନାୟକ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନାକରି ସମସ୍ୟା ସମାଧାନପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ସ୍ଥାନୀୟ ନିଯୁକ୍ତି ଦାବି

## ବେଦାନ୍ତ ଫାଟକ ଆଗରେ ଭାଜପା ଯୁବମୋର୍ଚ୍ଚାର ଧାରଣା



କମ୍ପାନୀ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଝାରସୁଗୁଡ଼ା ଅଫିସ,୧୦।୧୨–**ଭାଜପା ଯୁବମୋର୍ଚ୍ଚା ତରଫରୁ ଝାରସୁଗୁଡ଼ା ସୁନାରିମୁଣ୍ଡା ସ୍ଥିତ ବେଦାନ୍ତ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ସୋମବାର ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଶେଷକରି ସ୍ଥାନୀୟ ନିଯୁକ୍ତି, ପ୍ରଦୂଷଣ ମୁକ୍ତ ପରିବେଶ, ସିଏସ୍‌ଆର କାର୍ଯ୍ୟକ୍ରମ ବୃଦ୍ଧି ଦାବି କରି କାରଖାନା ମୁଖ୍ୟ ଫାଟକରେ ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବେଦାନ୍ତ ସ୍ଥାପନ ବେଳେ ସ୍ଥାନୀୟ ନିଯୁକ୍ତ ଏବଂ ଭିତ୍ତିଭୂମି ବିକାଶ ସମେତ ଅନ୍ୟାନ୍ୟ ସେବା ଓ ସୁବିଧା କ୍ଷେତ୍ରରେ ଉନ୍ନତି ଆଣିବାର ପ୍ରତିଶ୍ରୁତି ଦିଆଯାଇଥିଲା। ଏହି ସବୁ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କ ସହ କମ୍ପାନୀ ସ୍ଥାପନ ହୋଇଥିଲା। ହେଲେ କମ୍ପାନୀ ସ୍ଥାନୀୟ ନିଯୁକ୍ତି ପ୍ରଦାନ କରିବାରେ ବିଫଳ ହୋଇଛି ବୋଲି ଭାଜପା ବିଧାୟିକା ରାଧାରାଣୀ ପଣ୍ଡା ଅଭିଯୋଗ କରିଛନ୍ତି। ତେଣୁ ସ୍ଥାନୀୟ ବେକାର ଯୁବତୀ ଯୁବକଙ୍କୁ ତୁରନ୍ତ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହା ସହ ପରିବେଶ ସୁରକ୍ଷା ପ୍ରତି କମ୍ପାନୀ କର୍ତ୍ତୃପକ୍ଷ ଅଧିକ ସମ୍ବେଦନଶୀଳ ରହିବା ଏବଂ ସିଏସ୍‌ଆର କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ଦାବି କରାଯାଇଛି। ଅପରାହ୍ନରେ ଭାଜପା ଯୁବମୋର୍ଚ୍ଚା ଏବଂ ବେଦାନ୍ତ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଲୋଚନା ପରେ ଧାରଣା ପ୍ରତ୍ୟାହାର କରାଯାଇଛି। ଭାଜପା ନେତା ରଘୁନନ୍ଦନ ପଣ୍ଡା, ବଲବିନ୍ଦର ସିଂ, ନୀଳାମ୍ବର ଡନସନା, ନେତାଜୀ ପଟ୍ଟନାୟକ, ହେମରାଜ ସିଂ, ଦୀପକ ପ୍ରଧାନ ସମେତ ବହୁ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

ଅର୍ଶ (ମଳକଣ୍ଟକ) - Piles ଓ ଭଗନ୍ଦର - Fistula ର ସଫଳ ଚିକିତ୍ସା
ପରାମର୍ଶ ସମୟ
ସକାଳ ୯ଟାରୁ ରାତ୍ର ୮ଟା
ସବୁଦିନ ଖୋଲା
Call Us
94371 38000
94371 36000
0674-2354577
0674-2354320
ବାରମ୍ବାର ଅପରେସନ୍‌ରେ ଅସଫଳ ହେଉଥିବା ରୋଗୀମାନଙ୍କର ମଧ୍ୟ ସଫଳତାର ସହିତ ଚିକିତ୍ସା କରାଯାଉଛି
ସବୁଠୁ ନିରାପଦ, ସବୁଠୁ କମ୍ କଷ୍ଟ, ସବୁଠୁ କମ୍ ଖର୍ଚ୍ଚ
PUSHPA CLINIC (P) LTD.
A-41, BDA Duplex Colony, Baramunda, Bhubaneswar - 03
Email:- help@pushpaclinic.com, Web:- www.pushpaclinic.com
ଗୋପନରେ ଯେକୌଣସି ପ୍ରକାରର ନିଶା ଛଡାନ୍ତୁ

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ନିଆଁଲାଗି ଜଳିଗଲା କଳେଇଗଦା

**ଲଖନପୁର,୧୦।୧୨(ଡି.ଏନ୍.ଏ)–**ଲଖନପୁର ବ୍ଲକ୍ ତିଲିଆ ପଞ୍ଚାୟତ ଚାରମାଲ ଗ୍ରାମର ଏକ ଖଳାରେ ଗତ ରବିବାର ରାତିରେ ନିଆଁ ଲାଗି ୩ କଳେଇଗଦା ଜଳି ଯାଇଛି। ଏହି କଳେଇଗଦା ଗ୍ରାମର ଦୟାସାଗର ଗନିକ ଓ ଯୁଧିଷ୍ଠିର ସେଠ୍‌ଙ୍କବୋଲି ଜଣାପଡିଛି । ସମୁଦାୟ ୧୧ଏକର ଜମିର କଳେଇ ରହିଥିଲା । ଗ୍ରାମର କେହି ଦୁର୍ବୃତ୍ତ ଏଭଳି ଘଟାଇଥିବା ଅଭିଯୋଗ ହୋଇଛି । କୁମ୍ଭାରବନ୍ଧ ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଛି । ଏନେଇ ଲଖନପୁର ବ୍ଲକ୍‌ରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ରହିଥିଲା। ଏ ସଂକ୍ରାନ୍ତରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ତୁରନ୍ତ ଅଗ୍ନି ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାପାଇଁ ଦାବି ହେଉଛି। ଲଖନପୁର ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ପହଁଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ୍ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

SMS JOB
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145
9006905977

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଦେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**ପାଠକଙ୍କ ପାଇଁ ସୂଚନା :**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୧୧/୨୦୧୮



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।
- ଚରଣ ସିଂ



## ସଂକ୍ଷେପରେ

### ଆତ୍ମରକ୍ଷା କୌଶଳ ତାଲିମ ଶିବିର

ବଡ଼ଗାଁ,୧୦।୧୨(ଡି.ଏନ୍.ଏ.)-ସୁନ୍ଦରଗଡ଼ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାରଠାରୁ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା କୌଶଳ ତାଲିମ ଶିବିର ଆରମ୍ଭ ହୋଇଛି। ବଡ଼ଗାଁ ହାଇସ୍କୁଲର ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଗଣେଶ୍ୱର ପିଙ୍ଗ ମୁଖ୍ୟଅତିଥି, ପ୍ରଧାନ ଶିକ୍ଷକ ସତ୍ୟପ୍ରିୟ ପଟେଲ, ସରବତୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ପିଇଟି ରେଣୁକା ମହାରଣା, ଗଣମାଧ୍ୟମ ପ୍ରତିନିଧି ଅଶୋକ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ସମୟରେ ବାଳିକାମାନଙ୍କ ପାଇଁ ଆତ୍ମରକ୍ଷା ତାଲିମର ଆବଶ୍ୟକତା ଓ ଶରୀର ପ୍ରତି ଏହାର ଉତ୍ତମ ପ୍ରଭାବ ଉପରେ ମୁଖ୍ୟଅତିଥି ପିଙ୍ଗ ଆଲୋକପାତ କରିଥିଲେ। ଶିବିର ଆସନ୍ତା ୧୮ ତାରିଖରେ ଉଦ୍‌ଯାପିତ ହେବ। ୯ଦିନ ପର୍ଯ୍ୟନ୍ତ ଗୋଟିଏ ପିରିୟଡ ପିଇଟି ମହାରଣା ଓ ଅଶୋକ ଷଡ଼ଙ୍ଗୀ ଛାତ୍ରୀମାନଙ୍କୁ ତାଲିମ ଦେବେ।

### ମହିଳା ହିଂସା ବିରୋଧୀ ସଚେତନତା ସଭା

ସୁନ୍ଦରଗଡ଼,୧୦।୧୨(ଡି.ଏନ୍.ଏ.)-ସାମାଜିକ ଅନୁଷ୍ଠାନ ପ୍ରଗତି ପକ୍ଷରୁ ଟିଏଚ୍‌ପି ସହାୟତାରେ ସୋମବାର ଜିଲାସ୍ତରୀୟ ମହିଳା ହିଂସା ବିରୋଧୀ ସଚେତନତା ସଭା ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ମହିଳା, ଛାତ୍ରୀ, ଆଶାକର୍ମୀ ତଥା ପଞ୍ଚାୟତସ୍ତରୀୟ ମହିଳା ଜନପ୍ରତିନିଧି ଯୋଗଦେଇଥିଲେ। ପ୍ରାରମ୍ଭରେ ସାମାଜିକ କର୍ମୀ ଶୁଭଶ୍ରୀ ରାୟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ମହିଳା ବିରୋଧୀ ସମସ୍ତ ହିଂସାକୁ କିପରି ରୋକାଯାଇ ପାରିବ ସେ ସମ୍ପର୍କରେ ସଚେତନ କରିଥିଲେ। ନିଶା କବଳରୁ ସମାଜକୁ ମୁକ୍ତ କରିପାରିଲେ ସମସ୍ତ ହିଂସାର ମାତ୍ରା କମିବ ବୋଲି ଟିଏସ୍‌ୟୁପି ନିର୍ଦ୍ଦେଶକ ଶ୍ୟାମସୁନ୍ଦର ରାଉତ କହିଥିଲେ। ଆଇନଗତ ପ୍ରାବଧାନ ସମ୍ପର୍କରେ ଆଇନଜୀବୀ ପ୍ରତିମା ମିଶ୍ର ବାଖ୍ୟା କରିଥିଲେ। ମାନବ ଚାଲାଣକୁ ରୋକିବା ନିମନ୍ତେ ରହିଥିବା ନୀତିନିୟମ ସମ୍ପର୍କରେ ଜିଲା ମାନବ ଚାଲାଣ ନିରୋଧ ୟୁନିଟ୍ ଇନ୍ସପେକ୍ଟର ଅମୃତା ନନ୍ଦିନୀ ମହାନ୍ତି ଧାରଣା ଦେଇଥିଲେ। ପାରିବାରିକ ହିଂସା, କର୍ମ କ୍ଷେତ୍ରରେ ଯୌନ ହିଂସା ଏବଂ ଓାନ ଷ୍ଟପ୍ ସେଣ୍ଟର ସମ୍ପର୍କରେ ଜିଲା ମହିଳା ସୁରକ୍ଷା ଅଧିକାରୀ ସାଉଣ୍ଡି ଲାକ୍ରା ସୂଚନା ଦେଇଥିଲେ। ଅଧାପିକା କୃଷ୍ଣପ୍ରିୟା ନନ୍ଦ ମହିଳାଙ୍କ ଉପରେ ଘଟୁଥିବା ହିଂସାର ମନସ୍ତାତ୍ତ୍ୱିକ ଦିଗ ଓ ଏହାର ସନ୍ତୁଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରାଜେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

# ତୀବ୍ର ହେଉଛି ମଦ ବିରୋଧୀ ଅଭିଯାନ

ନୂଆଗାଁ,୧୦।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅଞ୍ଚଳରେ ଖୋଲାଖୋଲି ଚୋରାମଦ କାରବାର ଚାଲିଛି। ଫଳରେ ପାରିବାରିକ ଅଶାନ୍ତି ସୃଷ୍ଟି ହେବା ସହ ଅପରାଧ ବଢୁଛି। ଏହାର ପ୍ରତିବାଦରେ ଏବେ ଗାଁ ଗାଁରେ କେତେକ ମହିଳା ସଂଗଠନ ମଦ ବିରୋଧୀ ଅଭିଯାନକୁ ତୀବ୍ର କରିଛନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ ପୋଲିସ ପ୍ରଶାସନ ଚୋରାମଦ ବିକ୍ରି ରୋକିବାରେ କୌଣସି ପଦକ୍ଷେପ ଗ୍ରହଣ କରୁ ନାହିଁ। ହାତିବାରୀ, ଟିସ୍କୋ, ପୁରୁଣାପାଣି, କୋକେରମା, ଆଙ୍କୁରପାଲି ଆଦି ଗାଁରେ ପାନ ଦୋକାନରୁ ଆରମ୍ଭ କରି ତେଜରାତି ଦୋକାନ ପର୍ଯ୍ୟନ୍ତ ସବୁଠି ଖୋଲାଖୋଲି ମଦ ବିକ୍ରି ଚାଲିଛି। ଏସବୁ ଅଞ୍ଚଳକୁ ଝାଡ଼ଖଣ୍ଡରୁ ନକଲି ବିଦେଶୀ ମଦ ଅଣାଯାଇ ବିକ୍ରି କରାଯାଉଛି। ନିକଟରେ ରାଉରକେଲା ଓ ସୁନ୍ଦରଗଡ଼ ଅବକାରୀ ବିଭାଗ ନୂଆଗାଁ ଅଞ୍ଚଳରୁ ଜବତ କରିଥିବା ମଦରୁ ଏହା ସ୍ପଷ୍ଟ ହୋଇଥିଲା।



ହାତିବାରୀ ମହିଳା ସଂଗଠନ ପକ୍ଷରୁ ଆୟୋଜିତ ମଦ ବିରୋଧୀ ସଚେତନତା କାର୍ଯ୍ୟକ୍ରମରେ ସାମିଲ ମହିଳା।

- ସ୍ଥାଣୁ ପାଲଟିଛି ପ୍ରଶାସନ
- ନିଶାମୁକ୍ତ ଅଭିଯାନ କାର୍ଯ୍ୟକାରୀ ନେଇ ପ୍ରଶ୍ନବାଚୀ

ସେହିଭଳି ବିଶ୍ରା ଥାନା ଅନ୍ତର୍ଗତ କାତେପୁର, ଲୋଆରାମ, ଉର୍ମେଇ, ବାରିଲେପ୍ଟା, ବାଗଡେଗା ଆଦି ଅଞ୍ଚଳର ଗାଁ ଗାଁରେ ମଧ ଦେଶୀ ଓ ବିଦେଶୀ ମଦ ବିକ୍ରି ଚାଲିଛି। ବିଶେଷକରି କାତେପୁର, ଗାଇଞ୍ଜର, ଲୋଆରମ୍ ଅଞ୍ଚଳରେ ନକଲି ବିଦେଶୀ ମଦ କାରବାର ଚାଲିଥିବା ଅଭିଯୋଗ ହେଉଛି। ଚିତାପେଡ଼ି ପଞ୍ଚାୟତ ମହିଳା ସଂଗଠନ ଏହି ବେଆଇନ ନକଲି ମଦ ବିକ୍ରି ବନ୍ଦ କରିବାକୁ ଦୃଢ଼ ଦାବି କରିଛି। ଏଭଳି ଖୋଲାଖୋଲି ମଦ ବିକ୍ରି ଯୋଗୁ ଉପାନ୍ତ ଗାଁଗୁଡ଼ିକରେ ଲୋକେ କାମଧନ୍ଦା ନ କରି ମଦ ପିଇବାରେ ସମୟ କାଟୁଛନ୍ତି। ଝାଡ଼ଖଣ୍ଡର କେତେକ ଆପରାଧିକ ସଂଗଠନ ସହ ସମ୍ପୃକ୍ତ ଯୁବକମାନେ ଏହାର ଫାଇଦା ନେଇ ଏହି ଅଞ୍ଚଳକୁ ଆସି ସ୍ଥାନୀୟ ଲୋକଙ୍କ ସହ ମିଶି ମଦ୍ୟପାନ କରିବା ସହ ଅଞ୍ଚଳରେ ବିଭିନ୍ନ ଅପରାଧ ଘଟାଉଛନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ପୂର୍ବ ଭଳି ମୋବାଇଲ ସ୍କ୍ୱାଡ୍ ଗଠନ କରି ଉପାନ୍ତ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରିବାକୁ ସାଧାରଣରେ ଦାବି ହେଉଛି। ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ନିଶାମୁକ୍ତ ଅଭିଯାନକୁ ସରକାର ନିଜେ ଗୁରୁତ୍ୱର ସହ ଦେବାକୁ ମଧ ଦାବି ହୋଇଛି।


ଖଣି ସୁରକ୍ଷା ସପ୍ତାହ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଖଣି ସୁରକ୍ଷା ସପ୍ତାହ: ରୁଙ୍ଗ୍‌ଟା ମାଇନ୍ସ ସମ୍ବର୍ଦ୍ଧିତ

ଟେନସା,୧୦।୧୨(ଡି.ଏନ୍.ଏ.)

ଖଣି ସୁରକ୍ଷା ଆଞ୍ଚଳିକ ନିର୍ଦ୍ଦେଶାଳୟ ଚାଇଁବସା କ୍ଷେତ୍ର ଓ ଓଏମ୍‌ସି ଆନୁକୂଲ୍ୟରେ କେନ୍ଦୁଝର ଓଡ଼ିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ଆୟୋଜିତ ୫୬ତମ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଛି। ଏଥିରେ ଏସ୍‌ଆର୍ ରୁଙ୍ଗଟା ଗ୍ରୁପର ୨୪ଟି ଖଣି ପ୍ରଥମ ପୁରସ୍କାର, ୧୫ଟି ଖଣି ଦ୍ୱିତୀୟ ପୁରସ୍କାର ଓ ୧୬ଟି ଖଣି ତୃତୀୟ ପୁରସ୍କାର ଅର୍ଜନ କରିଥିଲେ। ଏହାବ୍ୟତୀତ କନଷ୍ଟ୍ରାକ୍ସରେ ୬ଟି, ବେଷ୍ଟ ସେଫ୍ଟିରେ ୫ଟି ପୁରସ୍କାର ମିଳିଥିଲା। ଏହି ଅବସରରେ ଖଣି କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ପାଇଁ ରୁଙ୍ଗଟା କମ୍ପାନୀର ନିର୍ଦ୍ଦେଶକ ଏମ୍‌ଡି ରସ୍ତୋଗିଙ୍କୁ ମାନପତ୍ର ଓ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ କମ୍ପାନୀର ସିନିୟର ଭାଇସ୍ ପ୍ରେସିଡେଣ୍ଟ ଏଚ୍. ମଜୁନଦାର୍, ଜୁନିୟର ଭାଇସ୍ ପ୍ରେସିଡେଣ୍ଟ ଏଚ୍‌ଆର୍ ରାମ ଅଗ୍ରୱାଲ, ଏ. ସେନ୍, ଏ.କେ. ମହାପାତ୍ର, ଖଣି ମହାପ୍ରବନ୍ଧକ ଡି.ଏନ୍. ପରିଡ଼ା ଏବଂ ସମସ୍ତ ମାଇନ୍ସ ମ୍ୟାନେଜର ଓ କର୍ମଚାରୀ ଉପସ୍ଥିତ ଥିଲେ। ରୁଙ୍ଗଟା ଗ୍ରୁପର ଏହି କୃତିତ୍ୱରେ କମ୍ପାନୀର ନିର୍ଦ୍ଦେଶକ ଏମ୍‌ଡି ରସ୍ତୋଗି ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ନାବାଳିକାଙ୍କୁ ଉଦ୍ଧାର କଲା ପୋଲିସ

କୋଲାବିରା,୧୦।୧୨(ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅନ୍ତର୍ଗତ ଶିରିଆପାଲି ଗ୍ରାମରୁ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ସୁନ୍ଦରଗଡ଼ରୁ ଉଦ୍ଧାର କରିଛି। ଶିରିଆପାଲି ଗ୍ରାମର ଏହି ନାବାଳିକା ନଭେମ୍ବର ୨୦ ତାରିଖରେ ଘରୁ କୁଆଡେ ଚାଲିଯାଇଥିଲେ। ଘର ଲୋକେ ଖୋଜା ଖୋଜି କରି ନ ପାଇବାରୁ କୋଲାବିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କେସ ନଂ.୧୨୪/୧୮ । ପ୍ରାଥମିକ ତଦନ୍ତରୁ ଏହା ଏକ ପ୍ରେମଜନିତ ଘଟଣା ବୋଲି ପୋଲିସ ଅନୁମାନ କରି ଖୋଳତାଡ ଆରମ୍ଭ କରିଥିଲା । ଏଏସଆଇ ପ୍ରକାଶ ଚନ୍ଦ୍ର ଦଲାଇଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ରବିବାର ରାତିରେ ଚଢଉ କରୁ ସୁନ୍ଦରଗଡ ଜିଲା ହାତୀବାରି ଅଞ୍ଚଳରେ ଭଡାଘରେ ରହୁଥିବା ସୁନିଲ ଲାକରା(୨୫) ନାମକ ଯୁବକ କବଳରୁ ଉକ୍ତ ଯୁବତୀକୁ ଉଦ୍ଧାର କରିଥିଲା ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲୁଚି ଲୁଚି ପର ଅଇଁଠା ଖାଏ;**
**ଘର ଆଦରକୁ ଅସୁଖୁ ପାଏ ।**

ଆମ ସମାଜରେ ଏଭଳି କେତେଜଣ ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନ ସମ୍ମାନକୁ ଖାତିର ନ କରି ପର ଆଗରେ ହାତ ପତେଇଥାନ୍ତି। ଅଥଚ ଆଉ କେହି ଭଲ ଭାବେ ଅଭ୍ୟର୍ଥନା କଲେ ମଧ ସେ ତାହାକୁ ଗ୍ରହଣ ନ କରି ନାମ ସମାଲୋଚନା କରିଥାନ୍ତି। ପ୍ରକୃତି ଛଡ଼ା ବ୍ୟକ୍ତିଙ୍କଠାରେ ଏପରି ରଙ୍ଗଢଙ୍ଗ ବା ହାବଭାବ ପରିଲକ୍ଷିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଲୁଣ ଲଗାଇ ଭାତ ଖାଏ,**
**ସାତ ତିଅଣ କହୁଥାଏ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେଜଣ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅନ୍ୟ ଆଗରେ ତୁଚ୍ଛା ବାହାଦୁରି ମାରିଥାନ୍ତି। ଛ'କୁ ନଅ କରି କହିବା ସେମାନଙ୍କ ପ୍ରକୃତି ହୋଇଥାଏ। ତେବେ ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ଏପରି ଫମ୍ପା ଆଭିଜାତ୍ୟ କୌଣସି ପରିସ୍ଥିତିରେ ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରାଇକେଲା ଫୁଟବଲ ଟୁର୍ନାମେଣ୍ଟ: ନୂଆଗାଁ ଚାମ୍ପିୟନ


ଅତିଥି ଜଣେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

ଟେନସା,୧୦।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୋଇଡ଼ା ବ୍ଲକ ଡେଙ୍ଗୁଳା ପଞ୍ଚାୟତ ରାଇକେଲା ମିନିଷ୍ଟାଡିୟମରେ ୩ଦିନ ଧରି ଚାଲିଥିବା ରାଇକେଲା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ପାରିପାର୍ଶ୍ୱିକ ଅଞ୍ଚଳର ୩୨ ଟିମ୍ ଭାଗ ନେଇଥିଲେ। କାଶିରା ଓ ନୂଆଗାଁ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ନୂଆଗାଁ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ପେନାଲ୍‌ଟି ଶୁଟଆଉଟରେ ନୂଆଗାଁ ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ବରସୁଆ ଲୌହ ଖଣିର ପ୍ରଶାସନ ବିଭାଗ ପ୍ରବନ୍ଧକ ଜ୍ୟୋତି ପ୍ରକାଶ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ ସିଏସ୍‌ଆର୍ ବିଭାଗର ରମାକାନ୍ତ ବେହେରା, ଡେଙ୍ଗୁଦ୍ଧାର ପୂର୍ବତନ ସରପଞ୍ଚ ମଣିକର ନାଏକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଦଳକୁ ୨୫ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୨୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ତୃତୀୟ ସ୍ଥାନରେ ରହିଥିବା ଦଳକୁ ୧୫ ହଜାର ଟଙ୍କା, ଚତୁର୍ଥ ସ୍ଥାନରେ ରହିଥିବା ଦଳକୁ ୧୦ ହଜାର ପୁରସ୍କୃତ କରାଯାଇଥିଲା। ଲୋକଙ୍କ ମନୋରଞ୍ଜନ ପାଇଁ ଦୁଇଟି ମହିଳା ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆୟୋଜକ ଦଳର ସୁଦର୍ଶନ ପାତ୍ର, ସଭାପତି ଜୟଦେବ ଦେହୁରୀ, ସମ୍ପାଦକ ସୁଶିଲ ଦେହୁରୀ, ପ୍ରଦୀପ ନାଏକଙ୍କ ସମେତ ରାଇକେଲା ଫୁଟବଲ ଆସୋସିଏଶନ୍‌ର କର୍ମକର୍ତ୍ତା ଖେଳ ପରିଚାଳନାରେ ସହଯୋଗ କରିଥିଲେ।

■ ଜୀବିକା ମିଶନ ପକ୍ଷରୁ ଏସ୍‌ଭିଇପି କାର୍ଯ୍ୟକ୍ରମ

# କ୍ଷୁଦ୍ର ବ୍ୟବସାୟ ପାଇଁ ୧୯୪ ମହିଳାଙ୍କୁ ମିଳିବ ଆର୍ଥିକ ପ୍ରୋତ୍ସାହନ

କୁଆଁରମୁଣ୍ଡା,୧୦।୧୨(ଡି.ଏନ୍.ଏ.)

ଓଡ଼ିଶା ଜୀବିକା ମିଶନ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ବ୍ଲକ ଅଞ୍ଚଳରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ବିଭିନ୍ନ କ୍ଷୁଦ୍ର ବ୍ୟବସାୟ ପାଇଁ ଏହି ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ଏହି ମର୍ମରେ ସୋମବାର କୁଆଁରମୁଣ୍ଡା ବ୍ଲକ ଜୀବିକା ମିଶନ ଆନୁକୂଲ୍ୟରେ ପ୍ରାରମ୍ଭିକ ଗ୍ରାମୀଣ ଉଦ୍ୟମିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୀବିକା ମିଶନ ଜିଲା ପ୍ରବନ୍ଧକ ସାମୁଏଲ ଟପ୍ପୋ, ଏଫ୍‌ଆଇସି ନେତ୍ରାନନ୍ଦ ପ୍ରଧାନ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ୨୦ ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମୋଟ ୧୯୪ ମହିଳାଙ୍କୁ କ୍ଷୁଦ୍ର ବ୍ୟବସାୟ କରିବା ପାଇଁ ଆର୍ଥିକ ପ୍ରୋତ୍ସାହନ ରାଶି ଯୋଗାଇ ଦେବା ପାଇଁ ସ୍ଥିର କରାଯାଇଛି। ସମ୍ପୃକ୍ତ ମହିଳମାନେ ବହି ଦୋକାନ, ବିୟୁଟି ପାର୍ଲରଠାରୁ ଆରମ୍ଭ କରି ତେଜରାତି ଦୋକାନ ଇତ୍ୟାଦି ପାଇଁ ଉକ୍ତ ପ୍ରୋତ୍ସାହନ ରାଶି ବିନିଯୋଗ କରି ସେମାନଙ୍କ ପରିବାରର ଆର୍ଥିକ ଅବସ୍ଥାକୁ ସ୍ୱଚ୍ଛଳ କରିପାରିବେ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। କୁଆଁରମୁଣ୍ଡା ବ୍ଲକ ଜୀବିକା ମିଶନ ପ୍ରବନ୍ଧକ ପ୍ରସନ୍ନ ମୋଦିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଯୋଜିକା ରଶ୍ମିତା ବେହେରା ଓ ଅନ୍ୟମାନେ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

# ଲଇକେରାରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଲଇକେରା, ୧୦।୧୨ (ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା ଲଇକେରା ପଞ୍ଚାୟତ ସମିତି ପରିସରରେ ନୂତନ ଭାବେ ମନୋନୀତ ଅସହାୟ ହିତାଧିକାରୀଙ୍କ ବାର୍ଦ୍ଧକ୍ୟଭତ୍ତା, ବିଧବା ଭତ୍ତା ଏବଂ ଭିନ୍ନକ୍ଷମ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାଣ୍ଡେଙ୍କ ଅଧକ୍ଷତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ରୋଜାଲିନ ପଟେଲ, ବ୍ଲକ ଉପାଧକ୍ଷ ମୋହନ କିଶାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଦେହୁରୀ, ବ୍ଲକ ସମାଜିକ କଲ୍ୟାଣ ଅଧିକାରୀ ରାଜେନ୍ଦ୍ର କିଶାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ବ୍ଲକ ଅଧୀନ ୧୧ଟି ଗ୍ରାମ ପଞ୍ଚାୟତରୁ ମନୋନୀତ ୧୮୧ ଜଣ ବୃଦ୍ଧ ବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ, ବିଧବା ଏବଂ ଭିନ୍ନକ୍ଷମ ଭତ୍ତା ୯ଶହ ଟଙ୍କା (୩ ମାସ)ଓ କାର୍ଡ ବଣ୍ଟନ କରାଯାଇଥିଲା । ଜାତୀୟ ପରିବାର ମଙ୍ଗଳ ଯୋଜନାରେ ବାସନ୍ତୀ ପଶାୟତ, ଭୁମିସୂତା ନାଏକ, ରତନି କିଶାନ ଏବଂ ସୁରଥି ବଞ୍ଜୁରଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରାଯାଇଥିଲା । ଉପରୋକ୍ତ କାର୍ଯ୍ୟକ୍ରମରେ ସମସ୍ତ ଜନ ପ୍ରତିନିଧି ଯୋଗଦେଇଥିଲେ । କନିଷ୍ଠ ଯନ୍ତ୍ରୀ ଗୌରୀଶଙ୍କର ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


ହିତାଧିକାରୀଙ୍କ ଭତ୍ତା ବଣ୍ଟନ କରାଯାଉଛି।

ହକି ବିଶ୍ୱକପ୍‌ର ପ୍ରଚାର ପ୍ରସାର ଉଦ୍ଦେଶ୍ୟ

# ଜିଲାସ୍ତରୀୟ ହକି ଟୁର୍ନାମେଣ୍ଟ ଉଦ୍‌ଘାଟିତ

ସୁନ୍ଦରଗଡ଼,୧୦।୧୨(ଡି.ଏନ୍.ଏ.)

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ବିଶ୍ୱକପ୍ ହକିର ଗ୍ରାମାଞ୍ଚଳରେ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ଓ ଜିଲା ବିଜୁ ଯୁବବାହିନୀ ଆନୁକୂଲ୍ୟରେ ସୋମବାର ସ୍ଥାନୀୟ ଭବାନୀପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଥିବା ଆଷ୍ଟ୍ରୋ ଟର୍ଫରେ ଜିଲାସ୍ତରୀୟ ହକି ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକ ମୁଖ୍ୟଅତିଥି ଓ ଜିଲା କ୍ରୀଡ଼ା ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଜିଲା ବିଜୁ ଯୁବବାହିନୀ ସଂଯୋଜକ ଅଭିନବ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ବିଭିନ୍ନ ବ୍ଲକରୁ ମନୋନୀତ ଦଳ ଭାଗ ନେଇଛନ୍ତି। ଆସନ୍ତା ୧୮ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# କାପୁଟିକ୍ରାରୁ ବର୍‌ହା ମାଂସ ଜବତ

ସୁନ୍ଦରଗଡ଼,୧୦।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବନାଞ୍ଚଳ ଛଟେନପାଲି ବିଟ୍ ତଥା ଗମ୍ଭାରୀଡିହି ପଞ୍ଚାୟତ କାପୁଟିକ୍ରା ଗ୍ରାମରୁ ବନ ବିଭାଗ ବର୍‌ହା ମାଂସ ଜବତ କରିଛି। ବର୍‌ହା ଶିକାର କରାଯାଇଥିବା କୌଣସି ସୂତ୍ରରୁ ଖବର ପାଇ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଲେଫ୍ରିପଡ଼ା ଫରେଷ୍ଟର ଚିତ୍ତରଞ୍ଜନ ପୁରୋହିତ, ଛଟେନପାଲି ବିଟ୍ ଫରେଷ୍ଟ ଗାର୍ଡ ଶ୍ରୀଧର ବେହେରା ଓ ଅନ୍ୟ କର୍ମଚାରୀମାନେ କାପୁଟିକ୍ରା ଗ୍ରାମରେ ଚଢ଼ାଉ କରି ବାବୁଲୁ କିଷାନଙ୍କ ଘରୁ ୪ଟି ବାର୍‌ହା ଗୋଡ଼ ସହ ଚମଡ଼ା ଲାଗିଥିବା ମାଂସ ଜବତ କରିଥିଲେ। ଲେଫ୍ରିପଡ଼ା ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜ ଅଧିକାରୀ ଲାଲୁ ମଗରଙ୍କ ଉପସ୍ଥିତିରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ହରିହର ଧୁଆ ମାଂସର ପରୀକ୍ଷା ନିରୀକ୍ଷା କରିବା ପରେ ନିୟମାନୁସାରେ କାର୍ଯ୍ୟାଳୟ ପରିସରରେ ଏହାକୁ ପୋତି ଦିଆଯାଇଥିଲା। ଅଭିଯୁକ୍ତ ବାବୁଲୁ କିଷାନ ଫେରାର ଥିବାବେଳେ ତାଙ୍କୁ ଗିରଫ କରିବା ପାଇଁ ବନ ବିଭାଗ ତନାଘନା ଜାରି ରଖିଛି।

# ଜିଲା ଆଥ୍‌ଲେଟିକ ମିଟ୍ ଉଦ୍‌ଯାପିତ


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଜଣେ ମହିଳା କ୍ରୀଡ଼ାବିତ୍ କ୍ରୀଡ଼ା ପ୍ରଦର୍ଶନ କରୁଛନ୍ତି।

ସୁନ୍ଦରଗଡ଼,୧୦।୧୨(ଡି.ଏନ୍.ଏ.)

ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସୁନ୍ଦରଗଡ଼ ଷ୍ଟାଡିୟମରେ ଗତ ୨ଦିନ ଧରି ଚାଲିଥିବା ଜିଲା ଆଥ୍‌ଲେଟିକ ମିଟ୍ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ୨୫୦ କ୍ରୀଡ଼ାବିତ୍ ଭାଗ ନେଇଥିଲେ। ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୫ହଜାର, ୧୦ହଜାର ମିଟର ଦୌଡ଼ ସମେତ ଡିସକସ୍, ଶଟପୁଟ୍, ଜାଭଲିନ୍ ଥ୍ରୋ, ଲମ୍ବଡିଆଁ, ଉଚ୍ଚଡିଆଁ, ୧୦୦ ଓ ୪୦୦ ମିଟର ହର୍ଡ଼ଲସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୬୮ ଜଣ ପ୍ରତିଯୋଗୀ ଆନ୍ତଃ ଜିଲା କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। ଏମାନେ ଆସନ୍ତା ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ କଟକ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଆନ୍ତଃ ଜିଲା କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବେ। ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାକୁ ଆଥ୍‌ଲେଟିକ କୋଚ୍ ସୁସ୍ମିତା ଦତ୍ତ, ରାଜେନ୍ଦ୍ର ସିଂ, ହିମାଂଶୁ ପଟେଲ, ଜଗନ୍ନାଥ ଖଣ୍ଡା, ଚିନ୍ତାମଣି ବନଛୋର, ଚନ୍ଦ୍ରଶେଖର ସାହୁ, ସୁରଜ ଭାନ୍, ବିଶ୍ୱରଞ୍ଜନ ପୁରୋହିତ ପରିଚାଳନା କରିଥିଲେ। ଜିଲା କ୍ରୀଡ଼ା ସଂସଦ କର୍ମକର୍ତ୍ତା କାର୍ତ୍ତିକ ବେରିହା, ପୌଷଚନ୍ଦ୍ର ପଟେଲ, ଚିତ୍ତରଞ୍ଜନ ବହିଦାର, ରାଜେନ୍ଦ୍ର ମହାନ୍ତି, ପ୍ରଶାନ୍ତ ପଟେଲ, ଜୟଦେବ ପାତ୍ର, ରୋମାଞ୍ଚ ଭୈଁଷାଲ ପ୍ରମୁଖ ସହଯୋଗ କରିଥିଲେ।

## ଗଞ୍ଜେଇ ଚାଲାଣ, ଅଭିଯୁକ୍ତ ଗିରଫ

କୋଲାବିରା,୧୦।୧୨ (ଡି.ଏନ.ଏ.)

କୋଲାବିରା ବ୍ଲକ ଅନ୍ତର୍ଗତ ପୋଖରାସାହ୍ଲେ ଗ୍ରାମର ସୀତାରାମ ସାହୁ(୩୫)ଙ୍କୁ ଗଞ୍ଜେଇ କାରବାରରେ ଲିପ୍ତ ଥିବା ଅଭିଯୋଗରେ ପୋଲିସ ରବିବାର ରାତିରେ ଗିରଫ କରିଛି। ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅଞ୍ଚଳରୁ ପୋଲିସ ସୀତାରାମଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଅଭିଯୁକ୍ତ ସୀତାରାମଙ୍କ ନାମରେ ଗଞ୍ଜେଇ କାରବାରର ମୁଖ୍ୟ କାପରଦାର ବୋଲି ବୌଦ୍ଧ ପୋଲିସ କହିଛି। ଉକ୍ତ ଅଞ୍ଚଳରେ କାରବାର କରି ସୁରକ୍ଷିତ ଭାବେ ସେଠାରୁ ଖସି ଆସି ଘରେ ଲୁଚି ରହୁଥିଲେ। ଏପରି ଭାବେ ତାର କାର୍ଯ୍ୟ ବିସ୍ତାର କରିଥିବା ବେଳେ ପୋଲିସ ସୀତାରାମଙ୍କୁ ଖୋଜିବାରେ ନାକେଦମ ହୋଇପଡିଥିଲା। କୌଣସି ସୂତ୍ରରୁ ଖବର ପାଇ କୋଲାବିରା ପୋଲିସ ସହାୟତା ନେଇ ସୀତାରାମକୁ ଘରେ ଥିବା ଅବସ୍ଥାରେ ଗିରଫ କରି କଣ୍ଟାମାଳ ଥାନାକୁ ନେଇଯାଇଛି। ସୀତାରମଙ୍କ ବିରୋଧରେ ଏକ ମାମଲା (ନଂ.୧୮୩/୧୮) ରୁଜୁ କରିଛି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୧ ଡିସେମ୍ବର, ୨୦୧୮



"କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



# ଜିଲାପାଳଙ୍କ ଅଫିସ ଆଗରେ ଗର୍ଜିଲେ ଭୂମିହୀନ

**ବରଗଡ଼ ଅଫିସ୍,୧୦।୧୨**

ଭୂମି ନାହିଁ ତ ଭୋଟ୍ ନାହିଁ, ସ୍ଥାୟୀ ଜମିପଟ୍ଟା ଆମର ଦାବି, ଏଭଳି ନାରାବାଜି କରି ସୋମବାର ସ୍ଥାନୀୟ ଜୟ କୋସଲ ଭୂମିହୀନ ସଂଗ୍ରାମ ସମିତି ପକ୍ଷରୁ ସୋମବାର ବରଗଡ଼ ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏପରି କି ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଥିଲା। ଜିଲାପାଳ ତ୍ରିପାଠୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତପିରାମ ମାଝି ସ୍ମାରକପତ୍ର ଗ୍ରହଣ କରିଥିଲେ। ଭୂମିହୀନ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ୫ହଜାରରୁ ଊର୍ଦ୍ଧ୍ୱ ଭୂମିହୀନ ଚିହ୍ନଟ ହୋଇ ସାରିଛନ୍ତି ଏବଂ ଯେଉଁ ଭୂମିହୀନଙ୍କ ବାର୍ଷିକ ଆୟ ୬୦ହଜାରୁ କମ୍ ରହିଛି, ସେମାନଙ୍କୁ ଆସନ୍ତା ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ଜମିପଟ୍ଟା ପ୍ରଦାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ମାଝି କହିଥିଲେ। ସେହିପରି ଯେଉଁଠାରେ ସରକାରୀ ଜମି ନାହିଁ, ସେଠାରେ ସରକାର ଜମି କିଣି ଭୂମିହୀନଙ୍କୁ ଯୋଗାଇଦେବା ପାଇଁ ମଧ୍ୟ ନିଷ୍ପତ୍ତି ନେଇଥିବା ସେ ପ୍ରକାଶ କରିଥିଲେ। ଏହାପରେ ଭୂମିହୀନମାନେ ଆନ୍ଦୋଳନରୁ ଓହରିଥିଲେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, ବରଗଡ଼ ସହର ସମେତ ଆଖପାଖ ଗ୍ରାମର ଶତାଧିକ ଭୂମିହୀନ ମହିଳା, ପୁରୁଷ ପିଲାଛୁଆଙ୍କୁ ଧରି ସ୍ଥାନୀୟ ଗଣେଶରାମ ଭବନରେ ସମବେତ ହୋଇଥିଲେ। ସ୍ଥାୟୀ ଜମିପଟ୍ଟା ଦାବି ନେଇ ହାତରେ ବିଭିନ୍ନ ପ୍ଲାକାର୍ଡ଼ ଧରି ସେଠାରୁ ଏକ ବିଶାଳ ରାଲିରେ ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ, ଜୟ କୋସଲ ଭୂମିହୀନ ସଂଗ୍ରାମ ସମିତି ଆବାହକ ଭବାନୀ ପ୍ରସାଦ ସାହୁ, ଜୟ କିଷାନ ଆନ୍ଦୋଳନର ଆବାହକ ରମେଶ ମହାପାତ୍ର, ସାମାଜିକ କର୍ମୀ ଅମିତାଭ ପାତ୍ର, ଶୁଦ୍ରମୁକ୍ତି ଅଭିଯାନର ଆବାହକ ପବିତ୍ର ଦେହେରୀ, ବୀର ବିର୍ସାମୁଣ୍ଡା ସଂଘର୍ଷ ବାହିନୀ ସଭାନେତ୍ରୀ ମେରିୟମ ବାର୍ଲା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଉଦବୋଧନସ୍ଥଳୀରେ ସଂଗ୍ରାମୀ ଗୀତ ଗାନ କରାଯାଇଥିଲା । ପରେ ଅତିରିକ୍ତ ଜିଲାପାଳ ମାଝି ପହଞ୍ଚି ସ୍ମାରକପତ୍ର ଗ୍ରହଣ କରିବା ସହିତ ଭୂମିହୀନଙ୍କୁ ଜମିପଟ୍ଟା ଦେବା ପାଇଁ ସରକାର ନେଉଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ଏଥିରେ ଡକ୍ଟର ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ସମେତ ବିଭିନ୍ନ ଦଳିତ ଓ ଭିନ୍ନକ୍ଷମ ସଂଗଠନ ମଧ୍ୟ ସାମିଲ ହୋଇଥିଲେ।




ବରଗଡ଼ ଜିଲାପାଳ ଅଫିସ ଆଗରେ ଭୂମିହୀନଙ୍କ ବିକ୍ଷୋଭ ।



ଭୂମିହୀନଙ୍କ ରାଲି ଜିଲାପାଳ ଅଫିସ ଅଭିମୁଖେ ଯାଉଛନ୍ତି ।

- ବିଶାଳ ରାଲିରେ ଭୂମିହୀନଙ୍କ ସହର ପରିକ୍ରମା
- ବିକ୍ଷୋଭସ୍ଥଳୀରେ ଗାଇଲେ ସଂଗ୍ରାମୀ ଗୀତ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ
- ମାର୍ଚ୍ଚ ସୁଦ୍ଧା ଜମିପଟ୍ଟା ନେଇ ମିଳିଲା ପ୍ରତିଶ୍ରୁତି

## ସଂକ୍ଷେପରେ

### ଗାୟତ୍ରୀ ମହାଯଜ୍ଞ ପ୍ରସ୍ତୁତି ବୈଠକ

**ପଦ୍ମପୁର,୧୦।୧୨(ଡି.ଏନ୍.ଏ.)-** ପଦ୍ମପୁର ବ୍ଲକ ଅଧୀନ ବୁଡାମାଲ ଗାୟତ୍ରୀ ଚେତନା କେନ୍ଦ୍ର ଦିବ୍ୟକୁଞ୍ଜଠାରେ ବ୍ଲକର ସମସ୍ତ ଗାୟତ୍ରୀ ପରିବାରଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ୨୫ରୁ ୨୭ ତାରିଖ ୩ଦିନ ଧରି ବ୍ଲକସ୍ତରୀୟ ଦ୍ୱାଦଶ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ପଦ୍ମପୁର ଦୁର୍ଗାମନ୍ଦିର ପଡ଼ିଆରେ ଅନୁଷ୍ଠିତ ହେବା ନେଇ ପ୍ରସ୍ତାବ ଗ୍ରହଣ କରାଯିବା ସହ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏପରି କି ଯଜ୍ଞକୁ ସଫଳତାର ସହ ସମ୍ପନ୍ନ କରିବା ପାଇଁ ଆଲୋଚନା ହୋଇଥିଲା। ଯଜ୍ଞରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କୁ ଯୋଗଦେବାକୁ ପଦ୍ମପୁର ବ୍ଲକ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

### ପଦ୍ମପୁର ପୋଲିସର ମଦ ଧରପଗଡ଼

**ପଦ୍ମପୁର,୧୦।୧୨(ଡି.ଏନ.ଏ.)-** ପଦ୍ମପୁର ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ପଣ୍ଡାଙ୍କ ନିର୍ଦ୍ଦେଶରେ ଆଇଆଇସି କେ. ପ୍ରିୟଙ୍କା ରାଉତରାୟଙ୍କ ତତ୍ତ୍ୱାବଧାନରେ ପଦ୍ମପୁର ପୋଲିସର ଏକ ଟିମ୍ ବିଭିନ୍ନ ଗ୍ରାମରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଅଧିକାରୀମାନେ ବିପୁଳ ପରିମାଣର ମଦ ଜବତ କରିବା ସହ ବେଆଇନ ମଦ କାରବାରରେ ସମ୍ପୃକ୍ତ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ବରିକେଲ ଗ୍ରାମର ନକୁଳ ନାଗ ଏବଂ ପଦ୍ମପୁରର କେଶବ ମେହେର। ସେହିପରି ସିଂହନପୁର ଗ୍ରାମରୁ ବିପଳ ପରିମାଣର ଦେଶୀ ରନ୍ଧାମଦ ଜବତ କରାଯାଇଛି। ଜାମିନ ନା ମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଚଢ଼ାଉରେ ପଦ୍ମପୁର ଥାନା ଏସ୍‌ଆଇ ଏସ୍.ଆର୍ ପାତ୍ର, ଏସଆଇ ଟି.ଡି ନାଏକ, ଏଏସ୍‌ଆଇ ପବିତ୍ର ବେହେରା, ହୋମଗାର୍ଡ ଦୀପକ ବେହେରାଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି: ୫୮ ଅଭିଯୋଗ ପଞ୍ଜୀକୃତ

**ଅମ୍ବାଭୋନା,୧୦।୧୨(ଡି.ଏନ.ଏ)-** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ସଭା ଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୮ଟି ବିଭିନ୍ନ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଦିବ୍ୟାଙ୍ଗ ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ମୋ ଗୁହାଳ ଯୋଜନା, ବିଜୁ ପକ୍କା ଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହୋଇଥିବା ଅନିୟମିତତା ସଂକ୍ରାନ୍ତରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସେହିପରି ଅଞ୍ଚଳରେ ବେଆଇନ ଭାବେ ଚିପ୍ସ, ମେଟାଲ, ବାଲି ଚୋରା ଚାଲାଣ ସହ ଇଟା ନିର୍ମାଣ ଏବଂ କୁମ୍ଭୋସ୍ଥିତ ପଥର ଖାଦାନରୁ ପଥର ଚାଲାଣ ହେଉଥିବା ନେଇ ଜନସାଧାରଣ ଅଭିଯୋଗ କରିଥିଲେ। ଏପରିକି ଭୁକ୍ତାଠାରେ ନେଇ ଏକ ଫାଣ୍ଡି ପ୍ରତିଷ୍ଠା ନେଇ ଦାବି କରାଯାଇଥିଲା। ଏହି ଅବସରରେ ସଚେତନ ନାଗରିକମାନେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସଂକ୍ରାନ୍ତରେ କୌଣସି ସୂଚନା କିମ୍ବା ପ୍ରଚାର ପ୍ରସାର କରାଯାଉ ନ ଥିବା ଅଭିଯୋଗ କରିଥିଲେ। ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ଶିବିରରେ କୁହାଯାଇଥିଲା। ଏଥିରେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ତହସିଲଦାର ସଦାକର କୁମାର, ବ୍ଲକ ଅଧକ୍ଷା ନୀଳକୁମାରୀ ନାୟକ, ଅମ୍ବାଭୋନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଲଫ୍ରାନ୍ସ ବିଲୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ସରପଞ୍ଚ, ଜନପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

### ସଚେତନତା ମାଧମରେ କ୍ୟାନସରକୁ ରୋକାଯାଇ ପାରିବ

**ବରଗଡ଼ ଅଫିସ୍,୧୦।୧୨:** ବରଗଡ଼ ମହିଳା କଲେଜରେ ସୋମବାର କ୍ୟାନସର ଉପରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି । ଏହି ସେମିନାରରେ କ୍ୟାନସର ବିଶେଷଜ୍ଞ ଡା. ଦିଲୀପ କର ଯୋଗଦେଇ ଥିଲେ । ସଚେତନତା ମାଧମରେ କ୍ୟାନସରକୁ ରୋକାଯାଇ ପାରିବ ବୋଲି ସେ ମତପ୍ରକାଶ କରିଥିଲେ । କଲେଜ ଅଧକ୍ଷ ଉତ୍ତମ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସେମିନାରରେ ଅନ୍ୟମାନଙ୍କ ମଧ୍ୟରେ ଅଧାପକ ସନ୍ତୋଷ କୁମାର ପଣ୍ଡା, ଜୟପ୍ରକାଶ ଶତପଥୀ, ସର୍ବେଶ୍ୱର ତ୍ରିପାଠୀ, ଡ. ରୀନା ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ସର୍ବେଶ୍ୱର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ନୀତି ବିରୋଧରେ ଭାଜପା ଯୁବ ମୋର୍ଚ୍ଚାର ଧାରଣା

**ପଦ୍ମପୁର,୧୦।୧୨(ଡି.ଏନ.ଏ.)**

ଦୁର୍ନୀତି ବିରୋଧରେ ପଦ୍ମପୁର ଭାଜପା ଯୁବ ମୋର୍ଚ୍ଚା ଶାଖା ପକ୍ଷରୁ ପଦ୍ମପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଫିସ ସମ୍ମୁଖରେ ସୋମବାର ଧାରଣା ଦିଆଯାଇଥିଲା। ବରଗଡ଼ ଜିଲା ଯୁବମୋର୍ଚ୍ଚା ସଭାପତି ପ୍ରିତେଶ କୁମାର ବହିଦାରଙ୍କ ନେତୃତ୍ୱରେ କର୍ମକର୍ତ୍ତା ଦଳୀୟ କାର୍ଯ୍ୟାଳୟରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ କ୍ଷୁଦ୍ର ଜଳସେଚନ ଅଫିସ ସମ୍ମୁଖରେ ପହଞ୍ଚିଥିଲେ। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଭାଜପା କର୍ମକର୍ତ୍ତାମାନେ ରାଜ୍ୟ ସରକାର ଏବଂ ପିସି କାରବାରରେ ସମ୍ପୃକ୍ତ ଥିବା ବିଭାଗୀୟ ଅଧିକାରୀଙ୍କୁ କଟୁ ସମାଲୋଚନା କରିଥିଲେ। ଏଥିରେ ପଦ୍ମପୁର ନଗର ସଭାପତି ପ୍ରମୋଦ ମେହେର, ସୁନୀଲ କୁମାର ଅଗ୍ରୱାଲ, ଅଶୋକ ମିଶ୍ର, ଟିନୁ ପୁରୋହିତ, ବାବୁଲୁ ଭୋଇ, କୁନାଲ, ଅମିତ ପ୍ରମୁଖ ସାମିଲ ଥିଲେ ।

## ବାଲେଶ୍ୱରଡିହିରେ କ୍ଲଷ୍ଟରସ୍ତରୀୟ ବିଜ୍ଞାନମେଳା

**ସୋହେଲା,୧୦।୧୨(ଡି.ଏନ୍.ଏ.)**

ବରଗଡ଼ ଜିଲା ସୋହେଲା ବ୍ଲକ ବାଲେଶ୍ୱରଡିହି ପ୍ରାଥମିକ ବିଦ୍ୟାଳୟରେ ସୋମବାର କ୍ଲଷ୍ଟରସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଶିକ୍ଷକ ରାମଚନ୍ଦ୍ର ମହାମଲ୍ଲିକ, ବିରାଟ ପଧାନ ଏବଂ ସମୀର ବେହେରା ଦାୟିତ୍ୱ ସମ୍ପାଦନ କରିଥିଲେ। ସିନିୟର ବିଭାଗରେ ପଣ୍ଡକିପାଲି ସ୍କୁଲର କୌଶଳ ଭୋଇ ପ୍ରଥମ, କୁଦୋପାଲି ୟୁଜିୟୁପି ସ୍କୁଲର ରାହୁଲ ସା ଦ୍ୱିତୀୟ ଏବଂ ନେଗିମୁଣ୍ଡା ପିୟୁପିଏସ୍ ସ୍କୁଲର ତୃପ୍ତିମୟୀ ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଜୁନିୟର ବିଭାଗରେ ବାଲେଶ୍ୱରଡିହି ପ୍ରାଥମିକ ବିଦ୍ୟାଳୟର ଅନୀତା ତାଣ୍ଡି ପ୍ରଥମ, ଗୁପ୍ତେଶ୍ୱର ଗଡତିଆ ଦ୍ୱିତୀୟ ଏବଂ ପଣ୍ଡକିପାଲି ପ୍ରାଥମିକ ବିଦ୍ୟାଳୟର ଖୁସୀ ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ରାଜକୁମାର ଭୋଇଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ ଯୋଗଦାନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବାଉଁସେନମୁରା କ୍ଲଷ୍ଟର ସିଆର୍‌ସିସି ସଦାନନ୍ଦ ଭୋଇ ସଭା କାର୍ଯ୍ୟ ସଞ୍ଚାଳନ କରିଥିଲେ। ପଣ୍ଡକିପାଲି ସିଆର୍‌ସିସି ନିରଞ୍ଜନ ବରିହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ବାଲେଶ୍ୱରଡିହି ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଂସାର ସାହୁଙ୍କ ସୁପରିଚାଳନାରେ ଅନୁଷ୍ଠିତ ବିଜ୍ଞାନ ମେଳାରେ କନାପାଲି କ୍ଲଷ୍ଟର ସିଆର୍‌ସିସି ଅରୁଣ କୁମାର ସାହୁ, ସୋହେଲା କ୍ଲଷ୍ଟର ସିଆର୍‌ସିସି ଆଶିଷ ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ।

## କୋଣାର୍କ ପ୍ରତି ବିପଦ ନାହିଁ : କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର, ୧୦।୧୨(ବ୍ୟୁରୋ):**

କୋଣାର୍କ, ପୁରୀ ଶ୍ରୀମନ୍ଦିର ଓ ଲିଙ୍ଗରାଜ ମନ୍ଦିର ଭଳି ସାଂସ୍କୃତିକ ଐତିହ୍ୟ ସ୍ଥଳୀର ସୁରକ୍ଷା ଏବଂ ସଂରକ୍ଷଣ ପ୍ରତି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ଏହା ଦେଶ ତଥା ବିଶ୍ୱର ସାଂସ୍କୃତିକ ସମ୍ପଦ ହୋଇଥିବାରୁ ଏସବୁର ସୁରକ୍ଷା ଆମର ଦାୟିତ୍ୱ। କୋଣାର୍କ ମନ୍ଦିର ପ୍ରତି କୌଣସି ବିପଦ ନାହିଁ। ୧୯୯୭ ପରଠାରୁ କୋଣାର୍କରୁ କୌଣସି କାରୁକାର୍ଯ୍ୟପୂର୍ଣ୍ଣ ପଥର କଢ଼ାଯାଇ ସାଦା ପଥର ଲଗାଯାଇନାହିଁ। ସୂର୍ଯ୍ୟମନ୍ଦିର ସୁରକ୍ଷିତ ବୋଲି ସୁରକ୍ଷା ମାପଦଣ୍ଡ ଆଧାରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମା ସୋମବାର ରାଜ୍ୟ ଅତିଥି ଭବନଠାରେ ସୂଚନା ଦେଇଛନ୍ତି। ରାଜ୍ୟ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ବିଭାଗୀୟ ଅଧିକାରୀମାନଙ୍କ ସହ ମାରାଥନ ବୈଠକ ପରେ ସେ ଏହା କହିଛନ୍ତି। ବୈଠକରେ କୋଣାର୍କ ସୁରକ୍ଷା ସମିତି, ଇନ୍‌ଟାକ, ସ୍ଥାନୀୟ ଜନ ପ୍ରତିନିଧି, ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ), କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ ପ୍ରମୁଖ ଭାଗୀଦାରମାନେ ଯୋଗଦେଇ ନିଜ ମତାମତ ଉପସ୍ଥାପିତ କରିଛନ୍ତି।

ବୈଠକ ଶେଷରେ ମହେଶ ଶର୍ମା କହିଛନ୍ତି ଯେ, ୨୦୧୫ ଜୁନ୍ ଓ ୨୦୧୭ ଫେବୃୟାରୀରେ ଜିଓଟେକ୍ନିକାଲ ଅନୁଧ୍ୟାନ ବିସ୍ତୃତଭାବେ କରାଯାଇଥିଲା। ଥ୍ରୀ-ଡି ଲେଜର ଫଟୋଗୁଡ଼ିକ ମନ୍ଦିର ଉପର ଚୂଡ଼ା ତଥା ଅଁଳାବେଢ଼ାରୁ ନିମ୍ନଭାଗ ପର୍ଯ୍ୟନ୍ତ କରାଯାଇଛି। ଆଭ୍ୟନ୍ତରୀଣ ଜଗମୋହନରେ ଭର୍ତ୍ତି ହୋଇଥିବା ବାଲି ଅଳ୍ପ ଦବି ଯାଇଥିବାରୁ ଉପର ଭାଗରେ କିଛିଟା ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ବିଶେଷଜ୍ଞମାନେ ଏହି ଶୂନ୍ୟସ୍ଥାନକୁ ପୁଣି ବାଲି ଦ୍ୱାରା ଭର୍ତ୍ତି କରିବା ପାଇଁ ସୁପାରିସ କରିଛନ୍ତି। ଏହା ମଧ୍ୟରେ ପିଢ଼ା ଷ୍ଟୋନ୍ ମ୍ୟାପିଂ ମଧ୍ୟ ଶେଷ ହୋଇଛି। ଆବଶ୍ୟକ ପଡିଲେ ମନ୍ତ୍ରଣାଳୟ ପକ୍ଷରୁ କୋଣାର୍କ ମନ୍ଦିରର ସଂରକ୍ଷଣ ଓ ସୌନ୍ଦର୍ଯ୍ୟବର୍ଦ୍ଧନ ପାଇଁ ଯେ କୌଣସି ଆନ୍ତର୍ଜାତିକ ବିଶେଷଜ୍ଞ ସଂସ୍ଥାର ସହଯୋଗ ଓ ମତାମତ ଲୋଡାଯିବ ବୋଲି ସେ କହିଛନ୍ତି। ମହାବାତ୍ୟା ପରେ ସମୁଦ୍ରକୁ ଲାଗି କୋଣାର୍କ ଚତୁଃପାର୍ଶ୍ୱରେ ଥିବା ଝାଉଁ ଜଙ୍ଗଲ ନଷ୍ଟ ହେବାପରେ ମନ୍ଦିରରେ ସିଧାସଳଖ ଲୁଣିପବନ ମାଡ ହେଉଛି। ଏହାଦ୍ୱାରା ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟର ଅବକ୍ଷୟ ଘଟୁଥିବା ଇନ୍‌ଟାକ୍ ପକ୍ଷରୁ କୁହାଯାଇଛି। ତେଣୁ କାଜୁ ଜଙ୍ଗଲ ପରିବର୍ତ୍ତେ ଝାଉଁ ଜଙ୍ଗଲ ସୃଷ୍ଟି କରାଯିବାର ଆବଶ୍ୟକତା ନେଇ ବିଶେଷଜ୍ଞଙ୍କ ଦ୍ୱାରା ମାସକ ମଧ୍ୟରେ ଅନୁଧ୍ୟାନ କରାଯିବ। ଏହାପରେ କୋଣାର୍କ ଚାରିପଟେ ନୂତନ ଜଙ୍ଗଲ ସୃଷ୍ଟି କରାଯିବ ବୋଲି ଶର୍ମା କହିଛନ୍ତି। କେବଳ କୋଣାର୍କ ନୁହେଁ ଶ୍ରୀମନ୍ଦିର, ଲିଙ୍ଗରାଜ ମନ୍ଦିର ଏବଂ ରାଜ୍ୟର ଅନ୍ୟ ଐତିହ୍ୟସ୍ଥଳୀ ତଥା କୀର୍ତ୍ତିରାଜିର ଉପଯୁକ୍ତ ସଂରକ୍ଷଣ ଦିଗରେ ମନ୍ତ୍ରଣାଳୟ ସମସ୍ତ ପରାମର୍ଶକୁ କାର୍ଯ୍ୟକାରୀ କରାଯିବ ଶର୍ମା ପ୍ରକାଶ କରିଛନ୍ତି।

କୋଣାର୍କର ସୌନ୍ଦର୍ଯ୍ୟ ଓ ସୁରକ୍ଷା ନେଇ ୫ଟି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଅନ୍ତଃରାଷ୍ଟ୍ରୀୟ କମିଟି ଗଠନ ପାଇଁ ଯୁକ୍ତି ଉପସ୍ଥାପନ କରାଯାଇଛି। ସେଣ୍ଟ୍ରାଲ ବିଲ୍ଡିଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ରିପୋର୍ଟ ଅନୁସାରେ ଅଶୋକ ପଣ୍ଡା କହିଛନ୍ତି ଯେ, ଜଗମୋହନରୁ ବାଲି ଓ ପଥର ଖସୁଛି। ତେଣୁ ମରାମତି ପାଇଁ ପଦକ୍ଷେପ ନେବାକୁ ସେ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ରାଜ୍ୟ ଦାବିକୁ ଗ୍ରହଣ କରିବା ସହିତ ଆସନ୍ତା ୩୦ଦିନ ମଧ୍ୟରେ ଏକ ଅନ୍ତଃରାଷ୍ଟ୍ରୀୟ ବିଶେଷଜ୍ଞ କମିଟି ଗଠନ ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ମନ୍ତ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଏହାସହ ବର୍ଷାଦିନେ ଜଳବନ୍ଦୀ ସମସ୍ୟା କଥା ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏଏସ୍‌ଆଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ସଂସ୍କୃତି ସଚିବ ଅରୁଣ ଗୋଏଲ କହିଛନ୍ତି ଯେ, କୋଣାର୍କ ଭଳି ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳୀର ମୌଳିକ ଢାଞ୍ଚା ଯେପରି ଅବକ୍ଷୟ ନ ହେବ ସେଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଏଏସ୍‌ଆଇ ୧୫୭ବର୍ଷର ଅନୁଭୂତିକୁ ନେଇ କାର୍ଯ୍ୟ କରୁଛି। କେବଳ ଭାରତ ନୁହେଁ, ବିଶ୍ୱର ୨୦ଟି ଦେଶରେ ନିଜର ଅନୁଭୂତିକୁ ବାଣ୍ଟି ବିଶ୍ୱ ଐତିହ୍ୟ ସ୍ଥଳୀଗୁଡିକର ସୁରକ୍ଷା ଦିଗରେ ପ୍ରଶଂସନୀୟ କାର୍ଯ୍ୟ କରିଆସୁଛି ବୋଲି ଗୋଏଲ କହିଛନ୍ତି।



କୋଣାର୍କ ମନ୍ଦିରର ସୁରକ୍ଷାକୁ ନେଇ ରାଜ୍ୟ ଅତିଥି ଭବନଠାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମା, ରାଜ୍ୟ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ବିଭାଗୀୟ ଅଧିକାରୀ।

## ସି.କେ. ନାଇଡୁ ଟ୍ରଫି: ରେଲୱେ ୪୦୨ /୩

### ସହିମ୍,ଦିନେଶଙ୍କ ଅପରାଜିତ ଶତକ

**ସମ୍ବଲପୁର, ୧୦।୧୨ (ବ୍ୟୁରୋ)**

ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ୨୩ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚର ତୃତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଭ୍ରମଣକାରୀ ରେଲୱେ ଦଳ ୩ ଉଇକେଟରେ ୪୦୨ ରନ ସଂଗ୍ରହ କରି ଦୃଢ଼ ସ୍ଥିତିରେ ରହିଛି । ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଦିନେଶ ମୌର ୧୧୬ ବଲରେ ୧୨୨ ଓ ଉଇକେଟ ରକ୍ଷକ ସହିମ୍ ହସନ୍ ୧୬୨ ବଲରେ ୧୩୫ ରନ ସଂଗ୍ରହ କରିଛନ୍ତି । ଏହା ଦ୍ୱାରା ପ୍ରଥମ ଇନିଂସରେ ୧୧୩ ରନ ସଂଗ୍ରହ କରି ଅଲଆଉଟ୍ ହୋଇଥିବା ଭ୍ରମଣକାରୀ ରେଲୱେ ଦଳ ଦ୍ୱିତୀୟ ଇନିଂସରେ ବିଶାଳ ସ୍କୋର କରିପାରିବାରେ ସକ୍ଷମ ହୋଇପାରିଛି । ଦଳର ଅନ୍ୟତମ ବ୍ୟାଟ୍ସମ୍ୟାନ କରନ୍ ଶର୍ମା ୪୬ ବଲରେ ୬୧, ରିଷଭ ମିଶ୍ର ୬୩ ବଲରେ ୨୪, ଏ. ରାମ ୪୫ ବଲରେ ୫୦ ରନ୍ ସଂଗ୍ରହ କରିଛନ୍ତି । ଓଡିଶା ବୋଲର୍ ସମ୍ବଲପୁରର ପ୍ରଶାନ୍ତ ପାଣ୍ଡେ ୧୧ ଓଭରରେ ୩୫ ରନ୍ ଦେଇ ୨ଟି ଓ କାର୍ତ୍ତିକ ବିଶ୍ୱାଳ ୧୩ ଓଭରରେ ୮୪ ରନ ଦେଇ ଗୋଟିଏ ଉଇକେଟ ନେବାରେ ସକ୍ଷମ ହୋଇଥିଲେ। ମ୍ୟାଚର ପ୍ରଥମ ପାଳିରେ ଘାତକ ବୋଲିଂ କରି ଓଡିଶାର ଅୟସକାନ୍ତ ସାହୁ ରେଲୱେ ଦଳର ୭ଟି ଉଇକେଟ ଅକ୍ତିଆର କରିଥିଲେ । କିନ୍ତୁ ଦ୍ୱିତୀୟ ପାଳିରେ ସେ ୧୫ ଓଭର ବୋଲିଂ କରି ୭୫ ରନ ବିନିମୟ କରିଥିଲେ । କିନ୍ତୁ କୌଣସି ଉଇକେଟ ନେବାରେ ସଫଳ ହୋଇପାରି ନ ଥିଲେ । ପୂର୍ବରୁ ଟସ୍ ଜିଣି ରେଲୱେ ଦଳ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦଳ ମାତ୍ର ୧୧୩ ରନ କରି ସମସ୍ତ ଉଇକେଟ ହରାଇଥିଲା । ଏହାପରେ ଓଡିଶା ଦଳ ବ୍ୟାଟିଂ କରିଥିଲା। ଦଳ ୧୪୩.୫ ଓଭରରେ ସମସ୍ତ ଉଇକେଟ ହରାଇ ୩୮୪ ରନ ସଂଗ୍ରହ କରି ଅଗ୍ରଣୀ ହାସଲ କରିଥିଲା । ଓପନର୍ ସନ୍ଦିପ ପଟ୍ଟନାୟକ ୧୨୩ ଓ ଅମ୍ରିତ ଖଟୁଆ ୧୦୯ ରନ ସଂଗ୍ରହ କରିଥିଲେ । ଅଧିନାୟକ ଦେବାଶିଷ ସାମନ୍ତରାୟ ୪୨, କାର୍ତ୍ତିକ ବିଶ୍ୱାଳ ୩୪, ସୌରଭ କାନଜିଆ ୨୧, ବିଜୟ ଭୂୟାଁ ୧୬ ଓ ଅୟସକାନ୍ତ ସାହୁ ୧୯ ରନର ସହଯୋଗିତା କରିଥିଲେ । କିନ୍ତୁ ଅନ୍ୟ ବ୍ୟାଟ୍ସମ୍ୟାନମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ । ରେଲୱେ ବୋଲର୍ ଦୃଶନ୍ତ ସୋନି ଓ ଏ. ରାମ ୩ଟି ଲେଖାଏଁ ଉଇକେଟ ନେଇଥିଲେ । ସେହିପରି ଅୟଙ୍କ ସିଂ ୨ଟି ଓ ହିମାଂଶୁ ସାଙ୍ଗୱାନ ଗୋଟିଏ ଉଇକେଟ ନେବାରେ ସଫଳ ହୋଇଥିଲେ । ମଙ୍ଗଳବାର ମ୍ୟାଚର ଅନ୍ତିମ ଦିବସ ହେବ।



ସୋମବାର ଭିଏସଏସ ଷ୍ଟାଡିୟମରେ ରେଲୱେ ଦଳର ସହିମ୍ ହସନ୍ ଓ ଦିନେଶ ମୌର ଅପରାଜିତ ଶତକ ହାସଲ କରି ପେଭିଲିୟନ୍ ଫେରୁଛନ୍ତି ।

### କ୍ୟାନସର ହସ୍ପିଟାଲ ଦାବି
## ଆଜି ଟୋଲଗେଟ୍‌ରେ ଚକାଜାମ୍

**ବରଗଡ଼ ଅଫିସ୍,୧୦।୧୨**

ବରଗଡ଼ ଜିଲାରେ କ୍ୟାନସର ହସ୍ପିଟାଲ ଦାବି ନେଇ ଆନ୍ଦୋଳନ ଜୋର ଧରିଛି। ଏହି କ୍ରମରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବରଗଡ଼ ସହର ଉପକଣ୍ଠ ଟୋଲଗେଟ୍‌ଠାରେ ୫ଘଣ୍ଟିଆ ଚକାଜାମ୍ ଆନ୍ଦୋଳନ କରାଯିବ ବୋଲି ଡାକରା ଦିଆଯାଇଛି । ୟୁନାଇଟେଡ୍ ଫୋରମ ଫର୍ କ୍ୟାନସର ହସ୍ପିଟାଲ ପକ୍ଷରୁ ଦିଆଯାଇଥିବା ଏହି ଡାକରାକୁ ବିଭିନ୍ନ ସାମାଜିକ, ରାଜନୈତିକ ଅନୁଷ୍ଠାନ ସମର୍ଥନ କରୁଛନ୍ତି। ଏହି ଆନ୍ଦୋଳନ ପ୍ରତି ସମର୍ଥନ ରହିଥିବା ନେଇ ପୂର୍ବତନ କଂଗ୍ରେସ ବିଧାୟକ ସାଧୁ ନେପାକ, ଭାଜପା ଜିଲା ସଭାପତି ଡା.ଅରୂପାନନ୍ଦ ସାହୁ, ସାମାଜିକ ସଂଗଠନ ଚେତନାର ସଭାପତି ଉମାବଲ୍ଲଭ ମିଶ୍ର, କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସୁନୀଳ ପୁରୋହିତ, ବରଗଡ଼ ସାମ୍ବାଦିକ ସଂଘ ସଭାପତି ଶଙ୍କର ବଲ୍ଲଭ ମିଶ୍ର, ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ ବରଗଡ଼(ଜାବ୍)ର ସଭାପତି ରବି ନାରାୟଣ ପଣ୍ଡା ପ୍ରମୁଖ ପୃଥକ ବିବୃତିରେ ଜଣାଇଛନ୍ତି।